

**ମନ୍ଧାନାଙ୍କୁ ଶ୍ରେଷ୍ଠ ରେଟିଂ ପଏଣ୍ଟ**
▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-122 ♦WEDNESDAY ♦29 OCTOBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୨୨ ♦ବୁଧବାର ♦୨୯ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦







## ଅମଲାପୁରମ୍‌ରେ ପିଟିହେଲା ଅଣଆଖିଆ 'ମୋନ୍ଥା'

# ଓଡ଼ିଶାରେ ବାତ୍ୟା ପ୍ରଭାବହୀନ

■ **ଭୁବନେଶ୍ୱର/ଶ୍ରୀକାକୁଳମ, ୨୮।୧୦ (ସମିସ):** ଆନ୍ଧ୍ରପ୍ରଦେଶର କାକିନାଡ଼ା ନିକଟ ଅମଲାପୁରମ୍‌ରେ ଲ୍ୟାଣ୍ଡଫଲ୍ କରିଛି ବାତ୍ୟା 'ମୋନ୍ଥା'। ମଙ୍ଗଳବାର ସନ୍ଧ୍ୟାରେ ଆଇଏମ୍‌ଡି ଏ ସମ୍ପର୍କରେ ସୂଚନା ଦେଇଛି। ସନ୍ଧ୍ୟା ୭ଟାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇ ପ୍ରାୟ ରାତି ୧୧ଟା ବେଳେ ବାତ୍ୟା ସ୍ଥଳଭାଗ ଅତିକ୍ରମ କରିଛି। ସ୍ଥଳଭାଗ ଅତିକ୍ରମ କରିବା ସମୟରେ ମଛଲିପଟ୍ଟନମ୍‌ଠାରେ ପବନର ବେଗ ସର୍ବାଧିକ ଘଣ୍ଟା ପ୍ରତି ୮୨ କିମି ଥିବା ବେଳେ କାକିନାଡ଼ାରେ ପବନର ବେଗ ୫୨ କିମି ରେକର୍ଡ ରହିଥିଲା। ତେବେ ଏହା ଭୀଷଣ ହେବ ବୋଲି ଯାହା ଅନୁମାନ କରାଯାଉଥିଲା, ତାହା ହୋଇନାହିଁ। ଓଡ଼ିଶା ଉପରେ ମଧ୍ୟ ଏହାର ବିଶେଷ ପ୍ରଭାବ ପଡ଼ିନାହିଁ। ମୋନ୍ଥାର ଗତିପଥ ଓଡ଼ିଶାଠାରୁ ଦୂରେଇ ଯାଉଥିବାରୁ ପବନର କୌଣସି ପ୍ରଭାବ ପଡ଼ିନାହିଁ। ତେବେ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବାର ଖବର ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ ମୋନ୍ଥା ପ୍ରଭାବରେ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ୧୪୧୯ ଗାଁ ଓ ୪୪ଟି

### ଆନ୍ଧ୍ରପ୍ରଦେଶର ୧୪୧୯ ଗାଁ, ୪୪ ସହର ପ୍ରଭାବିତ

### ଅତି ପ୍ରବଳ ବର୍ଷା, ସ୍କୁଲ କଲେଜ ଆଉ ୫ଦିନ ଛୁଟି

### ଆଜି ପାଇଁ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାକୁ ରେଡ୍ ଆଲର୍ଟ

ସହର ପ୍ରଭାବିତ ହୋଇଛି। ପବନ ଓ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ଶ୍ରୀକାକୁଳମ, ବିଜୟନଗରମ, ମାନ୍ୟମ, ଆଲୁରି ସୀଥାରାମରାଜୁ, ବିଶାଖାପାଟନମ, ଅନକାପାଲି, ପୂର୍ବ ଗୋଦାବରୀ, ଏଲୁରୁ, ଏନଟିଆର, ଗୁଣ୍ଟୁର, ପାଲନାଡୁ, ଚିତ୍ତୁର ଏବଂ ତିରୁପତି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି ଓ ▶ପୃଷ୍ଠା-୭







## ରଞ୍ଜନା ଦେଶାଇ ଅଷ୍ଟମ ବେତନ ଆୟୋଗ ଅଧ୍ୟକ୍ଷା

### ସର୍ତ୍ତାବଳୀକୁ ମଞ୍ଜୁରୀ; ୧୮ ମାସରେ ରିପୋର୍ଟ

■ **ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି):** କେନ୍ଦ୍ର ସରକାର ମଙ୍ଗଳବାର ଅଷ୍ଟମ ବେତନ ଆୟୋଗଙ୍କ ସନ୍ଦର୍ଭ ସର୍ତ୍ତାବଳୀ ଅଥବା ଟର୍ମସ ଅଫ୍ ରେଫରେନ୍ସ (ଟିଓଆର୍)କୁ ଅନୁମୋଦନ ଦେଇଛନ୍ତି। ଏହାପରେ ବର୍ତ୍ତମାନ ଆୟୋଗ ଗଠନ କରାଯିବ। ଏହାଛଡା ଗଠନର ୧୮ ମାସ ମଧ୍ୟରେ ଆୟୋଗ ତାଙ୍କର ସୁପାରିସ ଦାଖଲ କରିବେ। ଏହାପରେ ନୂତନ ବେତନ ହାର ୨୦୨୬ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହୋଇପାରିବ। ତଥାପି, ପୂର୍ବ ଧାରାଗୁଡ଼ିକୁ ଦୃଷ୍ଟିରେ ରଖି, ସୁପାରିସଗୁଡ଼ିକର ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବାକୁ ୨୦୨୮ ପର୍ଯ୍ୟନ୍ତ ସମୟ ଲାଗିପାରେ। ଏହାର ଅର୍ଥ ହେଉଛି କର୍ମଚାରୀମାନେ ୧୭-୧୮ ମାସର ବକେୟା ପ୍ରାପ୍ୟ ଏକକାଳୀନ କିମ୍ବା କିସ୍ତିରେ ପାଇବେ। ଏହି ପଦକ୍ଷେପ ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଏବଂ ୬୯ ଲକ୍ଷ ପେନସନଭୋଗୀଙ୍କୁ ଲାଭ ଦେବ।



ସରକାର ଜାନୁଆରୀ ୨୦୨୫ ରେ ବେତନ ଆୟୋଗ ଗଠନ ଘୋଷଣା କରିଥିଲେ। ସର୍ତ୍ତାବଳୀକୁ ଅନୁମୋଦନ ଦେବା ଏକ ଦଲିଲକୁ ବୁଝାଏ ଯାହା ଆୟୋଗଙ୍କ କାର୍ଯ୍ୟାଦେଶ, ଏହା କିପରି କାର୍ଯ୍ୟକାରୀ କରିବ, କେତେ ସମୟ ଲାଗିବ ଏବଂ ଏଥିରେ କିଏ ସବୁ ସାମିଲ ହେବ ତାହା ବର୍ଣ୍ଣନା କରିଥାଏ। ସୂଚନାଯୋଗ୍ୟ ଯେ, ସପ୍ତମ ବେତନ ଆୟୋଗ ୨୦୧୪ ଫେବୃଆରୀରେ ଗଠନ ▶ପୃଷ୍ଠା-୭

## ଶୂନ୍ୟ ଜୀବନହାନି ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ



### ୧୫୫୮ ଉଦ୍ଧାରକାରୀ ଦଳ, ୨୦୪୮ ଆଶ୍ରୟସ୍ଥଳ ପ୍ରସ୍ତୁତ

### ବାତ୍ୟା ପରେ, ତୁରନ୍ତ ଫସଲ କ୍ଷତି ଆକଳନ କରି ସହାୟତା ପାଇଁ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୨୮।୧୦ (ସମିସ):** ପ୍ରତ୍ୟେକ ବିପର୍ଯ୍ୟୟରେ ଶୂନ୍ୟ ଜୀବନହାନୀ ହେଉଛି ଆମର ଲକ୍ଷ୍ୟ। ବାତ୍ୟା ଆନ୍ଧ୍ରପ୍ରଦେଶରେ ଅତିକ୍ରମ କରୁଥିଲେ ମଧ୍ୟ ଓଡିଶାର ବିଭିନ୍ନ ଜିଲ୍ଲାରେ, ବିଶେଷ କରି ଦକ୍ଷିଣ ଓଡିଶାର ଜିଲ୍ଲା ଗୁଡିକରେ ବ୍ୟାପକ ବର୍ଷା ସହିତ ପବନ ହେବାର ସମ୍ଭାବନା ରହିଛି। ତେଣୁ କୌଣସି ବିପଦ ସଂକୁଳ ଅଞ୍ଚଳରେ ଯେପରି ସମସ୍ତେ ବାତ୍ୟା-ବନ୍ୟା ଆଶ୍ରୟ ସ୍ଥଳ କିମ୍ବା ଅନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ହେବେ, ତାହା ଅଧିକାରୀମାନେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।


ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ବାତ୍ୟା 'ମୋନ୍ଥା'ର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ଅଧିକାରୀମାନଙ୍କୁ କହିଛନ୍ତି ଯେ ଗତବର୍ଷ ମଧ୍ୟ ବାତ୍ୟା ଦାନା ସମୟରେ ଆମେ ସଫଳ ଭାବରେ ଲୋକଙ୍କୁ ସ୍ଥାନାନ୍ତରିତ କରି 'ଜିରୋ କାଜୁଆଲ୍‌ଟି' ଲକ୍ଷ୍ୟ ହାସଲ କରିଥିଲୁ। ▶ପୃଷ୍ଠା-୭

## ଭୟ କରନ୍ତୁ ନାହିଁ; ସଜାଗ ରୁହନ୍ତୁ: ନବୀନ

### ଏକାଠି କରିବା ବାତ୍ୟା ମୁକାବିଲା

### ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରନ୍ତୁ

### ଲୋକଙ୍କୁ ସହାୟତା କରିବାକୁ ବିଜେଡି କର୍ମୀ ଓ ନେତାଙ୍କୁ ପରାମର୍ଶ



■ **ଭୁବନେଶ୍ୱର, ୨୮।୧୦ (ସମିସ):** ବାତ୍ୟା ମୋନ୍ଥା ପରିପ୍ରେକ୍ଷୀରେ ସଜାଗ ରହିବା ସହ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଭିଡ଼ିଓ ପୋଷ୍ଟ କରି ନବୀନ ପୂର୍ବବର୍ଷଗୁଡ଼ିକ ପରି ଏଥର ମଧ୍ୟ ଏକାଠି ହୋଇ ବାତ୍ୟାର ମୁକାବିଲା କରିବା ନିମନ୍ତେ ରାଜ୍ୟବାସୀଙ୍କ ସହଯୋଗ ଲୋଡ଼ିଛନ୍ତି।

ଏହି ଅବସରରେ ନବୀନ କହିଛନ୍ତି ଯେ ପୂର୍ବରୁ ଆମେ ଅନେକ ବାତ୍ୟାର ସଫଳ ମୁକାବିଲା କରିଛୁ। ତେଣୁ ବାତ୍ୟା 'ମୋନ୍ଥା' ପାଇଁ ଭୟ ନ କରି ସଜାଗ ରୁହନ୍ତୁ। ଆମେ ସବୁବେଳେ ଏକାଠି ମିଳି ବିପର୍ଯ୍ୟୟର ମୁକାବିଲା କରିଆସୁଛେ। ଏଥର ମଧ୍ୟ ଏକାଠି ହୋଇ ବାତ୍ୟାର ମୁକାବିଲା କରିବା। ଏହା ସହିତ ବିପଦ ସମୟରେ ରାଜ୍ୟର ଜନସାଧାରଣଙ୍କ ସହ ରହିବା ଓ ଲୋକମାନଙ୍କୁ ସହାୟତା କରିବା ପାଇଁ ▶ପୃଷ୍ଠା-୭

## ୬୧ ଟ୍ରେନ୍ ବାତିଲ୍

■ **ଭୁବନେଶ୍ୱର, ୨୮।୧୦ (ସମିସ):** ବାତ୍ୟା 'ମୋନ୍ଥା'କୁ ନଜରରେ ରଖି ଭାରତୀୟ ରେଳବାଇ ପକ୍ଷରୁ ପୂର୍ବତଟ ରେଳପଥର ୱାଲ୍ଟିୟର ଏବଂ ସଂଯୁକ୍ତ ରୁଟ୍‌ରେ ଅନେକ ଟ୍ରେନ୍‌ର ଚଳାଚଳ ବାତିଲ୍ କରାଯାଇଛି। ତେବେ ମଙ୍ଗଳବାର ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ୬୧ଟି ଟ୍ରେନ୍ ବାତିଲ୍ ହୋଇଛି। ଏଥିରେ ଆଜି କେବଳ ୪୮ ଟ୍ରେନ ବାତିଲ୍ କରାଯାଇଛି। ୯ଟି ଟ୍ରେନ୍‌ର ଚଳାଚଳ ଆଂଶିକ ବାତିଲ୍ ,୬ର ଦିଗ ପରିବର୍ତ୍ତନ ଏବଂ ୯ଟିର ଚଳାଚଳ ସମୟ ପୁନଃନିର୍ଦ୍ଧାରଣ କରାଯାଇଛି। ପୁରୀ-ତିରୁପତି ଗୁରୁବାର ନିମନ୍ତେ ଏବଂ ବେଙ୍ଗାଲୁରୁ-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ ଏବଂ ଭୁବନେଶ୍ୱର ନିୟୁ-ହାଇଦ୍ରାବାଦ୍ ସ୍ପେଶାଲ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ବୁଧବାର ନିମନ୍ତେ ବାତିଲ୍ କରାଯାଇଛି। ▶ପୃଷ୍ଠା-୭

## ଭାରତୀୟ ଜିତିଲେ ୨୪୦ କୋଟିର ଲଟେରୀ



■ **ଆବୁଧାବି, ୨୮।୧୦ (ଏଜେନ୍ସି):** ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ରହୁଥିବା ଜଣେ ଭାରତୀୟଙ୍କ ଭାଗ୍ୟ ଖୋଲି ଯାଇଛି। ସେ ରାତାରାତି କୋଟିପତି ପାଲଟି ଯାଇଛନ୍ତି। ଅନିଲକୁମାର ବୋଲା ଆବୁଧାବିରେ ଶହେ ନିୟୁତ ଦିରହମ (୨୪୦ କୋଟି ଟଙ୍କା)ର ଜ୍ୟାକପଟ୍ ଜିତିଛନ୍ତି। ଗତ ୧୮ ତାରିଖରେ ଅନୁଷ୍ଠିତ ୨୩ତମ 'ଲକି ଡେ ଡ୍ର'ରେ ଏହି ବଡ଼ ପୁରସ୍କାର ପାଇଛନ୍ତି। କେବଳ ମାଆଙ୍କ ଆଶୀର୍ବାଦ ଯୋଗୁଁ ଏପରି ସମ୍ଭବ ହୋଇଥିବା ବିଜେତା କହିଛନ୍ତି। ଗତ ୧୮ ତାରିଖ ତାଙ୍କ ପାଇଁ ସୌଭାଗ୍ୟଶାଳୀ ପାଲଟି ଯାଇଛି। ଏହି ଅବସରରେ ଅନିଲ ଦେଇଥିବା ଏକ ସାକ୍ଷାତରକାରର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି।

ଭିଡିଓରେ ଅନିଲ ପୁରସ୍କାର ଜିତୁଥିବା ଦେଖାଯାଉଛି। ସେ ଏହି ସଫଳତା ପଛରେ ଥିବା କାହାଣୀ ମଧ୍ୟ କହିଛନ୍ତି। ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଅନିଲ କହୁଛନ୍ତି ଯେ ଏହି ଲଟେରି ଜିତିବା ପାଇଁ ସେ କୌଣସି ମ୍ୟାଜିକ କରି ନ ଥିଲେ। ସେ ସହଜରେ ଏକ ଟିକଟ ବାଛି ଥିଲେ। ତେବେ ଏହି ଟିକଟର ଶେଷ କ୍ରମିକ ସଂଖ୍ୟାଟି ତାଙ୍କ ପାଇଁ ସ୍ୱତନ୍ତ୍ର ଥିଲା। କାରଣ ଏହା ତାଙ୍କ ମାଆଙ୍କ ଜନ୍ମ ତାରିଖର ସଂଖ୍ୟା ଥିଲା। ▶ପୃଷ୍ଠା-୭

## ଜମି ପାଇଁ ବାପାକୁ ଟାଙ୍ଗିଆରେ ହାଣି ହତ୍ୟା

■ **ଉମରକୋଟ, ୨୮।୧୦ (ସମିସ):** ଅଢ଼େଇ ଏକର ଜମି ପାଇଁ ୮୦ ବର୍ଷର ବୁଢ଼ା ବାପାକୁ ଟାଙ୍ଗିଆରେ ହାଣି ମାରିଦେଲା ପୁଅ। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ବଡ଼ବାସିନୀ ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ, ସାଧୁ ରାଜଗଣ୍ଡ। ଉମରକୋଟ ପୁଲିସ ସାଧୁଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ପୁଅ ବିଶ୍ୱନାଥକୁ ଗିରଫ କରିଛି।

ସୂଚନାନୁସାରେ ସାଧୁଙ୍କ ୨ଟି ପତ୍ନୀ ଅଛନ୍ତି। ବିଶ୍ୱନାଥ ପ୍ରଥମ ପତ୍ନୀଙ୍କ ପୁଅ ହୋଇଥିବା ବେଳେ ଦ୍ୱିତୀୟ ପତ୍ନୀଙ୍କ ଗୋଟିଏ ଝିଅ ରହିଛି। ସାଧୁଙ୍କ ୫ ଏକର ଜମି ଥିଲା। ପୁଅକୁ ୨.୫୦ଏକର ଜମି ଚାଷ ପାଇଁ ଦେଇଥିବା ବେଳେ ବଳକା ୨.୫୦ ଏକର ଜମି ଅନ୍ୟ ଲୋକଙ୍କ ଦ୍ୱାରା ନିଜେ ଚାଷ କରାଉଥିଲେ। କିନ୍ତୁ ସବୁ ଜମି ଦେଇଦେବା ପାଇଁ ସାଧୁଙ୍କ ସହ ପ୍ରାୟ ସମୟରେ ଗଣ୍ଡଗୋଳ କରୁଥିଲା ବିଶ୍ୱନାଥ। ଗତ କିଛି ଦିନ ହେବ ବାପା-ପୁଅଙ୍କ ଭିତରେ ତିକ୍ତତା ବଢ଼ି ଯାଇଥିଲା। ଗତରାତିରେ ସାଧୁ ଶୋଇଥିବା ବେଳେ ବିଶ୍ୱନାଥ ଏକ ଟାଙ୍ଗିଆରେ ତାଙ୍କ ଛାତି, ହାତ ଓ ଜଙ୍ଘକୁ ହାଣି ପକାଇଥିଲା। ସାଧୁଙ୍କ ଚିତ୍କାର ଶୁଣି ବିଶ୍ୱନାଥ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ଝିଅ ଲକ୍ଷ୍ମୀ ଦୁରୁଆ(୩୦) ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବାପାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ସାଧୁଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ଉମରକୋଟ ପୁଲିସ ବିଶ୍ୱନାଥକୁ ଗିରଫ କରିଛି ବୋଲି ଉମରକୋଟ ଆଇଆଇସି ରମା କାନ୍ତ ସାଏ ସୂଚନା ଦେଇଛନ୍ତି।

## ଦୁର୍ଗାପୁରରେ ଓଡ଼ିଆ ମେଡିକାଲ ଛାତ୍ରୀଙ୍କ ଗଣଦୁଷ୍କର୍ମ ମାମଲା

# ପୀଡ଼ିତାଙ୍କ ପୁରୁଷ ବନ୍ଧୁ ହିଁ ମାଷ୍ଟରମାଇଣ୍ଡ

■ **କୋଲକାତା, ୨୮।୧୦ (ଏଜେନ୍ସି):** ପଶ୍ଚିମ ବଙ୍ଗ ଦୁର୍ଗାପୁରରେ ଓଡ଼ିଆ ମେଡିକାଲ ଛାତ୍ରୀ ଗଣଦୁଷ୍କର୍ମ ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଏବଂ ଅନ୍ୟ ୫ ସହ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ଆଜି ଏସଂକ୍ରାନ୍ତ ଟିଆଇ ପରେଡ୍ ରିପୋର୍ଟ ଦୁର୍ଗାପୁର ଏସ୍‌ଡିଜେଏମ୍ କୋର୍ଟରେ ଦାଖଲ ହୋଇଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁ ହିଁ ସମଗ୍ର ଦୁଷ୍କର୍ମ ଘଟଣାର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି।

ପୀଡ଼ିତା ଦୁର୍ଗାପୁରର ଏକ ଘରୋଇ ମେଡିକାଲ କଲେଜର ଦ୍ୱିତୀୟ ବର୍ଷ ଛାତ୍ରୀ। ଗତ ଅକ୍ଟୋବର ୧୦ ତାରିଖ ରାତିରେ ହୋଇଥିବା ଗଣଦୁଷ୍କର୍ମରେ ତାଙ୍କର ପୁରୁଷ ବନ୍ଧୁ ଓ ଅନ୍ୟ ୫ ଜଣ ସାମିଲ ଥିଲେ। ପୀଡ଼ିତାଙ୍କ ଓକିଲ ପାର୍ଥ ଘୋଷ କହିଛନ୍ତି,



ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ହେଉଛି ଫିରଦୋସ ଶେଖ୍। ଅନ୍ୟ ୫ ଜଣଙ୍କୁ ଏଥିରେ ସହଅଭିଯୁକ୍ତ କରାଯାଇଛି। ମେଡିକାଲ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଲାଗି ପୁରୁଷ ବନ୍ଧୁ ହିଁ ଷଡ଼ଯନ୍ତ୍ର ରଚନା କରିଥିଲା ବୋଲି ଘୋଷ କହିଛନ୍ତି।

ଆଜି କୋର୍ଟରେ ଟିଆଇ ପରେଡ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଭିଡିଓ

### ୩୧ ଯାଏଁ ବଢ଼ିଲା ହାଜତ ମିଆଦ

କନଫେରେନସିଂ ଜରିଆରେ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତମାନଙ୍କ ତରଫରୁ କୌଣସି ଓକିଲ ମାମଲା ଲଢ଼ୁ ନ ଥିବାରୁ ସେମାନେ ନିଜ ଆଡ଼ୁ ଜାମିନ ଆବେଦନ କରିଥିଲେ। କୋର୍ଟ ସେମାନଙ୍କର ଆବେଦନକୁ ନାମଞ୍ଜୁର କରିବା ସହିତ ବିଚାର ବିଭାଗୀୟ ହାଜତ ମିଆଦ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହେଲେ ପୁଲିସକୁ ଯଥାଶୀଘ୍ର ଚାର୍ଜସିଟ୍ ଦାଖଲ କରିବାକୁ ପଡ଼ିବ ବୋଲି ବିଚାରପତି କହିଥିଲେ। ଆସନ୍ତା ୩୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବା ବେଳେ ଏହାପୂର୍ବରୁ ଚାର୍ଜସିଟ୍ ଦାଖଲ କଲେ ଭଲ। ଚାର୍ଜସିଟର କପି ସମସ୍ତ ପକ୍ଷଙ୍କୁ ଦିଆଯିବା ପରେ କୋର୍ଟରେ ଚାର୍ଜଫ୍ରେମ ହେବ। ଏହାପରେ ବିଚାର ପ୍ରକ୍ରିୟା ଆରମ୍ଭ ହୋଇପାରିବ ବୋଲି କୋର୍ଟ କହିଥିଲେ।

ସୂଚନାଯୋଗ୍ୟ ଯେ ଗତ ୧୦ ତାରିଖ ରାତିରେ ଦୁର୍ଗାପୁରର ଏହି ଘରୋଇ ମେଡିକାଲ କଲେଜ ବାହାରକୁ ପୀଡ଼ିତାଙ୍କୁ ଡାକିନେଇଥିଲା ତାଙ୍କର ସହପାଠୀ ତଥା ପୁରୁଷ ବନ୍ଧୁ। ଖାଇବା ବାହାନାରେ ପୀଡ଼ିତାଙ୍କୁ ସେ ମେଡିକାଲ ନିକଟବର୍ତ୍ତୀ ଜଙ୍ଗଲିଆ ଅଞ୍ଚଳକୁ ନେଇଯାଇଥିଲା। ପୂର୍ବରୁ ସେଠାରେ ଅପେକ୍ଷାରେ ଥିବା ଅନ୍ୟ ୫ ଜଣ ପୀଡ଼ିତାଙ୍କୁ ଟେକିନେଇ ଗଣଦୁଷ୍କର୍ମ କରିଥିଲେ। ଏହି ଜଘନ୍ୟ ▶ପୃଷ୍ଠା-୭

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ସମ୍ବଲପୁର, ୨୮।୧୦(ସମିସ): ଟ୍ରକ ପଛରେ ଧକ୍କା ଦେଇ ଦୁଇ ଜଣ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ସମ୍ବଲପୁର-ଦେବଗଡ଼ ରାଜପଥ ତଥା ସଦର ଥାନା ନୀଳଡୁଙ୍ଗୁରି ଟୋଲ୍ ପ୍ଲାଜା ନିକଟରେ ଆଜି ରାତି ପ୍ରାୟ ସାଢେ ୮ଟାରେ ଟ୍ରକକୁ ଧକ୍କା ଦେଇଥିଲା। ଟ୍ରକ୍ (ଓଡି୦୯କ୍ୟୁ ୯୮୧୧) ପଛ ପଟରେ ଧକ୍କା ଦେଇ ବାଇକ୍ (ଓଡି୧୫ଏନ୍ ୮୦୮୨) ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ୍‌ରୁ ଦୁଇ ଜଣ ଗୁରୁତର ହୋଇଥିଲେ। ପୁଲିସ୍ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଗୁରୁତରଙ୍କୁ ସଦର ଡାକ୍ତରଖାନା ପଠାଇଥିଲା। ସେଥିରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣଙ୍କୁ ବୁର୍ଲା ଭିମସାର ପଠାଯାଇଛି। ଦୁର୍ଘଟଣାଗ୍ରସ୍ତଙ୍କ ପରିଚୟ ମିଳିପାରିନାହିଁ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

କୁଚିଣ୍ଡା, ୨୮ ।୧୦(ସମିସ): ମହୁଲପାଲି ଥାନା କେଶେଇବାହାଲ ଗ୍ରାମର ସନ୍ୟାସୀ ପଟେଲ କେଶେଇବାହାଲ ରୁ ସୋଲବଗା ଟିଉସନକୁ ଛୁଆ ଆଣିବାକୁ ଯାଇଥିବା ବେଳେ ପେଟ୍ରୋଲ ପମ୍ପ ନିକଟସ୍ଥ ଅନ୍ଧାରୁଆ ସ୍ଥାନରେ ତୁ କଲେଜ ନାମରେ ଆରଟିଆଇ ମାଗୁଛୁ ଆଉ ଆମ କଲେଜର ବଦନାମ କରୁଛୁ ଏବଂ ଆମ ଜୀବନ ସହ ଖେଳୁଛୁ କହି ଲୁହା ଛଡ଼ରେ ୨ ରୁ ୩ ଜଣ ଲୋକ ନିର୍ଦ୍ଧୁମ ମାଡ ମାରିବାରୁ ସନ୍ନ୍ୟାସୀ ବାଇକରୁ ପଡ଼ି ଯାଇଥିଲେ। ତଳେ ପଡ଼ିଯିବା ପରେ ଆହୁରି ପିଟି ଚାଲିଥିଲେ ଫଳରେ ସନ୍ୟାସୀଙ୍କ ଶରୀରର ବହୁ ସ୍ଥାନରେ କ୍ଷତାକ୍ତ ହୋଇ ରକ୍ତସ୍ରାବ ହୋଇ ରାସ୍ତା ଉପରେ ପଡ଼ିଥିଲେ। କିଛି ବ୍ୟକ୍ତି ତୁରନ୍ତ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣି ବର୍ତ୍ତମାନ କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସା ଚାଲିଛି।

## ସଜାଗ ରେଳବାଇ କର୍ମଚାରୀ ପୁରସ୍କୃତ

ସମ୍ବଲପୁର, ୨୮।୧୦(ସମିସ): ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସଜାଗ ରେଳବାଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ସଦାଶିବ ରାଉତ, ଟ୍ରାକ୍ ମ୍ୟାଣ୍ଟେନର-୪, ଆମ୍ବୋଦଲାଙ୍କୁ ସୁରକ୍ଷିତ ଟ୍ରେନ୍ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଏବଂ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ପୁରସ୍କୃତ କରାଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ତାଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ) ଏବଂ ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ଉପସ୍ଥିତ ଥିଲେ।

## ଖେଳାଳି ଚୟନ ଶିବିର

ଜମନକିରା, ୨୮ ।୧୦ (ସମିସ): ଜମନକିରା ବ୍ଲକସ୍ତରୀୟ ୧୭ ଓ ୧୪ ବର୍ଷରୁ କମ୍ ବାଳକ ବାଳିକା ବର୍ଗର ଦୌଡ଼ କୁଦ ପ୍ରତିଯୋଗିତାର ଖେଳାଳୀ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ୪ଟି ସବ-ଜୋନରୁ ମୋଟ ୧୧୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିକୁଞ୍ଜ ବିହାରୀ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବରିଷ୍ଠ ଶିକ୍ଷକ ରୋହିତ ନାଥ ଯୋଗଦାନ କରିଥିଲେ। ଖେଳାଳୀ ମାନେ ଲଙ୍ଗଜମ୍ପ, ହାଇଜମ୍ପ, ସଟ ପୁଟ, ଜାଭେଲିନ, ୧୦୦ମି, ୨୦୦ମି, ୮୦୦ମି ଖେଳରେ ନିଜର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। କ୍ରୀଡା ଶିକ୍ଷକ ନିହାର ପଟେଲ, ସୁଶାନ୍ତ ଚୌଧୁରୀ, ସିସିଲିଆ ତିର୍କି, ରଣଜିତ ଗିରି, ପ୍ରିୟରଞ୍ଜନ ସାତୁଆ, ଶିବନାରାୟଣ ବେହେରା, ସ୍ମିତା ନାଗ, ଚାରୁଲତା ମାଝୀ, ଦୀପକ କିସାନ, ପ୍ରିୟବ୍ରତ ଦେହୁରୀ, ଶୁଶ୍ରୀ ନିଳିମା କେରକେଟା ପ୍ରମୁଖ ପରିଚାଳନା କରିଥିଲେ।ଏଥିରେ ଚୟନ ହୋଇଥିବା ପ୍ରତିଯୋଗୀ ମୁଣ୍ଡେନପାଲି ଠାରେ ହେବାକୁ ଥିବା ଜିଲ୍ଲାସ୍ତରୀୟ କ୍ରୀଡ଼ାରେ ଭାଗ ନେବେ।

## ଓଟିଆର ପଞ୍ଜୀକରଣ ଉପରେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

ପଦ୍ମପୁର, ୨୮।୧୦(ସମିସ): ପଦ୍ମପୁର ବ୍ଲକ କନଫରେନ୍ସ ହଲ୍ ଠାରେ ପ୍ରାକ୍-ମାଟ୍ରିକ ଏବଂ ପୋଷ୍ଟ-ମାଟ୍ରିକ ଛାତ୍ରବୃତ୍ତି ପାଇଁ ଏକକାଳୀନ ପଞ୍ଜୀକରଣ (ଓଟିଆର) ପ୍ରକ୍ରିୟା ଉପରେ ଧ୍ୟାନ ଦେଇ ଜିଲ୍ଲା ମଙ୍ଗଳ ଅଧିକାରୀ, ବରଗଡ଼ଙ୍କ କାର୍ଯ୍ୟାଳୟ ଦ୍ୱାରା ଏକ ତାଲିମ ତଥା ଆଭିମୁଖୀକରଣ କାର୍ଯ୍ୟକ୍ରମ ହୋଇଯାଇଛି। ପଦ୍ମପୁର, ଝାରବନ୍ଧ, ପାଇକମାଳ ଏବଂ ଗାଇସିଲେଟ ବ୍ଲକ ଅଧୀନରେ ଥିବା ଅନୁଷ୍ଠାନଗୁଡିକର ସମସ୍ତ ପ୍ରଧାନଶିକ୍ଷକ ଏବଂ ଅଧ୍ୟକ୍ଷଙ୍କ ପାଇଁ ଏହି ଅଧିବେଶନ ସ୍ୱତନ୍ତ୍ର ଭାବେ ଆୟୋଜିତ ହୋଇଥିଲା। ଅଧିବେଶନର ମୁଖ୍ୟ ସମ୍ବଳ ବ୍ୟକ୍ତି, ଜିଲ୍ଲା ଛାତ୍ରବୃତ୍ତି ସଂଯୋଜକ ବିବେକାନନ୍ଦ ସିଂ ଓଟିଆର ପ୍ରକ୍ରିୟା ଉପରେ ବିସ୍ତୃତ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ପ୍ରଭାବଶାଳୀ ଏବଂ ତ୍ରୁଟି ମୁକ୍ତ ଛାତ୍ର ପଞ୍ଜୀକରଣ ପାଇଁ ପର୍ଯ୍ୟାୟ କ୍ରମେ ନିର୍ଦ୍ଦେଶାବଳୀ ଏବଂ ଡକୁମେଣ୍ଟେସନ୍ କରିଥିଲେ। ଯୋଗ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି ପଞ୍ଜୀକରଣ ପ୍ରକ୍ରିୟାର ସୁଗମ କାର୍ଯ୍ୟକାରୀତା ସୁନିଶ୍ଚିତ କରିବା ପ୍ରଶିକ୍ଷଣର ଉଦ୍ଦେଶ୍ୟ ଥିଲା।

## ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବରପାଲି, ୨୮।୧୦(ସମିସ): ବରପାଲି ବ୍ଲକ ବାରଙ୍ଗପାଲି, ପଧାନ ଟିକିରା ଅଞ୍ଚଳବାସୀଙ୍କ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏକାଦଶ ତମ ମହାଯଜ୍ଞ ମହୋତ୍ସବ ଗତ ୨୫ ତାରିଖରୁ ଆରମ୍ଭ ହୋଇ ସୋମବାର ପୂର୍ଣ୍ଣାହୁତୀ ସହ ସମାପନ ହୋଇଥିଲା। ଗତ ଶନିବାର ଯଜ୍ଞକର୍ତ୍ତା ନିତ୍ୟାନନ୍ଦ ପ୍ରଧାନ, ଜୋସ୍ନା ପ୍ରଧାନ, ପ୍ରକାଶ ପ୍ରଧାନ, ସସ୍ମିତା ପ୍ରଧାନ, ଶତ୍ରୁଘ୍ନ ପ୍ରଧାନ, ଲିଲି ପ୍ରଧାନ, ତୀର୍ଥ ପ୍ରଧାନ, ପ୍ରତିମା ପ୍ରଧାନ, କଳ୍ପ ପ୍ରଧାନ, ଗିତାଞ୍ଜଳୀ ପ୍ରଧାନ ପ୍ରମୁଖ ପୂଜାକର୍ତ୍ତା ମାନଙ୍କ ସମେତ ଜନସାଧାରଣ କଳସ ଶୋଭାଯାତ୍ରାରେ ବାହାରି ଥିଲେ। ଗାଁ ପରିକ୍ରମା ପରେ ପୂଜାମଣ୍ଡପରେ ପହଞ୍ଚିଥିଲେ। ପରେ ବ୍ରହ୍ମଚାରୀ କୈଳାଶ ଓ ଶ୍ୟାମ ବାବାଙ୍କ ସହାୟତାରେ ଯଜ୍ଞମଣ୍ଡପରେ କଳସ ସ୍ଥାପନ ହୋଇ ପୂଜାରମ୍ଭ ହୋଇଥିଲା। ୨୬ ତାରିଖ ଯଜ୍ଞ ଅନୁଷ୍ଠାନ ସହ ଘୃତାହୁତୀ ହୋଇଥିଲା। ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଆଜି ମହାଯଜ୍ଞର ପୂର୍ଣ୍ଣାହୁତୀ ହୋଇଥିବା ବେଳେ ପ୍ରସାଦ ବିତରଣ ବ୍ୟବସ୍ଥା କମିଟି ପକ୍ଷରୁ ହୋଇଥିଲା।

### ଘର ନିର୍ମାଣ ବନ୍ଦ ଓ ଦୋକାନ ଉଚ୍ଛେଦ ଦାବି

# ତହସିଲଦାରଙ୍କୁ ଭେଟିଲେ ଗୁଣ୍ଡୁରୁଚୁଆଁ ଗ୍ରାମବାସୀ

ଜମନକିରା, ୨୮ ।୧୦(ସମିସ)



ଜମନକିରା ତହସିଲ୍ ଅଧୀନ ଗୁଣ୍ଡୁରୁଚୁଆଁ ହାଇସ୍କୁଲ୍ ଛକରେ ପ୍ରକାଶ ମେହେର ଏକ ସ୍ଥାୟୀ କୋଠା ଗୃହ ନିର୍ମାଣ କରୁଛନ୍ତି। ପୂର୍ବରୁ ସେ ଏକ ସାଇକଲ ମରାମତି ଦୋକାନ ଖୋଲିଥିଲେ। ତାଙ୍କ ସହିତ ଧ୍ୱନି ମେହେର ଅସ୍ଥାୟୀ ଠେଲା ପକାଇ ପାନ ଦୋକାନ କରିଛନ୍ତି। ତେଣୁ ପ୍ରକାଶ ମେହେରଙ୍କ ଚାଲିଥିବା କୋଠା ନିର୍ମାଣ କାମ ବନ୍ଦ କରିବା ସହ ପାନ ଦୋକାନ ଓ ସାଇକଲ ମରାମତି ଦୋକାନ। ଏହି ଦୁଇ ଦୋକାନକୁ ହାଇସ୍କୁଲ୍ ଛକରୁ ଉଚ୍ଛେଦ ପାଇଁ ସ୍ଥାନୀୟ ତହସିଲଦାର ପ୍ରବିଣା ବିଲୁଙ୍ଗଙ୍କୁ ଗୁଣ୍ଡୁରୁଚୁଆଁ ଗ୍ରାମବାସୀ ଦାବି ଜଣାଇଛନ୍ତି। ତଥ୍ୟ ରୁ ପ୍ରକାଶ ଯେ, ଗୁଣ୍ଡୁରୁଚୁଆଁ ହାଇସ୍କୁଲ୍ ଛକ ଧୀରେ ଧୀରେ ବଢୁଛି। ଛକ ଉଭୟ ପାର୍ଶ୍ୱରେ ଏସବିଆଇ ମିନି ଶାଖା, ହୋଟେଲ, ଜେରକ୍ସ ଦୋକାନ, ଆଜବେଷ୍ଟସ, ସିମେଣ୍ଟ, କପଡ଼ା ଦୋକାନ, ସିଲେଇ ଦୋକାନ, ଔଷଧ ଦୋକାନ ଆଦି ରହିଛି। ଉକ୍ତ ଛକରୁ ଧୁଡ଼ିପାଲି, ମହଦା ଓ ଗୁଣ୍ଡୁରୁଚୁଆଁ ପଞ୍ଚାୟତର ଜନସାଧାରଣ ତଥା ହାଇସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଯିବା ଆସିବା କରୁଛନ୍ତି। ଛକ ଉପରେ ପ୍ରକାଶ ମେହେର ଅସ୍ଥାୟୀ ଭାବେ ସାଇକେଲ ମରାମତି ଦୋକାନ କରିଥିଲେ। ଏହାକୁ ଲାଗି ଧ୍ୱନୀ ମେହେର ପାନ ଦୋକାନ କରିଛନ୍ତି। ଗତ ୨୦୨୩ ମସିହାରେ ବିଶେଷ କାରଣରୁ ଦୁଇ ଦୋକାନକୁ ଛକରୁ ହଟାଇବା ପାଇଁ କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଆପତ୍ତି କରିଥିଲେ। ଉକ୍ତ ଦୋକାନ ଦୁଇଟି ଛକ ସ୍ଥାନରେ ଥିବାରୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି। ତତ୍କାଳୀନ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ସ୍ଥାନ ପରିଦର୍ଶନ କରି ତହସିଲଦାର ସେଠାରୁ ଦୁଇ ଦୋକାନ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସ୍ଥାନରୁ ଦୁଇ ଦୋକାନକୁ ନ ଉଠାଇ ପ୍ରକାଶ ମେହେର ଏବେ କୋଠା ଗୃହ ନିର୍ମାଣ କରୁଛନ୍ତି। ଏହି ରାସ୍ତା ଦେଇ ଯାନ ବାହନ ଚଳାଚଳ କରିବାରେ ଡ୍ରାଇଭର ବହୁତ୍ ଅସୁବିଧାର ସମ୍ମୁଖୀନ ହେବା ସହ ଗାଡି ଦୁର୍ଘଟଣା ହେବାର ଆଶଙ୍କା ଦ୍ୱିଗୁଣିତ ହୋଇଛି। ଏଥିଯୋଗୁଁ ଜନସାଧାରଣ ତଥା ହାଇସ୍କୁଲ୍‌ରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଜୀବନ ପ୍ରତି ବିପଦ ରହିଥିବା ଅଭିଯୋଗ କରାଯାଇଛି। ଏ ନେଇ ଧ୍ୱନି ମେହେରଙ୍କୁ ଫୋନ୍ ପଚାରିବାରୁ ଆଜକୁ ପ୍ରାୟ ୭୦ବର୍ଷ ପୂର୍ବରୁ ହୀରାକୁଦ ବନ୍ଧରୁ ବିସ୍ଥାପିତ ହୋଇ ମୋର ଅଜା ଆସି ଗୁଣ୍ଡୁରୁଚୁଆ ଆସି ଥିଲେ। ମୋର ବାପା ସ୍ୱର୍ଗତ ଉପେନ୍ଦ୍ର ମେହେର ହାଇସ୍କୁଲ ଛକରେ ଏକ ସାଇକଲ ଦୋକାନ କରି ଥିଲେ। ବାପାଙ୍କ ଦେହାନ୍ତ ପରେ ଏବେ ଆମେ ଦୁଇ ଭାଇ ସେଠାରେ ଦୋକାନ କରି ଆମ ପରିବାର ପରି ପୋଷଣ କରିଆସୁଅଛୁ। ଏଠାରେ ଟ୍ରାଫିକ ସମସ୍ୟା କିଛି ନାହିଁ। ଗତ ୨-୧୦-୨୫ ଦିନ ବର୍ଷା ରେ ଦୋକାନ ଗୃହ ଭାଙ୍ଗି ପଡ଼ିବାରୁ ତାକୁ ଟିକେ ଏବେ ତିଆରି ଚାଲିଛି ଯାହାକୁ ନେଇ କିଛି ବ୍ୟକ୍ତି ଆମ ଦୁଇ ଜଣଙ୍କ ନାମ ର ଜମନକିରା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ହୀରାକୁଦ ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

ସମ୍ବଲପୁର, ୨୮।୧୦(ସମିସ): ହୀରାକୁଦ ମହାବିଦ୍ୟାଳୟରେ ନିଶା ମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ହୀରାକୁଦ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁମିତ୍ରା ପଣ୍ଡା



ସହ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅକ୍ଷୟ କୁମାର ସୁତାର, ଅଧ୍ୟାପିକା ଡ. ମଞ୍ଜୁଲତା ପଣ୍ଡା, ବାଣିଜ୍ୟ ବିଭାଗର ମୁଖ୍ୟ ଡ. ସିଦ୍ଧାନ୍ତ ମହାନ୍ତି ମଞ୍ଚାସୀନ ଥିଲେ। ଇଂରାଜୀ ବିଭାଗର ମୁଖ୍ୟା ସୀମାନ୍ତିକା ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରି ଅତିଥିଙ୍କ ପରିଚୟ କରିଥିଲେ।ଅଧ୍ୟକ୍ଷା ସୁମିତ୍ରା ପଣ୍ଡା ନିଶାମୁକ୍ତ ଭାରତ ଗଠନ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ହେବା ଉଚିତ୍ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବରେ ସୀମାନ୍ତିକା ଦାସ ଓ ସିଦ୍ଧାନ୍ତ ମହାନ୍ତି ନିଶାମୁକ୍ତ ଅଭିଯାନର ଆରମ୍ଭ ଓ ନିଶା ମୁକ୍ତ ସମାଜ ଗଠନ କରିବାରେ ସରକାରଙ୍କ ପଦକ୍ଷେପ ସହ ଯୁବପିଢୀଙ୍କୁ ସଚେତନ କରି ସୁସ୍ଥ ସମାଜ ଗଠନ କରିବାରେ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝେଇ ଥିଲେ।ଏହା ସହ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ତାଙ୍କର ବକ୍ତବ୍ୟ ରଖି ସଚେତନ କରେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହ ବହୁଳ ଭାବେ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ସୀମାନ୍ତିକା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଙ୍ଗନବାଡ଼ି ଗୃହ ନିର୍ମାଣ ଓ ଜବରଦଖଲ ଉଚ୍ଛେଦ ଦାବି

ରେଢ଼ାଖୋଲ, ୨୮ ।୧୦(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ୧୧ ନଂ ୱାର୍ଡ କୁରୁମଟିକିରା ସାହିରେ ସ୍ଥାନୀୟ ଅଙ୍ଗନବାଡ଼ି ଗୃହଟିଏ ନାହିଁ ଏଥିପାଇଁ ବିଗତ ୧୦ ବର୍ଷ ହେଲାଣି ସ୍ଥାନୀୟ ପ୍ରଶାସନ ଏବଂ ମାସିକ ଜନ ଅଭିଯୋଗ ଶୁଣାଣିରେ ବାରମ୍ବାର ଅଭିଯୋଗ ଜଣାଇବା ସତ୍ତ୍ୱେ ମଧ୍ୟ ଆଜି ସୁଦ୍ଧା ଅଭିଯୋଗକୁ ଗୁରୁତର ସହ ନିଆଯାଇ ନାହିଁ। ସରକାରଙ୍କ ତରଫରୁ ଚିହ୍ନଟ ହୋଇଥିବା ପ୍ଲଟ୍ ୩୦୯୮ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ହୋଇପାରିନାହିଁ।ଚଳିତ ମାସ ୧୩ ତାରିଖ ଦିନ ସ୍ଥାନୀୟ ଅଧିବାସୀ



ଆସି ରେଢ଼ାଖୋଲ ଉପଜିଲ୍ଲାପାଳ ତଥା ଆଇସିଡ଼ିସି ଅଫିସରେ ଲିଖିତ ଅଭିଯୋଗ ଜଣାଇଥିଲେ ମଧ୍ୟ ପଡ଼ାବାସୀ କଥାକୁ ଗୁରୁତର ସହ ନିଆନଯାଇ ସେମାନଙ୍କୁ ସାନ୍ତ୍ୱନା ଦେଇ ଫେରାଇ ଦିଆଯାଇଛି। ଉକ୍ତପଡ଼ା କମଳ ଶିଶୁମାନେ ରାଜ ରାସ୍ତାରେ ଶିତ ବର୍ଷା ଖରାରେ ବସି ପାଠ ପଢୁଛନ୍ତି।ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାମ୍କ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ରମାକାନ୍ତ ଦେହୁରୀ, ମଧୁସ୍ମିତା ସାବକ, ଗୌରୀ ସାହୁ, ମିତା ସେନାପତି, ରଜନୀ ପ୍ରଧାନ, ଶାନ୍ତିଲତା ସାହୁ ପ୍ରମୁଖ ସମେତ ବହୁ ସଂଖ୍ୟାରେ ପଡ଼ାବାସୀ ସାମିଲ ଥିଲେ।

## ଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ ବ୍ୟଙ୍ଗ କବିତା ଆସର

ବରଗଡ଼, ୨୮।୧୦(ସମିସ): ସ୍ଥାନୀୟ ଟୁଲୀ ପ୍ରିମିଅମ ହୋଟେଲ ଠାରେ ଭାରତୀୟ ଚିକିତ୍ସକ ସଂଘ, ବରଗଡ଼ ଶାଖା ଆନୁକୂଲ୍ୟରେ ମାସିକ ବୈଠକ ଅବସରରେ ବ୍ୟଙ୍ଗ ଓ ହାସ୍ୟ କବିତା ଆସର



ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରଗଡ଼ର ୩ ଜଣ ପ୍ରତିଷ୍ଠିତ କବି ହାସ୍ୟ କବି ସଚି ପଣ୍ଡା, ବିପ୍ଲବୀ କବି ନୀତିଶ ଆଚାର୍ଯ୍ୟ ଏବଂ ବ୍ୟଙ୍ଗ କବି ମୁନିରାମ କୁମ୍ଭାରଙ୍କୁ ସଂଘ ପକ୍ଷରୁ ସମ୍ବଲପୁରୀ କବିତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୀବନକୁ ସୁସ୍ଥ ଏବଂ ସୁନ୍ଦର କରିବା ପାଇଁ ହସ ଏକାନ୍ତ ଜରୁରୀ ବୋଲି ଉପସ୍ଥିତ ଡାକ୍ତର ମାନେ ମତ ପ୍ରକାଶ କରିଥିଲେ। ଡାକ୍ତର ସୁବଳ କିଶୋର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ଘନଶ୍ୟାମ ନାଥ, ଡାକ୍ତର ପ୍ୟାରୀଲାଲ ତ୍ରିପାଠୀ, ଡାକ୍ତର ସରୋଜ ଯୋଶୀ, ଡାକ୍ତର ଶଙ୍କର ଲାଲ ଶର୍ମା, ଡାକ୍ତର ଜାହ୍ନବୀ ଶତପଥି, ଡାକ୍ତରରାଜେଶ ତ୍ରିପାଠୀ, ଡାକ୍ତର ସୁସ୍ମିତା ଦାଶ, ଡାକ୍ତର ଅଶ୍ୱିନୀ ଭୋଇ, ଡାକ୍ତର ଇପ୍ସିତା ଦେବତା, ଡାକ୍ତର ଶକ୍ତି ତ୍ରିପାଠୀ, ଡାକ୍ତର ଏଟମ୍ ସାହୁ, ଡାକ୍ତର ଜଗନ୍ନାଥ ପଣ୍ଡିତ ଅର୍ଜୁନ ମେହେର, ବିନୋଦ ନାଏକ ପ୍ରମୁଖ ଉପସ୍ଥିତରହି ବ୍ୟଙ୍ଗ ଓ ହାସ୍ୟ କବିତା ଆସରର ମଜା ନେଇଥିଲେ।

## ସୂଚନା ଫଳକ ତଳେ, କାହାର ନିଘା ନାହିଁ



ସମ୍ବଲପୁର, ୨୮।୧୦(ସମିସ): ସୂଚନ ଫଳକ ଲାଗିଥିଲା। ହେଲେ କିଛି ଦିନ ହେବ ଏହି ଫଳକ ଏବେ ତଳେ ମୁହଁ ମାଡି ପଡ଼ିଛି। କିନ୍ତୁ ଏଥି ପ୍ରତି କାହାର ନିଘା ନାହିଁ। ଏହା ହେଉଛି କଚେରୀ ଛକର ସ୍ଥିତ। ରିଂ ରୋଡ ଆଡକୁ ସୂଚାଉଥିବା ଏହି ଫଳକ ଏବେ ଭାଙ୍ଗି ତଳେ ପଡ଼ିଛି। କିନ୍ତୁ ସମ୍ବଲପୁର ମହାନଗର ନିଗମ କିମ୍ବା ଜିଲ୍ଲା ପ୍ରଶାସନର ଏଥି ପ୍ରତି ଦାୟିତ୍ୱ ରହିନାହିଁ। ସୂଚନାଯୋଗ୍ୟ, ସହରରେ ବିଭିନ୍ନ ସ୍ଥାନରେ ସୂଚନାଫଳକ ଲାଗିଛି। ସମ୍ବଲପୁର ସହରକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ସମଲେଶ୍ୱର ମନ୍ଦିର, ହୀରାକୁଦ, ଡେବ୍ରୀଗଡ଼ ଓ ଘଣ୍ଟେଶ୍ୱର ମନ୍ଦିରକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ପ୍ରାୟ ପର୍ଯ୍ୟଟକ ସହରର କଚେରୀ ଛକ ଦେଇ ଯାଇଥାନ୍ତି। ଏହି ମୁଖ୍ୟ ଛକରେ ଲାଗିଥିବା ଏହି ଫଳକ ଅନେକ ଲୋକଙ୍କୁ ତଥ୍ୟ ସୂଚାଇଥାଏ। ସମଲେଶ୍ୱର ମନ୍ଦିର ହେଉ କି ଘଣ୍ଟେଶ୍ୱରୀ ମନ୍ଦିର ଏହି ଫଳକ ଦେଖି ଲୋକ ଜାଣି ପାରିଥାନ୍ତି। କିନ୍ତୁ ଏହି ଫଳକ ଏବେ ତଳେ ପଡ଼ିଛି। ଏଥି ପ୍ରତି କାହାର ଟିକେ ହେଲେ ଦାୟିତ୍ୱ ରହିନଥିବା ସ୍ପଷ୍ଟ ବାରି ହେଉଛି। ତେଣୁ ତୁରନ୍ତ ଜିଲ୍ଲାପ୍ରଶାସନ ଏହାକୁ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

## ବୀର୍ସା ମୁଣ୍ଡାଙ୍କ ମୂର୍ତ୍ତି ଗାଏବ, ଥାନାରେ ଏତଲା



ସମ୍ବଲପୁର, ୨୮।୧୦(ସମିସ): ଲକ୍ଷ୍ମୀ ଟକିଜ ସ୍ଥିତ ମିଶନ କମ୍ପାଉଣ୍ଡ ପରିସରରୁ ଆଦିବାସୀ ସମାଜଙ୍କ ଭଗବାନ ବୀର ବୀର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଗତ ୨୫ ତାରିଖ ରାତିରେ କେହି ଏହାକୁ ଗାଏବ କରିଦେଇଛି। ଏହାକୁ ବିରୋଧ କରି ଆଜି ଟାଉନ ଥାନାରେ ୨ଟି ଅଭିଯୋଗ କରାଯାଇଛି। ସବିତା ପାତ୍ରା ଓ ଶନି ଓରାମଙ୍କ ସହ ଶହ ଶହ ଲୋକ ଥାନାରେ ପହଞ୍ଚି ତଦନ୍ତ କରିବାକୁ ଦାବି କରିଛନ୍ତି। ସେମାନେ କହିଛନ୍ତି, ଆସନ୍ତା ନଭେମ୍ବରରେ ବୀର୍ସାମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଏହି ମୂର୍ତ୍ତି ସ୍ଥାପନା କରାଯାଇଥାନ୍ତା। ଏହାକୁ ମିଶନ କମ୍ପାଉଣ୍ଡରେ ନିର୍ମାଣ କରାଯାଉଥିଲା। ହେଲେ ଏହାକୁ କେହି ଗାଏବ କରିଦେଇଛି। ତେଣୁ ପୁଲିସ ଏହାର ତଦନ୍ତ କରି ନ୍ୟାୟ ଦେବାକୁ ସେମାନେ ଦାବି କରିଛନ୍ତି। ସେପଟେ ଏହା ସରକାରୀ ଜାଗା ନୁହେଁ। ତେଣୁ ସେମାନେ ସେହି ପରିସରରେ ମୂର୍ତ୍ତି ସ୍ଥାପନା କରିବା ବେଆଇନ ଅଟେ। ଜାଗାର ମାଲିକଙ୍କ ବିନା ଅନୁମତିରେ ମୂର୍ତ୍ତି ସ୍ଥାପନା କରାଯାଇ ପାରିବ ନାହି ବୋଲି ପୁଲିସ କହିଛି। ଅଭିଯୋଗ ପରେ ତଦନ୍ତ ଚାଲିଥିବା ସୂଚନା ରହିଛି।

## ଛଟ୍ ପୂଜାରେ ବରଗଡ଼-ଭେଡେନ କେନାଲ ରାସ୍ତା ଉନ୍ନତିକରଣର ଶିଳାନ୍ୟାସ

ବରଗଡ଼, ୨୮।୧୦(ସମିସ): ବରଗଡ଼ରୁ ଭେଡେନ ଯିବା ରାସ୍ତାରେ ପୁରୁଣା ରିଜର୍ଭ କେନାଲ ରାସ୍ତାରେ ଥିବା ସୂର୍ଯ୍ୟ ଦ୍ୱାର ନିକଟରେ ବିହାରୀ ସମାଜ ତରଫରୁ ଛଟ୍ ପୂଜା ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଯୋଗ ଦେଇଥିଲେ। ଏହି ପବିତ୍ର ଅବସରରେ ବରଗଡ଼-ଭେଡେନ କେନାଲ ରାସ୍ତାର ଉନ୍ନତିକରଣ ପାଇଁ ୫ କୋଟି ୩୬ ଲକ୍ଷ ୫୭ ହଜାର ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରିଥିଲେ। ବିହାରୀ ଯୁବକ ସଂଘ ପକ୍ଷରୁ ସଭାପତି ବିଜୟ ସା, ଉପସଭାପତି ବଜରଙ୍ଗ ଝା, ସାଧାରଣ ସମ୍ପାଦକ ଜୟ ପ୍ରକାଶ ପାଣ୍ଡି, ଆଇନଜୀବୀ ଅଶୋକ ପଣ୍ଡା, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ସମାଜସେବୀ କୁନୁ ମହାନ୍ତି, ସୁବାସ ବାରିକ, ଆଇନଜୀବୀ ରମଣୀ ରଞ୍ଜନ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଅଙ୍ଗନବାଡ଼ି ଉନ୍ନତିକରଣ କାମ

# ପୁରୁଣା ଓ ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗ

କୁଚିଣ୍ଡା, ୨୮ ।୧୦(ସମିସ)



କୁଚିଣ୍ଡା ବ୍ଲକ ବଜ୍ଜମା ପଞ୍ଚାୟତର ଠାକୁର ନିକ୍ରିମାଲ ଗ୍ରାମରେ ଚାଲୁଥିବା ଅଙ୍ଗନୱାଡି କେନ୍ଦ୍ରର ଉନ୍ନତିକରଣ କାମରେ ପୁରୁଣା କବାଟ ଓ ଝରକା ଲଗା ଯାଇଥିବା ସହିତ ଅତ୍ୟନ୍ତ ନିମ୍ନମାନର ଇଟାରେ ନିର୍ମାଣ କାର୍ଯ୍ୟ କରା ଯାଉଥିବା ଅଭିଯୋଗ ହେଉଛି।ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବର୍ତ୍ତମାନ ଠାକୁର ନିକ୍ରିମାଲ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର ଉନ୍ନତିକରଣ କାମ ଚାଲିଛି। ଏଥିରେ ଏକ ବାରଣ୍ଡା ନିର୍ମାଣ ହେଉଛି।ତେବେ କାମ ଆରମ୍ଭ ପୂର୍ବରୁ କର୍ଯ୍ୟସ୍ଥଳିରେ ସୂଚନା ଫଳକ ଲଗାଇବା ପାଇଁ ସରକାରଙ୍କ ନିୟମ ରହିଥିଲେ ମଧ୍ୟ ଏହାକୁ ବେଖାତିର କରି ସେଠାରେ ସୂଚନା ଫଳକ ଲଗାଯାଇ ନାହିଁ। ଏଣୁ କାମଟି କେଉଁ ଯୋଜନାରେ ହେଉଛି ଓ ଏହା କେତେ ଟଙ୍କାର କାମ କେହି ଜାଣିପାରୁ ନାହାଁନ୍ତି। ଏହି କାମରେ ଅତି ନିମ୍ନମାନର ଇଟା ବ୍ୟବହାର ହୋଇଛି ଏବଂ ଏହା ସହିତ ପୁରୁଣା ଲୁହା କବାଟ ଓ ଝରକା ଲଗାଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜ୍ୟର ବିଜେପି ସରକାର ସ୍ୱଚ୍ଛ ସରକାର ବୋଲି ଡିମଡିମ ପିଟୁ ଥିବା ବେଳେ ବ୍ଲକ ସଦର ମହକୁମା ଠାରୁ ମାତ୍ର ୫ କିଲୋମିଟର ଦୂରରେ ଯଦି ଏପରି କାମ ହେଉଛି ତେବେ ଆଭ୍ୟନ୍ତରୀଣ ଅଞ୍ଚଳରେ କିପରି କାମ ହେଉଥିବ ତାହା ସହଜରେ ଅନୁମେୟ। ତେବେ ଘଟଣା ବାବଦରେ ମତାମତ ପାଇଁ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ବର୍ଷାରାଣୀ ବିଶ୍ୱାଳଙ୍କୁ ତାଙ୍କର ମତାମତ ପାଇଁ ଯୋଗାଯୋଗ କରିବାରୁ ଏହି କାମଟି କେଉଁ ଯୋଜନାରେ ହେଉଛି ମୁଁ ଜାଣି ନାହିଁ ପରେ ବୁଝି କି କହିବି ବୋଲି କହିଥିଲେ। ପରେ ସେ ଆଉ ଫୋନ ନ ଉଠାଇବାରୁ ତାଙ୍କର ମତାମତ ମିଳିପାରି ନାହିଁ।

## ଏସ୍‌ୟୁଜେ ସମ୍ବଲପୁରର କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର, ୨୮।୧୦(ସମିସ): ସମ୍ବଲପୁର ଜିଲ୍ଲା ଏସୟୁଜେ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଏମଆଇ ଗେଷ୍ଟ ହାଉସରେ ରବିବାର ଦିନ ଅନୁଷ୍ଠିତ ହୋଇଛି। ଏଥିରେ ସଂଗଠନର ବ୍ଲକ ଓ ଜିଲ୍ଲା ପଦାଧିକାରୀ ଯୋଗଦାନ କରିଥିଲେ। ସଙ୍ଘର ରାଷ୍ଟ୍ରୀୟ କାର୍ଯ୍ୟ କାରିଣୀ ସଦସ୍ୟ ଗଗନ ଶର୍ମାଙ୍କ ସଭାପତିତ୍ୱ



ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଢ଼ୀ ଓ ଜିଲ୍ଲା ସଭାପତି ରାଧେଶ୍ୟାମ ପଣ୍ଡା ଯୋଗଦାନ କରିଥିଲେ। କୁଚିଣ୍ଡା ସଭାପତି ଗଜେନ୍ଦ୍ର ଭୋଇ, ଜିଲ୍ଲା ଉପସଭାପତି ଆସାରାମ ସୁପକାର, ସଂଗଠନ ସମ୍ପାଦକ ଆଲୋକ ଦାସ, ହରି ଶଙ୍କର ମିଶ୍ର, ରମେଶ ସାହୁ, ସବିତା ମିଶ୍ର, ସଂଯୋଗ ଦାଶ, ନରେନ୍ଦ୍ର ସାହୁ, ହେମନ୍ତ ଭଇଂସା, ପଞ୍ଚାନନ ସାହୁ ଇତ୍ୟାଦି ଯୋଗଦାନ କରିଥିଲେ। ସାମ୍ବାଦିକଙ୍କ ସମସ୍ୟା, ଭତ୍ତା, ମେଡିକାଲ ଇନ୍ସୁରାନ୍ସ, ଲୋକମାନଙ୍କର ଠକାମି ଓ ଦୈନିକ ଖବର ବିଷୟରେ ଆଲୋଚନା ହେଇଥିଲା। ସଭା ଶେଷରେ ସମ୍ପାଦକ ହରିଶଙ୍କର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ଏ ସମସ୍ତ ବିଷୟରେ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ବୋଲି ପ୍ରକାଶ କରାଯାଇଥିଲା। ବୈଠକରେ ୧୬ନଭେମ୍ବର ପ୍ରେସ ଦିବସ କୁଚିଣ୍ଡାରେ କରାଯିବାକୁ ଗଗନ ଶର୍ମାଙ୍କ ମତାମତକୁ ସର୍ବ ସମ୍ମତି ଗୃହୀତ ହୋଇଥିଲା। ଅଗାମୀ ଦିନରେ ରାଜ୍ୟ କାର୍ଯ୍ୟକରିଣୀ କାର୍ଯ୍ୟକ୍ରମ ଓ ବାର୍ଷିକ ଦିବସ ବିଷୟରେ ଆଲୋଚନା କରାଯାଇଥିଲା। ଆସନ୍ତା ମାସରେ ସଙ୍ଘର ସଦସ୍ୟ ମାନଙ୍କୁ ମେଡିକାଲ ଇନ୍ସୁରେନ୍ସ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲା ସଭାପତି ଘୋଷଣା କରିଥିଲେ।

## 'ମୋନ୍ଥା' ପ୍ରଭାବରେ କୋହଲା ପାଗ ଓ ସାମାନ୍ୟ ବର୍ଷା

# ହୀରାକୁଦ ବଢ଼ାଇଲା ନିଷ୍କାସନ ଜଳ ପରିମାଣ

ସମ୍ବଲପୁର, ୨୮।୧୦ (ସମିସ):

ମଙ୍ଗଳବାର ସନ୍ଧ୍ୟାରେ କାକିନାଡାଠାରେ ବାତ୍ୟା 'ମୋନ୍ଥା' ଲ୍ୟାଣ୍ଡଫଲ୍ କରିବା ଆରମ୍ଭ କରିଛି। ବାତ୍ୟା ମୁକାବିଲା ପାଇଁ ଦକ୍ଷିଣ ଓଡ଼ିଶାରେ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା ବେଳେ ସମ୍ବଲପୁରରେ ମଧ୍ୟ ଏହାର ପ୍ରଭାବରେ ବର୍ଷା ହେବା ପୂର୍ବାନୁମାନ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ସମ୍ବଲପୁର ଜିଲ୍ଲାକୁ ବର୍ଷା ପାଇଁ ୟେଲୋ ୱାର୍ଣ୍ଣ ଜାରି କରାଯାଇଛି। ଏଥିପାଇଁ ଜରୁରୀକାଳୀନ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯ ଫୁଟ୍ ରହିଥିବାବେଳେ ପ୍ରବେଶ ଜଳ ପରିମାଣ ତୁଳନାରେ ନିଷ୍କାସିତ ହେଉଥିବା ଜଳ ପରିମାଣ ବୃଦ୍ଧି କରାଯାଇଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୭,୦୬୫ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨୯,୭୭୦ ଘନଫୁଟ ଜଳ ନିଷ୍କାସିତ ହେଉଛି। ପାୱାର ଚେନାଲରେ ୨୪,୬୦୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ, କେନାଲ ପାଇଁ ୪,୯୩୨ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଆଜି ଦିନତମାମ ସମ୍ବଲପୁରରେ କୋହଲା ପାଗ ରହିଥିଲା। ମଝିରେ ମଝିରେ କେତେକ ସ୍ଥାନରେ ଝିପି ଝିପି ବର୍ଷା ମଧ୍ୟ ହୋଇଛି। ଆଗାମୀ ଦୁଇଦିନ ପବନ ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଖରିଫ ଧାନ ଫସଲ ଅମଳକ୍ଷମ ହୋଇଥିବାବେଳେ କେତେକ ସ୍ଥାନରେ ଚାଷୀ ଧାନ କାଟି କ୍ଷେତରେ ପେଟା ପଡ଼ି ରହିଛି। ଏପରିସ୍ଥଳେ ବର୍ଷା ହେଲେ ଚାଷୀର ବହୁଳ ଭାବେ କ୍ଷୟକ୍ଷତି ହେବା ଆଶଙ୍କା ରହିଛି। ବାତ୍ୟା ପ୍ରଭାବରେ ବର୍ଷା ସହ ଜୋର୍‌ରେ ପବନ ବହିଲେ ଧାନ ଗଛ ଗୁଡ଼ିକ ଭୂଇଁରେ ଲୋଟିଯିବ ଏହାଦ୍ୱାରା ଅମଳ ପ୍ରଭାବିତ ହୋଇ କ୍ଷତି ହେବା ସମ୍ଭାବନା ରହିଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ଭାରପ୍ରାପ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ କହନ୍ତି, ବର୍ଷା ପାଇଁ ବିଡିଓ ଓ ତହସିଲଦାର ମାନଙ୍କୁ ସତର୍କ କରାଯିବାସହ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି। କୌଣସି ସ୍ଥାନରେ ବର୍ଷାଜନିତ କ୍ଷୟକ୍ଷତି ହେଲେ ଜରୁରୀକାଳୀନ ବିଭାଗକୁ ତୁରନ୍ତ ସୂଚନା ଦେବାକୁ ଏଡିଏମ୍ ଶ୍ରୀ ଭୋଇ ଅନୁରୋଧ କରିଛନ୍ତି।

### ଜଳସ୍ତର ୬୨୯.୦୨ ଫୁଟ୍

ସମ୍ବଲପୁର, ୨୮।୧୦ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଗତ କିଛିଦିନ ଧରି ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପାଖାପାଖି ବଜାୟ ରଖାଯାଇଛି। ନଦୀବନ୍ଧର ସମସ୍ତ ଗେଟ୍ ଏବେ ବନ୍ଦ ରହିଛି। ବାତ୍ୟା 'ମୋନ୍‌ଥା' ଛତିଶଗଡ଼କୁ ଗଲାପରେ ଉପରମୁଣ୍ଡରେ ବର୍ଷା ହୋଇ ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏନେଇ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ସଜାଗ ରହିଛନ୍ତି।

ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୦୨ ଫୁଟ୍ ରହିଛି। ନଦୀବନ୍ଧର ଗେଟ୍ ସବୁ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨୨.୫୧୯ ଘନଫୁଟ୍ ଜଳପ୍ରବେଶ କରୁଥିବାବେଳେ ପାୱାରଚେନାଲ, ଶିଳ୍ପାନୁଷ୍ଠାନ ଓ କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ପାୱାର ଚେନାଲରେ ୧୭,୩୫୧ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ୍, କେନାଲ ପାଇଁ ୪୯୩୨ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୬.୪୭ ଘନଫୁଟ୍ ରହିଥିଲା।

# ଅନ୍ୟ ଜାତିରେ ବାହା ହୋଇଥିଲେ ବୋଲି କଲେନି ଶବ ସତ୍କାର

ସମ୍ବଲପୁର,୨୮।୧୦(ସମିସ):ଦୁନିଆ ଯାଇ କ୍ୱାଣ୍ଟମ୍ ଏବଂ ଏଆଇରେ ପହଞ୍ଚିବା ବେଳକୁ ଏବେ ବି ବହୁସ୍ଥାନରେ ଜାତିବାଦ ଏବଂ ଅନ୍ଧବିଶ୍ୱାସ ରହିଛି। ଜଣଙ୍କ ମୃତ୍ୟୁ ପରେ ବି ଲୋକେ ମଣିଷପଣିଆ ଆଉ ଦେଖାଉନାହାନ୍ତି। ନିଜ ଜିଦ୍‌କୁ ନେଇ ବଞ୍ଚି ରହୁଛନ୍ତି।



ଏଭଳି ଏକ ଘଟଣା ଘଟିଛି ସମ୍ବଲପୁର ମହାନଗର ଉପକଣ୍ଠସ୍ଥ ବୈଜାମୁଣ୍ଡା ଖବସିପାଲିରେ। ଗତକାଲି ଜଣେ ବୃଦ୍ଧ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ତେବେ, ସେ ଅନ୍ୟ ଜାତିରେ ବିବାହ କରିଥିବାରୁ ମୃତ୍ୟୁପରେ ସମ୍ପର୍କୀୟ କିମ୍ବା ଗ୍ରାମବାସୀ ତାଙ୍କ ଶବ ଦେଖିବାକୁ ଆସିଲେ ନାହିଁ କିମ୍ବା ଶବ ସତ୍କାର କରିବାକୁ ଆଗ୍ରହ ପ୍ରକାଶ କଲେନାହିଁ। ଆଜି ସ୍ୱେଚ୍ଛାସେବୀ ସଙ୍ଗଠନ 'ସମ୍ବଲ' ପକ୍ଷରୁ ତାଙ୍କ ଶବ ସତ୍କାର କରାଯାଇଛି। ସୋମବାର ରାତି ବୈଜାମୁଣ୍ଡା ନିକଟସ୍ଥ ଖବସିପାଲିର ୭୪ ବର୍ଷ ବୟସ୍କ ବୃନ୍ଦାବନ ମିର୍ଦ୍ଧା ଗାଁର ଆମ୍ବକଟା (ପୋଖରି) କୁ ଯାଇଥିବା ବେଳେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ତାଙ୍କ ପୁଅ ଓ ବୋହୂଙ୍କ ଆଗରୁ ମୃତ୍ୟୁ ହୋଇଯାଇଛି। ଘରେ ରୋଗୀଣା ପତ୍ନୀ ଓ ଛୋଟ ଛୋଟ ନାତି ନାତୁଣୀ ଅଛନ୍ତି। ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କ ଶବ ସତ୍କାର ପାଇଁ ସମ୍ପର୍କୀୟ କିମ୍ବା ଗ୍ରାମବାସୀ ଆସିଲେ ନାହିଁ। ଆଜି ଶବ ବ୍ୟବଚ୍ଛେଦ ପରେ ବୈଜାମୁଣ୍ଡାର କୁଶ ବଗର୍ତ୍ତୀ ସତ୍କାର ପାଇଁ 'ସମ୍ବଲ'ର ରାମଦାସ ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ। ରାମଦାସ ପଣ୍ଡା, ସତ୍ୟନାରାୟଣ, ମନୋଜ କୁମାର ପ୍ରମୁଖ ସ୍ୱେଚ୍ଛାସେବୀମାନେ ମନ୍ଦଲିଆସ୍ଥିତ ରାଜଘାଟରେ ଶବ ସତ୍କାର କରିଛନ୍ତି। ଆଜି ମଧ୍ୟ ଗାଁ ମାନଙ୍କରେ ଅନ୍ଧବିଶ୍ୱାସ ଯୋଗୁଁ ମାନବିକତା ହରାଇ ବସୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

# ଭିସୁଟ୍‌ରେ ଆନ୍ତଃସ୍କୁଲ କ୍ୱିଜ୍ ପ୍ରତିଯୋଗିତା



ସମ୍ବଲପୁର, ୨୮।୧୦ (ସମିସ):ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର କ୍ୱିଜିନ୍ କ୍ଲବ ପକ୍ଷରୁ ସାର୍ ଏମ୍ ବିଶ୍ୱେଶରାୟ ପ୍ରେକ୍ଷାଳୟରେ ଆନ୍ତଃସ୍କୁଲ କ୍ୱିଜ୍ ପ୍ରତିଯୋଗିତା 'କ୍ୱିଜନୋକ୍ୱିୟମ୍' ଆୟୋଜିତ ହୋଇଯାଇଛି। ଏଥିରେ ୩୦ଟି ବିଦ୍ୟାଳୟର ୧୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କନିଷ୍ଠ ବର୍ଗରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଏବଂ ବରିଷ୍ଠ ବର୍ଗରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗରେ ଅନିଶା ପଟ୍ଟନାୟକ କ୍ୱିଜ୍ ମାଷ୍ଟର ଥିବାବେଳେ ବରିଷ୍ଠ ବର୍ଗରେ ପ୍ରିଲିମିନାରୀ ରାଉଣ୍ଡ ବିକାଶ ଓଝା ଓ ଫାଇନାଲ ରାଉଣ୍ଡ ଆଶୀର୍ବାଦ ତ୍ରିପାଠୀ କ୍ୱିଜ ପରିଚାଳନା କରିଥିଲେ। କନିଷ୍ଠ ବର୍ଗରେ ବିକାଶ ଦ କନସେପ୍ଟ ସ୍କୁଲ, ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ ଓ ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲର ଟିମ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ଡିଏଭି ପବ୍ଲିକ ସ୍କୁଲ, ବୁର୍ଲା, ସଂସ୍କାର ଇଣ୍ଟରନେସନାଲ ସ୍କୁଲ, ବରଗଡ଼ ଏବଂ ଡିଏଭି ପବ୍ଲିକ ସ୍କୁଲ, ବୁର୍ଲା ଟିମ୍ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ହାସଲ କରିଥିଲେ। ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଡଃ ରାକେଶ ରୋଶନ ଦାଶ ଓ ଡଃ ପୂର୍ଣ୍ଣପ୍ରିୟା ମିଶ୍ର ସମ୍ମାନିତ ଅତିଥି ଥିଲେ। ଫାକଲଟି ସୁମିତ୍ରା କିସାନ ଉପସ୍ଥିତ ଥିଲେ। କ୍ୱିଜିନ୍ କ୍ଲବର ଫେକଲଟି ଆଡଭାଇଜର୍ ସ୍ମିତା ପ୍ରଧାନ, ଅରୁଣ କୁମାର ବାରିକ ଓ ଲିପ୍ସାମୟୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଏମ୍‌ୟୁରେ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୨୮।୧୦(ସମିସ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପ୍ରଥିତଯଶା କବି ରାଜେନ୍ଦ୍ର କିଶୋର ଶ୍ରଦ୍ଧାଞ୍ଜଳିଙ୍କୁ ଆଜି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଡ.ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭା ପ୍ରାରମ୍ଭରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଡ.ବେହେରାଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ କବିଙ୍କ ସମ୍ପର୍କରେ ଉଚ୍ଚକୋଟୀର ସ୍ମୃତିଚାରଣ ସହ ଶୋକାଞ୍ଜଳି ଅର୍ପଣ କରିଥିଲେ। ଶୋକସଭାରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ,ଗବେଷକ ଗବେଷିକାଙ୍କ ସହ ଡ. ଲିପିକା ମିଶ୍ର, ଡ. ଶ୍ରୀବନ୍ତ କୁମାର ଦାଶ ଓ ଅଧ୍ୟାପକ ତୃପ୍ତି ରଞ୍ଜନ ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ■ ସଫେଇ କର୍ମଚାରୀଙ୍କୁ ଠକେଇ ମାମଲା

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାଲି


ସମ୍ବଲପୁର, ୨୮।୧୦ (ସମିସ) : ସଫେଇ କର୍ମଚାରୀଙ୍କୁ ଚାକିରି ନାଁରେ ହେଇଥିବା କୋଟି କୋଟି ଟଙ୍କା ଠକେଇ ବିରୋଧରେ ଆଜି ବହୁଜନ ମିଳିତ ମଞ୍ଚ ପକ୍ଷରୁ ଏକ ରାଲି ଆୟୋଜନ କରାଯାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଚାକିରୀ କରେଇ ଦେବା ନାଁରେ ନେଇଥିବା ୧୨ ହଜାର ଲେଖାଏ ଟଙ୍କା ମା'ମାନଙ୍କୁ ଫେରସ୍ତ ଏବଂ ଏହି କେଳେଙ୍କାରୀର ମୁଖ୍ୟ ଅଭିଯୁକ୍ତ ପଦ୍ମାତାଣ୍ଡି ଓ ସମ୍ରାଟ ରାୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ରହିଛି। ମୂଳନିବାସୀ ସେନା ମୁଖ୍ୟ ହେମନ୍ତ ଗଡ଼ିଆ ଓ ଆର୍‌ବିଏମ୍‌ର ମହେଶ୍ୱର ଷଣ୍ଡଙ୍କ ନେତୃତ୍ୱରେ ଶତାଧିକ ମହିଳା ରାଲି ଲକ୍ଷ୍ମୀଟକିଜ ଛକରୁ ବାହାରି ଗୋଲବଜାର ଛକଦେଇ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଲିରେ ବିଭିନ୍ନ ଜିଲ୍ଲାରୁ ଠକେଇର ଶିକାର ମହିଳାମାନେ ଯୋଗ ଦେଇଥିଲେ।

### ● ଓଡ଼ିଶା ନାଟ୍ୟ ସଂଘ

## ପଶ୍ଚିମାଞ୍ଚଳ ଉପସଭାପତି ପ୍ରଦୀପ ପଣ୍ଡା ଯୁଗ୍ମ ସମ୍ପାଦକ ପ୍ରଭାସ ମହଲା

ସମ୍ବଲପୁର, ୨୮।୧୦ (ସମିସ):ଓଡ଼ିଶା ନାଟ୍ୟ ସଂଘର ସାଧାରଣ ପରିଷଦ ବୈଠକ ବ୍ରହ୍ମପୁର ରାମଚନ୍ଦ୍ରପୁରସ୍ଥିତ ବିଏସଇଟିଠାରେ ଅନୁଷ୍ଠିତ ହୋଇଯାଇଛି। ଏହାସହ ନୂତନ କର୍ମକର୍ତ୍ତା ନିର୍ବାଚନ





ହୋଇଥିଲା। ଓଡ଼ିଶା ନାଟ୍ୟ ସଂଘର ନୂତନ ସଭପତି ଭାବରେ ମିହିର ମେହେର ଏବଂ ସାଧାରଣ ସଂପାଦକ ଭାବରେ ସୁଧାଂଶୁ ମୋହନ ଦ୍ୱିବେଦୀ ବିଜୟ ଲାଭ କରିଥିବା ବେଳେ ପଶ୍ଚିମାଞ୍ଚଳ ଉପସଭାପତି ଭାବରେ ପ୍ରଦୀପ କୁମାର ପଣ୍ଡା ଏବଂ ଯୁଗ୍ମ ସମ୍ପାଦକ ଭାବରେ ପ୍ରଭାସ ମହଲା ନିର୍ଦ୍ଦ୍ୱନ୍ଦରେ ବିଜୟ ହୋଇଛନ୍ତି। ପ୍ରଦୀପ ଓ ପ୍ରଭାସ କର୍ମକର୍ତ୍ତା ନିର୍ବାଚିତ ହୋଇଥିବାରୁ ନାଟ୍ୟପ୍ରେମୀ ଓ ସଂଗଠକ ମହଲରେ ଆନନ୍ଦ ପ୍ରକାଶ ପାଇଛି।

## ଏନ୍‌ଏସସିବି କଲେଜ ପକ୍ଷରୁ ଦୁର୍ନୀତି ହଟାଅ ଦେଶ ବଞ୍ଚାଅ ସଚେତନତା

ସମ୍ବଲପୁର,୨୮।୧୦(ସମିସ): ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଏନଏସ୍‌ଏସ୍ ଶାଖା ତରଫରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ଆଦିତ୍ୟ ମେହେରଙ୍କ ନେତୃତ୍ୱରେ ଆୟୋଜିତ ହୋଇଯାଇଛି। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ସମ୍ବଲପୁର ସହରର ବିଭିନ୍ନ ସ୍ଥାନ ଯଥା ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲ ଛକ, ନେଲସନ ମଣ୍ଡେଲା ଛକ ଏବଂ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଏହାସହ ଅନୁଷ୍ଠାନରେ ସମସ୍ତ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କୁ ସତ୍ୟନିଷ୍ଠାର ଶପଥ ପାଠ କରାଯାଇଥିଲା। ଏହି ପ୍ରତିଜ୍ଞା ମାଧ୍ୟମରେ ସମସ୍ତେ ଜୀବନର ସବୁ କ୍ଷେତ୍ରରେ ସତ୍ୟନିଷ୍ଠା ଓ ଦାୟିତ୍ୱବୋଧତା ବଜାୟ ରଖିବାକୁ ଶପଥ ନେଇଥିଲେ।ଏହାର ମୂଳ ଉଦ୍ଦେଶ୍ୟ ଥିଲା ସମସ୍ତେ ସଚେତନ ଓ ଜାଗ୍ରତ ହେଲେ ଦୁର୍ନୀତିର ନିବାରଣ ହୋଇ ପାରିବ। ଉକ୍ତ କାର୍ଯ୍ୟକ୍ରମକୁ ଏନଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁରେଶ ଏକ୍କା, ଅଧ୍ୟାପିକା ମୋଞ୍ଜା ପୂର୍ତ୍ତି, ଅଧ୍ୟାପକ ସୁଧାଂଶୁ ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ।



## ଡିଏଭି ବୁର୍ଲାରେ ଖେଳାଳିଙ୍କୁ ସମ୍ବର୍ଦ୍ଧନା



ସମ୍ବଲପୁର,୨୮।୧୦(ସମିସ):ଜୋନାଲସ୍ତରୀୟ ଡିଏଭି ଜାତୀୟ କ୍ରୀଡ଼ା - ୨୦୨୫ରେ ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟ ଅଂଶଗ୍ରହଣ କରି ପଦକ ହାସଲ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛି। ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦ୍‌ବାକ୍ ଆଜି ସଫଳ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗତ ୧୮ରୁ ୨୬ ତାରିଖ ମଧ୍ୟରେ ଜୋନାଲସ୍ତରୀୟ ଡିଏଭି ଜାତୀୟ କ୍ରୀଡ଼ା କଟକ, ଭୁବନେଶ୍ୱର, ତାଳଚେର ଡିଏଭି ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ୧୪ ବର୍ଷରୁ କମ୍ କରାଟେ ପ୍ରତିଯୋଗିତାରେ ଅନୁଭବ ଅଗ୍ରୱାଲ, ବାନ୍ୟା ଶର୍ମା, ଆଦ୍ୟାଶା ଦେବତା ଏବଂ ରୋଲର୍ ସ୍କେଟିଂରେ ଅଂଶୁମାନ ପଟେଲ, ସାରା ଖାତୁନ, ସନ୍ତରଣରେ ମୁସ୍କାନ ସରାଫ, ଆରାଧ୍ୟା ପ୍ରଧାନ, ତୁଳିକା ମିଶ୍ର ପଦକ ହାସଲ କରିଥିଲେ। ଦୌଡ଼ ପ୍ରତିଯୋଗିତାରେ ଅଂଶୁମାନ ସାହୁ ବ୍ରୋଞ୍ଜ ପଦକ; ବାଳିକା ବ୍ୟକ୍ତିଗତ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ସାଇସାବନ ସେଠୀ ରୌପ୍ୟ ପଦକ ଏବଂ ବାଳିକା ଦଳଗତ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା (୧୯ ବର୍ଷରୁ କମ)ରେ ସାଇସାବନ ସେଠୀ, କୁମକୁମ ଜେନା, ସୋନାକ୍ଷୀ ନାଏକ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇବା ସହ ଜାତୀୟସ୍ତରରେ ହେବାକୁ ଥିବା ପ୍ରତିଯୋଗିତା ସକାଶେ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ସଫେଇ କର୍ମଚାରୀ ଚାକିରି ବିକ୍ରି ଘଟଣା

# ଗିରଫଦର ଦୁଇ ଦିନ ପୂର୍ବରୁ ୩୦ ଲକ୍ଷ ନେଇଥିଲେ

ସମ୍ବଲପୁର,୨୮।୧୦(ସମିସ):

ସଫେଇ କର୍ମଚାରୀ ଚାକିରି ବିକ୍ରି ଘଟଣା ପର୍ଦ୍ଦାଫାସ ହେବା ପରେ ଗୋଟାଏ ପରେ ଗୋଟାଏ ତଥ୍ୟ ସାମ୍ନାକୁ ଆସୁଛି। ଗିରଫ ହେବାର ଦୁଇ ଦିନ ପୂର୍ବରୁ ମଧ୍ୟ ଏହି ର୍‌ୟାକେଟ ଲୋକଙ୍କ ଠାରୁ ଟଙ୍କା ଅସୁଲ କରିଥିଲା। ଏଥି ପାଇଁ ଆଜି ଶହଶହ ମହିଳା ପୁରୁଷ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ମହାନଗର ନିଗମରେ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦେବା ପାଇଁ ଆରମାକ୍ସ ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥା ଲୋକଙ୍କ ପାଖରୁ ଟଙ୍କା ନେଉଥିଲା। ସଫେଇ କର୍ମଚାରୀ ଭାବେ ଚାକିରୀ କରିବାକୁ ହେଲେ ପ୍ରାଥମିକ ଭାବେ ଜଣ ପିଛା ୧୨ ହଜାର ଟଙ୍କା ଦେବାକୁ ପଡୁଥିଲା। ପରେ ଉକ୍ତ ସଂସ୍ଥା ଦିନକୁ ଘଣ୍ଟେ କାମ କଲେ ୪ଶହ ଟଙ୍କା ଦେଉଥିଲା। ଏପରି ଭାବରେ ପ୍ରାୟ ୨ ହଜାର ଲୋକଙ୍କ ପାଖରୁ ଏହି ସଂସ୍ଥା ଠକି ପ୍ରାୟ ୨ କୋଟିରୁ ଅଧିକ ଟଙ୍କା ନେଇଥିଲା। ଏହି ଘଟଣାରେ ବୁର୍ଲା ପୁଲିସ ଦୁଇ ଅଭିଯୁକ୍ତ ପଦ୍ମାବତୀ ତାଣ୍ଡି ଓ ରାହୁଲଙ୍କୁ ଗିରଫ କରିଥିଲା। ଏହି ଘଟଣା ବ୍ୟାପିବା ପରେ ଲୋକ ଦେଇଥିବା ଟଙ୍କା କିଭଳି ଫେରି ପାଇବେ ସେ ନେଇ ଚିନ୍ତାରେ ରହିଛନ୍ତି। ଆଜି କିଛି ଲୋକ ସମ୍ବଲପୁର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଦୁଇ ଅଭିଯୁକ୍ତକୁ ପୁଲିସ

■ ଟଙ୍କା ଫେରି ପାଇବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ
■ ଏବେ ଯାଏଁ ୮ ଗିରଫ

ଗିରଫ କରିବା ଦୁଇ ଦିନ ପୂର୍ବରୁ ପ୍ରାୟ ୨୦୦ ଲୋକ ୧୨ ହଜାର ଟଙ୍କା ନେଇଥିଲେ। ସୁପରଭାଇଜରଙ୍କ ଜରିଆରେ ଏହି ବ୍ୟକ୍ତିମାନେ ଟଙ୍କା ଦେଇଥିଲେ। ଏହି ମାମଲାରେ ବୁର୍ଲା ପୁଲିସ ଓ ଭେଡେନ ପୁଲିସ ମୋଟ ୮ ଜଣଙ୍କୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ପଦ୍ମାବତୀ ଓ ରାହୁଲ ଲୋକଙ୍କ ପାଖରୁ କୋଟି କୋଟି ଟଙ୍କା ଲୁଟି ନେଇଛନ୍ତି। ଏହି ଦୁଇ ଅଭିଯୁକ୍ତ ଲୋକଙ୍କ ଭରସା ଜିତି ରୋଜଗାର ଦେବା ଆଶ୍ୱସନା ଦେଉଥିଲେ। ଦିନକୁ ମାତ୍ର ଏକ ଘଣ୍ଟା କାମ କରିବାକୁ ପଡିବ। ଦିଆଯାଇଥିବା ସ୍ଥାନରେ ଝାଡୁ କରି ନିଜର ଫୋଟ ଅପଲୋଡ କରିବାକୁ ପଡିବ। ପରେ ଦିନକୁ ୪ଶହ ଟଙ୍କା ଲେଖାଏଁ ରବିବାରକୁ ଛାଡି ୬ ଦିନର ଦରମା ଦିଆଯିବ। କିନ୍ତୁ ଏହି ଚାକିରୀ କରିବାକୁ ହେଲେ ପ୍ରାଥମିକ ପର୍ଯ୍ୟାୟରେ ୧୨ ହଜାର ଟଙ୍କା ସଂସ୍ଥାକୁ ଦେବାକୁ ପଡିବ ବୋଲି କହୁଥିଲେ। ଏହି ର୍‌ୟାକେଟ କେବଳ ସମ୍ବଲପୁରରେ ସକ୍ରିୟ ନଥିଲା। ସମ୍ବଲପୁର ସମେତ, ବରଗଡ଼, ବୌଦ୍ଧ ଓ ସୋନପୁର ଜିଲ୍ଲାରେ ମଧ୍ୟ ଏହି ମିଛ ଚାକିରୀ ତାର ଜାଲ ପକାଇଥିଲା। ଏହି ଜାଲରେ ହଜାର ହଜାର ନିରୀହ ଲୋକ ଫସି ଯାଇଥିଲେ। ବିଶେଷ ଭାବେ ଫିଲ୍ଡରେ ପଦ୍ମାବତୀ କାମ କରୁଥିଲା। ବିଭିନ୍ନ ଗ୍ରାମକୁ ଯାଇ ବୈଠକ କରି ମହିଳାଙ୍କ ଭରସା ଜିତୁଥିଲା। ପରେ ଚେନ୍ ପକ୍ରିୟାରେ ଦରମା ଦେଉଥିଲା। ଦ୍ୱିତୀୟ ବ୍ୟକ୍ତିଙ୍କ ପାଖରୁ ଟଙ୍କା ଆଣି ପ୍ରଥମ ବ୍ୟକ୍ତିଙ୍କୁ ଦରମା ଦେଉଥିଲା। ଏତେ ବଡ ର୍‌ୟାକେଟକୁ ଚଳାଇବା ପାଇଁ ବିଭିନ୍ନ ଅଂଚଳରେ ସୁପରଭାଇଜର ଓ ଫିଲ୍ଡ ଅଫିସର ଭାବେ ନିଯୁକ୍ତି ମଧ୍ୟ ଦେଉଥିଲା। ଅଧିକ ଲୋକ ଏହି ସଂସ୍ଥାରେ ଯୋଡିଲେ ପଦୋନ୍ନିତ ହେବ ବୋଲି ପରାମର୍ଶ ଦେଉଥିଲା। ଏହି ସୁପରଭାଇଜର ଓ ଫିଲ୍ଡ ଅଫିସର ମାନେ ଅଧିକ ଲୋକ ଯୋଡିବାରେ ସାହାଯ୍ୟ କରୁଥିଲେ। ଗତ ୨୩ ତାରିଖରେ ଦୁଇ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା। ତାର ଠିକ ଦୁଇ ଦିନ ପୂର୍ବରୁ ସୁପରଭାଇଜରଙ୍କ ଜରିଆରେ ପ୍ରାୟ ୨ଶହ ଲୋକ ଟଙ୍କା ଦେଇଥିବା ଆଜି ଅଭିଯୋଗ କରିଛନ୍ତି। ପ୍ରାୟ ୩୦ ଲକ୍ଷରୁ ଅଧିକ ଟଙ୍କା ଆଦାୟ କରିଥିଲେ। ସେପଟେ ମାନସିକ ଅବସାଦରେ ଚିପିଲିମାର ଜଣେ ସୁପରଭାଇଜରଙ୍କ ଗତକାଲି ଆତ୍ମହତ୍ୟାରେ ମୃତ୍ୟୁ ହୋଇଛି। ତେଣୁ ଲୋକେ ଦେଇଥିବା ଟଙ୍କା କିଭଳି ଫେରି ପାଇବେ ସେ ନେଇ ଚିନ୍ତିତ ରହିଛନ୍ତି। ପୁଲିସ ଏପରେ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି। ଖୁବ ଶୀଘ୍ର ରାହୁଲ ଓ ପଦ୍ମାବତୀଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସୂଚନା ମିଳିଛି।

GOVERNMENT OF ODISHA A-787
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
E-mail ID: - midivmalkangiri@gmail.com
NOTICE INVITING TENDER
E-Procurement Notice
Bid Identification No. SEMIDMKG - 08/2025-26

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in Single cover system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1. | Name of the work | Improvement to Check Dams in Different Blocks under Improvement to CD Scheme and Improvement to MI Tank at MV-120 in korukonda block under MIPSP Scheme of Malkangiri District. |
| 2. | Total Number of work | 12 (Tweleve) Nos. |
| 3. | Estimated cost | Approximately varies from Rs. 4.24 lakh to Rs. 16.95 lakh. |
| 4. | Period of completion | Varies from 02(Two) to 03(Three) Calendar Months |
| 5. | Class of Contractor | "D" &"C" Class Contractor |
| 6. | Date and time of availability of bid documents in the portal | From 10.00 A.M of 01.11.25 to 5.00 PM of 10.11.2025 |
| 7. | Last date /time for receipt of bids in the portal | 5.00 pm on 10.11.2025 |
| 8. | Date of opening of bid | At 11.00 am on 11.11.2025 in website (www.tendersorissa.gov.in) |
| 9. | Submission of Bids | Online mode |
| 10. | Name of the Officer inviting Bid | Superintending Engineer, Minor Irrigation Division, Malkangiri |

11. Further details can be seen from the Government of Odisha Web-site:www.tendersorissa.gov.in
12 Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Single Cover system through Online Mode for the works as detailed in the table below. The bids should be submitted online in the website www.tendersodisha.gov.in by eligible Contractors with CDMS registration as mentioned in Column-6 of table below registered with the State govt. and contractors of equivalent grade / Class registered with Central govt / MES / Railway for execution of works. The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bids.

OIPR-32285/11/0014/2526

# ଆଇଏଫ୍‌ଡବ୍ଲ୍ୟୁଜେର ପ୍ରତିଷ୍ଠା ଦିବସ

ସମ୍ବଲପୁର,୨୮।୧୦(ସମିସ): ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଭାରତୀୟ ପେସାଦାର ସାମ୍ବାଦିକ ସଂଘ (ଆଇଏଫ୍‌ଡବ୍ଲ୍ୟୁଜେ)ର ପ୍ରତିଷ୍ଠା ଦିବସ ସମ୍ବଲପୁର ସାମ୍ବାଦିକ ସଂଘ ପକ୍ଷରୁ ପାଳିତ ହୋଇଯାଇଛି। ସଂଘ ସଭାପତି ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ପ୍ରଫେସର ଶ୍ରୀବନ୍ତ ଦାସ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଶିବ ଶଙ୍କର ନନ୍ଦ ପ୍ରାରମ୍ଭିକ ସୂଚନା ଏବଂ ସମ୍ପାଦକ ଶଙ୍କର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଶ୍ରୀ ପାଣିଗ୍ରାହୀ ନିଜ ସଭାପତିତ୍ୱ ବକ୍ତବ୍ୟରେ କହିଲେ ଯେ, ସାମ୍ବାଦିକ ଅନବରତ ଭାବେ ସମାଜର ସମସ୍ୟାକୁ ଲୋକଙ୍କ ପାଖରେ ପହଞ୍ଚାଏ ହେଲେ ତାର ଜୀବନ ସଂଗ୍ରାମ ବିଷୟରେ କେହି ହୃଦୟଙ୍ଗମ କରିନଥାନ୍ତି। ଦେଶର ୨୪ଟି ରାଜ୍ୟରେ ସାମ୍ବାଦିକ ମାନଙ୍କ ପାଇଁ ପେନସନ ବ୍ୟବସ୍ଥା ହୋଇସାରିଥିବା ବେଳେ ଆଜିଯାଏ ଓଡିଶା ସରକାର ଏହା ହୃଦୟଙ୍ଗମ କରିନଥିବା ଦୁର୍ଭାଗ୍ୟଜନକ। ଏହି ଅବସରରେ ବୟୋଜ୍ୟେଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡାଙ୍କୁ ଜୀବନତମାମ ସାମ୍ବାଦିକତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ସମ୍ବଲପୁର ଆୟୁକ୍ତ ରେହାନ ଖତ୍ରୀ କହିଲେ ଯେ, ସମାଜର ସମସ୍ୟା ସବୁକିଛି ପ୍ରଶାସନ କି ସରକାର ପାଖରେ ପହଞ୍ଚିପାରେନାହିଁ। ସେହି ସମସ୍ୟା ଗୁଡିକୁ ଗଣମାଧ୍ୟମ ହିଁ ମାଧ୍ୟମ ହୋଇ ସମାଜ ପାଖରେ ପହଞ୍ଚାଇଥାଏ। ଯଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇପାରେ। ଏହି ପ୍ରକ୍ରିୟା ଜାରି ରହିବା ଅତ୍ୟନ୍ତ ଜରୁରୀ ବୋଲି ସେ ମତ ରଖିଥିଲେ। ମୁଖ୍ୟବକ୍ତା ପ୍ରଫେସର ଦାସ ଗୋଟେ ସୁସ୍ଥ ସମାଜ ପାଇଁ ସାମ୍ବାଦିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶେଷରେ ବରିଷ୍ଠ ସଭ୍ୟ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



୰ ନାରାୟଣ ଚନ୍ଦ୍ର ଘୋଷ
ଅବସରପ୍ରାପ୍ତ ଶିକ୍ଷକ
ସରିଷା, ବସ୍ତା, ବାଲେଶ୍ୱର
ଆବିର୍ଭାବ : ୧୮.୦୧.୧୯୫୭ ତିରୋଧାନ : ୧୯.୧୦.୨୦୨୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସରଳତା, କର୍ତ୍ତବ୍ୟ ପରାୟଣତା ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର- ଶରତ ଚନ୍ଦ୍ର, ହେମନ୍ତ, ବଧୂ- ସସ୍ମିତା, ଦୀପାଞ୍ଜଳି, ଝିଅ- ମଞ୍ଜୁବାଳା ପାତ୍ର, ଜ୍ୱାଇଁ- ସତ୍ୟବ୍ରତ ପାତ୍ର, ନାତି ନାତୁଣୀ ଓ ପରିବାରବର୍ଗ

## ଆର୍‌ଏସ୍‌ପି ପକ୍ଷରୁ ୪୫୦ କର୍ମଚାରୀଙ୍କୁ ତାଲିମ ପ୍ରଦାନ



**ରାଉରକେଲା, ୨୮।୧୦(ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନାରେ ରାଷ୍ଟ୍ରୀୟ କର୍ମଯୋଗୀର ବୃହତ୍ ଜନ ସେବା କାର୍ଯ୍ୟକ୍ରମରେ ପ୍ରାୟ ୪୫୦ କର୍ମଚାରୀଙ୍କୁ ୧୦ଟି ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇଛି। ଉଲ୍ଲେଖନୀୟ ଯେ, ଦେଶବ୍ୟାପୀ ଆରମ୍ଭ ହୋଇଥିବା କ୍ଷମତା ନିର୍ମାଣ ଅଭ୍ୟାସ ଅନୁଯାୟୀ ମାଷ୍ଟର ଟ୍ରେନରମାନେ ଅଂଶଗ୍ରହଣକାରୀଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ଏହି ତାଲିମ ଅଭ୍ୟାସଗୁଡ଼ିକ ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ରରେ ଅନୁଷ୍ଠିତ ହେଉଛି। ରାଷ୍ଟ୍ରୀୟ କର୍ମଯୋଗୀ ବୃହତ୍ ଜନ ସେବା କାର୍ଯ୍ୟକ୍ରମର ଅଷ୍ଟମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୭ ଜଣ କର୍ମଚାରୀ ଯୋଗ ଦେଇଥିଲେ। ମାନବ ସମ୍ବଳ ଏଲ୍ ଆଣ୍ଡ ଡି ବିଭାଗର ସିନିୟର ମ୍ୟାନେଜର ଅନ୍ନପୂର୍ଣ୍ଣା ବେହେରା ଏବଂ ବିନିତା ତିର୍କୀ ଏହି ଅଧିବେଶନର ମାଷ୍ଟର ଟ୍ରେନର ଥିଲେ। ୪୮ ଜଣ କର୍ମଚାରୀ ଭାଗ ନେଇଥିବା ନବମ ଅଧିବେଶନରେ ସିଏମଏମ ବିଭାଗର ସିନିୟର ମ୍ୟାନେଜର ଦୁଃଖିଶ୍ୟାମ ସୋରେନ ଏବଂ ଡେପୁଟି ମ୍ୟାନେଜର ଇତିଶ୍ରୀ ସାହୁ ପ୍ରଶିକ୍ଷକ ଥିଲେ। ସେହିପରି ଦଶମ ଅଧିବେଶନରେ ୪୮ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଆଇ ଆଣ୍ଡ ଏ ବିଭାଗର ଏଜିଏମ୍ ରଚିଶ ପାଟିଦାର ଏବଂ ବିନିତା ତିର୍କୀ ଅଧିବେଶନ ସମ୍ପନ୍ନ କରିଥିଲେ। ଉଲ୍ଲେଖନୀୟ, ଏହି କାର୍ଯ୍ୟକ୍ରମରେ ପେଟେଗଣ ଆପ୍ ବ୍ୟବହାର କରି ଇଣ୍ଟରାକ୍ଟିଭ୍ ଶିକ୍ଷଣ ପଦ୍ଧତି ଗ୍ରହଣ କରାଯାଇଥିଲା। ଅଧିବେଶନଗୁଡ଼ିକରେ ସ୍ଥିତିଗତ ଅଭ୍ୟାସ ଅନ୍ତର୍ଭୁକ୍ତ ଥିଲା ଯେଉଁଥିରେ ଅଂଶଗ୍ରହଣକାରୀମାନେ ସକ୍ରିୟ ଭାବରେ ସେମାନଙ୍କର କାର୍ଯ୍ୟ ପଦ୍ଧତିକୁ ଉନ୍ନତ କରିବା ସହିତ ସରକାରୀ କାର୍ଯ୍ୟ ଶୈଳୀ ସରଳ କରିବା ପାଇଁ ଉପାୟଗୁଡ଼ିକ ଉପରେ ଅନୁଧ୍ୟାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ଟିମ ଡିଜାଇନ୍ ଅଭ୍ୟାସ ମଧ୍ୟ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ବର୍ତ୍ତମାନର ଭୂମିକା ତଥା ନିଜନିଜ ବିଭାଗରେ ସେମାନଙ୍କର ଅବଦାନର ମୂଲ୍ୟାଙ୍କନ ଦୃଷ୍ଟିକୋଣରେ ସାହାଯ୍ୟ କରିଥିଲା।

## ଛଟ୍ ପର୍ବର ଅନ୍ତିମ ଦିବସ — ଉଦିତ ସୂର୍ଯ୍ୟଙ୍କୁ ଜଳାର୍ପଣ କଲେ ଲକ୍ଷାଧିକ ବ୍ରତଧାରୀ

**ରାଉରକେଲା, ୨୮।୧୦(ସମିସ)**



ମଙ୍ଗଳବାର ଥିଲା ପବିତ୍ର ଛଟ୍ ପର୍ବର ଅନ୍ତିମ ଦିବସ। ସେଥିପାଇଁ ସମଗ୍ର ସ୍ମାର୍ଟ ସିଟି ରାଉରକେଲା ଉତ୍ସବ ମୁଖର ହୋଇଥିଲା। ବିଭିନ୍ନ ଜଳାଶୟ ନିକଟରେ ଜଳ ଓ କ୍ଷୀର ଧରି ଲକ୍ଷାଧିକ ବ୍ରତଧାରୀ ଉଦିତ୍ ସୂର୍ଯ୍ୟଙ୍କୁ ଅର୍ପଣ କରିଥିଲେ। ବ୍ରାହ୍ମଣୀ ନଦୀର ପାନପୋଷ, ବାଲୁଘାଟ, ଗୋପବନ୍ଧୁପାଲ୍ଲୀ ଘାଟ, ସେକ୍ଟର - ୧୬ସ୍ଥିତ ବାଲିଘାଟ, କୋଏଲନଦୀ ଘାଟରେ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଛଟ୍ ପୂଜା ପାଳନ କରିଥିଲେ। ବାଲିଘାଟଠାରେ ବିହାର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଛଟ୍ ପୂଜାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିଲେ। ପିଙ୍କୁ ଜୟସ୍ୱାଲଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ପାନପୋଷ, ସିଭିଲ୍ ଟାଉନସିପ୍, ଉଦିତନଗର, ପାୱାର୍ ହାଉସ୍ ରୋଡ୍, ଗୋପବନ୍ଧୁପାଲି, ରେଲୱେ କଲୋନୀ, ମାଲଗୋଦାମ, ବାଲିଯୋଡ଼ି, ଟାଙ୍ଗରପାଲ୍ଲୀ, ଜଳଦା, ଲାଠିକଟା, ତରକେରା, ମଧୁସୂଦନପାଲ୍ଲୀ, ଟିମ୍ବରକଲୋନୀ, ବେଦବ୍ୟାସ, କଲୁଙ୍ଗା, ଟିସିଆଇ, କୁଆଁରମୁଣ୍ଡା ସମେତ ସେକ୍ଟର ଅଞ୍ଚଳରେ ଛଟ ପର୍ବ ମହାସମାରୋହରେ ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ ଯେ ପବିତ୍ର ଛଟ୍‌ପର୍ବ ହେଉଛି ଉତ୍ତର-ପୂର୍ବ ଭାରତ ଅନ୍ତର୍ଗତ ବିହାର ଓ ଉତ୍ତରପ୍ରଦେଶ ଦୁଇଟି ରାଜ୍ୟର ପ୍ରସିଦ୍ଧ ପର୍ବ। ରାଉରକେଲାରେ ବିହାର ଓ ଉତ୍ତରପ୍ରଦେଶ ଅଞ୍ଚଳରୁ ଆସି ବସବାସ କରୁଥିବା ପ୍ରାୟ ୩ ଲକ୍ଷ ଲୋକ ସହରର ରେଲୱେ କଲୋନୀ, ଗୋପବନ୍ଧୁପାଲ୍ଲୀ, ବନ୍ଧମୁଣ୍ଡା, ପାନପୋଷ, ଛେଣ୍ଡ କଲୋନୀ, ଝିରପାଣି, ଲାଠିକଟା, ବାଲିଘାଟ, ବ୍ରାହ୍ମଣୀ ନଦୀ କୂଳ, ସେକ୍ଟର - ୧୬ ସ୍ଥିତ କୋଏଲ ନଦୀ ବାଲିଘାଟ, ବନ୍ଧମୁଣ୍ଡା ସେକ୍ଟର ବି ପୋଖରୀ, ତିଳିକାନଗର ଘାଟ, କୋଇଲା ଗେଟ ପୋଖରୀ, ତରକେରା ପମ୍ପ ହାଉସ, ହୋଟେଲ ସନ୍ତୋଷ ପୋଖରୀ, ପାନପୋଷ ଘାଟ, ପଦ୍ମ ଘାଟ, ବାଲୁଘାଟ, ରୂପଟୋଲା ଘାଟ, ହନୁମାନ ଘାଟ, ଆଦିତ୍ୟ ଘାଟ, ବନ୍ଧମୁଣ୍ଡା ସେକ୍ଟର-ବି ଘାଟ, ତିଲକାନଗର ଘାଟ, ବରକାନି ଘାଟ ପ୍ରଭୃତି ଅଞ୍ଚଳରେ ଛଟ୍ ପର୍ବର ଅନ୍ତିମ ପର୍ଯ୍ୟାୟକୁ ପାଳନ କରିବାକୁ ଏକଜୁଟ ହୋଇଥିଲେ। ସମ୍ପୂର୍ଣ୍ଣ ରୀତିନୀତି ତଥା ପବିତ୍ରତାର ସହ ଛଟ୍ ପୂଜା କଲେ ପରିବାରର ସକଳ କଲ୍ୟାଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ଅବସରରେ ବ୍ରତଧାରୀମାନେ ନିର୍ଜଳା ଉପବାସ ରହି ଅଟା, ଗୁଡ଼ ଏବଂ ଶୁଦ୍ଧ ଘିଅରେ ଠେକୁଆ ନାମକ ଏକ ପ୍ରସାଦ ପ୍ରସ୍ତୁତ କରନ୍ତି। ଏତଦ୍ ବ୍ୟତୀତ ଋତୁ ଅନୁସାରେ ଉପଲବ୍ଧ ଗୋଟା ନଡ଼ିଆ, କଦଳୀ, ପିଜୁଳି, ଆଖୁ, ପାଣି ସିଙ୍ଗଡ଼ା, ଗାଜର, ମୂଳା, ଅଁଳା, ବାତାପି ପ୍ରଭୃତି ସମସ୍ତ ପ୍ରକାର ଫଳମୂଳ ପ୍ରସାଦ ଭାବେ ସୂର୍ଯ୍ୟ ଦେବତାଙ୍କ ପାଖରେ ଲାଗି କରାଯାଇଥାଏ। ଏକ ବଡ଼ ଟୋକେଇରେ ସମସ୍ତ ପ୍ରକାର ସାମଗ୍ରୀକୁ ମୁଣ୍ଡେଇ ଶ୍ରଦ୍ଧାଳୁମାନେ ଜଳାଶୟ ନିକଟକୁ ନେଇ ସୂର୍ଯ୍ୟ ଦେବତାଙ୍କୁ ଜଳ ତର୍ପଣ ଥିଲେ।

ଉଲ୍ଲେଖଯୋଗ୍ୟ ଯେ ରାଉରକେଲା ସମେତ ଆଖପାଖ ଘାଟଗୁଡ଼ିକରେ ଅର୍ଘ୍ୟ ପାଇଁ ଭିଡ଼ ଜମିଥିଲା। ଆଜି ସୂର୍ଯ୍ୟ ଉଦୟ ସମୟରେ ଏକା ସଙ୍ଗେ ଅନେକ ଶ୍ରଦ୍ଧାଳୁ କ୍ଷୀର, ଜଳ ଅର୍ଘ୍ୟ ଦେଇଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଭୋରରୁ ସକାଳ ୮ଟା ଯାଏଁ ବାଲିଘାଟ ଓ ରୁପୁଟୋଲା ଦେଇ ଯାଇଥିବା ଜାତୀୟ ରାଜପଥରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା। ଅଧିକାଂଶ ଘାଟ ଗୁଡ଼ିକରେ ମହାନଗର ନିଗମ ପକ୍ଷରୁ ବିଜୁଳି ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

## ଆର୍‌ଏସ୍‌ପି ସାଇକଲ୍ ଚାଳକ ଦଳକୁ ସମ୍ବର୍ଦ୍ଧନା




**ରାଉରକେଲା, ୨୮।୧୦(ସମିସ):** ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ସାଇକ୍ଲିଂ ଦଳର ସଦସ୍ୟଙ୍କୁ ୧୬ତମ ପୁରୁଷ ଜୁନିଅର/ ସବ୍-ଜୁନିଅର ଏବଂ ଯୁବ ଟ୍ରାକ୍ ସାଇକେଲ୍ ଚାମ୍ପିଅନସିପ୍-୨୦୨୫ରେ ଉତ୍କର୍ଷତା ପ୍ରଦର୍ଶନ ନିମନ୍ତେ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି। ଆର୍‌ଏସ୍‌ପି ଦଳ ବ୍ୟକ୍ତିଗତ ଟାଇମ୍ ଟ୍ରାଏଲରେ ୨ଟି ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ପଦକ ଏବଂ ବ୍ୟକ୍ତିଗତ ପର୍ସୁଟ୍ ବର୍ଗରେ ୪ଟି ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ପଦକ ହାସଲ କରିଥିଲା। ଏହି ଚାମ୍ପିଅନସିପ୍ ଅକ୍ଟୋବର ୧୯ ତାରିଖରେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ପଦକ ବିଜେତାମାନଙ୍କ ମଧ୍ୟରେ ଏସ୍‌ଏସ୍ ପାତ୍ର, ରୋହିତ ହେମ୍ବ୍ରମ, ଆଞ୍ଚଲ ସାହୁ, ପ୍ରୀତମ ପରମାଣିକ, ଆର୍‌ଏସ୍ ଉପାଂଶୁ ଏବଂ ସୁରଭ ମହାଲିକ ରହିଛନ୍ତି। ଉଲ୍ଲେଖନୀୟ ଯେ, ଉଭୟ ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ ଏବଂ ବ୍ୟକ୍ତିଗତ ପର୍ସୁଟ୍ ବର୍ଗରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଆଞ୍ଚଲ ସାହୁ ଆର୍‌ଏସ୍‌ପି ଦ୍ୱାରା ଅବହେଳିତ ବର୍ଗର ପିଲାଙ୍କ ପାଇଁ ସ୍ଥାପିତ ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନରେ ନବମ ଶ୍ରେଣୀରେ ପଢୁଛନ୍ତି। ଏହି କାର୍ଯ୍ୟକ୍ରମରେ ସହର ସେବା ବିଭାଗର ଜିଏମ୍ ଅସୀମ ସାବତ ଅଧ୍ୟକ୍ଷତା କରିବା ସହିତ ଦଳର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ଆର୍ ଏନ୍ ପାଢ଼ୀ ସଂଯୋଜନା କରିଥିଲେ।

## ଜନଜାତି ସଂଗ୍ରହାଳୟ ବୁଲିଲେ କେନ୍ଦ୍ରମନ୍ତ୍ରୀ



**ରାଉରକେଲା, ୨୮।୧୦(ସମିସ):** ଆଜି ରାଉରକେଲା ୱାନ୍‌ଠାରେ ନିର୍ମାଣ କରାଯାଇଥିବା ଜନଜାତି ସଂଗ୍ରହାଳୟକୁ ଗସ୍ତ କରି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପରିଦର୍ଶନ କରିଥିଲେ। ଆସନ୍ତା ଡିସେମ୍ବର ମାସରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦ୍‌ଘାଟିତ ହେବାକୁ ଥିବା ଜନଜାତି ସଂଗ୍ରହାଳୟର କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସଂଗ୍ରହାଳୟର ନିର୍ମାଣ କାର୍ଯ୍ୟ ଦେଖି ମନ୍ତ୍ରୀ ଶ୍ରୀ ଓରାମ ପ୍ରଶଂସା କରିଥିଲେ। ପରିଦର୍ଶନ ସମୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସହିତ ରାଉରକେଲା ଭାରତୀୟ ଜନତା ପାର୍ଟିର ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଭାଜପା ନେତା ପ୍ରକାଶ ପାଶୱାନ, ଖୁସ୍‌ବୁ ଯାଦବ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତା ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ଖୁସି ପ୍ରକଟ କରିବା ସହିତ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଜନଜାତି ସଂଗ୍ରହାଳୟ ପର୍ଯ୍ୟଟକଙ୍କ ପାଇଁ ବେଶ୍ ଉପଯୋଗୀ ହୋଇଛି। ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଜନଜାତି ସଂଗ୍ରହାଳୟ ଏକ ପର୍ଯ୍ୟଟନସ୍ଥଳୀରେ ପରିଣତ ହେବ ବୋଲି

## ଇସ୍ପାତ ସହରରେ ଆର୍‌ଏସ୍‌ପିର ସ୍ୱଚ୍ଛତା ୫.୦ ଅଭିଯାନ




**ରାଉରକେଲା, ୨୮।୧୦(ସମିସ):** ପରିଚ୍ଛନ୍ନତା ପାଇଁ ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସ୍ୱଚ୍ଛତା ୫.୦ ଅଭିଯାନ ଅନ୍ତର୍ଗତ ଇସ୍ପାତ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରି ରହିଛି। ଏହି ପଦକ୍ଷେପର ଏକ ଅଂଶ ଭାବେ ସ୍ଥାନୀୟ ବଜାର ଏବଂ ଆବାସିକ ଅଞ୍ଚଳରେ ସଫେଇ କରାଯାଇଛି। ଲକ୍ଷ୍ମୀ ମାର୍କେଟ ଅଞ୍ଚଳ ଓ ଇସ୍ପାତ ହାଟ ଅଞ୍ଚଳରେ ଆୟୋଜିତ ସ୍ୱଚ୍ଛତା ଅଭିଯାନର ସହର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମ୍‌ଓ ଡାକ୍ତର ଦୀପା ଲାଭାଙ୍ଗରେ ନେତୃତ୍ୱ ନେଇଥିଲେ। ଡକ୍ଟର ଲାଭାଙ୍ଗାରେ ଜନସଚେତନତା ଅଧିବେଶନର ଏକ ଅଂଶ ଭାବରେ ଖୋଲାସ୍ଥାନରେ ଶୌଚ, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ, ଅଳିଆ ସଂଗ୍ରହ ଡବା ବ୍ୟବହାର, ଏକକ ବ୍ୟବହାର ପ୍ଲାଷ୍ଟିକ୍ ନିଷେଧ ଏବଂ ଡେଙ୍ଗୁ ପ୍ରତିରୋଧ ଭଳି ପ୍ରମୁଖ ବିଷୟଗୁଡ଼ିକ ଉପରେ ମତ ରଖି ଲୋକଙ୍କୁ ସଚେତନ କରିଥିଲେ। ସେ 'ସ୍ୱଚ୍ଛ ଭାରତ, ସବୁଜ ଭାରତ' ମୂଳମନ୍ତ୍ର ଆଧାରରେ ଏକ ସ୍ୱଚ୍ଛ ଏବଂ ସବୁଜ ପରିବେଶ ଗଠନ ପାଇଁ ଇସ୍ପାତ ସହରାଞ୍ଚଳ ବାସିନ୍ଦାଙ୍କ ମଧ୍ୟରେ ଦାୟିତ୍ୱପୂର୍ଣ୍ଣ ନାଗରିକତାର କର୍ତ୍ତବ୍ୟ ଏବଂ ପରିବେଶ ସଚେତନତାର ମହତ୍ତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି ଅଭିଯାନର ଏକ ଅଂଶ ଭାବରେ, ଡ୍ରେନ୍ ସଫା କରିବା, ବୁଦା କାଟିବା, ମାଟି ସମତଳ କରିବା ଏବଂ ବଜାର ପରିସର ଓ ଆଖପାଖ ଅଞ୍ଚଳ ସଫା କରିବା ସମେତ ଅନେକ ସ୍ୱଚ୍ଛତା କାର୍ଯ୍ୟକଳାପ କରାଯାଇଥିଲା। ଆର୍‌ଏସ୍‌ପି ଦ୍ୱାରା ଗଠିତ ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀ, ସେକ୍ଟର-୪ର ଯୁବ ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀ, ଲକ୍ଷ୍ମୀ ମାର୍କେଟ୍ ଏବଂ ସୁଭାଷ ପଲ୍ଲୀ ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀର ପ୍ରାୟ ୪୦ଜଣ ସଦସ୍ୟ ଲକ୍ଷ୍ମୀ ମାର୍କେଟ ଅଞ୍ଚଳରେ ସଫେଇ କରିଥିବାବେଳେ ଗଜପତି ମାର୍କେଟ ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀର ପ୍ରାୟ ୨୫ ଜଣ ସଦସ୍ୟ ଇସ୍ପାତ ହାଟ ଅଞ୍ଚଳରେ ଏହି ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ସହିତ ଅଞ୍ଚଳର ଦୋକାନୀ ଏବଂ ସ୍ଥାନୀୟ ବାସିନ୍ଦା ମଧ୍ୟ ଯୋଗ ଦେଇଥିଲେ। ଯାହା ସ୍ୱଚ୍ଛତା ବଜାୟ ରଖିବା ପାଇଁ ସାମୂହିକ ପ୍ରୟାସ ସୁନିଶ୍ଚିତ କରିଥିଲା। ସମଗ୍ର କାର୍ଯ୍ୟକଳାପ ସହର ଇଞ୍ଜିନିୟରିଂ, ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନ ସଂଯୋଜନା କରିଥିଲେ।

## ଏସିଡ୍ ଆକ୍ରମଣକାରୀକୁ ୧୦ ବର୍ଷ ଜେଲଦଣ୍ଡ

**ରାଉରକେଲା, ୨୮ ।୧୦(ସମିସ):** ପାରିବାରିକ କହଳକୁ କେନ୍ଦ୍ରକରି ଏସିଡ୍ ମାଡ଼ ଘଟଣାରେ ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମୁକ୍ତି ରଞ୍ଜନ ଶତପଥୀ ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍ ସହ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷଜେଲ୍ ନିର୍ଦ୍ଦେଶ ଦେଇଛନ୍ତି। ୪୨ଟି ଦସ୍ତାବିଜ୍, ୨୨ ଜଣ ସାକ୍ଷୀଙ୍କ ସାକ୍ଷ୍ୟପ୍ରମାଣ, ସରକାରୀ ଓକିଲଙ୍କ ବଳିଷ୍ଠ ଯୁକ୍ତିପ୍ରମାଣ ଆଧାରରେ ବିଚାରପତି ଶ୍ରୀ ଶତପଥୀ ଏହି ରାୟ ଶୁଣାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବନ୍ଧମୁଣ୍ଡା ରେଲୱେ କଲୋନିର ସନ୍ତୋଷ କୁମାର ସୋନି ଓରଫ ବର୍ମା। ଗତ ୨୦୨୦ ଫେବ୍ରୁଆରି ୫ ତାରିଖ ସନ୍ଧ୍ୟାରେ ବନ୍ଧମୁଣ୍ଡାର ରେଲୱେ କଲୋନୀରେ ବାସ କରୁଥିବା କ୍ରିଷ୍ଣାକାନ୍ତ ପାଣ୍ଡେ ଓ ତାଙ୍କ ପରିବାର ସଦସ୍ୟ ପଡୋଶୀ ଫୁଲପାଟୋ ଦେବୀଙ୍କ ସହ ଘର ଆଗରେ ବସି କଥା ହେଉଥିଲେ। ପଡୋଶୀ ବିବାଦ ଯୋଗୁଁ ଏକ ସ୍କୁଟିରେ ଅଭିଯୁକ୍ତ ସନ୍ତୋଷ ସୋନି ସେଠାରେ ପହଞ୍ଚି ସମସ୍ତଙ୍କୁ ଏସିଡ୍ ମାଡ଼ କରି ସେଠାରୁ ଫେରାର ହୋଇ ଯାଇଥିଲେ। ଏଥିରେ କ୍ରିଷ୍ଣାକାନ୍ତ, ମାଆ ସୁଲୋଚନା, ବଡ ଭାଇ ନଗେନ୍ଦ୍ର, ସାନ ଭାଇ ବିଦ୍ୟାନାଥ ଓ ପଡ଼ୋଶୀ ଫୁଲପାଟୋଙ୍କ ଶରୀର ପୋଡ଼ି ଯାଇଥିଲା। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଥିଲା। ପରିବାର ଲୋକଙ୍କ ଲିଖିତ ଅଭିଯୋଗ ଆଧାରରେ ବନ୍ଧମୁଣ୍ଡା ପୁଲିସ ମାମଲା ରୁଜୁ କରିବା ସହ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ

**ରାଉରକେଲା, ୨୮।୧୦(ସମିସ):** ନୟାବଜାର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଓଡ଼ିଆ ଭାଷା ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ବେହେରାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀମତୀ ବେହେରା କହିଥିଲେ ଯେ ଓଡ଼ିଶାର ବରପୁତ୍ରମାନଙ୍କ ଜୟନ୍ତୀ ହେବା ଦ୍ୱାରା ଆମର ଛାତ୍ରଛାତ୍ରୀ ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଆମ ମାତୃଭାଷା ସମ୍ପର୍କରେ ଛାତ୍ରଛାତ୍ରୀ ସଚେତନ ହେବେ।"ଓଡ଼ିଆ ଭାଷା ବିକାଶ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର କହିଲେ ପଣ୍ଡିତ ଗୋଦାବରୀଶ ମିଶ୍ର ବିଶିଷ୍ଟ ଜନସେବୀ, ରାଜନୀତିଜ୍ଞ, କବି, ନାଟ୍ୟକାର, ଗାଳ୍ପିକ, ଓଡ଼ିଆ ଜାତୀୟ ଜୀବନର କଥାକାର, ଓଡ଼ିଆ ସାହିତ୍ୟ ଜଗତର ସେ ଉପନ୍ୟାସିକ, ଗାଳ୍ପିକ ପ୍ରାବନ୍ଧିକ, ଓ ଅ। ।ଜୀବନି ଲେଖକ, ତାଙ୍କ କଲମରୁ-ଅଜସ୍ରଲେଖା ଝରିପଡ଼ିଛି ଓଡ଼ିଆ ଭାଷା ସାହିତ୍ୟକୁ, ଋଦ୍ଧିବନ୍ତ କରିବାପାଇଁ। ତାଙ୍କର ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ ପାଇଁ କେନ୍ଦ୍ରସାହିତ ଏକାଡେମୀ ପୁରସ୍କାର ପାଇଛନ୍ତି ବୋଲି ଶ୍ରୀ ମହାପାତ୍ର କହିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ଗୋଦାବରୀଶ ମିଶ୍ରଙ୍କ ଜୀବନ ଦର୍ଶନ ଉପରେ ପ୍ରବନ୍ଧ ପାଠ କରିଥିଲେ, ମନୀଷା ପଣ୍ଡା, ସୁଧାଂଶୁ ନାୟକ, ପ୍ରିୟାଂଶ ନାୟକ, ରାଜଶ୍ରୀ ପଣ୍ଡା। ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ସଭାରେ ସହଯୋଗ କରିଥିଲେ ଚିନ୍ମୟ କୁମାର ନାୟକ ମାଧୁରୀ ନାୟକ, ଧନ୍ୟବାଦ ଦେଇଥିଲେ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବେହେରା।

## ପଶ୍ଚିମ ଓଡ଼ିଶା କଳାକାର ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍



**ସୁନ୍ଦରଗଡ଼, ୨୮।୧୦(ସମିସ):** ସୁନ୍ଦରଗଡ଼ ସଂସ୍କୃତି ଭବନଠାରେ ପଶ୍ଚିମ ଓଡ଼ିଶା କଳାକାର ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ମ୍ୟୁନିସିପାଲିଟି ଚେୟାରମ୍ୟାନ ତନୟା ମିଶ୍ର, ଏସ୍‌ଟିଓଏର ପ୍ରେସିଡେଣ୍ଟ ରିତେଶ ପଟେଲ, ସିନେ ତାରକା ପ୍ରଦୀପ ଦତ୍ତ, ଲେଖକ ଦୁର୍ଗା ମାଧବ ପଣ୍ଡା ଓ ସର୍ବଭାରତୀୟ କଳା ଓ ସଂସ୍କୃତି କମିଟି ସଭାପତି ଚୈତନ୍ୟ ପାଇକ ଯୋଗ ଦେଇଥିଲେ। ଏଥିରେ ୧୩ ଜିଲ୍ଲାର କଳାକାର ଯୋଗଦାନ କରିବା ସହ ସେଠାରେ ପଶ୍ଚିମ ଓଡ଼ିଶା କଳାକାର ମଞ୍ଚର କମିଟି ଚୟନ ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ସୁନ୍ଦରଗଡ଼ସ୍ଥିତ ବିଭିନ୍ନ ବିଦ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନ ଯୋଗଦାନ କରିଥିଲେ। ନୃତ୍ୟ ପ୍ରଦର୍ଶନ କରିଥିଲେ ରଜ୍ଜୁ ଠାକୁର। ତାଙ୍କ ସହଯୋଗୀ କବିତା ପାଠ କରିଥିଲେ। ପ୍ରବୀଣ ଚାୱଲା ଓ ଗ୍ରୁପ୍ ସମ୍ବଲପୁରୀ ପିନ୍ଧନ ଓଢ଼ନ ପ୍ରଦର୍ଶନ କରିଥିଲେ। ନୂଆଖାଇ ଭେଟଘାଟ ଲାଗି ହେଇଥିବା ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଇଥିଲା। କଳାକାର ମଞ୍ଚର ଫିରୋଜ ବାଦୀ ଆଲୋକ ପାଣିଗ୍ରାହୀ, ଗୋଲଡେନ୍ ପଟେଲ, ସୁସ୍ମିତା ହୋତା, ସାରିକା ପାଣ୍ଡେ, ସେଜଲ ପ୍ରଧାନ, ଉଦ୍ଧବ ଭିତ୍ରିଆ, ଏମ୍‌ଡି ସବିର, ଗୋପାଳ ମିସ୍ତ୍ରୀ, ବିବେକ ନାୟକ, ସେରିନ୍ ପଣ୍ଡା, ସମୟ ମେହେର, ଦେବାଶିଷ ବେହେରା, ସତ୍ୟ ଦାସ, ଫିରୋଜ ବାଦୀ ସହଯୋଗ କରିଥିଲେ। ସଭା ଶେଷରେ ରୋସନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳିଗଲା ଘରର ସମସ୍ତ ଆସବାବପତ୍ର

**ରାଉରକେଲା, ୨୮।୧୦(ସମିସ):** ପ୍ଲାଣ୍ଟସାଇଟ୍ ଥାନା ମଧୁସୂଦନପାଲ୍ଲୀରେ ବାସ କରୁଥିବା ରବୀନ୍ଦ୍ରନାଥ ପାତ୍ରଙ୍କ ବନ୍ଦ ଘରେ ଆଜି ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ନଗଦ ଟଙ୍କା ସମେତ ଘରର ସମସ୍ତ ଆସବାବପତ୍ର ଜଳିଯାଇଛି। ରବୀନ୍ଦ୍ର ଓ ତାଙ୍କ ପତ୍ନୀ ଘରେ ନଥିଲେ। ଉଭୟ ଘରେ ନଥିବାରୁ ଘର ବନ୍ଦ ରହିଥିଲା। ତେବେ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଘରର ଆଲମିରା, ସିଲେଇ ମେସିନ, ବାସନକୁସନ, ଖଟ, ଗଦି ଆଦି ପୋଡ଼ି ପାଉଁଶ ହୋଇଯାଇଛି। ତେବେ ବନ୍ଦ ଘରେ କିପରି ନିଆଁ ଲାଗିଲା ତାକୁ ନେଇ ପ୍ରଶ୍ନ ଉଠିଛି। ଏ ନେଇ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ତଦନ୍ତ କରୁଥିବା ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡ ଯୋଗୁଁ ଶ୍ରୀ ପାତ୍ରଙ୍କ ପରିବାରର ପ୍ରାୟ ସମସ୍ତ ସାମଗ୍ରୀ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଏହା ସହିତ ଘରେ ଥିବା ଟଙ୍କାପଇସା ଓ କିଛି ଗହଣା ମଧ୍ୟ ନଷ୍ଟ ହୋଇଯାଇଛି। ଏଭଳି ସମୟରେ ତାଙ୍କୁ ସହାୟତା ନିମନ୍ତେ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି।

## ଗୋପବନ୍ଧୁ ପାଠାଗାରରେ ଆଧ୍ୟାତ୍ମିକ ଆଲୋଚନା

**ରାଉରକେଲା, ୨୮।୧୦(ସମିସ):** ଭାରତୀୟ ସନାତନ ସଂସ୍କୃତି ଓ ପରମ୍ପରା ବହୁ ପୁରାତନ ଓ ବିଶ୍ୱବିଦିତ। ମାତ୍ର ଆଧୁନିକତା ନାମରେ ଏବଂ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଆଜିର ସମାଜ ପଥ ଭ୍ରଷ୍ଟ। ଗୋପବନ୍ଧୁ ପାଠାଗାର ଆନୁକୂଲ୍ୟରେ ଆୟୋଜିତ ଏକ ଆଧ୍ୟାତ୍ମିକ ଆଲୋଚନା ଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଜଗତସିଂହପୁର ଶିଶୁ ଅନନ୍ତ ଆଶ୍ରମର ଅନ୍ୟତମ ସାଧକ ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅଜିତ ମୋହନ ପୂଜାରୀ ଭଜନ ପରିବେଷଣ କରିଥିଲେ। ପାଠାଗାର ସମ୍ପାଦକ ଡ. ଗିରିଜା ଶଙ୍କର ଗୋସ୍ୱାମୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ନବଘନ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ହରିହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟଲକ୍ଷ୍ମୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

### ଭାଗବତ ପାରାୟଣ ଓ ଜ୍ଞାନ ଯଜ୍ଞର ୪ର୍ଥ ସନ୍ଧ୍ୟା

## ଭଗବତ୍ ଚିନ୍ତନରେ ମନୋନିବେଶ କରିବାକୁ ଆହ୍ୱାନ



ରାଉରକେଲା, ୨୮ ।୧୦(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାରନଗରୀସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଭାଗବତ ପାରାୟଣ ଓ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମର ଆଜି ଥିଲା ଚତୁର୍ଥ ସନ୍ଧ୍ୟା। ମନ୍ଦିର ପରିଚାଳନା କମିଟିର ସଭାପତି ସମାଜସେବୀ ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ଏନ୍‌ଆଇଟିର କୁଳସଚିବ ପ୍ରଫେସର ରୋହନ ଧିମାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ ଜନ୍ମ ଜନ୍ମ ତପସ୍ୟା ପରେ ମଣିଷ ପରି ଦୁର୍ଲଭ ଜୀବନ ମିଳିଥାଏ। ବ୍ୟସ୍ତମୟ ଜୀବନରୁ ବାହାରି ଭଗବତ ଚିନ୍ତନରେ ମନୋନିବେଶ କରି ଜୀବନକୁ ସାର୍ଥକ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବାବା ସତ୍ୟାନନ୍ଦ ଦାସ ମହାରାଜଜୀ, ପ୍ରଫେସର ଧିମାନଙ୍କ ସମେତ ମନୋରଞ୍ଜନ ପାତ୍ର, ଶିଶିର କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ବାବା ସତ୍ୟାନନ୍ଦ ଦାସ ମହାରାଜଜୀ ଭଗବତ କଥାମୃତ ପ୍ରବଚନ ମାଧ୍ୟମରେ ପ୍ରଦାନ କରିଥିଲେ।

ସ୍ମରଣଯୋଗ୍ୟ, ଗତକାଲି ତୃତୀୟ ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ତାଙ୍କ ସହଧର୍ମିଣୀଙ୍କ ସହ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲାର ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାପରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ବିଧାୟକ ଶ୍ରୀ ତନ୍ତୀ, ମୁଖ୍ୟ ଅତିଥି ସୁଶ୍ରୀ ନାୟକ ଏବଂ ଆଡ୍‌ଭୋକେଟ୍ ବିଜୟ କୁମାର ଛାଟୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଭାଷ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମସ୍ତ କାର୍ଯ୍ୟରେ ସାରନଗରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ସୌମେନ୍ଦ୍ର ବେହୁରିଆ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ଭୋଳ, ରାମଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଦିଲ୍ଲୀପ କୁମାର ମଲ୍ଲିକ, ଶଶାଙ୍କ ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଉତ୍ତମ କୁମାର ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ବିପିନ କୁମାର ଲେଙ୍କା, ଶ୍ରୀଚରଣ ସାମଲ, ଜ୍ୟୋତି ରଞ୍ଜନ ମହାନ୍ତି, ଗୋପୀନାଥ ଦାସଙ୍କ ସମେତ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ସଭାପତି ତ୍ରିନାଥ ଦାସ ମୋହିନୀ, ସମସ୍ତ ଟ୍ରଷ୍ଟି ସଭ୍ୟ, ସେବାୟତ, ପୂଜକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

GOVERNMENT OF ODISHA
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
E-mail ID: - midivmalkangiri@gmail.com
NOTICE INVITING TENDER
E-Procurement Notice
Bid Identification No. SEMIDMKG - 08/2025-26
A-787

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in Single cover system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1. | Name of the work | : Improvement to Check Dams in Different Blocks under Improvement to CD Scheme and Improvement to MI Tank at MV-120 in korukonda block under MIPSP Scheme of Malkangiri District. |
| 2. | Total Number of work | : 12 (Tweleve) Nos. |
| 3. | Estimated cost | : Approximately varies from Rs. 4.24 lakh to Rs. 16.95 lakh. |
| 4. | Period of completion | : Varies from 02(Two) to 03(Three) Calendar Months |
| 5. | Class of Contractor | : "D" &"C" Class Contractor |
| 6. | Date and time of availability of bid documents in the portal | : From 10.00 A.M of 01.11.25 to 5.00 PM of 10.11.2025 |
| 7. | Last date /time for receipt of bids in the portal | : 5.00 pm on 10.11.2025 |
| 8. | Date of opening of bid | : At 11.00 am on 11.11.2025 in website (www.tendersorissa.gov.in) |
| 9. | Submission of Bids | : Online mode |
| 10. | Name of the Officer inviting Bid | : Superintending Engineer, Minor Irrigation Division, Malkangiri |

11. Further details can be seen from the Government of Odisha Web-site www.tendersorissa.gov.in

12 Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Single Cover system through Online Mode for the works as detailed in the table below. The bids should be submitted online in the website www.tendersodisha.gov.in by eligible Contractors with CDMS registration as mentioned in Column-6 of table below registered with the State govt. and contractors of equivalent grade / Class registered with Central govt / MES / Railway for execution of works. The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bids.

OIPR-32285/11/0014/2526

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଅଜା-ଆଈଙ୍କ ଜିମାରେ ରହିବ ମା'ଛେଉଣ୍ଡ ଶିଶୁ

କଟକ, ୨୮ ।୧୦(ସମିସ): ମା'କୁ ହରାଇଥିବା ଏକ ଶିଶୁର ଜିମା ସମ୍ପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଶିଶୁଟି ସାବାଳକ ହେବା ପର୍ଯ୍ୟନ୍ତ ଅଜା-ଆଈଙ୍କ ନିକଟରେ ରହିବ ବୋଲି ଝାରସୁଗୁଡ଼ା ପରିବାର ଅଦାଲତ ଦେଇଥିବା ନିର୍ଦ୍ଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ । ଏଥିସହ ପରିବାର ଅଦାଲତ ନିର୍ଦ୍ଦେଶ ବିରୋଧରେ ସମ୍ପୃକ୍ତ ଶିଶୁର ପିତାଙ୍କ ପକ୍ଷରୁ ରୁଜୁ ଆବେଦନକୁ ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଖାରଜ କରିଦେଇଛନ୍ତି । ଶିଶୁର କଲ୍ୟାଣ ପ୍ରସଙ୍ଗକୁ ବିଚାରକୁ ନିଆଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଜନ୍ମରୁ ୧୧ ବର୍ଷ ପର୍ଯ୍ୟନ୍ତ ଶିଶୁ ଅଜା-ଆଈ ଓ ମାମୁଁଙ୍କ ପାଖରେ ରହିଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା । ଏପରିକି, ପରିବାର ଅଦାଲତରେ ଶୁଣାଣି ବେଳେ ଅଜା-ଆଈଙ୍କ ପାଖରେ ରହିବା ତାର ପସନ୍ଦ ବୋଲି ଶିଶୁଟି ପ୍ରକାଶ କରିଥିଲା । ତେବେ ବାପାଙ୍କୁ ପୁଅଠାରୁ ଅଲଗା କରିବା ନ୍ୟାୟାଳୟର ଉଦ୍ଦେଶ୍ୟ ନୁହେଁ, ଏଣୁ ବାପାଙ୍କୁ ସାକ୍ଷାତ କରିବା ସହିତ ଅବକାଶ ସମୟରେ ପୁଅକୁ ସାଙ୍ଗରେ ବାହାରକୁ ନେବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି । ଏନେଇ ଅଜା-ଆଈଙ୍କୁ ପୂର୍ବରୁ ସୂଚନା ଦିଆଯିବା ସହ ଅଜା-ଆଈ ମଧ୍ୟ ଶିଶୁ ସହ ସାଙ୍ଗରେ ଯାଇପାରିବେ ଓ ସମସ୍ତ ଖର୍ଚ୍ଚ ବାପା ବହନ କରିବେ ବୋଲି ହାଇକୋର୍ଟ କହିଛନ୍ତି ।ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ସହ ବିବାହର ବର୍ଷକ ପରେ ଅର୍ଥାତ ୨୦୧୪ରେ ପତ୍ନୀ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ପିଲା ଜନ୍ମର ମାତ୍ର ଦୁଇ ସପ୍ତାହ ଭିତରେ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା ।ଅଜା-ଆଈ, ମାମୁଁ ଶିଶୁକୁ ନିଜ ପାଖରେ ରଖିବା ସହିତ ଆବେଦନକାରୀଙ୍କ ବିରୋଧରେ ଯୌତୁକ ନିର୍ଯାତନା ଜନିତ ହତ୍ୟା ଅଭିଯୋଗ କରିଥିଲେ । ଆପୋଷରେ ବିବାଦର ସମାଧାନ ହୋଇଥିବା ବେଳେ ଶିଶୁକୁ ଅଜା-ଆଈ ପାଖରେ ରହିଥିଲା । ଦୀର୍ଘ ବର୍ଷ ପରେ ଶିଶୁର ଜିମା ପାଇଁ ବାପା ପରିବାର ଅଦାଲତରେ ମାମଲା ଦାୟର କରିଥିଲେ । ଶିଶୁର ଜିମା ଅଜା-ଆଈ ଓ ମାମୁଁଙ୍କ ପାଖରେ ରହିବ ବୋଲି ପରିବାର ଅଦାଲତ ରାୟ ଦେଇଥିଲେ । ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ସମ୍ପୃକ୍ତ ଶିଶୁର ପିତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ରିଆମାଳ,୨୮ ।୧୦(ସମିସ): ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରିଆମାଳ ବ୍ଲକ୍ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ତହସିଲଦାର ବିଜୟା ଲକ୍ଷ୍ମୀ ନାୟକ, ରିଆମାଳ ସରପଞ୍ଚ ବୀଣାପାଣି ନାୟକ, ପୂର୍ବତନ ବ୍ଲକ୍ ଶିକ୍ଷକ ସଂଘ ସଭାପତି ଘନଶ୍ୟାମ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନିତା ବେହେରା, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଶିକ୍ଷୟିତ୍ରୀ ପ୍ରଜ୍ଞାଶ୍ରୀ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ଧରଣୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୧୭ଟି କ୍ଲଷ୍ଟରର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । କନିଷ୍ଠ ବର୍ଗର ଚିତ୍ରାଙ୍କନ ପ୍ରତିଯୋଗିତାରେ ଆଦ୍ୟାସା ଦେହୁରୀ, କୁଇଜ୍ ପ୍ରତିଯୋଗିତାରେ ଆୟୁଷ ପ୍ରଧାନ, ସୃଜନଶୀଳ ଲିଖନରେ ମାନସୀ ସାହୁ, ବକ୍ତୃତାରେ ଶୁଭଶ୍ରୀ ସାହୁ, ସଙ୍ଗୀତରେ ଜାଗୃତି ପ୍ରଧାନ, ଶ୍ରୁତଲିଖନରେ ପୂଜାରାଣୀ ପ୍ରଧାନ, ପୋଷଣ ଚିତ୍ରରେ କ୍ରିଷ୍ଣା ପେଣ୍ଟେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ବରିଷ୍ଠ ବର୍ଗର ବିତର୍କରେ ସାଗରିକା ଗଡନାୟକ, ପ୍ରବନ୍ଧରେ ସମ୍ବିତ ବଣିରୁଳ, ଚିତ୍ରାଙ୍କନରେ ସୁମନ୍ତ ବେହେରା, କୁଇଜ୍‌ରେ ମୌସୁମୀ ପ୍ରଧାନ, ସୃଜନଶୀଳ ଲିଖନରେ ପ୍ରୀତିମୟୀ ସାହୁ, ବକ୍ତୃତାରେ ବନିତା ବସନ୍ତରା, ସଙ୍ଗୀତରେ କ୍ଷୀରୋଦ ଚନ୍ଦ୍ର ପ୍ରଧାନ ଓ ପୋଷଣ ଚିତ୍ରରେ ଆଶିଷ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିପରି ସୁପର ସିନିୟର୍ ବର୍ଗରେ ବିତର୍କରେ ସିଲି ପ୍ରଧାନ, ସଙ୍ଗୀତରେ ଲକ୍ଷ୍ମୀ ପ୍ରିୟଦର୍ଶିନୀ, ପ୍ରବନ୍ଧ ଲିଖନରେ ରିଶିଭ ସାହୁ, ଚିତ୍ରାଙ୍କନରେ ସୁରଭି ଭୋଇ, କୁଇଜ୍‌ରେ ବର୍ଷାରାଣୀ ପ୍ରଧାନ, ସୃଜନଶୀଳ ଲିଖନରେ ବର୍ଷା ବେହେରା ଓ ବକ୍ତୃତାରେ ଭବାନୀ ଦେହୁରୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ବେହେରା ଓ ବସନ୍ତ ସୁନା, ଉତ୍ତମ ପ୍ରଧାନ, ଭାଗୀରଥି ପ୍ରଧାନ, ପ୍ରଦୀପ୍ତ ଅଟି ଓ ହେମରାଜ ପ୍ରଧାନ ପ୍ରମୁଖ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ମାନେ ସହଯୋଗ କରିଥିଲେ ।

# ବିଭିନ୍ନ ଜଳାଶୟରେ ଅର୍ଘ୍ୟ ପ୍ରଦାନ ସହ ଛଟ୍ ପୂଜା ସମ୍ପନ୍ନ

ଝାରସୁଗୁଡ଼ା,୨୮ ।୧୦(ସମିସ):

ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଜଳାଶୟରେ ମଙ୍ଗଳବାର ଉଦୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଛଟ ପୂଜା ସମ୍ପନ୍ନ ହୋଇଛି । ଝାରସୁଗୁଡ଼ା, ବ୍ରଜରାଜନଗର, ବେଲପାହାଡ ଅଞ୍ଚଳ ସମେତ ଇବ ନଦୀ ଘାଟ, ଓପିଏମ ଘାଟ, ମଣ୍ଡଳିଆ ପୋଖରୀ, ହିଲଟପ ପୋଖରୀ ଆଦି

## ଜଳାଶୟ ନିକଟରେ ପ୍ରବଳ ଭିଡ଼ ପରିଲକ୍ଷିତ

ଜଳାଶୟରେ ଶ୍ରଦ୍ଧାଳୁଙ୍କ ନାହିଁ ନ ଥିବା ଭିଡ ପରିଲକ୍ଷିତ ହୋଇଥିଲା । ସୋମବାର ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟ ଓ ମଙ୍ଗଳବାର ସକାଳୁ ଉଦୟମାନ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ପ୍ରଦାନ କରି ଜିଲ୍ଲାରେ ଧୁମଧାମରେ ଛଟ୍ ପୂଜା ପାଳିତ ହୋଇଯାଇଛି । ନିୟମ ଓ ନିଷ୍ଠାରେ ବ୍ରତ ରଖିଥିବା ଏହିପରି ସୂର୍ଯ୍ୟଙ୍କୁ ପୂଜା କରି ଆଶୀର୍ବାଦ ଭିକ୍ଷା କଲେ



ପରିବାର ସମସ୍ତ ସଦସ୍ୟ ବ୍ୟାଧି ମୁକ୍ତ ହେବାର ବିଶ୍ୱାସ ରହିଥିବା ଶ୍ରଦ୍ଧାଳୁ ମାନେ ପ୍ରକାଶ କରିଛନ୍ତି । ଏହି ଛଟ ପୂଜା ପର୍ବ ଅବସରରେ ଅନେକ ରାଜନେତା, ସ୍ଥାନୀୟ ବିଧାୟକ, ସାଂସଦଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ବିଶେଷ ମଧ୍ୟ ସାମିଲ ହୋଇ ପୂଜାର୍ଚ୍ଚନା କରିଥିଲେ । ଭିଡ ନିୟନ୍ତ୍ରଣ ଏବଂ ଛଟ ପୂଜାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପୁଲିସ ପ୍ରଶାସନ ତରଫରୁ ବିଭିନ୍ନ ଜଳାଶୟରେ ବ୍ୟାରିକେଡ କରାଯାଇଥିଲା । ଦୁର୍ଘଟଣା ଏଡାଇବାକୁ ଶ୍ରଦ୍ଧାଳୁ ମାନଙ୍କୁ ଗଭୀର ପାଣି ଭିତରକୁ ପଶିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲା । ଇବ ନଦୀ ଘାଟରେ କୌଣସି ଅଘଟଣ ଏଡାଇବାକୁ ଅଗ୍ନିଶମ ବିଭାଗର ଅଧିକାରୀଙ୍କ ସମେତ କର୍ମଚାରୀ ଉପସ୍ଥିତ ରହିଥିଲେ । ଛଟପୂଜା ଅବସରରେ ବିଭିନ୍ନ ସଙ୍ଗଠନ ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ, ଚା, ବିସ୍କୁଟ ଆଦିର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

# ଆଞ୍ଚଳିକସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ଦେବଗଡ଼,୨୮ ।୧୦(ସମିସ): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଟାଉନ ହଲ ଠାରେ ଆଞ୍ଚଳିକ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦେବଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଏଥିରେ ସଭାପତିତ୍ୱ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଅନ୍ୟତମ

## ୬ ଜିଲ୍ଲାରୁ ନାଟକ ପ୍ରଦର୍ଶିତ

ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ପ୍ରମୁଖ ମଞ୍ଚାସୀନ ଥିଲେ । ସହକାରୀ ଶିକ୍ଷକ ହେମନ୍ତ ହସ୍ତୀଙ୍କ ତତ୍ତ୍ୱାବଧାନରେ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ସେଣ୍ଟା ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ । ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ବଲପୁର, ସୁନ୍ଦରଗଡ, ଦେବଗଡ଼, ବରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର ଜିଲ୍ଲାରୁ



ପ୍ରଥମ ସ୍ଥାନ ଅଧିକାର କରିଥିବା ମୋଟ ୬ଟି ଦଳ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟାଳୟ ସହାୟକ ଗୌରହରି ସାହୁ ନାଟକ ପ୍ରତିଯୋଗିତାକୁ ସଂଯୋଜନା କରିଥିଲେ । ସୁନ୍ଦରଗଡ ଜିଲ୍ଲାର ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ଉଦିତନଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭିନିତ ନାଟକ 'ସ୍ୱପ୍ନ ସିଦ୍ଧା' ପ୍ରଥମ, ସମ୍ବଲପୁର ଜିଲ୍ଲା ବଳରଙ୍ଗା ଉଚ୍ଚ ବିଦ୍ୟାଳୟର ନାଟକ ଦ୍ୱିତୀୟ ଓ ସୁବର୍ଣ୍ଣପୁର ଜିଲ୍ଲା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟକୁ ତୃତୀୟ ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସୁନ୍ଦରଗଡର ଲିପିନା ମହାପାତ୍ର, ଶ୍ରେଷ୍ଠ ପଟ୍ଟକଥା ଲେଖକ ଭାବେ ସମ୍ବଲପୁରର ଲୋକେଶ ପ୍ରଧାନ, ଶ୍ରେଷ୍ଠ ଅଭିନେତା ଭାବେ ଦେବଗଡ଼ର ପ୍ରିୟାଂଶୁ ବେହେରା, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ବରଗଡ଼ର ରୁବି ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଯୋଗିତାର ବିଚାରକ ଭାବେ ଅଧ୍ୟାପକ ଡ.ଭାରତ ଭୂଷଣ ନନ୍ଦ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଓ ଜନ୍ମାଜୟ ନାୟକ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରାକୁଜୁରଙ୍କ ସଭାପତିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନାଟ୍ୟ ଅଭିନେତା ତଥା ଆଇନଜୀବୀ ଦିଲ୍ଲୀପ ଗୁରୁ, ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ରହି କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର, ରାମକୃଷ୍ଣ ସାହୁ, ବୀରକିଶୋର ପ୍ରଧାନ, ତପନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଲୌହ ପୁରୁଷ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ

ଦେବଗଡ଼,୨୮ ।୧୦(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଭାରତର ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ଉପଲକ୍ଷେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦେବଗଡ଼ ଜିଲ୍ଲା ସଦର ମହକୁମାରେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କର ଦେଶର ଏକତା ପାଇଁ ଅବଦାନ, ଦେଶପ୍ରେମ, ମନେ ପକାଇବା ଏବଂ ତାଙ୍କ ଆଦର୍ଶକୁ ବଜାୟ ରଖିବା ପାଇଁ ଜିଲ୍ଲାରେ ୧୫୦ ତମ ଜନ୍ମ ଜୟନ୍ତୀ ଉତ୍ସବ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଏହି ଉତ୍ସବ ନିମନ୍ତେ ପଦଯାତ୍ରା, ଏକତା ମାର୍ଚ୍ଚ କାର୍ଯ୍ୟକ୍ରମ ଗୁଡିକ ୩୧ ଅକ୍ଟୋବରରୁ ୨୫ ନଭେମ୍ବର ପର୍ଯ୍ୟନ୍ତ ଜିଲ୍ଲାରେ ଆୟୋଜନ କରାଯିବା ନେଇ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି । 'ଏକ ଭାରତ, ଆତ୍ମନିର୍ଭର ଭାରତ' ଭାବନାକୁ ଦୃଢ଼ୀଭୂତ କରିବା ଏହାର ଉଦ୍ଦେଶ୍ୟ ରହିଛି । ସେଥିପାଇଁ ଜିଲ୍ଲାରେ ୮ ରୁ ୧୦ କିମି ପଦଯାତ୍ରା ଓ ସର୍ଦ୍ଦାର ପଟେଲଙ୍କ ଉପରେ ପ୍ରବନ୍ଧ, ବକ୍ତୃତା, ପୋଷ୍ଟର, ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଓ ରିଲ୍ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ । ସେହିପରି ରାସ୍ତା ପାଶ୍ୱର୍ରେ ସ୍ୱଚ୍ଛତା ସମ୍ପର୍କିତ ଚିତ୍ର ପ୍ରଦର୍ଶନ ପାଇଁ ଆଲୋଚନା କରାଯାଇଥିଲା । ବୈଠକରେ ସହକାରୀ ଜିଲ୍ଲାପାଳ ତଥା ଭାରପ୍ରାପ୍ତ କ୍ରୀଡା ଅଧିକାରୀ ତାପସ ମହନ୍ତ, ମେରା ଯୁବ ଭାରତ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ଯୋଜନା ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା

ଦେବଗଡ଼,୨୮ ।୧୦(ସମିସ): ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନ ଜିଲ୍ଲା ସ୍ତରୀୟ ସଂଯୋଗୀକରଣ କାର୍ଯ୍ୟକ୍ରମର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝିଙ୍କ ଆବାହକତ୍ୱରେ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କର୍ମଶାଳାରେ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ଅଂଶଗ୍ରହଣ କରିଥିଲେ । ନିଜ ନିଜ ବିଭାଗ ଗୁଡିକରେ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବଡଛାପଲ, କଲଣ୍ଡା, ଝରାଗୋଗୁଆ, ଢୋଲପଡା ଏବଂ ଦୁଧିଆନାଳି ଆଦି ୫ଟି ପଞ୍ଚାୟତର ଜନଜାତି ଚାଷୀଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁର ରାଜସ୍ୱ ବିଭାଗର ଉପନିର୍ଦ୍ଦେଶକ ପରୀକ୍ଷିତ ଦାସ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ ଯୋଗ ଦେଇ ଜଙ୍ଗଲ ଜମିପଟ୍ଟା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅନ୍ତର୍ଗତ ଉପରୋକ୍ତ ୫ଟି ପଞ୍ଚାୟତର ୧୧ଟି କ୍ଲଷ୍ଟର ଅଧୀନସ୍ଥ ୪୨ ଜଣ ଜନଜାତି ଚାଷୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପରିଚାଳକ ପ୍ରତାପ ପଣ୍ଡା ପରିଚାଳନା କରିଥିଲେ । ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରପାଲି ଗାଁରେ ବିରାଟ ପୂଜା

ଝାରସୁଗୁଡ଼ା,୨୮ ।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଚାନ୍ଦିନୀମାଲ ପଞ୍ଚାୟତ ବରପାଲି ଗାଁରେ ବିରାଟ ପୂଜା ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ସୋମବାର ବସୁନ୍ଧରା ନଦୀରୁ ଜଳ ଆଣିବା ପରେ ପୂଜା ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା । ମଙ୍ଗଳବାର ପୂଜାରେ ବିରାଟର ବହି ପଢ଼ି ସନ୍ଧ୍ୟାରେ ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି ସହିତ ବିରାଟ ପୂଜା ସମ୍ପନ୍ନ ହୋଇଥିଲା । ଗୋ' ସମ୍ପଦ ରକ୍ଷା, ସୁଖଶାନ୍ତି ଏବଂ ଗାଁର ଭାତୃଭାବ ପାଇଁ ଏହି ପୂଜା କରାଯାଇଥାଏ । ପୂଜାରେ



କର୍ତ୍ତା ଭାବେ ଲୋଚନ ପ୍ରଧାନ ଉପସ୍ଥିତ ଥିଲେ । ରାଜେନ୍ଦ୍ର ହୋତା ପୂଜାର୍ଚ୍ଚନା ସମ୍ପାଦନ କରିଥିବା ବେଳେ ରୋହିତ ନାଏକ, ଦୟାନିଧି ପ୍ରଧାନ, ପୁଷ୍ପା ନାଏକ ସହଯୋଗ କରିଥିଲେ । ଏଥିରେ ଯୁବରାଜ ବିଶି, ଗୌରିକ ବଡ଼ାଇ, ଲବଣୀ ସାଏ, ନେତ୍ରାନନ୍ଦ ବିଶି, ମୀନକେତନ ବଡ଼ାଇ, ଅରବିନ୍ଦ ପ୍ରଧାନ, ଦୋଲାନନ୍ଦ ଭଇଁଷା, ମଙ୍ଗଳ ମାଝୀ, ଦେବାର୍ଚ୍ଚନ ବଡ଼ାଇ, ଜନ୍ମାଜୟ ପ୍ରଧାନ, ବାସୁଦେବ ବଡ଼ାଇ, ରମେଶ ସେଟ, ରାଜା ବଡ଼ାଇ, ତୁଳାଧର ବଡ଼ାଇ, ରବୀନ୍ଦ୍ର ବଡ଼ାଇ, ପଙ୍କଜ ସେଟ, ଇନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

# କୋଲାବିରାରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଝାରସୁଗୁଡ଼ା,୨୮ ।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଠାରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫ ଅନୁଷ୍ଠିତ ହୋଇଛି । ମଙ୍ଗଳବାର ଏହି ମେଳାରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ମତ୍ସ୍ୟ ସମ୍ପଦ ଓ ପ୍ରାଣୀ ସମ୍ପଦର ସଂରକ୍ଷଣ ତଥା ଏହାର ବ୍ୟବସାୟିକ ଉପଯୋଗ ବିଷୟରେ ଚାଷୀଙ୍କୁ ଅବଗତ କରାଇଥିଲେ । ଚାଷୀ ଋଣ ନେଇ କିପରି ରୋଜଗାରକ୍ଷମ ହୋଇପାରିବେ, ସେମାନଙ୍କୁ ସରକାରୀ ସହାୟତା କିପରି ମିଳିବ ସେନେଇ କାର୍ଯ୍ୟକ୍ରମରେ ସୂଚନା ଦିଆ ହୋଇଥିଲା । ଗ୍ରାମୀଣ ସ୍ତରରେ ଯୁବ ସମାଜ ଓ କୃଷକଙ୍କୁ ଏହି କ୍ଷେତ୍ରରେ ଆଗୁଆ କରିବାକୁ ଝାରସୁଗୁଡ଼ା ବିଧାୟକ ଆହ୍ୱାନ ଜଣାଇଛନ୍ତି ।

# ସାଇବର କ୍ରାଇମ୍ ଉପରେ ଲଇକେରା ପୁଲିସ ପକ୍ଷରୁ ସଚେତନତା



ଝାରସୁଗୁଡ଼ା,୨୮ ।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ପକ୍ଷରୁ ଥାନାଧିକାରୀ ଦିଲିପ ବେହେରାଙ୍କର ନେତୃତ୍ୱରେ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ସାଇବର କ୍ରାଇମ ନୂତନ ଅପରାଧିକ ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ କଲେଜ ପରିସରରୁ ଏକ ବିରାଟ ରାଲି ବାହାରି ଲଇକେରା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ପୁଣି ମହାବିଦ୍ୟାଳୟକୁ ଫେରିଥିଲା । କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମଧୁସ୍ମିତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଡିଏସପି ଜ୍ୟୋତ୍ସ୍ନାମୟୀ ପ୍ରଧାନ, ବନିତା ମାଝୀ, ଇନ୍ସପେକ୍ଟର ବନ୍ଦନା ନାୟକ, ଶିବଚରଣବିଡା, ସବ୍‌ଇନ୍ସପେକ୍ଟର ଲକ୍ଷ୍ମୀ ପ୍ରିୟା ମଲ୍ଲିକ, ଲଳିନ୍ଦ୍ର ଦଣ୍ଡସେନା, ଯୁକ୍ତ ଦୁଇ କଲେଜର ଅଧ୍ୟକ୍ଷ କମଳ ଲୋଚନ ଦାସ, ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ପ୍ରମୋଦ ସିଂ, ଭୁପାଳ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଥାନାଧିକାରୀ ଶ୍ରୀ ବେହେରା ସମାଜର ଚାଲିଥିବା ସାଇବର କ୍ରାଇମ୍, ଡିଜିଟାଲ ଆରେଷ୍ଟ, ଅନଲାଇନ ଗେମ, ଲୋନ ଓ ଜୁଆ, ଅନ୍ଧ ବିଶ୍ୱାସ, କୁସଂସ୍କାର, ନାବାଳିକା ବିବାହ, ନିଶା ନିବାରଣ, ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ସହିତ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ସାକ୍ଷୀ ଅଧିନିୟମ, ଭାରତୀୟ ନାଗରିକ ସୁରକ୍ଷା ସଂହିତା ନୂତନ ଆଇନ ବିଷୟରେ ବୁଝାଇଥିଲେ । ଅଧ୍ୟାପକ ରୁଦ୍ରାକ୍ଷ ପ୍ରଧାନ ସଭା ପରିଚାଳନା କରିଥିଲେ । ସାହାସପୁର ଓ ବାଗଡିହି ଫାଣ୍ଡି ଅଧିକାରୀଙ୍କ ସହିତ ଲଇକେରା ଥାନାର ସମସ୍ତ ପୁଲିସ୍, ସାମ୍ବାଦିକ ଭରତ ପାତ୍ର, ଦେବେନ୍ଦ୍ର ବେହେରା, ରଞ୍ଜନ ମେହେର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସନ୍ଧ୍ୟାରେ ଲଇକେରା ଅପେରା ପଡିଆ ଠାରେ ଦାସକାଠିଆ ମାଧ୍ୟମରେ ସାଇବର କ୍ରାଇମ ଉପରେ ଶତାଧିକ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

ବେଲପାହାଡ଼ କପ୍ ଫୁଟବଲ

# ୪ର୍ଥ ଦିନରେ ମୁଚବାହାଲ ଓ ଶାନ୍ତିନଗର ବିଜୟୀ




ଝାରସୁଗୁଡ଼ା,୨୮ ।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ରତନ ଟାଟା ଷ୍ଟାଡିୟମ୍‌ରେ ଚାଲିଥିବା ବେଲପାହାଡ଼ କପ୍ ଫୁଟବଲ୍-୨୦୨୫ର ଚତୁର୍ଥ ଦିନ ଖେଳ ଶେଷ ହୋଇଛି । ଚତୁର୍ଥ ଦିନର ପ୍ରଥମ ମ୍ୟାଚ୍ ଉବୁଡା ଏବଂ ମୁଚବାହାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଚବାହାଲ ଦଳ ପେନାଲ୍ଟି ସୁଟ ଆଉଟରେ ୪-୩ରେ ଗୋଲରେ ବିଜୟୀ ହୋଇଛି । ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଶାନ୍ତିନଗର ଦଳ ୨-୧ ଗୋଲରେ ମହାକାଳ ଦଳ ବିପକ୍ଷରେ ବିଜୟୀ ହୋଇଛି । ମ୍ୟାଚ୍ ଦେଖିବା ପାଇଁ ଶତାଧିକ ଦର୍ଶକଙ୍କ ଭିଡ ହୋଇଥିଲା । ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି । ଆସନ୍ତା ନଭେମ୍ବର ୨ରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ ।

ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଆଦର୍ଶ ବିଦ୍ୟାଳୟ ତିଳେଇବଣି ବିଜୟୀ

ଦେବଗଡ଼,୨୮ ।୧୦(ସମିସ):

ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନର ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆଜିର ମ୍ୟାଚ୍ ତିଳେଇବଣି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଦେବଗଡ଼ ଟାଉନ୍ ହାଇସ୍କୁଲ ମଧ୍ୟରେ ହୋଇଥିଲା । ଏଥିରେ ଦେବଗଡ଼ ଦଳକୁ ୨୨ ରନ୍‌ରେ ପରାସ୍ତ କରି ତିଳେଇବଣି ଆଦର୍ଶ ବିଦ୍ୟାଳୟ ବିଜୟୀ ହୋଇଛି । ଦେବଗଡ଼ ଦଳ ଟସ ଜିତି ପ୍ରଥମେ



ତିଳେଇବଣି ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ତିଳେଇବଣି ଦଳ ନିର୍ଦ୍ଧାରିତ ୩୦ ଓଭରରୁ ୨୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ ରନ କରିଥିଲା । ଦଳ ପକ୍ଷରୁ ସାନୁ ଭୋଇ ୧୪ ଓ ରେହାନ ରାଜା ୧୦ ରନ୍ କରିଥିବା ବେଳେ ଦେବଗଡ଼ ଦଳର ଶ୍ରିଉଁ ମିଶ୍ର ୪ଟି ଉଇକେଟ ନେଇଥିଲେ । ଏହାର ଜବାବରେ ଦେବଗଡ ଦଳ ବ୍ୟାଟିଂ ଆରମ୍ଭ କରି ୨୪.୧ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୮୯ରନ୍ କରି ପରାଜିତ ହୋଇଛି । ଦଳ ପକ୍ଷରୁ ବିଶ୍ୱନାଥ ସିଂ ଓ ଚନ୍ଦନ ଭୋଇ ୧୦ ରନ୍ କରିଥିବା ବେଳେ ତିଳେଇବଣି ଦଳର ପ୍ରତ୍ୟୁଷ ମହାକୁଡ଼ ୫ ଓ ଟିକୁ ପ୍ରଧାନ ୩ ଟି ୱିକେଟ୍ ନେଇଥିଲେ । ମ୍ୟାଚ୍‌ରେ ଅମ୍ପାୟାର ଭାବେ ମିଥଲେସ ପ୍ରସାଦ ଓ ରାଜାରାଣା ପରିଚାଳନା କରିଥିଲେ । ରମି ନାୟକ ସ୍କୋରର ଓ ବେଣୁଧର ଗଡନାୟକ୍ ଧାରାବିବରଣୀ ପ୍ରଦାନ କରିଥିଲେ ।

# ଦଣ୍ଡବତ ମୁଣ୍ଡିଆ ମାରି ରାଜସ୍ଥାନରୁ ଶ୍ରୀକ୍ଷେତ୍ରକୁ ଯାତ୍ରା

ଝାରସୁଗୁଡ଼ା,୨୮ ।୧୦(ସମିସ): ରାଜସ୍ଥାନର କରୋଲିରୁ ପୁରୀ ଶ୍ରୀମନ୍ଦିରକୁ ଦଣ୍ଡବତ ମୁଣ୍ଡିଆ ମାରି ବାବା ରାଜଗିରି ମହାରାଜ ଯାତ୍ରା କରୁଛନ୍ତି । ଦୀର୍ଘ ୧୮ ଶହରୁ ଊର୍ଦ୍ଧ୍ୱ କିମିର ଏହି ଯାତ୍ରାକୁ ସେ ଗତ ଏପ୍ରିଲ ୧୮ ତାରିଖ ଆରମ୍ଭ କରିଥିଲେ । ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ ରାଜ୍ୟ ଦେଇ ଦୀର୍ଘ ୮ ମାସ ପରେ ଏବେ ଓଡ଼ିଶାରେ ପହଞ୍ଚିଛନ୍ତି । ଦିନକୁ ୧୦ ରୁ ୧୨ କିମି ଯାତ୍ରା କରୁଥିବା ବାବା ରାଜଗିରି ସନାତନ ଧର୍ମର ପ୍ରଚାର ପ୍ରସାର, ବାପା ମା'ଙ୍କୁ ସମ୍ମାନ, ପଶ୍ଚିମ ପରମ୍ପରାର ତ୍ୟାଗ, ଗୋ'ହତ୍ୟା ବନ୍ଦ ପରି ବିଭିନ୍ନ ବାର୍ତ୍ତା ଦେବା ପାଇଁ ଏହି ଯାତ୍ରା କରୁଛନ୍ତି । ଆଜି ସେ ବେଲପାହାଡରେ ପହଞ୍ଚିଥିବା ବେଳେ ବେଲପାହାଡ ମହିମା ଛକ ଜୁନାଡିହି ଆଦି ଅଞ୍ଚଳରେ ତାଙ୍କୁ ସ୍ୱାଗତ କରାଯାଇଛି । ବେଲପାହାଡ ମହିମା ମଠରେ ଅଞ୍ଚଳବାସୀ ତାଙ୍କ ରାତ୍ରୀ ଯାପନ ବ୍ୟବସ୍ଥା କରିଛନ୍ତି । ବାବା ରାଜଗିରି ଏହା ପୂର୍ବରୁ ଦଣ୍ଡବତ ମୁଣ୍ଡିଆ ମାରି ରାମେଶ୍ୱର



ଧାମ ଯାତ୍ରା କରିଥିବା ବେଳେ ଏବେ ପୁରୀ ଧାମ ଯାତ୍ରା କରୁଛନ୍ତି । ପୁରୀ ଯାତ୍ରା ପରେ ଦ୍ୱାରିକା ଆଉ ବଦ୍ରିନାଥ ଯାତ୍ରା କରିବେ ବୋଲି ସେ ପ୍ରକାଶ କରିଛନ୍ତି ।

# ପଶୁଛି ଇନ୍ଦ୍ରାବତୀ ପ୍ରକଳ୍ପ ଜଳ; ଫୁଲୁଛି ହାତୀନଦୀ

## ବାତ୍ୟା ଜଳ ପଶିଲେ କୂଳ ଲଙ୍ଘିବା ସମ୍ଭାବନା

କଲମପୁର,୨୮ ।୧୦(ସମିସ)

ଚିରସ୍ରୋତା ହାତୀ ନଦୀ କଲମପୁର ମଧ୍ୟସ୍ଥଳରେ ପ୍ରବାହିତ ହେଉଛି । ଆସନ୍ନ ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ଏ ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉଦବୃତ୍ତ ଜଳ କେନାଲ ଯୋଗେ ଚାଷୀଙ୍କ ଯୋଗାଇ ଯାଉଥିଲା । ବାତ୍ୟାକୁ ଦୃଷ୍ଟିରେ ରଖି ସଂପୃକ୍ତ ବିଭାଗ କେନାଲରେ ଜଳ ଛାଡିବା ବନ୍ଦ କରିଦେଇ ସେହି ଜଳକୁ ଏବେ ହାତି ନଦୀରେ ନିଷ୍କାସନ କରାଯାଇଛି । ଫଳରେ ହାତୀ ନଦୀ ଫୁଲି ଉଠିବାରେ ଲାଗିଛି । ଏନେଇ ଇନ୍ଦ୍ରାବତୀ ସହକାରୀ ଯନ୍ତ୍ରୀ କେ ନାରାୟଣ ରାଓ ଏକ ପ୍ରେସ ବିଜ୍ଞପ୍ତି ଜାରି କରି ଲୋକଙ୍କୁ ସତର୍କ କରାଇଛନ୍ତି । ସେଥିରେ ଶ୍ରୀ ରାଓ ଉଲ୍ଲେଖ କରିଛନ୍ତି ଯେ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳ ଧାରଣ କ୍ଷମତା ଶତ ପ୍ରତିଶତ ବୃଦ୍ଧି ପାଇବ ଯେ କୌଣସି ସମୟରେ ଜଳଭଣ୍ଡାରରୁ ଜଳ ହାତୀ ନଦୀ ପଥ ଦେଇ ଜଳ ନିଷ୍କାସନ କରାଯିବ । ଏଣୁ ଏହି ସମୟରେ ହାତୀ ନଦୀ ଭିତରକୁ ନିଜେ ନ ପଶିବା ସହିତ ଗୃହ ପାଳିତ ପଶୁଙ୍କୁ ନ ଛାଡ଼ିବାକୁ ଉଲ୍ଲେଖ ରହିଛି । ହାତୀ ନଦୀ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରଠାରୁ ଚିରସ୍ରୋତା ପାଲଟିଛି, ବିଗତ ଦିନରେ ହାତୀ ନଦୀରେ ପ୍ରତି ବର୍ଷ ବନ୍ୟା ତାଣ୍ଡବ ଦେଖିବାକୁ ମିଳୁଥିଲା । ଏଥିରୁ ରକ୍ଷା କରିବା ସକାଶେ ତତ୍କାଳୀନ ସରକାର ଯୋଜନା ପ୍ରଣୟନ କରି ବିଭିନ୍ନ ପ୍ରକଳ୍ପ ଯୋଗାଇ ଦେଲେ । ଫଳରେ ବନ୍ୟା ଦାଉରୁ ଅଞ୍ଚଳବାସୀ ଆଶ୍ୱସ୍ତି ହୋଇଛନ୍ତି । ସେତେବେଳେ ଟେମରା, ବିରିପୁର, ମାଟି ଖାଲ, ଜାମପଡା, କର୍ମେଲ, ବାଲିଛଡା ଆଦି ଗ୍ରାମ ଜଳ ପ୍ଲାବିତ ହୋଇ ସେଠାକାର ଅଧିବାସୀମାନେ ଜଳବନ୍ଦୀ ଜୀବନ ବିତାଉ ଥିଲେ । ଦୀର୍ଘ ବର୍ଷ ହେଲା ସେପରି ଆଉ ଦେଖିବାକୁ ମିଳିନାହିଁ । ଆସନ୍ନ ବାତ୍ୟାକୁ ନେଇ କଲମପୁର ବିଡ଼ିଓ ବିଜୟ ମାଣ୍ଡାଙ୍ଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇ ଯାଇଛି । ଆମ ବିଭାଗ ସମେତ ସମସ୍ତ ବିଭାଗକୁ ସତର୍କ ରହିବାକୁ କୁହାଯାଇଛି, ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ଆମେ ସକ୍ଷମ ବୋଲି ମତ ପ୍ରକାଶ କରିଛନ୍ତି । କାଁଭାଁ ଝିପିଝିପି ସାମାନ୍ୟ ବର୍ଷାକୁ ଛାଡ଼ିଦେଲେ ଅଞ୍ଚଳରେ ପାଗ ଶୁଖିଲା ଓ କୋହଲା ରହିଛି । ଯଦିଓ ବର୍ଷାର ପ୍ରଭାବ ସେତେଟା ପଡ଼ିନଥିଲେ ମଧ୍ୟ ହାତୀ ନଦୀରେ ଇନ୍ଦ୍ରାବତୀ ପ୍ରକଳ୍ପ ଜଳ ପ୍ରବାହିତ ହେବାରୁ ନଦୀ ଫୁଲିବାକୁ ଲାଗିଛି । ଏଥିରେ ବାତ୍ୟା ଜଳ ପ୍ରବେଶ କଲେ କୂଳଲଂଘିବା ସମ୍ଭାବନା ଥିବାରୁ ନଈକୂଳିଆ ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ପଶିଛି ।

## ୟୁଏସ୍ ପୋର୍ଟାଲ କାର୍ଯ୍ୟ ବିରୋଧରେ ଦାବିପତ୍ର



କୋକସରା,୨୮ ।୧୦(ସମିସ):ଉତ୍କଳ ପ୍ରାଇମେରୀ ଟିଚର୍ସ ଫେଡେରେସନ କୋକସରା ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ୟୁଏସ୍ ପୋର୍ଟାଲ କାର୍ଯ୍ୟ ବିରୋଧରେ ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ୟୁଏସ୍ ଲାଗୁ ପାଇଁ ପ୍ରଥମେ ଆବଶ୍ୟକ ଭିତ୍ତିଭୂମି ଯେପରି ଶ୍ରେଣୀ ହିସାବରେ ଆବଶ୍ୟକ କୋଠରୀ, କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି, ଶିକ୍ଷକ ଅଭାବ ଦୂର, ସରକାରଙ୍କ ତରଫରୁ ୟୁଏସ୍ କାମ କରିବାକୁ ଯନ୍ତ୍ରାଂଶ (ମୋବାଇଲ, କମ୍ପ୍ୟୁଟର, ଟ୍ୟାବ୍ଲେଟ୍, ଅର୍ଥରାଶି ଆଦି ଯୋଗାଇ ଦେବା, ଏହା ଦ୍ୱାରା ନିଜର ବ୍ୟକ୍ତିଗତ ତଥ୍ୟ ଚୋରି ହେବାର ସମ୍ଭାବନା ଅଧିକ । ଏହି କାର୍ଯ୍ୟ ପାଇଁ ଅଧିକ ସମୟର ଆବଶ୍ୟକ ଥିବାରୁ ଶିକ୍ଷାଦାନ ପ୍ରକ୍ରିୟା ବ୍ୟାହତ ହେବାର ସମ୍ଭାବନା ଅଧିକ ଅଛି । ଏହି ସବୁ ଦିଗକୁ ବିଚାର କରି ସମାଧାନ କଲାପରେ ଲାଗୁ କରିବାକୁ ପୂର୍ବରୁ ଅନୁରୋଧ କରାଯାଇଥିଲା କିନ୍ତୁ ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ଏହାର କୌଣସି ସମାଧାନ ନ କରି ଆମ ଉପରେ ୟୁଏସ୍ କାର୍ଯ୍ୟକୁ ବର୍ତ୍ତମାନ ବଳପୂର୍ବକ ଲଦି ଦିଆଯାଇଛି । ଶିକ୍ଷକମାନେ ଡିଜିଟାଲ ପରିବର୍ତ୍ତନ ବିରୋଧୀ ନୁହନ୍ତି, କିନ୍ତୁ ସେମାନେ ଏହାର ଯୁକ୍ତିସଂଗତ ଓ ବ୍ୟବହାରିକ ପ୍ରୟୋଗ ଚାହୁଁଛନ୍ତି, ଯାହା ତାଙ୍କ କାର୍ଯ୍ୟ ସୁବିଧା ଓ ପ୍ରଶାସନିକ କାର୍ଯ୍ୟକୁ ସହଜ କରିବ । ସଂଘ ପକ୍ଷରୁ ବିଭାଗ ତାଙ୍କ ଦାବିକୁ ଗମ୍ଭୀରତାର ସହ ସ୍ୱୀକାର କରି ଶୀଘ୍ର ଯଥୋଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେମାନେ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ କୋକସରା ବ୍ଲକ୍ ଶିକ୍ଷକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## କେଗାଁରେ ନାରୀ ସଚେତନତା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,୨୮ ।୧୦(ସମିସ):ଗୋଲାମୁଣ୍ଡା ବ୍ଲକ୍ କେଗାଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଭାରତୀୟ ଆଦିମ ଜାତି ସେବା ସଂଘ ଓ ସମାଜ କଲ୍ୟାଣ କାର୍ଯ୍ୟାଳୟ,କଳାହାଣ୍ଡି ତରଫରୁ ମହିଳା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଇସିଡ଼ିଏସ ସୁପରଭାଇଜର ଗୀତାଞ୍ଜଳି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କେଗାଁ ଥାନା ଏଏସଆଇ ରୋମାଞ୍ଚଳ ନାଏକ,ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଭୋଇ, ସହ ଶିକ୍ଷକ ଦେବରାଜ ଜାନୀ, ଡିଏସଡବ୍ଲୁଓ କାର୍ଯ୍ୟାଳୟର ଜେଣ୍ଡର ସ୍ପେସିଆଲିଷ୍ଟ ରାମ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶକ୍ତି ସଦନ ଗୃହରେ କେଉଁ ମହିଳାମାନେ ରହିପାରିବେ,ବାଲ୍ୟବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓ ମାନସିକ ନିର୍ଯାତନା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଆଦି ବିଷୟରେ ଆଲୋଚନା କରିଥିଲେ । ଧର୍ମଗଡ ଶକ୍ତି ସଦନ ର ପରିଚାଳିକା ସସ୍ମିତା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠିତ ସଚେତନତା ସଭାରେ କେଗାଁ ପଞ୍ଚାୟତର ସିଆରପି, ଏମବିକେ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସମେତ ଗ୍ରାମର ଯୁବତୀ ମାନେ ବହୁ ସଂଖ୍ୟାରେ ସାମିଲ ଥିବା ବେଳେ ଧର୍ମଗଡ ଶକ୍ତି ସଦନ ଗୃହ କାର୍ଯ୍ୟାଳୟ ସହାୟକ ଦେବରାଜ ମହାନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବିହାରୀ ସମ୍ପ୍ରଦାୟର ଛଟ୍ ପୂଜା

ମ.ରାମପୁର,୨୮ ।୧୦(ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ଠାରେ ବିହାରୀ ସମ୍ପ୍ରଦାୟର ଛଟ ପୂଜା ପାଳିତ ହୋଇଯାଇଛି । ସମ୍ପ୍ରଦାୟର ସମସ୍ତ ବ୍ୟକ୍ତି ନିକଟସ୍ଥ ହରି ହର ସାଗରରେ ଛଟ ପୂଜା ବିଧି ମତେ ପାଳନ କରିଥିଲେ । ସମସ୍ତ ପୂଜା ପରିଚାଳନାରେ ଜୟରାମ ସାହୁ, ସୁନୀଲ ସାହୁ,ଆଶୋକ ସାହୁ, ବିନୋଦ ସାହୁ,ଛୋଟେ ଲାଲ ପାଣ୍ଡେ,ଘନଶ୍ୟାମ ପାଣ୍ଡେ,ମନୋଜ ସାହୁ, ସଞ୍ଜୟ ସାହୁ, ଜୟ ପ୍ରକାଶ ଗୁପ୍ତା, ଜୟ ମଙ୍ଗଳ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଛଟ ପୂଜାରେ ଅସ୍ତଗାମୀ ସୂର୍ଯ୍ୟକୁ ଗୋଟିଏ ଦିନ ଏବଂ ତା ପରଦିନ ଉଦୟ ସୂର୍ଯ୍ୟକୁ ପୂଜା କରାଯାଏ, ପୂଜା ଚାରି ଦିନ ଧରି ବିଭିନ୍ନ ପର୍ଯ୍ୟାୟରେ ପାଳନ କରାଯାଏ । ପୌରାଣିକ ଆଖ୍ୟାନ, ଧର୍ମୀୟ ବିଶ୍ୱାସ, ବୈଜ୍ଞାନିକ ଆଧାରର ସମାହାର ହେଉଛି ଛଟ ପୂଜା ।

● ବ୍ଲକ୍ସ୍ତରୀୟ ଯୁବ ଯାଦବ ସମାଜ କର୍ମକର୍ତ୍ତା ଚୟନ

## ଗଣେଶ ସଭାପତି, ଦିବାକର ସମ୍ପାଦକ

ସିନାପାଲି,୨୮ ।୧୦(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ସ୍ଥିତ ରାଣିମୁଣ୍ଡା ଗିରିଗୋବର୍ଦ୍ଧନ ପିଠରେ ସିନାପାଲି ବ୍ଲକ୍ସ୍ତରୀୟ ଯୁବ ଯାଦବ ସମାଜର ନୂତନ କମିଟି କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଥିଲା । ଯାଦବ ସମାଜର ସଭାପତି ଲିଙ୍ଗରାଜ ଘିଭେଲାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ନୂଆପଡା ଜିଲ୍ଲା ଯାଦବ ସମାଜ ସଭାପତି ଭରତ ଲାଲ ରାଉତ,ସମ୍ମାନିତ ଅତିଥି ଭାବେ ବିଷ୍ଣୁ ପତି ବାଗ,ଜୟରାମ ଜାଲ, ମିଥୁନ ବାଗ, ନିତ୍ୟାନନ୍ଦ କଟା, ତୁଲସିରାମ ବାଗ, ଟଙ୍କଧର ବନ୍ଦିଚୋର,



ଦୈତାରି ହଂସ, ପିତବାସ କଟା, କୃତିବାସ ତେଜି, ଅକାଲ ହଂସ, ଭଗବାନ ବନ୍ଦିଚୋର, ଟିକଚନ ଗହିର, ସତ୍ୟବ୍ରତ ଗହିର ପ୍ରମୁଖ ଯୋଗଦେଇ ଥିଲେ । ପ୍ରାରମ୍ଭରେ ଅତିଥିମାନେ ଶ୍ରୀକୃଷ୍ଣଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳିତ କରି ପୂଜାଅର୍ଚ୍ଚନା କରିଥିଲେ । ଜଗଦୀଶ ନାଗ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅତିଥିମାନେ ସମାଜର ଏକତା ଅଖଣ୍ଡତା ରଖିବା ସାଙ୍ଗକୁ କୁସଂସ୍କାରକୁ ଛାଡି ଶିକ୍ଷାକୁ ଗୁରୁତ୍ୱ ଦେବା ଓ ସମାଜର ବିକାଶ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ । ବୈଠକରେ ବ୍ଲକ୍ସ୍ତରୀୟ ଯୁବ ଯାଦବ ସମାଜ କମିଟି ଗଠନ କରାଯାଇଥିଲା । ନୂତନ ଯୁବ ଯାଦବ ସମାଜ କମିଟିର ସଭାପତି ଭାବେ ଗଣେଶ ପୋଡ, ଉପସଭାପତି ଭାବରେ ସୁରେଶ ବାଗ ଓ ଯକ୍ତା ନିଆଲ , ସମ୍ପାଦକ ଭାବରେ ଦିବାକର ସଗରିଆ ଓ ରମେଶ କଟା, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ବାଗ ଓ କୋଷାଧ୍ୟକ୍ଷ ଭାବେ ନିରଞ୍ଜନ ଘିଭେଲାଙ୍କୁ ମନୋନୀତ କରାଯାଇ ଥିବା ବେଳେ ଅନ୍ୟାନ୍ୟ ସଦସ୍ୟଙ୍କୁ ଅନ୍ୟାନ୍ୟ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ନୂତନ କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିବା ବେଳେ ଶପଥ ପାଠ ପରେ ସଭା ଶେଷ କରାଯାଇଥିଲା । ଶେଷରେ ନିତ୍ୟାନନ୍ଦ କଟା ଧନ୍ୟବାଦ ଅର୍ପଣ କରିଥିଲେ ।

## 'ମୋନ୍ଥା'ର ମୁକାବିଲା ପାଇଁ କେସିଙ୍ଗା ପ୍ରଶାସନ ପ୍ରସ୍ତୁତ

କେସିଙ୍ଗା,୨୮ ।୧୦(ସମିସ): ବାତ୍ୟା ମୋନ୍ଥା ପାଇଁ କଳାହାଣ୍ଡି ଜିଲ୍ଲା କୁ ପାଣିପାଗ ବିଭାଗ ପକ୍ଷରୁ ରେଡ ଜୋନ ଘୋଷିତ କରିବା ପରେ ଅଧିକାରୀଙ୍କ ନିଦ ହଜି ଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ



ବାତ୍ୟାକୁ ନଜରରେ ରଖି ଜିଲ୍ଲାର ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନଙ୍କୁ ତିନି ଦିନ ଛୁଟି ଘୋଷଣା ହୋଇ ସାରିଛି । ଇତି ମଧ୍ୟରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛି ଜିଲ୍ଲା ପ୍ରଶାସନ । ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ସୋମବାର ଦିନ ଅପରାହ୍ନରେ ସ୍ଥାନୀୟ ବିଡ଼ିଓଙ୍କ ଚାମ୍ବରରେ ବୈଠକ ଅନୁଷ୍ଠିତ ହୋଇ ବାତ୍ୟା ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରାଯାଇ ବାତ୍ୟା ସମୟରେ ଯେପରି କୌଣସି ଜନସାଧାରଣଙ୍କୁ କିଛି ବି ଅସୁବିଧା ନହେବ ଦରକାର ପଡିଲେ ତୁରନ୍ତ ରିଲଫ୍ ସାମଗ୍ରୀ କିପରି ପୀଡ଼ିତାଙ୍କ ପାଖରେ ଯଥା ଶୀଘ୍ର ପହଞ୍ଚି ପାରିବ ସେଥିପ୍ରତି ଗୁରୁତ୍ୱ ଆଲୋଚନା ହୋଇଥିଲା । ଦରକାର ପଡିଲେ ନଦୀ କୂଳରେ ଥିବା ଗ୍ରାମ ବେଲଖଣ୍ଡି,ହାତୀଖୋଜ, ସିର୍ଜାପାଲି, କୁମ୍ଭାରପଡ଼ା, ପଥର୍ଲା ଆଦି ଗ୍ରାମରେ ନଦୀ କୂଳରେ ବସବାସ କରୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା । ଉକ୍ତ ରଣନୀତି ବୈଠକରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡ଼ିଓ ଜନ୍ମେଜୟ ସ୍ୱାଇଁ, ଏବିଡ଼ିଓ ସିଦ୍ଧେଶ୍ୱର ମେହେର,ବନବିଭାଗ ଅଧିକାରୀ,ବିଦ୍ୟୁତ୍ ବିଭାଗ ଅଧିକାରୀ, ଅଗ୍ନିଶମ ବିଭାଗ ର ଅଧିକାରୀ,ରାଜସ୍ୱ ଅଧିକାରୀ,କୃଷି ବିଭାଗର ଅଧିକାରୀ ଓ ସମସ୍ତ ବିଭାଗର ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ରଣନୀତି ପ୍ରସ୍ତୁତ କରିଥିଲେ । ହେଲେ ୨୮ ତାରିଖ ଦିନ ଅଞ୍ଚଳରେ ବାତ୍ୟାର କୌଣସି ପ୍ରଭାବ ପଡିନଥିବା ବେଳେ ବର୍ଷା ମଧ ହୋଇ ନାହିଁ କେବଳ ଝିପିଝିପି ବର୍ଷା ୫ରୁ୧୦ ମିନିଟ ହେଇଛି । ବାକି ଆଜି ଅଞ୍ଚଳରେ ବାତ୍ୟାର କି ପ୍ରଭାବ ପଡ଼ିବ ଦେଖିବାକୁ ବାକି ରହିଲା ।

## 'ମୋନ୍ଥା' ଆଶଙ୍କା ନେଇ ସଚେତନତା

ଗୋଲାମୁଣ୍ଡା,୨୮ ।୧୦(ସମିସ): ବାତ୍ୟା 'ମୋନ୍ଥା'କୁ ନେଇ ମଙ୍ଗଳବାର ନଦୀ କୂଳିଆ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଗୋଲାମୁଣ୍ଡା ବିଡିଓ ତ୍ରିପୁରା ମହାନନ୍ଦ ପହଞ୍ଚି ସାଧାରଣଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରହିବା ପାଇଁ ସଚେତନ କରିଥିଲେ । ଏବିଡିଓ ବିଜୟ କୁମାର ନାଏକ୍, ଏଇ ଚିତ୍ତ ରଞ୍ଜନ ଜେନା, ସରପଞ୍ଚ ପ୍ରତିନିଧି କୁମୁଦ ସା, ପିଇଓ ପୁରୁଷୋତ୍ତମ ନାଏକ, ଏଡିଇଓ ଡମ୍ବରୁ ସୁନାନୀ, ଦଶପୁର ମଣ୍ଡଳ ବିଜେପି ସଭାପତି ପ୍ରମୋଦ ପ୍ରଧାନ,ୱାର୍ଡ ସଭ୍ୟ ଦିବ୍ୟ ପ୍ରଧାନ,ମଙ୍ଗଳ ସୁନାନୀ, ପ୍ରଧାନ



ଶିକ୍ଷକ କୁମସୂତ ସୁନାନୀ, ତିଲକରାମ ସୁନାନୀ, ରଜପାଲି ନିଆଲ,ସମାଜ ସେବୀ ଜଗୁଜିବନ ସା,ସୁରେନ୍ଦ୍ର ନାଏକ,ଜିତୁ ପ୍ରଧାନ,ଅଙ୍ଗନୱାଡ଼ି କର୍ମୀ ଶ୍ରୀମତୀ ବିଳାସ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗୋଲାମୁଣ୍ଡା ବ୍ଲକ୍ରେ ସ୍ୱଳ୍ପ ବର୍ଷା ହେଲେ ଜଳମଗ୍ନ ହୋଉଥିବା ଅଞ୍ଚଳ ମାନଙ୍କରେ ପରିଦର୍ଶନ କରି ଆଗାମୀ ତିନିଦିନ ଧରି ପ୍ରବଳ ଝଡ଼ ତୋଫାନ ହେବା ସହିତ ବର୍ଷା ହେବାର ସମ୍ଭାବନା ଅଛି ତେଣୁ ଜରୁରୀ ନଥିଲେ ବାହାରକୁ ନ ବାହାରି ସୁରକ୍ଷିତ ସ୍ଥାନରେ ରହିବା ପାଇଁ ଲୋକଙ୍କୁ ବିଡିଓ ଶ୍ରୀ ମହାନନ୍ଦ ସଚେତନ କରିଥିଲେ । ତେବେ ବାତ୍ୟା "ମୋନ୍ଥା' ଆଶଙ୍କାକୁ ନେଇ ସୋମବାର ବିଡ଼ିଓ ନେତୃତ୍ୱରେ ବ୍ଲକ୍ ସଭାଗୃହରେ ଜରୁରୀ କାଳୀନ ବୈଠକ ହୋଇଥିଲା । ସ୍ୱଳ୍ପ ବର୍ଷା ହେଲେ ଜଳମଗ୍ନ ହେଉଥିବା ନଦୀ କୂଳିଆ ଅଞ୍ଚଳମାନଙ୍କରେ ପ୍ରବଳ ବର୍ଷା ଏବଂ ଝଡ଼ ତୋଫାନ ହେଲେ ଲୋକଙ୍କୁ କିଭଳି ଭାବେ ନିରାପଦ ଜାଗାରେ ରଖିବା ସହ ଖାଦ୍ୟପେୟ ପ୍ରଦାନ କରାଯିବ ସେନେଇ ଆଲୋଚନା କରାଯାଇଥିଲା ।

## ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ କଲେଜରେ ସାଇବର୍ ସଚେତନତା



ଭବାନୀପାଟଣା/କେସିଙ୍ଗା,୨୮ ।୧୦ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ବେଲଖଣ୍ଡି ଡିଗ୍ରୀ ମହାବିଦ୍ୟାଳୟରେ କେସିଙ୍ଗା ଥାନା ପକ୍ଷରୁ କଲେଜର ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ ଶ୍ରୀଗଣେଶଙ୍କ ସମ୍ମୁଖରେ ଶ୍ରୀଫଳ ଭାଙ୍ଗି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ମୁଖ୍ୟବକ୍ତା ଭାବରେ କେସିଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ବେଲଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀ,ପଲମ ଫାଣ୍ଡି ଅଧିକାରୀ ସୁବୋଧ ଫୁଲୋ, ଉପସ୍ଥିତ ଥିଲେ । ଉକ୍ରେଲା ଏଏସ୍ଆଇ ଅରୂପ କୁମାର ଶତପଥୀ ଅତି ଚମତ୍କାର ମ୍ୟାଜିକ ଦେଖାଇ ସାଇବର କ୍ରାଇମ ବିଷୟରେ ସଚେତନ କରିଥିଲେ । ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ସାଇବର କ୍ରାଇମ ବାବଦରେ ଅତ୍ୟନ୍ତ ହୃଦୟ ସ୍ପର୍ଶୀ ଅଭିଭାଷଣ ଦେଇଥିଲେ । ଇଂରାଜୀ ଅଧାପକ ଦୁର୍ଯ୍ୟୋଧନ ବିଶୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଓଡ଼ିଆ ଅଧାପକ ସଦାନନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ଅଧାପକ ମଦନ ମୋହନ ସାହୁ, ଅର୍ଥନୀତି ଅଧାପିକା ସ୍ୱାତି ପଧାନ,ମୁଖ୍ୟ କିରାଣୀ ଭକ୍ତ ବନ୍ଧୁ ପଧାନ,କଲେଜର ପିଅନ ଚଉବନ ପଧାନ, ବୁଦ୍ଧଦେବ ପଧାନ, ଡାଟା ଏଣ୍ଟ୍ରି ଅଫିସର ଧର୍ମେନ୍ଦ୍ର ପଧାନ, ରାତ୍ର ଜଗୁଆଳି ବିଶ୍ୱନାଥ ଭୋଇ, ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ସାଇବର ଅପରାଧୀଙ୍କ ଠାରୁ କେମିତି ସୁରକ୍ଷା ପାଇବା ସେହି ଉପରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ପ୍ରବନ୍ଧ,କୁଇଜ ପ୍ରତିଯୋଗିତା କରାଯାଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଗଲା ।

## ଯୁବକଙ୍କ ମୃତଦେହ ଉଦ୍ଧାର, ଦୁର୍ଘଟଣା ସନ୍ଦେହ




ସିନାପାଲି,୨୮ ।୧୦(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧିନ ଓଡିଶା- ଛତିଶଗଡ଼ ସୀମାନ୍ତ ନୂଆମାଲପଡା ଗ୍ରାମ ନିକଟରେ ଜଣେ ଯୁବକଙ୍କ ମୃତଦେହ ପୁଲିସ ଉଦ୍ଧାର କରିବା ସହ ଘଟଣାସ୍ଥଳରୁ ଏକ ବାଇକ୍ ଜବତ କରିଥିବା ଜଣାପଡିଛି । ଯୁବକ ଜଣକ ହେଲେ କୁସୁମଯୋର ଗ୍ରାମପଞ୍ଚାୟତ ସ୍ଥିତ କସେଇପାଣି ଗ୍ରାମର ହେମଲାଲ ହଂସ(୩୩) ବୋଲି ଜଣାପଡିଛି । ଘଟଣାସ୍ଥଳରୁ ବାଇକ ଯାହାର ଗାଡି ନମ୍ବର ୦୪ଡିକେ ୦୬୧୬କୁ ଜବତ କରାଯାଇ ସିନାପାଲି ପୁଲିସ ତଦନ୍ତ ଚଳାଇଛି । ଖବର ଅନୁସାରେ ମଙ୍ଗଳବାର ନୂଆମାଲପଡା ଗ୍ରାମ ଠାରୁ ଛତିଶଗଡ଼ ରାଜ୍ୟର ବୁର୍ଜାବାହାଲ ଯାତାୟାତ ରାସ୍ତା କଡରେ କୌଣସି କାରଣରୁ ଯୁବକ ଜଣକ ବାଇକ ସହ ତଳେ ପଡି ରହିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ସିନାପାଲି ଥାନାଧିକାରୀ ଦୁର୍ଗା ମାଧବ ବାଗ ଘଟଣା ସ୍ଥାନରେ ପହଞ୍ଚି ଯୁବକଙ୍କ ମୃତଦେହ ଉଦ୍ଧାର କରିବା ସହ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଛି । ଯୁବକ ଜଣକ ଦୁଇଦିନ ତଳେ ଘରୁ ବାହାରିଥିବା ବେଳେ ମାନସିକ ସ୍ଥିତି ଠିକ୍ ନଥିବା ପରିବାର ଲୋକେ ପ୍ରକାଶ କରିଥିଲେ । ଘଟଣାସ୍ଥଳରୁ ସିନାପାଲି ପୁଲିସ ଏଏସଆଇ ପ୍ରଭାକର ନାଏକ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ । ଏନେଇ ସିନାପାଲି ଥାନାରେ ମାମଲା ରୁଜୁକରି ତଦନ୍ତ ଚାଲୁ ରହିଛି । ଏହା ଏକ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିବା ସିନାପାଲି ପୁଲିସ ସନ୍ଦେହ କରୁଛି ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ଭବାନୀପାଟଣା,୨୮ ।୧୦(ସମିସ): କଳାହାଣ୍ଡି ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲା ପରିଷଦର ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ, ପୁରୁଣା ବସ୍ଷ୍ଟାଣ୍ଡ, ଘୋଡାଘାଟ ଛକ, ନୂଆବସ୍ଷ୍ଟାଣ୍ଡ, ଜିଲ୍ଲା କାରାଗାର ଦେଇ ଜିଲ୍ଲାପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବେ ଭିସି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡି ଡଃ ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ି, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଅବକାରୀ ଅଧିକ୍ଷକ ରଞ୍ଜନ ନାୟକ, ଉପ ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ବିଭାଗ, ପ୍ରଦୀପ କୁମାର ଆଇନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବକ୍ତା ଭାବେ ଡକ୍ଟର ଉମେଶ ଚନ୍ଦ୍ର ଶତପଥି ଯୋଗଦେଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ଦେଶର ଆର୍ଥିକ, ରାଜନୈତିକ,ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ । ସମସ୍ତେ ସଚେତନ ହୋଇ ଏକ ସଶକ୍ତ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ସେବା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଳ ପରିଚାଳନା କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢି ସହଯୋଗ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।




## ବିକାଶ ୱିସଡମ୍ ପାର୍କରେ କ୍ରୀଡ଼ା ଉତ୍ସବ 'ଆଥେଲେଟ ମିଟ୍' ଉଦ୍‌ଯାପିତ

ଭବାନୀପାଟଣା,୨୮ ୧୦(ସମିସ)



କ୍ରୀଡ଼ା ହେଉଛି ଛାତ୍ର ଜୀବନର ଏକ ଗୁରୁତ୍ୱ ପୂର୍ଣ୍ଣ ଅଂଶ ବିଶେଷ । ଜଣେ ଛାତ୍ର ପାଇଁ ପାଠପଢା ବ୍ୟତୀତ ଖେଳକୁଦ ଏକାନ୍ତ ଆବଶ୍ୟକ । ଏହାକୁ ଆଧାର କରି ଭବାନୀପାଟଣା ସ୍ଥିତ ବିକାଶ ଉଇସଡ଼ମ ପାର୍କ ପରିସରରେ ଚଳିତ ମାସ ୨୩ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ ଦିନ ବ୍ୟାପୀ କ୍ରୀଡ଼ା ଉତ୍ସବ ଆଥେଲେଟ ମିଟ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୁନିଲ କୁମାର ବେହେରା ଏଥେଲେଟ ଜିଲ୍ଲା କାର୍ଯ୍ୟକାରୀ ସଭାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ଡି ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି ରାମ କୁମାର, ଶିକ୍ଷା ପ୍ରଭାରୀ ଡି ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି ପଦ୍ମିନୀ, ବିକାଶ ବିବିଏ ବିସିଏ ବିଭାଗ ଅଧକ୍ଷ ଡ଼ ସୁଦୀପ୍ତ ଜେନା , ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ଆରତି ମିଶ୍ର, ଉପାଧକ୍ଷ ନାରାୟଣ ମହାନ୍ତି, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ । ମା'ମାଣିକେଶ୍ୱରୀଙ୍କ ପୀଠରୁ ଅଣାଯାଇଥିବା ମଶାଲକୁ ମୁଖ୍ୟ ଅତିଥି କ୍ରୀଡ଼ା ସ୍ଥଳରେ ସ୍ଥାପନ କରି କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ କ୍ରୀଡାର ମହତ୍ତ୍ୱ ଓ ଏହାର ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ସମ୍ମାନିତ ଅତିଥି ଗଣ ବିକାଶରୁ ଆକ ପ୍ରକାଶ କରିଥିବା କ୍ରୀଡାବିତ୍ ଙ୍କ ସ୍ମୃତି ଚାରଣ ସହ ବିଦ୍ୟାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କ୍ରୀଡ଼ାରେ ନର୍ସରୀରୁ ଆରମ୍ଭ କରି ସିବିଏସଇ ଦ୍ୱାଦଶ, ଉଚ୍ଚ ମାଧ୍ୟମିକ, ଡିଗ୍ରୀ, ବିବିଏ,ବିସିଏ, ନର୍ସିଂ ବିଭାଗର ପ୍ରାୟ ୨୨ ଶହ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ । ଚଳିତ ବର୍ଷ ତୀରନ୍ଦାଜକୁ ମଧ୍ୟ କ୍ରୀଡ଼ାରେ ସାମିଲ କରାଯାଇଥିଲା ପ୍ରତିଯୋଗଙ୍କ ମଧ୍ୟରେ ବହୁ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ମେଡାଲ ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । କ୍ରୀଡ଼ା ପ୍ରତିଯୋଗିତାକୁ ଖେଳ ଶିକ୍ଷକ ପ୍ରବୀଣ କୁମାର, ମନୋଜ କୁମାର ବିଶ୍ୱାଳ, ମହେଶ ତ୍ରିପାଠୀ, ହଂସିନି ମେହେର, ପ୍ରେମ ଶରଣ ନାଗ , ନିଷିଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ସଫଳ କରିବାରେ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ସହଯୋଗ ରହିଥିଲା ।

● ଚାଉଳଶୁଖା ପଞ୍ଚାୟତରେ ଦିଗହରା ମନରେଗା

# ପୁରୁଣା କାମରେ ନୂଆ ବିଲ୍



କଣ୍ଟାବାଞ୍ଜି, ୨୮।୧୦(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଚାଉଳଶୁଖା ପଞ୍ଚାୟତରେ ମନରେଗା ଯୋଜନା ଦିଗହରା ହେବାରେ ଲାଗିଛି। ଯେଉଁ କାମ ଶ୍ରମିକ କରିବା କଥା ସେହି କାମ ଶ୍ରମିକ ନ କରି ପୁରୁଣା କାମରେ ନୂଆ ବିଲ୍ କରି ଠିକାଦାରରେ ଥିବା ସରକାରୀ ଅଧିକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ କରୁଥିବା ଅଭିଯୋଗ ହେଉଛି।

ଚାଉଳଶୁଖା ପଞ୍ଚାୟତର ଯାମୁଟଗୁଡ଼ା ଗାଁରେ ଖଳିଆମୁଣ୍ଡାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଚାଉଳଶୁଖା ପଞ୍ଚାୟତ ପାଣ୍ଠିରୁ ୯ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି। ଏହି ଟଙ୍କାରେ ମାଟି କାମ ହେବାର ଥିଲା; ହେଲେ ଗତ ବର୍ଷ କେତେଜଣ ଶ୍ରମିକଙ୍କୁ ଲଗାଇ ଅଳ୍ପ କିଛି ମାଟି ଖନନ କରି ଏକାଧିକ ନକଲି ଶ୍ରମିକଙ୍କ ନାଁରେ ଜାଲ୍ କାଗଜପତ୍ରରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଛି। ଯେତେ ଟଙ୍କାର ବିଲ୍ ହୋଇଛି ସେତେ ଟଙ୍କାର କାମ ହୋଇନି। ମନରେଗା ଯୋଜନାରେ ୬୦ ପ୍ରତିଶତ ଟଙ୍କା ମାଟି ଉନ୍ନତୀକରଣରେ ଖର୍ଚ୍ଚ କଲେ ୪୦ ପ୍ରତିଶତ ଟଙ୍କା ମ୍ୟାଟ୍ରିଆଲ କାମରେ ଖର୍ଚ୍ଚ କରାଯାଇଥାଏ; ହେଲେ ଏଠାରେ ଅଳ୍ପ ମାଟି କାମ କରି ମ୍ୟାଟ୍ରିଆଲ ନାଁରେ ଟଙ୍କା ଲୁଟ୍ କରାଯାଇଥିବା ଅଭିଯୋଗ ହେଉଛି। ଦାୟିତ୍ୱରେ ଥିବା ଏପିଓ ଏବଂ ଗାଁ ସାଥିମାନେ ତାଙ୍କ ମନମୁଖି କାର୍ଯ୍ୟକଳାପ କରୁଥିବା ଅଭିଯୋଗ ହେଉଛି। ଅନେକ ମୁଣ୍ଡା ନା ପରିବର୍ତ୍ତନ କରି ଅନ୍ୟ ମୁଣ୍ଡାରେ କାମ କରିଥିବା କହି ଟଙ୍କା ଲୁଟ୍ କରୁଥିବା ଅଭିଯୋଗ ହୋଇଛି। ତେବେ ଚାଉଳଶୁଖା ପଞ୍ଚାୟତ ଏକ ଦାଦନ ପ୍ରବଣ ଅଞ୍ଚଳ। ଏଠିକାର ଶ୍ରମିକମାନେ କାମ ନ ପାଇ ୬ ମାସ ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି। ଏଠାରେ ଶ୍ରମିକ ମନରେଗା କାମ କରିଥିବା ନାଁରେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଆତ୍ମସାତ ହେଉଛି। ତେବେ ଚାଉଳଶୁଖା ପଞ୍ଚାୟତରେ ପ୍ରକୃତରେ କେତେ ଜଣ ଶ୍ରମିକ ମନରେଗା କାମ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ଜିଲ୍ଲା ପ୍ରଶାସନ ତାହାର ତଦନ୍ତ କରି ଏହିଭଳି ଦୁର୍ନୀତି ବନ୍ଦ କରିବା ଆବଶ୍ୟକ।

## ଗୋପାଷ୍ଟମୀ କାମଧେନୁ ଯଜ୍ଞ ପାଇଁ କଳସ ଯାତ୍ରା

କଣ୍ଟାବାଞ୍ଜି, ୨୮।୧୦(ସମିସ): କଣ୍ଟାବାଞ୍ଜିରେ ଗୋପାଷ୍ଟମୀ କାମଧେନୁ ଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋ ସେବା ସଂଘ ଟ୍ରଷ୍ଟର ସଭାପତି ମନୋଜ ଚିନାଗୁନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କଳସ ଯାତ୍ରା କଣ୍ଟାବାଞ୍ଜି ଗାୟତ୍ରୀ ମନ୍ଦିରରୁ ଆରମ୍ଭ ହୋଇ ମୁଖ୍ୟ ରାସ୍ତା ଦେଇ ୪ ନମ୍ବର ରୋଡ୍ ପୁରୁଣା ଗୁଜୁରାତି ନାଓ ମିଲରେ ପହଞ୍ଚି ଥିଲା। ଏହି କଳସ ଯାତ୍ରାରେ ଗୋ ସେବା ସଂଘର ସମ୍ପାଦକ ରଘୁନାଥ ବଡ଼ୋର, ସଦସ୍ୟ ନନ୍ଦନୀ ପାଣ୍ଡେ, ବିଜେପି ଯୁବା ମୋର୍ଚ୍ଚା ସଭାପତି ଧର୍ମାନନ୍ଦ ୟୁଏଡ, ଜଗନ୍ନାଥ ପାଣିଗ୍ରାହୀ, ଗୋପାଳ ଶର୍ମା, ଅନୁପ ଶର୍ମା, ମନୋଜ ଶର୍ମା, ନିହରଞ୍ଜନ ଦାସ, ଅମୃତା ବଡ଼ୋର, କାହ୍ନା ବାଗ, ଅନିତା ବାଗ, ମୁଖାନ କୁମାର, ନେନା ଭରାସାରସ, ରିନୁ ଚିନାଗୁନ, ଲକି ବେହେରା, ସଂଗ୍ରାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



## ପଞ୍ଚାନନମେଳା ବର୍ଷପୂର୍ତ୍ତି ଉପଲକ୍ଷେ କଳସ ଯାତ୍ରା



ସଇଁତଲା, ୨୮।୧୦(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ସହରର ଗଣେଶ ଛକରେ ପଞ୍ଚାନନ ମେଳା ବର୍ଷ ପୂର୍ତ୍ତି ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ଥାନୀୟ ମଣ୍ଡପ ପରିସରରେ ସହରର ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇଥିଲେ। ଏହାପରେ ଏକ ଶୋଭାଯାତ୍ରା ବାହାରିଥିଲା। ସମସ୍ତେ ନୂଆଁବନ୍ଧରେ ପହଞ୍ଚି ଥିଲେ। ସେଠାରେ ମୁଖ୍ୟ ପଣ୍ଡିତ ବିକ୍ରମ ମିଶ୍ର ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ସଞ୍ଜୟ ସିଂଭୋଇ ଓ ତାଙ୍କ ପତ୍ନୀ ରାକ୍ଷୀ ସିଂଭୋଇ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କଳସ ଯାତ୍ରାରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ଶେଷଦେବ ଯାନୀ, ରବିରଞ୍ଜନ ସାହୁ, ରତ୍ନାକର ଭୋଇ, ଅଲିଶା ଯାନୀ, ଡୋଳା ବେହେରା, ଜିତ ସିଂ ଭୋଇ, ମହେନ୍ଦ୍ର ଭୋଇ, ସ୍ଥାନୀୟ ସରପଞ୍ଚ ସୁବ୍ରତ ନାଗ, ପୂର୍ବତନ ସରପଞ୍ଚ ଭାଗସେନ ସ୍ୱାଇଁ, ବାଦଲ ଅଗ୍ରୱାଲ, ରୋହିତ ଭୋଇ, ଗଣେଶ ଭୋଇ, ପୂରଣ ବେହେରା, ବିଭୁତି ଭୋଇ, ଲିକୁ ସିଂ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

**ଅନ୍ତର୍ଲା ସୁଜିତ୍ ଭୋଇ ହତ୍ୟା ଘଟଣାର ପର୍ଦ୍ଦାଫାସ**

# ମା' ଭଉଣୀଙ୍କ ପ୍ରତି ଅଶ୍ଳୀଳ ଟିପ୍ପଣୀରୁ ହତ୍ୟା

● ନିଶାସକ୍ତ ଅବସ୍ଥାରେ ହତ୍ୟା, ୩ ସାଙ୍ଗ ଗିରଫ
● ସାଙ୍ଗ ହୋଇ ସମସ୍ତେ ମଦ ପିଇଥିଲେ
● ସାଙ୍ଗରେ ଧରିଥିଲେ ଧାରୁଆ ମାରଣାସ୍ତ୍ର



ବଲାଙ୍ଗିର, ୨୮।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଲାରେ ୨୫ ତାରିଖରେ ସୁଜିତ ଭୋଇ ହତ୍ୟା ମାମଲାରେ ପୁଲିସ ପର୍ଦ୍ଦାଫାସ କରିଛି। ଜଣେ ସାଙ୍ଗର ମା', ଭଉଣୀଙ୍କ ପ୍ରତି ସୁଜିତ ଅଶ୍ଳୀଳ ଟିପ୍ପଣୀରୁ ଏହି ହତ୍ୟା ଘଟଣା ଘଟିଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଓମ୍‌ନନ୍ଦ, ରାଜାକଳା, ଇର୍ଫାନ ଛତ୍ରିଆ। ତେବେ କୌଣସି ପୂର୍ବ ଯୋଜନା ନୁହଁ, ନିଶାସକ୍ତ ଅବସ୍ଥାରେ ସାମାନ୍ୟ ବଚସାକୁ ନେଇ ସବୁବେଳେ ପାଖରେ ଥିବା ଧାରୁଆ ମାରଣାସ୍ତ୍ରରେ ସୁଜିତଙ୍କୁ ହତ୍ୟା କରାଯାଇଥିବା ବୋଲି ପୁଲିସ ସୂଚନା ଦେଇଛି। ବଲାଙ୍ଗିର ଟାଉନ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନ୍ତର୍ଲା ଗାଁର ପୂର୍ବତନ ପୁଲିସ କର୍ମଚାରୀଙ୍କ ପୁଅ ସୁଜିତ୍ ଭୋଇ ହତ୍ୟା ମାମଲାରେ ପୁଲିସ ରହସ୍ୟ ଖୋଲିଛି। ବଲାଙ୍ଗିର ସଦର ଏସଡିପିଓ ସରୋଜ ଉପାଧ୍ୟାୟ ସ୍ପଷ୍ଟ କରିଛନ୍ତି। ହତ୍ୟା କରିଥିବା ୩ ଅଭିଯୁକ୍ତ ମୃତ ସୁଜିତ୍ ଭୋଇଙ୍କ ସାଙ୍ଗ ଏସଡିପିଓ ଶ୍ରୀ ଉପାଧ୍ୟାୟଙ୍କ ସୂଚନା ଅନୁସାରେ ସୁଜିତ୍ ସମ୍ପୃକ୍ତ ତିନି ଅଭିଯୁକ୍ତଙ୍କ ସାଙ୍ଗ ଥିଲେ। ଗତ ୨୫ ତାରିଖରେ ସେମାନେ ଗୋଟିଏ ସ୍ଥାନରେ ପରଚାଫଟିରେ ବସି ମଦ ପିଇବା ଆସର ଜମାଇଥିଲେ। ଏହି ସମୟରେ ଅଭିଯୁକ୍ତ ରାଜା ପାଖକୁ ତାଙ୍କ ମା'ଙ୍କ ଫୋନ ଆସିବାରୁ ନିଶାସକ୍ତ ଅବସ୍ଥାରେ ସୁଜିତ୍ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ରାଜା ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ। ଏହାକୁ ନେଇ ସେମାନଙ୍କ ଭିତରେ ଝଗଡ଼ାଲୋଳ ହୋଇଥିଲା। ନିଶାସକ୍ତ ଅବସ୍ଥାରେ ହିଁ ସେମାନେ ସବୁବେଳେ ପାଖରେ ରଖୁଥିବା ଏକ ଧାରୁଆ ମାରଣାସ୍ତ୍ରରେ ତାଙ୍କୁ ହତ୍ୟା କରିଥିଲେ। ଖବର ପାଇ ଦେଓଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସେହି ନିକଟରୁ ଜଣେ ଅଭିଯୁକ୍ତକୁ ପ୍ରଥମେ ଗିରଫ କରିଥିଲା। ପରେ ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି ସମ୍ପୃକ୍ତ ଯୁବକମାନେ ଧାରୁଆ ମାରଣାସ୍ତ୍ର ସହ କାହିଁକି ମଦ ପିଉଥିଲେ? ଅନ୍ୟ କାହାକୁ ହତ୍ୟା କରିବା କିମ୍ବା ସୁଜିତ୍‌କୁ ହତ୍ୟା କରିବା ପାଇଁ ପୂର୍ବ ଯୋଜନା କରିଥିଲେ କି? ନା ସମସ୍ତେ ମିଶି ଲୁଟ୍ କରିବା ଯୋଜନା ରହିଥିଲା କି? ଏହିଭଳି ଏହି ଘଟଣାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ତେବେ ସମ୍ପୃକ୍ତ ଯୁବକମାନେ ସବୁବେଳେ ମାରଣାସ୍ତ୍ର ଧରି ବୁଲୁଥିଲେ ମଧ୍ୟ ଦେଓଗାଁ ଥାନାରେ ସେମାନଙ୍କ ନାମରେ କୌଣସି ଅପରାଧିକ ମାମଲା ନ ଥିବା କହି ଏସଡିପିଓ ଅନେକ ପ୍ରଶ୍ନକୁ ଏଡାଇ ଯାଇଥିଲେ।

**ରଜନୀ ପକ୍ଷରୁ ପ୍ରଣାମ ରାଜେନ୍ଦ୍ର**

# ଶବ୍ଦର ଯାଦୁକର ଥିଲେ ରାଜେନ୍ଦ୍ର ପଣ୍ଡା



ବଲାଙ୍ଗିର, ୨୮।୧୦(ସମିସ): କବି ରାଜେନ୍ଦ୍ର କିଶୋର ପଣ୍ଡା ନିଜ ଜୀବନର ବିପୁଳ ଅନୁଭୂତିକୁ ନେଇ ବିବିଧ ଭାବରେ କବିତା ରଚନା କରିଛନ୍ତି। ଜୀବନ ଦର୍ଶନରେ ପରିପୂର୍ଣ୍ଣ ତାଙ୍କ କବିତାସମୂହକୁ ପଢ଼ି ଜଣେ ଭାବଗ୍ରାହୀ ପାଠକ ତର୍କିରେ ତର୍କାନ ହେବା ସହ ନିଜକୁ ଓ ଜଗତକୁ ଏକ ଭିନ୍ନ ଦୃଷ୍ଟିରେ ଦେଖିବାକୁ ବାଧ୍ୟ ହୁଏ। ସେ ଥିଲେ ଶବ୍ଦର ଯାଦୁକର ଓ ଭାବର ପାରାବାର। କେତେବେଳେ ତାଙ୍କ କବିତା ନାରାମୁକ୍ତିର କଥା କହେ ତ ପୁଣି କେତେବେଳେ ଈଶ୍ୱରଙ୍କ ସଂଯମରେ ସଞ୍ଚରି ଯିବାର ଶିକ୍ଷାଦିଏ। 'କବିତା ଯଜ୍ଞ ନୁହେଁ, ପ୍ରେମ' ବୋଲି ତରୁଣକବିଙ୍କୁ ଅନୁପ୍ରାଣିତ କରି ତାଙ୍କୁ କଲମ ବଢ଼େଇ ଦେବାର କଥା କହେ। ବଲାଙ୍ଗିରର ଅଗ୍ରଣୀ ସାହିତ୍ୟ-ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ 'ରଚନା' ଦ୍ୱାରା ସ୍ଥାନୀୟ ପିପି ଏକାଡେମୀ ସଭାକକ୍ଷରେ ଆୟୋଜିତ ବିଶେଷ ରଚନା ସନ୍ଧ୍ୟାରେ 'ପ୍ରଣାମ ରାଜେନ୍ଦ୍ର' ଶୀର୍ଷକ ସ୍ମୃତି ଓ ଅନୁଭୂତିର ଭାବ ବିନିମୟ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। ରଚନାର ସଭାପତି ସନାତନ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଯୋଗଦେଇ କବି ନବୀନ ବିଶ୍ୱବନ୍ଧୁ ନିଜ ପାଠପଢ଼ା ସମୟରେ କବି ରାଜେନ୍ଦ୍ର ପଣ୍ଡାଙ୍କ କବିତାର ପ୍ରଭାବ କିପରି ସହପାଠୀଙ୍କ ଭିତରେ ସଞ୍ଚରି ଯାଇଥିଲା ଏବଂ ଏବେ ଅଧ୍ୟାପକ ଜୀବନରେ ତାଙ୍କ କବିତାକୁ ପିଲାଙ୍କୁ ପଢ଼ାଇବା ବେଳେ କିପରି ଭାବବିହ୍ୱଳ ହେବାକୁ ପଡ଼େ ତାହା ବର୍ଣ୍ଣନା କରିଥିଲେ। ସଭା ଆରମ୍ଭରେ କବି ରାଜେନ୍ଦ୍ରଙ୍କ 'ଅନ୍ୟା' କବିତାକୁ ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀ ସ୍ୱର ଦେଇ ଗାଇଥିଲେ। ରଚନାର ସମ୍ପାଦକ ଭାଗୀରଥି ମିଶ୍ର କବିଙ୍କ ଜୀବନଯାତ୍ରା ଓ ସାହିତ୍ୟକୃତି ସମ୍ପର୍କରେ ସୂଚନା ଦେଇଥିଲେ। କବିଙ୍କ ଲିଖିତ କେତୋଟି କବିତାକୁ କବି ସସ୍ମିତା ନେପାକ, ବନ୍ଦନା ପଟ୍ଟନାୟକ ଓ ମୃଗେଶ ବୈଷ୍ଣବ ପାଣିଗ୍ରାହୀ ଆବୃତ୍ତି କରିଥିଲେ। ଏହା ପରେ କବି ପ୍ରହ୍ଲାଦ ଶତପଥୀ, ବିଜୟ ତ୍ରିପାଠୀ, ଡ. ଆରତୀ ତ୍ରିପାଠୀ, ଅଧ୍ୟାପକ ଜୟ କୁମାର ଆଚାର୍ଯ୍ୟ, ସୁଶାନ୍ତ ବାଗ ଓ ରାମଶଙ୍କର ଶତପଥୀ କବିଙ୍କ ସହ ନିଜ ସ୍ମୃତି ଅନୁଭୂତିର ବର୍ଣ୍ଣନା କରିଥିଲେ। କବି ଗାଙ୍ଗାବ ଲୋଚନ ଆଚାର୍ଯ୍ୟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ରଚନାର ସହସମ୍ପାଦକ ରତ୍ନମୟ ତ୍ରିପାଠୀ କବିତା ଆବୃତ୍ତି ସହ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଓ ରାଜେନ୍ଦ୍ର କବିତାପ୍ରେମୀ ଯୋଗ ଦେଇଥିଲେ।

● ମାମଲା ରୁଜୁ କରି ଚୁପ୍ କଣ୍ଟାବାଞ୍ଜି ପୁଲିସ

# ଫେରାର ଦାଦନ ସର୍ଦ୍ଦାରକୁ ଗିରଫ ପାଇଁ ପଛଘୁଞ୍ଚା

କଣ୍ଟାବାଞ୍ଜି, ୨୮।୧୦(ସମିସ): ଦାଦନ ଚାଲାଣରେ ବଲାଇ ସାଜିଛନ୍ତି ସରକାରୀ ଶିକ୍ଷକ। ବାବୁ କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଦାଦନ ଶ୍ରମିକ ଚାଲାଣ କରିବା ବେଳେ ପୁଲିସ ପହଞ୍ଚିଥିଲା। କେତେକ ଶ୍ରମିକ ସେଠାରୁ ଉଦ୍ଧାର ହୋଇଥିଲେ; ହେଲେ ମୁଖ୍ୟ ଦାଦନ ସର୍ଦ୍ଦାର କିନ୍ତୁ ଫେରାର ହୋଇ ଯାଇଛି। କଣ୍ଟାବାଞ୍ଜି ପୁଲିସ ତାକୁ ଗିରଫ କରି ପାରିନାହିଁ। ପ୍ରଶ୍ନ ଉଠୁଛି ସେ ସତରେ ଫେରାର ନା ତାଙ୍କୁ ଧରିବାକୁ ପୁଲିସ ପଛଘୁଞ୍ଚା ଦେଉଛି। କଣ୍ଟାବାଞ୍ଜି ପୁଲିସର ଭୂମିକାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଲାଣି।



ଅକ୍ଟୋବର ୧୭ ତାରିଖ କଣ୍ଟାବାଞ୍ଜି ରେଳ ଷ୍ଟେସନରେ ପୁଲିସ ଚଢ଼ଉ କରି ୧୦ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଶ୍ରମିକମାନେ ମୁରିବାହାଲ ବ୍ଲକ ବାରକନ୍ଦ ଗାଁର ସେମାନଙ୍କ ମଧ୍ୟରେ ୨ଜଣ ପୁରୁଷ ୨ଜଣ ମହିଳା ଓ ୬ ଜଣ ଶିଶୁ ଶ୍ରମିକ ଥିଲେ। ଏମାନେ ତୁରେକେଲା ଥାନା କୁଇବାହାଲ ଗାଁର ଦାଦନ ସର୍ଦ୍ଦାର ତଥା ସରକାରୀ ଶିକ୍ଷକ ଗୋଲମତ ବାଗଠାରୁ ଅଗ୍ରୀମ ଟଙ୍କା ନେଇ ରାଜ୍ୟ ବାହାରକୁ ଚାଲାଣ ହେଉଥିଲେ। ପୁଲିସ ରେଳ ଷ୍ଟେସନରେ ଚଢ଼ଉ କରି ସେମାନଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଥାନାକୁ ଆଣିଥିଲା। ଦାଦନ ସର୍ଦ୍ଦାର ଗୋଲମତ ବାଗ କିନ୍ତୁ ଫେରାର ମାରିଥିଲା। ସେତେବେଳେ ପୁଲିସ ତା ନାଁରେ ମାମଲା ରୁଜୁ କରି କାମ ସାରି ଦେଇଥିଲା। ଏ ପର୍ଯ୍ୟନ୍ତ କିନ୍ତୁ ତାକୁ ଗିରଫ କରିନାହିଁ। ଜଣେ ସରକାରୀ କର୍ମଚାରୀ ହୋଇ ମଣିଷ ଚାଲାଣ ଭଳି ଏକ ବେଆଇନ କାର୍ଯ୍ୟକଳାପରେ ସେ ସାମିଲ ହେବା ଆଦୌ ଗ୍ରହଣୀୟ ନୁହେଁ। ସବୁ ଜାଣି ମଧ୍ୟ ପୁଲିସ ତା ପ୍ରତି କିଆଁ ଏତେ ନରମ ବୋଲି ଲୋକଙ୍କ ଭିତରେ ପ୍ରଶ୍ନ ଉଠିଛି। କଣ୍ଟାବାଞ୍ଜି ପୁଲିସ ଜାଣିଶୁଣି ତାକୁ ଫେରାର କରିଛି। ତେଣୁ ଦିନ ଗଡ଼ାଉଛି। ଏହାଦ୍ୱାରା ତା ଲାଗି ଜାମିନ ଆବେଦନ ସହଜ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି।

## ଜିଲ୍ଲା ବିଦ୍ୟାଳୟ ସମୂହ ଯୋଗାସନ ପ୍ରତିଯୋଗିତା ଉଦ୍‌ଘାଟିତ



ଟିଟିଲାଗଡ଼, ୨୮।୧୦(ସମିସ): ଟିଟିଲାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲା ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ୍ ବାଳକ ବାଳିକା ବିଭାଗର ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ସମ୍ମାନୀତ ଅତିଥି ଭାବେ ଟିଟିଲାଗଡ଼ ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ଟିଟିଲାଗଡ଼ ବିଡ଼ଓ ଆର୍ତ୍ତତ୍ରାଣ ରଥ, ପ୍ରଧାନଶିକ୍ଷୟିତ୍ରୀ ପଙ୍କଜ ମେହେର, ଟିଟିଲାଗଡ଼ ବ୍ଲକ କ୍ରୀଡ଼ା ସମ୍ପାଦିକା ପଦ୍ମକାନନ୍ଦିନୀ ବହିଦାର, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ମୋହନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ପ୍ରତିଯୋଗିତାର ବିବରଣୀ ପାଠ କରିଥିଲେ। ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ହେମନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ହିମାଂଶୁ ମହାକୁଡ଼ ସ୍ୱାଗତ ଅଭିଭାଷଣ ସହ ଧନ୍ୟବାଦ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୨ଟି ବ୍ଲକରୁ ୪୭ ଜଣ ବାଳିକା ଓ ୨୯ ଜଣ ବାଳକ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରୁ ଚୟନ ହୋଇଥିବା ଖେଳାଳିମାନେ ମାଲକାନଗିରିଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଯୋଗ ଶିବିରର ଆଶିଷ ଦେବ ସା କନଭେନର ଭାବରେ ଦାୟିତ୍ୱ ତୁଲାଇଥିଲେ। ବଲାଙ୍ଗିର ଜିଲ୍ଲାର ଅଫିସିଆଲ ବିନୋଦ ମହାପାତ୍ର, ଜନାର୍ଦ୍ଦନ ସାହୁ, ପ୍ରଣତି ପାଣିଗ୍ରାହୀ, ନିର୍ମଳା ରଥ, ଉପେନ୍ଦ୍ର ଚୟନ, ପ୍ରଶାନ୍ତ ମିଶ୍ର, ଶଶୀକାନ୍ତ ରାଉତ, ଦିଲୀପ ଧରୁଆ, ରାଧାଗୋବିନ୍ଦ ନାୟକ, ସୁଶୀଳ ପ୍ରଧାନ, ନେତ୍ରାନନ୍ଦ ବାଗ, ରଞ୍ଜିତା ମିଶ୍ର, ଶୁଭେନ୍ଦୁ ମହାନ୍ତି, ସୌମ୍ୟ ରଞ୍ଜନ ପାଣିଗ୍ରାହୀ, ଖିତେଶ୍ୱର ବିଶାଳ ପ୍ରମୁଖ ଯୋଗ ଦେଇଥିଲେ।

## କରାଟେରେ ବଲାଙ୍ଗିରର ସଫଳତା





ବଲାଙ୍ଗିର, ୨୮।୧୦(ସମିସ): କନ୍ଧମାଳ ଜିଲ୍ଲା ଫୁଲବାଣୀରେ ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କରାଟେ ପ୍ରତିଯୋଗିତା ଉଦ୍ୟାପିତ ହୋଇଯାଇଛି। ଦେବୁର୍ଗା ପ୍ରସାଦ ସାହୁ, ରୋହିତ ପ୍ରଧାନ, ଅଂଶୁମାନ ପୃଷ୍ଟି, ସ୍ୱପ୍ନିଲ ଅମାତ, ରମ୍ୟ ରମନ ଭୋଇ, କ୍ରିଷ୍ଣା ନାୟକ, ମନିଶ ନାଗ, ରୋଶନ ସେଠ, ପ୍ରତିଭା ରଣା, ପ୍ରାଚି ବେହେରା, ବୈଷ୍ଣବି ଜାଲ, ଅର୍ଚ୍ଚିତା ତାଣ୍ଡି, ଅଭିପ୍ସା ହୋତା ଏବଂ ଆରାଧ୍ୟା ବିଦ୍ୟାରାଣି ସାହୁ ସ୍ୱର୍ଣ୍ଣପଦକ ଜିତିଛନ୍ତି। ଲୋକେଶ ବାଗ, ଅଭିଶେକ ସାହୁ, ଜସମିନ ସାହୁ ଓ ଶ୍ରୀୟା ସାହୁ ରୌପ୍ୟ ପଦକ ପାଇଥିଲେ। ପ୍ରତିଭା ଛତ୍ରିଆ ଓ ମଧୁସ୍ମିତା ନାଗ କାଂସ୍ୟ ପଦକ ହାସଲ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ସରକାରୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ରିନା ବେହେରା, ଜିଲ୍ଲା ଶାରିରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଏମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଚିକିତ୍ସାଧୀନ ମହିଳାଙ୍କ ବନାରସରେ ମୃତ୍ୟୁ



ବଲାଙ୍ଗିର, ୨୮।୧୦(ସମିସ): ବଲାଙ୍ଗିର ତାଳପାଲିପଡ଼ାର ସ୍ୱର୍ଗିତ ବିଜୁ ପଟ୍ଟନାୟକଙ୍କ ପତ୍ନୀ ପ୍ରତିମା ପଟ୍ଟନାୟକ (୫୩)ଙ୍କ ଉତ୍ତରପ୍ରଦେଶ ବନାରସରେ ପରଲୋକ ହୋଇଯାଇଛି। ମଙ୍ଗଳବାର ସକାଳ ପ୍ରାୟ ୭ଟାରେ ବନାରସ ଡାକ୍ତରଖାନାରେ ତାଙ୍କ ବିୟୋଗ ଘଟିଥିଲା। ସେ ଗତ କିଛି ଦିନ ଧରି ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ବନାରସସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତିନି ପୁଅ ସୌମ୍ୟ, ସୁମିତ ଓ ସୌରଭଙ୍କ ସହ ଝିଅ ଓ ଜ୍ୱାଇଁ ବନାରସରେ ମୃତଦେହ ସତ୍କାର କରିଛନ୍ତି। ବଡ଼ପୁଅ ସୌମ୍ୟ ମୁଖାଗ୍ନି ଦେଇଥିଲେ। ପ୍ରତିମା ବଲାଙ୍ଗିର ତାଳପାଲିପଡ଼ାରେ ରହୁଥିଲେ। ଗତ ପ୍ରାୟ ୪ ମାସ ହେଲା ପୁଅମାନଙ୍କ ବ୍ୟବସାୟ ଯୋଗୁଁ ବନାରସ ଯାଇଥିଲେ।

# ସାଇବର ଠକେଇର ଶିକାର ହେଲେ ୧୯୩୦ରେ ଅଭିଯୋଗ କରିବାକୁ ନିବେଦନ





ବେଲପଡ଼ା, ୨୮।୧୦(ସମିସ): ବଲାଙ୍ଗିର ଜିଲ୍ଲା ବେଲପଡ଼ା ପିଏମ୍ ଶ୍ରୀ ନବୋଦୟ ସ୍କୁଲର ସାଇବର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପୁଲିସ ପ୍ରଶାସନ ତରଫରୁ ଅନୁଷ୍ଠିତ ଏହି ଶିବିରରେ ଛାତ୍ରଛାତ୍ରୀଙ୍କ ସହ ଅଙ୍ଗନବାଡି କର୍ମୀମାନେ ଉପସ୍ଥିତ ଥିଲେ। ସମାଜରେ ଘଟୁଥିବା ସାଇବର କ୍ରାଇମରୁ କେମିତି ରକ୍ଷା ମିଳିବ ଏବଂ ଠକେଇ ଶିକାରରୁ ଦୂରରେ ରହିହେବ ସେନେଇ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବର୍ତ୍ତମାନ କ୍ଷେତ୍ରରେ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଏବଂ ଟ୍ରେଡ଼ିଂ ଠକେଇ, ପାର୍ସଲ ବା କଷ୍ଟମ୍ ଠକେଇ, ନକଲି ପରିଚୟ ଏବଂ ଓଟିପି ଠକେଇ ଭଳି ବିଭିନ୍ନ ଠକେଇ ରିଆରେ ଲୁଟେରାମାନେ ଲୋକଙ୍କୁ ଠକେଇ କରି ଟଙ୍କା ହଡପ କରୁଛନ୍ତି। କୌଣସି ଲୋକ ଫୋନରେ ଧମକ ଚମକ ଦେଲେ ଭୟଭୀତ ନ ହୋଇ ତୁରନ୍ତ ବିଭାଗ ଦ୍ୱାରା ଜାରି ହୋଇଥିବା ଟୋଲ ଫ୍ରି ନମ୍ବର ୧୯୩୦କୁ କଲ୍ କରି ଅଭିଯୋଗ କରିବାକୁ ନିବେଦନ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନୃତ୍ୟ କରି ସଚେତନତା କରାଯାଇଥିଲା। ପ୍ରତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବଲାଙ୍ଗିର ସାଇବର ଥାନା ଆଇଆଇସି ଭାରତୀ ନାୟକ, ବେଲପଡ଼ା ଥାନା ଅଧିକାରୀ ଅନନ୍ତ ପ୍ରଧାନ, ନବୋଦୟ ପ୍ରିନ୍ସପାଲ ଆରାଧନ ମେହେର, ବେଲପଡ଼ା ତହସିଲଦାର ଅଧିକ୍ଷେକ କିସାନ, ସିଡିପିଓ ବିଦ୍ୟୁତପ୍ରଭା ନାଗ ପ୍ରମୁଖ ଉପସ୍ଥିତ ଥିଲେ।

କଣ୍ଟାବାଞ୍ଜି: କଣ୍ଟାବାଞ୍ଜି ଥାନା ସମ୍ମୁଖରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଣ୍ଟାବାଞ୍ଜି ଏସ୍‌ପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନ ଶିବିରରେ ମୁଖ୍ୟ ଅତିଥି ରୂପେ କଣ୍ଟାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲକୋ, ବଲାଙ୍ଗିର ସାଇବର ସୁରକ୍ଷା ସେଲ୍‌ର ଭାରତୀ ନାୟକ, ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ, ଏସବିଆଇ ବ୍ୟାଙ୍କ ପରିଚାଳକ ମୁକେଶ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ଡିଜିଟାଲ ଯୁଗରେ ମୋବାଇଲ ବ୍ୟବହାର ଦ୍ୱାରା ଲୋକଙ୍କ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ରହୁଛି। ବ୍ୟାଙ୍କ କାର୍ଯ୍ୟ ମଧ୍ୟ ମୋବାଇଲରେ ହେଉଛି। ଅନଲାଇନ ମାଧ୍ୟମରେ ଅନେକ କାମ ହେଉଛି। ଏସବୁ ମୋବାଇଲରେ ରଖିଲେ ନିହାତି ଭାବେ ମୋବାଇଲର କିଛି ସୁରକ୍ଷା ବ୍ୟବସ୍ଥା କରିବା କଥା ବୋଲି ସାଇବର ସୁରକ୍ଷା ସେଲ୍‌ର ଅଧିକାରୀ ଭାରତୀ ନାୟକ କହିଥିଲେ। ଅନେକ ଉଦାହରଣ ଦେଇ କେମିତି ଲୋକେ ଠକେଇର ଶିକାର ହେଉଛନ୍ତି ତାହାର ବିବରଣୀ ଦେଇଥିଲେ। ନିଜ ବ୍ୟାଙ୍କ ଖାତା ଓ ତଥ୍ୟକୁ ନେଇ କିଭଳି ଟଙ୍କା ଲୁଟ୍ ହେଉଛି ସେ ବିଷୟରେ କହିଥିଲେ। ମୋବାଇଲରେ କେମିତି ଆପ୍ଲିକେସନଗୁଡ଼ିକୁ ସୁରକ୍ଷା ଦିଆଯାଇପାରିବ ସେନେଇ ସଚେତନ କରିଥିଲେ। ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ସେ ଅନୁରୋଧ କରାଯାଇଥିଲା। ତେବେ ସାଇବର ହେଲ୍ପ ଡେସ୍କ୧୯୩୦ ଟୋଲ ଫ୍ରି ନମ୍ବରକୁ କେହି ଫୋନ କରି ଅଭିଯୋଗ କରିପାରିବେ ବୋଲି ସେ କହିଥିଲେ।

## ଟିଟିଲାଗଡ଼ ବଙ୍ଗାଳୀ ସମାଜର ବିଜୟା ପ୍ରଣାମ ଉତ୍ସବ

ଟିଟିଲାଗଡ଼, ୨୮।୧୦(ସମିସ): ସ୍ଥାନୀୟ ପୌର ପରିଷଦର କଲ୍ୟାଣ ମଣ୍ଡପଠାରେ ଟିଟିଲାଗଡ଼ ବଙ୍ଗାଳୀ ସମାଜର ବିଜୟା ପ୍ରଣାମ ଉତ୍ସବ ପାଳିତ ହୋଇଛି। ସଭାପତି ଶେଖର ଚନ୍ଦ୍ର ସିହ୍ନାଙ୍କ ସଭାପତିତ୍ୱରେ ଏହା ଆରମ୍ଭ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିନ୍ଦୁ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜର ପୁରୋଧା ସଭାପତି ଶେଖର ସିହ୍ନା, ଦୀପକ ସମଦାର, ଡ ପ୍ରବୀପ



ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବଙ୍ଗାଳୀ ସମାଜର ବରିଷ୍ଠ ମହିଳା ଓ ପୁରୁଷଙ୍କ ପାଦ ଧରି କନିଷ୍ଠମାନେ ପ୍ରଣାମ କରିବା ସହ ଆଶୀର୍ବାଦ ନେଇଥିଲେ। ପରେ ନିଜ ନିଜ ଭିତରେ ବନ୍ଧୁ ବାନ୍ଧବଙ୍କୁ କୋଳେଇ ଖୁସି ବ୍ୟକ୍ତ କରିଥିଲେ। ଏହାପରେ ସଭା କାର୍ଯ୍ୟ ସମାଜପତି, କଲ୍ୟାଣ ଘୋଷ, ଗୋପା ସରକାର, ଶଙ୍କର ଦାସ, ପ୍ରତାପ ଦେ, କାଳୀ ମୁଖାର୍ଜୀ, ନବାକୁର ଭଟ୍ଟାଚାର୍ଯ୍ୟ, ସୁଧୀର ଦାସ, ଶଙ୍କର ଚକ୍ରବର୍ତ୍ତୀ, ପ୍ରଦୀପ କର, ନାରୁ ବିଶ୍ୱାସ, ଅରୁଣ ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

'ମୋନ୍ଥା' ପାଇଁ ପ୍ରଶାସନର ତତ୍ପରତା

# ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର ହେଲେଣି ୧୩୨୦ ଜଣ



ରାୟଗଡ଼ା,୨୮।୧୦(ସମିସ): ସାମୁଦ୍ରିକ ଘୂର୍ଣ୍ଣିଝଡ "ମୋନ୍ଥା' ମଙ୍ଗଳବାର ରାତ୍ରରେ ଭୀଷଣ ଭୟଙ୍କର ବାତ୍ୟା ରୂପ ନେଇ ସ୍ଥଳଭାଗକୁ ମାଡି ଆସୁଥିବା ବେଳେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ରେଡ୍ ଆଲର୍ଟରେ ଥିବା ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାରେ ଥିବା ୩ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀସହ ପ୍ରସ୍ତୁତ ହୋଇଥିବା ୧୬୮ଟି ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳକୁ ସଂପୂର୍ଣ୍ଣ ବ୍ୟବସ୍ଥା ମଧ୍ୟରେ ପ୍ରସ୍ତୁତ କରି ରଖାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ନେଇ ରାୟଗଡ଼ା ଜିଲ୍ଲା ରେଡ୍ ଆଲର୍ଟରେ ରହିଥିବାରୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ବ୍ଲକର ନଦୀ ତଳିଆ ୧୩୨୦ଜଣ ଅଞ୍ଚଳବାସୀଙ୍କୁ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଚିହ୍ନଟ ହୋଇଥିବା ଅନ୍ୟ ୬୫୭୦ଜଣଙ୍କୁ ମଧ୍ୟ ଆବଶ୍ୟକ ସ୍ଥଳେ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମନୋଜ ନାହକ ପ୍ରକାଶ କରିଛନ୍ତି। ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗତକାଲି ଓ ଆଜି ଭିତରେ ପ୍ରସବ ପାଇଁ ୧୪୫ଜଣ ଗର୍ଭବତୀ ମହିଳାଙ୍କୁ ମଧ ଆମ୍ବୁଲାନ୍ସ ଯୋଗେ ସୁରକ୍ଷିତ ଭାବେ ସ୍ଥାନୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ମା' ଗୃହ ଗୁଡିକରେ ରଖାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ଏବଂ ଆଉ ଚିହ୍ନଟ ହୋଇଥିବା ୨୫ଜଣ ଗର୍ଭବତୀ ମହିଳାଙ୍କୁ ଆବଶ୍ୟକ ସ୍ଥଳେ ସ୍ଥାନାନ୍ତର କରାଯିବ ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ଲକ୍ଷ୍ମୀଧର ମହାପାତ୍ର ପ୍ରକାଶ କରିଛନ୍ତି।

# ବାତ୍ୟା ପାଇଁ ମକା ଚାଷୀଙ୍କ ଚିନ୍ତା

ପାପଡାହାଣ୍ଡି, ୨୮।୧୦(ସମିସ):



ବାତ୍ୟା ପାଇଁ ନବରଙ୍ଗପୁର ଜିଲ୍ଲା ରେଡ ଜୋନରେ ରହିଥିବା ଭାରତୀୟ ପାଣିପାଗ ବିଭାଗ ସୂଚନା ଦେବାପରେ ଜିଲ୍ଲା ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଜିରୋ କ୍ଷୟକ୍ଷତି ପାଇଁ ତତ୍ପରତା ପ୍ରକାଶ ପାଇଛି। କିନ୍ତୁ ଚାଷୀଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି। ଜିଲ୍ଲାରେ ହଜାର ହଜାର ହେକ୍ଟର ଜମିରେ ମକା, ଧାନ ଫସଲ ଚାଷ ହୋଇଛି । ବର୍ତମାନ ଫସଲ ଅମଳ ସମୟରେ ସାମୁଦ୍ରିକ ଝଡ଼ ବାତ୍ୟା ଆସୁଥିବାରୁ ଚାଷୀଙ୍କ ଚିନ୍ତା ଦୁଇଗୁଣ ବଢିଯାଇଛି। ଚାଷୀ ଫସଲ ଜମିରେ ଛାଡି ପାରୁଛି, ନା କୌଣସି ସୁରକ୍ଷିତ ସ୍ଥାନରେ ରଖି ପାରୁଛି। ଫସଲକୁ ସୁରକ୍ଷିତ ରଖିବାକୁ ନା ସ୍ଥାନ ରହିଛି ନା ଘୋଡେଇବାକୁ ପାଖରେ ତାରପାଲ, ଜରି ରହିଛି । ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ପାପଡାହାଣ୍ଡି ବ୍ଲକର ବିଭିନ୍ନ ଗ୍ରାମରେ। ଚାଷୀ ଧାର କରଜ କରି ଦିନରାତି ଏକ କରି ଉପାର୍ଜିତ ସୁନାର ଫସଲ ଦେଖି ଖୁସରେ ବିଭିନ୍ନ ସ୍ୱପ୍ନ ଦେଖୁଥିବାବେଳେ ବର୍ତ୍ତମାନ କିନ୍ତୁ ଚିନ୍ତା ଦୁଇଗୁଣ ହୋଇଯାଇଛି। ଅଞ୍ଚଳର ଚାଷୀ ମୁଖ୍ୟତଃ ଗରିବ ଶ୍ରେଣୀର ହୋଇଥିବାରୁ ସମ୍ବଳ ଅଭାବ କାରଣରୁ ଧାରକରଜ କରି ସୁନାର ଫସଲ ଫଳାଇ ଋଣ ଶୁଝିବା ପରେ ବଳକା ଟଙ୍କାରେ ବର୍ଷ ତମାମ ପରିବାର ଭରଣପୋଷଣ କରିଥାନ୍ତି। ବ୍ଲକର ବିଭିନ୍ନ ଗ୍ରାମରେ ଚାଷୀ ମକା ଗୁଡିକ ଜମିରୁ ଆଣି ସ୍ଥାନ ଅଭାବରୁ ଗ୍ରାମ୍ୟ ରାସ୍ତା ଉପରେ, ମୁଖ୍ୟ ରାସ୍ତାରେ ଏବଂ ଉଚ୍ଚ ସ୍ଥାନ ମାନଙ୍କରେ ରଖୁଥିବା ବେଳେ ଭଗବାନଙ୍କ ଭରସାରେ ରହିଛି। ସରକାର ଚାଷୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

# ବାତ୍ୟା ପ୍ରସ୍ତୁତି ତଦାରଖ କଲେ ପଟ୍ଟାଙ୍ଗି ବିଧାୟକ

ପଟ୍ଟାଙ୍ଗି,୨୮।୧୦(ସମିସ): ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ପଟ୍ଟାଙ୍ଗି ବ୍ଲକର ବିଭିନ୍ନ ସ୍ଥାନକୁ ଗସ୍ତ କରି ବାତ୍ୟାର ମୁକାବିଲା ପାଇଁ କିଭଳି ପଦକ୍ଷେପ ନିଆଯାଇଛି, ତାହାର ତଦାରଖ କରିଥିଲେ। କୋରାପୁଟ ଜିଲ୍ଲା ସୀମାନ୍ତ ବ୍ଲକ ପଟ୍ଟାଙ୍ଗି ଆନ୍ଧ୍ର ସୀମାନ୍ତରେ ବାତ୍ୟା ମୋନ୍ଥାର ପ୍ରଭାବ ବହୁଳ ମାତ୍ରାରେ ଦେଖିବାକୁ ମିଳିଛି।ଉକ୍ତ ବ୍ଲକ ରେ ମୋଟ ୧୪ ଗୋଟି ପଞ୍ଚାୟତ ରହିଛି। ବାତ୍ୟାର ପ୍ରଭାବରେ ପ୍ରବଳ ମାତ୍ରାରେ ପବନ ସହ ବର୍ଷା ଲାଗି ରହିଥିବ ଦେଖିବାକୁ ମିଳିଛି।ଯାହା ଫଳରେ ସମସ୍ତ ସ୍ଥାନ ରେ ଦୋକାନ ବଜାର ବନ୍ଦ ରହିଥିବା ସହ ଲୋକେ ନିଜ ନିଜ ଘରେ ରହିଛନ୍ତି। ସନ୍ଧ୍ୟା ସୁଦ୍ଧା ପଟ୍ଟାଙ୍ଗିରେ ବର୍ଷା ସହ ପ୍ରବଳ ମାତ୍ରାରେ ପବନ ବହୁଥିଲା। ଯେହେତୁ ବିଳମ୍ବିତ ରାତ୍ରିରେ ଆନ୍ଧ୍ର କାକିନାଡ଼ା ଠାରେ ସ୍ଥଳଭାଗକୁ ଛୁଇଁବ, ଏହାପରେ ପଟ୍ଟାଙ୍ଗି ବ୍ଲକରେ ଏହାର ପ୍ରଭାବ ଦେଖିବାକୁ ମିଳିବ। ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ପଟ୍ଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ଧାରୁଆ ଦିନ ତମାମ ପଟ୍ଟାଙ୍ଗି ମୁଖ୍ୟ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନକୁ ଗସ୍ତ କରି ବାତ୍ୟା ପରିଚାଳନା ବ୍ୟବସ୍ଥା ତଦାରଖ କରୁଥିବା ନଜରକୁ ଆସିଥିଲା। ବ୍ଲକ ପ୍ରଶାସନ ସୂଚନା ଅନୁଯାୟୀ, ଉକ୍ତ ବାତ୍ୟାର ମୁକାବିଲା କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ବ୍ଲକ୍‌ର ସମସ୍ତ ସରପଞ୍ଚ ଏବଂ ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଗ୍ରାମରେ ରହିଥିବା ବିଦ୍ୟାଳୟ ଗୃହରେ ସଜାଗ ରହିଥିବ, ପ୍ରସ୍ତୁତ ହୋଇଥିବା ୮ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକ ମାନଙ୍କୁ ସ୍ଥାନାନ୍ତରିତ କରିବାର



ବ୍ୟବସ୍ଥା ହୋଇଛି। ବ୍ଲକର ସୀମାନ୍ତ ପଞ୍ଚାୟତ ତଥା ତଳଗୋଲୁର, ଅମ୍ବାବାଲି, ସୁଙ୍କି, ନୂଆଗାଁ, କୋଟିଆ, ସମ୍ବାଇ ପ୍ରମୁଖ ଅତି ସମ୍ବେଦନଶୀଳ ହୋଇଥିବାରୁ ଉକ୍ତ ପଞ୍ଚାୟତମାନଙ୍କୁ କଡାକଡି ଦୃଷ୍ଟି ରଖିଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଥିଲା। ଧାନ ଚାଷ ପାଚି ଯାଇଥିବା ବେଳେ ଉକ୍ତ ବର୍ଷା ହେବା ଯୋଗୁଁ ଚାଷୀ ଚିନ୍ତାରେ ଅଛନ୍ତି।

# 'ମୋନ୍ଥା'ର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ଡାବୁଗାଁ, ୨୮।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ବାତ୍ୟା 'ମୋନ୍ଥା'ର ମୁକାବିଲା ନିମନ୍ତେ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ବିଡିଓ ଶରତ ମାଝିଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାତ୍ୟାର କିପରି ମୁକାବିଲା କରାଯିବ ସେନେଇ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଛ। ଏଥିରେ ଆବଶ୍ୟକ ସ୍ଥଳେ ବ୍ଲକ ଅଧୀନ ନଦୀ ପାଶ୍ୱର୍ ଗ୍ରାମର ଲୋକମାନଙ୍କୁ ସ୍ଥାନାନ୍ତର କରାଯିବ। ଏନେଇ ବୋରିଗାଁ ପଞ୍ଚାୟତରେ ୨ଟି, କୋଇଲାରି ଗୋଟିଏ, ଜୁନାପାଣି ଗୋଟିଏ, ଟି, ଜବାଗୁଡା ଗୋଟିଏ, ବଡଓଲମା ଗୋଟିଏ, ଡାବୁଗାଁ ଗୋଟିଏ, ଅଞ୍ଚଳା ଗୋଟିଏ, ମେଦନା ଗୋଟିଏ ଓ ଘୋଡାଖୁଣ୍ଟାରେ ଗୋଟିଏ ଆଶ୍ରୟ ସ୍ଥଳ



ପ୍ରସ୍ତୁତ ରଖାଯାଇଛି । ସେଠାରେ ପର୍ଯ୍ୟାପ୍ତ ପାନୀୟଜଳ, ଶୁଖିଲା ଖାଦ୍ୟ ଓ ଆବଶ୍ୟକ ହେଲେ ରନ୍ଧା ଖାଦ୍ୟ ପ୍ରଦାନ ପାଇଁ ପ୍ରସ୍ତୁତ ରଖାଯାଇଛି। ଏହାସହ ଔଷଧ ଓ ଡାକ୍ତରୀ ଦଳ ସଜାଗ ରଖାଯାଇଛି । ବାତ୍ୟା ସମୟରେ ଗଛ ଭାଙ୍ଗି ପଡିଲେ ଗଛ କାଟି ସାଫା କରିବା ପାଇଁ ଅଗ୍ନିଶମ ଓ ଜଙ୍ଗଲ ବିଭାଗ ସଜାଗ ରହିଛି । ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିଲେ ଶୀଘ୍ର ମରାମତି ପାଇଁ ବିଦ୍ୟୁତ ବିଭାଗ ଓ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ଜଳ ଓ ପରିମଳ ବିଭାଗକୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଥିଲା। ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ଡାବୁଗାଁ ବ୍ଲକ ପ୍ରଶାସନ ସଜାଗ ରହିଛି । ଏଥିରେ ସିଡିପିଓ ମିନତୀ ଦାସ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ନିଗୋ ମୁର୍ମୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ପ୍ରାଣୀ ଚିକିତ୍ସକ ଏଲ. ଲୋକନାଥ ରେଡ୍ଡୀ, ଭାରପ୍ରାପ୍ତ ଅଗ୍ନିସମ କେନ୍ଦ୍ର ଅଧିକାରୀ ଲକ୍ଷ୍ମୀଧର ଜାନୀ, ବନପାଳ ଉମାକାନ୍ତ ପଟ୍ଟନାୟକ, କୃଷି ଅଧିଦର୍ଶକ ସୁଶାନ୍ତ କୁମାର ରାଉତ, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ପୁଷ୍ପାରାଣୀ ସାମଲ, ବିଦ୍ୟୁତ ବିଭାଗ ସହକରି ନିର୍ବାହୀ ଯନ୍ତ୍ରୀ ପବିତ୍ର କୁମାର ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସ ନାୟକ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରୋହିତ କୁମାର କିଶାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ଦିବ୍ୟଶଙ୍କର ପୂଜାରୀ, ଅର୍ଜୁନ ଭତ୍ରା, ନରେଶ ଚନ୍ଦ୍ର ଜାଲ, ରୂପାଲୀ ମଣ୍ଡଳ ଓ କାମିନୀ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ

ପୋଡ଼ାଗଡ଼,୨୮।୧୦(ସମିସ): ବାତ୍ୟା ମନ୍ଥାକୁ ନେଇ କୋରାପୁଟରେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ। ଆଜି ସକାଳ ୧୦ ଘଣ୍ଟା ସମୟରେ କୋରାପୁଟ ଗାନ୍ଧୀ ନଗର ଆଶ୍ରୟସ୍ଥଳୀ, ବଙ୍ଗଳା ଗୁଡ଼ା ଅସ୍ଥାୟୀ ପୋଲ ବୁଲିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବାତ୍ୟା ମନ୍ଥାକୁ ନେଇ ଜିରୋ କାଜୁଆଲିଟି ଲକ୍ଷ୍ୟ ରଖାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଯଦି ବର୍ଷା ଅଧିକ ହୁଏ, ତାହେଲେ ୩୨୬ନ ଜାତୀୟ ରାଜପଥ ସିଲ୍ କରିବା ପାଇଁ ପ୍ରଶାସନ ନିଷ୍ପତି ନଥିବା କୋରାପୁଟ ଜିଲ୍ଲାପାଳ କହିଛନ୍ତି। ରାତି ବଢ଼ିଲେ ପବନର ବେଗ ବଢିବାର ସମ୍ଭାବନା ଥିବାରୁ ପୋଡ଼ାଗଡ ଅଞ୍ଚଳରେ କୋକୁଆ ଭୟ ଦେଖା ଦେଇଛି। ସେହିପରି ଦଶମନ୍ତପୁର ବ୍ଲକ ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଥିବା ଦେଖା ଦେଇଛି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ପଟ୍ଟାଙ୍ଗି,୨୮।୧୦(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପକ୍ଷରୁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଯାଇଛି। ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ମିନି ଷ୍ଟାଡିୟମ ପଟ୍ଟାଙ୍ଗି ଠାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା।ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନବ କୁମାର ପାତ୍ରୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। ପ୍ରାଣୀ ଚିକିତ୍ସକ ଡ. ସ୍ମୃତିରେଖା ପତି ଏବଂ ଡ. ବୃନ୍ଦାବତୀ ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରାମଚନ୍ଦ୍ର କାଡାମ ଯୋଗ ଦେଇଥିଲେ। ଅନ୍ୟତମ



ଅତିଥି ଭାବେ ସାଂସଦ ପ୍ରତିନିଧି ସୁକ୍ରା ଖରା, ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲ, ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ଉପଖଣ୍ଡ ପ୍ରାଣୀ ଅଧିକାରୀ କୋରାପୁଟ ସୁଦର୍ଶନ ସାହୁ, ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ସାଗର କୁମାର ରାମ, ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଜୟପୁର ଡ ବିଶ୍ୱଜିତ ରୟ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ପରୀକ୍ଷିତ କୁଣ୍ଡୁ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ,ତହସିଲଦାର ଦେବେନ୍ଦ୍ର ଧାରୁଆ,ପଟ୍ଟାଙ୍ଗି ସରପଞ୍ଚ ଆଲ୍ଲେ ଫୁଲ, ନୂଆଗାଁ ସରପଞ୍ଚ ସୁବାଷ ଖରା ପ୍ରମୁଖ ଯୋଗ ଦେଇଥିଲେ। କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ବ୍ଲକ ଠାରେ ପ୍ରଥମ ଥର ପାଇଁ ବ୍ଲକସ୍ତରୀୟ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସରକାରୀ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଯୋଜନା ଗୁଡିକ କିଭଳି ପ୍ରତ୍ୟେକ ଜନତା ନିକଟରେ ପହଞ୍ଚାଯାଇ ତାଙ୍କର ଆୟକୁ କିଭଳି ତ୍ରିଗୁଣିତ କରାଯାଇପାରିବ ଉକ୍ତ ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟବସ୍ତୁ ନେଇ ଷ୍ଟଲ୍ ଗୁଡିକରେ ପ୍ରଦର୍ଶନ ମେଳାର ଆୟୋଜନ କରାଯାଇ ଚାଷୀଙ୍କୁ ସଚେତନ କରାଯାଇଛି। ଅନିଲ ଚୌଧୁରୀ, ଧନେଶ୍ୱର ବୁରୁଡ଼ି, ମୁନା ସାହୁ, ଶମ୍ଭୁନାଥ ଫୁଲ, ରୀତା ମହାନ୍ତି, ଜସ୍ମିନ ଡୁମ୍‌ଡୁମ୍, ସୋନାଲି ସାହୁ, ସୁନିଲ ଚୌଧୁରୀ ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବିଜେଡି ନେତାଙ୍କ ପରଲୋକ

ନନ୍ଦପୁର,୨୮।୧୦(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅଞ୍ଚଳର ବରିଷ୍ଠ ବିଜେଡି ନେତା ସୀମାଞ୍ଚଳ ବେହେରାଙ୍କ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁ ଖବର ପାଇ ସିଏଲପି ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଗଭୀର ଶୋକ ପ୍ରକାଶ କରିଛନ୍ତି। ପାଡୁଆ ସ୍ଥିତ ସ୍ୱର୍ଗତ ବେହେରାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ଅନ୍ୟପଟେ ଦଳୀୟ କର୍ମୀ ସହ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ପୀତମ ପାଢ଼ି, ବରିଷ୍ଠ ନେତା ଶଶୀ ଭୂଷଣ ପାତ୍ର, ଜଗନ୍ନାଥ ପାଙ୍ଗି, ସେକ୍ ଗଫୁର, ଜୟରାମ ଭୋଇ, ସାମାଜିକ କର୍ମୀ ମୁନା ଦଳପତି, ବ୍ଲକ୍ କଂଗ୍ରେସ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ, ବିଧାୟକ ପ୍ରତିନିଧି କାମେସ କାମୁଡି, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନାର୍ସୁଲୁ କାମୁଡି, ଯୁବନେତା ଶଶୀ ପଟ୍ଟନାୟକ, ସାମାଜିକ କର୍ମୀ ମୁନା ପଣ୍ଡା, ପୂର୍ବତନ ସରପଞ୍ଚ ଧନପତି ସୀସା, ରାମକୃଷ୍ଣ ପଡାଲ, ବାବୁରାଓ ଖରା, ବିବିନ ମହାନ୍ତି, ଶଶୀ ନାଏର, ସୀମାଞ୍ଚଳ ନାୟକଙ୍କ ସମେତ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇ ତାଙ୍କର ଶେଷ ଦର୍ଶନ କରିଥିଲେ। ପାତାଳୀ ନଦୀ ତୁଟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



# ସୁନାବେଡ଼ାରେ ଛଟ୍ ପୂଜା ସମ୍ପନ୍ନ



ସୁନାବେଡ଼ା,୨୮।୧୦ (ସମିସ): ସୁନାବେଡାରେ ଏବେ ଛଟ୍ ପୂଜା ଧୁମ୍‌ଧାମରେ ପାଳନ ହେଉଛି। ଘରେ ଘରେ ଭକ୍ତି ଓ ଆସ୍ଥାର ପରିବେଶ। ଘାଟ ଓ ପୋଖରୀ ଗୁଡିକୁ ଆଲୋକ ଓ ପୁଷ୍ପରେ ସଜ୍ଜା ଯାଇଛି। ଏହି ପବିତ୍ର ପର୍ବଟି ବିହାର ଓ ଝାଡଖଣ୍ଡରେ ବିଶେଷ ଉତ୍ସାହ ସହ ପାଳିତ ହୁଏ। ଏବେ ଓଡ଼ିଶାର ଅନେକ ଅଞ୍ଚଳରେ ମଧ୍ୟ ଏହାର ଭକ୍ତିମୟ ପରିବେଶ ଦେଖିବାକୁ ମିଳୁଛି। ଛଟ୍ ପୂଜା ଚାରି ଦିନ ଧରି ଚାଲିଥାଏ। ଯେଉଁଥିରେ ଭକ୍ତମାନେ ୩୬ ଘଣ୍ଟା ଧରି ନିର୍ଜଳ ଉପବାସ ରଖନ୍ତି। ଦୀପାବଳି ପରେ ଷଷ୍ଠୀ ତିଥିରେ ଏହି ପୂଜା ଆରମ୍ଭ ହୁଏ। ଷଷ୍ଠୀ ଦିନ ଭକ୍ତମାନେ ଅସ୍ତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଅନ୍ତି ଓ ସପ୍ତମୀ ଦିନ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ଏହି ପୂଜାର ସମାପନ ହୁଏ। ସେମିଲିଗୁଡା ଓ ସୁନାବେଡା ଅଞ୍ଚଳର ଘାଟଗୁଡିକ ଗୋପୀନାଥ ଘାଟ, ଗୁପ୍ତେଶ୍ୱର ଘାଟ ଓ ସୁନାବେଡା ଡ୍ୟାମ ଘାଟ ଭକ୍ତମାନଙ୍କ ଭିଡ଼ରେ ଭରିଯାଇଛି। ମହିଳାମାନେ ନଦୀ ଓ ପୋଖରୀ କୂଳରେ ଦୀପ ଜଳାଇ ଅର୍ଘ୍ୟ ଦେଇଛନ୍ତି। ଚନ୍ଦନ ପ୍ରସାଦ ଅଞ୍ଚଳର ଯୁବ ସଂଘ ଓ ମହିଳା ମଣ୍ଡଳୀଙ୍କ ସଙ୍ଗେ ମିଶି ସଫା ସୁତୁରା, ସୁରକ୍ଷା ଓ ବିଦ୍ୟୁତ ବ୍ୟବସ୍ଥାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି।

## ଛଟ୍ ପୂଜାକୁ ଆସିଥିବା ବ୍ୟକ୍ତିଙ୍କୁ ଆକ୍ରମଣ

ଜୟପୁର,୨୮ ।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଗତକାଲି ସଂଧ୍ୟାରୁ ଉତ୍ତର ଭାରତୀୟ ଭାଷାଭାଷୀ ଲୋକମାନେ ସ୍ଥାନୀୟ ବ୍ରହ୍ମା ସାହି ଖଜୁରୀବନ୍ଦ ନିକଟରେ ପାରମ୍ପରିକ ଛଟ୍ ପୂଜା ପାଳନ କରିଥିଲେ। ଏହିପରା ସାରା ରାତି ଉଜାଗରା ରହିବା ସହିତ ରାତିରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ପୂଜା କମିଟିର ସଦସ୍ୟ ରାମ ପ୍ରତାପ ସିଂ ଯାଦବ ଏବଂ ତାଙ୍କ ବନ୍ଧୁ ବାଘଭଣ୍ଡାର ସାହି ନିଜ ବନ୍ଧୁଙ୍କ ଘରୁ ଗତକାଲି ମଧ୍ୟରାତ୍ରରେ ପ୍ରସ୍ତୁତ ଚା ନେଇ ପୂଜାସ୍ଥଳକୁ ଫେରିବା ବେଳେ ୩ରୁ ୪ଜଣ ଯୁବକ ତାଙ୍କୁ ରାସ୍ତା ଉପରେ ବାଇକ୍ ଅଟକାଇ ଅବରୋଧ କରିଥିଲେ। ରାସ୍ତାରୁ ବାଇକ ବାହାର କରିବାକୁ କହିଥିଲେ। କିନ୍ତୁ ଯୁବକ ମାନେ କୌଣସି କଥା ଶୁଣିନଥିଲେ। ନିଜେ ଅଭିଯୋଗକାରୀ ଗୋଟିଏ ବାଇକ୍‌କୁ ପାଶ୍ୱର୍କୁ ନେବା ବେଳେ ହଠାତ୍ ଉକ୍ତ ଯୁବକ ଆକ୍ରମଣ କରିବା ସହ ମାଡ଼ ମାରିଥିଲେ। ଧର୍ମ ଏବଂ ସମ୍ପ୍ରଦାୟକୁ ଆକ୍ଷେପ କରି ମାରିଥିଲେ। ସେଥିମଧ୍ୟରୁ ଜଣେ ଯୁବକ ଏକ ଲୁହା ପଞ୍ଚରେ ଶ୍ରୀ ଯାଦବଙ୍କ ମୁଣ୍ଡକୁ ଆଘାତ କରିବାର ତାଙ୍କର ମୁଣ୍ଡ ଫାଟି ଯାଇଥିଲା। ଏହି ଦୁଇ ଯୁବକ ସ୍ଥାନୀୟ ହାଇଦ୍ରାବାଦ ଲାଇନ୍ ପଠାଣ ସାହିର ସବିର ଏବଂ ଉସମାନ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି। ଏଥିନେଇ ଛଟ୍ ପୂଜା ଆୟୋଜନ କମିଟିର ସଦସ୍ୟ ମାନେ ଆଜି ମିଳିତ ଭାବେ ଟାଉନଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ଏଥିନେଇ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

# ଉଲ୍ଲାସ ପରୀକ୍ଷା ଦେଲେ ୩୦୬୩୦ ଜଣ

ନବରଙ୍ଗପୁର,୨୮।୧୦(ସମିସ): ନବରଙ୍ଗପୁର ଜିଲ୍ଲାରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ର ପ୍ରଥମ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ମୂଲ୍ୟାଙ୍କନ ପରୀକ୍ଷା ଜିଲ୍ଲା ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୩୦୬୩୦ ଜଣ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୧୨୦୭୪ ଜଣ ପୁରୁଷ , ୧୮୨୫୩ ଜଣ ମହିଳା ଓ ୩ ଜଣ ତୃତୀୟ ଲିଙ୍ଗ ପରୀକ୍ଷା ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷା ହୋଇଥିଲା। ବୟସର ଅପରାହ୍ନରେ ଶିକ୍ଷା ଗ୍ରହଣର ସୁଯୋଗ ଆସିଥିବାରୁ ଶିକ୍ଷାର୍ଥୀ ମାନେ ଖୁସି ପ୍ରକଟ କରିଥିଲେ। ଜିଲ୍ଲାର ୧୦ଟି



ବ୍ଲକ୍‌ରେ ସର୍ବାଧିକ ୪୯୭୮ ଜଣ ପରୀକ୍ଷା ଦେଇଥିଲେ। ପୁରୁଷଙ୍କ ଅପେକ୍ଷା ମହିଳା ପରୀକ୍ଷାର୍ଥୀ ଅଧିକ ଥିବା ଜଣାପଡିଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର ନୋଡାଲ ଅଫିସର ଭାବେ କାର୍ଯ୍ୟ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧକାରୀ ପ୍ରକାଶ ମହାଲିକ, ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସିଆରସିସି ପରୀକ୍ଷା ତଦାରଖ କରିଥିଲେ। ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକ ଓ ସହାୟକ ଆଶୁତୋଷ ବେହେରା ସହାୟତା କରିଥିଲେ।

## ପାପଡାହାଣ୍ଡି ବ୍ଲକ ପ୍ରଶାସନ ସଜାଗ

ପାପଡାହାଣ୍ଡି,୨୮।୧୦(ସମିସ): ବାତ୍ୟା ପାଇଁ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ପ୍ରଶାସନ ସଜାଗ ରହିଥିବା ବିଡିଓ କପିଳଦେବ ସାହୁ ସୂଚନା ଦେଇଛନ୍ତି । ପାପଡାହାଣ୍ଡି ବ୍ଲକ ପ୍ରଶାସନ ଦ୍ୱାରା ୫ଟି ହେଲ୍ପ ନମ୍ବର ଜାରି କରାଯାଇଛି। ଯଦି କୌଣସି ଅଘଟଣ ଘଟେ ତେବେ ୯୩୪୮୫୦୧୦୨୫, ୯୪୩୮୧୬୩୯୮୯ ଏବଂ ୯୪୩୯୦୪୩୫୫୧ ନମ୍ବରରେ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି। ଏହା ୩୦ ତାରିଖ ପର୍ଯ୍ୟନ୍ତ ୨୪ ଘଣ୍ଟା ଚାଲୁରହିବ। ସେହିପରି ଏନଡିଆରଏଫର ଏକ ୟୁନିଟ୍ ମକିଆ ସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ଅଛନ୍ତି। ଓଡ୍ରାଫ ଟିମ ସଜାଗ ଅଛନ୍ତି। ଯଦି କୌଣସି ଅଘଟଣ ହେଲେ ତୁରନ୍ତ ତାହାର ସମାଧାନ କରାଯିବ ବୋଲି ସୂଚନା ଦେଇଛନ୍ତି। ପାପଡାହାଣ୍ଡି ବ୍ଲକର ୧୦ଟି ସ୍ଥାନରେ ଅସ୍ଥାୟୀ ସେଣ୍ଟର କରାଯାଇଛି। ଦରକାର ପଡିଲେ ଲୋକଙ୍କୁ ସେଠାରେ ରଖାଯିବ ଏବଂ ରନ୍ଧା ଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ବ୍ଲକର ଜନବସତି ଅଞ୍ଚଳରେ ପାଣି ରହୁଥିବା ଜାଗାରୁ ମୋଟର ସାହାର୍ଯ୍ୟରେ ପାଣି ନିଷ୍କାସନ କରିବାକୁ ଅଗ୍ନିଶମ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଡ଼ିଓ ସୂଚନା ଦେଇଛନ୍ତି। ସେହିଭଳି ଭାବେ ଉପାନ୍ତ ଅଞ୍ଚଳରୁ ଗର୍ଭବତୀ ମହିଳାଙ୍କୁ ସେମଲା ସ୍ଥିତ ମାଆ ଘରେ ରଖାଯାଇଛି। ଆଜି ସଂଧ୍ୟାର ବିଡ଼ିଓ , ତହସିଲଦାର, ଥାନାଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ମନ୍ଥାକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି।

# ସାମ୍ବାଦିକ ଓ ଆଇନଜୀବୀ ସମ୍ମାନିତ

ସୁନାବେଡ଼ା ,୨୮।୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସ୍ଥିତ ମଙ୍ଗଳ ଭବନ ନୂଆପଡା ଠାରେ ରବିବାର କୋଶଳ ଟାଇମ୍ସ ନ୍ୟୁଜର ରାଜ୍ୟ ସ୍ତରୀୟ ପ୍ରଥମ ବାର୍ଷିକ



ଉତ୍ସବରେ କୋରାପୁଟ ଜିଲ୍ଲା ସୁନାବେଡ଼ାର ସାମ୍ବାଦିକ ମନୋଜ କୁମାର ମୁଦୁଲି ଏବଂ ଆଇନଜୀବୀ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କୁ ରାଜ୍ୟ ସ୍ତରୀୟ ସେବା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କୋଶଳ ଟାଇମ୍ସ ନ୍ୟୁଜ୍‌ର ମୁଖ୍ୟ ପ୍ରତିଷ୍ଠାତା ଦେବ ବୋର ଛତ୍ରିଆଙ୍କ ଅଧକ୍ଷତାରେ ଓ କୋଶଳ ଟାଇମ୍ସ ନ୍ୟୁଜ ଚିଫ୍ ଏଡିଟର ସନ୍ତୋଷ ପଟେଲଙ୍କ ସହଯୋଗରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସରୋଜ କୁମାର ମେହେର, ଆଇନଜୀବୀ ଲବ ସୁନା, ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର, ତୁରେଇ କେଲା ଥାନା ଅଧିକାରୀ ରାକେଶ ବେହେରା, ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ସମାଜସେବୀ ବିନୋଦ କାଳସାଏ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ନୀତି ନିବାରଣ ସଚେତନତା

ସୁନାବେଡା,୨୮।୧୦(ସମିସ): ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଠାରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନାବେଡ଼ା ପୋଲିସ ଥାନା ଆଇଆଇସି, ସୁଷମା କଅଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଦୁର୍ନୀତି ନିବାରଣର ଶପଥ ପାଠ କାରାଇ ଦୁର୍ନୀତି କିପରି ହୋଇଥାଏ ଏବଂ ଏହାକୁ ବନ୍ଦ କରିବା ବର୍ତ୍ତମାନ ଯୁବପିଢିର ଉତ୍ତର ଦାୟିତ୍ୱ ବୋଲି କହିଥିଲେ। ଅଧକ୍ଷା ଉଷାରାଣୀ ଦାସ ଯୋଗ ଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଦୁର୍ନିତୀ ନିବାରଣ ଉପରେ ସଚେତନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାଇବର ସେଫ୍ଟି




ସଚେତନତା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ସୁଷମା କଅଁର, ବିଭିନ୍ନ ପ୍ରକାରର ସାଇବର କ୍ରାଇମ୍ ଏବଂ ଏହାର ଫଳାଫଳ ଉପରେ ଆଲେଚନା କରିଥିଲେ। ଅଧକ୍ଷା ଉଷାରାଣୀ ଦାସ ସାଇବର କ୍ରାଇମ୍‌କୁ ନିୟନ୍ତ୍ରଣ କରିବା ଏବଂ ସଚେତନତାର ବିଭିନ୍ନ ଉପାୟ ବିଷୟରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍ ଏବଂ ୱାଇଆରସି ଆମ କଲେଜ ଆମ ଗୌରବର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧାପିକା ସରିତା ପରିଡ଼ା ସଭା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ସୁଶ୍ରୀ ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ବାସନ୍ତୀ ପଟ୍ଟନାୟକ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ସମସ୍ତ ଛାତ୍ରୀ, କର୍ମଚାରୀ, ଅଧକ୍ଷା, ଅଧାପିକା, ଅଧାପକ ମିଶି ସାଧୁତାର ଶପଥ ପାଠ କରିଥିଲେ।

# ଆଇଇଡି ବୋମାକୁ ନିଷ୍କ୍ରିୟ କଲେ ଯବାନ



ମାଲକାନଗିରି, ୨୮ ।୧୦ (ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡର ସୁକୁମା ଜିଲ୍ଲାରେ ମାଓବାଦୀଙ୍କ ଏକ ବଡ଼ ଯୋଜନାକୁ ପଣ୍ଡ କରିବାରେ ସଫଳ ହୋଇଛନ୍ତି ସୁରକ୍ଷା କର୍ମୀ । ଫୁଲବାଗଡି ବଡେଶେଟ୍ଟି ଜଙ୍ଗଲ ରାସ୍ତାରେ ପ୍ରାୟ ୪୦ କିଲୋଗ୍ରାମ ଓଜନର ଏକ ଆଇଇଡି ବୋମାକୁ ଠାବ କରିଥିଲେ ଯବାନ । ସୁରକ୍ଷା ବାହିନୀକୁ ଟାର୍ଗେଟ କରିବା ଉଦ୍ଦେଶ୍ୟରେ ମାଓବାଦୀ ମାନେ ରାସ୍ତାରେ ଏହି ଲ୍ୟାଣ୍ଡମାଇନ ଖଞ୍ଜି ଥିଲେ । ଡିଆରଜି ଓ ସିଆରପିଏଫ ମିଳିତ ଭାବେ ପାଟ୍ରୋଲିଂ ଯାଉଥିବା ସମୟରେ ଏହି ବିସ୍ଫୋରକ ଠାବ କରିଥିଲେ । ପରେ ବୋମା ନିଷ୍କ୍ରିୟକାରୀ ଦଳ ସୁରକ୍ଷିତ ଭାବେ ଆଇଇଡିକୁ ନିଷ୍କ୍ରିୟ କରିଥିଲେ । ଯବାନ କିମ୍ବା ସାଧାରଣ ଲୋକଙ୍କ ନିକଟରେ ଏହା ବିସ୍ଫୋରଣ ହୋଇଥିଲେ ଭାରି କ୍ଷତି ହୋଇଥାନ୍ତା । ତେବେ ଏହାପରେ ଅଞ୍ଚଳରେ ତଲାସୀ ଅଭିଯାନକୁ ବଢାଇ ଦିଆଯାଇଛି ।

# ମା' ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ



ପଦ୍ମପୁର,୨୮ ।୧୦(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ସ୍ଥିତ କାଳୀପୂଜା ମଣ୍ଡପ ପଡ଼ିଆରେ ମା'ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ଗତକାଲି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗତ ୨୦ ତାରିଖ ଠାରୁ ଆରମ୍ଭ ହୋଇ ଗତ ୨୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପୂଜାରେ ଗଂଜାମ ଜିଲ୍ଲାର ଟିକରପଡାର ରାମାୟଣ, ଗଜପତି ଜିଲ୍ଲାର ଭାରତଲୀଳା, ଭଜନ ସମାରୋହ ସହ ସମ୍ବଲପୁରର ଦୁଲ୍‌ଦୁଲି ବାଜା, ଆଇଟମ୍ ମେଲୋଡି ଦେଖିବାକୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା । ତେବେ ଜଗମଣ୍ଡା ପୁଷ୍କରିଣୀରେ ମା'ଙ୍କ ମୃଣ୍ମୟ ମୂର୍ତ୍ତୀ ଭସାଣି କରାଯାଇଥିବା ବେଳେ ଏହି ସମୟରେ ପୂଜା କମିଟି ସଭାପତି ଗୋଦାବରୀ ରାଉତ, ଚିତ୍ତ ରଣା, ଜୁର ସାହୁ, ପ୍ରକାଶ କଣ୍ଡାଗୀରି, ଟୁକୁନା ପଣ୍ଡା, ପ୍ରଶାନ୍ତ କର, ବିଷ୍ଣୁ ରଥ, ରମେଶ ଚନ୍ଦ୍ର ସାହୁ, ବିଦ୍ୟାଧର ଗୈଡ, ବ୍ରଜ ସୁନ୍ଦର ପାଣିଗ୍ରାହୀ, କରୁଣା ଶବର, ବାଲାଜୀ ପାଢ଼ୀଙ୍କ ସହ ବହୁ ବ୍ୟକ୍ତି ସହଯୋଗ କରିଥିଲେ । ପଦ୍ମପୁର ପୁଲିସ ଶାନ୍ତି ଶୃଙ୍ଖଳା ରଖିବାକୁ ସହଯୋଗ କରିଥିଲେ ।

■ ଶୁଣିଲାଣି ପ୍ରଶାସନ

# ନିଜ ଖର୍ଚ୍ଚରେ ରାସ୍ତା ସଫା କଲେ ଉତ୍କଳ ସାମ୍ବାଦିକ ସଂଘ



କୋରୁକୋଣ୍ଡା,୨୮ ।୧୦(ସମିସ): ଅଞ୍ଚଳକୁ ସଫା ସୁତୁରା ରଖିବା ନିମନ୍ତେ ସରକାରଙ୍କ ତରଫରୁ ବହୁ ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୫୦ମିଟର ଦୂରର ରାସ୍ତା କଡରେ ବହୁଦିନ ଧରି ଗଦାହୋଇ ରହିଥିଲା ଅଳିଆ ଆବର୍ଜନା । ଏହାକୁ ନେଇ ବିଭିନ୍ନ ସମୟରେ ସ୍ଥାନୀୟ ପଞ୍ଚାୟତ ପ୍ରଶାସନ ସହିତ ବ୍ଲକ ଅଧିକାରୀଙ୍କୁ ଅବଗତ କରା ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବାରୁ ଆଜି ବ୍ଲକ୍ ଉତ୍କଳ ସାମ୍ବାଦିକ ସଂଘ ସଦସ୍ୟ ମାନେ ନିଜ ଖର୍ଚ୍ଚରେ ଠେଲା ଗାଡି ସାହାଯ୍ୟରେ ପଡି ରହିଥିବା ଆଲିଆକୁ ସଫା କରିଥିଲେ । ସୂଚନା ଥାଉକି ଉକ୍ତ ରାସ୍ତାଟି ବ୍ଲକ ସଦର ମୁଖ୍ୟ ରାସ୍ତା ହନୁମାନ ମନ୍ଦିର ଠାରୁ ବ୍ଲକ ଅଧୀନ କ୍ଲଷ୍ଟର ବିଲ୍‌ଡିଂକୁ ଯିବା ଆସିବା କରିବାର ମୁଖ୍ୟ ରାସ୍ତା । ଉକ୍ତ କ୍ଲଷ୍ଟର ବିଲ୍‌ଡିଂରେ ପ୍ରାୟ ୧୦ରୁ ଅଧିକ ବ୍ଲକସ୍ତରୀୟ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସରକାରୀ କର୍ମଚାରୀ ନିଜ ପରିବାର ସହିତ ରହିଥିବା ବେଳେ ପ୍ରତେକ ଦିନ କର୍ମଚାରୀ ମାନେ ନିଜ ନିଜ କାର୍ଯ୍ୟାଳୟକୁ ଯିବା ଆସିବା କରିବ ସହିତ ସେମାନଙ୍କର ଛୋଟ ଛୋଟ ପୁଅ ଝିଅ ସେହି ଅଳିଆ ଆବର୍ଜନା ରାସ୍ତା ଦେଇ ସ୍କୁଲକୁ ମଧ୍ୟ ନେବା ଆଣିବା କରିଥାନ୍ତି । ହେଲେ ମଧ୍ୟ ସେହି ରାସ୍ତାରେ ପଡିଥିବା ଆବର୍ଜନାକୁ କାହା ନଜରରେ ପଡୁନଥିଲା । ଏଣୁ ଆଜି ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟ ମାନେ ନିଜ ଖର୍ଚ୍ଚରେ ଗାଡି ଲଗାଇ ସଫା କରିଥିଲେ ।

## 'ମନ୍ଥା'ମୁକାବିଲା ପାଇଁ ଲକ୍ଷ୍ମୀପୁର,ପଟ୍ଟାଙ୍ଗି ଓ କୋଟପାଡରେ ଓଡ୍ରାଫ୍ ଟିମ୍

# ପ୍ରଶାସନ ପ୍ରସ୍ତୁତ, ଆଶ୍ରୟସ୍ଥଳୀରେ ୧୭ ୯ ଜଣ



କୋରାପୁଟ,୨୮ ।୧୦(ସମିସ): ବାତ୍ୟା ମୋନ୍ଥା ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ସକ୍ରିୟ ଥିବା ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୌରଞ୍ଜୀତା ମାଝୀ ସୂଚନା ଦେଇଛନ୍ତି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ନିୟମିତ ବ୍ୟବଧାନରେ ବୈଠକ କରିବା ସହ ସମ୍ଭାବ୍ୟ ବନ୍ୟା ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିବା ସୁଶ୍ରୀ ମାଝୀ ପ୍ରକାଶ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ, ଏସପି ରୋହିତ ବର୍ମା ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ନେଇ କୋରାପୁଟ ପୌର ପରିଷଦର ବିଭିନ୍ନ ଆଶ୍ରୟ ସ୍ଥଳୀ, କୋରାପୁଟ ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ବଙ୍ଗଳାଗୁଡ଼ା ଅସ୍ଥାୟୀ ପୋଲ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି । ଗଣ ମାଧ୍ୟମକୁ ସୂଚନା ଦେଇ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ କହିଛନ୍ତି, ସମ୍ଭାବ୍ୟ ବାତ୍ୟାର ସୂପରିଚନା ଓ ଶୂନ୍ୟ ମୃତ୍ୟୁ ହାର ପାଇଁ ଜିଲ୍ଲା ପ୍ରଶାସନ ସବୁ ପଦକ୍ଷେପ ଗ୍ରହଣ କରି ପ୍ରତି ବ୍ଲକରେ ଜଣେ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରା ଯାଇଥିବା ସୂଚନା ଦେଇଛନ୍ତି । କୋରାପୁଟ ପୌର ପରିଷଦ, ବ୍ଲକ ଓ ଦଶମନ୍ତପୁର ବ୍ଲକ ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ,ଜୟପୁର, ବୈପାରିଗୁଡ଼ା, କୁନ୍ଦୁରା ପାଇଁ ଜୟପୁର ଉପଜିଲ୍ଲାପାଳ ଏ,ସସ୍ୟା ରେ‡ୀ,କୋଟପାଡ,ବୋରିଗୁମ୍ମା ପାଇଁ ଜିଲ୍ଲା ଉନ୍ନୟନ ଅଧିକାରୀ ବେଣୁଧର ଶବର, ନନ୍ଦପୁର, ସେମିଳିଗୁଡା, ପଟ୍ଟାଙ୍ଗି ଓ ଲମତାପୁଟ ପାଇଁ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଲକ୍ଷ୍ମୀପୁର, ନାରାୟଣପାଟଣା ଏବଂ ବନ୍ଧୁଗାଁ ବ୍ଲକ ପାଇଁ କୋରାପୁଟ ଉପଜିଲ୍ଲାପାଳ ପ୍ରେମ ଲାଲ ହିଆଲଙ୍କୁ ଦାୟିତ୍ୱ ଦିଆ ଯାଇଛି । ସୋମବାର ରାତି ସୁଦ୍ଧା କୋଟପାଡ, ଲକ୍ଷ୍ମୀପୁର ଏବଂ ପଟ୍ଟାଙ୍ଗିରେ ୩ ଟି ଓଡ଼ରାଫ୍ ଟିମ୍ ପହଞ୍ଚି ଥିବାବେଳେ ମଙ୍ଗଳବାର ଅପରାହ୍ନରେ ଆଉ ଏକ ଓଡ୍ରାଫ ଟିମ୍ କୋଟପାଡ ଗସ୍ତ କରିବ ବୋଲି ଜଣାପଡ଼ିଛି । ଜିଲ୍ଲାପାଳ ନିଜେ ସମସ୍ତ ତଳିଆ ଅଞ୍ଚଳ ଏବଂ ବିଭିନ୍ନ ଆଶ୍ରୟ ସ୍ଥଳୀ ବୁଲି ଦେଖି ସମୀକ୍ଷା କରିଛନ୍ତି । ଏହା ବ୍ୟତୀତ ବାତ୍ୟା ସମୟରେ ଲୋକଙ୍କୁ ଘରୁ ବାହାରକୁ ଯିବାକୁ ବାରଣ କରା ଯିବା ସହ ଆବଶ୍ୟକ ସ୍ଥଳେ ପ୍ରଶାସନର ସହାୟତା ପାଇବା ପାଇଁ ବ୍ଲକ ୱାରୀ ନିଶୁଳ୍କ ହେଲ୍ପ ଲାଇନ୍ ନମ୍ବର ଜାରି କରା ଯାଇଥିବା ଜଣାପଡ଼ିଛି । ମଙ୍ଗଳବାର ସକାଳ ୫ ଟା ଠାରୁ ସନ୍ଧ୍ୟା ୫ଟା ମଧ୍ୟରେ କୋରାପୁଟ ଜିଲ୍ଲାରେ ମୋଟ ୧୨୦.୬ ମିମି ବର୍ଷା ହୋଇଥିବାବେଳେ ଓଡ଼ିଶା ଆନ୍ଧ୍ର ସୀମା ପଟ୍ଟାଙ୍ଗି ବ୍ଲକରେ ସର୍ବାଧିକ ୪୪.୧ ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି । ବର୍ଷା ପରିମାଣ ବୁଧବାର ଠାରୁ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଓ ଲୋକଙ୍କ ଧନ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସନ୍ଧ୍ୟା ସୁଦ୍ଧା କୋରାପୁଟ ପୌର ପରିଷଦ ୭୦ ଜଣଙ୍କ ସମେତ ମୋଟ ୧୭ ୯ ଜଣଙ୍କୁ ଆଶ୍ରୟ ସ୍ଥଳୀରେ ସ୍ଥାନାନ୍ତର କରିଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

# ତାଲା ଭାଙ୍ଗି ଲୁଟିନେଲେ ସୁନା

ତେନ୍ତୁଳିଖୁଣ୍ଟି,୨୮ ।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନା ଅନ୍ତର୍ଗତ ଇନ୍ଦ୍ରାବତୀ ପ୍ରକଳ୍ପ କଲୋନୀର ଏକ କ୍ୱାର୍ଟର୍ସ ଘର ତାଲା ଭାଙ୍ଗି ସୁନା ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ଇନ୍ଦ୍ରାବତୀ ପ୍ରକଳ୍ପ କଲୋନୀର ଶୁଭେନ୍ଦୁ ସାହୁ (୩୨) ଗତ ୨୫ ତାରିଖରେ ଘରେ ତାଲା ପକାଇ ନବରଙ୍ଗପୁରରେ ରହୁଥିବା ନିଜ ଝିଅ ଘରକୁ ଯାଇଥିଲେ । ସୋମବାର ସନ୍ଧ୍ୟାରେ ଘରକୁ ଫେରି ଦେଖିବା ବେଳେ ଘର ତାଲା ଭଙ୍ଗାଯିବା ସହ ଘରେ ଥିବା ଦୁଇଟି ମଙ୍ଗଳସୂତ୍ର ଏବଂ ଗୋଟିଏ ଛୋଟ ଚେନ୍ ହୋଇଥିଲା । ଏନେଇ ଶୁଭେନ୍ଦୁ ଖାତିଗୁଡା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଖାତିଗୁଡା ଥାନା ଅଧିକାରୀ ହରିଶ ଚନ୍ଦ୍ର ଗୋଲାରୀଙ୍କ ତତ୍ତ୍ୱାବଧାନରେ ଥାନା ଏଏସଆଇ ମହେଶ୍ୱର ବୁଡୁବାଡେ ତଦନ୍ତ ଆରମ୍ଭ କରିଛନ୍ତି । ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ କାବୁ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ଗୋଲାରୀ ପ୍ରକାଶ କରିଛନ୍ତି ।

# ବାତ୍ୟା ପାଇଁ ପ୍ରଶାସନର ପ୍ରସ୍ତୁତି



ଜୟପୁର,୨୮ ।୧୦(ସମିସ): ବାତ୍ୟା ମୋନ୍ଥାର ପ୍ରଭାବ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନର ସମସ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତ ଜୋରଦାର ଚାଲିଛି । ଜୟପୁର ତହସିଲ କାର୍ଯ୍ୟାଳୟ ଠାରେ ତହସିଲଦାର ସବ୍ୟସାଚୀ ଜେନାଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ସେହିପରି ଯୋଗାଣ ବିଭାଗ ପକ୍ଷରୁ ଆବଶ୍ୟକ ଚାଉଳ ଏବଂ ଅନ୍ୟାନ୍ୟ ଶୁଖିଲା ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା,ରାଜସ୍ୱ ବିଭାଗ ପକ୍ଷରୁ ପୋଲିଥିନ ଏବଂ ବର୍ଷା ଏବଂ ଘର ଭାଙ୍ଗିଲେ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ନେଇ ବ୍ୟବସ୍ଥା । ସେହିପରି ଜୟପୁର ତହସିଲ ଅଧିନରେ ରହିଥିବା ବାଲିଆ ଗ୍ରାମ ପ୍ରାକୃତିକ ବିପର୍ଯ୍ୟସ୍ତ ଆଶ୍ରୟ ସ୍ଥଳକୁ ପ୍ରସ୍ତୁତ କରାଯାଇଛି । ଏହିପରି ତଳିଆ ନଦୀ ପାଶ୍ୱର୍ ଅଞ୍ଚଳର ଲୋକମାନଙ୍କୁ ଆଶ୍ରୟ ସ୍ଥଳକୁ ରଖିବା ସହ ମାଗଣା ଖାଦ୍ୟ ପ୍ରଦାନ ନେଇ ବ୍ୟବସ୍ଥା ସୁରକ୍ଷିତ ସ୍ଥାନ ଭାବେ ବିପର୍ଯ୍ୟସ୍ତ କେନ୍ଦ୍ର କରାଯାଇଛି । ସେହିପରି ଅଗ୍ନିସମ ବିଭାଗକୁ ସତର୍କ ରଖାଯାଇଛି, ଏହିପରି ରାସ୍ତାରେ ଗଛପଡିବା ମାତ୍ରେ ଅଗ୍ନିଶମ ବିଭାଗ ପହଞ୍ଚି ସଫେଇ କାର୍ଯ୍ୟ କରିବା ସହ ଗମନାଗମନ ବ୍ୟବସ୍ଥା ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଠଲା । ଏହାପରେ ଜୟପୁର ତହସିଲଦାର ଶ୍ରୀ ଜେନା ବାଲିଆ ଠାରେ ଥିବା ବାତ୍ୟା ଆଶ୍ରୟ ସ୍ଥଳକୁ ତହସିଲଦାର ଅନୁଧ୍ୟାନ କରିଛନ୍ତି । ଆୟୋଜିତ ବୈଠକରେ ତହସିଲଦାର ଶ୍ରୀ ଜେନା ଗତକାଲି ଜୟପୁର ତହସିଲର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସେହିପରି ବାତ୍ୟା ଆଶ୍ରୟ ସ୍ଥଳରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ବିଷୟରେ ଅନୁଧ୍ୟାନ କରାଯାଇଥିଲା । ଏହପରି ପରିଦର୍ଶନ ସମୟରେ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ସୁପରଭାଇଜର ହରିହର ଶତପଥୀଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ୪ ଘଣ୍ଟାରେ ଧରାପୃଷ୍ଠକୁ ଆସିଲେ ୮୪ ନବଜାତକ

କୋରାପୁଟ ୨୮ ।୧୦(ସମିସ): ବାତ୍ୟା ମୋନ୍ଥା କୋରାପୁଟ ମାଟି ଛୁଇଁବା ପୂର୍ବରୁ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ୮୪ ଜଣ ଜନ୍ମ ନେଇଛନ୍ତି । ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ନୀଳ ମାଧବ ଶତପଥୀଙ୍କ ଠାରୁ ହସ୍ତଗତ ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ୭ଟା ମଧ୍ୟରେ ଜିଲ୍ଲାରେ ୩୫ ଜଣ ଶିଶୁପୁତ୍ର ଓ ୩୯ ଜଣ ଶିଶୁ କନ୍ୟା ଜନ୍ମ ହୋଇଛନ୍ତି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟି ଦେଇ ସୁରକ୍ଷିତ ପ୍ରସବ ପାଇଁ ୧୧୭ ଜଣ ଗର୍ଭବତୀଙ୍କୁ ବିଭିନ୍ନ ଡାକ୍ତରଖାନାରେ ଏବଂ ୧୫୧ ଜଣ ଗର୍ଭବତୀଙ୍କୁ ମା ଘରକୁ ମୋଟ ୨୬୭ ଜଣଙ୍କୁ ସ୍ଥାନାନ୍ତର କରା ଯାଇଥିଲା । ସେମାନଙ୍କ ମଧ୍ୟରୁ ୮୩ ଜଣ ୮୪ ଶିଶୁଙ୍କୁ ଜନ୍ମ ଦେଇଛନ୍ତି । ସମସ୍ତ ପ୍ରସୂତି ଓ ନବଜାତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ଜଣା ପଡ଼ିଛି । ଜୟପୁରରେ ଯୋଡ଼ୁଆ ସନ୍ତାନ ଜନ୍ମ ନେଇଥିବା ଜଣାପଡ଼ିଛି ।

# ବାତ୍ୟା ପାଇଁ ସ୍ୱାସ୍ଥ୍ୟ ବିଭାଗର ସତର୍କତା



ବୈପାରୀଗୁଡ଼ା,୨୮ ।୧୦(ସମିସ):ବାତ୍ୟା ମୁକାବିଲା ପାଇଁ ବୈପାରିଗୁଡାର ସମସ୍ତ ସରକାରୀ କର୍ମଚାରୀ ସଜାଗ ରହିଥିବା ବେଳେ ଆଶା କର୍ମୀ ମାନେ କଉଠି ଘଣ୍ଟା ମାରି ଗାଁ ଲୋକଙ୍କୁ ସତର୍କ କରିଛନ୍ତି ଆଉ କଉଠି ଡାକବାଜି ଯନ୍ତ୍ର ମାଧମରେ ସଚେତନ କରୁଛନ୍ତି । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଶମନ୍ତପୁର, କାଠପୋଡ଼ା, ଟିକିରାପୋଡା, ଭାଲିଆପଦର, କୋଟ୍ରାଗୁଡା, ତେନ୍ତୁଳିଗୁମ୍ମା, ଅଟଳଗୁଡା, ଗୁପ୍ତେଶ୍ୱର, କେଚେଲା ଭଳି ସମସ୍ତ ଅଞ୍ଚଳରେ ସଚେତନ କରାଯାଇଛି । ପ୍ରାକୃତିକ ବିପର୍ଯ୍ୟୟର ବାତ୍ୟାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଆଶାକର୍ମୀ ମାନେ ଘର ଘର ବୁଲି ଘଣ୍ଟ ମାରି ଲୋକଙ୍କୁ ସତର୍କ ରହିବାକୁ ସଚେତନ କରୁଛନ୍ତି । ଗ୍ରାମବାସୀଙ୍କୁ ଆଜି କାଲି ଦୁଇଦିନ ଘରୁ ବାହାରକୁ ନ ବାହାରିବା ପାଇଁ ସଚେତନ କରୁଛନ୍ତି । ସଚେତନ ବାର୍ତ୍ତା ସମୟରେ ସ୍ଥାନୀୟ ଅଙ୍ଗନବାଡି, ଏଏନଏମ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ଗର୍ଭବତୀ ମହିଳାଙ୍କୁ ଆଗୁଆ ମାଁ ଗୃହକୁ ସ୍ଥାନାନ୍ତର କୋରାଇଛନ୍ତି । ଆଜି ବୈପାରୀଗୁଡା ମାଆ ଗୃହରେ ମୋଟ ୧୩ ଜଣ ଗର୍ଭବତୀ ପହଞ୍ଚିଛନ୍ତି । ଗର୍ଭବତୀ ମାଆଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପ୍ରତି ମାଆ ଗୃହ ଷ୍ଟାପ ସୁନିତା ପାଙ୍ଗି,ମିନା ହନ୍ତାଳ, ରାଧା ହନ୍ତାଳ, ରଶ୍ମି ହନ୍ତାଳ ପ୍ରମୁଖ ନଜର ରଖିଛନ୍ତି କ୍ଷ କୌଣସି ଜରୁରୀ କାଳୀନ ପରିସ୍ଥିତି ରେ ଆମ୍ବୁଲାନ୍ସ ଯୋଗେ ମେଡିକାଲ ନିଆଯିବ ବୋଲି କହିଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି ବୋଲି ଜଣାପଡ଼ିଛି ।

# ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ, ଜଣେ ଆହତ

କୋରାପୁଟ,୨୮ ।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହର କେନାଲ ରାସ୍ତାରେ ପୋଲରେ ବିଦ୍ୟୁତ ତାର ସଂଯୋଗ କରୁଥିବା ଜଣେ କାର୍ଯ୍ୟରତ ଶ୍ରମିକର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି । ମୃତକ କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ହାଟସୁକୁ ଗ୍ରାମର ବିରେନ ଖେମୁଣ୍ଡୁ (୨୨) । ସୂଚନା ଅନୁଯାୟୀ, ହାଟସୁକୁ ଗ୍ରାମର ଶ୍ରମିକ ମୃତ ବୀରେନ ଠିକାଦାରଙ୍କ ସହିତ ଅନ୍ୟ ଦୁଇ ଜଣ ଶ୍ରମିକ ମୋଟ ତିନି ଜଣଙ୍କୁ କାମ କରିବା ପାଇଁ ଗାନ୍ଧି ଛକ କେନାଲ ପାଶ୍ୱର୍ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ କାମ କରିବାକୁ ଡାକି ନେଇଥିଲେ । କାମ କରୁଥିବା ସମୟରେ ଦୁଇ ଜଣ ଶ୍ରମିକ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ । ଘଟଣାସ୍ଥଳରେ ଶ୍ରମିକ ବିରେନ ଚେତାଶୂନ୍ୟ ହୋଇଥିଲେ ଏବଂ ଅନ୍ୟ ଜଣେ ଶ୍ରମିକ ବୈପାରୀଗୁଡା ଅଞ୍ଚଳର ରାମ ପାଙ୍ଗୀ ଗୁରୁତର ଆହତ ହୋଇଥିଲେ । ତୁରନ୍ତ ଚିକିତ୍ସାଳୟକୁ ସୂଚନା ଦେବା ପରେ ଆମ୍ବୁଲେନ୍ସ ଯୋଗେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ବୀରେନଙ୍କୁ ମୃତ ଘୋଷଣା କରିଥିଲେ ଏବଂ ଗୁରୁତର ଆହତ ଅବସ୍ଥା ସଙ୍କଟାପନ୍ନ ରହିଥିବା ଯୋଗୁଁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣାରେ ପରିବାର ବର୍ଗ ଏବଂ ଜୟପୁର ନିର୍ମାଣ ଶ୍ରମିକ ସଂଘର ସମ୍ପାଦକ ପ୍ରବୀର ମହାନ୍ତି ଓ ଶ୍ରମିକ ନେତା ଉଦୟ ମିଶ୍ରାଙ୍କ ଉପସ୍ଥିତିରେ ମୃତ୍ୟୁ ବ୍ୟକ୍ତିଙ୍କ କ୍ଷତି ପୂରଣ ଦେବା ପାଇଁ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ତଦନ୍ତ କରିବା ସହ ମୃତ ଓ ଆହାତଙ୍କ ପରିବାରକୁ ବୁଝାସୁଝା କରିଛନ୍ତି । ଘଟଣାରେ ପରିବାର ବର୍ଗ ଭରଣ ପୋଷଣ ପାଇଁ ଠିକାଦାରଙ୍କୁ ଅର୍ଥିକ ସହାୟତା ପାଇଁଦାବି କରାଯାଇଥିବା ବେଳେ ଶ୍ରମିକ ସଂଘର ମଧ୍ୟସ୍ଥତାରେ ଆଲୋଚନା ଜାରି ରହିଥିଲା ।

# ସଜାଗ ରହିଛି ନନ୍ଦପୁର ପ୍ରଶାସନ

ନନ୍ଦପୁର,୨୮ ।୧୦ (ସମିସ): ବାତ୍ୟାର ମୁକାବିଲା ନେଇ ରାଜ୍ୟ ତଥା ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିଥିବା ବେଳେ ନନ୍ଦପୁର ଉପଖଣ୍ଡରେ ଆଜି ଦିନ ତମାମ ହାଲୁକା ପବନ ସାଙ୍ଗକୁ ତୁହାକୁ ତୁହା ବର୍ଷା ଲାଗି ରହିଛି । ମିଳିଥିବା ଖବର ଅନୁସାରେ ପାଠଲୁଂ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅସରଗୁଡ଼ାର ସାନିଆ



ଖିଲଙ୍କ ଘର ଉପରେ ଗଛ ପଡ଼ି ଘର ଭାଙ୍ଗିଥିବା ବେଳେ ରାଣୀଡୁଡୁମା ରାସ୍ତା ଉପରେ ଗଛ ପଡ଼ି ସରବତି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜଣାପଡିଛି । ତେବେ ଖବର ପାଇ ସାମାଜିକ କର୍ମୀ ମୁନା ଦଳପତି ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାଇ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେବା ପରେ ଅଗ୍ନିଶମ ବିଭାଗ ପହଞ୍ଚି ଗଛ କାଟି ରାସ୍ତା ସ୍ୱାଭାବିକ କରିଛନ୍ତି । ସେପଟେ ବିଭିନ୍ନ ଆଶ୍ରୟ ସ୍ଥଳୀ ସହ କଣ୍ଟ୍ରୋଲ ରୁମ୍‌ରୁ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା ଓ ତାହସିଲଦାର ଦେବବ୍ରତ ମହାରଣା ୨୩ ପଞ୍ଚାୟତ ଉପରେ ନଜର ରଖି ପ୍ରତିଟି ମୁହୂର୍ତ୍ତର ଖବର ଉପରେ ନଜର ରଖିଛନ୍ତି । ପ୍ରାପ୍ତ ଖବର ଅନୁସାରେ ନନ୍ଦପୁର ଥାନା ଅଧୀନସ୍ଥ ଗୁଣ୍ଡାପୁଟ ପଞ୍ଚାୟତ ମଞ୍ଜୁଗୁଡ଼ା ଗ୍ରାମର ବଳରାମ ଗୁଣ୍ଡାଙ୍କ ଘର ଉପରେ ଏକ ସେମିଳି ଗଛ ପଡ଼ି ତାଙ୍କ ଝିଙ୍କର ଘର ବିଶେଷ କ୍ଷତିଗ୍ରସ୍ତ ହୋଇଛି ।

## ସର୍ବୋଚ୍ଚସ୍ତରରେ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳସ୍ତର

# କୌଣସି ସମୟରେ ଖୋଲିପାରେ ଫାଟକ

ତେନ୍ତୁଳିଖୁଣ୍ଟି,୨୮ ।୧୦(ସମିସ): ବିପଦ ସଂକେତ ନିକଟତର ଅର୍ଥାତ୍ ୬୪୦.୯୦ ମିଟରରେ ପହଞ୍ଚିଛି ଇନ୍ଦ୍ରାବତୀ ଜଳଭଣ୍ଡାର । ବାତ୍ୟା ପାଇଁ ରେଡ ଆଲର୍ଟ ଯୋଗୁ ଯେକୌଣସି ମୁହୂର୍ତ୍ତରେ ଜଳଭଣ୍ଡାର ଫାଟକ ଖୋଲିବାକୁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡାକବାଜି ଯନ୍ତ୍ର ମଧମରେ ଘୋଷଣା କରାଯାଇଛି । ଆଜି ମଧ ରାତ୍ର ସୁଦ୍ଧା ଯଦି ଜଳଭଣ୍ଡାର ଜଳପତ୍ତନ ଯଦି ୬୪୧.୩୦ ମିଟର ଅତିକ୍ରମ କରିବ ତେବେ ଜଳଭଣ୍ଡାର ଫାଟକ ଖୋଲିବାକୁ ଇନ୍ଦ୍ରାବତୀ ପ୍ରକଳ୍ପ ଅତିରିକ୍ତ ମୂଖ୍ୟ ଯନ୍ତ୍ରୀ ଇଂ ନରେଶ କୁମାର ପାତ୍ର ସୂଚନା ଦେଇଛନ୍ତି । ଆଜି ସନ୍ଧ୍ୟା ୬ ଘଟିକା ସୁଧା ଜଳଭଣ୍ଡାର ଜଳପତ୍ତନ ୬୪୦.୯୦ ମିଟର ରେ ପହଞ୍ଚିଥିବା ସୂଚନା ମିଳିଛି । ୨୦୧୮ ମସିହା ଅଗଷ୍ଟ ୧୬ ତାରିଖରେ ଜଳପତ୍ତନ ୬୪୦ ମିଟର ହୋଇଥିବାବେଳେ ତତ୍କାଳୀନ ଜିଲ୍ଲାପାଳ ଡ଼ଃ ଅଜିତ କୁମାର ମିଶ୍ର ଓ ତତ୍କାଳୀନ ମୂଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ସାମନ୍ତ ଶେଖର ଧଳ ସାମନ୍ତଙ୍କ ଉପସ୍ଥିତିରେ ଶେଷ ଥର ପାଇଁ ଇନ୍ଦ୍ରାବତୀ ଜଳଭଣ୍ଡାରର ୫ ଟି ଫାଟକ ଓ ମୁରାନ ଜଳଭଣ୍ଡାରର ୨ ଟି ଫାଟକ ୧୧ ଦିନ ଧରି ଖୋଲାଯାଇଥିଲା । ତେବେ ଦୀର୍ଘ ୭ ବର୍ଷ ଧରି ଫାଟକ ଖୋଲା ଯାଇ ନଥିବାରୁ ନଦୀ ଗର୍ଭରେ ବିରାଟ ଗର୍ତ୍ତ ସୃଷ୍ଟି ହେବା ସହ ସ୍ଥିର ଜଳରାଶି ଯୋଗୁ ନଦୀ ଜଳ ବ୍ୟବହାର କରି ନଦିକୁଳ ବାସିନ୍ଦା ଚର୍ମ ରୋଗରେ ପଡୁଥିବା ଅଭିଯୋଗ ହୋଇଛି ।



ଅପର ପକ୍ଷରେ ବୃହତ ଇନ୍ଦ୍ରାବତୀ ଜଳବିଦ୍ୟୁତ କେନ୍ଦ୍ର ରେ ୪ ଟି ଟରବାଇନ ମଧ୍ୟମରେ ନିଗମ କର୍ତୃପକ୍ଷ ୬୦୦ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ କରି ଦୈନିକ ପ୍ରାୟ ୩ କୋଟି ଟଙ୍କା ରାଜସ୍ୱ ଉପାର୍ଜନ କରୁଥିବାରୁ କୌଣସି ପରିସ୍ଥିତିରେ ଜଳପତ୍ତନ ୬୪୧.୫୦ ମିଟର ଅତିକ୍ରମ କଲେହିଁ ଫାଟକ ଖୋଲିବାକୁ ପୋଡ଼ାଗଡ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ନେଲସନ୍ ତାଡିଙ୍ଗ ସୂଚନା ଦେଇଛନ୍ତି । ତେବେ ଆବଶ୍ୟକ ମରାମତି ଅଭାବରୁ ଇନ୍ଦ୍ରାବତୀ ଓ ମୁରାନ ଜଳଭଣ୍ଡାର ର ସମୁଦାୟ ୧୨ ଟି ଫାଟକ ମଧ୍ୟରୁ ୫ ଟି ଫାଟକ ପାଶ୍ୱର୍ ରବର ସିଲ ଫାଙ୍କ ଦେଇ ପର୍ଯ୍ୟାପ୍ତ ଜଳ ନଦୀ ଗର୍ଭରେ ବହି ଯାଉଥିଲେ ହେଁ ପ୍ରକଳ୍ପ ପ୍ରଶାସନର ନୀରବତା ସଭିଙ୍କୁ ଚକିତ କରିଛି । ଇନ୍ଦ୍ରାବତୀ ପ୍ରକଳ୍ପ ମୂଖ୍ୟ ଯନ୍ତ୍ରୀ ଇଂ ଯୁଗଳ କିଶୋର ଖଟୁଆ ଚଳିତ ଅକ୍ଟୋବର ମାସ ୭ ତାରିଖରେ ଥରୁଟିଏ ଇନ୍ଦ୍ରାବତୀ ଗସ୍ତରେ ଆସି ଫେରିଛନ୍ତି । ଅଧିକାଂଶ ସମୟ ବାରିଣିପୁଟ ଜୟପୁରରେ ଅବସ୍ଥାନ କରୁଥିବା ବେଳେ. ବନ୍ଧ ରାକ୍ଷଣାବେକ୍ଷଣ ପାଇଁ ଆଦୌ ଦୃଷ୍ଟି ଦେଉନଥିବାରୁ ବନ୍ଧର ସ୍ଥାୟୀତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି । ସାମୁଦ୍ରିକ ଘୂର୍ଣ୍ଣିଝଡ଼ "ମୋନ୍ଥା" ପ୍ରଭାବରେ ସମଗ୍ର ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାକୁ ରେଡ୍ ଜୋନ ଅଂଚଳ ଭାବେ ଭାରତୀୟ ପାଣିପାଗ ବିଭାଗ ଘୋଷଣା କରିଛି । ଏହା ପ୍ରଭାବରେ ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ସୃଷ୍ଟି ହୋଇଛି । ତେବେ ଇନ୍ଦ୍ରାବତୀ ପ୍ରକଳ୍ପ ଜଳଭଣ୍ଡାର ଫାଟକ ଖୋଲିବା ନିଷ୍ପତ୍ତି ତ୍ରିଶଙ୍କୁ ଅବସ୍ଥାରେ ଥିବାରୁ ଏକ ପ୍ରକାର ବିପଦ ଆଶଙ୍କା ସୃଷ୍ଟି ହୋଇଛି । ଇନ୍ଦ୍ରାବତୀ ପ୍ରକଳ୍ପ ମୂଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ନରେଶ କୁମାର ପାତ୍ର, ନିର୍ବାହୀ ଯନ୍ତ୍ରୀ ଇଂ ନେଲସନ୍ ତାଡିଙ୍ଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସରୋଜ କାନ୍ତ ଦାସ, ଇଂ ଶ୍ରୀକାନ୍ତ କୁମାର ସାହୁ ,ଇଂ ଚିନ୍ମୟ ରାଉତରାୟ, ଇଂ ଏସ୍ ଚିଦାନନ୍ଦ, ଇଂ ଅମର କୁମାର ସେଠୀଙ୍କ ସମେତ ଅନ୍ୟମାନେ ଆଜି ରାତି ତମାମ ବୃହତ୍ ଇନ୍ଦ୍ରାବତୀ ଜଳଭଣ୍ଡାରର ସ୍ୱର୍ଣ୍ଣକାତର ଅଞ୍ଚଳରେ ସତର୍କ ରହିବେ ବୋଲି ସୂଚନା ମିଳିଛି ।

# ହୃଦରୋଗ ପରୀକ୍ଷଣ ଶିବିର



ଜୟପୁର,୨୮ ।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଷ୍ଟ୍ରିୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜିଲ୍ଲା ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର ପରିସରରେ ଆଜି ହୃଦରୋଗ ସମ୍ବନ୍ଧୀୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୪ଟି ବ୍ଲକରୁ ଆସିଥିବା ୧୦୦ ଜଣ ଜନ୍ମରୁ ୧୮ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ହୃଦ ରୋଗ ସମ୍ବନ୍ଧୀୟ ଚିକିତ୍ସା ପାଇଁ ପରୀକ୍ଷଣ କରାଯାଇଥିଲା । ଏହି ଶିବିରରେ ବିଶାଖାପାଟଣା ସ୍ଥିତ ଚୁକ୍ତିନାମା ହୋଇଥିବା ଘରୋଇ ଚିକିତ୍ସାଳୟ ମେଡିକଭର ବିଶାଖାପାଟଣା ଚିକିତ୍ସାଳୟର ଶିଶୁ ହୃଦରୋଗ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ରାଜୁ ଇକୋ ଯାଞ୍ଚ କରିବା ସହିତ ସମସ୍ତ ହୃଦୟ ସମ୍ବନ୍ଧୀୟ ପରୀକ୍ଷା କରିଥିଲେ । ମୋଟ ୧୦୦ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇଥିବା ବେଳେ ସେଥି ମଧ୍ୟରୁ ୪୪ଜଣ ଶିଶୁ ରୋଗୀଙ୍କୁ ଉଚ୍ଚତ୍ତର ଚିକିତ୍ସା ନିମନ୍ତେ ମେଡିକଭର ଚିକିତ୍ସାଳୟକୁ ପଠାଯିବ ବୋଲି ରାଷ୍ଟ୍ରିୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମ୍ୟାନେଜର ସନ୍ତୋଷୀ କୁମାରୀ ଗୋପୀ ପ୍ରକାଶ କରିଛନ୍ତି । ଏହି ଶିବିରରେ ଜିଲ୍ଲା ଚିକିତ୍ସାଳୟର ଅଧିକ୍ଷକ ଡା.ଦିଲ୍ଲିପ କୁମାର ବିଶ୍ୱାଳ, ଶିଶୁ ବିଶେଷଜ୍ଞ ଡା. ଦୁର୍ଗା ପ୍ରସାଦ ପାତ୍ର ଏବଂ ଚିକିତ୍ସାଳୟ ମ୍ୟାନେଜର ରୁପସୀ ମଧୁମିତା ନାୟକ ଓ ତଥାଗତ ଦାସ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ସହଳ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଆସନ୍ତା ୧ରୁ ଆରମ୍ଭ ହେବ ବାଘ ଗଣନା

ଅନୁଗୋଳ,୨୮।୧୦(ସମିସ)

ଆସନ୍ତା ନଭେମ୍ବର ମାସ ୧ତାରିଖରୁ ସାରା ଦେଶରେ ବ୍ୟାଘ୍ର ଗଣନା ହେବାକୁ ଯାଉଛି। ସେଥିପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତୃଣମୂଳସ୍ତରରେ ବିଭିନ୍ନ ବର୍ଗର ବନ କର୍ମଚାରୀଙ୍କୁ ବ୍ୟାଘ୍ର ଗଣନା ସମ୍ପର୍କରେ ତାଲିମ ଦିଆଯାଉଛି। ଅନୁଗୋଳ ବନଖଣ୍ଡରେ ଥିବା ୬ଟି ବନାଞ୍ଚଳରେ ପର୍ଯ୍ୟାୟ କ୍ରମେ ତାଲିମ ଦିଆଯିବ। ଜରପଡ଼ା ବନାଞ୍ଚଳରୁ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ। ପ୍ରତି ୪ବର୍ଷରେ ଥରେ ସାରା ଦେଶରେ ଥିବା ଜଙ୍ଗଲ ଗୁଡ଼ିକରେ ବାଘ ଗଣନା ହୁଏ। ତେଣୁ ଚଳିତ ବର୍ଷ ନଭେମ୍ବର ୧ତାରିଖ ଠାରୁ ଗଣନା ଆରମ୍ଭ ହେବ। ତେବେ ବର୍ତ୍ତମାନ ସମୟରେ ବାଘ ଗଣନା କାର୍ଯ୍ୟକ୍ରମ ଅତ୍ୟାଧୁନିକ ପଦ୍ଧତିରେ କରାଯାଉଥିବାରୁ ସମସ୍ତ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଉଛି। ପ୍ରତି ବନାଞ୍ଚଳରେ ଥିବା ବିଟ୍ ହାଉସ, ସେକ୍ସନ ଏବଂ ସ୍କ୍ୱାର୍ଡ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ବିଶେଷଜ୍ଞମାନେ ଆସି ତାଲିମ ପ୍ରଦାନ କରୁଛନ୍ତି। ପ୍ରଥମେ କର୍ମଚାରୀମାନଙ୍କୁ ମୋବାଇଲ ଆପ୍ ଜରିଆରେ କିଭଳି ବାଘର ଗତିପଥ, ହାବିଟେଟ୍, ଜଙ୍ଗଲର ପ୍ରକାର ଏବଂ ତୃଣଭୋଜି ପ୍ରାଣୀମାନଙ୍କ ଅବସ୍ଥିତି ଜାଣିହେବ ସେନେଇ ପ୍ରଶିକ୍ଷଣ ଦିଆଯାଉଛି। ଏହାପରେ ଜଙ୍ଗଲ ଭିତରେ ଟ୍ରାଞ୍ଜିଟ ଲାଇନରେ କିଭଳି ପାଦରେ ଚାଲିଚାଲି ଯିବାକୁ ହେବ, ହରିଣ, କୁଟୁରା, ବାର୍ହା ଭଳି ତୃଣଭୋଜି ପ୍ରାଣୀମାନଙ୍କ ପାଦଚିହ୍ନ ଦେଖି ସେମାନଙ୍କ ସଂଖ୍ୟା ଓ ଅବସ୍ଥିତି ଜାଣି ହେବ ସେନେଇ କର୍ମଚାରୀମାନଙ୍କୁ ଶିକ୍ଷା ଦିଆଯାଉଛି।



ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

କାରଣ ବାଘ ତୃଣଭୋଜି ପ୍ରାଣୀ ଥିବା ସ୍ଥାନରେ ଶିକାର ପାଇଁ ରୁହନ୍ତି। ଏହାଛଡ଼ା କେଉଁଠି ଏବଂ କେତେ ଉଚ୍ଚତାରେ ଟ୍ରାପ କ୍ୟାମେରା ଲଗାଇଲେ ବାଘର ଚିତ୍ର ଉତ୍ତୋଳନ ହୋଇପାରିବ, ବାଘ ପାଦ ଚିହ୍ନ ଦେଖିଲେ କିଭଳି ସୁରକ୍ଷିତ ଭାବେ ତାର ନମୁନା ସଂଗ୍ରହ କରିବାକୁ ହେବ ସେ ସମସ୍ତ ପ୍ରଶିକ୍ଷଣ କର୍ମଚାରୀ ମାନଙ୍କୁ ଦିଆଯାଉଛି। ବର୍ତ୍ତମାନ ସମୟରେ ଯେଉଁ ସବୁ ଅତ୍ୟାଧୁନିକ ପଦ୍ଧତି ଅବଲମ୍ବନ କରାଯାଉଛି, ସବୁ କିଛି ବିଶେଷଜ୍ଞମାନେ ବୁଝାଉଛନ୍ତି। ଆସନ୍ତା ନଭେମ୍ବର ୧ତାରିଖ ଠାରୁ ୭ତାରିଖ ପର୍ଯ୍ୟନ୍ତ ଜଙ୍ଗଲ ଭିତରେ ବାଘ ଗଣନା କାର୍ଯ୍ୟକ୍ରମ ଚାଲିବ। ସେହି ସମୟସୀମା ଭିତରେ କର୍ମଚାରୀମାନେ ଯାହା ତଥ୍ୟ ସଂଗ୍ରହ କରିବେ ଏବଂ ସେସବୁର ତର୍ଜମା କରାଯିବ। ପରେ ୨୫ଦିନ ପର୍ଯ୍ୟନ୍ତ କ୍ୟାମେରା ଟ୍ରାପ୍ ଚାଲୁ ରହିବ। ପ୍ରତ୍ୟକ ଦିନ ନିର୍ଦ୍ଧାରିତ ସମୟରେ କର୍ମଚାରୀମାନେ ଯାଇ କ'ଣ ଚିତ୍ର ଉତ୍ତୋଳନ ହୋଇଛି ତାହା ଦେଖିବେ। ଏସମସ୍ତ ତଥ୍ୟକୁ ଏକାଠି କରି କେଉଁ ଜଙ୍ଗଲରେ କେଉଁ ପ୍ରଜାତିର କେତେ ବାଘ ଅଛନ୍ତି ତାହାର ଆକଳନ କରାଯିବ। ତେବେ ଅନୁଗୋଳ ବନଖଣ୍ଡରେ ମହାବଳ ବାଘ ନଥିବାରୁ କଲରାପତରିଆ ବାଘ, ହେଟାବାଘ ଓ ଅନ୍ୟ ବିଡାଳ ଜାତୀୟ ପଶୁଙ୍କର ଗଣନା କରାଯିବ ବୋଲି ଅନୁଗୁଳ ଡିଏଫ୍‌ଓ ସୂଚନା ଦେଇଛନ୍ତି। ଗତ ୨୦୨୨ ପର୍ଯ୍ୟନ୍ତ କେବଳ ଅନୁଗୋଳ ବନଖଣ୍ଡରେ ୩୨ରୁ ଅଧିକ କଲରାପତାରିଆ ବାଘ ଥିଲେ। ୨୦୨୨ଗଣନାର ରିପୋର୍ଟ ବର୍ତ୍ତମାନ ସୁଦ୍ଧା ସାର୍ବଜନୀନ କରାଯାଇନାହିଁ। ଚଳିତ ବର୍ଷ କଲରାପତାରିଆ ବାଘ ସମେତ ଅନ୍ୟ ବିଡାଳ ଜାତୀୟ ଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ନେଇ ଆଶା କରାଯାଉଛି।

## କିଶୋରନଗର ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି

କିଶୋରନଗର,୨୮।୧୦(ସମିସ): କିଶୋରନଗର ବ୍ଲକ ସଭାଘରଠାରେ ମନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ସାମାଜିକ ସମୀକ୍ଷା ଓ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଅଧ୍ୟକ୍ଷତା କରି ମନରେଗା କାର୍ଯ୍ୟର ତଦାରଖ ବ୍ୟବସ୍ଥା କମିଟିଗୁଡ଼ିକ ସୁଚାରୁରୂପେ କରିବା ପାଇଁ ମତବ୍ୟକ୍ତ କରିଥିଲେ। ବିଡିଓ ସୁବ୍ରତ କୁମାର ବେହେରା ଓ ଜିଲ୍ଲା ସାମାଜିକ ସମୀକ୍ଷକ ସୁଧାଂଶୁ କୁମାର ସ୍ୱାଇଁ ଯୋଗଦେଇ ଆଲୋଚନା କରିଥିଲେ। ସାମାଜିକ ସମୀକ୍ଷାରେ ଦୀର୍ଘମାସ ପୂର୍ବରୁ ବିବାହିତା ମହିଳା ଓ ମୃତ ବ୍ୟକ୍ତିଙ୍କୁ ରାସନ ସାମଗ୍ରୀ ଦିଆଯାଉଥିବା ସାମାଜିକ ସମୀକ୍ଷାରୁ ଜଣାପଡ଼ିଥିଲା। ସଫ୍ଟୱେୟାର ସିଷ୍ଟମରେ ମୃତବ୍ୟକ୍ତିଙ୍କ ଚିହ୍ନଟ ପରେ ମଧ୍ୟ ତାହା ଡିଲିଟ୍ ହୋଇପାରୁ ନାହିଁ ବୋଲି ଯୋଗାଣ ଅଧିକାରୀ ରୁଷଭ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ଏଥିରେ ଏପିଓ ସୁଶାନ୍ତ ନାୟକ ଯୋଗଦେଇ ମନରେଗା ଯୋଜନାରେ ବ୍ଲକରେ ୨ ଲକ୍ଷ ୯ ହଜାର ୯୪୪ଟି ୨୦୨୫/୨୬ ଆର୍ଥିକ ବର୍ଷରେ ଶ୍ରମ ଦିବସ ସୃଷ୍ଟି କରାଯାଇ କାମ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। ହଣ୍ଡପା ସମିତି ସଭ୍ୟ ଆନୁକୂଲ୍ୟ ବେହେରା, ଓସ୍କାପାଲ୍ଲୀ ସମିତି ସଭ୍ୟ ସାବିତ୍ରୀ ନାଏକ, ଧଡ଼ରପାଳ ସରପଞ୍ଚ କ୍ଷମାନିଧି ପ୍ରଧାନ, ଆମ୍ବପାଳ ସରପଞ୍ଚ ସୁଲୋଚନା ବିରୁ, ରଣିଆକଟା ସରପଞ୍ଚ ସୁଲୋଚନା ପ୍ରଧାନ ନିଜ ପଞ୍ଚାୟତରେ ଏହିଯୋଜନାରେ କାର୍ଯ୍ୟକରି ବି ବିଲ୍ ଠିକ୍ ସମୟରେ ମିଳୁନଥିବା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିପ୍ତିମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ଏବିଡିଓ ଦିଲୀପ ପ୍ରଧାନ ଓ ଭିଆରପି, ପିଇଓ, ଏଡିଇଓ ମାନେ ଉପସ୍ଥିତ ଥିଲେ।

## ଜଙ୍ଗଲରୁ ବେଆଇନ ଭାବରେ କାଠ ଚାଲାଣ ଅଭିଯୋଗ

ବଇଣ୍ଡା,୨୮।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍ ଧଣ୍ଡାତୋପା ବନ ବିଭାଗ ଅଧୀନରେ ଥିବା କଂସାବ ଜଙ୍ଗଲରୁ କିଛିଦିନ ହେବ ବେଆଇନ ଭାବରେ ମୂଲ୍ୟବାନ କାଠ ଚାଲାଣ ହେଉଥିବା ଅଞ୍ଚଳବାସୀ ମଙ୍ଗଳବାର ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କଂସାବ ଜଙ୍ଗଲରେ କିଛି ଦିନହେବ ବେଆଇନ ଭାବେ ଶାଗୁଆନ, ଶାଳ ଭଳି ମୂଲ୍ୟବାନ ଗଛଗୁଡ଼ିକ କଟାଯାଉଛି। କାଠ ମାଫିଆ ମାନେ ପ୍ରତ୍ୟେକ ଦିନ ଜଙ୍ଗଲରୁ ମୂଲ୍ୟବାନ ଶାଗୁଆନ, ଶାଳ ଗଛଗୁଡିକ କାଟି ବାହାରକୁ ଚାଲାଣ କରୁଛନ୍ତି। ଏପରିକି ସେମାନେ କଟରରେ ଗଛ କାଟିବା ପରେ ଉକ୍ତ ଜଙ୍ଗଲରେ ଥିବା ଗୁପ୍ତସ୍ଥାନରେ ଚଉକାଠ ଓ ପଟା ପ୍ରସ୍ତୁତ କରି ପ୍ରତିଦିନ ଗାଡିରେ ବାହାରକୁ ଚାଲାଣ କରୁଛନ୍ତି। କାଠମାଫିଆ ମାନେ ଜଙ୍ଗଲ ବିଭାଗର କିଛି କର୍ମଚାରୀଙ୍କୁ ହାତକରି ଏ ପରି ବେଆଇନ ଭାବରେ ଚାଲାଣ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୯୪ ମସିହାରେ ଏହି ଜଙ୍ଗଲରେ ୮୯୬୫ଟି ଶାଳ, ଶାଗୁଆନ, ଶିଶୁ, ପିଆଶାଳ ଭଳି ମୂଲ୍ୟବାନ ଗଛ ଲଗାଯାଇଥିଲା। ଗଛଗୁଡିକ ଏବେ ବଡ଼ ହୋଇ ଯାଇଥିବା ଯୋଗୁଁ କାଠ ଚୋରଙ୍କର ନଜର ପଡିଛି। ଜଙ୍ଗଲରେ ବନ ବିଭାଗ ପକ୍ଷରୁ ସଠିକ ଭାବରେ ପାଟ୍ରୋଲିଂ କରାଯାଉ ନଥିବା ଯୋଗୁଁ କାଠ ମାଫିଆମାନେ ନିରାପଦରେ ଜଙ୍ଗଲରେ ପଶି ଗଛ କାଟୁଛନ୍ତି। ବିଭାଗୀୟ ଅଧିକାରୀମାନେ ତୁରନ୍ତ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଧଣ୍ଡାତୋପା ରେଞ୍ଜର ବବୃବାହାନ ସାହୁ କୁହନ୍ତି ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦିଆଯାଉଛି।

## ଅଙ୍ଗନବାଡ଼ି କର୍ମୀଙ୍କ ପାଇଁ ଶିକ୍ଷଣ କାର୍ଯ୍ୟକ୍ରମ



କିଶୋରନଗର,୨୮।୧୦(ସମିସ): ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ ଅଫ୍ ମହିଳା, ଶିଶୁ ଓ ଯୁବ ବିକାଶ ପକ୍ଷରୁ ଜିଲ୍ଲା ଖଣିଜ ତହବିଲ ଓ କିଶୋରନଗର ବ୍ଲକ୍ ପ୍ରଶାସନର ସହଯୋଗରେ ଗ୍ରିନ୍ ଇନିସିଆଟିଭ୍ ପ୍ରୋଜେକ୍ଟ ଅଧୀନରେ ଅଙ୍ଗନବାଡି କର୍ମୀଙ୍କ ପାଇଁ ଶିକ୍ଷଣ ଓ ଓରିଏଣ୍ଟେସନ୍ ପ୍ରୋଗ୍ରାମ୍ ଆୟୋଜନ କରାଯାଇଛି। ଗ୍ରାମସ୍ତରରେ ଅବଶିଷ୍ଟ ପରିଚାଳନା ବିଷୟରେ ଜଣେକା ଓ କ୍ଷମତା ଗଠନ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଚାଲୁଥିବା ଅବଶିଷ୍ଟ ପରିଚାଳନା ଅଭିଯାନର ପଞ୍ଚମ ଦିନରେ ଅଙ୍ଗନବାଡି କର୍ମୀଙ୍କୁ ଅବଶିଷ୍ଟ ବିଭାଜନ, ଘରୋଇ ପରିଷ୍କାରତା ଓ ସମୁଦାୟ ଜାଗୃକତା ବିଷୟରେ ଆଲୋଚନା କରାଯାଇଛି। ବିଡିଓ ସୁବ୍ରତ କୁମାର ବେହେରା, ଏବିଇଓ ଦିଲୀପ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ (ଉପସଭାପତି) ଓ ସିଡିପିଓ ଆରତି ସିଂହ ଉପସ୍ଥିତ ଥିଲେ। ଏନଆଇଡବ୍ଲୁସିୱାଇଡି ପକ୍ଷରୁ ସୁଭଦ୍ରା ପାଣିଗ୍ରାହୀ, ଅମିୟ କାନ୍ତ ଜୋଶି ଓ ଦେବାଶିଷ ଦାସ କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରାହୀମାନେ ବିଭିନ୍ନ ପଞ୍ଚାୟତର ସଫଳ ଅବଶିଷ୍ଟ ପରିଚାଳନା ମଡେଲ୍ ଉପରେ ଭିଜୁଆଲ୍ ପ୍ରଦର୍ଶନ ଦେଖିଥିଲେ। ସେସନ୍‌ରେ ସୋର୍ସ ସେଗ୍ରେଗେସନ୍, ସବୁଜ ଓ ନୀଳବିନ୍‌ର ସଠିକ ବ୍ୟବହାର, ଫିକାଲ୍ ସ୍ଲଜ୍ ଏବଂ ସେପ୍ଟେଜ୍ ମ୍ୟାନେଜମେଣ୍ଟ (ଏଫଏସଏସଏମ୍) ଓ ଭିଲେଜ୍ ୱାଟର ଆଣ୍ଡ ସାନିଟେସନ୍ କମିଟିର ଭୂମିକା ଆଲୋଚନା ହୋଇଥିଲା। ଶେଷରେ ଅଙ୍ଗନବାଡି କର୍ମୀମାନେ ନିଜର ଅନୁଭବ ବାଣ୍ଟିବାସହ ନିଜ ଗ୍ରାମରେ ଅବଶିଷ୍ଟ ପରିଚାଳନା ସୁଦୃଢ କରିବାକୁ ସଂକଳ୍ପ ନେଇଥିଲେ।

## ନାଗରିକଙ୍କ ପାଇଁ ସାଧୁତାର ଶପଥ ନେଲେ ଜଜ୍ ଓ କର୍ମଚାରୀ

ଆଠମଲ୍ଲିକ,୨୮।୧୦(ସମିସ): ଆଠମଲ୍ଲିକ ଅଦାଲତରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ରଞ୍ଜନ କୁମାର ସୁତାରଙ୍କ ଅଧ୍ୟକ୍ଷତାରେ ସବଜଜ ଲିଙ୍କିପ୍ରିୟା ସାହୁ, ଏସଡିଜେଏମ ସିଙ୍କୁନ ରାୟ ଓ ୩ ଅଦାଲତର ସମସ୍ତ କର୍ମଚାରୀ ଏକତ୍ରିତ ହୋଇ ନାଗରିକଙ୍କ ପାଇଁ ସାଧୁତାର ଶପଥପାଠ କରିଥିବା ଜଣାଯାଇଛି। ଆମ ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ଼ ପ୍ରତିବନ୍ଧକ। ଏହାର ମୁଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୂଦାୟ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ। ସମସ୍ତେ ପ୍ରଥମେ ଜୀବନର ପ୍ରତେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା, ଉତ୍କୋଚ ନେବିନାହିଁ କିମ୍ବା ଦେବିନାହିଁ, ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତପାଇଁ କାମ କରିବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତ ମୂଳକ ସାଧୁତା ବଜାୟ ରଖି ଉଦାହରଣ ହେବି ଓ ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବି ବୋଲି କହି ଶପଥ ଗ୍ରହଣ କରିଥିଲେ।

## ଛେଣ୍ଡିପଦାରୁ ୧୯ ସିଏଫ୍‌ଟି ଚୋରା କାଠ ଜବତ

ଅନୁଗୋଳ,୨୮।୧୦(ସମିସ): ଛେଣ୍ଡିପଦା ଜଙ୍ଗଲ ବିଭାଗ କର୍ମଚାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗତ ସୋମବାର ଅପରାହ୍ଣ ୪ଟାରେ ସେହି ଗାଁର ଲମ୍ବୋଦର ବେହେରାଙ୍କ ଘରେ ଚଢ଼ଉ କରି ଚୋରାକାଠ ଜବତ କରିଛନ୍ତି। ସେଠାରୁ ୪ଟି ଶାଗୁଆନ ଗଣ୍ଡୀ ଯାହାର ପରିମାଣ ୯.୧୭ ସିଏଫ୍‌ଟି, ୧୦ଟି ଶାଗୁଆନ ପଟା ଯାହାର ପରିମାଣ ୫.୫୫ ସିଏଫ୍‌ଟି ଏବଂ ୭ଟି ଆକାସିଆ ପଟା ଯାହାର ପରିମାଣ ୪.୪୭ ସିଏଫ୍‌ଟି ଜବତ କରିଥିଲେ। କାଠ ସବୁକୁ ଜବତ କରାଯିବା ସହ ମାମଲା ରୁଜୁ କରାଯାଇଛି। ଚଢଉରେ ଫରେଷ୍ଟର ବେଣୁଧର ବେହେରା, ଫରେଷ୍ଟ ଗାର୍ଡ ରଜନୀଗନ୍ଧା ପ୍ରଧାନ, ଫରେଷ୍ଟ ଗାର୍ଡ ମିନତି ବେହେରା ଓ ହାତୀ ସ୍କ୍ୱାର୍ଡ ଓ ଗଜମିତ୍ରମାନେ ସାମିଲ ଥିଲେ।

## ଡିଜେଲ ଚୋରି କରି ଜଣେ ଗିରଫ

ତାଳଚେର,୨୮।୧୦(ସମିସ): ତାଳଚେର ହିଙ୍ଗୁଳା କୋଇଲା ଖଣି ଅଞ୍ଚଳରେ ଡିଜେଲ ଚୋରି ରାକେଟ ସକ୍ରିୟ ଥିବା ବେଳେ ଗତକାଲି ଏହି ଚୋରିରେ ଜଣେ ସମ୍ପୃକ୍ତ ଯୁବକକୁ ପୁଲିସ ଗିରଫ କରିଛି। ତା'ର ନାମ ମଣ୍ଟୁ ଦାସ, ଘର ଜରପଡା ଥାନା ସାନ୍ତରାପୁର ଗ୍ରାମରେ ବୋଲି ଜଣାପଡ଼ିଛି। ଖବରରୁ ପ୍ରକାଶ ଯେ ଜଣେ ପୂର୍ବତନ ସରପଞ୍ଚଙ୍କ ସ୍କୁଟିରେ ଏମ୍‌ସିଏଲ ହିଙ୍ଗୁଳା ଖଣି ଅଞ୍ଚଳରୁ ତେଲ ଚୋରିକରି ଅନ୍ୟତ୍ର ନେଉଥିବା ବେଳେ ଗୋପାଳ ପ୍ରାସାଦ ପୁଲିସ ଖବର ପାଇ ସୋଲଡା ଶାଳବଣି ରାସ୍ତା ନିକଟରୁ ୨୫ ଲିଟର ଡିଜେଲ ଓ ସ୍କୁଟି (ଓଡି ୩୫ ଡିଓ ୯୪୭)କୁ ଜବତ କରିବାସହ ମାମଲା ରୁଜୁକରି ପୁଲିସ କୋର୍ଟ ଚାଲାଣ କରିଛି। ଚୋରି କରୁଥିବା ଯୁବକ ଜଣକ ଉକ୍ତ ପୂର୍ବତନ ସରପଞ୍ଚଙ୍କ ସୁପରଭାଇଜର ବୋଲି କୁହାଯାଉଛି।

## ବିଜୟନ୍ତୀ ନର୍ସିଂ କଲେଜର ବାର୍ଷିକୀ ଉତ୍ସବ

ଆଠମଲ୍ଲିକ,୨୮।୧୦(ସମିସ): ଆଠମଲ୍ଲିକ ଏନ୍‌ଏସି ଅଧୀନ ମାଣିକପଥର ନିକଟରେ ଅବସ୍ଥିତ ବିଜୟନ୍ତୀ ନର୍ସିଂ କଲେଜର ପ୍ରଥମ ବାର୍ଷିକୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସହରର ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଲେଜର ପରିଚାଳନା ଦାୟିତ୍ୱରେ ଥିବା ବଳଭଦ୍ର ସିଠ ଏବଂ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ମେଘନାଦ ସାହୁ, ରଞ୍ଜିତ ସାହୁ, ଅଧ୍ୟାପିକା ପ୍ରଦୀପ୍ତା ପ୍ରଧାନ, ନୀଳିମା ବାଗ, ନମିତା ସାହୁ, ପୂଜା ସିଠ, କଲେଜ ଆଡମିଶନ ପରିଚାଳନା ଦାୟିତ୍ୱରେ ଥିବା ବିଚ୍ଛନ୍ଦ ସେଠି, ନୀଳାଦ୍ରି ମହାକୁଡ଼ ଓ କମ୍ବୁପାଣି ନାଏକ ଓ କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବାତ୍ୟାର ମୁକାବିଲା ପାଇଁ ଏଡିଭିର ସହାୟତା ନେବାକୁ ସ୍ମାରକ ଦେଲା ସଂଘ

ଅନୁଗୋଳ,୨୮।୧୦(ସମିସ): ଅନୁଗୋଳ ଜିଲ୍ଲାରେ ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ହେଉଥିବା ବେଳେ ପୂର୍ବତନ ସୈନିକ ସଂଘ ବା ଏଡିଭିର ସଦସ୍ୟମାନେ ଏଥିରେ ସାମିଲ ହେବାକୁ ଇଚ୍ଛା ପ୍ରକଟ କରିଛନ୍ତି। ଏଡିଭିର ସଭାପତି ଅନିଲ ମହାନ୍ତି ପତ୍ରଲେଖି ଅନୁଗୋଳ ଜିଲ୍ଲାପାଳଙ୍କୁ ଏନେଇ ଅବଗତ କରିଛନ୍ତି। ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ସେନା କର୍ମଚାରୀଙ୍କ ପୂର୍ବରୁ ଢେର୍ ଅଭିଜ୍ଞତା ରହିଛି। ବାତ୍ୟା ସଚେତନତା କରିବା, ପୀଡ଼ିତଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀରେ ପହଞ୍ଚାଇବା, ଅସ୍ଥାୟୀ ରାସ୍ତା ନିର୍ମାଣ କରିବା, ରିଲିଫ ବଣ୍ଟନରେ ସହାୟତା କରିବା ଆଦି କ୍ଷେତ୍ରରେ ପୂର୍ବତନ ସୈନିକମାନେ ଆଗ୍ରହର ସହ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି। ପ୍ରଶାସନ ଚାହିଁଲେ ସେମାନେ ସହାୟତା ଯୋଗାଇ ଦେବେ ବୋଲି ଶ୍ରୀ ମହାନ୍ତି ଚିଠିରେ ଉଲ୍ଲେଖ କରିଛନ୍ତି।

## ହୃଦ୍‌ଘାତରେ ଆଠମଲ୍ଲିକ ବିଇଓଙ୍କ ମୃତ୍ୟୁ

ଅନୁଗୋଳ,୨୮।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଶିବାନନ୍ଦ ଧଡାଙ୍କ ଗୁରୁବାର ହଣ୍ଡପା ଥାନା ବଇଣ୍ଡା ଛକଠାରେ ହୃଦଘାତରେ ଖସିପଡ଼ିବାରୁ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁକୁ ନେଇ ସେ ଚାପରେ ଥିବା ତାଙ୍କ ପତ୍ନୀ ଅହଲ୍ୟା କୁମାରୀ ଶି ଶୁକ୍ରବାର ଅଭିଯୋଗ କରିଛନ୍ତି। ସେ ଆଠମଲ୍ଲିକରେ ବିଇଓ ଭାବରେ ନିଯୁକ୍ତି ପାଇବା ପରଠାରୁ ତାଙ୍କର ଦରମା ବନ୍ଦକରି ଦିଆଯାଇଥିଲା। ଦରମା ନ ପାଇ ଚିନ୍ତିତ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତାଙ୍କ ପରିବାର ଲୋକେ କହିବା ଅନୁଯାୟୀ, ଶିବାନନ୍ଦ ମୟୂରଭଞ୍ଜ ଜିଲ୍ଲା ଶୁକୃଳୀ ବ୍ଲକରୁ ବଦଳି ହୋଇ ଆଠମଲ୍ଲିକ ବ୍ଲକର ଶିକ୍ଷା ଅଧିକାରୀ ଭାବରେ ୯-୫-୨୦୨୫ରେ ଦାୟିତ୍ୱ ଗ୍ରହଣ କରିଥିଲେ। ଅନୁଗୋଳ ଡିଇଓଙ୍କ ପାଖରେ ଯୋଗଦେବା ପରିବର୍ତ୍ତେ ସେ ସିଧା ଆଠମଲ୍ଲିକ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଯୋଗଦେଇଥିଲେ। ଏନେଇ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ଆଳ ଦେଖାଇ ତାଙ୍କର ଦରମା ବନ୍ଦକରି ଦିଆଯାଇଥିଲା। ଅନେକ ସମୟରେ ତାଙ୍କୁ ଚାପ ଦିଆଯାଉଥିବା ବେଳେ ଆକ୍ରୋଶମୂଳକ ଭାବରେ ଦରମା ଯୋଗାଇ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ଏପରିକି ସେ ଘରକୁ ମଧ୍ୟ ଟଙ୍କା ପଠାଇପାରୁ ନଥିବା ବେଳେ ମାନସିକ ଅଶାନ୍ତିରେ ରହୁଥିଲେ। ଏନେଇ ସେ ରାଜ୍ୟ ଶିକ୍ଷା ବିଭାଗର ପଦାଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ସେ ଆଠମଲ୍ଲିକ ବ୍ଲକର ସମସ୍ତ ଶିକ୍ଷକଙ୍କର ଦରମା ଯୋଗାଇ ଦେଉଥିବା ବେଳେ ତାଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ଦରମା ଯୋଗାଇ ଦେବାରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ କୁହନ୍ତି, ଆଠମଲ୍ଲିକ ବିଇଓଙ୍କର ଏଲପିସି ଆସି ନଥିବା ଯୋଗୁଁ ଦରମା ମିଳୁ ନଥିଲା ବୋଲି କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

ନିଯୁକ୍ତି ଦିନଠୁ ଦରମା ନ ପାଇ ଚିନ୍ତିତ ଥିଲେ

# ରାସ୍ତା ପାର୍ଶ୍ୱ ଜବରଦଖଲକୁ ପ୍ରୋତ୍ସାହନ ଦେଉଛି ବିଦ୍ୟୁତ୍ ଖୁଣ୍ଟ

ଅନୁଗୋଳ,୨୮।୧୦(ସମିସ)





ବର୍ଷ ବର୍ଷର ଦାବି ଏବଂ ଅଭିଯୋଗ ପରେ ଅନୁଗୋଳ ପୌରାଞ୍ଚଳ ମୁଖ୍ୟରାସ୍ତା ସମେତ ଗଳିକନ୍ଦି ରାସ୍ତାରେ ଷ୍ଟ୍ରିଟ୍‌ଲାଇଟ ବ୍ୟବସ୍ଥା ହୋଇ ଏଇ କିଛିଦିନ ହେଲା ଆଲୋକିତ ହୋଇଛି। ପ୍ରତି ଖୁଣ୍ଟରେ ହାଲୋଜେନ ଲାଇଟସାଙ୍ଗକୁ ଖୁଣ୍ଟିରେ ଗୁଡ଼େଇ ହୋଇଛି ତ୍ରିରଙ୍ଗା ଏଲଇଡିର ରଙ୍ଗୀନ ଆଲୋକମାଳା। ରଙ୍ଗୀନ ଆଲୋକମାଳାରେ ସହର ଝଲସି ଉଠୁଛି। ମାତ୍ର ସଡ଼କ ଆଲୋକିତ ହେଉଥିବା ବେଳେ ରାସ୍ତାପାର୍ଶ୍ୱ ଜବରଦଖଲ ବୃଦ୍ଧି ପାଉଛି ବୋଲି ଅଭିଯୋଗ ହେଉଛି। ରାସ୍ତାର କୌଣସି ମାପଚୁପ ନକରି ବିଦ୍ୟୁତ ଖୁଣ୍ଟ ଲଗାଉଥିବାରୁ ଲୋକେ ସେହି ଖୁଣ୍ଟ ପର୍ଯ୍ୟନ୍ତ ରାସ୍ତାକୁ ଦଖଲ କରିଆସୁଛନ୍ତି। ଖୁଣ୍ଟ ପର୍ଯ୍ୟନ୍ତ ଲୋକେ ସୁରକ୍ଷିତ ମଣୁଛନ୍ତି। ଯାହାଫଳରେ ରାସ୍ତା ସଙ୍କୁଚିତ ହେଉଛି। ଦୋକାନୀମାନେ ସେହି ଖୁଣ୍ଟ ପର୍ଯ୍ୟନ୍ତ ଦୋକାନ ସାମଗ୍ରୀ ରଖୁଛନ୍ତି। ନିଜ ନିଜ ଘର ସମ୍ମୁଖ ଜାଗାକୁ ଲୋକେ ବାଡ଼ ଉଠାଇ ଆଣୁଛନ୍ତି। ଘର ଅଗଣା ପାହାଚ ପିଢ଼ୁ ରାସ୍ତା ଉପରେ ନିର୍ମାଣ ହେଉଛି। ପିଢ଼ୁ ରାସ୍ତାଠାରୁ ଇଞ୍ଚେ ଜାଗା ମଧ୍ୟ ଛାଡୁନାହାନ୍ତି। ଘରୁ ଗୋଡ଼ କାଢ଼ିଲେ ପିଢ଼ୁ ରାସ୍ତା ଉପରେ ପାଦ ପଡୁଛି। ଯାହାଦ୍ୱାରା ସହରକୁ ସୁନ୍ଦର କରିବା ପୌର ପ୍ରଶାସନର ଉଦ୍ୟମକୁ ଲୋକେ ଦୁର୍ଘଟଣା ପ୍ରବଣ ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ ହେଉଛି। ମୁଖ୍ୟତଃ ସହରର ବାଇପାସ୍ ରାସ୍ତା ହୁଲୁରସିଂଘାଠାରୁ ହେମସୁରପଡ଼ା, ଗାନ୍ଧୀମାର୍ଗ ଦେଇ ଡିଆଇସି ଛକ, ଶିମିଳିପଡା ମଞ୍ଚମୁଖୀ ଛକଠାରୁ ରାଜ ହୋଟେଲ ଛକ ଯାଏ ଏଭଳି ଅବସ୍ଥା ଯୋଗୁଁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଉକ୍ତ ହୋଟେଲ ଛକଠାରୁ ତାମରିତ କଲୋନୀ ଓ ଶିଳ୍ପାଞ୍ଚଳ ୟୁପି ସ୍କୁଲ ଛକଦେଇ କଲେଜ ଛକ ରାସ୍ତାକୁ ପ୍ରଶସ୍ତିକରଣ କରି ସହରର ଅନ୍ୟ ଏକ ବାଇପାସ ରାସ୍ତା ନିର୍ମାଣକୁ ଜିଲ୍ଲା ପ୍ରଶାସନ ଯୋଜନା କରୁଥିବା ବେଳେ ଉକ୍ତ ରାସ୍ତାରେ ଏବେ ନିର୍ମାଣାଧୀନ ଡ୍ରେନ ଏବଂ ବିଦ୍ୟୁତ ଖୁଣ୍ଟ ଯୋଗୁଁ ରାସ୍ତା ସଙ୍କୁଚିତ ହେଉଛି। ରାସ୍ତାରେ ନିକଟ ଅତୀତରେ ଟ୍ରକ ପାର୍କିଂକୁ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ମାତ୍ର ସେହି ଜନଗହଳି ପୂର୍ଣ୍ଣ ରାସ୍ତାରେ ସେହିଠାରେ ବାଲି ଗୋଦାମ ରହିଛି। ବଡ଼ ବଡ଼ ଗାଡି ହାଇୱା ଓ ଟିପରରେ ନଦୀରୁ ବାଲି ଆଣି ଏଠାରେ ବାଲିଡିପୋ କରାଯାଉଛି। ଟ୍ରାକ୍ଟର, ଅଟୋରେ ଏଠାରୁ ବିକ୍ରୀ କରାଯାଉଛି। ଚଳନ୍ତା ଟ୍ରକ୍ ଗାଡ଼ିର ପାର୍କିଂକୁ ପ୍ରଶାସନ ଉଠାଇ ପାରିଲା ମାତ୍ର ବାଲି ଡିପୋକୁ ନ ହଟାଇବା ଘଟଣାକୁ ସାଧାରଣରେ ଆଲୋଚନା ହେଉଛି। ସହରରେ ଥିବା ସରକାରୀ ଜମି ଜବର ଦଖଲକାରୀଙ୍କ କବ୍‌ଜାରେ ଥିବା ବେଳେ ସହର ସାରା ରାସ୍ତା ପାଶ୍ୱର୍ ପାଣି ମାହାରା, ଡ୍ରେନ, ପାଦଚଲା ମାଟି ରାସ୍ତା ସବୁ ଉଠା ଦୋକାନୀ ହେପଜାତରେ ରହୁଛି। ପ୍ରଥମେ ତଳେ ପାଲ ପକାଇ ପସରା ଖୋଲି ବେପାର ଆରମ୍ଭ କରି ସମୟ ସୁବିଧା ଦେଖି ପାଲପକା କୁଡ଼ିଆ ଘରକରି ଏକପ୍ରକାର ସ୍ଥାୟୀ ଭାବେ ରହୁଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

GOVERNMENT OF ODISHA A-787
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
E-mail ID: - midivmalkangiri@gmail.com
NOTICE INVITING TENDER
E-Procurement Notice
Bid Identification No. SEMIDMKG - 08/2025-26

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Single cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1. | Name of the work | : Improvement to Check Dams in Different Blocks under Improvement to CD Scheme and Improvement to MI Tank at MV-120 in korukonda block under MIPSP Scheme of Malkangiri District. |
| 2. | Total Number of work | : 12 (Tweleve) Nos. |
| 3. | Estimated cost | : Approximately varies from Rs. 4.24 lakh to Rs. 16.95 lakh. |
| 4. | Period of completion | : Varies from 02(Two) to 03(Three) Calendar Months |
| 5. | Class of Contractor | : "D" & "C" Class Contractor |
| 6. | Date and time of availability of bid documents in the portal | : From 10.00 A.M of 01.11.25 to 5.00 PM of 10.11.2025 |
| 7. | Last date /time for receipt of bids in the portal | : 5.00 pm on 10.11.2025 |
| 8. | Date of opening of bid | : At 11.00 am on 11.11.2025 in website (www.tendersorissa.gov.in) |
| 9. | Submission of Bids | : Online mode |
| 10. | Name of the Officer inviting Bid | : Superintending Engineer, Minor Irrigation Division, Malkangiri |


11. Further details can be seen from the Government of Odisha Web-site:www.tendersorissa.gov.in
12 Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Single Cover system through Online Mode for the works as detailed in the table below. The bids should be submitted online in the website www.tendersodisha.gov.in by eligible Contractors with CDMS registration as mentioned in Column-6 of table below registered with the State govt. and contractors of equivalent grade / Class registered with Central govt / MES / Railway for execution of works. The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bids.
OIPR-32285/11/0014/2526

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଓ ସାଧୁତାର ଶପଥ ପାଠ

ଅନୁଗୋଳ,୨୮।୧୦(ସମିସ): ସମାଜର ବିଭିନ୍ନ କ୍ଷେତ୍ରରୁ ଦୁର୍ନୀତି ହଟାଇ ଶାନ୍ତି ଓ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବାକୁ ନେଇ ଅକ୍ଟୋବର ୨୭ରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ପାଳନ ହେଉଛି। ଚଳିତ ବର୍ଷର ବାର୍ତ୍ତା ହେଉଛି 'ଦୁର୍ନୀତି ନିବାରଣ: ଆମ ସାମୂହିକ ଦାୟିତ୍ୱ'। ସମାଜର ପ୍ରତ୍ୟେକ ସ୍ତରରୁ ଦୁର୍ନୀତିର ମୁଳୋତ୍ପାଟନ ନିମନ୍ତେ ସମସ୍ତେ ଆଗେଇ ଆସିବା ସହ ଜୀବନର ସବୁ କ୍ଷେତ୍ରରେ ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରି ରାଜ୍ୟକୁ ଦୁର୍ନୀତି ମୁକ୍ତ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଭିଡିଓ କନଫରେନସ୍ ମାଧ୍ୟମରେ ଆଜି ଶପଥ ପାଠ କରାଇଥିଲେ। ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ଓସ୍ୱାନ ହଲ୍‌ଠାରେ ଜିଲ୍ଲାପାଳ ଅବଦାଲ ଅହମ୍ମଦ୍ ଅଖତର ଯୋଗଦେଇଥିଲେ। ଶପଥ ପାଠ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମଦନ ମୋହନ ପ୍ରଧାନ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ପାଲଲହଡା ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପଟେଲ, ଡେପୁଟିକଲେକ୍ଟର(ନିର୍ବାଚନ) ମମତା ପ୍ରଧାନ, ଭିଜିଲାନସ୍ ଇନିସ୍ପେକ୍ଟର ଉର୍ମିଳା ଲାକ୍ରା, ପାଲଲହଡା ତହସିଲଦାର ଆକାଂକ୍ଷା ମହାପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲାର ସମସ୍ତ ଉପଖଣ୍ଡ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡ଼ିକରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



୰ ନାରାୟଣ ଚନ୍ଦ୍ର ଘୋଷ
ଅବସରପ୍ରାପ୍ତ ଶିକ୍ଷକ
ସରିଷା, ବସ୍ତା, ବାଲେଶ୍ୱର
ଆବିର୍ଭାବ : ୧୮.୦୧.୧୯୫୭ ତିରୋଧାନ : ୧୯.୧୦.୨୦୨୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସରଳତା, କର୍ତ୍ତବ୍ୟ ପରାୟଣତା ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର- ଶରତ ଚନ୍ଦ୍ର, ହେମନ୍ତ, ବଧୂ- ସସ୍ମିତା, ଦୀପାଞ୍ଜଳି, ଝିଅ- ମଞ୍ଜୁବାଳା ପାତ୍ର, ଜ୍ୱାଇଁ- ସତ୍ୟବ୍ରତ ପାତ୍ର, ନାତି ନାତୁଣୀ ଓ ପରିବାରବର୍ଗ

## ବାତ୍ୟା 'ମୋନ୍ଥା' ପାଇଁ ଧାନଫସଲ ନଷ୍ଟ ଆଶଙ୍କା

ଢେଙ୍କାନାଳ, ୨୮।୧୦(ସମିସ): ଢେଙ୍କାନାଳ ଜିଲ୍ଲାରେ ବାତ୍ୟା 'ମୋନ୍ଥା' ଯୋଗୁଁ ଧାନ ସହିତ ପନିପରିବା ଫସଲ ଉପରେ ପ୍ରଭାବ ପଡ଼ିବ ବୋଲି ଆଶଙ୍କା କରାଯାଇଛି। ପବନ ଯୋଗୁଁ ଧାନ ଗଛ ଶୋଇଯାଇଥିବା ବେଳେ ବର୍ଷା ଯୋଗୁଁ ପାଚିଲା ଧାନ ନଷ୍ଟ ହୋଇଛି। ଏହାକୁ ନେଇ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ବାତ୍ୟା 'ମୋନ୍ଥା' ଯୋଗୁଁ ସୋମବାର ରାତିରୁ ଝିପ ଝିପ ବର୍ଷା ସହିତ ଅନେକ ସ୍ଥାନରେ ବର୍ଷା ହୋଇଛି। ଢେଙ୍କାନାଳ ଜଲ୍ଲାରେ ଗୋଟିଏ ପାର୍ଶ୍ୱରେ ହାତୀ ଚାଷୀଙ୍କ ନିଦ ହଜାଇ ଦେଇଛନ୍ତି। ଅନ୍ୟପାର୍ଶ୍ୱରେ ଜିଲ୍ଲାରେ ବାତ୍ୟାର ସେଭଳି ପ୍ରଭାବ ନଥିବା ବେଳେ ବର୍ଷା ଏବଂ ପବନ ଯୋଗୁଁ ଧାନ ଫସଲ ଉପରେ ପ୍ରଭାବ ପଡ଼ିଛି। ମଙ୍ଗଳବାର ଭଲ ବର୍ଷା ହୋଇଛି। ଫଳରେ ଜମିରେ ପାଚିଲା ଧାନ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି।



ବର୍ତ୍ତମାନ ଧାନ ପାଚିବା ଆରମ୍ଭ କରୁଥିବା ବେଳେ ଅନେକ ଚାଷୀଙ୍କର ଧାନ ପାଚି ଗଲାଣି। ଧାନ ଅମଳ ସମୟରେ ବର୍ଷା ଏବଂ ପବନ ଯୋଗୁଁ ଧାନ ଫସଲ ଜମିରେ ଲୋଟି ପଡ଼ିଛି। ଧାନ ତଳେପଡ଼ି ଯିବାରୁ ମେସିନରେ କାଟିବା କଷ୍ଟକର ହେଉଥିବା ବେଳେ ପାଣି ଜମିଲେ ଧାନ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହେବା ସହିତ ଗଭୀର ଜମିରେ ଗଜା ହେବାର ଆଶଙ୍କା କରାଯାଇଛି। ଆଜି ଭୁବନରେ ସର୍ବାଧିକ ୫୫ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ସଦର ବ୍ଲକରେ ୭୦୧ମିମି, ଗଁଦିଆରେ ୮.୧ମିମି, ହିନ୍ଦୋଳରେ୧୧.୧, କାମାକ୍ଷାନଗରରେ ୭.୩ ମିମି, ଓଡାପଡ଼ାରେ ୧୦ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁଁ ପନିପରିବା ଫସଲ ମଧ୍ୟ ନଷ୍ଟ ହେବାର ଆଶଙ୍କା ଥିବା ବେଳେ କୋବି ଫସଲ ଉପରେ ଅଧିକ ପ୍ରଭାବ ପଡ଼ିଛି। ଧାନଫସଲକୁ ସୁରକ୍ଷା ଦେବାପାଇଁ ପଞ୍ଚାୟତ ତରଫରୁ ଚାଷୀମାନଙ୍କୁ ସଚେତନ କରାଯାଉଛି। ଚଳିତ ବର୍ଷ ଜିଲ୍ଲାରେ ୯୬ ହଜାର ୨୪୬ ହେକ୍ଟର ଜମିରେ ଧାନ ଚାଷ କରାଯାଇଥିବା ବେଳେ ନଭେମ୍ବରରୁ ଅମଳ ଆରମ୍ଭ ହୋଇଥାଏ। ବାତ୍ୟା 'ମୋନ୍ଥା' ଯୋଗୁଁ ଜିଲ୍ଲାରେ ସେଭଳି ପ୍ରଭାବ ପଡ଼ିବ ନାହିଁ ବା କ୍ଷୟକ୍ଷତି ହେବ ନାହିଁ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

### ● ପାରିବାରିକ କଳହକୁ ନେଇ ପୁଅର ଉନ୍ମକ୍ତ କାଣ୍ଡ

## ବାପା, ମାଆଙ୍କୁ ନିସ୍ତୁକ ମାଡ଼ସହ ମରଣାନ୍ତକ ଆକ୍ରମଣ

କାମାକ୍ଷାନଗର, ୨୮।୧୦(ସମିସ): କଙ୍କଡାହାଡ଼ ଥାନା ପାଟବେଡା ଗ୍ରାମରେ ପାରିବାରିକ କଳହକୁ ନେଇ ବୃଦ୍ଧ ବାପା ଓ ମାଆଙ୍କୁ ନିସ୍ତୁକ ମାଡ଼ ମାରିବାସହ ମରଣାନ୍ତକ ଆକ୍ରମଣ କରିଛି ଜନ୍ମକଲା ପୁଅ। ଗୁରୁତର ଅବସ୍ଥାରେ ବୃଦ୍ଧ ବାପା ଓ ମାଆ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ପାଟବେଡା ଗ୍ରାମର ତୀର୍ଥବାସୀ ସାହୁ ଓ ପାଞ୍ଚାଳୀ ସାହୁ ସନ୍ଧ୍ୟାରେ ଘରେ ଥିବାବେଳେ କୌଣସି କାରଣକୁ ନେଇ ନିଜ ସାନବୋହୂ ସହ କଳହ ହୋଇଥିଲା। ସାନବୋହୂ ଫୋନରେ ସ୍ୱାମୀଙ୍କୁ ଶାଶୂ ଓ ଶ୍ୱଶୁରଙ୍କ ସହ ଝଗଡ଼ା ହୋଇଥିବା ନେଇ ଜଣାଇବାରୁ କାରଣ ନବୁଝି ସାନପୁଅ ହେମନ୍ତ ସାହୁ ଘରେ ପହଞ୍ଚି ନିଜ ବାପା ଓ ମାଆଙ୍କୁ ନିସ୍ତୁକ ମାଡ଼ ମାରିବାସହ ମରଣାନ୍ତକ ଆକ୍ରମଣ କରିଥିଲା। ବାପା ଓ ମାଆଙ୍କ ମୁଣ୍ଡ ଫାଟିଯିବା ସହ ସେମାନେ ଅଚେତ ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିବା ବେଳେ ଚିକିତ୍ସା ଜାରି ରହିଛି। ପୁଅର ଏଭଳି ଅମାନବୀୟ ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

**ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି**

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ହିନ୍ଦୋଳ, ୨୮।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ବାହାଲୁଣ୍ଡା ଗ୍ରାମର ଜନୈକ ଯୁବକର ଝୁଲନ୍ତା ଶବକୁ ପୁଲିସ ଜବତ କରିଛି। ଗ୍ରାମର ବବୁଲ ଖିଲାର ୨୬ ବାହାଲୁଣ୍ଡା ବିଦ୍ୟାଳୟ ପଛ ପାଖକୁ ଯାଇ ଗଛରେ ରଶି ଲଗାଇ ଝୁଲି ପଡ଼ିଥିଲେ ଏବଂ ଝୁଲିବା ପୂର୍ବରୁ ନିଜ ଭାଇ ପାଖକୁ ଫୋନ କରି ଜଣାଇବାସହ ନିଜ ପତ୍ନୀଙ୍କୁ ଭିଡିଓ କଲରେ ଆତ୍ମହତ୍ୟା ବେଳର ଦୃଶ୍ୟ ଦେଖାଇଥିବା ପରିବାର ସୂତ୍ରରୁ ପ୍ରକାଶ। ପରିବାର ଲୋକ ସେଠାରେ ପହଞ୍ଚି ଦେଖିବାବେଳକୁ ବାବୁଲଙ୍କ ମୃତ୍ୟୁ ଘଟିଥିଲା। ପରିବାର ସଦସ୍ୟ ହିନ୍ଦୋଳ ଥାନାରେ ଖବର ଦେବାରୁ ପୁଲିସ ଶବ ଜବତ କରିବାସହ ବ୍ୟବଚ୍ଛେଦ ପାଇଁ ପଠାଇ ମାମଲା ରୁଜୁକରିଛି। ଏହା ହତ୍ୟା ନା ଆତ୍ମହତ୍ୟା ତାର କାରଣ ଜାଣିବାପାଇଁ ଅଧିକ ତଦନ୍ତ ଜାରି ରଖିଛି। ତେବେ ବବୁଲ ୭ ମାସ ତଳେ ପ୍ରେମ ବିବାହ କରିଥିବାବେଳେ ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ହୋ' ଭାଷାକୁ ସମ୍ବିଧାନର ୮ମ ଅନୁସୂଚୀରେ ସାମିଲ ପାଇଁ ଦାବି

ଢେଙ୍କାନାଳ, ୨୮।୧୦(ସମିସ): ହୋ' ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ ଆଜି ଅଲ୍ ଇଣ୍ଡିଆ ହୋ' ଲାଙ୍ଗୁଏଜ ଆକ୍ସନ କମିଟି ଢେଙ୍କାନାଳ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ବାଚସ୍ପତି, ସାଂସଦ ତଥା ଗ୍ରାମ୍ୟ



ଉନ୍ନୟନ ମନ୍ତ୍ରୀ ଷ୍ଟେଟ ଫଗନ ସିଂ କୁଲସ୍ତେ ଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ଅକ୍ଟୋବର ୩୧ ଓ ନଭେମ୍ବର ୧ ତାରିଖରେ ଦିଲ୍ଲୀ ଠାରେ ହେବାକୁ ଥିବା ଅଲ ଇଣ୍ଡିଆ ହୋ' ଲାଙ୍ଗୁଏଜ ଆକ୍ସନ କମିଟି ମାଧ୍ୟମରେ ହୋ' ଭାଷାକୁ ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ ଜିଲ୍ଲା ସଭାପତି ପ୍ରସନ୍ନ ଭୂୟାଁ, ଉପସଭାପତି ସୁଦର୍ଶନ ସାଏ, ସମ୍ପାଦକ ଶିବଲାଲ କାଲୁଣ୍ଡିଆ, କୋଷାଧ୍ୟକ୍ଷ ବିରେନ୍ଦ୍ର ବାନାରା, ସଦସ୍ୟ ସାଲୁକା ମୁଣ୍ଡା ଏବଂ ସଦସ୍ୟମାନେ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ରମେଶ ଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଢେଙ୍କାନାଳ ଜିଲ୍ଲାରେ କନ୍ୟା ସନ୍ତାନ ହ୍ରାସ

ଢେଙ୍କାନାଳ, ୨୮।୧୦(ସମିସ)

ଢେଙ୍କାନାଳ ଜିଲ୍ଲାରେ ଲିଙ୍ଗଗତ ପାର୍ଥକ୍ୟ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଉଛି। ଏହାସହିତ ଜିଲ୍ଲାରେ ଅବିବାହିତ ପୁଅ ଓ ଝିଅଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ରାଜ୍ୟରେ ଅବିବାହିତ ପୁଅ ଏବଂ ଝିଅଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପୁଅମାନଙ୍କ କ୍ଷେତ୍ରରେ ୨୦ରୁ ୨୬ପ୍ରତିଶତ ଅବିବାହିତ ଥିବା ବେଳେ ଝିଅମାନଙ୍କ କ୍ଷେତ୍ରରେ ୧୩.୫ରୁ ୧୯.୯ପ୍ରତିଶତ ରହିଛି। ଢେଙ୍କାନାଳ ଜିଲ୍ଲାରେ ପୁଅ ଓ ଝିଅଙ୍କ ଅବିବାହିତ ସଂଖ୍ୟା ବୃଦ୍ଧି ପାଉଛି। ଯଦିଓ ସେହିପରି ତଥ୍ୟ ନାହିଁ ତେବେ ମୁଖ୍ୟକାରଣ ହେଉଛି ଝିଅମାନଙ୍କ ସଂଖ୍ୟା ହ୍ରାସ। ଜିଲ୍ଲାରେ ୨୦୧୧ ଜନଗଣନା ଅନୁସାରେ ୧୧ ଲକ୍ଷ ୯୨ହଜାର ୯୪୮ ଲୋକ ବସବାସ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା ୬ ଲକ୍ଷ ୧୨ହଜାର ୫୯୭ ହୋଇଥିବା ବେଳେ ମହିଳାମାନଙ୍କ ସଂଖ୍ୟା ୫ ଲକ୍ଷ ୮୦ ହଜାର ୩୫୧ ବୋଲି ପରିସଂଖ୍ୟାନରୁ ଜଣାପଡ଼ିଛି। ଜିଲ୍ଲାରେ ପ୍ରତି ବର୍ଗକିମିରେ ୨୬୮ ଜଣ ବସବାସ କରୁଥିବା ବେଳେ ପୁରୁଷ ସାକ୍ଷରତା ହାର ୮୭ ପ୍ରତିଶତ ରହିଥିବା ବେଳେ ମହିଳାଙ୍କ ସାକ୍ଷରତା ହାର ୭୧ ପ୍ରତିଶତ ରହିଛି। ପରିସଂଖ୍ୟାନ ଦୃଷ୍ଟିରୁ ଜିଲ୍ଲାର ବିକାଶ କରିଥିବା ବେଳେ ନାରୀ ଶିକ୍ଷା କ୍ଷେତ୍ରରେ ସେଭଳି ବିକାଶ ହୋଇପାରିନାହିଁ। ଜିଲ୍ଲାରେ କନ୍ୟା ସନ୍ତାନ କ୍ରମାଗତ ଭାବରେ ହ୍ରାସ ପାଉଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ୧୯୦୧ ମସିହାରେ ଜିଲ୍ଲାରେ ପ୍ରତି ହଜାର ପୁରୁଷରେ ୧ହଜାର ୨୦ ପୁରୁଷ ରହିଥିଲେ। ୧୯୧୧ରେ




ଏହା ବୃଦ୍ଧି ପାଇ ୧୦୩୫ ପହଞ୍ଚିଥିବା ବେଳେ ୧୯୨୧ ମସିହାରେ ସର୍ବାଧିକ ୧ହଜାର ୭୧ ମହିଳା ରହିଥିବାର ଜଣାପଡ଼ିଛି। ୧୯୩୧ ମସିହାଠାରୁ କନ୍ୟା ସନ୍ତାନ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ୧୯୩୧ରେ ୧ ହଜାର ୫୩, ୧୯୪୧ରେ୧ହଜାର ୩୦, ୧୯୫୧ରେ ୧ହଜାର ୨୯, ୧୯୬୧ରେ ୧ହଜାର ୧କୁ ସଂଖ୍ୟା ହ୍ରାସପାଇଥିଲା। ଜିଲ୍ଲାରେ ୧୯୭୧ ମସିହାଠାରୁ ମହିଳାଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ୧୯୭୧ରେ ୯୮୦ ଥିବା ବେଳେ ୧୯୮୧ରେ ୯୬୭, ୧୯୯୧ରେ ୯୫୪, ୨୦୦୧ରେ ବୃଦ୍ଧିପାଇ ୯୬୧ରେ ପହଞ୍ଚିଥିଲା। ମାତ୍ର ୨୦୧୧ ଜନଗଣନା ବେଳକୁ ଏମାନଙ୍କ ସଂଖ୍ୟା ପୁନଶ୍ଚ ୯୪୭କୁ ହ୍ରାସ ପାଇଥିବାର ଜଣାପଡ଼ିଥିଲା। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ ସଂଖ୍ୟା ହ୍ରାସପାଇବା ଉଦ୍‌ବେଗଜନକ ଅଟେ। ମୁଖ୍ୟତଃ ଦାରିଦ୍ର୍ୟତା, ପୁତ୍ର ସନ୍ତାନ ପାଇଁ ଆଶା, ନିରକ୍ଷରତା, ଅନ୍ଧବିଶ୍ୱାସ ଯୋଗୁଁ କନ୍ୟା ସନ୍ତାନ ଓ ମହିଳାଙ୍କ ସଂଖ୍ୟା ହ୍ରାସପାଇଛି। ଆଗାମୀ ଦିନରେ ଏମାନଙ୍କ ସଂଖ୍ୟା ଅଧିକ ହ୍ରାସ ପାଇବାର ଆଶଙ୍କା ରହିଛି। ଜଣାପଡ଼ିଛି ଯେ ସହରାଞ୍ଚଳରେ ମହିଳାଙ୍କ ସଂଖ୍ୟା ୯୧୮ ରହିଥିବା ବେଳେ ଗ୍ରାମାଞ୍ଚଳରେ ୯୫୦ ରହିଛି। ସେହିପରି ଏସସିମାନଙ୍କ କ୍ଷେତ୍ରରେ ପ୍ରତିହଜାରରେ ମହିଳାମାନଙ୍କ ସଂଖ୍ୟା ୯୭୧ ରହିଥିବା ବେଳେ ଗ୍ରାମାଞ୍ଚଳରେ ୯୭୨ ଏବଂ ସହରାଞ୍ଚଳରେ ୯୫୮, ଏସ୍‌ଟିମାନଙ୍କ କ୍ଷେତ୍ରରେ ମୋଟ ୧ହଜାର ୪ ରହିଥିବା ବେଳେ ଗ୍ରାମାଞ୍ଚଳରେ ୧ହଜାର ୩ ଏବଂ ସହରାଞ୍ଚଳରେ ୧ ହଜାର ୧୪ ରହିଥିବାର ଜଣାପଡୁଛି। ଜିଲ୍ଲାରେ ଏସଟିମାନଙ୍କ କ୍ଷେତ୍ରରେ ମହିଳାମାନଙ୍କ ହାର ଅଧିକା ରହିଥିବା ବେଳେ କନ୍ୟାସନ୍ତାନ ଏବଂ ମହିଳାମାନଙ୍କ କ୍ଷେତ୍ରରେସହରରେଅଧିକହ୍ରାସପାଉଥିବାରଜଣାପଡ଼ିଛି। ଜିଲ୍ଲାରେ ଘରୋଇ ନର୍ସିଂହୋମଗୁଡ଼ିକରେ ପିଏନଡିଟି ଆଇନର ଖୋଲାଖୋଲି ଉଲଂଘନ କରି ଲିଙ୍ଗ ନିରୁପଣ କରାଯିବା ସହିତ କନ୍ୟାଭ୍ରୁଣ ହତ୍ୟା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଦାରିଦ୍ର୍ୟତା ଏବଂ ମହିଳାମାନଙ୍କ ନିରକ୍ଷରତା ଏହାର ମୁଖ୍ୟ କାରଣ ହୋଇଥିବା ବେଳେ ପୁଅ ଲାଳସାରେ ଏଭଳି କରାଯାଉଥିବାର ଏକ ଅନୁସନ୍ଧାନରୁ ଜଣାପଡ଼ିଛି। ସରକାରଙ୍କ ତରଫରୁ କନ୍ୟାସନ୍ତାନ ବୃଦ୍ଧି ପାଇଁ ତୃଣମୂଳସ୍ତରରୁ ବିଭିନ୍ନ ଯୋଜନା କରାଯାଉଥିଲେ ମଧ୍ୟ ଏହା ସଠିକ ଭାବରେ କାର୍ଯ୍ୟକାରୀ ହେଉନାହିଁ। ସଚେତନତା ଅଭାବରୁ ଏଭଳି ହେଉଥିବାର ଜଣାପଡ଼ିଛି। ଅଙ୍ଗନବାଡିଠାରୁ ଆରମ୍ଭ କରି ବିଦ୍ୟାଳୟ ମହାବିଦ୍ୟାଳୟ ପର୍ଯ୍ୟନ୍ତ ସରକାରଙ୍କ ଝିଅମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା କରୁଥିଲେ ମଧ୍ୟ ଜିଲ୍ଲାରେ କନ୍ୟା ସନ୍ତାନ ହ୍ରାସ ଉଦ୍‌ବେଗଜନକ ସ୍ଥିତିରେ ରହିଥିବାର ଜଣାପଡ଼ିଛି। ଜିଲ୍ଲାରେ ଜନ୍ମ ସମୟରେ ଲିଙ୍ଗ ଅନୁପାତ ୧ହଜାର ପୁଅରେ ୯୩୮ ଝିଅ ରହିଥିବାର ଜଣାପଡ଼ିଛି। ଏହି ଅନୁପାତ ଯେପରି ୧ହଜାର ପୁଅରେ ୯୭୦ଝିଅକୁ ବୃଦ୍ଧି ପାଇପାରିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ଅଲଟ୍ରାସାଉଣ୍ଡ କ୍ଲିନିକ ନର୍ସିଂହୋମ ମାଲିକମାନଙ୍କୁ ପରାମର୍ଶ ଦିଆଯାଇଛି। ସରକାରଙ୍କ ବେଟି ବଚାଓ ବେଟି ପଢ଼ାଅ କାର୍ଯ୍ୟକ୍ରମ ଏଠାରେ ସମ୍ପୂର୍ଣ୍ଣ ଫେଲ୍ ମାରିଥିବାର କୁହାଯାଉଛି।

**ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମ୍**

## ଶିକ୍ଷକ ବଦଳି ନେଇ ଅଭିଭାବକ ମହଲରେ ଅସନ୍ତୋଷ

ଖଜୁରିଆକଟା, ୨୮।୧୦(ସମିସ): ହିନ୍ଦୋଳ ଉପଖଣ୍ଡ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ କୁରୁମିଠାରେ ଶିକ୍ଷକ ବଦଳି ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟରେ ନବମ ଶ୍ରେଣୀରେ ୧୩୮ ଜଣ ଓ ଦଶମ ଶ୍ରେଣୀରେ ୧୪୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ମୋଟ ପ୍ରଧାନଶିକ୍ଷକଙ୍କ ସମେତ ୭ଜଣ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟରତ ଅଛନ୍ତି। ସେଥିମଧ୍ୟରୁ ଟିକିନା ସାହୁଙ୍କୁ ୬ ଦିନ ପାଇଁ ଅନ୍ୟ ବିଦ୍ୟାଳୟକୁ ଶିକ୍ଷାଦାନ ପାଇଁ ପଠା ଯାଇଥିବା ବେଳେ ମୋହନ ସାହୁଙ୍କୁ ୩ ଦିନ ପାଇଁ ଅନ୍ୟ ବିଦ୍ୟାଳୟକୁ ଶିକ୍ଷାଦାନ ପାଇଁ ପଠାଯାଇଅଛି। ଯାହାଫଳରେ ଶିକ୍ଷାଦାନରେ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ଘଟୁଛି। ହିନ୍ଦୋଳ ଶିକ୍ଷା ଜିଲ୍ଲାରେ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ କୁରୁମିଠାର ଛାତ୍ରଛାତ୍ରୀ ମ୍ୟାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥାଆନ୍ତି। ପ୍ରତିବର୍ଷ ଏୱାନ ଗ୍ରେଡରେ ଜଣେରୁ ଦୁଇ ଜଣ ଛାତ୍ରଛାତ୍ରୀ ରହି ହିନ୍ଦୋଳର ସମ୍ମାନ ରଖିଥାନ୍ତି।



କିନ୍ତୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କର ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବାନେଇ ହିନ୍ଦୋଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ମୁଣ୍ଡ ଉପରେ ଆଉ ଅଳ୍ପଦିନ ପରୀକ୍ଷା ଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଏଭଳି ବଦଳିକୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି। ଏ ସମସ୍ୟା ନେଇ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ କୁରୁମିଠାର ପରିଚାଳନା କମିଟିର ସଦସ୍ୟ ବିନୟକୁମାର ସାମଲ, ବିଜୟାନନ୍ଦ ସାହୁ, ପିତାମ୍ବର ସାହୁ, ଜିତେନ୍ଦ୍ର ସାମଲ, ନିରାକାର ପ୍ରଧାନ, ପ୍ରଶାନ୍ତ ସାମଲ, ଟଙ୍କଧର ପ୍ରଧାନ, ମନୋଜ ସାମଲ, ଅଶୋକ ସାହୁ ପ୍ରମୁଖ ଜିଲ୍ଲା ଶିକ୍ଷାଧିକାରୀ ବିନିତା ସେନାପତିଙ୍କୁ ଲିଖିତ ଭାବେ ଜଣାଇ ଥିବାବେଳେ ଜିଲ୍ଲା ଶିକ୍ଷାଧିକାରୀ ସମସ୍ୟାର ସମାଧାନ ଖୁବଶୀଘ୍ର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦିନେ ଦୁଇ ଦିନ ଭିତରେ ଜିଲ୍ଲା ଶିକ୍ଷାଧିକାରୀ ସମସ୍ୟାର ସମାଧାନ ନକଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅଭିଭାବକ ଚେତାବନୀ ଦେଇଛନ୍ତି।

## ଡିଆଇଇଟିରେ ପ୍ରବେଶ ସ୍ତରୀୟ ପ୍ରଶିକ୍ଷଣ ଉଦ୍‌ଯାପିତ



ଢେଙ୍କାନାଳ, ୨୮।୧୦(ସମିସ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ନୂତନ ଭାବେ ନାମ ଲେଖାଇଥିବା ପ୍ରଥମ ବାର୍ଷିକ ଗୁରୁଛାତ୍ରଛାତ୍ରୀଙ୍କ ନିମନ୍ତେ ଚାରିଦିନ ବ୍ୟାପି ପ୍ରବେଶସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ପ୍ରତିଷ୍ଠାନର ପ୍ରାକ୍‌ସେବା ଶିକ୍ଷକ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଆସୋସିଏଟ ପ୍ରଫେସର ଅଟଳ ବିହାରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକର ସାମାଜିକ ଦାୟିତ୍ୱବୋଧ ପ୍ରସଙ୍ଗରେ ଶିକ୍ଷକ ଠାରୁ ଉଚ୍ଚକୋଟିର ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱବୋଧ ଆଶା କରାଯାଏ ବୋଲି କହିଥିଲେ। ଜଣେ ଶିକ୍ଷକର ସାମାନ୍ୟ ଭୁଲକୁ ସମାଜ ଗ୍ରହଣ କରେନାହି ବରଂ ଏଥିଲାଗି ସମଗ୍ର ଶିକ୍ଷକ ଗୋଷ୍ଠୀକୁ ଆଙ୍ଗୁଳି ନିର୍ଦ୍ଦେଶ କରେ। ସୁତରାଂ ଶିକ୍ଷକର ବ୍ୟବହାରରେ ଶାଳୀନତା ଓ ସମ୍ଭ୍ରମତା ରହିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଉଖମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁବାସିନୀ ମିଶ୍ର ଯୋଗଦେଇ ସାମ୍ପ୍ରତିକ ବିଦ୍ୟାଳୟ ଗୁଡିକରେ ଶିକ୍ଷକର ଭୂମିକା ଶୀର୍ଷକରେ ନିଜର ବକ୍ତବ୍ୟ ରଖିବାକୁ ଯାଇ ଶିକ୍ଷକକୁ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟାପିକା ପ୍ରଭାତୀ ସ୍ୱାଇଁ ଅତିଥି ପରିଚୟ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'







ପରଜଙ୍ଗ, ୨୮।୧୦(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ପରଜଙ୍ଗ ମହେଶଶ୍ଚନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦର ସଭ୍ୟ ନିରାକାର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ପ୍ରଶାନ୍ତ କୁମାର ବିକ୍ରମ ସିଂହ, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ପ୍ରିୟଦର୍ଶିନୀ ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଗାୟତ୍ରୀ ମହାପାତ୍ର, ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ତରଣୀସେନ ନାୟକ ଓ ସଂଯୁକ୍ତା ସାମଲ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନନ୍ଦ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମଞ୍ଚ ପରିଚାଳନା ଦୁଷ୍ମନ୍ତ କୁମାର ସାହୁ ଉପସ୍ଥାପନା କରିଥିଲେ। ବ୍ଲକର ୧୭ଟି କ୍ଲଷ୍ଟରର ୧୩୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ସୁରଭି ମହୋତ୍ସବରେ ଯୋଗଦାନ କରି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ଉତୀର୍ଣ୍ଣ ପ୍ରତିଭାଙ୍କୁ ଜିଲ୍ଲାସ୍ତରକୁ ପଠାଇବା ପାଇଁ ରୋହିତ କୁମାର ସେନାପତି, ଦୁଷ୍ମନ୍ତ କୁମାର ବିଶ୍ୱାଳ, ଗଗନ ବିହାରୀ ପାଣି, ପ୍ରବୀଣ କୁମାର ପଣ୍ଡା ୧ମ, ୨ୟ ଓ ୩ୟ ବାଛିବା ପାଇଁ ନିଯୁକ୍ତି ହୋଇଥିଲେ। ବ୍ଲକସ୍ତରରୁ କୃତୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଉତ୍ତୀର୍ଣ୍ଣ ହୋଇଥିଲେ।

କାମାକ୍ଷାନଗର: ସିଦ୍ଧେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଶତ୍ରୁଘନ ଜେନା ମୁଖ୍ୟଅତିଥି, ଜିଲ୍ଲା ଶିକ୍ଷା ଅଧିକାରିଣୀ ବିନୀତା ସେନାପତି ମୁଖ୍ୟ ବକ୍ତା ଏବଂ ତହସିଲଦାର ଶୁଭଙ୍କର ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀବାଳା ଷଡ଼ଙ୍ଗୀ, ପଞ୍ଚସଖା ଶିକ୍ଷା ସେତୁ ଅନୁଷ୍ଠାନର ସଭାପତି ଶଶାଙ୍କ ଶେଖର ମିଶ୍ର, ଗ୍ରାମ ସରପଞ୍ଚ ଶିଶିର କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ୧୭ଟି କ୍ଲଷ୍ଟରରୁ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ପ୍ରଥମ ସ୍ଥାନ ରଖିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଭାରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଷ୍ଣୁପ୍ରସାଦ ମହାଳିକ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବିଷ୍ଣୁପ୍ରସାଦ ଦାଶ, ଯୁଧିଷ୍ଠିର ବିଶ୍ୱାଳ, ଦୁର୍ଗା ପ୍ରସାଦ ତ୍ରିପାଠୀ, ପ୍ରଦୀପ ସ୍ୱାଇଁ, ପ୍ରବୀର ମହାନ୍ତି, ଗୌରହରି ସାମଲ, ବିପିନ ବିହାରୀ ପାତ୍ର, ନନ୍ଦିତା ପାଣିଗ୍ରାହୀ, ସବିତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ନୂଆଗଡ଼ ଉଦ୍ୟାନର ସମୃଦ୍ଧିକରଣ ଯୋଜନା

ଗଁଦିଆ, ୨୮।୧୦(ସମିସ): ଗଁଦିଆ ବ୍ଲକ ଅଧୀନ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆଗଡ଼ ଗ୍ରାମରେ ଉଦ୍ୟାନର ସମୃଦ୍ଧିକରଣ ଯୋଜନା ବିଦ୍ୟାଳୟର ପରିବେଶ କ୍ଲବ ଆନୁକୂଲ୍ୟରେ ବିଶିଷ୍ଟ ପରିବେଶବିତ ଓ ଶିକ୍ଷାବିତ ପ୍ରକୃତି ବନ୍ଧୁ ହରିହର ସାହୁ, ବିଜୟ କୁମାର ସାମନ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପାଣିଙ୍କ ଅନୁପ୍ରେରଣାରେ ପରିବେଶ କ୍ଲବର ତତ୍ତ୍ୱାବଧାରକ ଅଭୟ କୁମାର ଶତପଥିଙ୍କ ମାଧ୍ୟମରେ ଚାଲୁରହିଛି। ବିଦ୍ୟାଳୟର ଶିକ୍ଷକ ଅରୁଣ ଧାରୁଆ, ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ, ଦିପିକା ପଢ଼ିଆରି ଓ କର୍ମଚାରୀ ଗୋବର୍ଦ୍ଧନ ବେହେରାଙ୍କ ସହିତ ସମସ୍ତ ପରିବେଶ କ୍ଲବର ଛାତ୍ରଛାତ୍ରୀ ସାମିଲ ହୋଇଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ପାଣି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ପରିବେଶ କ୍ଲବର ତତ୍ତ୍ୱାବଧାରକ ଶ୍ରୀ ଶତପଥୀ ତାଙ୍କ ଗ୍ରାମ ଭୁବନ ବ୍ଲକର ଭୁଷଳ ଗ୍ରାମରେ ପରିବେଶ କ୍ଲବ ଗଠନ କରି ରାସ୍ତା ପାର୍ଶ୍ୱରେ ଚାରାରୋପଣ କରି ଉଦାହରଣ ସାଜିଛନ୍ତି। ଢେଙ୍କାନାଳ ଜିଲ୍ଲା ପ୍ରକୃତି ବନ୍ଧୁ ସଂଗଠନର ସମ୍ପାଦକ ଶ୍ରୀ ସାହୁ ଉକ୍ତ ପରିବେଶ କ୍ଲବର କାର୍ଯ୍ୟକୁ ଭୁବନ ବ୍ଲକର ଭୂଷଳ ଗ୍ରାମକୁ ଯାଇ ପରିଦର୍ଶନ କରି ସମସ୍ତ ପରିବେଶବିତଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।



### ସାଇବର ସୁରକ୍ଷା ଅଭିଯାନ ସମାରୋହ

# ଅଧିକ ଟଙ୍କା ରୋଜଗାର ନିଶା ଠକେଇର କାରଣ

ଢେଙ୍କାନାଳ, ୨୮।୧୦(ସମିସ)

ସାଇବର ଠକେଇ ଠାରୁ ଦୂରେଇ ରହିବାପାଇଁ ସାରା ରାଜ୍ୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଚାଲୁରହିଛି। ଏହି ପରିପ୍ରେକ୍ଷୀରେ ଆଜି ଢେଙ୍କାନାଳ ଜିଲ୍ଲାରେ ସାଇବର ସୁରକ୍ଷା ଅଭିଯାନ ସମାରୋହ ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫଟ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ସାଇବର ଅପରାଧିମାନେ ନୂଆ ନୂଆ କୌଶଳ ମାଧ୍ୟମରେ ଜନସାଧାରଣ ବିଶେଷ କରି ବୟସ୍କ ବ୍ୟକ୍ତିମାନଙ୍କୁ ଠକେଇର ଶିକାର କରୁଛନ୍ତି ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କର ଇଣ୍ଟରନେଟ ବ୍ୟବହାରରେ ଅଧିକ ଜ୍ଞାନ ଥିବାରୁ ସେମାନେ ନିଜର ଅଭିଭାବକ ଓ ସମ୍ପର୍କୀୟମାନଙ୍କୁ ଠକେଇ ସମ୍ପର୍କରେ ସଚେତନ କରିବାକୁ କହିଛନ୍ତି। ନିଜର ବ୍ୟକ୍ତିଗତ ତଥ୍ୟକୁ ମୋବାଇଲରେ ନ ଜଣାଇବାକୁ ପରାମର୍ଶ ଦେଇଛନ୍ତି। ଏହି ବାର୍ତ୍ତା ତୃଣମୂଳ ପର୍ଯ୍ୟନ୍ତ ପହଞ୍ଚି ପାରିଲେ ଆମେ ସମସ୍ତ ପ୍ରକାରର ଠକେଇର ଶିକାର ଠାରୁ ରକ୍ଷା ପାଇପାରିବା ବୋଲି ସେ ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ, ଛାତ୍ରଛାତ୍ରୀ ଓ ଯୁବପିଢି ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇଲେ ସାଇବର ଅପରାଧିମାନଙ୍କଠାରୁ ସମସ୍ତେ ସୁରକ୍ଷିତ ରହିପାରିବା ବୋଲି କହିଛନ୍ତି। ପୁଲିସ ପ୍ରଶାସନର ଦକ୍ଷତା ଯୋଗୁଁ ଜିଲ୍ଲାରେ ସାଇବର ଅପରାଧର ହାର କମ୍ ଥିବାରୁ ସେ ପ୍ରଶାସନକୁ ସାଧୁବାଦ ଜଣାଇଥିଲେ। ପ୍ରାରମ୍ଭରେ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଲୋଭ ଓ ଭୟ ଯୋଗୁଁ ସବୁ ବର୍ଗର ବ୍ୟକ୍ତି ଆର୍ଥିକ ଠକେଇର ଶିକାର ହେଉଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ଅଧିକ ଟଙ୍କା ରୋଜଗାରର ନିଶା ଠକେଇର କାରଣ ହେଉଛି, ଏଥିପ୍ରତି ସଚେତନ ରହିବା ସହିତ ଡିଜିଟାଲ ଆରେଷ୍ଟ କଲ ପ୍ରତି ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି। କୌଣସି ଓଟିପି, ପିନ୍ ନମ୍ବର କିମ୍ବା ବ୍ୟାଙ୍କିଂ ପାସ୍‌ୱାର୍ଡ କାହାରିକୁ ସେୟାର ନ କରିବାକୁ କହିଛନ୍ତି। କୌଣସି ପ୍ରକାରର ସନ୍ଦେହ ଅଥବା ଅସୁବିଧା ମନେକଲେ ସାଇବର କ୍ରାଇମ୍ ହେଲ୍ପ ଲାଇନ ନମ୍ବର ୧୯୩୦ରେ ଯୋଗାଯୋଗ କରନ୍ତୁ। ଠକେଇର ଶିକାର ହେବା ଅପେକ୍ଷା ପ୍ରଥମରୁ ସଚେତନ ହେବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ, ସାଇବର ଠକେଇ ସୁରକ୍ଷା ଅଭିଯାନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ପ୍ରଧାନଶିକ୍ଷକ ଓ ବ୍ୟକ୍ତି ବିଶେଷଙ୍କୁ ପୁଲିସ ପ୍ରଶାସନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୁର ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ସାଇବର ଠକେଇ ସମ୍ପର୍କୀତ ସଚେତନଧର୍ମୀ ସଙ୍ଗୀତ ପରିବେଷଣ ହୋଇଥିଲା। ଆରକ୍ଷୀ ଅଧିକ୍ଷକ ସୋନକର ସାଇବର ଠକେଇ ଠାରୁ କିଭଳି ଦୂରେଇ ରହିବେ ସେ ସମ୍ପର୍କିତ ଶପଥ ପାଠ କରାଇଥିଲେ। ସମାରୋହରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକେ ଶିକ୍ଷୟିତ୍ରୀ, ବ୍ୟକ୍ତି ବିଶେଷ, ପ୍ରଶାସନିକ ଅଧିକାରୀ ଓ ସାମାଜ ସେବୀ, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଶେଷରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ଅବସରପ୍ରାପ୍ତ ପୁଲିସ ଅଧିକାରୀ ସଂଘ ପକ୍ଷରୁ ସାଇବର କ୍ରାଇମ ସଚେତନତା



ଢେଙ୍କାନାଳ, ୨୮।୧୦(ସମିସ): ସ୍ଥାନୀୟ ଭାଗିରଥୀ ସାଗର କୂଳରେ ଥିବା ଶ୍ରୀ ଅରବିନ୍ଦ ସ୍କୁଲ ପ୍ରାଙ୍ଗଣରେ ଜିଲ୍ଲା ଅବସରପ୍ରାପ୍ତ ପୁଲିସ ଅଧିକାରୀ ସଂଘ ପକ୍ଷରୁ ସାଇବର କ୍ରାଇମ ନିରାକରଣ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଘର ସଭାପତି ଅକ୍ଷୟ କୁମାର ସାହୁ ଓ କାର୍ଯ୍ୟକାରୀ ସଭାପତି ଗୋବର୍ଦ୍ଧନ ସାହୁ ସାଇବର କ୍ରାଇମ କେଉଁ କେଉଁ ଉପାୟରେ ହୁଏ ଓ ତା'ର ପ୍ରତିକାର ବିଷୟରେ ପିଲାମାନଙ୍କୁ ଓ ଶିକ୍ଷକ ଶିକ୍ଷୟିତ୍ରୀ ଭଲଭାବରେ ବୁଝାଇଦେଇଥିଲେ। ପିଲାମାନେ ସବୁ ଜିନିଷ ଜାଣିଲା ପରେ ତାଙ୍କୁ ଅଭିଭାବକ ଓ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ସୂଚାଇ ଦେଇଥିଲେ। ବିଦ୍ୟାଳୟର ଅଧିକ୍ଷକ ଧନ୍ୟବାଦ ଦେଇ ଆଲୋଚନା ପରିସମାପ୍ତି କରିଥିଲେ। କାର୍ଯ୍ୟକ୍ରମରେ ସଂଘର ପ୍ରାୟ ୩୦ ସଭ୍ୟ ଉପସ୍ଥିତ ଥିଲେ।


## ଗାଡ଼ିରେ ବ୍ରାଉନସୁଗର ଅଛି କହି ଟଙ୍କା ଲୁଟ୍ ଉଦ୍ୟମ



**୩ ଯୁବକଙ୍କୁ ମାଡ଼ି ବସିଲା ପୁଲିସ**

ବସ୍ତା ବ୍ଲକ/ରାଜଘାଟ, ୨୮।୧୦ (ସମିସ): ବସ୍ତା ଥାନା ଅଞ୍ଚଳରେ ଏକ ଭିନ୍ନ ଧରଣର ଠକେଇ କରିବା ଉଦ୍ୟମ କରି ୩ ଜଣ ଯୁବକଙ୍କୁ ପୁଲିସ ଗିରଫ କରିଛି। ସୋମବାର ଅପରାହ୍ନ ଚାରିଟା ସମୟରେ ବସ୍ତା, ବାଲିଆପାଳ ଏବଂ ସଦର ଥାନା ଅଞ୍ଚଳ ରେ କିଛି ଯୁବକ ମିଶି ଭୋଗରାଇରୁ ଏକ କାର ଭଡା ସୂତ୍ର ରେ ଆଣିଥିଲେ। ପୂର୍ବ ଯୋଜନା ଅନୁଯାଇ ଭୋଗରାଇରୁ କାରରେ ଆସିଥିବା ଯୁବକ ଜଣକ ଛୋଟ ଛୋଟ ଜରିରେ କିଛି ଅଟା ଗୁଣ୍ଡ ରଖିଥିଲା। ରାଜପଥର ନଳବହାର ଛକ ନିକଟରେ ଜଣେ ସମ୍ପର୍କୀୟଙ୍କୁ ଆଣିବା କହି ଗାଡିକୁ ଧପାକନ୍ଦ ଗ୍ରାମ ନିକଟକୁ ନେଇଯାଇଥିଲେ। ସେଠାରେ ଚାରିଜଣ ଯୁବକ ବାଇକରେ ଆସି ଗାଡି ରେ ବ୍ରାଉନସୁଗାର ଅଛି କହି ଗାଡିକୁ ଅଟକ କରି ଗାଡି ମାଲିକ ସହ ଯୋଗାଯୋଗ କରି ମାଲିକଠାରୁ ମୋଟା ଅଙ୍କର ଅର୍ଥ ଦାବି କରିଥିଲେ ଏବଂ ଡ୍ରାଇଭର ନିକଟରେ ଥିବା ପାଞ୍ଚ ହଜାର ଟଙ୍କା ନେଇଯାଇଥିଲେ। ଗାଡି ମାଲିକ ଭୟରେ ଉପାୟ ନ ପାଇ ପଚିଶ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ତାଙ୍କୁ ଟଙ୍କା ଦେବା ପାଇଁ ଡ୍ରାଇଭର ଏକାଉଣ୍ଟରେ ଡିପୋଜିଟ କରିଥିଲେ। ଲୁଟେରାମାନେ ଡ୍ରାଇଭରକୁ ନେଇ ଗାନ୍ଧିଛକସ୍ଥିତ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବସ୍ତା ପୁଲିସ ଦୁର୍ବୃତ୍ତଙ୍କୁ ମାଡ଼ିବସିଥିଲା। ଏହି ଘଟଣାରେ ସମ୍ପୃକ୍ତ ସଦର ଥାନା ଶିଳଦା ଗ୍ରାମର ବିଜୟ ମାଇତି (୨୮), ବସ୍ତା ଥାନା ପୋଡାପଡା ଗ୍ରାମ ରେ ଅମିତ ଦାସ ଓରଫ ଜଗା (୩୦) ଏବଂ ବାଲିଆପାଳ ଥାନା ବଡ଼ାପାଳ ଗ୍ରାମର ଯତିନ୍ଦ୍ର ଜେନା (୨୬)କୁ ଗିରଫ କରି ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହାୟତା ତଦନ୍ତ କରିଛି। ଅଭିଯୋଗକାରି ଗାଡି ମାଲିକଙ୍କ ଘର ଭୋଗରାଇ ଥାନା ବାଟଗ୍ରାମ ଅଞ୍ଚଳରେ ପଦ୍ମଲୋଚନ ଜେନା ବୋଲି ଜଣା ପଡ଼ିଛି।

## ଆଳୁ ଆମଦାନୀରେ ବାଧା, ଚଢ଼ା ଦରରେ ବିକ୍ରି



ଜଳେଶ୍ୱର ବ୍ଲକ, ୨୮।୧୦ (ସମିସ): କିଛି ଦିନ ଧରି ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ବନ୍ଦ ରହିଥିବାବେଳେ ସମ୍ଭାବ୍ୟ ବାତ୍ୟା ଆଶଙ୍କାରେ ଲୋକେ ଅଧିକ ଆଳୁ କିଣୁଥିବାରୁ ଆଳୁ ଦାମ ହଠାତ୍ ବଢିବାରେ ଲାଗିଛି। କାଳୀପୂଜା ପାଇଁ ପଶ୍ଚିମବଙ୍ଗର ଆରାମ ବାଗ, ଚନ୍ଦ୍ରକଣା, ଗଡ଼ ବେତାରେ ଥିବା ସମସ୍ତ ଆଳୁ ଗୋଦାମ ବନ୍ଦ ଥିବା ଓ ଛଟପୂଜା ପାଇଁ ପଡ଼ୋଶୀ ରାଜ୍ୟରୁ ଆସି କାର୍ଯ୍ୟ କରୁଥିବା ଶ୍ରମିକମାନେ ଛୁଟିରେ ରହିଥିବାରୁ ଓଡ଼ିଶାକୁ ଆଳୁ ଆସିବାରେ ବାଧାପ୍ରାପ୍ତ ହୋଇଥିଲା। ଗତ ଦୁଇଦିନ ତଳେ କିଛି ଗୋଦାମ ଖୋଲିଛି। କିନ୍ତୁ ଗୋଦାମ ଖୋଲିବା ପରେ କୁଇଣ୍ଟାଲ ପ୍ରତି ଆଳୁ ଦାମ ୭୦ରୁ ୮୦ଟଙ୍କା ବଢାଇ ବିକ୍ରି ଆରମ୍ଭ ହୋଇଛି। ଫଳରେ ଓଡ଼ିଶାର ଆଳୁ ବ୍ୟବସାୟୀମାନେ ହଠାତ୍ ବଢା ଦାମରେ ଆଳ ଆଣିବାକୁ ଅନିଚ୍ଛା ପ୍ରକାଶ କରି ଆଳୁ ଆମଦାନୀ ବନ୍ଦ ରଖୁଥିବା ଜଣାଯାଇଛି। ଯାହାର ପ୍ରଭାବ ବଜାର ଉପରେ ପରିଲକ୍ଷିତ ହେଉଛି। ଆଜି କିଛି ବ୍ୟବସାୟୀ ଆଳୁ ଆଣି ବଜାରକୁ ଛାଡ଼ିଥିବାର ଜଣାଯାଇଛି। ଫଳରେ ବଜାରରେ ପୂର୍ବରୁ ୧୭/୧୮ ଟଙ୍କାରେ ମିଳୁଥିବା ଆଳୁ ଏବେ ୨୦/ ୨୧ ଟଙ୍କା ଦାମ ହେବାର ସୂଚନା ମିଳିଛି। ପୂର୍ବରୁ ପଶ୍ଚିମବଙ୍ଗରେ କୁଇଣ୍ଟାଲ ପ୍ରତି ୧୧୪୦ରୁ ୧୧୫୦ ଟଙ୍କା ରହିଥିବାବେଳେ ଏବେ ୧୨୦୦ରୁ ୧୨୧୦ ଟଙ୍କା ରହିଥିବାରୁ ବଜାରରେ ଏବେ ୨୦ଟଙ୍କାରୁ ୨୨ଟଙ୍କା ମଧ୍ୟରେ ଆଳୁର ଦାମ ରହିବ ବୋଲି ଜଳେଶ୍ୱର ଆଳୁ ଗୋଦାମର ମାଲିକମାନେ ସୂଚନା ଦେଇଛନ୍ତି।

## କୃଷକ ମଞ୍ଚର ଆନ୍ଦୋଳନକୁ ସିପିଆଇର ସମର୍ଥନ

ନୀଳଗିରି, ୨୮।୧୦ (ସମିସ): ନୀଳଗିରି କୃଷକ ମଞ୍ଚ ପକ୍ଷରୁ କୁଲଡିହା ଅଭୟାରଣ୍ୟର ୫ କିମି ବ୍ୟାସାର୍ଦ୍ଧ ମଧ୍ୟରେ ରହିଥିବା ରାଜସ୍ୱ ଗ୍ରାମ ଓ ବସ୍ତିଗୁଡିକୁ ରଖିବାକୁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ବିଭାଗର ନିଷ୍ପତ୍ତିକୁ ବିରୋଧ କରି ଚଳାଇଥିବା ପ୍ରତିବାଦ ଆନ୍ଦୋଳନକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ବାଲେଶ୍ୱର ଜିଲ୍ଲା ସମ୍ପୂର୍ଣ୍ଣ ସମର୍ଥନ କରିବା ସହ ଇକୋ ସେନସିଟିଭ ଜୋନରୁ ରାଜସ୍ୱ ଗ୍ରାମ, ବସ୍ତି, ଅଙ୍ଗନବାଡ଼ି ୱାଡ଼ି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ସହ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନଗୁଡିକୁ ବାଦ ଦେବା ପାଇଁ ଦୃଢ ଦାବି କରିଛି। ଏ ସମ୍ପର୍କରେ ଗତ ସୋମବାର ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକରେ ଏକ ପ୍ରସ୍ତାବ ଗୃହିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ଦୁଇ ଜଣ ସହ ସମ୍ପାଦକ ଜୟନ୍ତ ଦାସ, କ୍ଷୀରୋଦ ସିଂଦେଓ ସମେତ ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ଯୋଗଦେଇ ଏହି ଜନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମଙ୍ଗଳବାର ନୀଳଗିରିସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରସ୍ତାବିତ ଇକୋ ସେନସିଟିଭ ଜୋନରୁ ଜନବସ୍ତି ଓ ସରକାରୀ ଅନୁଷ୍ଠାନଗୁଡିକୁ ବାଦ ଦେବ ସହ ରାସ୍ତା ଓ ଅନ୍ୟାନ୍ୟ ସରକାରୀ ନିର୍ମାଣକାର୍ଯ୍ୟ ଉପରୁ ଜଙ୍ଗଲ ବିଭାଗର ଅଙ୍କୁଶ ହଟାଇବା ପର୍ଯ୍ୟନ୍ତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୃଷକମଞ୍ଚର ଏହି ଆନ୍ଦୋଳନକୁ ସମର୍ଥନ କରିବା ସହ ସାମିଲ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ନିରଞ୍ଜନ ବାରିକ, ବର୍ଷିୟାନ କମ୍ୟୁନିଷ୍ଟ ନେତା କୈଳାଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସମ୍ପାଦକ ଭାଗିରଥି ପ୍ରତିହାରୀ, ଶ୍ୟାମସୁନ୍ଦର ଗ୍ରା.ପ.ର ସରପଞ୍ଚ ପୁରୁଷୋତ୍ତମ ସେଠୀ, ନୀଳଗିରି ଜୋନ ସମ୍ପାଦକ ବିଜୟ କୁମାର ସ, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ଯତୀନ କୁମାର ପାତ୍ର ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମନୋରଞ୍ଜନ ଦାସ, ପ୍ରଭାକର ମହାପାତ୍ର, ଗାୟତ୍ରୀ ପଣ୍ଡା, ନିହାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବାତ୍ୟା ମୋନ୍ଥା ପାଇଁ ଉପକୂଳବର୍ତ୍ତୀ ଅଞ୍ଚଳ ଲୋକେ ଭୟଭୀତ

# ତାଳସାରୀଠାରୁ କୀର୍ତ୍ତନିଆ ଯାଏଁ ସୁରକ୍ଷା ବନ୍ଧ କେବେ

ଚନ୍ଦନେଶ୍ୱର,୨୮।୧୦ (ସମିସ)



ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଏବେ ସାମୁଦ୍ରିକ ବାତ୍ୟା ମୋନ୍ଥା ରୂପ ନେଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ବାଲେଶ୍ୱରକୁ ବାତ୍ୟାର ପ୍ରଭାବ କମ୍ ଥିଲେ ମଧ୍ୟ ଆଜି ପାଖରୁ ବର୍ଷା ସାରାଦିନ ଲାଗିରହିଛି। ତେଣୁ ବାତ୍ୟାର ମୁକାବିଲା ପାଇଁ ଭୋଗରାଇ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସମସ୍ତ ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରିବା ସହିତ ସମୁଦ୍ର ଉପକୂଳ ଓ ତଳିଆ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତର କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେଇଥିପାଇଁ ବିଭାଗୀୟ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କୁ ସଜାଗ ରହିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଓଡିଶା ସୀମାନ୍ତ ବାଲେଶ୍ୱର ଜିଲ୍ଲାର ଭୋଗରାଇର ସମୁଦ୍ର ଉପକୂଳବାସୀ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ତାଳସାରୀ ଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ବେଳାଭୂମି ରହିଛି। ପ୍ରତି ବର୍ଷ ସାମୁଦ୍ରିକ ଝଡ଼ ଓ ଲଘୁଚାପ ପାଇଁ ସମୁଦ୍ରରେ ଉଚ୍ଚ ଜୁଆର ମାଡିବା ଯୋଗୁଁ ଉପକୂଳ ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି ! ସମୁଦ୍ରର ଉଚ୍ଚ ଜୁଆର କୂଳରେ ମାଡ ହେବାରୁ ମୃତ୍ତିକା କ୍ଷୟ ହେବା ସହିତ ଉପକୂଳ ଗାଁ ତାଳସାରୀ, ବିନ୍ଧାପଦ୍ମପୁର, କୃଷ୍ଣନଗର, କନ୍ୟାନଗରୀ, ଖଡ଼ିବିଲ, ରଣସିଂହପୁର, ବଡ଼ପାହି, ନାରାୟଣ ମହାନ୍ତି ପଡିଆ, ଚନ୍ଦ୍ରବାଲି ଓ କୀର୍ତ୍ତନିଆ ଆଦି ଗାଁର ଲୋକମାନେ ଭୟଭୀତ ଅବସ୍ଥାରେ ଦିନ ଗଣୁଛନ୍ତି। ଏହାଛଡା ଗତ ୧୯୯୯ ମସିହା ନଭେମ୍ବର ୨୯ ତାରିଖ ମହାବାତ୍ୟା ପର ଠାରୁ ଅଦ୍ୟାବଧି ଆଠରୁ ଅଧିକ ସାମୁଦ୍ରିକ ଝଡ଼ ଉପକୂଳବାସୀଙ୍କୁ ବେଶ ପ୍ରଭାବିତ କରିଛି। ତାଳସାରୀ ଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ୧୨ କିଲୋମିଟର ଉପକୂଳ ସୁରକ୍ଷା ବନ୍ଧ ଦୀର୍ଘ ଦିନ କାର୍ଯ୍ୟକାରୀ ହେଉ ନ ଥିବାରୁ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ ଧନ ଜୀବନ କ୍ଷୟକ୍ଷତି ହେଉଛି । ଶହ ଶହ ଏକର ଚାଷ ଜମିରେ ଲୁଣି ପାଣି ପଶିବା ଫଳରେ ଚାଷ ନଷ୍ଟ ହେବା ସହ ଚାଷୀଙ୍କର ଚାଷ ପ୍ରତି ନିରାଶା ଭାବ ସୃଷ୍ଟି ହେଉଛି। ସାମୁଦ୍ରିକ ଝଡ ଏବଂ ଅମାବାସ୍ୟା ଓ ପୂର୍ଣ୍ଣିମା ତିଥିରେ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ ସୁବର୍ଣ୍ଣପୁରରେ ଥିବା ଶହ ଶହ ଝାଉଁ ଜଙ୍ଗଲ ସମୁଦ୍ର ଗର୍ଭରେ ଲୀନ ହେଉଛି। ତାଳସାରୀ ଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ଦୀର୍ଘ ୧୨ କିଲୋମିଟର ଉପକୂଳ ତଟ ମୁକୁଳା ପଡିଛି । ଦୀର୍ଘ ଦିନ ଧରି ଉଚ୍ଚ ପଥର ବନ୍ଧ ତିଆରି ନ ହେବାରୁ ସମୁଦ୍ର ଉପକୂଳ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ତୁରନ୍ତ ସମୁଦ୍ର ଉପକୂଳର ତଟ ସୁରକ୍ଷା ଉଚ୍ଚ ପଥର ବନ୍ଧ ନ ହେଲେ କିଛି ବର୍ଷ ମଧ୍ୟରେ ଅଶାନ୍ତ ସମୁଦ୍ର ଉପକୂଳ ଗାଁଗୁଡିକ ଲୀନ ହୋଇ ଭୌଗୋଳିକ ସ୍ଥିତି ବଦଳାଇ ଦେଇ ପାରେ ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିବା ସହିତ ସୁରକ୍ଷା ବନ୍ଧ ନିର୍ମାଣ କରିବାକୁ ଦାବି କରିଛନ୍ତି।

### ● ତାଳସାରି ସାମୁଦ୍ରିକ ଥାନା ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ

## ମିଥ୍ୟା ମାମଲାରେ ୩ ଯୁବକଙ୍କୁ ଗିରଫ ଅଭିଯୋଗ



ଭୋଗରାଇ, ୨୮।୧୦ (ସମିସ): ଭୋଗରାଇ ବ୍ଲକ ତାଳସାରି ସାମୁଦ୍ରିକ ଥାନା ପୁଲିସ ପକ୍ଷରୁ ଗତ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଉଦୟପୁର ବେଳାଭୂମିରେ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅନ୍ୟ ଦୁଇ ଜଣ ଯୁବକଙ୍କୁ ପୁଲିସ ଥାନାକୁ ଆଣି ଅଟକ ରଖିବା ପରେ ଉଦୟପୁର ବେଳାଭୂମିରେ ଚୋରା ମଦ ବିକ୍ରି କରିବା ଓ ପର୍ଯ୍ୟଟକଙ୍କୁ ମଦ ଯୋଗାଇ ଦେବା ମାମଲାରେ ମଙ୍ଗଳବାର ଅଟକ ରଖିଥିବା ୩ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସର ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସ୍ଥାନୀୟ ବ୍ୟବସାୟୀମାନେ କହିଛନ୍ତି ତାଳସାରି ସାମୁଦ୍ରିକ ଥାନା ପୁଲିସ ଉଦୟପୁର ବେଳାଭୂମିରେ ମଦ, ଗଞ୍ଜେଇ, ବ୍ରାଉନ ସୁଗାର ବେପାରୀ ଓ ଦେହଜୀବୀ ଦଲାଲଙ୍କ ଠାରୁ ମାସକୁ ମାସ ମୋଟା ଅଙ୍କର ବଟି ନେଇ ବେଳାଭୂମିରେ ଅନୈତିକ, ଅସାମାଜିକ କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଦେଇ ଆସୁଛନ୍ତି। ସ୍ଥାନୀୟ ଯୁବକମାନେ ମଧ୍ୟ ନିଜର ଓ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ବନ୍ଧୁବାନ୍ଧବ ଓ ପରିବାର ବର୍ଗଙ୍କୁ ଆଣି ପର୍ଯ୍ୟଟକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବେଳାଭୂମିରେ ଚେୟାର ଟେବୁଲରେ ବସାଇ ମଦ ପିଇବାକୁ ପ୍ରବର୍ତ୍ତାଇ ଅର୍ଥ ରୋଜଗାର କରନ୍ତି। ମାତ୍ର ଗତ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ହଠାତ ତାଳସାରି ସାମୁଦ୍ରିକ ଥାନା ଅଧିକାରୀ ଚମ୍ପାବତୀ ସୋରେନ ଓ ତାଙ୍କର କର୍ମଚାରୀମାନେ ବେଳାଭୂମି ରାସ୍ତାରେ ପାର୍କିଂ ସ୍ଥାନରେ ଛିଡ଼ା ହୋଇଥିବା ଉଦୟପୁର ଗାଁର ବିନୋଦ ବେହେରା(୩୫), ଉଦୟପୁର ବେଳାଭୂମିରୁ ଭୋଗରାଇ ଥାନା ଅଧୀନ ରଣସିଂହପୁର ଗାଁର ଚିରଞ୍ଜିତ ପଟ୍ଟାୟତ(୨୬) ଓ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଉଠାଇଆଣି ଥାନାରେ ଅଟକ ରଖି ମିଛ ମାମଲାରେ ଫସାଇ ନିରୀହ ଯୁବକମାନଙ୍କୁ ଅଭିଯୁକ୍ତ ସଜାଇଥିବା ସ୍ଥାନୀୟ ଲୋକେ ଓ ବ୍ୟବସାୟୀ ଅମୂଲ୍ୟ ବେହେରା, ଅତୁଲ ବେହେରା, ବାବାଜୀ ପ୍ରଧାନ, ଆନନ୍ଦ ବେହେରା, କୁଶିଆ ପଟ୍ଟାୟତ, ଚନ୍ଦନ ବେରା, ଛଟାଙ୍ଗୀ ବେହେରା, ଅଞ୍ଜନା ପଟ୍ଟାୟତ, ସୁଭଦ୍ରା ବେହେରା, ମିନତୀ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି । ଉଦୟପୁର ବେଳାଭୂମିରେ ମଦ, ଗଞ୍ଜେଇ, ବ୍ରାଉନ ସୁଗାର ସହିତ ଦେହଜୀବୀଙ୍କ ଅଶ୍ଳୀଳ ନୃତ୍ୟ ବନ୍ଦ ପାଇଁ ସାଧାରଣରେ ଦାବି କରିଛନ୍ତି। ଏଥିସହିତ ଉକ୍ତ ୩ ନିରୀହ ଯୁବକ ମାନଙ୍କ ଉପରେ ଥାନା ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରି ନ୍ୟାୟ ପାଇଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଉକ୍ତ ଯୁବକମାନେ ଉଦୟପୁର ବେଳାଭୂମିରେ ଚୋରା ମଦ ବିକ୍ରି କରୁଥିବା ସମୟରେ ସେମାନଙ୍କୁ ଧରାଯାଇ ସେମାନଙ୍କ ବିରୁଦ୍ଧରେ ୧୦୨/୨୫ ଓ ୧୦୩/୨୫ରେ ପୃଥକ ମାମଲା ରୁଜୁ କରାଯିବା ପରେ ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀଣୀ ଚମ୍ପାବତୀ ସୋରେନ ସୂଚନା ଦେଇଛନ୍ତି।

## ସିପିଆଇ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ

ସୋର,୨୮।୧୦ (ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ବାଲେଶ୍ୱର ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ ସୋର ପୌର ପାଳିକା ଅନ୍ତର୍ଗତ କମରପୁର ସ୍ଥିତ ସଂଗ୍ରାମୀ ଭବନରେ ବରିଷ୍ଠ ସାଥି ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ବାଚିତ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଆଦିବାସୀ ଅଧ୍ୟୁଷିତ ପ୍ରାକୃତିକ ଖଣିଜ ସମ୍ପଦ ଭରା ଅଞ୍ଚଳକୁ ବେଦାନ୍ତ ହାତରେ ସମର୍ପି ଦେବାକୁ ଯୋଜନା। ୧୯୪୮ କାରଖାନା ଆଇନକୁ ଉଲଂଘନ କରି ଶ୍ରମିକ ମାନଙ୍କୁ ଶୋଷଣ ସହ ବେକାର କରାଇବାକୁ ଓଡିଶା ସରକାରଙ୍କ ରାଜ୍ୟ କ୍ୟାବିନେଟରେ ୮ ଘଣ୍ଟା ଶ୍ରମ ପରିବର୍ତ୍ତେ ୧୦ ଘଣ୍ଟା ଶ୍ରମ ସମୟ ବୃଦ୍ଧିକୁ ଦୃଢ ନିନ୍ଦା କରିଥିଲେ। ଶ୍ରମିକ ଶ୍ରେଣୀ ଏହାର ଉଚିତ ଜବାବ ଦେବାକୁ ଆହ୍ୱାନ ଦେଇଥିଲେ। ସେହିପରି ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ରାଜ୍ୟ ସହ ସମ୍ପାଦକ କ୍ଷିରୋଦ ସିଂଦେଓ ଯୋଗଦେଇ କୁଲଡିହା ଅଭୟାରଣ୍ୟ ଇକୋ ସେନସିଟିଭ ଜୋନର ସୀମା ନିର୍ଦ୍ଧାରଣ ବେଳେ ଶତାଧିକ ବର୍ଷର ଜନବସତି ଗ୍ରାମ ଗୁଡିକୁ ଇକୋ ସେନସିଟିଭ ଅଞ୍ଚଳ ମଧ୍ୟରୁ ବାଦ ନ ଦେବା ଫଳରେ ସାଧାରଣ ଲୋକ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ବାସ୍ତବତା ଦୃଷ୍ଟିରୁ ଅଭୟାରଣ୍ୟ ପାଇଁ ଧାର୍ଯ୍ୟ ସୀମା ଆଇନ ଅନୁଯାଇ ଜନବସତୀ ଠାରୁ ୧୦ କିଲୋମିଟର ଦୂରରେ ଥିବା ନୀଳଗିରି, ଔପଦା ଏବଂ ସୋର ବ୍ଲକର କେତେକ ପଞ୍ଚାୟତର ଗ୍ରାମ ଗୁଡିକୁ ତୁରନ୍ତ ବାଦ ଦିଆଯାଇ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ ପାଇଁ ଦାବି କରିଥିଲେ। ସାଥି ନିରଞ୍ଜନ ବାରିକ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇ ଜନ ବସତିର ସୁରକ୍ଷା ପାଇଁ କୃଷକ ସଭା ଏବଂ ଭିଟାମାଟି ସୁରକ୍ଷା ମଞ୍ଚ, ନଭେମ୍ବର ପହିଲାରୁ ଶ୍ୟାମସୁନ୍ଦର ପୁର ପଞ୍ଚାୟତ ଠାରୁ ଜନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇ ନଭେମ୍ବର ୭ ରେ ମହାସମାବେଶ ବାଲେଶ୍ୱର ଜିଲ୍ଲା ପାଳଙ୍କ ଅଫିସ ସମ୍ମୁଖରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ।

## ନିଖୋଜ ଭିନ୍ନକ୍ଷମ ବଙ୍ଗୀୟ ଯୁବକ ଉଦ୍ଧାର



ଜଳେଶ୍ୱର,୨୮।୧୦(ସମିସ): ପଶ୍ଚିମବଂଗ ଦାନ୍ତୁନ ଥାନା ଅନ୍ତର୍ଗତ ପାଶାଣ୍ଡ ପଞ୍ଚାୟତ ର କୋଟପଦା ଗ୍ରାମର ଭିନ୍ନକ୍ଷମ ଯୁବକ ୩୦ କିମି ରାସ୍ତା ଅତିକ୍ରମ କରି ନଛିମ ପୁର ପଞ୍ଚାୟତ ଠାରେ ଏକ ସାଇକେଲ ଧରି ପଥହରା ହୋଇଥିଲେ। ରବିବାର ସନ୍ଧ୍ୟାରେ ଆନନ୍ଦ ବଜାର ଛକ ଠାରେ ଲୋକେ ରୁଣ୍ଡ ହୋଇ ପରିଚୟ ଜାଣିବାକୁ ଚାହିଁଥିଲେ ମଧ୍ୟ ସେ ମାନସିକ ଭାରସାମ୍ୟ ହରାଇ କିଛି କହି ପାରି ନଥିଲେ। ପରେ ବହୁ ପଞ୍ଚାୟତ ରୁ ଖବର ଆସିଥିଲେ ମଧ୍ୟ ପରିଚୟ ଜଣା ନପଡିବାରୁ ସାମ୍ବାଦିକ ଦୁର୍ଗା ଶଙ୍କର ଗିରି ଜଳେଶ୍ୱର ଥାନା କୁ ଖବର ଦେଇ ସାଇକେଲ ଜିମାରେ ରଖିଥିଲେ। ଜଳେଶ୍ୱର ପୁଲିସ ଏଏସଆଇ ସୃଷ୍ଟି ଧର ବେହେରା ମୁକ ଯୁବକଙ୍କୁ ନେଇ ସାନ୍ତିଆସ୍ଥିତ ଗାନ୍ଧୀ ସେବାଶ୍ରମରେ ରଖିଥିଲେ। ପରେ ସାମାଜିକ ଗଣମାଧ୍ୟମରୁ ଜାଣି ବୃଦ୍ଧ ବାପା ହରିପଦ ପ୍ରାମାଣିକ, ପୁଅ ସୁକଦେବ ପ୍ରାମାଣିକ(୨୩)କୁ ଜଳେଶ୍ୱର ଥାନାରେ ଆବଶ୍ୟକ କାଗଜପତ୍ର ଦେଖେଇ ନେଇ ଥିଲେ।

## ଓଲମରା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା



ଜଳେଶ୍ୱର ବ୍ଲକ,୨୮।୧୦(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରା, ବାଲେଶ୍ୱରର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଙ୍ଗଲ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପିଲାମାନେ ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗରେ ୩୧ଟି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ସମସ୍ତ ପ୍ରକଳ୍ପକୁ ବିଚାରକ ମଣ୍ଡଳୀ ଦ୍ୱାରା ନିରୀକ୍ଷଣ କରାଯାଇଥିଲା ଓ ଶେଷରେ ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଓ ବିଚାରକ ଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଅବସରପ୍ରାପ୍ତ ଅଧ୍ୟାପକ ଅଚିତ ନାରାୟଣ ଜେନା ଓ ତାଙ୍କ ଧର୍ମପତ୍ନୀ ତଥା ଅବସରପ୍ରାପ୍ତ ଅଧ୍ୟାପିକା ମମତା ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜୟ ବେହେରା ଏବଂ ବିଶିଷ୍ଟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତାପସ କୁମାର ଦତ୍ତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନାରାୟଣ ପାଇକରାୟ ମଞ୍ଚ ପରିଚାଳନା କରିଥିଲେ ଏବଂ ଶେଷରେ ବିଶେଶ୍ୱର ଘଡେଇ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରଥମ ସ୍ଥାନ କରିଥିବା ସବ୍ ଜୁନିୟର ବିଭାଗରେ ଶ୍ରୁତି ଗିରି, ଜୁନିୟର ବିଭାଗରେ ଅଙ୍କିତ ଦତ୍ତ ଏବଂ ସିନିୟର୍ ବିଭାଗରେ ସ୍ୱାଧୀନ ଅଧିକାରୀଙ୍କୁ ପୁରସ୍କୃତ କରିବା ସହ ସମସ୍ତ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ତିନି ଜଣ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାରେ ଯୋଗ ଦେବାର ସୁଯୋଗ ପାଇବେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସଞ୍ଜୟ କୁଇଲା, ବଳରାମ ମୁର୍ମୁ, ସମରସେନ ସର୍ଦ୍ଦାର, ନୀଳକଣ୍ଠ ଜେନା, ପ୍ରଦୀପ ଦାସ, ପୁଷ୍ପଲତା ଜେନା, ସୁଲୋଚନା ହେମ୍ବ୍ରମ, ଆର୍ଷୀମେଲ ଟୁଡୁ, ସୁଚିସ୍ମିତା ବେହେରା, ମଞ୍ଜୁଲତା ଗିରି, ମିନାକ୍ଷୀ ଗାନ୍ଧୀ ପ୍ରମୁଖ ସହଯୋଗ କରିଥିଲେ।

### ଭୁଲ ଔଷଧ ଖାଇ ନାବାଳକ ଅସୁସ୍ଥ ହେବା ଘଟଣା

# ଅସୁସ୍ଥ ନାବାଳକଙ୍କ ଘରେ ପହଞ୍ଚି ତଦନ୍ତକଲା ଡାକ୍ତରୀ ଟିମ୍

ବାହାନଗା,୨୮।୧୦(ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ଲେଖିଥିବା ଔଷଧ ନ ଦେଇ କମ୍ପାଉଣ୍ଡର ଭୁଲ ଔଷଧ ଦେବା ଏବଂ ଭୁଲ ଔଷଧ ଖାଇ ନାବାଳକ ଅସୁସ୍ଥ ହେବା ଘଟଣା ନେଇ "ସକାଳ'ରେ ଖବର ପ୍ରକାଶ ପରେ ଆକ୍ସନ ମୋଡକୁ ଆସିଛନ୍ତି ବାଲେଶ୍ୱର ଜିଲ୍ଲାପାଳ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ପ୍ରକାଶିତ ଖବର ଜିଲ୍ଲାପାଳଙ୍କ ନଜରକୁ ଆସିବା ପରେ କିଛି ଘଣ୍ଟା ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଅସୁସ୍ଥ ନାବାଳକଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ମେଡିକାଲ ଟିମ୍।

ବାହାନଗା ବ୍ଲକ ନୂଆପୁର ଗ୍ରାମର ବିନୋଦ ବିହାରୀ ବିଶ୍ୱାଳଙ୍କ ପୁଅ ଯଜ୍ଞଜ୍ୟୋତି (୧୨)ଙ୍କ ଦେହ ଅସୁସ୍ଥ ହେବା ସହ ୩ ଦିନ ଧରି ଜ୍ୱର ଲାଗି ରହିଆସୁଥିଲା। ଗତ ୨୧ ତାରିଖ ଦିନ ସକାଳ ସାଢେ ୧୦ଟାରେ ପରିବାର ଲୋକେ ଯଜ୍ଞଜ୍ୟୋତିଙ୍କୁ ଗୋପାଳପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ରକ୍ତ ସହ ଅନ୍ୟାନ୍ୟ ପରୀକ୍ଷା ପରେ କାର୍ଯ୍ୟରତ ଡାକ୍ତର ହିମାଂଶୁ ଶେଖର ପୁହାଣ ଏକାଧିକ ୨୫୦ ଏମ.ଜିର ସିରପ ଲେଖିଥିଲେ। ଡାକ୍ତରଙ୍କ ପେସକ୍ରିପସନ ପରେ ନିଦାନ ଯୋଜନାରେ ସରକାରଙ୍କ ପକ୍ଷରୁ ମିଳୁଥିବା ମାଗଣା ଔଷଧ ବିତରଣ କେନ୍ଦ୍ରରୁ କମ୍ପାଉଣ୍ଡର ହିରଣ୍ୟମୟୀ ଦାସଙ୍କ ନିକଟରୁ ଔଷଧ ନେଇଥିଲେ। ହେଲେ କମ୍ପାଉଣ୍ଡର ଶ୍ରୀମତୀ ଦାସ ଡାକ୍ତରଙ୍କ ଲେଖା ମୁତାବକ ଔଷଧ ଦେଇନଥିଲେ। ଡାକ୍ତର ଲେଖିଥିବା ୨୫୦ ଏମ.ଜିର ୩ ଗୋଟି ସିରପ ପରିବର୍ତ୍ତେ ସମସ୍ତ ୫୦୦ ଏମ.ଜିର ବଟିକା ପ୍ରଦାନ କରିବା ସହ ଗୋଟିଏ ଲେଖାଏ ଖାଇବାକୁ କହିଥିଲେ। କମ୍ପାଉଣ୍ଡରଙ୍କ କହିବା ମୁତାବକ ପରିବାର ଲୋକେ ଅସୁସ୍ଥ ପୁଅକୁ ଔଷଧ ଖାଇବାକୁ ଦେଇଥିଲେ। ପରେ ନାବାଳକ ଜଣକ ଔଷଧ ଖାଇବା ପରେ ବାନ୍ତି କରିବା ସହ ନିସ୍ତେଜ ହୋଇ ପଡିଥିଲା। ଶୁଶୁଟି ସୁସ୍ଥ ହେବା ପରିବର୍ତ୍ତେ ଗୁରୁତର ଅସୁସ୍ଥ ହେବା କାରଣରୁ ପରଦିନ ରାତିରେ ପୁଣିଥରେ ପରିବାର ଲୋକେ ମେଡିକାଲକୁ ଆଣିଥିଲେ। କାର୍ଯ୍ୟରତ ଡାକ୍ତର ଅବିନାଶ ନାୟକ ଅସୁସ୍ଥ ନାବାଳକଙ୍କୁ ଅଧିକ ଡୋଜର ଔଷଧ ଦିଆଯାଇଥିବାରୁ ନାବାଳକ ଜଣକ ବାନ୍ତି କରିବା ସହ ନିସ୍ତେଜ ହୋଇ ପଡିଥିବାର ପ୍ରକାଶ କରିବା ସହ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯିବାକୁ ପରାମର୍ଶ ଦେଇଥିଲେ। ଏମିତି କି ପୁଣିଥରେ ସେହି ପେସକ୍ରିବସନ ପଛପଟେ ପୁଣି ୫୦୦ ଯୁକ୍ତ ୬୫୦ ଡୋଜର ଔଷଧ ଲେଖିଥିଲେ। ରାତିରେ ଶିଶୁ ଜଣକ ଅଧିକ ଅସୁସ୍ଥ ହେବାରୁ ଏକ ଘରୋଇ ଡାକ୍ତରଖାନାରେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାଇଥିଲେ।

ମେଡିକାଲରେ କାର୍ଯ୍ୟରତ କମ୍ପାଉଣ୍ଡର ଏବଂ ଡାକ୍ତରଙ୍କ ଖାମଖିଆଲି ଦାୟିତ୍ୱହିନତା କାର୍ଯ୍ୟ ଯୋଗୁଁ ପୁଅର ଅବସ୍ଥା ଗୁରୁତର ହୋଇଛି, ତୁରନ୍ତ ଏଦିଗରେ ବିଧିବଦ୍ଧ ତଦନ୍ତ କରି ଭୁଲ ଔଷଧ ଦେଇ ରୋଗୀଙ୍କ ଜୀବନ ସହ ଖେଳିଥିବା କମ୍ପାଉଣ୍ଡର ଏବଂ ଡାକ୍ତରଙ୍କ ବିରୁଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନାବାଳକର ବାପା ବିନୋଦ ବିହାରୀ ବିଶ୍ୱାଳ ଦାବି କରିଥିଲେ। ଏ ନେଇ ଗତ ୨୪ ତାରିଖରେ "ସକାଳ'ରେ ପ୍ରକାଶ ପାଇଥିଲା। ଏହି ଖବର ନଜରକୁ ଆସିବା ପରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଆକ୍ସନ ମୋଡକୁ ଆସିଥିଲେ। ଏମିତି କି ସ୍ୱାସ୍ଥ୍ୟ ସେବାରେ ଏଭଳି ତ୍ରୁଟି ପରେ ତୁରନ୍ତ ପ୍ରକାଶିତ ଖବର ଆଧାରରେ ତଦନ୍ତ କରି ରିପୋର୍ଟ ପ୍ରଦାନ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଧୀରେଶ ଷଡଙ୍ଗୀଙ୍କ ନେତୃତ୍ୱରେ ବରିଷ୍ଠ ଡାକ୍ତର ଅଭୟ ପଣ୍ଡା, ମେଡିକାଲ ସୁପର ଭାଇଜର ସରୋଜ ମିଶ୍ର, ବିପିଏମ ସୁଜାତା ବିଶ୍ୱାଳଙ୍କ ସହ ଏକ ୫ ଜଣିଆ ମେଡିକାଲ ଟିମ୍ ଅସୁସ୍ଥ ନାବାଳକଙ୍କ ଘରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିବା ଜଣାପଡିଛି।

GOVERNMENT OF ODISHA A-787
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
E-mail ID: - midivmalkangiri@gmail.com
NOTICE INVITING TENDER
E-Procurement Notice
Bid Identification No. SEMIDMKG - 08/2025-26

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in Single cover system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1. | Name of the work | : Improvement to Check Dams in Different Blocks under Improvement to CD Scheme and Improvement to MI Tank at MV-120 in korukonda block under MIPSP Scheme of Malkangiri District. |
| 2. | Total Number of work | : 12 (Tweleve) Nos. |
| 3. | Estimated cost | : Approximately varies from Rs. 4.24 lakh to Rs. 16.95 lakh. |
| 4. | Period of completion | : Varies from 02(Two) to 03(Three) Calendar Months |
| 5. | Class of Contractor | : "D" &"C" Class Contractor |
| 6. | Date and time of availability of bid documents in the portal | : From 10.00 A.M of 01.11.25 to 5.00 PM of 10.11.2025 |
| 7. | Last date /time for receipt of bids in the portal | : 5.00 pm on 10.11.2025 |
| 8. | Date of opening of bid | : At 11.00 am on 11.11.2025 in website (www.tendersorissa.gov.in) |
| 9. | Submission of Bids | : Online mode |
| 10. | Name of the Officer inviting Bid | : Superintending Engineer, Minor Irrigation Division, Malkangiri |

11. Further details can be seen from the Government of Odisha Web-site:www.tendersorissa.gov.in

12 Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Single Cover system through Online Mode for the works as detailed in the table below. The bids should be submitted online in the website www.tendersodisha.gov.in by eligible Contractors with CDMS registration as mentioned in Column-6 of table below registered with the State govt. and contractors of equivalent grade / Class registered with Central govt / MES / Railway for execution of works. The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bids.

OIPR-32285/11/0014/2526

# ବାତ୍ୟା 'ମୋନ୍ଥା'; ୟେଲୋ ଜୋନ୍‌ରେ ବାଲେଶ୍ୱର

## ଓଡ୍ରାଫ ଓ ଏନଡିଆରଏଫ ଟିମ୍ ସଜାଗ

ବାଲେଶ୍ୱର,୨୮।୧୦(ସମିସ)



ବାତ୍ୟା 'ମୋନ୍ଥା' ନେଇ ବାଲେଶ୍ୱର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏନେଇ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିବା ସହ ଓଡ୍ରାଫ ଓ ଏନଡିଆରଏଫ ଟିମ୍ ସଜାଗ ରହିଛି।

ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବାତ୍ୟାକୁ ମୁକାବିଲା କରିବା ପାଇଁ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଦୁଇଟି ଓଡ୍ରାଫ୍ ଟିମ, ଗୋଟିଏ ଏନଡିଆରଏଫ ଟିମ ସହ ୧୭ଟି ଫାୟାର ଟିମ ମଧ୍ୟ ପ୍ରସ୍ତୁତ ହୋଇ ରହିଛି । ଆବଶ୍ୟକ ପଡିଲେ ସେମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ ହେବେ। ଅନ୍ୟପଟେ ଏହି ବାତ୍ୟାର ମୁକାବିଲା କରିବା ପାଇଁ ଓଡ୍ରାଫ୍ ଟିମ ପକ୍ଷରୁ ମକ୍‌ଡ୍ରିଲ ମଧ୍ୟ କରିଛି। ଅପରପଟେ ଜିଲ୍ଲାର ୧୭ଟି ବ୍ଲକରେ ଥିବା ୧୪୪ଟି ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟ ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତ ହୋଇ ରହିଛି । ବାତ୍ୟା ମୋନ୍ଥା ଫଳରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଏ ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ, ବାତ୍ୟାର ଲ୍ୟାଣ୍ଡଫଲ କାକିନଡା ପାଖରେ ହେବ । ଯାହାଫଳରେ ବାଲେଶ୍ୱର ଜିଲ୍ଲାରେ କିଛିଟା ପ୍ରଭାବ ପକାଇବ। ବିଶେଷ କରି ଆଜି ଏବଂ ଆସନ୍ତା କାଲି ୨୯ତାରିଖ ଦୁଇ ଦିନ ପର୍ଯ୍ୟନ୍ତ ସତର୍କ ରହିବାକୁ ପଡିବ। ଏଣୁ ବାଲେଶ୍ୱର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ରହିଛି । ସମସ୍ତ ବ୍ଲକକୁ ଆଲର୍ଟ ରଖାଯାଇଛି । ବିଶେଷ କରି ତହସିଲଦାରଙ୍କ ଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ କାର୍ଯ୍ୟାଳୟରେ ରହିଛନ୍ତି । ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟ ସଜାଗ ରହିଛି । ଆବଶ୍ୟକ ପଡିଲେ ତାହା ବ୍ୟବହାର ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବାତ୍ୟା ଫଳରେ ଯେଉଁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇଥିଲେ ସେମାନେ ସବୁ କୂଳକୁ ଫେରିଆସିଛନ୍ତି। ଯଦି ପାଣିପାଗ ବିଭାଗ ଯଦି କିଛି ଅନ୍ୟ ଅପଡେଟ ଦିଅନ୍ତି ତେବେ ସେଇ ଅନୁସାରେ କାର୍ଯ୍ୟ କରାଯିବ। ଏବେ ସମୁଦ୍ର କୂଳିଆ ଅଞ୍ଚଳ ଲୋକମାନଙ୍କୁ ମାଇକ ଯୋଗେ ସଚେତନ କରାଯାଉଛି ।

# ପ୍ରତିବର୍ଷ ଅକ୍ଟୋବରରେ ବାତ୍ୟା ଛନକା



ବାଲେଶ୍ୱର,୨୮।୧୦(ସମିସ): ଅକ୍ଟୋବର ଆସିଲେ ମନେପଡେ ମହାବାତ୍ୟା କଥା। ତା' ପରେ ପରେ ପ୍ରତିବର୍ଷ ବାତ୍ୟା ଆଶଙ୍କା। ପ୍ରତିବର୍ଷ ଅକ୍ଟୋବର ମାସ ଆସିଲେ ବାତ୍ୟାର ଛନକା ମନ ଭିତରେ ଭରି ରହୁଛି। ଏହି ବାତ୍ୟାକୁ ବର୍ଣ୍ଣନାହିଁ ବାଲେଶ୍ୱର। ବର୍ଷେ ତଳେ ବାଲେଶ୍ୱରକୁ ଦୁଃଖ ଦେଇଥିଲା 'ଦାନା'। ଏହି ଅକ୍ଟୋବରରେ ମହାବାତ୍ୟା ପରେ ଫାଇଲିନ୍, ହୁଡହୁଡ୍, ତିତିଲି ପରେ ଦାନା ଆସିଥିଲା। ଯାହା ଓଡ଼ିଶା ଉପକୂଳରେ ମାଡ ହୋଇଥିଲା। ସେହିପରି ଗତବର୍ଷ ଆସିଥିବା ବାତ୍ୟା 'ଦାନା' ଯୋଗୁଁ ପ୍ରଭାବିତ ହୋଇଥିଲା ବାଲେଶ୍ୱର ସମେତ ଭଦ୍ରକ ଓ କେନ୍ଦ୍ରାପଡ଼ା। ଠିକ୍ ବର୍ଷେ ପରେ ପୁଣି ସେଇ ଅକ୍ଟୋବରରେ ଆଉ ଏକ ବାତ୍ୟା ସୃଷ୍ଟି ହୋଇଛି 'ମୋନ୍ଥା'।

୧୯୯୯ ଅକ୍ଟୋବର ୨୯ରେ ଓଡ଼ିଶାକୁ ଆସିଥିଲା ମହାବାତ୍ୟା। ପରବର୍ତ୍ତୀ ସମୟରେ ୨୦୧୩ ଅକ୍ଟୋବରରେ ଗୋପାଳପୁର ପାଖରେ ମାଡ଼ ହୋଇଥିଲା ଅତି ଭୀଷଣ ବାତ୍ୟା "ଫାଇଲିନ୍"। ଏଥିରେ ପୁରୀ ଓ ଗଞ୍ଜାମ ପ୍ରଭାବିତ ହୋଇଥିଲା। ୨୦୧୪ ଅକ୍ଟୋବର ୧୨ ରେ ଆସିଥିଲା ବାତ୍ୟା ହୁଡହୁଡ୍। ଗଞ୍ଜାମ, ଗଜପତି ଓ କନ୍ଧମାଳ ପ୍ରଭାବିତ ହୋଇଥିଲା। ସେମିତି ୨୦୧୮ ଅକ୍ଟୋବରରେ ଲ୍ୟାଣ୍ଡଫଲ୍ କରିଥିଲା ତିତିଲି। ଏହି ବାତ୍ୟାରେ ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଜିଲ୍ଲା। ୨୦୧୯ ମେ ମାସରେ ଫନି ବାତ୍ୟା ଆସିଥିଲା। ପ୍ରଭାବିତ ହୋଇଥିଲା ପୁରା ଉପକୂଳ ଓଡ଼ିଶା। ୨୦୨୦ ମେ ମାସରେ ବାତ୍ୟା ଅମ୍ଫାନ୍ ଆସିଥିଲା। ଏଥିରେ ବାଲେଶ୍ୱର ସମେତ ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ପ୍ରଭାବିତ ହୋଇଥିଲା। ଫନିରେ ବାଲେଶ୍ୱରର ୧୨ ଟି ବ୍ଲକରେ ଛଜା ଘର ଭାଙ୍ଗିବା ସହ ଗାଈଗୋରୁଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୦ ଅମ୍ଫାନ ରେ ୧୨ ଟି ବ୍ଲକରେ କ୍ଷତି ହୋଇଥିବା ବେଳେ ୨୦୨୧ ୟସ୍‌ରେ ୧୨ଟି ବ୍ଲକ ଓ ୪ ଟି ପୌରାଞ୍ଚଳରେ କ୍ଷୟକ୍ଷତି ହୋଇଥିବା ନେଇ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସେହିପରି ୨୦୨୨ରେ ଅକ୍ଟୋବରରେ ବାତ୍ୟା ଆଶଙ୍କା ଆସିଥିଲେ ମଧ୍ୟ ଓଡ଼ିଶାକୁ ବିପଦ ନଥିଲା। ସେହିପରି ୨୦୨୩ ରେ ବାତ୍ୟା ନେଇ ଆଶଙ୍କା ଥିଲେ ମଧ୍ୟ ବଡ଼ ଧରଣର କିଛି ହୋଇନାହିଁ ୨୦୨୪ ଅକ୍ଟୋବର ୨୫ରେ ଆସିଥିବା ବାତ୍ୟା 'ଦାନା'। ଏଥିପାଇଁ ବାଲେଶ୍ୱର ଜିଲ୍ଲା ଅନେକ ପ୍ରଭାବିତ ହୋଇଥିଲା। ବର୍ତ୍ତମାନ ସେଇ ଅକ୍ଟୋବର। ଯେଉଁଠି ବାତ୍ୟା ଆଶଙ୍କାରେ ଓଡ଼ିଶାର କିଛି ସ୍ଥାନରେ ବର୍ଷା ଲାଗିରହିଛି। 'ଅକ୍ଟୋବର ହେଉଛି ବାତ୍ୟା ମାସ'। କାରଣ ମୌସୁମୀ ବାୟୁ ଫେରିଯାଇଥାଏ। ଲ୍ୟାଣ୍ଡରେ ହିଟ୍ କମ୍ ଥାଏ ଏବଂ ସମୁଦ୍ର ଉପରେ ତାପମାତ୍ରା ୨୬.୫ ଡିଗ୍ରୀରୁ ଅଧିକ ଥାଏ। ଯାହାକି ବାତ୍ୟା ପୃଷ୍ଠଭୂମି ସୃଷ୍ଟି କରେ। ଏହି ଅକ୍ଟୋବର ଓ ନଭେମ୍ବର ମାସରେ ଲ୍ୟାଣ୍ଡ ଓ ସି ମଧ୍ୟରେ ତାପମାତ୍ରା ଅଲଗା। ଯେଉଁଥିପାଇଁ ବାତ୍ୟା ସୃଷ୍ଟିର ମୁଖ୍ୟ କାରଣ। ବିଶେଷକରି ପ୍ରି ମୁନସୁନ୍ ଆସିବା ପୂର୍ବରୁ ଦୁଇମାସ ଏପ୍ରିଲ, ମେ ମାସ ଏବଂ ମୁନସୁନ ଯିବା ପରେ ଦୁଇ ମାସ ଅକ୍ଟୋବର ଓ ନଭେମ୍ବରରେ ବାତ୍ୟା ଆଶଙ୍କା ଅଧିକ ରହିଥାଏ। ସେପରି ଏହି ଅକ୍ଟୋବରରେ ମୋନ୍ଥା ବାତ୍ୟା ରହିଛି। ହେଲେ ଏହାର ପ୍ରଭାବ ବାଲେଶ୍ୱରରେ ଏତେଟା ନାହିଁ। କେବଳ ବର୍ଷା ଓ ପବନ ହେବ। ୩୦ ତାରିଖ ସକାଳ ପର୍ଯ୍ୟନ୍ତ ବାଲେଶ୍ୱର ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ବୋଲି ବାଲେଶ୍ୱର ପାଣିପାଗ କାର୍ଯ୍ୟାଳୟ ମୁଖ୍ୟ ମଦନ ମୋହନ ଦାସ ସୂଚନା ଦେଇଛନ୍ତି।

■ ବାଲେଶ୍ୱରରେ ମାଳମାଳ ପ୍ଲାଷ୍ଟିକ ପାଣି ଜାର କମ୍ପାନୀ

# ରହୁନି ଅଙ୍କୁଶ; ଶୁଦ୍ଧ ଜଳ ନାମରେ ପିଉଛନ୍ତି ବିଷ



ବାଲେଶ୍ୱର,୨୮।୧୦(ସମିସ): ବାଲେଶ୍ୱର ସହରବାସୀ ଏବେ ଶୁଦ୍ଧ ପାନୀୟ ଜଳ ନାମରେ ବିଷ ପିଉଛନ୍ତି। ମାଳ ମାଳ ଅନାମଧେୟ ସଂସ୍ଥା ପାଣି ଜାର ବ୍ୟବସାୟ ଚଳାଉଛନ୍ତି। କିନ୍ତୁ ଏହି ସଂସ୍ଥାଗୁଡ଼ିକ ଉପରେ କୌଣସି ଅଙ୍କୁଶ ରହୁନଥିବାରୁ ନିମ୍ନମାନର ପାଣି ଲୋକ ପିଉଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ନିମ୍ନମାନର ପିଇବା ପାଣି ଜାର ବ୍ୟବସାୟ ବଢୁଛି। ଏବେ ପ୍ରତିଟି ହୋଟେଲ, ଉଠା ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ, ହସ୍ପିଟାଲ, ସାମୂହିକ କାର୍ଯ୍ୟକ୍ରମ ଆଦିରେ ପିଇବା ପାଣି ଜାରର ବେଶ ଚାହିଦା ଦେଖିବାକୁ ମିଳୁଛି । ବାଲେଶ୍ୱରରେ ଏହି ଶୁଦ୍ଧ ପିଇବା ପାଣି ଯୋଗାଇବା ଅଭିଯାନରେ ଛତୁ ଫୁଟିଲା ଭଳି ନାନାଦି ପ୍ରକାରର ଜଳ ଯୋଗାଣ ସଂସ୍ଥା ମାନ ଖୋଲିଛି। ରାତି ପାହିବା ଆଗରୁ ସମସ୍ତ ଦ୍ୱାରମାନଙ୍କରେ ଗାଡି ଗାଡି ବୁହା ହୋଇ ଯାଉଥିବା କୋଡିଏ ଲିଟର ବାଲା ପାଣି ଜାର ପହଞ୍ଚାଉଛନ୍ତି। ବିଶ୍ୱାସ ଏବଂ ଶୁଦ୍ଧ, ତାହାର ଗୁଣବତ୍ତା ନିର୍ଦ୍ଧାରଣର କୌଣସି ପ୍ରତିଷ୍ଠାନ ନାହାନ୍ତି। ଏଠାରେ ଏବେ ପ୍ରଶ୍ନ ଉଠେ ହଜାର ହଜାର ଗ୍ରାହକ ଶୁଦ୍ଧ ପାଣି ନାମରେ ବିଷ ପିଉ ନାହାଁନ୍ତି ତ ? ଜଳର ଶୁଦ୍ଧତା ପାଇଁ ନିର୍ଦ୍ଧାରିତ ମାନଦଣ୍ଡ ଗୁଡ଼ିକୁ ପାଳନ କରୁଛନ୍ତି ତ ? ଉଚିତ ଆରଓ, ଡିଟିଏସ ଏବଂ ଫିଲଟର୍ ଇତ୍ୟାଦି ହେଉଛି କି ନାହିଁ, ତାହା ପର୍ଯ୍ୟାୟକ୍ରମେ ସରକାର ତଥା ବିଭାଗୀୟ ଅଧିକାରୀମାନେ ଯାଞ୍ଚ କରୁଛନ୍ତି ତ? ଅନେକ ପାଣି ବ୍ୟାରେଲ ଏକ୍ସପାଇରୀ ହେବା ସହ ଭିତରୁ ଲାଲ ରଙ୍ଗର ପରସ୍ତ ମଧ୍ୟ ଜମା ହୋଇଥିବାର ଦେଖିବାକୁ ମିଳୁଛି। କେବଳ ଏତିକି ନୁହଁ ସମୟ ସମୟରେ ଛୋଟ ଛୋଟ ପୋକ ଭାସୁଥିବାର ମଧ୍ୟ ସାମ୍ନାକୁ ଆସୁଛି। ଜଳ ପ୍ଲାଷ୍ଟିକ ପରସ୍ତ ମଧ୍ୟ ଦୁର୍ଗନ୍ଧ ହେଉଛି ବୋଲି ଅନେକ ଗ୍ରାହକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ବର୍ତ୍ତମାନ ବାଲେଶ୍ୱର ଏକ ଯକୃତ ରୋଗର ଗନ୍ତାଘର ପାଲଟି ଗଲାଣି । ରୋଗର କାରଣ ମାନଙ୍କ ମଧ୍ୟରୁ ଏହା ଗୋଟିଏ ହୋଇ ନ ଥିବ ବୋଲି କିଏ କହି ପାରିବ। ଲୋକଙ୍କ ଭରସା ସହିତ ଏହି ସଂସ୍ଥା ମାନେ ଖେଳ ଖେଳୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ସରକାରଙ୍କ ଏ ନେଇ କୌଣସି ଲଗାମ ନ ରହିବା ଏବଂ ସରକାରୀ ବାବୁଙ୍କ ଦାୟିତ୍ୱହୀନତା ପାଇଁ ଏହି ସାଧାରଣ ସମସ୍ୟା ବଢୁଛି । ସହରାଞ୍ଚଳ ମାନଙ୍କରେ ପେଟ ରୋଗଜନିତ ସମସ୍ୟା ଯୋଗୁଁ ପ୍ରତିଦିନ ଶହ ଶହ ପିଲା ଚିକିତ୍ସିତ ହେଉଛନ୍ତି। ତେଣୁ ଯେଉଁ ଆଶା ଏବଂ ଭରସା ପାଇଁ ଶୁଦ୍ଧ ପାନୀୟ ଜଳ ଉପରେ ଭରସା କରି ସମ୍ପୃକ୍ତ ସଂସ୍ଥାମାନଙ୍କ ପାଖରୁ ଜଳ ମଗାଉଛନ୍ତି,ସେମାନଙ୍କର ମନମୁଖୀ ବ୍ୟବସାୟ ଗ୍ରାହକମାନଙ୍କୁ ମରଣ ମୁହଁକୁ ଠେଲି ଦେବ ନି ତ? ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

# ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଜୋନସ୍ତରୀୟ ବୈଠକ

ବାଲେଶ୍ୱର,୨୮।୧୦(ସମିସ): ସିଏସିଏଲ ଓଡ଼ିଶା ଶାଖା ତରଫରୁ ଜୋନ ସ୍ତରୀୟ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ପାଞ୍ଚଟି ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏସିଏଲ ଓଡ଼ିଶା ଶାଖାର ରାଜ୍ୟ ଆବାହକ ସୁକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ସିଏସିଏଲ ଅନୁଷ୍ଠାନର ଲକ୍ଷ୍ୟ ଓ କାର୍ଯ୍ୟାବଳୀ ସଂପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଉତ୍ତର ଜୋନ ଆବାହକ ହୃଷିକେଶ ପଣ୍ଡା ପାଞ୍ଚଟି ଜିଲ୍ଲାରେ ଶିଶୁ ଶ୍ରମିକ ଚିହ୍ନଟ, ଶିଶୁ ଶ୍ରମିକ ବୃଦ୍ଧି ହେଉଥିବାର କାରଣ ଓ ଏହାର ଉଚ୍ଛେଦ ପାଇଁ ଏକ ଛଅ ମାସିଆ ଖସଡ଼ା ଓ ଆଗାମୀ ଶିଶୁ ସୁରକ୍ଷା ସପ୍ତାହ ପାଳନ ସଂପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶଗ୍ରହଣ କରିଥିବା ବେଳେ ରାଜ୍ୟ ସହ ଆବାହକ ପ୍ରସନ୍ନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିଶୁ ଏବଂ କିଶୋର କିଶୋରୀଙ୍କ ହୃଦ୍‌ରୋଗ ଚିହ୍ନଟୀକରଣ ଶିବିର

ବାଲେଶ୍ୱର,୨୮।୧୦(ସମିସ): ଜିଲ୍ଲା ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ନାରାୟଣ ହୃଦାଳୟ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସ୍ଥିତ ଜିଲ୍ଲା ସହଜ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ରରେ ଏକ ଶିଶୁ ହୃଦରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଭାତ କୁମାର ବେହେରା ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଏଭଳି ଶିବିରର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବରିଷ୍ଠ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଏହି ଶିବିରରେ ୧୩୮ଜଣ ଶିଶୁଙ୍କ ହୃଦରୋଗ ପରୀକ୍ଷା କରାଯାଇଥିବା ବେଳେ ୭୨ଜଣ ଶିଶୁଙ୍କ ଅସ୍ତ୍ରପଚାର ପାଇଁ ପରୀକ୍ଷା କରାଯାଇଥିଲା ବୋଲି କହିଥିଲେ। ଏହାବ୍ୟତିତ ୭୨ଜଣଙ୍କ ଠାରେ ହୃଦରୋଗ ଜନିତ ସମସ୍ୟା ଚିହ୍ନଟ କରାଯାଇ ସେମାନଙ୍କୁ ପର୍ଯ୍ୟାୟ କ୍ରମେ ଆରବିଏସକେ ମାଧ୍ୟମରେ ନାରାୟଣ ହୃଦାଳୟକୁ ପଠାଯାଇ ବିନା ମୂଲ୍ୟରେ ଅସ୍ତ୍ରୋପଚାର କରାଯିବ ବୋଲି ମଧ୍ୟ କହିଥିଲେ। ଏଥିରେ କଲିକତାସ୍ଥିତ ନାରାୟଣ ହୃଦାୟାଳୟ ଠାରୁ ଆସିଥିବା ଶିଶୁ ହୃଦରୋଗ ବିଶେଷଜ୍ଞ ଡାକ୍ତର ଅନ୍ୟଜା ମୁଖାର୍ଜୀ,ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ ପରେଶଚନ୍ଦ୍ର ନନ୍ଦ, ଆରବିଏସକେର ପ୍ରଶାନ୍ତ କୁମାର ଦାଶ,ଡିପିଏମ ଚକ୍ରଧର ଜେନା, ଆରବିଏସକେ ମ୍ୟାନେଜର ସମ୍ମିତ କୁମାର ଭୋଳ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ରୋଗ ବିଶେଷଜ୍ଞ ଡ ମାନାଷୀ ରାୟ, ଦାନ୍ତରୋଗୀ ବିଶେଷଜ୍ଞ ଡ ଉଜ୍ଜ୍ୱଳ କୁମାର ବେହେରାଙ୍କ ସମେତ ଆରବିଏସକେର ଅନ୍ୟାନ୍ୟ ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଏବଂ ହସ୍ପିଟାଲ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ।




# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର

ବାଲେଶ୍ୱର,୨୮।୧୦(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଶିଶୁ ବିବାହ ନିରୋଧ ଆଇନ୍, ପୋକ୍ସୋ ଆଇନ୍ ଏବଂ ଓଡ଼ିଶା ପିଡ଼ିତା କ୍ଷତିପୂରଣ ଯୋଜନା ଉପରେ ଏକ ଆଇନ ସଚେତନତା ଶିବିର ଖ୍ରୀଷ୍ଟିଆନ୍ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ଅଧ୍ୟକ୍ଷତା କରି ଉପରୋକ୍ତ ଆଇନ୍ ଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଚିଫ୍ ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ୍ ନଟବରଗୋପାଳ ପଣ୍ଡା, ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବକ୍ତବ୍ୟ ରଖିଥିଲେ।



# ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ସୋର,୨୮।୧୦(ସମିସ): ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନନ୍ତପୁର ସ୍ଥିତ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଭିଯୋଗ ଶୁଣାଣି କରିଥିଲେ। ପ୍ରବଳ ବର୍ଷା ପାଇଁ ୭୧ ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ କେତେକ ଅଭିଯୋଗ ତତକ୍ଷଣାତ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ଅଭିଯୋଗର ସମାଧାନ ଆସନ୍ତା ୧୫ ଦିନ ମଧ୍ୟରେ ସାରିବାକୁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ବାଲେଶ୍ୱର ଉପ ଜିଲ୍ଲାପାଳ ଶିବ ମାଲଦ୍ୱାୟା, ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତ, ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଲିକ, ସୋର ତହସିଲଦାର ବୈତରଣୀ ମଲ୍ଲିକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସୋର ବିଡିଓ ସତ୍ୟନାଥ ନାଏକ ପରିଚାଳନା କରିଥିଲେ।

# ନଭେମ୍ବର ଶେଷ ସପ୍ତାହରେ ଜିଲ୍ଲାସ୍ତରୀୟ ଭଲିବଲ, କବାଡ଼ି ଏବଂ ଖୋ ଖୋ ପ୍ରତିଯୋଗିତା

ବାଲେଶ୍ୱର,୨୮।୧୦(ସମିସ): ଜିଲ୍ଲା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ନଭେମ୍ବର ମାସ ଶେଷ ସପ୍ତାହରେ ସ୍ଥାନୀୟ ପରମିଟ୍ ପଡିଆରେ ଜିଲ୍ଲାସ୍ତରୀୟ ଭଲିବଲ, କବାଡ଼ି ଏବଂ ଖୋ ଖୋ ପ୍ରତିଯୋଗିତା (ପୁରୁଷ ଓ ମହିଳା) ଅନୁଷ୍ଠିତ ହେବ ବୋଲି ଆସୋସିଏସନର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଜଣାଇଛନ୍ତି। ଆଗ୍ରହୀ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଅନୁଷ୍ଠାନର କ୍ରୀଡାବିତ ଷ୍ଟାଡିୟମରୁ ଏଣ୍ଟ୍ରି ଫର୍ମ ନେଇ ନଭେମ୍ବର ମାସ ୧୫ ତାରିଖ ସୁଦ୍ଧା ସେମାନଙ୍କର ନାମ ଅନୁଷ୍ଠାନ ଜରିଆରେ ପଞ୍ଜିକରଣ କରାଇବେ। ୧୫ ତାରିଖ ପରେ ଏଣ୍ଟ୍ରି ଫର୍ମ ନିଆଯିବ ନାହିଁ। କ୍ରୀଡା ସମ୍ପର୍କରେ ସମସ୍ତ ବିଷୟ ପାଇଁ ଭଲିବଲ ଯୁଗ୍ମ ସମ୍ପାଦକ ଭଲିବଲ ଜନ୍ମଜୟ ଦେ (୯୩୩୭୪୮୬୭୯୬), ଜଗଦିଶ ଚନ୍ଦ୍ର ବେହେରା (୭୩୮୧୯୫୧୦୧୫) ଓ କବାଡି ଏବଂ ଖୋ ଖୋ କ୍ରୀଡା ସମ୍ପର୍କରେ ସମସ୍ତ ବିଷୟ ପାଇଁ ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର କୁମାର ସ୍ୱାଇଁ (୮୧୪୪୬୮୯୪୮୫) ଙ୍କ ସହିତ ଯୋଗାଯୋଗ କରିବାକୁ କାର୍ଯ୍ୟକାରୀ ସଭାପତି ଶ୍ରୀ ମହାପାତ୍ର ଜଣାଇଛନ୍ତି। ଏହି ପ୍ରତିଯୋଗିତାରୁ ମନୋନୀତ ହେବାକୁ ଥିବା ଖେଳାଳିମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ।

● ଓଡ଼ିଶା ନାଟ୍ୟ ସଂଘ ନିର୍ବାଚନ

# କୁମାର ଗୋପାଲ ସଂପାଦକ ଭାବେ ନିର୍ବାଚିତ



ବାଲେଶ୍ୱର,୨୮।୧୦(ସମିସ): ରାଜ୍ୟର ପୁରାତନ ନାଟ୍ୟ ସଂଘ ଓଡ଼ିଶା ନାଟ୍ୟ ସଂଘ ନିର୍ବାଚନରେ ଉତ୍ତର ଓଡ଼ିଶାରୁ ଡ଼. କୁମାର ଗୋପାଲ ସଂପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। ଡ. ଗୋପାଲ ଜଣେ ମଞ୍ଚ ଶିଳ୍ପୀ ଭାବରେ ଜୀବନ ଆରମ୍ଭ କରିଥିବା ବେଳେ ଜଣେ ନାଟ୍ୟ ସଂଗଠକ, ନାଟ୍ୟ ଅଭିନେତା, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଭାବରେ ନିଜର ସାଧନା ଜାରି ରଖି ଅନେକ ପୁରସ୍କାରର ସ୍ୱୀକୃତିକୁ ଆପଣେଇଛନ୍ତି। ଟେଲିଫିଲ୍ମ ଜଗତରେ ଅବଦାନ ପାଇଁ ଚଳଚିତ୍ର ଦର୍ପଣ ତଥା ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଏକାଧାରରେ ଜଣେ ସାହିତ୍ୟିକ, ଗୀତିକାର ଓ କବି ଭାବରେ ଅନେକ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନର ଦାୟିତ୍ୱ ସଫଳତାର ସହ ତୁଲାଉଛନ୍ତି। ଡ଼. ଗୋପାଲ ସଂପାଦକ ଭାବରେ ନିର୍ବାଚିତ ହୋଇ ଥିବାରୁ ସାରା ଉତ୍ତର ଓଡ଼ିଶାରେ ଆନନ୍ଦର ଲହରୀ ଖେଳିଯାଇଛି। ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜରୁ ତାଙ୍କୁ ଭଲପାଉଥିବା ନାଟ୍ୟ ପ୍ରେମୀମାନେ ଶୁଭକାମନା ଓ ଅଭିନନ୍ଦନ ଜଣାଇଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଶୋଭାଯାତ୍ରା




ବାଲେଶ୍ୱର,୨୮।୧୦(ସମିସ)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ ଅବସରରେ ଏକ ସଚେତନତା ଶୋଭାଯାତ୍ରା ରେମୁଣା ଗୋଲେଇ ନିକଟରୁ ବାହାରି ସହର ପରିକ୍ରମା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ନାୟକ ଏହି ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସାତଦିନ ଧରି ଆୟୋଜିତ ହେଉଥିବା ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ସମସ୍ତ ସରକାରୀ, ବେସରକାରୀ, ଏପରିକି ସାଧାରଣ ଲୋକଙ୍କ ମଧ୍ୟରେ ଦୁର୍ନୀତି ରୋକିବା ଦିଗରେ ସଚେତନତା ସୃଷ୍ଟି କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏ ନେଇ ପ୍ରଥମ ଦିନରେ ବିଭିନ୍ନ ସରକାରୀ ବିଭାଗର କର୍ମଚାରୀ ଦୁର୍ନୀତି ରୋକିବାକୁ ଶପଥ ପାଠ କରିଥିଲେ ଏବଂ ଦ୍ୱିତୀୟ ଦିନରେ ଏହି ଭଳି ସଚେତନତା ଶୋଭା ଯାତ୍ରା ଆୟୋଜନ କରା ଯାଇଛି ବୋଲି ଆରକ୍ଷୀ ଅଧିକ୍ଷକ ଶ୍ରୀ ନାୟକ ପ୍ରକାଶ କରିଥିଲେ। ଦୁର୍ନୀତି ନିବାରଣ ବିଭାଗ ଉପ ଆରକ୍ଷୀ ଅଧିକ୍ଷକ ଆଲୋକ ରଞ୍ଜନ ଦାସ, ରିନା ସେଠୀ ଓ ସିକନ୍ଦର ହେମ୍ବ୍ରମ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଦୁର୍ନୀତି ନିବାରଣ ବିଭାଗ ଇନସପେକ୍ଟର ସବିତା ପାଣିଗ୍ରାହୀ, ଛବି ହେମ୍ବ୍ରମ, ଶ୍ରୀବଲ୍ଲଭ ନାୟକ, ଦଶରଥ ହେମ୍ବ୍ରମ, ଚନ୍ଦ୍ରଗୁପ୍ତ ଚମସିଆ, ଏସଆଇ ନବକୁମାର ଦାସ ପ୍ରମୁଖ ଏଥିରେ ସାମିଲ ହୋଇ ଦୁର୍ନୀତି ନିବାରଣର ବିଭିନ୍ନ ଦିଗ ଉପରେ ଆଲୋଚନା ସହ "ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି' ସମ୍ପର୍କରେ ମତ ରଖିଥିଲେ। ଏଥିରେ ବିଭାଗର ସଂଖ୍ୟାଧିକ କର୍ମଚାରୀଙ୍କ ସମେତ ଜିଲ୍ଲା କ୍ରୀଡ଼ା ଛାତ୍ରାବାସର ଖେଳାଳିମାନେ ଅଂଶଗ୍ରହଣ କରି ଦୁର୍ନୀତି ହଟାଅ ଦେଶ ବଂଚାଅ ସମ୍ବଳିତ ପ୍ଲାକାର୍ଡ ମାନ ପ୍ରଦର୍ଶନ ପୂର୍ବକ ସ୍ଲୋଗାନ ଦେଇ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ। ଦୁର୍ନୀତି ରୋକିବା ପାଇଁ ସାମୂହିକ ସମାଜରେ ସମସ୍ତେ ସଜାଗ ରହିବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଆର୍ଥିକ ସ୍ୱଚ୍ଛତା ପ୍ରତିପାଦନ ଓ ଦୁର୍ନୀତୀ ମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ସମଗ୍ର ରାଜ୍ୟରେ ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ସାତ ଦିନ ଧରି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ କରାଯାଉଥିବା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ବଳାଙ୍ଗୀ ଡିଗ୍ରୀ କଲେଜ:** ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କଲେଜ ଅଧ୍ୟକ୍ଷ ଡ. ରତ୍ନାକର ସିଂହଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଉଦବୋଧନ ଦେଇ ଦୁର୍ନୀତି କିପରି କର୍କଟ ରୋଗପରି ତାର କାୟା ବହୁସ୍ତରକୁ ବିସ୍ତାର କରି ଚାଲିଛି ଓ ତା'ର ନିରାକରଣ କରାନଗଲେ ସମାଜରେ ଚଳିବା ଅସମ୍ଭବ ହୋଇପଡିବ ବୋଲି ବକ୍ତବ୍ୟରେ ମତ ରଖିଥିଲେ। ଗଣିତ ଅଧ୍ୟାପକ ମନୋଜ ନାୟକ ସଚ୍ଚୋଟ ଉପାୟରେ ଜୀବନଯାପନ ପ୍ରତ୍ୟେକଙ୍କୁ ମାନସିକ ଶାନ୍ତି ପ୍ରଦାନ କରିଥାଏ ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ରସାୟନ ବିଜ୍ଞାନର ଅଧ୍ୟାପକ ସୁରେନ୍ଦ୍ର କୁମାର ପଣ୍ଡା ସାଧୁତାକୁ ଆଚରଣ ଉଚ୍ଚାରଣରେ ପାଳନ କଲେ ନିର୍ମଳ ଆନନ୍ଦ ହିଁ ପ୍ରାପ୍ତ ହୋଇଥାଏ। ଅନ୍ୟତମ ବକ୍ତା ବିଶ୍ୱଜିତ ପ୍ରଧାନ ପିଲାମାନଙ୍କୁ ଉଦବୋଧନ ଦେଇ କହିଲେ ଯେ ସତ୍ୟତା ସଚ୍ଚୋଟତା ସାଧୁତା ଏକ ବୟସରେ ପାଳନ ପାଇଁ ଯତ୍ନବାନ ହେଲେ ଭବିଷ୍ୟତ ଜୀବନ ଅନ୍ୟାୟ ଦୁର୍ନୀତି ଆଡ଼କୁ ଆକର୍ଷିତ ହେବନାହିଁ। ଶେଷରେ ପ୍ରହ୍ଲାଦ କୁଅଁର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ନିଷ୍ଠାର ସହ ଶପଥ ପାଠରେ ଅଂଶ ଗ୍ରହଣ କରିଥିଲେ। ରୁପକ ବେହେରା, ସାରଙ୍ଗଧର ତ୍ରିପାଠୀ, ତନୁଶ୍ରୀ ପୋଖାଲ, ମୋନାଲିସା ଦାସ, ନିର୍ମଳ ରାଉତ, ଓମପ୍ରକାଶ ପାଣିଗ୍ରାହୀ, ସୁଶାନ୍ତ ଦାସ, ସତ୍ୟବ୍ରତ ସାମଲ, ହରେକୃଷ୍ଣ ବାରିକ, ରତ୍ନାକର ବେହେରା, ଦେବାଶିଷ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





# ଭୁବନେଶ୍ୱର ସିଟି

ଓଡ଼ିଶୀ ପୋଷାକରେ ନୂଆଧାରା

# ପାରମ୍ପରିକ ବଦଳରେ ପାପାସିଲ୍କିରେ କାମ ଚଳୁଛି

ଭୁବନେଶ୍ୱର, ୨୮ା୧୦(ସମିସ): ବର୍ତ୍ତମାନ ସମୟରେ ଓଡ଼ିଶୀର ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଧୀରେ ଧୀରେ ନୃତ୍ୟ ଶିଳ୍ପୀଙ୍କ ସଂଖ୍ୟା ମଧ୍ୟ ବଢ଼ିଲାଣି। ସେହିପରି ଓଡ଼ିଶୀ ନୃତ୍ୟ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଅଳଙ୍କାର, ପାଟ, ଟାହ୍ୟା ମଧ୍ୟ ଆଗ ଅପେକ୍ଷା ଅଧିକ ବିକ୍ରି ହେଉଛି। ହେଲେ ଓଡ଼ିଶୀ ନୃତ୍ୟ ପାଇଁ ବ୍ୟବହାର ହେଉଥିବା ପାରମ୍ପରିକ ପାଟ ବସ୍ତ୍ରର ବଦଳରେ ପାପା ସିଲ୍କ ପୋଷାକକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

ଓଡ଼ିଶୀ ନୃତ୍ୟରେ କୁମ୍ଭ ପକା ବାନ୍ଧ ଶାଢ଼ି, ଖଣ୍ଡୁଆ ପାଟ, ବମ୍‌କେଇ ପାଟ, ବ୍ରହ୍ମପୁରୀ ପାଟ ଭଳି ଶାଢ଼ି ସହ କଟକ ତାରକସି କାମ ଥିବା ରୁପା ଅଳଙ୍କାର ଏବଂ ସୋଲ ଟାହିଆ ହେଉଛି ଓଡ଼ିଶୀର ପରିଚୟ। ଏହା ଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ପରମ୍ପରାକୁ ଉପସ୍ଥାପନା କରେ। ସେଥିପାଇଁ ଓଡ଼ିଶୀ ଶିଖୁଥିବା ଏବଂ ପରିବେଷଣ କରୁଥିବା ଶିଳ୍ପୀଙ୍କ ପାଇଁ ଅଳଙ୍କାର ଏବଂ ପାଟର ଗୁରୁତ୍ୱ ମଧ୍ୟ ଢେର ରହିଥାଏ। ନୃତ୍ୟ ପ୍ରତି ଯୁବପିଢ଼ିଙ୍କ ଚାହିଦା ବଢ଼ିବାରୁ ରାଜଧାନୀରେ ଅନେକଗୁଡିଏ ଓଡ଼ିଶୀ ପୋଷାକ ଏବଂ ଅଳଙ୍କାର ଦୋକାନ ମଧ୍ୟ ଖୋଲିଲାଣି। ସେଥିମଧ୍ୟରୁ ଅନ୍ୟତମ ହେଉଛି ମାର୍କେଟ ବିଲ୍ଡିଂରେ ୧୮ ବର୍ଷ ଏହିସବୁ ଓଡ଼ିଶୀ ଉପକରଣ ବିକ୍ରିକରୁଥିବା ବିକ୍ରମ ସିଂହଙ୍କ ଦୋକାନ। ଏଠାରେ କେବଳ ସେ ପୋଷାକ ଏବଂ ଉପକରଣ ବିକ୍ରି କରନ୍ତିନି ବରଂ ଏହି ପୋଷାକ ମଧ୍ୟ ଦୀର୍ଘ ୨୮ ବର୍ଷ ହେବ ତାଙ୍କ ୱାର୍କସପରେ ହିଁ ତିଆରି କରାଯାଇ ବିକ୍ରି ହେଉଛି। ଓଡ଼ିଶୀ ପୋଷାକ ସମ୍ବନ୍ଧରେ ସେ କୁହନ୍ତି, ନୃତ୍ୟଶିଳ୍ପୀଙ୍କ ପାଇଁ ପୋଷାକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି କୁମ୍ଭ ପକା ବାନ୍ଧ ଶାଢ଼ି, ଖଣ୍ଡୁଆ ପାଟ, ବମ୍‌କେଇ ପାଟ, ବ୍ରହ୍ମପୁରୀ ପାଟରେ ଏହି ପୋଷାକ ତିଆରି କରାଯାଏ। ସେଥିପାଇଁ ସେ କଟକ ଏବଂ ଭୁବନେଶ୍ୱରର ହୋଲସେଲରଙ୍କ ନିକଟରୁ କପଡ଼ା କିଣିଥାନ୍ତି। କଟକରେ ଥିବା ତାଙ୍କ ୱାର୍କସପରେ ତିଆରି କରାଯାଇଥାଏ। ପରେ ତାକୁ ଭୁବନେଶ୍ୱରସ୍ଥିତ ତାଙ୍କ ସୋରୁମ୍‌ରେ ଆଣି ବିକ୍ରି କରିଥାନ୍ତି। ଏଥିପାଇଁ ୩ରୁ ୪ ଜଣ କାରିଗର କାମରେ ଲାଗିଥାନ୍ତି। ଦିନକୁ ଦୁଇରୁ ତିନିଟି ପୋଷାକ ତିଆରି ହୋଇଥାଏ। ଏହିସବୁ ପାଟରୁ ନିର୍ମିତ ପୋଷାକର ମୂଲ୍ୟ ୧୨ରୁ ୧୮ ହଜାରରୁ ପର୍ଯ୍ୟନ୍ତ ରହିଥାଏ। ହେଲେ ସାଧାରଣ ଲୋକଙ୍କ ପାଇଁ ସବୁ ସମୟରେ ଏହି ମୂଲ୍ୟ ଦେଇ ଓଡିଶୀ ପୋଷାକ କିଣିବା ସମ୍ଭବ ହୋଇନଥାଏ। ତେଣୁ ଏହାର ଡୁପ୍ଲିକେଟ କପଡ଼ା ଯାହାକୁ ପାପା ସିଲ୍କ ବୋଲି କୁହାଯାଉଛି, ସେଥିରୁ ତିଆରି ହୋଇଥାଏ। ଏହା ଦେଖିବାକୁ ସମାନ ହୋଇଥିଲେ ହେଁ କ୍ୱାଲିଟି ବହୁତ ପତଳା ରହିଥାଏ। ଫଳରେ ଅଧିକ ଦିନ ଏହା ପିନ୍ଧି ହୁଏ ନାହିଁ ବରଂ ଫାଟି ଯାଇଥାଏ। ହେଲେ ଏହାର ମୂଲ୍ୟ ହଜାରେରୁ ଆରମ୍ଭ ହେଉଥିବାରୁ ଲୋକ ଏହାକୁ ଅଧିକ କିଣୁଛନ୍ତି। ଲୋକଙ୍କ କହିବା ଅନୁଯାୟୀ ମାସକୁ ହେଉଥିବା ଗୋଟିଏରୁ ଦୁଇଟି ଷ୍ଟେଜ ସୋ ପାଇଁ ଏତେ ଟଙ୍କା ଦେଇ କାହିଁକି ପୋଷାକ କିଣିବେ ବରଂ ତାବଦଳରେ ପାପାସିଲ୍କରେ କାମ ଚଳିଯିବ। ଫଳରେ ମାସକୁ ବୋମକେଇ, ଖଣ୍ଡୁଆ ପାଟରେ ପ୍ରସ୍ତୁତ ପୋଷାକର ଅର୍ଡର ୧୦ରୁ ୧୨ଟି ଆସୁଥିବାବେଳେ ପାପା ସିଲ୍କରେ ପ୍ରସ୍ତୁତ ପୋଷାକ ୩୦ରୁ ୪୦ ପିସର ଅର୍ଡର ଆସୁଛି। ନିକଟରେ ପ୍ରତି ଶାଢ଼ି ପିଛା କାରିଗରି ମଜୁରି ୫ ଶହଟଙ୍କା ବୃଦ୍ଧି ପାଇଥିବା ଯୋଗୁଁ ପାଟ ଅପେକ୍ଷା ଲୋକ ପାପା ସିଲ୍କର ପୋଷାକ ପ୍ରତି ମନ ବଳାଉଛନ୍ତି ବୋଲି ସେ କହିଛନ୍ତି।





■ ଅଧିକ ମୂଲ୍ୟ ଦେଇ ପାଟ ବସ୍ତ୍ର କିଣିବାକୁ ପଛାଉଛନ୍ତି ନୃତ୍ୟ ଶିଳ୍ପୀ

■ ବାହାର ରାଜ୍ୟ ଓ ଦେଶରେ ରହୁଛି ପାଟ ବସ୍ତ୍ର ଚାହିଦା

ଏହାବ୍ୟତୀତ ବାହାର ରାଜ୍ୟ ତଥା ବାହାର ଦେଶରେ ତାର ଭଲ ଚାହିଦା ରହିଛି। ତେଣୁ ତାଙ୍କ ପାଖକୁ ବାହାରୁ ନିୟମିତ ଓଡ଼ିଶୀର ପାଟ ପୋଷାକର ଅର୍ଡର ଆସୁଛି। ଲୋକ ବାହାରୁ ଆସି ନିଜେ କିଣି ନେଉଛନ୍ତି। ନଚେତ କୋରିଅର ଯୋଗେ ତାଙ୍କ ନିକଟକୁ ପଠାଯାଉଛି।

● ଦେବପ୍ରସାଦ ସମ୍ମାନ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

## 'ଦେବଦାସୀଗାଥା'ର ବୃତ୍ତଚିତ୍ର ପ୍ରଦର୍ଶନ



ଭୁବନେଶ୍ୱର, ୨୮ା୧୦(ସମିସ): ଗୁରୁ ଦେବପ୍ରସାଦ ଫାଉଣ୍ଡେସନ ଆନୁକୂଲ୍ୟରେ ୧୦ ତମ ଦେବପ୍ରସାଦ ସମ୍ମାନ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେସନର ଛାତ୍ରୀମାନେ ଗୁରୁଜୀଙ୍କ ନୃତ୍ୟ ସଂଯୋଜନାର 'ସ୍ଥାୟୀ' ନୃତ୍ୟ ଗୁରୁ ବିପଞ୍ଚି ଦାସଙ୍କ ତତ୍ତ୍ୱାବଧାନରେ ପରିବେଷଣ କରିଥିଲେ। ପରେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ନୃତ୍ୟାୟନର ଛାତ୍ରୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଗୁରୁ ଡ. ମନୋଜ ବେହେରାଙ୍କ ତତ୍ତ୍ୱାବଧାନରେ 'ନୃତ୍ୟଶ୍ରୀ' କରଞ୍ଜିଆର ଶିଳ୍ପୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ସଭାରେ ଅତିଥିଙ୍କ ସମ୍ମୁଖରେ ଗୁରୁ ଦେବପ୍ରସାଦ ଦାସଙ୍କ ଉପରେ ଏକ ବୃତ୍ତ ଚିତ୍ର ପ୍ରସ୍ତୁତ ହୋଇଛି 'ଏ ଗନ୍ଧର୍ବ ଇନକାରନେଟେଡ୍'ର ଟ୍ରେଲର ପ୍ରଦର୍ଶିତ ହୋଇଥିଲା। ଏହା ଆଗାମୀ ନଭେମ୍ବରରେ ମୁକ୍ତିଲାଭ ହେବ। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସଂସ୍କୃତି ବାଭାଗର ଅଧିକାରୀ ସୁଚିସ୍ମିତା ମନ୍ତ୍ରୀ ଏବଂ ଓଡ଼ିଶା ଲାଇଭର ପ୍ରତିଷ୍ଠାତା ନିଳାମ୍ବର ରଥ, ଷ୍ଟେଟ ହାଉସିଂ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ନାୟକ ଯୋଗ ଦେଇଥିଲେ। ଅତିଥି ମାନଙ୍କ ସମ୍ମୁଖରେ 'ଦେବଦାସୀଗାଥା' ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଫାଉଣ୍ଡେସନର ସଭାପତି ଗୋପାଳକୃଷ୍ଣ ମହାପାତ୍ର ଓ ଉପସଭାପତି ନମ୍ରତା ଚଢ଼ାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଓଡ଼ିଆ ଭାଷା ଶିକ୍ଷକ ପଦରେ କେବଳ ଓଡ଼ିଆ ସମ୍ମାନ ସ୍ନାତକଙ୍କୁ ନିଯୁକ୍ତି ଦାବି

ଭୁବନେଶ୍ୱର, ୨୮ା୧୦(ସମିସ): ଓଡ଼ିଶାର ଉଚ୍ଚ ବିଦ୍ୟାଳୟରେ ଓଡିଆ ଭାଷା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ପାରଦର୍ଶୀ କରିବା ପ୍ରସଙ୍ଗରେ 'ଓଡିଆ ସମ୍ମାନ ଛାତ୍ର ସଂସଦ'ର ଏକ ବିଶେଷ ଅଧିବେଶନ ଆଭାସୀ ମାଧ୍ୟମରେ ଡ. ସୁମନ୍ତ କୁମାର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି। ଏହି ଆଲୋଚନାରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, ବାଣୀବିହାର ବିଶ୍ୱବିଦ୍ୟାଳୟ, ରେଭେନସା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଦି ମୋଟ ୮ ଟି ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଜାନୁଆରୀ ଦୁଇ ତାରିଖରେ ସଂଶୋଧିତ ବିଜ୍ଞାପନ ପ୍ରକାଶ ପାଇ ଓଡ଼ିଶାର ଶିକ୍ଷା ଇତିହାସରେ ପ୍ରଥମଥର ଲାଗି ଟିଜିଟି କଳା(ଓଡ଼ିଆ)ର ଉପବିଭାଗ ଭାବେ ୪୯୬ ଟି ସ୍ୱତନ୍ତ୍ର ଓଡିଆ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଥିଲା। ମାତ୍ର ନିଯୁକ୍ତି ପ୍ରକ୍ରିୟାରେ ନୀତିଗତ ବିଭ୍ରାଟ ଯୋଗୁଁ ଓଡିଆ ଶିକ୍ଷକ ଆଶାୟୀ ପ୍ରାର୍ଥୀ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବାରୁ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରହିଛି। ଏହି ସଭାର ସମ୍ମାନିତ ଅତିଥି ଭାବେ ଭାଷା ଆନ୍ଦୋଳନର ସଭାପତି ସ୍ତମ୍ଭକାର ଜାନକୀଶ ବଡ଼ପଣ୍ଡା ଓଡ଼ିଆ ଭାଷା ଶିକ୍ଷକ ହେବାକୁ ହେଲେ କେନ୍ଦ୍ରୀୟ ବିଦ୍ୟାଳୟ ଢାଞ୍ଚା ତଥା କେନ୍ଦ୍ର ସରକାରଙ୍କ ଶିକ୍ଷାନୀତି ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟା କରାଯାଉ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ସଂସଦର ପ୍ରତିଷ୍ଠାତା ଡ. ଇନ୍ଦ୍ରମଣି ସାହୁ, ମୁଖ୍ୟବକ୍ତା ଭାବରେ ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା ଯୋଗଦେଇ ଓଡ଼ିଶା ବକ୍ତବ୍ୟରେ ଓଡ଼ିଶାର ଉଚ୍ଚ ବିଦ୍ୟାଳୟରେ ଅନ୍ୟାନ୍ୟ ଭାଷା ବିଷୟର ଶିକ୍ଷକ ଭଳି ସ୍ୱତନ୍ତ୍ର ଶାସ୍ତ୍ରୀୟ ଓଡିଆ ଶିକ୍ଷକ ନିଯୁକ୍ତିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ସାହିତ୍ୟିକ ତଥା ବିଜେପି ମୁଖପାତ୍ର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ସଦସ୍ୟମାନଙ୍କ ବିଭିନ୍ନ ଅଭିଯୋଗର ଉତ୍ତର ରଖିଥିଲେ ଏବଂ ଖୁବ୍ ଶୀଘ୍ର ଓଡିଆ ଶିକ୍ଷକ ନିଯୁକ୍ତିରେ ଥିବା ସମସ୍ୟାକୁ ଦୂର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

● ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁରୋଧ ସତ୍ତ୍ୱେ ଜିଦ୍‌ରେ ଅଟଳ

## 'ସୈନିକ ସ୍କୁଲ ବଞ୍ଚାଅ ଅଳିଆ ଗଦା ହଟାଅ' ଅଭିଯାନର ଆମରଣ ଅନଶନ ଆଜି

ଭୁବନେଶ୍ୱର, ୨୮ା୧୦(ସମିସ): ବେଆଇନ ସୈନିକ ସ୍କୁଲ ଅଳିଆଗଦାକୁ ନେଇ ଅପାରଗତା ସ୍ୱୀକାର କରିଛନ୍ତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଆସନ୍ତା କାଲି ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୈନିକ ସ୍କୁଲ ବଞ୍ଚାଅ ଅଳିଆ ଗଦା ହଟାଅ ଅଭିଯାନର ଆମରଣ ଅନଶନ ପାଇଁ କାର୍ଯ୍ୟକ୍ରମ ଥିଲା ବେଳେ ବୋର୍ଡ ତରବରିଆ ଭାବେ ଅଭିଯାନକୁ ଏକ ଚିଠି ଲେଖି ଆମରଣ ଅନଶନ ବନ୍ଦ ରଖିବାକୁ ଅନୁରୋଧ କରି ଛନ୍ତି।

ଏଥିସହିତ ଏହି ବିଷୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ସହିତ ଯୋଗାଯୋଗ କରିବାକୁ କହିଛନ୍ତି। ଗଡ଼ାକଣ ମୌଜାର ସୈନିକ ସ୍କୁଲ ନିକଟରେ ଥିବା ସମ୍ପୂର୍ଣ୍ଣ ସେଟ୍ ଅପ୍ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି। ଏହା ସହିତ, ମାମଲାଟି ବର୍ତ୍ତମାନ ବିଚାରାଧୀନ ଅଛି। ଦୀର୍ଘ ୨୩ ବର୍ଷ ଧରି ଅଳିଆ ଗଦା ଯାଇ ଦୁର୍ଗନ୍ଧ ରେ ଅଞ୍ଚଳ ଫାଟି ପଡୁଥିବା ବେଳେ ଏହାକୁ ଅସ୍ଥାୟୀ ଅଳିଆ ଗଦା କହି ଅଳିଆ ଗଦକ୍ଷ ସ୍ଥାନାନ୍ତର ସମ୍ପର୍କର ବିଏମସି ଓ ନଗର ଉନ୍ନୟନ ବିଭାଗ ସମ୍ମୁଖରେ ଦାବୀ କରିବାକୁ ପ୍ରଦୂଷଣ ବୋର୍ଡ କହିଛି। ଏହା ଅତ୍ୟନ୍ତ ହାସ୍ୟାସ୍ପଦ, ଦୁର୍ଭାଗ୍ୟ ଜନକ ଓ ଅପାରଗତା ର ପରିଚୟ। ପ୍ରକାଶଥାଉ କି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଏବଂ ସ୍ୱାସ୍ଥ୍ୟ ବିପଦକୁ ଅଣଦେଖା କରି ଉପଯୁକ୍ତ ତଦାରଖ ବିନା ସିଟିଓ ଜାରି କରିଥିଲେ। ଅଳିଆ ଗଦା ହଟାଅ ଅଭିଯାନ, ବିଏମସି ଓ ପଲ୍ୟୁସନ ବୋର୍ଡ ର ମିଳିତ ଅନୁସନ୍ଧାନ ୯ ସେପ୍ଟେମ୍ବରରେ ନିଶ୍ଚିତ କରାଯାଇଥିଲା ଯେ ପ୍ରକ୍ରିୟାକରଣ ୟୁନିଟ୍ ପାଇଁ କୌଣସି ବୈଧ କାଗଜ ପତ୍ର ନାହିଁ। ବେଆଇନ ଡମ୍ପି ପାଇଁ ବିଏମସି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ତାକୁ ପ୍ରୋତ୍ସାହନ ଦେଉଛି ପ୍ରଦୂଷଣ ବୋର୍ଡ। ତେଣୁ କୌଣସି କଥା ନଶୁଣି ଆସନ୍ତାକାଲି ଆମରଣ ଅନଶନ ଜାରି ରହିବ ବୋଲି ଆବାହକ ଦିଲୀପ ଦାସଶର୍ମା, ସମ୍ପାଦକ ସନ୍ଦୀପ ଦାସ, ଯୁଗ୍ମ ଆବାହକ ସଞ୍ଜୟ ମଲ୍ଲିକ, ଶଙ୍କର୍ଷଣ ବାରିକ, ଲଲାଟ କେଶରୀ ଜେନା, ଯୁଗ୍ମ ସମ୍ପାଦକ ଚିନ୍ତାମଣି ବାରିକ, ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟ ଓ ମୁଖ୍ୟ ଉପଦେଷ୍ଟା ଭିକ୍ଷାକରି ତ୍ରିପାଠୀ ଏକ ପ୍ରେସ ବାର୍ତ୍ତାରେ ଜଣାଇଛନ୍ତି।

## କ୍ୟାମେରା ଲେନ୍ସରେ 'ବାତ୍ୟା ବିପର୍ଯ୍ୟୟ'

ଜୟଦେବ ଭବନରେ ଦୁଇ ଦିନିଆ ଏକକ ଫଟୋ ପ୍ରଦର୍ଶନୀ



ଭୁବନେଶ୍ୱର, ୨୮ା୧୦(ସମିସ): ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟର କରୁଣ ଚିତ୍ର ଏବଂ ତା'ର ଗଭୀର ପ୍ରଭାବକୁ କ୍ୟାମେରା ଲେନ୍ସରେ ଅଙ୍କନ କରି ଅଭିଜ୍ଞ ଫଟୋ ସାମ୍ବାଦିକ ଅତୁଲ୍ୟ କୁମାର ମହାନ୍ତି ଆୟୋଜନ କରିଛନ୍ତି ଏକ ଫଟୋ ପ୍ରଦର୍ଶନୀ। ଏହି ଦୁଇ ଦିନିଆ ଏକକ ଫଟୋ ପ୍ରଦର୍ଶନୀ 'ଡିଜାଷ୍ଟର ଇନ୍ ଲେନ୍ସ' ଜୟଦେବ ଭବନ ପରିସରରେ ଆୟୋଜିତ ହେଉଛି। ୧୯୯୯ ମସିହାର ମହାବାତ୍ୟାରୁ ଆରମ୍ଭ କରି ଫାଇଲିନ, ହୁଡ଼ହୁଡ଼, ଆମ୍ଫାନ, ୟଶ, ତିତଲି ଭଳି ଭୟଙ୍କର ସାମୁଦ୍ରିକ ଝଡ ଏବଂ ସଦ୍ୟତମ ଅଦିନ ବର୍ଷାରେ ଫସଲ ନଷ୍ଟର ଦୃଶ୍ୟକୁ ଅତୁଲ୍ୟ ଅତ୍ୟନ୍ତ ସାହସିକତା ଓ ସୂକ୍ଷ୍ମତାର ସହ କ୍ୟାମେରାରେ କଏଦ କରିଛନ୍ତି। ଏହି ପ୍ରଦର୍ଶନୀରେ ୧୫୦ରୁ ଅଧିକ ଫଟୋଗ୍ରାଫ୍ ପ୍ରଦର୍ଶିତ ହେଉଛି। ଯାହା ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟର କଠୋର ବାସ୍ତବତାକୁ ଦର୍ଶକଙ୍କ ଆଗରେ ଉପସ୍ଥାପନ କରିଛି। ଏହି ପ୍ରଦର୍ଶନୀ ତୃତୀୟ ବର୍ଷରେ ପହଞ୍ଚିଥିବା 'ଡିଜାଷ୍ଟର ଇନ୍ ଲେନ୍ସ' ପ୍ରଦର୍ଶନୀର ଏକ ଅଂଶ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସମୟର ପରିଚାଳନା ନିର୍ଦ୍ଦେଶକ ଅନିତା ମହାନ୍ତି ଯୋଗ ଦେଇଥିଲେ। ଏହି ପ୍ରଦର୍ଶନୀ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସମ୍ବେଦନଶୀଳ ଓଡ଼ିଶାରେ ଜନସଚେତନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

## 'ଅଦ୍ୱିକା ସମ୍ମିଳନୀ' ଉଦ୍‌ଘାଟିତ

ଭୁବନେଶ୍ୱର,୨୮ା୧୦(ସମିସ): କିଶୋରକିଶୋରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଦୁଇଦିନିଆ ଅଦ୍ୱିକା ସମ୍ମିଳନୀ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। କିଶୋର ଅବସ୍ଥାରେ ଶାରୀରିକ ଓ ମାନସିକ ସ୍ତରରେ ହେଉଥିବା ପରିବର୍ତ୍ତନ, ସେମାନେ ସମ୍ମୁଖୀନ ହେଉଥିବା ହିଂସା ଓ ବିପଜ୍ଜନକ କାର୍ଯ୍ୟକଳାପରୁ ଦୂରେଇ ରଖିବା ସହ ଆର୍ଥିକ, ସାଂସ୍କୃତିକ ଓ ସମାଜବିକାଶ କ୍ଷେତ୍ରରେ ସେମାନଙ୍କ ବଳିଷ୍ଠ ଅବଦାନକୁ ପ୍ରତିପାଦିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ୧୦ରୁ ୧୯ ବର୍ଷ ବୟସ ମଧ୍ୟରେ ୨୭ଟି ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ୧୨୭ ଜଣ କିଶୋରକିଶୋରୀ ଯୋଗଦେଇଛନ୍ତି।

ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ,ବକୁଳ ଫାଉଣ୍ଡେସନ୍, ହମାରା ବଚପନ୍ ଟ୍ରଷ୍ଟ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିନରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ସେବା ଓ ସାମାଜିକ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଅଦ୍ୱିକା କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଯୋଗଶିକ୍ଷା, ଦକ୍ଷତା ବିକାଶ, କ୍ୟାରିୟର୍ କାଉନ୍‌ସେଲିଂ ଉପରେ ଗୁରୁତ୍ୱ ଦିଆଯାଇଥିଲା।

■ ଭାଗନେଲେ ୨୭ ଜିଲ୍ଲାର ୧୨୭ କିଶୋରକିଶୋରୀ


GOVERNMENT OF ODISHA A-787
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
E-mail ID: - midivmalkangiri@gmail.com
NOTICE INVITING TENDER
E-Procurement Notice
Bid Identification No. SEMIDMKG - 08/2025-26

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1. | Name of the work | : Improvement to Check Dams in Different Blocks under Improvement to CD Scheme and Improvement to MI Tank at MV-120 in korukonda block under MIPSP Scheme of Malkangiri District. |
| 2. | Total Number of work | : 12 (Tweleve) Nos. |
| 3. | Estimated cost | : Approximately varies from Rs. 4.24 lakh to Rs. 16.95 lakh. |
| 4. | Period of completion | : Varies from 02(Two) to 03(Three) Calendar Months |
| 5. | Class of Contractor | : "D" &"C" Class Contractor |
| 6. | Date and time of availability of bid documents in the portal | : From 10.00 A.M of 01.11.25 to 5.00 PM of 10.11.2025 |
| 7. | Last date /time for receipt of bids in the portal | : 5.00 pm on 10.11.2025 |
| 8. | Date of opening of bid | : At 11.00 am on 11.11.2025 in website (www.tendersorissa.gov.in) |
| 9. | Submission of Bids | : Online mode |
| 10. | Name of the Officer inviting Bid | : Superintending Engineer, Minor Irrigation Division, Malkangiri |

11. Further details can be seen from the Government of Odisha Web-site www.tendersorissa.gov.in

12 Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Single Cover system through Online Mode for the works as detailed in the table below. The bids should be submitted online in the website www.tendersodisha.gov.in by eligible Contractors with CDMS registration as mentioned in Column-6 of table below registered with the State govt. and contractors of equivalent grade / Class registered with Central govt / MES / Railway for execution of works. The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bids.

OIPR-32285/11/0014/2526


# କୃଷକଙ୍କୁ ଲକ୍ଷପତି କରୁଛି ଓୟୁଏଟି

୨୦୨୧ରେ ଆରମ୍ଭ ହୋଇଥିଲା ଯୋଜନା

ଭୁବନେଶ୍ୱର, ୨୮ା୧୦(ସମିସ): କୃଷକଙ୍କୁ ସ୍ୱାବଲମ୍ବୀ କରୁଛି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ବା ଓୟୁଏଟି। ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରିବାର ବାଟ ଦେଖାଉଛି। ଆତ୍ମବିଶ୍ୱାସ ବଢ଼ାଇବା ସହ ସ୍ଥାନୀୟ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲୁଥିବା 'ସିବିସାଇ ବିକାଶ ପ୍ରକଳ୍ପ' ମାଧ୍ୟମରେ କୃଷକଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ, ସେମାନଙ୍କୁ ଲକ୍ଷପତି କରୁଛି। ଓମ୍ବାଡିସିର ଆର୍ଥିକ ପ୍ରୋତ୍ସାହନରେ ଚାଲିଥିବା ଏହି ପ୍ରକଳ୍ପରେ ୯ ହଜାର କୃଷକଙ୍କୁ ଲକ୍ଷପତି କରିବା ପାଇଁ ଯୋଜନା ରହିଛି।

ଏହି ପ୍ରକଳ୍ପ ୨୦୨୧ ରୁ ଆରମ୍ଭ ହୋଇଛି। ୫ ବର୍ଷ ପର୍ଯ୍ୟନ୍ତ କୃଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହାସହ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠିତ ହେଉଥିବା ଅତ୍ୟାଧୁନିକ କୃଷି ମେଳାରେ ସେମାନଙ୍କୁ ସାମିଲ କରାଯାଉଛି। ବିଭିନ୍ନ ପ୍ରକାର ଚାଷ ପ୍ରଣାଳୀରେ ସେମାନେ ଜାଣିବା ସହ ନିଜର ଉତ୍ପାଦକୁ ମଧ୍ୟ ବିକ୍ରି କରିବାକୁ ସୁଯୋଗ ପାଇଥାନ୍ତି। ସେହିପରି ବାହାର ରାଜ୍ୟରେ କରାଯାଉଥିବା ଚାଷ ପ୍ରଣାଳୀକୁ ମଧ୍ୟ ଚାଷିମାନେ ବୁଲି ଦେଖିବା ସହ ଜ୍ଞାନ ଆହରଣ କରିବା ପାଇଁ ସୁଯୋଗ ପାଇଥାନ୍ତି। ଏହି ପ୍ରକଳ୍ପରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି)ର ମହିଳାମାନେ ପ୍ରଶିକ୍ଷଣ ନେଇ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ଦେବଗଡ଼ ଜିଲ୍ଲା ତିଳେଇବେଣୀ ବ୍ଲକ ବିଛନାପୁର ଗ୍ରାମର ଦୁଆସୁଣୀ ଏସଏଚଜି ମହିଳାମାନେ ଛତୁ ଚାଷ କରି ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ପ୍ରତି ସଦସ୍ୟ ପିଛା ୧୦ ହଜାର ଯାଏଁ ଲାଭ ପାଇପାରୁଛନ୍ତି। ଏନେଇ ସିଆରପି ଅନିତା ଦେହୁରୀ କହିଛନ୍ତି ଯେ ପ୍ରଥମେ ଗୋଷ୍ଠୀର ମହିଳାମାନେ ସେତେଟା ଆଗ୍ରହୀ ନ ଥିଲେ। ହେଲେ ପ୍ରଶିକ୍ଷଣରେ ଚାଷ ପ୍ରଣାଳୀ, ଉପାଦେୟତା ଓ ବଜାର ଚାହିଦା ସମ୍ପର୍କରେ ଅବଗତ ହେବା ପରେ ଛତୁ ଚାଷ ପାଇଁ ଆଗ୍ରହୀ ହୋଇଥିଲେ। ଏବେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। କୃଷି ବୈଜ୍ଞାନିକଙ୍କ ନିରନ୍ତର ସହଯୋଗ ଓ ଉପଦେଶ ସେମାନଙ୍କୁ ଅଧିକ ଛତୁ ଚାଷ କରିବା ପାଇଁ ପ୍ରୋତ୍ସାହିତ କରୁଛି। ଅନୁରୂପ ଭାବେ ଏହି ଗ୍ରୁପ୍‌ର ମହିଳାମାନେ ମାଛ ଚାଷ କରି ଅଧିକ ରୋଜଗାର କରୁଛନ୍ତି।



ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଦରିଗାଁର ଅଶୋକ କୁମାର ମହନ୍ତ ଛତୁ ଚାଷ ପ୍ରଶିକ୍ଷଣ ନେଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସମ୍ପ୍ରତି ୧୦୦ ବେଡ୍ ପର୍ଯ୍ୟନ୍ତ ଛତୁ ଚାଷ କରି ବାର୍ଷିକ ୩ଲକ୍ଷରୁ ଅଧିକ ଟଙ୍କା ଲାଭ ପାଇପାରୁଛନ୍ତି। ଆଗକୁ ଅଧିକ ବେଡ୍ କରିବା ସହ ମାସକୁ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଓୟୁଏଟି ଅଧୀନରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ସହ ଯୋଗାଯୋଗ କରିବା ପରେ ସିବିସାଇ ବିକାଶ ପ୍ରକଳ୍ପ ସମ୍ପର୍କରେ ଅବଗତ ହୋଇଥିଲେ। ୫ଦିନିଆ ଛତୁ ଚାଷ ତାଲିମ ନେବା ପରେ ନିଜେ ଚାଷ କରିବାକୁ ଆତ୍ମବିଶ୍ୱାସ ପାଇଥିଲେ। ନିକଟସ୍ଥ ବଜାରକୁ ଛତୁ ବିକ୍ରି ପାଇଁ ନେଲେ ଅନେକ ତାଙ୍କୁ ଛତୁ ଚାଷ ବିଷୟରେ ପଚାରିବା ସହ ଆଗ୍ରହ ପ୍ରକାଶ କରୁଥିବାରୁ ସମସ୍ତଙ୍କୁ ମାର୍ଗଦର୍ଶନ କରିବା ସହ ପ୍ରଶିକ୍ଷଣ ନେବାକୁ ପ୍ରୋତ୍ସାହିତ କରୁଥିବା ଅଶୋକ କହିଛନ୍ତି।

କେବଳ ଛତୁ ଚାଷ ନୁହେଁ, ପନିପରିବା ଗଛର ନର୍ସରୀ କରି ମଧ୍ୟ ଚାଷିମାନେ ସ୍ୱାବଲମ୍ବୀ ହୋଇପାରୁଛନ୍ତି। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ତରୁଆଁର ସରୋଜ ସାହୁ ଏକ ନର୍ସରୀ କରି ମାସକୁ ୨୫ ରୁ ୩୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ସ୍ୱଳ୍ପ ଖର୍ଚ୍ଚ ଓ ପରିଶ୍ରମରେ ବ୍ୟାପକ ପନିପରିବା ଚାଷ କରିବା ପାଇଁ ଚାଷୀଙ୍କୁ ସହଯୋଗ କରୁଛନ୍ତି। ନିଜ ପ୍ରତିକ୍ରିୟାରେ ସରୋଜ କହିଛନ୍ତି ଯେ ପୂର୍ବରୁ ଏକ ଛୋଟ କସମେଟିକ୍ସ ଦୋକାନ କରି ଘର ଚଳାଉଥିଲେ। କେନ୍ଦୁଝର କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ସିବିସାଇ ବିକାଶ ପ୍ରକଳ୍ପ ବିଷୟରେ ଜାଣିବା ପରେ ସେ ନର୍ସରୀ ପ୍ରଶିକ୍ଷଣ ନେଇଛନ୍ତି। ଏହାଦ୍ୱାରା ସେ ବିଭିନ୍ନ ପନିପରିବା ଗଛର ମଞ୍ଜି ଆଣି ନର୍ସରୀ କରି ଚାରା ବିକ୍ରି କରୁଛନ୍ତି। ଅନେକ ଚାଷୀ ତାଙ୍କଠାରୁ ଚାରା ନେଇ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଉପଯୁକ୍ତ ପ୍ରଶିକ୍ଷଣ ଓ ସଠିକ ବ୍ୟବସାୟିକ ଜ୍ଞାନକୌଶଳ ତାଙ୍କ ଜୀବନରେ ପରିବର୍ତ୍ତନ ଆସିଥିବା ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।


॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



୰ ନାରାୟଣ ଚନ୍ଦ୍ର ଘୋଷ
ଅବସରପ୍ରାପ୍ତ ଶିକ୍ଷକ
ସରିଷା, ବସ୍ତା, ବାଲେଶ୍ୱର

ଆବିର୍ଭାବ : ୧୮.୦୧.୧୯୫୭ ତିରୋଧାନ : ୧୯.୧୦.୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସରଳତା, କର୍ତ୍ତବ୍ୟ ପରାୟଣତା ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର- ଶରତ ଚନ୍ଦ୍ର, ହେମନ୍ତ, ବଧୂ- ସସ୍ମିତା, ଦୀପାଞ୍ଜଳି, ଝିଅ- ମଞ୍ଜୁବାଳା ପାତ୍ର, ଜ୍ୱାଇଁ- ସତ୍ୟବ୍ରତ ପାତ୍ର, ନାତି ନାତୁଣୀ ଓ ପରିବାରବର୍ଗ

# ଭୁବନେଶ୍ୱର ସିଟି



କମିସନରେଟ୍ ପୁଲିସ 'କୋଳି ଗଛ'

# ଦ୍ୱୈତନଗରୀ ଛାଡୁନାହାନ୍ତି ଗାଦିମଡ଼ା ବାବୁ

**କାମ ଦେଉନି ବଦଳି ନୀତି**

**ଚାକିରିର ଅର୍ଦ୍ଧାଧିକ ସମୟ କଟିଛି କମିସନରେଟ୍‌ରେ**

**୬ବର୍ଷରୁ ଅଧିକ ସମୟ ରହିଲେଣି ୪୦ ଅଧିକାରୀ**

ଭୁବନେଶ୍ୱର, ୨୮।୧୦ (ସମିସ): ଜଣେ ସରକାରୀ ଅଧିକାରୀ ଗୋଟିଏ ଷ୍ଟେସନରେ ୩ ବର୍ଷରୁ ଅଧିକ ରହିପାରିବେ ନାହିଁ। ଏଥିସହିତ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟ କାମ କରିପାରିବେ ନାହିଁ। ବୁକ୍ ସର୍କୁଲାର ୪୨ରେ ଏଭଳି ଉଲ୍ଲେଖ ରହିଥିବା ବେଳେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ହେଲେ ଏସବୁ କାଗଜ କଲମରେ ସୀମିତ ରହିଥିବା ବେଳେ ବୁକ୍ ସର୍କୁଲାରର ଧଜିଆ ଉଡ଼ିଛି। ଆଉ କେଉଁଠି ନୁହେଁ, ଖୋଦ୍ ପୁଲିସ ବିଭାଗରେ ଏପରି ସ୍ଥିତି ଦେଖାଦେଇଛି। କୋଳି ଖାଇ ମଞ୍ଜି ପୋତିଲା ଭଳି ପୁଲିସ ଅଧିକାରୀମାନେ ଚାକିରି ଜୀବନର ଅର୍ଦ୍ଧାଧିକ ସମୟ କମିସନରେଟରେ କାଟିଛନ୍ତି। ଏମିତିକି ରାଜଧାନୀରେ ଏସ୍ଆଇ ଭାବେ ଚାକିରି ଆରମ୍ଭ କରିଥିବା ଅଧିକାରୀ ପଦୋନ୍ନତି ପାଇବା ପରେ ମଧ୍ୟ ଏଠାରେ ହିଁ ନିଯୁକ୍ତି ପାଇଛନ୍ତି।

ସୂଚନା ଅଧିକାର ଆଇନ ବଳରେ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ପ୍ରାୟ ୪୦ ଜଣ ଅଧିକାରୀ ୬ ବର୍ଷରୁ ଅଧିକ ସମୟଧରି କମିସନରେଟ ପୁଲିସରେ କାମ କରୁଛନ୍ତି। 'ଖଜୁରି ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ' ନ୍ୟାୟରେ ଇନ୍ସପେକ୍ଟର ପାହ୍ୟାରୁ ଆରମ୍ଭ କରି ଅତିରିକ୍ତ ଡିସିପି ପର୍ଯ୍ୟନ୍ତ ସମସ୍ତେ ଏହି ତାଲିକାରେ ରହିଛନ୍ତି। ଅତିରିକ୍ତ ଡିସିପି, ୯ ଜଣ ଏସିପି, ୨୫ ଜଣ ଇନ୍ସପେକ୍ଟର ୬ ବର୍ଷରୁ ଅଧିକ ସମୟ ହେବ କମିସନରେଟ ପୁଲିସରେ ନିଯୁକ୍ତି ହୋଇଛନ୍ତି। ବର୍ଷ ବର୍ଷ ଧରି ଆସିଥିବା ଅଧିକାରୀ ଏବେ କମିସନରେଟକୁ ଛାଡ଼ିବାକୁ ନାରାଜ। କେବଳ ଅଧିକାରୀ ନୁହେଁ ତଳିଆ କର୍ମଚାରୀଙ୍କ କ୍ଷେତ୍ରରେ ମଧ୍ୟ ଏପରି ଘଟୁଛି।

ଜଣେ ସରକାରୀ ଅଧିକାରୀ ଗୋଟିଏ ଷ୍ଟେସନରେ ୩ ବର୍ଷ ରହି ପାରିବେ। ଯଦି କୌଣସି ଅଧିକାରୀଙ୍କ ସ୍ୱତନ୍ତ୍ର ଦକ୍ଷତା ରହିଛି ଓ ସେ ଗୋଟିଏ ଷ୍ଟେସନରେ ୩ ବର୍ଷ କାମ କରି ସାରିଥିଲେ ମଧ୍ୟ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ତାଙ୍କୁ ସେହିଠାରେ କାମ କରିପାରିବେ। କ୍ୱଚିତ୍ କ୍ଷେତ୍ରରେ ଏପରି କରାଯିବାର ପ୍ରାବଧାନ ରହିଥିବା ବେଳେ ଯଥାଶୀଘ୍ର ସମ୍ପୃକ୍ତ ଅଧିକାରୀଙ୍କ ବିକଳ୍ପ ଅଧିକାରୀଙ୍କୁ ନିଯୁକ୍ତି ଦେଇ ତାଙ୍କୁ ବଦଳି କରିବାକୁ ନିର୍ଦ୍ଦେଶ ରହିଛି। ବୁକ୍ ସର୍କୁଲାର ୪୨ର ୧ ଓ ୨ ନମ୍ବର ପାରାରେ ଏଭଳି କିଛି ନିୟମ ଉଲ୍ଲେଖ ରହିଛି। ଏଥିସହିତ ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଦ୍ୱିତୀୟ ଶ୍ରେଣୀ କିମ୍ବା ତଦୁର୍ଦ୍ଧ୍ୱ ରାଙ୍କର ଅଧିକାରୀ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟ କାମ କରିପାରିବେ ନାହିଁ।

ହେଲେ କମିସନରେଟ ପୁଲିସ ଏସବୁ ନିୟମକୁ 'ଫୁ' କରିଦେଇଛି। ନିୟମ ମାନିବା ବଦଳରେ ଏହାର ଗଳାବାଟ ଖୋଜି ବାହାର କରିଛନ୍ତି। ଜିଲ୍ଲାରେ ୬ ବର୍ଷ ବିତିବା ପୂର୍ବରୁ ଓ ଆଚରଣ ବିଧି ଲାଗିବା ପୂର୍ବରୁ ଅଦଳବଦଳ ହୋଇଥାଏ। ସେହି ସମୟରେ ପୁଲିସ ଅଧିକାରୀମାନେ ଭୁବନେଶ୍ୱରରୁ କଟକ ଓ କଟକରୁ ଭୁବନେଶ୍ୱରକୁ ବଦଳି ହେଉଛନ୍ତି। ନିର୍ବାଚନ ସରିବା ପରେ ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ପୁଣି ପୁରୁଣା ଜିଲ୍ଲାକୁ ବଦଳି ହୋଇ ଆସୁଛନ୍ତି। ଆଉକିଛି ଅଧିକାରୀ ସିପି ଅଫିସ, ଡିସିପି ଅଫିସ୍, ଡିଆଇବି, ୟୁପି ଓ ଟିଟିଆଇ ଭଳି ସ୍ଥାନକୁ ବଦଳି ହୋଇ ଯାଉଛନ୍ତି। ଫଳରେ ଜିଲ୍ଲାରେ ୬ ବର୍ଷର ରହିବା ଧାରା ଭାଙ୍ଗି ଯାଉଛି।

ସରକାରୀ ଅଧିକାରୀଙ୍କ ବଦଳିରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ପାଇଁ ଗତ ଏପ୍ରିଲ ମାସରେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗକୁ ଚିଠି ଲେଖିଥିଲେ। ଗଣଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ଭଳି ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟ ସ୍ୱତନ୍ତ୍ର ବଦଳି ନୀତି ଆଣିବାକୁ ଉଲ୍ଲେଖ କରିଥିଲେ। ବଦଳି ନୀତି ପ୍ରସ୍ତୁତ ସମୟରେ ବୁକ୍ ସର୍କୁଲାର ୪୨ ଓ ବଦଳିକୁ ନେଇ ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶକୁ ଦୃଷ୍ଟିରେ ରଖିବାକୁ କୁହାଯାଇଥିଲା। ହେଲେ ଏସବୁ ନିୟମ କମିସନରେଟ ପୁଲିସରେ କାଗଜ କଲମରେ ସୀମିତ ହୋଇ ରହିଯାଇଛି।

## ଯୁବତୀଙ୍କ ବ୍ୟକ୍ତିଗତ ଭିଡିଓ ଭାଇରାଲ୍; ଯୁବକ ଗିରଫ



ବାଲିଅନ୍ତା/ହଂସପାଳ, ୨୮।୧୦(ସମିସ): ଯୁବତୀଙ୍କ ବ୍ୟକ୍ତିଗତ ଭିଡ଼ିଓ ଭାଇରାଲ୍ କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ମୟୂରଭଞ୍ଜ ଜିଲ୍ଲା ବାରିପଦା ମଧୁବନ ତହସିଲ ୭ ନମ୍ବର ୱାର୍ଡର ରାକେଶ କୁମାର ମିଶ୍ର(୩୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁସାରେ ଯୁବତୀ ଜଣଙ୍କ ଫେସବୁକ୍ ମାଧ୍ୟମରେ ୨୦୨୨ ମସିହାରୁ ରାକେଶ ସହିତ ପରିଚିତ ହୋଇଥିଲେ। କ୍ରମେ ସେ ଅଡିଓ ଓ ଭିଡିଓ ଯୋଗାଯୋଗ ମାଧ୍ୟମରେ ତାଙ୍କ ସହିତ ନିକଟତର ହୋଇ ଭୁବନେଶ୍ୱରର କଳ୍ପନା ଛକକୁ ଡାକିଥିଲା ଏବଂ ତା ସହ ଶାରୀରିକ ସମ୍ପର୍କ ନ କଲେ ତାଙ୍କ ବ୍ୟକ୍ତିଗତ ଭିଡିଓ ପ୍ରଚାର କରିବାକୁ ଧମକ ଦେଇଥିଲା। ଭୟ ଓ ବାଧ୍ୟବାଧକତାରେ ଯୁବତୀ ତାଙ୍କୁ ଘରକୁ ଆଣିଥିଲେ। ସେଠାରେ ରାକେଶ ତାଙ୍କୁ ଇଚ୍ଛା ବିରୁଦ୍ଧରେ ଦୁଷ୍କର୍ମ କରିଥିଲେ। ଅଧିକ ତଦନ୍ତରେ ଜଣାପଡ଼ିଛି ଯେ ଅଭିଯୁକ୍ତ ତାଙ୍କ ନାମରେ ୩୫ ଗ୍ରାମ ସୁନା ଋଣ ନେବାକୁ ଅଭିଯୋଗକାରିଣୀଙ୍କୁ ପ୍ରବର୍ତ୍ତାଇଥିଲା ଏବଂ ତାଙ୍କୁ ନାମିତ କରି ବ୍ୟାଙ୍କରୁ ଏକ ଲକ୍ଷ ୧୯ ଜହାର ଟଙ୍କା ନେଇ ନିଜ ନାମରେ ଏକ ମୋଟର ସାଇକେଲ କିଣିଥିଲା। ପରେ ସେ ଅଭିଯୋଗକାରିଣୀଙ୍କ ଅଜାଣତରେ ଉକ୍ତ ଋଣ ଆକାଉଣ୍ଟ ବନ୍ଦ କରି ବନ୍ଧକ ସୁନା ଉଠାଇ ନେଇଥିଲା। ଏହାସହିତ ଜଣାପଡ଼ିଛି ଯେ ରାକେଶ ଅନ୍ୟାନ୍ୟ ମହିଳାଙ୍କ ସହ ସମାନ ସମ୍ପର୍କ ରଖୁଥିଲା। ଯୁବତୀଙ୍କୁ ବ୍ଲାକ୍‌ମେଲ କରି ବାରମ୍ବାର ଶାରୀରିକ ଓ ଆର୍ଥିକ ଭାବରେ ପ୍ରତାରଣା କରିଥିଲା। ଅଭିଯୋଗ ପରେ ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ା ଘଟଣାର ତଦନ୍ତ କରି ରାକେଶକୁ ଗିରଫ କରିଥିଲେ।

## ତଞ୍ଚକତା କରି ୨ ଲକ୍ଷ ହଡ଼ପ; ଡେଲିଭରି ବୟ ଗିରଫ



ଭୁବନେଶ୍ୱର, ୨୮।୧୦ (ସମିସ): ତଞ୍ଚକତା କରି ଦୁଇ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଡେଲିଭରି ବୟକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଗତପୁର ଥାନା ଜମଲପୁରର ପରେଶ କୁମାର କର (୨୧)। ପୁଲିସ ସୂଚନା ଅନୁସାରେ, ପରେଶ ଚନ୍ଦକା ଶିଳ୍ପାଞ୍ଚଳରେ ଥିବା ଏକ କମ୍ପାନୀରେ ଡେଲିଭରି ବୟ ଭାବେ କାମ କରୁଥିଲା। ସେ କମ୍ପାନୀ ଷ୍ଟକ୍‌ରୁ ପ୍ରାୟ ଦୁଇ ଲକ୍ଷ ଟଙ୍କା ମୂଲ୍ୟର ଇଲେକ୍ଟ୍ରୋନିକ୍ ସାମଗ୍ରୀ ଚୋରି କରିବା ଓ ହେରଫେରରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ମଙ୍ଗଳବାର ରାତିରେ ପରେଶ ମୋବାଇଲ ଚୋରି କରୁଥିବା ବେଳେ କମ୍ପାନୀର ଅଧିକାରୀ ରାଜା ସ୍ୱାଇଁ ତା'କୁ ଧରିଥିଲେ। ପୁଲିସକୁ ହସ୍ତାନ୍ତର କରିବା ସହ ଇନଫୋସିଟି ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହ ପରେଶକୁ ଗିରଫ କରିଥିଲା। ତା' ଠାରୁ ଦୁଇଟି ଦାମୀ ମୋବାଇଲ ଜବତ କରିଥିଲା।

## ୧୧ ମାସ ପରେ ଧରାପଡ଼ିଲା ବାଇକ୍ ଚୋର



ଭୁବନେଶ୍ୱର, ୨୮।୧୦ (ସମିସ): ବାଇକ୍ ଚୋରିର ୧୧ ମାସ ପରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲିଅନ୍ତା ଥାନା ହୀରାପୁରର ଦୀପକ ପାତ୍ର (୩୦)।

ପୁଲିସ ସୂଚନାନୁସାରେ, ଗତବର୍ଷ ଡିସେମ୍ବର ମାସ ୧ ତାରିଖ ଦିନ ଡାକ୍ତର ରାଜେଶ ଚନ୍ଦ୍ର ପାଢ଼ୀ କ୍ୟାପିଟାଲ ହସ୍ପିଟାଲ ପରିସରରେ ତାଙ୍କ ବୁଲେଟ ପାର୍କିଂ କରିଥିଲେ। ଦୀପକ ଓ ତାର ସହଯୋଗୀ ମନୋଜ କୁମାର କାଣ୍ଡି ଆସି ଡୁପ୍ଲିକେଟ ଚାବିରେ ବୁଲେଟ ଚୋରି କରି ନେଇଥିଲେ। ଏନେଇ ଶ୍ରୀ ପାଢ଼ୀ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜରୁ କ୍ୟାପିଟାଲ ଥାନା ପୁଲିସ ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ମନୋଜକୁ ଗିରଫ କରି ବୁଲେଟ ଜବତ କରିଥିଲା। ଘଟଣା ପରଠାରୁ ଫେରାର ଥିବା ଦୀପକକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଦୀପକ ନାମରେ ପୂର୍ବରୁ ବାଲିଅନ୍ତା ଥାନାରେ ଦୁଇଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଆଧୁନିକ ଡିଜିଟାଲ ଓଡ଼ିଶାରେ ସାମିଲ ହେଲା ଓମ୍‌ଫେଡ୍



ଭୁବନେଶ୍ୱର, ୨୮।୧୦(ସମିସ): ଅତ୍ୟାଧୁନିକ ଡିଜିଟାଲ ଓଡ଼ିଶାରେ ସାମିଲ ହେଲା ଓଡ଼ିଶା ରାଜ୍ୟ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଲିମିଟେଡ୍ ବା ଓମ୍‌ଫେଡ୍। ମଙ୍ଗଳବାର ଓମ୍‌ଫେଡ୍ ମୁଖ୍ୟାଳୟରେ ନିରାଡମ୍ବର ଭାବେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଓମ୍‌ଫେଡ୍‌ର ଅତ୍ୟାଧୁନିକ ୱେବ ସାଇଟର ଉଦଘାଟନ କରିଛନ୍ତି। ଅତ୍ୟାଧୁନିକ ଡିଜାଇନ ସହ ଏଥିରେ ଓମ୍‌ଫେଡ୍‌ର ସମସ୍ତ ପୁରାତନ ଓ ନୂତନ ଉତ୍ପାଦର ଫଟୋ ଓ ଭିଡିଓ ଅପଲୋଡ କରାଯାଇଛି। ଏହି ନୂତନ ୱେବ ସାଇଟରେ ଓମ୍‌ଫେଡ୍ ସମ୍ପର୍କିତ ସମସ୍ତ ତଥ୍ୟ ଉପଲବ୍ଧ ରହିଛି। ସାଧାରଣ ବ୍ୟବହାରକାରୀଙ୍କ ପାଇଁ ସହଜ, ସରଳ ଓ ବୋଧଗମ୍ୟ ହୋଇଥିବା ଏହି ଅତ୍ୟାଧୁନିକ ଓ୍ୱେବ ସାଇଟରେ ଓମ୍‌ଫେଡ୍ ଅଧିକାରୀଙ୍କ ସହ ଯୋଗାଯୋଗ କରିବାଠାରୁ ଆରମ୍ଭ କରି ଅନଲାଇନରେ ଓମ୍‌ଫେଡ୍ ଉତ୍ପାଦ ମଧ୍ୟ ମଗାଇ ପାରିବେ। କେବଳ ସେତିକି ନୁହେଁ, ଆପଣ ଓମ୍‌ଫେଡ୍ ବୁଥ, ପାର୍ଲର ଖୋଲିବା ପାଇଁ କିମ୍ବା ଓମ୍‌ଫେଡ୍ ଉତ୍ପାଦ ବିତରକ ହେବାକୁ ଚାହୁଁଥିଲେ, ଏହି ୱେବ ସାଇଟରୁ ନିୟମାବଳୀଗୁଡିକୁ ମଧ୍ୟ ପାଇପାରିବେ। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଓମ୍‌ଫେଡ୍‌ର ବରିଷ୍ଠ ସାଧାରଣ ପରିଚାଳକ(ବିତ୍ତ) ସୁରେଶ ଅଲଟିଆ, ଅରିଲୋ ପ୍ଲାଣ୍ଟ ପରିଚାଳକ ସୌମେନ୍ଦ୍ର ଭୌମିକ, ଭାରପ୍ରାପ୍ତ ମାନବସମ୍ବଳ ମୁଖ୍ୟ ନିତ୍ୟଦର୍ଶନ ମିଶ୍ର, ସହକାରୀ ପରିଚାଳକ(ବିତ୍ତ) ତାପସ ରଞ୍ଜନ ମିଶ୍ର, ମାର୍କେଟିଂ ମୁଖ୍ୟ ଶ୍ରୀ ଆଲୋକ ଅଗ୍ନିବେଶ, ସହକାରୀ ପରିଚାଳକ (ଆଇଟି) ଜିତେନ୍ଦ୍ର କୁମାର ବରାଡଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ରାଜଧାନୀରେ ପଶ୍ଚିମବଙ୍ଗ ପୁଲିସ

ଭୁବନେଶ୍ୱର, ୨୮।୧୦ (ସମିସ): ସାଇବର ଠକେଇ ମାମଲାର ତଦନ୍ତ କରୁଥିବା ପଶ୍ଚିମବଙ୍ଗ ପୁଲିସ ରାଜଧାନୀରେ ଡେରା ପକାଇଛି। ସାଇବର ଠକେଇରେ ସମ୍ପୃକ୍ତ ଓଡ଼ିଆ ଯୁବକ ଦୀପକ ବଳିଆରସିଂହକୁ ଧରିବାକୁ ପଶ୍ଚିମବଙ୍ଗର ସାଇବର ଥାନା ପୁଲିସ ଆସିଛି।

ସୂଚନା ଅନୁସାରେ, ମୁର୍ଶିଦାବାଦ ଜିଲ୍ଲା ଖଇରାତି ଅଞ୍ଚଳର ସୁଦେଷ୍ଣା କବିରାଜ ସାମାଜିକ ଗଣମାଧ୍ୟମରେ ଦୀପକ ସଂସ୍ପର୍ଶରେ ଆସିଥିଲେ। ସେୟାର ମାର୍କେଟରେ ଟଙ୍କା ବିନିଯୋଗ କରିବା ଲାଗି ଦୀପକ ତାଙ୍କୁ ପ୍ରବର୍ତ୍ତାଇଥିଲା। ସୁଦେଷ୍ଣା ତା'ର କଥାରେ ବିଶ୍ୱାସ କରି ଦୀପକ ମାଧ୍ୟମରେ ଟଙ୍କା ବିନିଯୋଗ କରିଥିଲେ। ୪ଟି ପର୍ଯ୍ୟାୟରେ ମୋଟ ୨୭ ଲକ୍ଷ ୧୫ ହଜାର ଟଙ୍କା ବିନିଯୋଗ କରିଥିଲେ। ହେଲେ କିଛିଦିନ ପରେ ଦୀପକ ତାଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ କରି ଦେଇଥିଲା। ଠକେଇର ଶିକାର ହୋଇଥିବା ଜାଣି ସୁଦେଷ୍ଣା ଗତବର୍ଷ ଫେବୃୟାରୀ ମାସରେ ଜଙ୍ଗିପୁର ପୁଲିସ ଜିଲ୍ଲାର ସାଇବର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ କ୍ରମେ ସାଇବର ଥାନା ପୁଲିସ କେସ୍ ନଂ - ୬/୨୪ରେ ଏକ ମାମଲା ରୁଜୁ କରିଛି। ପୂର୍ବରୁ ମୁର୍ଶିଦାବାଦରେ ରହୁଥିବା ଦୀପକ ଘଟଣା ପରଠାରୁ ଫେରାର ହୋଇ ଯାଇଛି। ଦୀପକ ଘର ଚିନ୍ତାମଣିଶ୍ୱର ଅଞ୍ଚଳରେ ଜାଣିବା ପରେ ପଶ୍ଚିମବଙ୍ଗର ସାଇବର ଥାନା ପୁଲିସ ଓ ଲକ୍ଷ୍ମୀସାଗର ଥାନା ସେଠାରେ ଚଢ଼ଉ କରିଥିଲା। ହେଲେ ଦୀପକ ସେଠାରେ ରହୁନଥିବା ଜାଣିବା ପରେ ଖାଲି ହାତରେ ଫେରିଥିଲା। ମୋବାଇଲ ଟ୍ରାକିଂ ଜରିଆରେ ଦୀପକ ଭରତପୁର ଥାନା ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ଭରତପୁର ଥାନା ପୁଲିସ ସହାୟତାରେ ଶ୍ରୀକ୍ଷେତ୍ର ବିହାରରେ ଚଢ଼ଉ କରିଥିଲା। ହେଲେ ସେଠାରୁ ମଧ୍ୟ ଖାଲି ହାତରେ ଫେରିଥିଲା।

## ସାତକଡ଼ି ହୋତାଙ୍କ ଜନ୍ମତିଥି ସଭା ଘୁଞ୍ଚିଲା

ଭୁବନେଶ୍ୱର, ୨୮।୧୦(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ଲେଖକ ସମବାୟ ସମିତିର ମିଳିତ ଆନୁକୂଲ୍ୟରେ ସାରସ୍ୱତ ସାଧକ ସାତକଡ଼ି ହୋତାଙ୍କ ଜନ୍ମତିଥି ସଭା ବୁଧବାର ଆୟୋଜିତ ହୋଇଥାନ୍ତା। ହେଲେ ଆୟୋଜିତ ହେବାକୁ ଥିବା ଏହି ସଭା ବାତ୍ୟାଜନିତ ପ୍ରତିକୂଳ ପାଗ ଯୋଗୁଁ ଘୁଞ୍ଚାଯାଇ ଅନ୍ୟ ତାରିଖରେ ଆୟୋଜନ କରିବାପାଇଁ ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ସ୍ଥାନ ଓ ତାରିଖ ସମ୍ପର୍କରେ ସୂଚନା ଦିଆଯିବ ବୋଲି ଓଡ଼ିଶା ଲେଖକ ସମବାୟ ସମିତିର ପରିଚାଳକ ରମାକାନ୍ତ ମିଶ୍ର କହିଛନ୍ତି।

## ବିଜେପି ମଣ୍ଡଳ ସଭାପତିଙ୍କ ନାଁରେ ଜମି ଠକେଇ ଅଭିଯୋଗ

ହଂସପାଳ, ୨୮।୧୦(ସମିସ): ବିଜେପି ମଣ୍ଡଳ ସଭାପତିଙ୍କ ନାମରେ ପାହାଳ ଥାନାରେ ଜମି ଠକେଇ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ କଣ୍ଟିଲୋ ଜୋନ ବିଜେପି ମଣ୍ଡଳ ସଭାପତି ଟିଟନ୍ ସାହୁ ଯାଜପୁର ବରୀର ଜିତେନ୍ଦ୍ର କୁମାର ପରିଡ଼ାଙ୍କୁ ଏକ ଜମି ଦେବା ପାଇଁ ୧୭ ଲକ୍ଷ ଟଙ୍କା ଅଗ୍ରୀମ ନେଇଥିଲେ। ଚୁକ୍ତି ମୁତାବକ ଜିତେନ୍ଦ୍ରଙ୍କୁ ଟିଟନ୍ ଜମି ଯୋଗାଇ ଦେଇପାରୁ ନ ଥିଲେ। ଏ ନେଇ ଜିତେନ୍ଦ୍ର ବାରମ୍ବାର ଟିଟନ୍‌କୁ ଜମି ସମ୍ପର୍କରେ ପଚାରିବାରୁ ସେ ତାଙ୍କୁ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ଏହି ଘଟଣାକୁ ନେଇ ଜିତେନ୍ଦ୍ରଙ୍କ ପରିବାରରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଜିତେନ୍ଦ୍ରଙ୍କ ପିତା ଗୁରୁତର ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିବାରୁ ସେ ପିତାଙ୍କୁ ଏହି ଘଟଣା ବିଷୟରେ ଜଣାଇ ପାରୁ ନ ଥିଲେ। ଜିତେନ୍ଦ୍ର ଓ ତାଙ୍କ ପତ୍ନୀ ବାରମ୍ବାର ଟଙ୍କା ଫେରସ୍ତ ନେଇ ଟିଟନ୍‌ଙ୍କୁ ଭେଟିଥିଲେ। ଟିଟନ୍ ମଧ୍ୟ ଜିତେନ୍ଦ୍ରଙ୍କୁ ଚେକ୍ ମାଧ୍ୟମ ରେ ସମସ୍ତ ଟଙ୍କା ଫେରସ୍ତ କରିଥିଲେ କିନ୍ତୁ ପରେ ସେ ସବୁ ଚେକ୍ ବାଉଁସ୍ ହୋଇଯାଇଥିଲା। ଏ ନେଇ ଜିତେନ୍ଦ୍ର ଠକାମୀ ର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଟଙ୍କା ଫେରସ୍ତ ପାଇବା ଆଶା ନ ମିଳିବାରୁ ସେ ପାହାଳ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ବର୍ଷା ସତ୍ତ୍ୱେ ୪୩ ଦୋକାନ ଭାଙ୍ଗିଲା ବିଡିଏ



ଭୁବନେଶ୍ୱର, ୨୮।୧୦(ସମିସ): ରାଜଧାନୀରେ ଝୁ ଝୁ ବର୍ଷା ହେଉଥିଲା। ବତ୍ୟା ଯୋଗୁଁ ଲୋକେ ଆତଙ୍କିତ ହୋଇ ରହିଥିଲେ। ଏପରିକି ରାଜଧାନୀରେ ସ୍କୁଲ୍ କଲେଜ ବି ବନ୍ଦ ହୋଇ ଯାଇଥିଲା। ବାତ୍ୟା ଆଶଙ୍କା ଏବଂ ବର୍ଷା ଯୋଗୁଁ ରାସ୍ତାଘାଟ ଶୁନ୍‌ଶାନ୍ ହୋଇ ପଡ଼ିଥିଲା। ଅଧିକାଂଶ ଦୋକାନ ବି ବନ୍ଦ ଥିଲା। ଏଭଳି ପରିସ୍ଥିତିରେ ବିଡ଼ିଏ ଅଧିକାରୀମାନେ ଡାକବାଜୀ ଯନ୍ତ୍ର ଧରି ଷ୍ଟେସନରେ ପହଞ୍ଚିଗଲେ। ତୁରନ୍ତ ଦୋକାନ ଉଠାଇବାକୁ କହିଲେ। ହେଲେ ଦୋକାନୀମାନେ ଏଥିରେ ପ୍ରସ୍ତୁତ ନ ଥିବାରୁ ସମସ୍ତ ଦୋକାନକୁ ଭାଙ୍ଗି ଦିଆଗଲା। ଖାରବେଳ ନଗର ଥାନା ଅନ୍ତର୍ଗତ ଭୁବନେଶ୍ୱର ରେଳ ଷ୍ଟେସନ ନିକଟରେ ବିଡିଏ ପକ୍ଷରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ବେଳେ ୫ଟି ବାଉଁଶ ପଲିଥିନ୍ ହୋଟେଲ, ୨୧ଟି ଫାଷ୍ଟଫୁଡ୍ ଦୋକାନ, ୪ ଫଳ ଦୋକାନ, ୧୩ ଟି ୱିଲ୍ କ୍ୟାବିନ୍ ଉଚ୍ଛେଦ କରାଯାଇଛି। ଫଳରେ ୫ ହଜାର ବର୍ଗଫୁଟ୍ ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଦୁଇଟି ଜେସିବିରେ ଉଚ୍ଛେଦକାର୍ଯ୍ୟ ସମ୍ପାଦନ କରାଯାଇଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ମୁତୟନ କରାଯାଇଥିଲା। ଏଥିରେ ବିଡିଏର ଏନ୍‌ଫୋର୍ସମେଣ୍ଟ୍ ଓଏସ୍‌ଡି ଦେବରାଜ ସେଠୀ, ଲିଆସନ୍ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବାଟ ଓଗାଳୁଛି କଦଳୀ କାନ୍ଧୀ

- ଘରୁ ବାହାରି ପାରୁନାହାନ୍ତି ଲୋକେ ସ୍ଥାନୀୟ ଲୋକେ
- ବିଏମ୍‌ସିରେ ବାରମ୍ବାର ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଶୂନ୍ୟ

ଭୁବନେଶ୍ୱର, ୨୮।୧୦(ସମିସ): ମାତ୍ର ୬ରୁ ୭ କଦଳୀ ଗୋଦାମ, ବର୍ଷ ବର୍ଷ ଧରି କଦଳୀକାନ୍ଧୀ ରଖି ଭୁବନେଶ୍ୱର ରେଳ ଷ୍ଟେସନର ପଛପାଖ ଗଳି ରାସ୍ତା ବନ୍ଦ କରୁଛନ୍ତି। ସକାଳୁ ସଞ୍ଜ ଯାଏ ରାସ୍ତା ଗୋଦାମ ମାଲିକଙ୍କ କବଜାରେ ରହୁଛି। ଯାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ଘରୁ ବାହାରି ନ ପାରି ହଇରାଣ ହେଉଛନ୍ତି।

ୱାର୍ଡ ନମ୍ବର ୪୨ ଅନ୍ତର୍ଗତ ବୁଦ୍ଧନଗର ଅଞ୍ଚଳରେ ଥିବା କିଛି କଦଳୀ ଗୋଦାମ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭୁବନେଶ୍ୱର ରେଳ ଷ୍ଟେସନ ଏବଂ ଏହାର ଆଖପାଖ ୪ଟି ଗଳି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଅବରୋଧ କରି ଦେଉଛନ୍ତି। ରାସ୍ତାକଡ଼ରେ ବଡ଼ ବଡ଼ ଟ୍ରକ୍ ଦିନ ଯାକ ପାର୍କିଂ ହେଉଛି। ରାସ୍ତା ଉପରେ ଦୋକାନ ମାଲିକ ଏବଂ ସେମାନଙ୍କ କର୍ମଚାରୀମାନେ ଗାଡି ରଖୁଛନ୍ତି। ସର୍ବସାଧାରଣ ରାସ୍ତାକୁ ଗୋଦାମ ଘର ବନାଇ ଦେଉଛନ୍ତି। ସକାଳ ୬ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତା ଉପରେ କଦଳୀ ରାଖାଯାଇଥିବା ଦେଖିବାକୁ ମିଳୁଛି। ଯେପର୍ଯ୍ୟନ୍ତ ଶେଷ କଦଳୀକାନ୍ଧୀ ବିକ୍ରି ନ ହୋଇଛି ସେପର୍ଯ୍ୟନ୍ତ ରାସ୍ତା ଅବରୋଧ ହଟୁ ନାହିଁ। ବହୁ ବର୍ଷ ଧରି ସ୍ଥାନୀୟ ଲୋକେ ବାରମ୍ବାର ବିଏମ୍‌ସିକୁ ଏସମ୍ପର୍କରେ ଅଭିଯୋଗ କଲେ ମଧ୍ୟ ଫଳଶୂନ। ଏହାକୁ



ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଧିକାଂଶ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି।

ମଙ୍ଗଳବାର ମଧ୍ୟ ଏହି ଅଞ୍ଚଳରେ ସମାନ ପରିସ୍ଥିତି ଥିଲା। ଦିନ ୨ଟା ପର୍ଯ୍ୟନ୍ତ କଦଳୀଗାନ୍ଧୀରେ ପ୍ରାୟ ସମସ୍ତ ରାସ୍ତା ଅବରୋଧ ହୋଇ ରହିଥିଲା। ସ୍ଥାନୀୟ ଲୋକେ ଘରୁ ବଡ ଗାଡି ବାହା କରିବା ତ ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟ ହେଇଥିଲା। ଯାହାକୁ ନେଇ ଘଟଣାସ୍ଥଳରେ ଗୋଦାମର କର୍ମଚାରୀ ଏବଂ ଲୋକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉତ୍ତେଜନାମୂଳକ ଦେଖାଦେଇଥିଲା। ଶେଷରେ ପୁଲିସ ପାଖରେ କଥା ପହଁଚିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଭୁବନେଶ୍ୱର ରେଳ ଷ୍ଟେସନର ୬ ନମ୍ବର ପ୍ଲାଟ୍‌ଫର୍ମକୁ ଯିବା ପାଇଁ ଯାତ୍ରୀମାନେ ଏହି ରାସ୍ତାକୁ ବ୍ୟବହାର କରନ୍ତି। ହେଲେ ଏହି ରାସ୍ତାଟି କଦଳୀଗାନ୍ଧି ରଖି ଅବରୋଧ ହେଉଥିବାରୁ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ଏହାର ଆଖପାଖ ୪ଟି ଗଳିରେ ମଧ୍ୟ ସମାନ ସ୍ଥିତି ଉପୁଜୁଛି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଏମ୍‌ସିକୁ ଜଣାଇ ସାରିଲେଣି। ହେଲେ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ସେନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଜଣେ ବାସିନ୍ଦା କହିଛନ୍ତି ଗୋଦାମ ମାଲିକଙ୍କ ସହ ବିଏମ୍‌ସିର କିଛି କର୍ମଚାରୀଙ୍କର ଉତ୍ତମ ସମ୍ପର୍କ ରହିଛି। ଯେଉଁଥିପାଇଁ ଏମାନଙ୍କ ହରକତ୍‌କୁ ବିଏମ୍‌ସି ନଜର ଅନ୍ଦାଜ କରୁଛି।

# ଅଷ୍ଟପ୍ରହରୀକୁ ନେଇ ବିବାଦ; ରାଧାଦାମୋଦରପୁର ଅଶାନ୍ତ

ଆଠଗଡ଼,୨୮।୧୦(ସମିସ)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାଦାମୋଦରପୁର (କର୍ଣ୍ଣାବନ୍ଧ) ଗ୍ରାମରେ ଅଷ୍ଟପ୍ରହରୀ ନାମ ଯଜ୍ଞ ନେଇ ପୁଣି ଅଶାନ୍ତ ହୋଇପଡିଛି। ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ଗ୍ରାମବାସୀଙ୍କ ପକ୍ଷରୁ ଆଠଗଡ ଉପଜିଲ୍ଲାପାଳଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ସବୁ ବର୍ଷ ପରି ଚଳିତ ବର୍ଷ ରାଧାଦାମୋଦରପୁରସ୍ଥିତ ଜମ୍ବେଶ୍ୱର ମହାଦେବଙ୍କ ମନ୍ଦିର ନିକଟସ୍ଥ ଯାତ୍ରା ପଡିଆଠାରେ ଥିବା କୁଞ୍ଜରେ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଅଷ୍ଟପ୍ରହରୀ ନାମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଗ୍ରାମ କମିଟି ପକ୍ଷରୁ ଏପରି ଆୟୋଜନ କରାଯାଇଥିଲା। ମାତ୍ର ଏହି କୁଞ୍ଜଟି ଆଠଗଡ ବ୍ଲକ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନିର୍ମାଣାଧୀନ ଦର୍ଶାଇ ସୁରେଶଚନ୍ଦ୍ର ମିଶ୍ର ଓ ତାଙ୍କର ୨/୪ ଜଣ ସମର୍ଥକ ଏହାକୁ ଛାଡି ନ ଥିଲେ। ଏଣୁ ଗ୍ରାମ କମିଟି ପକ୍ଷରୁ ତାର ନିକଟରେ ଅସ୍ଥାୟୀ କୁଞ୍ଜ ନିର୍ମାଣ କରି ଅଷ୍ଟପ୍ରହରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ଏଥିପାଇଁ ବ୍ୟାନର ଲଗାଇଥିଲେ। ମାତ୍ର ଏହା ପରେ ଅନ୍ୟ ବ୍ୟକ୍ତିମାନେ ସେହି ସ୍ଥାନରେ ବ୍ୟାନର ଲଗାଇବା ସହିତ ଗ୍ରାମ କମିଟିର ଜଣେ ସଭ୍ୟଙ୍କ ନାମରେ ଖୁଣ୍ଟୁଣୀ ଥାନାରେ ଏତଲା ଦେଇଥିଲେ। ସେହିପରି ଅନୁରୂପ ଭାବେ ଗ୍ରାମ କମିଟି ପକ୍ଷରୁ ଅପ୍ରୀତିକର ପରିସ୍ଥିତିକୁ ଆଖି ଆଗରେ ରଖି ଚଳିତ ମାସ ୧୦ ତାରିଖରେ ଖୁଣ୍ଟୁଣୀ ଥାନାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଖୁଣ୍ଟୁଣୀ ଥାନା ପକ୍ଷରୁ ଏହାର କୌଣସି ସମାଧାନ ନ କରିବାରୁ ଗ୍ରାମବାସୀଙ୍କ ପକ୍ଷରୁ ୨୭ ତାରିଖରେ ଆଠଗଡ ଉପଜିଲ୍ଲାପାଳ, କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ଓ କଟକ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। କଟକ ଗ୍ରାମାଞ୍ଚଳ ଏସପି ଏହାର ସମାଧାନ ପାଇଁ ଚୌଦ୍ୱାର ଆରକ୍ଷୀ ଉପାଧ୍ୟକ୍ଷ ଉମାକାନ୍ତ ସେଠୀଙ୍କୁ ଦାୟିତ୍ୱ ଦେଇଥିଲେ। ୨୭ ତାରିଖ ସନ୍ଧ୍ୟାରେ ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ ପ୍ରଧାନ ଉଭୟ ପକ୍ଷକୁ ଡାକିଥିଲେ ମାତ୍ର ୨ଘଣ୍ଟା ପରେ ପୁଲିସ ଗ୍ରାମବାସୀଙ୍କୁ ଘଉଡାଇ ଦେବା ସହିତ ଦୁର୍ବ୍ୟବହାର କରିଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ପ୍ରଶାସନକୁ ଏନେଇ ସ୍ଥାନୀୟ ସରପଞ୍ଚ ବିନୋଦ କୁମାର ମାଝି ଲିଖିତ ଅଭିଯୋଗ କରିଛନ୍ତି।ସୂଚନାଯୋଗ୍ୟ ଯେ ପୂର୍ବରୁ ଗ୍ରାମରେ ବିଜେ ଜମ୍ବେଶ୍ୱର ମହାଦେବଙ୍କର ଅଶୋକାଷ୍ଟମୀରେ ରୁକୁଣା ରଥ ଟଣାକୁ ସୁରେଶ ଚନ୍ଦ୍ର ମିଶ୍ର ଓ ତାଙ୍କର ସମର୍ଥକଙ୍କ ସହିତ ଗ୍ରାମ୍ୟ କମିଟିର ବିବାଦ ହୋଇଥିଲା। ପରେ ଅଦାଲତର ହସ୍ତକ୍ଷେପ ଓ ପ୍ରଶାସନିକ ଅଧିକାରୀଙ୍କ ସମୟୋଚିତ ପଦକ୍ଷେପ ଫଳରେ ଗ୍ରାମବାସୀମାନେ ଆଶ୍ୱସ୍ତ ହୋଇଥିଲେ। ଏବେ ପୁଣି ଥରେ ବିବାଦ ଦେଖା ଦେଇଥିବାରୁ ଗ୍ରାମରେ ଅଶାନ୍ତ ବାତାବରଣ ଦେଖାଦେଇଛି।




**ପୁଲିସର ପକ୍ଷପାତିତା ବିରୋଧରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର**

## ଗୋ-ମାଂସ ଚାଲାଣ; ୨ ଗିରଫ



ମାହାଙ୍ଗା,୨୮।୧୦(ସମିସ): କୁହୁଣ୍ଡା ପଞ୍ଚାୟତ କଲ୍ୟାଣପୁର ମୁସଲମାନ ବସ୍ତିରେ ଅବାଧରେ ଚାଲିଛି ଗୋ ହତ୍ୟା। ଏହି ବସ୍ତିରୁ କଟକ ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନକୁ ଗୋ ମାଂସ ଚାଲାଣ ହେଉଥିବା ଘଟଣା ସାମ୍ନାକୁ ଆସିଛି। ରବିବାର ବିଳମ୍ବିତ ରାତିରେ କୁମୁଣ୍ଡା ଜୟୀପୁର ଫାଣ୍ଡି ଅନ୍ତର୍ଗତ ଧଉଳିଆ ଗ୍ରାମର କିଛି ଯୁବକ ୨ ଜଣ ଗୋ ମାଂସ ଚାଲାଣକାରୀଙ୍କୁ କାବୁ କରି ପୁଲିସର ଜିମା ଦେବା ସୂଚନା ମିଳିଛି। ଏମାନଙ୍କଠାରୁ ବିପୁଳ ପରିମାଣର ଗୋ ମାଂସ ଜବତ କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବେଳେ ସେମାନଙ୍କଠାରୁ କଟା ଗୋ ମାଂସ ଏବଂ ବାଇକ ଜବତ ହୋଇଥିବା ସୂଚନା ମିଳିଛି। ଏହି ବେଆଇନ କାର୍ଯ୍ୟରେ କଲ୍ୟାଣପୁର ମୁସଲମାନ ବସ୍ତିର ଜଣେ ନାବାଳକକୁ ସାମିଲ କରାଯାଇଥିବା ବେଳେ, ଉତ୍ତ୍ୟକ୍ତ ଗ୍ରାମବାସୀ ନାବାଳକକୁ ଛାଡ଼ିଦେବା ସହ ଗୋ ମାଂସ ଚାଲାଣ କରୁଥିବା ଅନ୍ୟ ୨ ଯୁବକଙ୍କୁ ପୁଲିସକୁ ହସ୍ତାନ୍ତର କରିଥିବା ଖବର ମିଳିଛି। ପୁଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅଦାଲତରୁ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ମିଳିଯାଇଥିବା ଜଣାପଡ଼ିଛି।

## ଦୋକାନରୁ ଚୋରି ଅଭିଯୋଗ

ଚୌଦ୍ୱାର,୨୮।୧୦(ସମିସ): ଚୌଦ୍ୱାର ଥାନା ନିକଟରୁ ସୋମବାର ବିଳମ୍ବିତ ରାତିରେ ୨ଟି ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଥାନା ଠାରୁ ମାତ୍ର କିଛି ବାଟ ଦୂରତାରେ ଥିବା ୨ଟି ପାନ ଓ ଚାହା ଦୋକାନର ପ୍ରାୟ ୭ଟି ତାଲା ଭଙ୍ଗାଯାଇ ଚୋରମାନେ ଦୋକାନରେ ଥିବା ଖାଦ୍ୟ ସାମଗ୍ରୀ ସହିତ ଦୋକାନରେ ଥିବା କିଛି ପଇସା ଲୁଟି ନେଇଛନ୍ତି। ଏ ନେଇ ଦୋକାନୀ ତ୍ରୈଲୋକ୍ୟ ବେହେରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଗୋଟିଏ ଶାବଳ ଓ ୭ଟି ଭଙ୍ଗା ତାଲା ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ବାଣ ଦୁର୍ଘଟଣା ମୃତକଙ୍କୁ କ୍ୟାଣ୍ଡଲ ଶ୍ରଦ୍ଧାଞ୍ଜଳି




ତିଗିରିଆ,୨୮।୧୦(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ତିଗିରିଆ ଗ୍ରାମରେ ଗତ ୧୪ ତାରିଖ ଦିନ ସକାଳେ ବାଣ ବିସ୍ଫୋରଣରେ ଦୁଇ ଯୁବକ ପାପୁନ ବେହେରା ଓ ବିପ୍ଳବ ସାହୁ ଗୁରୁତର ଆହତ ହୋଇଥିଲେ। ଉଭୟ ଯୁବକ ଚିକିତ୍ସାଧୀନ ଭାବେ କଟକର ଏକ ଘରୋଇ ହସ୍ପିଟାଲରେ ଗତ ୧୮ ତାରିଖ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଏକାଦଶାହରେ ଆଜି ଗ୍ରାମର ଯୁବକଙ୍କୁ ନେଇ ଗଠିତ ଫ୍ରେଣ୍ଡସିପ କ୍ଲବର ସଦସ୍ୟ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଗ୍ରାମର ମଠବାଡ଼ିଠାରୁ ଆରମ୍ଭ କରି ସିଂହନାଥ ଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ଯୁବକମାନେ ଉଭୟ ଯୁବକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଉଭୟଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ପପୁନି ରାଉତ, ସୁକାନ୍ତ ରଣା, ନିହାର ରଞ୍ଜନ ଜେନା, ଅନୀଲ ମାଝୀ, ସୁଶାନ୍ତ ସ୍ୱାଇଁ, ଶକ୍ତି ରଞ୍ଜନ ମହାନ୍ତି, ଲିପୁ ସାହୁ, ରାଜା ସ୍ୱାଇଁ, ବାଦଲ ବେହେରା, ଆଲୋକ ବେହେରା, ଅକ୍ଷୟ ରଣା, ପ୍ରଦୋଷ ଜେନା, ନିତ୍ୟାନନ୍ଦ ରଣା ପ୍ରମୁଖ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।

## 'ସଂସାର' ପତ୍ରିକାର ବାର୍ଷିକ ଉତ୍ସବ



କଣ୍ଟାପଡା,୨୮।୧୦(ସମିସ): 'ଆହେ ଦୟାମୟ ବିଶ୍ୱବିହାରୀ, ଘେନ ଦୟାବହି ମୋର ଗୁହାରି' କାଳଜୟୀ ପ୍ରାର୍ଥନାର ସ୍ରଷ୍ଟା ପୁଣ୍ୟାତ୍ମା ରାମକୃଷ୍ଣ ନନ୍ଦଙ୍କ ଶ୍ରଦ୍ଧାଞ୍ଜଳି ଦିବସ ଓ ଶିଶୁ-କିଶୋର ପତ୍ରିକା 'ସଂସାର'ର ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀଙ୍କ ଗହଣରେ ପାଳିତ ହୋଇଯାଇଛି। ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦର ସଂପାଦକ ପ୍ରକାଶ ନନ୍ଦଙ୍କ ସଭାପତିତ୍ୱରେ ସ୍ଥାନୀୟ ବାଇରୋଇ ଉପ୍ରା ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରଧାନ ଶିକ୍ଷକ ନୃସିଂହ ଚରଣ ବେହେରା, ଶିକ୍ଷୟିତ୍ରୀ ସୁଜାତା ଶତପଥୀ, ମିତାଲି ମଧୁସ୍ମିତା ଯୋଗଦେଇ ପୁଣ୍ୟାତ୍ମାଙ୍କ ସ୍ମୃତି.ରଣ କରିଥିଲେ। ଶ୍ରୀମତୀ ଶତପଥୀ 'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନାକୁ ଗାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ 'ସଂସାର' ପତ୍ରିକା ବଣ୍ଟନ କରାଯାଇଥିଲା। ପୁଣ୍ୟାତ୍ମା ନନ୍ଦଙ୍କ ସୁପୁତ୍ର ତଥା ପରିଷଦର ମୁଖ୍ୟ ଉପଦେଷ୍ଟା ଇଂ. ପ୍ରଭାତ କୁମାର ନନ୍ଦଙ୍କ ଦେହାନ୍ତ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ପରିଷଦର ପ୍ରମୁଖ ସଭ୍ୟ ଚିନ୍ମୟ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ମଲିକ ଉଦ୍ଦୁର୍ ଧନ୍ୟବାଦ ଦେଇଥିଲେ।

● ଦିବ୍ୟାଙ୍ଗଙ୍କ ପ୍ରତି ଅବହେଳା

## ଭତ୍ତା ଦେଇ ଫେରାଇ ନେଲା ପ୍ରଶାସନ



ନିଶ୍ଚିନ୍ତକୋଇଲି,୨୮।୧୦(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ଜଣେ ଦିବ୍ୟାଙ୍ଗଙ୍କ ପ୍ରତି ଘୋର ଅବହେଳା ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ସଂପୃକ୍ତ ଦିବ୍ୟାଙ୍ଗଙ୍କୁ ମାସିକ ଭତ୍ତା ପ୍ରଦାନ କରାଯାଇ ପରବର୍ତ୍ତୀ ସମୟରେ ସେହି ଟଙ୍କାକୁ ଫେରାଇ ନେଇଥିବା ଘଟଣା ସାଧାରଣରେ ଚର୍ଚ୍ଚା ଯୋର ଧରିଛି। ଫଗୋଳ ଗ୍ରାମର ମନୋଜ କୁମାର ମହାପାତ୍ର ଜଣେ ଦିବ୍ୟାଙ୍ଗ ଅଟନ୍ତି। ଦିବ୍ୟାଙ୍ଗ ମନୋଜଙ୍କୁ ୧୩ ବର୍ଷ ହୋଇଥିଲା ବେଳେ ତାଙ୍କର ଆଖି ନଷ୍ଟ ହୋଇଥିବା କାରଣରୁ ୧୦୦% ଦିବ୍ୟାଙ୍ଗ ପ୍ରମାଣପତ୍ର କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କଠାରୁ ପାଇଛନ୍ତି। ଏହି ପ୍ରମାଣପତ୍ର ଆଧାରରେ ସରକାରଙ୍କ ନୂତନ ନିୟମ ଅନୁଯାୟୀ ମାସିକ ୩ ହଜାର ୫୦୦ଟଙ୍କା ଯୋଗାଇ ଦିଆଯାଇ ଆସୁଥିଲା। ହେଲେ ଅକ୍ଟୋବର ମାସରେ ତାଙ୍କୁ ଭତ୍ତା ପ୍ରଦାନ କରା ନ ଯାଇ ପଞ୍ଚାୟତରେ ଭତ୍ତା ବଣ୍ଟନ କରୁଥିବା ଅଧିକାରୀ ତାଙ୍କଠାରୁ ପୂର୍ବ ଦୁଇ ମାସର ଭତ୍ତା ଟଙ୍କା ଫେରସ୍ତ କରି ନେଇଥିବା ଅଭିଯୋଗ ହୋଇଛି। କ'ଣ ପାଇଁ ଦିବ୍ୟାଙ୍ଗ ମନୋଜଙ୍କଠାରୁ ଭତ୍ତା ଟଙ୍କା ଫେରସ୍ତ ନିଆଗଲା ସେ ସଂକ୍ରାନ୍ତରେ ଅଧିକାରୀ ଜଣକ କୌଣସି କାରଣ କହି ନ ଥିବା ସେ କହିଛନ୍ତି। ଜଣେ ଦିବ୍ୟାଙ୍ଗ ୩ ମାସର ଭତ୍ତା ପାଇ ନ ପାରି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଚଳୁଥିବା ଜଣାଯାଇଛି। ଅପରପକ୍ଷରେ ପ୍ରଶାସନ ପକ୍ଷରୁ ପୂର୍ବରୁ ମନୋଜଙ୍କୁ ଦିଆଯାଇଥିବା ଅର୍ଥ କାହିଁକି ଫେରାଇ ନିଆଗଲା ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଦିବ୍ୟାଙ୍ଗଙ୍କୁ ଭତ୍ତା ବଣ୍ଟନ ନେଇ ସରକାର ବିଶେଷ ଗୁରୁତ୍ୱ ଦେଉଥିଲା ବେଳେ ଏଭଳି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏ ସଂକ୍ରାନ୍ତରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପଚାରିବାରୁ ଗତ ସେପ୍ଟମ୍ବର ମାସରୁ ସଂପୃକ୍ତ ଦିବ୍ୟାଙ୍ଗଙ୍କର ବ୍ୟାଙ୍କ ଜମାଖାତାକୁ ଭତ୍ତା ଟଙ୍କା ଯାଉଥିବା ପ୍ରକାଶ କରିଛନ୍ତି।

## ମଦ ବାର ବିରୋଧରେ ଅଭିଯୋଗ



ଟାଙ୍ଗୀ,୨୮ ।୧୦( ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଦେଉଳଚୁଆ କେନାଲ ଠାରେ ଗଢି ଉଠିଥିବା ଏକ ମଦ ବାର୍ ବିରୋଧରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ରାଜ୍ୟ ମାନବିକ ଅଧିକାର ଆବାହକ ଓ ୱାର୍ଡ ମେମ୍ବରଙ୍କ ସମେତ ସ୍ଥାନୀୟ ବାସିନ୍ଦା ମଙ୍ଗଳବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। ସୂଚନା ଅନୁସାରେ ମଦ ବାର ଉକ୍ତ ପଞ୍ଚାୟତ ଅନ୍ତର୍ଗତ ଦେଉଳଚୁଆ ହାଇଲେବୁଲ କେନାଲ ନିର୍ଗୁଣ୍ଡି ଚାଉଳିଆପୋଲ ରୋଡରେ ଖୋଲିବା ଫଳରେ ଉକ୍ତ ରାସ୍ତା ଦେଇ ଯାଉଥିବା ସ୍କୁଲ, କଲେଜ ଶତାଧିକ ଛାତ୍ରଛାତ୍ରୀ ମଦୁଆଙ୍କ ପ୍ରାଦୁର୍ଭାବରେ ଅତିଷ୍ଠ ହେଉଛନ୍ତି। ଏତଦ ବ୍ୟତିତ ଉକ୍ତ ବାରର ୫୦୦ ମିଟର ଦୂରରେ ଏକ ବେସରକାରୀ କଲେଜ ମଧ୍ୟ ଅବସ୍ଥିତ। ଉକ୍ତ ରାସ୍ତାରେ ରାତିରେ ଯିବା ଆସିବା ପାଇଁ ସ୍ଥାନୀୟ ବାସିନ୍ଦା ବର୍ତ୍ତମାନ ଭୟ କରୁଛନ୍ତି। ଉକ୍ତ ମଦ ବାର ବିରୋଧରେ ପ୍ରଥମେ ତା ୨୦/୧୨/୨୦୨୪ ଅଭିଯୋଗ କରିବା ଦ୍ୱାରା ସରକାର ବନ୍ଦ କରିଥିଲେ। ସରକାରଙ୍କ ନିୟମାନୁସାରେ ସ୍ଥାନୀୟ ସରପଞ୍ଚଙ୍କ ଏନ୍ଓସି, ଗ୍ରାମବାସୀଙ୍କ ଅନୁମତି ତଥା ଜନ ଶୁଣାଣୀ କରି ସରକାର ମଦ ବାର ଖୋଲିବା ପାଇଁ ଅନୁମତି ଦେବା କଥା; ମାତ୍ର ସମସ୍ତ ସରକାରୀ ବ୍ୟବସ୍ଥାକୁ ଉକ୍ତ ମଦ ବାର ପାଇଁ ଉଲଙ୍ଘନ କରିଥିବା ଜଣାପଡିଛି। ଏହା ବିରୋଧରେ ସ୍ଥାନୀୟ ସରପଞ୍ଚ ସୋଫିଆ ବିବି, ସମିତିସଭ୍ୟ ଶ୍ରୀମନ୍ତ ଜେନା ଓ ରାଜ୍ୟ ମାନବିକ ଅଧିକାର ଆବାହକ ସସ୍ମିତା ଦାସଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟ ଓ ସ୍ଥାନୀୟ ଲୋକ କଟକ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗପତ୍ର ଦେଇଥିବା ଜଣାପଡିଛି। ଯଦି ଉକ୍ତ ମଦ ବାର ବନ୍ଦ କରା ନ ଯାଏ ଆଗାମୀ ଦିନରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଫୁଲନଖରା କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ

**ଆସନ୍ତା ୨ରୁ ୫ ପର୍ଯ୍ୟନ୍ତ ହେବ ବାଦିପାଲା**

ଫୁଲନଖରା,୨୮।୧୦(ସମିସ): କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା ବ୍ୟବସାୟୀ ସଂଘ ପକ୍ଷରୁ ଆସନ୍ତା ପବିତ୍ର କାର୍ତ୍ତିକ ମାସ ପଞ୍ଚୁକ ଅବସରରେ ପ୍ରତିବର୍ଷ ପରି ଶ୍ରୀ ଶ୍ରୀ କାର୍ତ୍ତିକେଶ୍ୱର ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ୟବସାୟୀ ସଂଘର ସଭାପତି କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଆସନ୍ତା ୧ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଶ୍ରୀ କାର୍ତ୍ତିକେଶ୍ୱରଙ୍କ ପୂଜା କିପରି ଶାନ୍ତିଶୃଙ୍ଖଳା ସହିତ ସମାପନ ହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କମିଟିର ସଂପାଦକ ଶିବ ପ୍ରସାଦ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଜୟନ୍ତ କୁମାର ରଥ ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ଏହି ପୂଜା ଅବସରରେ ଉତ୍କଳୀୟ ସଂସ୍କୃତିର ଲୋକକଳା ବାଦିପାଲା ପରିବେଷଣକୁ ପରିଚାଳନା କରିବା ନିମନ୍ତେ ସଦସ୍ୟଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଚଳିତ ବର୍ଷ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତଙ୍କ ସହିତ ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ ବାଦିପାଲା ପରିବେଷଣ କରିବେ ବୋଲି କମିଟିର ଉପଦେଷ୍ଟା ଲକ୍ଷ୍ମଣ ପଟ୍ଟନାୟକ ଓ ସୁଧାଂଶୁ ପଟ୍ଟନାୟକ ପ୍ରକାଶ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା ନିମନ୍ତେ କମିଟିର ସଦସ୍ୟ ବିରଞ୍ଚି ନାରାୟଣ ପଲାଇ, ରଞ୍ଜନ ସାହୁ, ରବି ନାରାୟଣ ସାହୁ, ରବି ନାରାୟଣ ମହାନ୍ତି, ସରୋଜ ଭୋଇ, ତାଗନ ଭୋଇ ଓ ପ୍ରମୋଦ ବେହେରାଙ୍କ ସମେତ ବ୍ୟବସାୟୀ ଭାଇମାନେ ସହଯୋଗ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।

## ଡ୍ରେନ୍ କାର୍ଯ୍ୟ ପରେ ବସ୍ତିବାସିନ୍ଦା ଆଶ୍ୱସ୍ତ




ଚୌଦ୍ୱାର,୨୮।୧୦(ସମିସ): ଦୀର୍ଘ ଦିନର ସମସ୍ୟାକୁ ନେଇ ଚୌଦ୍ୱାର ପୌରପାଳିକା ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାରୁ ସ୍ଥାନୀୟ ବସ୍ତିବାସିନ୍ଦା ପୌରନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ପୌରପାଳିକା ୧୭ନଂ ୱାର୍ଡ ନୂଆସାହି ସୁଇପର କଲୋନୀ ବସ୍ତିରେ ଅସରାଏ ବର୍ଷା ହେଲେ ନିକଟରେ ଥିବା ଡ୍ରେନର ବର୍ଜ୍ୟପାଣି ରାସ୍ତା ପାରି ହୋଇ ବସ୍ତିରେ ପ୍ରବେଶ କରିବା ଫଳରେ ସଂପୂର୍ଣ୍ଣ ବସ୍ତି ଜଳମଗ୍ନ ହୋଇପଡୁଥିଲା। ଅନ୍ୟପଟେ ଲଘୁଚାପଜନିତ ବର୍ଷାକୁ ନଜରରେ ରଖି ଏହାର ସ୍ଥାୟୀ ସମାଧାନ ପାଇଁ ନିର୍ବାହୀ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାମଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଯନ୍ତ୍ରୀ ସାମଲ ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଓ ଠିକାଦାରଙ୍କୁ ଧରି ତୁରନ୍ତ କାର୍ଯ୍ୟରେ ଲଗାଇ ଡ୍ରେନ ଉଚ୍ଚା କରିବା କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଫଳରେ ବସ୍ତିବାସିନ୍ଦା ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ବସ୍ତି ଭିତରେ ଥିବା ଅନ୍ୟାନ୍ୟ ରାସ୍ତା, ଡ୍ରେନ ଓ ବାକିଥିବା କାର୍ଯ୍ୟକ୍ରମଗୁଡିକୁ ଖୁବଶୀଘ୍ର ଟେଣ୍ଡର କରି କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

## ଅବସରପ୍ରାପ୍ତ ଶାସନ ସଚିବଙ୍କ ପରଲୋକ



ତିଗିରିଆ,୨୮।୧୦(ସମିସ): ତିଗିରିଆ ବ୍ଲକ ସୋମପଡା ପଞ୍ଚାୟତ ଅନ୍ତର୍ଗତ କୁମ୍ଭୀପୁଟ ଗ୍ରାମର ବାସିନ୍ଦା ହେମନ୍ତ କୁମାର ଦାସଙ୍କର ୯୧ ବର୍ଷ ବୟସରେ ଆଜି ଅପରାହ୍ନରେ ଦେହାନ୍ତ ହୋଇଯାଇଛି। ଶ୍ରୀ ଦାସ ଅତିରିକ୍ତ ଶାସନ ସଚିବ, ଲୋକସଭା ଆୟୋଗର ସଦସ୍ୟ, ଟ୍ରେଜେରୀ ନିର୍ଦ୍ଦେଶକ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଉଚ୍ଚ ପଦାଧିକାରୀ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ୱର୍ଗତ ଦାସ ନିଜ ଅଞ୍ଚଳ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିବା ସହ ପାଞ୍ଚଗାଁସ୍ଥିତ ଗ୍ରାମାଞ୍ଚଳ ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ରର ପ୍ରତିଷ୍ଠାତା ମଧ୍ୟ ଥିଲେ। ତାଙ୍କର ମୃତ୍ୟୁ ଖବର ଶୁଣି ପାଞ୍ଚଗାଁ ଗ୍ରାମାଞ୍ଚଳ ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ରର ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ, ସମ୍ପାଦକ ସରୋଜ କୁମାର ଦାଶ, ସକ୍ରିୟ ସଭ୍ୟ ନରେଶ ମହାପାତ୍ର ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଏକମାତ୍ର ପୁତ୍ର ଭାରତ ମିହିର ଦାସଙ୍କ ସମେତ ଅନ୍ୟାନ୍ୟ ପରିବାର ଲୋକ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ଶ୍ରୀନିକା



ନରସିଂହପୁର,୨୮।୧୦(ସମିସ): ଦେଢ଼ ବର୍ଷର ଶିଶୁ ପ୍ରତିଭା ଶ୍ରୀନିକା। ପାଟି ଠିକ ଭାବେ ଖୋଲିନି, ହେଲେ ରହିଛି ବିଚକ୍ଷଣ ସ୍ମୃତିଶକ୍ତି। କଟକ ନରସିଂହପୁରରେ ରହୁଥିବା ଇଞ୍ଜିନିୟର କ୍ରିଷ୍ଣା ନାୟକ ଓ ମାତା ସୁଭଦର୍ଶନୀ ପରିଡାଙ୍କର ଶିଶୁ ଶ୍ରୀନିକା ନାୟକ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ଶ୍ରୀନିକା ଏହି କମ ବୟସରୁ ୨୩ଟି ପନିପରିବା, ୨୩ଟି ପକ୍ଷୀ, ୨୫ଟି ଫୁଲ, ୨୭ଜଣ ସ୍ୱାଧୀନତା ସଂଗ୍ରାମୀ, ୨୭ଟି ପ୍ରସିଦ୍ଧ ସ୍ଥାନ, ୧୦ ଦେବତା, ୬୦ଟି ପଶୁ, ୨୮ଟି କୀଟପତଙ୍ଗ, ୧୨ଟି ଶୁଖିଲା ଫଳ, ୧୩ଟି ରଙ୍ଗ, ୧୪ଟି ଆକୃତି, ୧୬ଟି କ୍ରୀଡ଼ା ଉପକରଣ, ୨୨ଟି ପେସା, ୧୯ଟି ମହାକାଶ ସାମଗ୍ରୀ, ୨୪ ଯାନ, ୨୧ଟି ଶରୀରର ରଙ୍ଗ, ୫୦ଟି ବିବିଧ ସାମଗ୍ରୀ ଚିହ୍ନଟ କରିଦେଇ ପାରୁଛନ୍ତି। ଶ୍ରୀନିକା ଯେତେବେଳେ ୧ ବର୍ଷର ହୋଇଥିଲେ ଘରେ ଯାହା ଶୁଣନ୍ତି ମନେ ରଖନ୍ତି। ଇଣ୍ଡିଆ ବୁକ ସଫଳତା ପାଇଁ ପ୍ରଥମ ରାଉଣ୍ଡରେ ହିଁ ସେ ସଫଳତା ପାଇଥିଲେ। ବର୍ତ୍ତମାନ ଇଣ୍ଡିଆ ବୁକ ଅଫ ରେକର୍ଡ ପକ୍ଷରୁ ମାନପତ୍ର, ମେଡାଲ ସହିତ ସାର୍ଟିଫିକେଟ ମିଳିସାରିଛି।

**ପିଏମ୍‌ସିପିଏଡ୍ ଅଣଶିକ୍ଷକ କର୍ମଚାରୀଙ୍କ ଧର୍ମଘଟ**

## ଧାରଣାସ୍ଥଳରେ ତହସିଲଦାର ଓ ରାଜନେତା

ତିଗିରିଆ,୨୮।୧୦(ସମିସ): ବେଆଇନ ବହିଷ୍କାର ଆଦେଶ ପ୍ରତ୍ୟାହାର, ଆର୍ଥିକ ଅବସ୍ଥାର ଭୁଲ ତଥ୍ୟ ପ୍ରଦାନ, ବେଆଇନ ପୁନଃ ନିଯୁକ୍ତି ଏବଂ ଅବସର ଆଇନ ଉଲଂଘନ, ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର, ଦରମା ଓ ଇପିଏଫ ଅସଙ୍ଗତି, କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଓ ମୌଳିକ ଅଧିକାର କ୍ଷୁର୍ଣ୍ଣ, ପରିଚାଳନା ପରିଷଦକୁ ବରଖାସ୍ତ ଆଦି ୭ ଦଫା ଦାବି ନେଇ ସୋମବାର ଠାରୁ କଟକ ଜିଲ୍ଲା ତିଗିରିଆ ବ୍ଲକ ଅଧୀନ ପ୍ରସନ୍ନମଣୀ ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟ (ପିଏମସିପିଇଡି) ୧୭ ଜଣ ଅଣ ଶିକ୍ଷକ କର୍ମଚାରୀଙ୍କ ଆନ୍ଦୋଳନ ଆଜିକୁ ୨ ଦିନରେ ପହଞ୍ଚିଛି। ଘରୋଇ ପରିଚାଳନାରେ ପରିଚାଳିତ ହେଉଥିବା ରାଜ୍ୟର ଅନ୍ୟତମ ଶାରୀରିକ ଶିକ୍ଷା ଯୋଗ ମହାବିଦ୍ୟାଳୟରେ ଦୁଇ ଦିନ ଧରି ୧୭ ଜଣ ଅଣ ଶିକ୍ଷକ କର୍ମଚାରୀ ନିଜର ହକ୍ ପାଇଁ ଧର୍ମଘଟରେ ବସି ରହିଥିଲେ ହେଁ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଏପରିକି ପରିଚାଳନା କମିଟିର କୌଣସି ସଦସ୍ୟ ଆନ୍ଦୋଳନକାରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ନ ଥିବା ବେଳେ ମଙ୍ଗଳବାର ମଧ୍ୟାହ୍ନରେ କଟକ ଗ୍ରାମ୍ୟ ଜିଲ୍ଲା ଗ୍ରାମୀଣ ବିଜେପି ସଭାପତି ରାମ ନାରାୟଣ ମହାନ୍ତିଙ୍କ ସମେତ ପୂର୍ବତନ ବିଧାୟକ ପ୍ରାର୍ଥୀ ଆଇନଜୀବୀ ବିକ୍ରମ କେଶରୀ ଦାଶ, ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ହରେକୃଷ୍ଣ ମହାନ୍ତି, ବରିଷ୍ଠ ନେତା ସନ୍ତୋଷ ରାଉତ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ଦେଖା କରି ସେମାନଙ୍କ ସମସ୍ୟାକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଅପରାହ୍ନରେ ତିଗିରିଆ ତହସିଲଦାର ତଥା ଏକଜ୍ୟୁକ୍ୟୁଟିଭ ମାଜଷ୍ଟ୍ରେଟ ଅକ୍ଷୟ କୁମାର ପରିଡା ଆନ୍ଦୋଳନକାରୀଙ୍କ ସହ ସାକ୍ଷାତ କରି ସେମାନଙ୍କ ସମସ୍ୟା ସଂକ୍ରାନ୍ତରେ ଅବଗତ ହୋଇଥିଲେ। ଶ୍ରୀ ପରିଡା ବର୍ତ୍ତମାନ ମହାବିଦ୍ୟାଳୟରେ ଅବସ୍ଥାନ କରୁଥିବା ୧୨୫ ଜଣ ଅନ୍ତେବାସୀଙ୍କ ସ୍ୱାଭାବିକ ଜୀବନଶୈଳୀ ଓ ଖାଦ୍ୟପେୟ ଉପରେ କୌଣସି କଠୋରତା ନ ଦେଖାଇବାକୁ ଆନ୍ଦୋଳନକାରୀଙ୍କୁ ନିବେଦନ କରିଛନ୍ତି। ଶ୍ରୀ ପରିଡାଙ୍କ କଥାକୁ ଆନ୍ଦୋଳନକାରୀମାନେ ସମର୍ଥନ କରି ଆନ୍ଦୋଳନ ଚାଲିବା ଦିନ ପର୍ଯ୍ୟନ୍ତ ସେମାନଙ୍କ ସାଧାରଣ ଜୀବନଯାପନ ଉପରେ ଆନ୍ଦୋଳନକାରୀଙ୍କ କୌଣସି ରୋକ ଲଗାଯିବ ନାହିଁ ବୋଲି ପ୍ରକାଶ କରିଥିବାର ସୂଚନା ହସ୍ତଗତ ହୋଇଛି।



- ପରିଚାଳନା କମିଟି ସଭାପତି ଓ ଅଧ୍ୟକ୍ଷଙ୍କ ଦେଖାନାହିଁ
- ଅନ୍ତେବାସୀଙ୍କ ପାଇଁ ଖାଦ୍ୟ ସଙ୍କଟ


GOVERNMENT OF ODISHA
A-787
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
E-mail ID: - midivmalkangiri@gmail.com
NOTICE INVITING TENDER
E-Procurement Notice
Bid Identification No. SEMIDMKG - 08/2025-26

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Single cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Improvement to Check Dams in Different Blocks under Improvement to CD Scheme and Improvement to MI Tank at MV-120 in korukonda block under MIPSP Scheme of Malkangiri District.
2. Total Number of work : 12 (Tweleve) Nos.
3. Estimated cost : Approximately varies from Rs. 4.24 lakh to Rs. 16.95 lakh.
4. Period of completion : Varies from 02(Two) to 03(Three) Calendar Months
5. Class of Contractor : "D" &"C" Class Contractor
6. Date and time of availability of bid documents in the portal : From 10.00 A.M of 01.11.25 to 5.00 PM of 10.11.2025
7. Last date /time for receipt of bids in the portal : 5.00 pm on 10.11.2025
8. Date of opening of bid : At 11.00 am on 11.11.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Malkangiri
11. Further details can be seen from the Government of Odisha Web-site:www.tendersorissa.gov.in
12. Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Single Cover system through Online Mode for the works as detailed in the table below. The bids should be submitted online in the website www.tendersodisha.gov.in by eligible Contractors with CDMS registration as mentioned in Column-6 of table below registered with the State govt. and contractors of equivalent grade / Class registered with Central govt / MES / Railway for execution of works. The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bids.

OIPR-37285/11/0014/2526

॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



୰ ନାରାୟଣ ଚନ୍ଦ୍ର ଘୋଷ
ଅବସରପ୍ରାପ୍ତ ଶିକ୍ଷକ
ସରିଷା, ବସ୍ତା, ବାଲେଶ୍ୱର

ଆବିର୍ଭାବ : ୧୮.୦୧.୧୯୫୭ ତିରୋଧାନ : ୧୯.୧୦.୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସରଳତା, କର୍ତ୍ତବ୍ୟ ପରାୟଣତା ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର- ଶରତ ଚନ୍ଦ୍ର, ହେମନ୍ତ, ବଧୂ- ସସ୍ମିତା, ଦୀପାଞ୍ଜଳି, ଝିଅ- ମଞ୍ଜୁବାଳା ପାତ୍ର, ଜ୍ୱାଇଁ- ସତ୍ୟବ୍ରତ ପାତ୍ର, ନାତି ନାତୁଣୀ ଓ ପରିବାରବର୍ଗ


# କଟକ ସିଟି





## ଅବସରପ୍ରାପ୍ତ ଉପଖଣ୍ଡ ଅଧିକାରୀଙ୍କ ପରଲୋକ

**କଟକ, ୨୮।୧୦(ସମିସ):** ଗ୍ରାମ୍ୟ ଉନ୍ନୟନ ବିଭାଗର ଅବସରପ୍ରାପ୍ତ ଉପଖଣ୍ଡ ଅଧିକାରୀ ମନମୋହନ ଜେନା (୮୮)ଙ୍କ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ କିଛି ଦିନ ହେବ ଶ୍ୱାସଜନିତ ରୋଗରେ ପୀଡିତ ଥିଲେ। ଶେଷ



ଶଯ୍ୟା ନିକଟରେ ତାଙ୍କ ପୁଅବୋହୂ ଝିଅ ଓ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ସେ ଠାକୁର ଅନୁକୁଳ ଚନ୍ଦ୍ରଙ୍କ ଜଣେ ପରମ ଭକ୍ତ ଥିଲେ। ଜଣେ ସମାଜସେବୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ। କଟକ ସାର୍ତ୍ତୋଳ ଗ୍ରାମରେ ରହୁଥିବା ମନମୋହନଙ୍କ ମର ଶରୀରକୁ ତାଙ୍କ ପୈତୃକ ଘର କନ୍ଦରପୁରସ୍ଥିତ ଶାଳିଜଙ୍ଗ ଗ୍ରାମକୁ ନିଆଯାଇଥିଲା। ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଦେବାଶିଷ ଜେନା ମୁଖାଗ୍ନି ଦେଇଥିଲେ।

### ଓପିଡିରେ ବିଶୃଙ୍ଖଳା କରୁଛନ୍ତି ଏସ୍‌ସିବି କର୍ମଚାରୀ

# ଚିହ୍ନାଜଣା ଲୋକଙ୍କ ପାଳି ଆଗୁଆ!

**କଟକ, ୨୮।୧୦(ସମିସ)**

ଏସ୍‌ସିବି ମେଡିକାଲ ଆଉଟଡୋର(ଓପିଡି)ରେ ଏଠାକାର କର୍ମଚାରୀମାନେ ହିଁ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଦୂରଦୂରାନ୍ତରୁ ଆସିଥିବା ରୋଗୀ ଅପେକ୍ଷାରେ ରହୁଥିଲେ ସୁଦ୍ଧା କର୍ମଚାରୀମାନେ ଚିହ୍ନାଜଣା ଲୋକଙ୍କୁ ଡାକ୍ତରଙ୍କ ଚାମ୍ବରକୁ ଆଗ ପଠାଇ ଦେଉଛନ୍ତି। ଅନ୍ୟ ରୋଗୀ ଘଣ୍ଟାଘଣ୍ଟା ଅପେକ୍ଷା କରୁଛନ୍ତି। ଏଭଳି ଘଟଣାକୁ ନେଇ ଓପିଡିରେ ଅସନ୍ତୋଷ ଉପୁଜିଛି। ଏପରିକି କିଛି କର୍ମଚାରୀ ଏଠାରେ ଦଲାଲି କରିବା ସହ ରୋଗୀଙ୍କଠାରୁ ଟଙ୍କା ନେଇ ଏଭଳି କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ଉଠିଛି।

ଆଉଟଡୋର୍‌ରେ ରୋଗୀ ଦେଖାଇବା ପାଇଁ ଅନଲାଇନ୍‌ରେ ଟିକଟ ବୁକିଂ କରିବାକୁ ପଡେ। ବିଳମ୍ବିତ ରାତି ୧୨ଟା ପରେ ଅନଲାଇନରେ ଟିକଟ ଉପଲବ୍ଧ ହେଉଛି। ଅନଲାଇନ୍ ଟିକଟର ହାର୍ଡକପି ଧରିବା ପରେ ପୁଣି ଥରେ ଆଉଟଡୋର କାଉଣ୍ଟର ଆଗରେ ଧାଡିରେ ଛିଡା ହୋଇ ପଞ୍ଜୀକରଣ କରିବାକୁ ପଡେ। ଏହାବାଦ୍ ରୋଗୀକୁ ଡାକ୍ତରଙ୍କୁ ଦେଖାଇବା ପାଇଁ ହେଲେ ଅନ୍ୟ ଏକ ଧାଡିରେ ଯାଇ ଛିଡ଼ା ହେବାକୁ ପଡେ। ଏହା ଭିତରେ

### ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ

ମେଡିକାଲର କିଛି କର୍ମଚାରୀ ଜଣାଶୁଣା ଲୋକଙ୍କୁ ଡାକ୍ତରଙ୍କ ଚାମ୍ବରକୁ ଆଗ ପଠାଇ ଆଉଟଡୋରରେ ବିଶୃଙ୍ଖଳା କରୁଥିବା ଅଭିଯୋଗ ହେଉଛି। ଭଗତପୁର ଅଞ୍ଚଳର ଜଣେ ଯୁବକ ଅଭିଯୋଗରେ କହିଛନ୍ତି ଯେ, ନିଜ ପତ୍ନୀଙ୍କୁ ଧରି ଆଉଟଡୋର ଯାଇଥିଲେ। ଯୁବକ ଜଣଙ୍କ ପତ୍ନୀଙ୍କ ନାମରେ ଅନଲାଇନ ଜରିଆରେ ଟିକଟ ବୁକିଂ କରି ପାରିନଥିଲେ। ଏଣୁ ଭୋର ୪.୩୦ରୁ ସେ ଧାଡିରେ ଛିଡ଼ା ହୋଇ ଟିକଟ କରିଥିଲେ। ଡାକ୍ତର ଆସିବା ବେଳକୁ ଦିନ ୧୦ଟା ହୋଇଯାଇଥିଲା। ହେଲେ ଧୂସର ରଙ୍ଗର ପୋଷାକ ପିନ୍ଧି କାର୍ଯ୍ୟ କରୁଥିବା କର୍ମଚାରୀ ନିଜ ପରିଚିତ ଲୋକଙ୍କୁ ଆଣି ପ୍ରଥମେ ଡାକ୍ତରଙ୍କୁ ଦେଖାଇଥିଲେ। ଧାଡ଼ିରେ ଛିଡ଼ା ହୋଇଥିବା ସତ୍ତ୍ୱେ ଉଚିତ ସମୟରେ ପାଳି ପଡ଼ିନଥିଲା। ଏପରିକି କିଛି ନର୍ସିଂ ଅଫିସର ମଧ୍ୟ ଭିଡରୁ ଦୂରରେ ରହି ନିଜ ପରିଚିତ ଲୋକଙ୍କୁ ପ୍ରଥମେ ଡାକ୍ତରଙ୍କ ପାଖକୁ ପଠାଉଥିଲେ ବୋଲି ସେ ଜଣାଇଛନ୍ତି। ସେହିପରି ମୃତ୍ୟୁଞ୍ଜୟ ଦାସ ନାମକ ଜଣେ ଯୁବକ ଅନୁରୂପ ଅଭିଯୋଗ ଉଠାଇ ଏକ୍ସ ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇଛନ୍ତି। ବଡ ମେଡିକାଲରେ କର୍ମଚାରୀମାନେ ଏଭଳି ବିଶୃଙ୍ଖଳା ସୃଷ୍ଟି କରୁଥିଲେ ସୁଦ୍ଧା ସେମାନଙ୍କ ପ୍ରତି କର୍ତ୍ତୃପକ୍ଷଙ୍କ ନିଘା ନାହିଁ।



## ଆର୍‌ଡିସିଙ୍କ ବାତ୍ୟା ପ୍ରସ୍ତୁତି ସମୀକ୍ଷା

**କଟକ, ୨୮।୧୦(ସମିସ):** ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରାଞ୍ଚଳର ୧୦ଟି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ସହ ଆଭାସୀ ମାଧ୍ୟମରେ ଏକ ଜରୁରିକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମୀକ୍ଷା ବୈଠକରେ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି ଆବାସିକ ହଷ୍ଟେଲଗୁଡିକରେ ଖାଦ୍ୟ ମହଜୁଦ ରଖାଯିବା ସହ ଆବଶ୍ୟକୀୟ ଆନୁଷଙ୍ଗିକ ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ଉପରେ ତଦାରଖ କରାଯିବା ଆଦି ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

## ଅବସରପ୍ରାପ୍ତ କନିଷ୍ଠ କିରାଣିଙ୍କୁ ୨ ବର୍ଷ ଜେଲ୍

**କଟକ, ୨୮।୧୦(ସମିସ):** ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରାକ୍ତନ କନିଷ୍ଠ କିରାଣି (ଅବସରପ୍ରାପ୍ତ) ଲକ୍ଷ୍ମୀଧର ସ୍ୱାଇଁଙ୍କୁ ଲାଞ୍ଚ ଗ୍ରହଣ ଅଭିଯୋଗରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଡି) ଅନୁସାରେ ୨ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରକାଶଥାଉକି ଶ୍ରୀ ସ୍ୱାଇଁ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିବା ବେଳେ

### ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ

ସୋସାଇଟି ରେଜିଷ୍ଟ୍ରେସନ ଆଇନରେ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ସମ୍ପୃକ୍ତ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ପରେ ଶ୍ରୀ ସ୍ୱାଇଁ ଚାକିରିରୁ ଅବସର ନେଇଥିଲେ ମଧ୍ୟ ଭିଜିଲାନ୍ସ ମାମଲା ବିଚାରାଧୀନ ଥିଲା। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି। କଟକ ଭିଜିଲାନ୍ସ ଡିଭିଜନର ପ୍ରାକ୍ତନ ଡିଏସପି ରାଜକିଶୋର ମହାନ୍ତି ଏହି ମାମଲାର ତଦନ୍ତ କରିଥିଲେ। ପ୍ରସିକ୍ୟୁସନ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରୁଥିଲେ।

## ୪ କୋଟି ଟଙ୍କା ଠକେଇ ଘଟଣାରେ ଅଭିଯୁକ୍ତଙ୍କୁ ଜାମିନ

**କଟକ, ୨୮।୧୦(ସମିସ):** ଆଶ୍ରମ ଏବଂ ମନ୍ଦିର ନିର୍ମାଣ କରିବା ବାହାନାରେ ସହରର ଜଣେ ବ୍ୟବସାୟୀଙ୍କଠାରୁ ୪ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗରେ ମର୍କତ ନଗର ପୁଲିସ ଦ୍ୱାରା ଗିରଫ ଅଭିଯୁକ୍ତ ଆତ୍ମଘୋଷିତ ବାବା ସମ୍ବିତ ରାୟଙ୍କୁ ହାଇକୋର୍ଟ ଆଜି ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ୫ ଲକ୍ଷ ଟଙ୍କା ଲେଖାଏଁ ଦୁଇ ଜଣ ଜାମିନଦାରଙ୍କ ବଦଳରେ ଜାମିନରେ ଯିବାକୁ ଅଦାଲତ ଅନୁମତି ଦେଇଛନ୍ତି। ଅଭିଯୁକ୍ତଙ୍କ ତରଫରୁ ରୁଜୁ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ତଦନ୍ତରେ ସହଯୋଗ କରିବା ସହ ନିମ୍ନ ଅଦାଲତରେ ନିଜର ପାସପୋର୍ଟ ଦାଖଲ କରିବେ। ଅଦାଲତଙ୍କ ଅନୁମତି ବିନା ଦେଶ ଛାଡିପାରିବେ ନାହିଁ। ଅଦାଲତ ଓ ତଦନ୍ତକାରୀ ଅଧିକାରୀଙ୍କୁ ନିଜର ଠିକଣା, ମୋବାଇଲ ନମ୍ବର ଆଦି ଜଣାଇବେ ବୋଲି ଅଦାଲତ ସର୍ତ୍ତାରୋପ କରିଛନ୍ତି। ୨୦୨୨ରେ ତୁଳସୀପୁରର ବିଜୁ ପଟ୍ଟନାୟକ ଛକର ବାସିନ୍ଦା ଜଣାଶୁଣା ବ୍ୟବସାୟୀ ବିଜୟ ଖଣ୍ଡେଲୱାଲଙ୍କ ସହ ଅଭିଯୁକ୍ତ ଜଣକ ନିଜକୁ ଆଇଏଏସ ଅଧିକାରୀଙ୍କ ପୁଅ ତଥା ରାଧାକୃଷ୍ଣଙ୍କ ଭକ୍ତ ବୋଲି କହି ସମ୍ପର୍କ ଯୋଡିଥିଲା। ପର୍ଯ୍ୟାୟକ୍ରମେ ପ୍ରାୟ ୪ କୋଟି ଟଙ୍କା ଠକି ନେଇଥିବା ନେଇ ଶ୍ରୀ ଖଣ୍ଡେଲୱାଲ ମର୍କତନଗର ଥାନାରେ ଅଭିଯୋଗ କରିଥିଲେ। ୨୦୨୨ ଜୁନ ୨୬ ରେ ପୁଲିସ ତାଙ୍କୁ ଗିରଫ କରିଥିଲା।

## ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା



**କଟକ, ୨୮।୧୦(ସମିସ):** କାଜିବଜାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ ପଞ୍ଚସଖା ଶିକ୍ଷା ସେତୁର ସମ୍ପାଦକ ପ୍ରଦୀପ କୁମାର ସିହ୍ନା, ସମ୍ମାନିତ ଅତିଥି ରୂପେ ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ ନନ୍ଦ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରଜ ବସାକ, ସବିତା ସିଂହ ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ବିଜ୍ଞାନ ମେଳାରେ ବିଚାରକ ରୂପେ ଶିକ୍ଷୟିତ୍ରୀ ସୁପ୍ରଭା ମଲ୍ଲ, ଶିକ୍ଷକ କୃପାସିନ୍ଧୁ ସାହୁ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଏହି ମେଳାରେ ୨୦୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ରଞ୍ଜିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ହସ୍ତଶିଳ୍ପ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ନିରୂପମା ମଲ୍ଲିକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭାରେ ଶିକ୍ଷୟିତ୍ରୀ ସଂଘମିତ୍ରା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ରତ୍ନପ୍ରଭା ତ୍ରିପାଠୀ ବିଜ୍ଞାନ ଭିତ୍ତିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶର୍ମିଷ୍ଠା ଜେନା ଧନ୍ୟବାଦ ଦେଇଥିଲେ।

## ଟେନିସ୍ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ



**କଟକ, ୨୮।୧୦(ସମିସ):** ପୋତାପୋଖରୀସ୍ଥିତ ପଡ଼ିଆରେ ୧୧ତମ ରାଜ୍ୟ ବରିଷ୍ଠ ଟେନିସ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୧୬ଟି ଜିଲ୍ଲାରୁ ପ୍ରାୟ ୨୦୦ ପୁରୁଷ ଓ ମହିଳା ଖେଳାଳି ଓ ଅଧିକାରୀ ଯୋଗ ଦେଇଥିଲେ। ପୁରୁଷ ବିଭାଗରେ ପାରାଦୀପ, ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ଯଥାକ୍ରମେ ପ୍ରଥମରୁ ୩ୟ ସ୍ଥାନ ଅକ୍ତିଆର କରିଥିଲେ। ସେହିପରି ମହିଳା ବିଭାଗରେ କଟକ, କେନ୍ଦ୍ରାପଡ଼ା ଓ ନୟାଗଡ଼ ଯଥାକ୍ରମେ ପ୍ରଥମରୁ ୩ୟ ସ୍ଥାନ ହାସଲ କରିଥିଲେ। ଏହି ପ୍ରତିଯୋଗିତାକୁ ଆସୋସିଏସନର ସଭାପତି ସଞ୍ଜୟ ଜେନା, ଅଧ୍ୟକ୍ଷ ରାୟଗୁରୁ ମହାପାତ୍ର, ସମ୍ପାଦକ ଅର୍ଣ୍ଣବ କୁମାର ସିହ୍ନା, ସଂଗଠନ ସମ୍ପାଦକ ସଞ୍ଜୀବ ସାହୁ, ଜାତୀୟ ଟେନିସ ଭଲିବଲ ସଂଘର ଉପସଭାପତି ଶଶୀକାନ୍ତ ନାୟକ, ମହାନଦୀବିହାରର ବରିଷ୍ଠ ମୁରବୀ ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ବିଧାୟକ ସୌଭିକ ବିଶ୍ୱାଳ, କର୍ପୋରେଟର ସୁବ୍ରତ ଘଡ଼ାଇ, ତାପସ ରଞ୍ଜନ ସାମନ୍ତରାୟ, ଏମଡିଏ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ସଭ୍ୟ ପ୍ରହ୍ଲାଦ ମହାନ୍ତି, ସୁଶାନ୍ତ ଘୋଷ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ମୃତିରଞ୍ଜନ ମହାପାତ୍ର, ନିହାରିକା ପଣ୍ଡା, ସେଖ ରେହମାନ, ମହାଶ୍ୱେତା ସାହୁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରୁ ଆସନ୍ତା ନଭେମ୍ବର ମାସ ୧୪ ତାରିଖରୁ ଦିଲ୍ଲୀ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଟେନିସ ଭଲିବଲ ପ୍ରତିଯୋଗିତା ନିମନ୍ତେ ରାଜ୍ୟ ପୁରୁଷ ଓ ମହିଳା ଦଳ ଚୟନ କରାଯାଇଥିଲା।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



**କଟକ, ୨୮।୧୦(ସମିସ):** ସ୍ୱଚ୍ଛ ସୁଶାସନ ଏବଂ ବିକାଶ ଧାରାରେ ରାଜ୍ୟ ତଥା ଦେଶକୁ ଆଗେଇ ନେବା ଲକ୍ଷ୍ୟ ରଖି ଦୁର୍ନୀତି ବିରୋଧରେ ବ୍ୟାପକ ଜନ ସଚେତନତା ସୃଷ୍ଟି ନିମନ୍ତେ ପ୍ରତିବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୭ ତାରିଖରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ଉପସ୍ଥିତିରେ କାର୍ଯ୍ୟାଳୟର ଅଧିକାରୀ ଏବଂ ବରିଷ୍ଠ ପଦାଧିକାରୀ ପ୍ରମୁଖ ଆୟୋଜିତ ଶପଥପାଠ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## 'ନାରୀ ତୁ ସମୟର ଯୋଦ୍ଧା' ଓ 'ସପ୍ତଶକ୍ତି ସମ୍ମାନ' ନାରୀ ଶକ୍ତିର ଉତ୍ସବ

**କଟକ, ୨୮।୧୦(ସମିସ):** ନାରୀ ସଶକ୍ତିକରଣ ଓ ସମାଜ ଉନ୍ନତିକୁ ସମର୍ପିତ ମା ଭଗବତୀ ମହାସଂଘ ତରଫରୁ ମହାନଦୀ ଭବନରେ ବିଶେଷ କାର୍ଯ୍ୟକ୍ରମ 'ନାରୀ ତୁ ସମୟର ଯୋଦ୍ଧା' ଓ 'ସପ୍ତଶକ୍ତି ସମ୍ମାନ' ଆୟୋଜିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା 'ସପ୍ତ ଶକ୍ତି ସମ୍ମାନ' ଏକ ବିଶେଷ ସମ୍ମାନ ଯାହା ସେହି ସପ୍ତନାରୀଙ୍କୁ ଦିଆଯାଉଛି ଯେଉଁମାନେ ନିଜ ଜୀବନରେ ନିଜ କ୍ଷେତ୍ରରେ ସଫଳତା ଲାଭ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି। ସମ୍ମାନିତାଙ୍କ ମଧ୍ୟରେ ଥିଲେ ସୁନିଦ୍ରା ବିଶେଷଜ୍ଞ ଡ. ଅର୍ପିତା ପ୍ରିୟଦର୍ଶିନୀ ତ୍ରିପାଠୀ, ସମାଜସେବୀ କ୍ଷୀରୋଦିନୀ ମହାନ୍ତି, ସୁ ଲେଖିକା ସୋହାଗିନୀ ବେହେରା, ଶିକ୍ଷାବିତ ସୁଶ୍ରୀ ଇନ୍ଦୁମତୀ ଦାଶ, ଯୋଗଗୁରୁ ନିରୂପମା ପତି, ମିସ ୱାର୍ଲ୍ଡ ପିସ କୃଷ୍ଣପ୍ରିୟା ତ୍ରିପାଠୀ ଓ ସମାଜସେବୀ ସଂଯୁକ୍ତା ନାୟକ ସପ୍ତ ଶକ୍ତି ସମ୍ମାନ ପ୍ରାପ୍ତାଙ୍କ ନାମ ଘୋଷଣା ସମୟରେ ମଞ୍ଚରେ ଭାବବିହ୍ୱଳ ଦୃଶ୍ୟ ଦେଖାଯାଇଥିଲା। ତାଙ୍କ ପରିଶ୍ରମ ଓ ସଫଳତାର ଗାଥା ସମାଜକୁ ନୂତନ ଆଦର୍ଶ ଦେଇଥିଲା। ଉଦଘାଟକ ଭାବରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ମୁଖ୍ୟ ଅତିଥି ଭାବେ ସିଏମସି କମିଶନର କିରଣଦୀପ କୌର, ମୁଖ୍ୟବକ୍ତା ଭାବେ ଓରମାସର କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ସମ୍ମାନିତ ଅତିଥି ଭାବେ କର୍ପୋରେଟର ଇଂ ସୁବ୍ରତ ଘଡେଇ, ମହାନଦୀ ବିହାର ଉନ୍ନୟନ ସଂଘ ଅଧ୍ୟକ୍ଷ ସଞ୍ଜୟ କୁମାର ଜେନା, ଏମଡିଏ ସଚିବ ହିମାଂଶୁ ଷଡ଼ଙ୍ଗୀଙ୍କ ସହ ମହାନଦୀ ବିହାରର ଅନେକ ଅଗ୍ରଣୀ ଅନୁଷ୍ଠାନ ଯଥା ବରିଷ୍ଠ ନାଗରିକ ମଞ୍ଚ, ପେନସନ ଆସୋସିଏସନ, ଜଗନ୍ନାଥ ସାଂସ୍କୃତିକ ପରିଷଦ ମହାନଦୀ ବିହାର ମହିଳା ସମିତିର ସଭାପତି ଓ ସମ୍ପାଦକ ସହ ସମସ୍ତ ସଦସ୍ୟ ସାଧୁବାଦ ଜଣାଇଥିଲେ। ଉପଦେଷ୍ଟା ମଣ୍ଡଳୀ ଗାୟତ୍ରୀ ଦାଶ, କାନନବାଳା ସାହୁ, ମମତା ଘଡେଇ ଓ ଦେବଶ୍ରୀ ରାଉତଙ୍କ ଉପଦେଶ କ୍ରମେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିରଙ୍ଗନା ଶୀର୍ଷକରେ ରାମ୍ପ ସୋ ଓ ପରିବର୍ତ୍ତନ ସ୍ୱର ନାମକ ନାଟକ ପରିବେଷଣ କରାଯାଇଥିଲା। ସଭାନେତ୍ରୀ ସଂଘମିତ୍ରା ସାମଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ରାଧାକାନ୍ତ ଶତପଥୀଙ୍କ ଦ୍ୱାରା ମଞ୍ଚ ପରିଚାଳନା ହୋଇଥିବା ବେଳେ ଲେଲିନ ପ୍ରଭା ଦାଶ ଧନ୍ୟବାଦ ଦେଇଥିଲେ। ସଂଘ ପକ୍ଷରୁ ସମସ୍ତ ଅତିଥି ଓ ସଦସ୍ୟାଙ୍କୁ ସୁଶୀଲ ସାମଲଙ୍କ ଦ୍ୱାରା ଅଭିବାଦନ ଜଣାଇ 'ନାରୀ ଶକ୍ତି ଜାତିର ଗୌରବ' ବାଣୀ ସହ ଉତ୍ସବର ସମାପନ ହୋଇଥିଲା।



## ପରିଚାରିକା ମହାସଂଘର ବିକ୍ଷୋଭ


**କଟକ, ୨୮।୧୦(ସମିସ):** ବିଭିନ୍ନ ଘରରେ କାମ କରୁଥିବା ପରିଚାରିକାଙ୍କୁ ସାମାଜିକ ସୁରକ୍ଷା ଓ ବିଭିନ୍ନ ସହାୟତା ଦାବିରେ ନୂଆପଡ଼ାରେ ଥିବା କଟକ ଜିଲ୍ଲା ଲେବର ଅଫିସ ସମ୍ମୁଖରେ ପରିଚାରିକା ମହାସଂଘ ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଲିଗାଲ ହେୟାର ସାର୍ଟିଫିକେଟ ନ ଥିବା ଅଣସଂଗଠିତ ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପରିଚାରିକାଙ୍କ ପିଲାଙ୍କ ପାଠପଢ଼ା ଓ ଝିଅ ବିଭାଘର ସହାୟତା ଦେବା, ପରିଚାରିକାମାନଙ୍କ ବୀମା, ପେନସନ, ପ୍ରସୂତିକାଳୀନ ଛୁଟି ଓ ସହାୟତା ବ୍ୟବସ୍ଥା, ପରିଚାରିକାଙ୍କ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିବା, ପରିଚାରିକାଙ୍କ ଦୁର୍ଘଟଣାଜନିତ ସହାୟତା ଘୋଷଣା, ପରିଚାରିକାଙ୍କୁ କର୍ମକ୍ଷେତ୍ରରେ ସାମାଜିକ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା କରିବା ପ୍ରମୁଖ ଦାବି କରାଯାଇଛି। ଏକ ସ୍ମାରକପତ୍ର ଜିଲ୍ଲା ଲେବର ଅଫିସରଙ୍କ ଜରିଆରେ ଲେବର କମିଶନରଙ୍କୁ ଦିଆଯାଇଛି। ପରିଚାରିକା ମହାସଂଘ ସଭାପତି ଖଗେଶ୍ୱର ସେଠୀ, ଏଆଇୟୁଟିୟୁସି ଜିଲ୍ଲା ସମ୍ପାଦକ ରାଜକିଶୋର ମଲ୍ଲିକ, ଏଆଇୟୁଟିୟୁସି ଜିଲ୍ଲା ନେତା ପ୍ରିୟଦର୍ଶନ ପାଭେଲ, ମହାସଂଘର ନେତ୍ରୀ ସ୍ୱାଧିନୀ ବେହେରା, ଏନ୍ ରାଜୁ, ପରିଚାରିକା ମହାସଂଘ ପକ୍ଷରୁ ସନ୍ଧ୍ୟା ନାୟକ, ଉନ୍ନତି ନାୟକ, ମାମି ବେହେରା, ନମିତା ବେହେରା, ଶ୍ରଦ୍ଧାଞ୍ଜଳି ପାତ୍ର ବିକ୍ଷୋଭର ନେତୃତ୍ୱ ନେଇଥିଲେ।




### ମଙ୍ଗୁଳିରୁ ୩୧ ଲକ୍ଷର ବ୍ରାଉନ୍‌ସୁଗର ଜବତ

# ଯାଜପୁରର ୨ ନିଶା ବେପାରୀ ଗିରଫ

**କଟକ,୨୮।୧୦(ସମିସ):** କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ କଟକ ମଙ୍ଗୁଳି ଛକ ନିକଟରେ ଚଢ଼ଉ କରି ବିପୁଳ ପରିମାଣର ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ୨ଜଣ ନିଶାବେପାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ, ଯାଜପୁର ଜିଲ୍ଲା ବୈରୀ ଥାନା ଅନ୍ତର୍ଗତ ଚମ୍ପାପୁର ଅଞ୍ଚଳର ବାସୁଦେବ ଦାସ (୨୩) ଏବଂ ସରୋଜ କୁମାର ରାଉତ (୨୪)। ସେମାନଙ୍କ ନିକଟରୁ ୨ଟି ମୋବାଇଲ୍ ଫୋନ୍, ଆଧାରକାର୍ଡ ଓ ୩୧୨ ଗ୍ରାମ୍ ବ୍ରାଉନସୁଗର ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୩୧ଲକ୍ଷ ଟଙ୍କା ହେବ ଅବକାରୀ ବିଭାଗ ସୂଚନା ଦେଇଛି।



ମଙ୍ଗୁଳି ଛକ ନିକଟରେ ବ୍ରାଉନସୁଗାର ନେଇ ୨ଜଣ ଯୁବକ ଯାଜପୁର ଆଡ଼କୁ ଯାଉଥିବା ଅବକାରୀ ସ୍କ୍ୱାଡ୍‌କୁ ଖବର ମିଳିଥିଲା। ପୂର୍ବରୁ ଏକ ଅବକାରୀ ସ୍କ୍ୱାଡ୍ ମଙ୍ଗୁଳି ଛକ ନିକଟରେ ଛଦ୍ମବେଶରେ ବୁଲାବୁଲି କରୁଥିଲେ। ସରୋଜ ବ୍ୟାଗ୍‌ରେ ୧୮୦ଗ୍ରାମ୍ ବ୍ରାଉନସୁଗର ରହିଥିଲା। ତାକୁ ମଙ୍ଗୁଳି ଛକରେ ଗିରଫ କରାଯାଇଥିଲା। ହେଲେ ସେଠାରୁ କୌଶଳକ୍ରମେ ଅଭିଯୁକ୍ତ ବାସୁଦେବ ଖସି ଯାଇଥିଲା। ତାକୁ ପିଛା କରି ଅବକାରୀ ବିଭାଗ ସ୍କ୍ୱାଡ୍ ଟାଙ୍ଗୀ ଛକ ନିକଟରେ ପହଞ୍ଚିଥିଲା। ସେଠାରେ ତାକୁ ଅଟକାଇ ଯାଞ୍ଚ କରିବାରୁ ତା'ବ୍ୟାଗରୁ ୧୩୨ଗ୍ରାମ ବ୍ରାଉନସୁଗର ମିଳିଥିଲା। ତେବେ ୨ ଅଭିଯୁକ୍ତ ଗୋଟିଏ ଗାଁର ହୋଇଥିବା ବେଳେ ସେମାନେ ସାଙ୍ଗ ହୋଇ ଆସିଥିଲେ। କିନ୍ତୁ ଫେରିବା ବେଳକୁ ଅଲଗା ହୋଇ ଫେରୁଥିଲେ। ଏ ଖବର ସ୍କ୍ୱାଡ୍ ନିକଟରେ ପହଞ୍ଚିଥିଲା।

ସୂଚନାଯୋଗ୍ୟ ଗତକାଲି ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମର୍କତନଗର ଥାନା ଅନ୍ତର୍ଗତ ଇମାମପଡ଼ା ବସ୍ତି ରାସ୍ତାରୁ ୧୦୪ ଗ୍ରାମ ବ୍ରାଉନସୁଗର ଜବତ କରାଯାଇ ଜଣଙ୍କୁ ଗିରଫ କରାଯାଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ୧୦ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ବିଭାଗ ସୂଚନା ଦେଇଛି। ତେବେ ଗତ ୬ ମାସ ହେବ କଟକ ଓ ଏହାର ଆଖପାଖ ଅଞ୍ଚଳରେ ବ୍ରାଉନସୁଗର କାରବାର ବଢ଼ିଥିବା ବେଳେ ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଚୋରାଚାଲାଣ କରାଯାଉଛି। ଚଢ଼ଉ ଆହୁରି ବ୍ୟାପକ କରିବାକୁ ସାଧାରଣରେ ଦାବୀ ଉଠିଛି।

### ବଢୁଛି ବ୍ରାଉନ୍‌ସୁଗର ଓ ଗଞ୍ଜେଇ କାରବାର

# ନିଶା ମାଫିଆଙ୍କୁ ସୁହାଉଛି ବସ୍ତି ଅଞ୍ଚଳ

**କଟକ, ୨୮।୧୦(ସମିସ)**

ସହରରେ ନିଶା କାରବାର ବୃଦ୍ଧି ପାଉଛି। ନିଶା ମାଫିଆମାନେ ବେପରୁଆ ଭାବେ ସେମାନଙ୍କ କାରବାର ବଢ଼ାଇ ଚାଲିଛନ୍ତି। ବିଶେଷ କରି ବସ୍ତି ଅଞ୍ଚଳ ଏବେ ନିଶା ମାଫିଆଙ୍କ ଚାରଭୂଇଁ ପାଲଟିଛି। ସେହିଠାରୁ ହିଁ ଏଜେଣ୍ଟମାନେ ଏହି କାରବାର ଚଳାଉଛନ୍ତି। ମର୍କତନଗର ଏବଂ ମହାନଦୀ ବିହାର ନିକଟସ୍ଥ ବସ୍ତି ଗୁଡ଼ିକରେ ଏହି କାରବାର ବ୍ୟାପକ ହୋଇଛି। ଏଠାରୁ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକୁ ଲମ୍ବିଛି ଚେର। ମିଳିଥିବା ସୂଚନା ଅନୁସାରେ, କଟକ ସହରର ବସ୍ତି ଅଞ୍ଚଳରୁ ଧଳାଜହର ଏବଂ ଗଞ୍ଜେଇ ଚାଲାଣ ବଢ଼ି ଚାଲିଛି। ଗତ କାଲି ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୧୦ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରାଯିବା ସହିତ ଜଣଙ୍କୁ ଗିରଫ କରାଯାଇଥିଲା। ଅନ୍ୟପଟେ ଅଧିକାଂଶ ସମୟରେ ଆନ୍ଧ୍ରରୁ କୋଲକାତା ଗଞ୍ଜେଇ ଚାଲାଣ ହେଉଥିବା ବେଳେ କଟକ ସହର ଏହି ୨ ରାଜ୍ୟ ମଧ୍ୟରେ ନିଶା କାରବାରର ମାଧ୍ୟମ ପାଲଟିଛି। ଭୋର ସମୟରୁ ଦାମୀ କାର୍ ଗୁଡ଼ିକରେ କଟକର ବସ୍ତି ଅଞ୍ଚଳରେ ବ୍ରାଉନସୁଗର ଓ ଗଞ୍ଜେଇ ଚାଲାଣ କରାଯାଉଛି। ଆଜି ଭୋର୍ ସମୟରୁ ମଙ୍ଗୁଳିରୁ ୩୧ଲକ୍ଷ ଟଙ୍କାର ବ୍ରାଉନସୁଗର୍ ଜବତ ହୋଇଛି।

ଗୁଇନ୍ଦା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଉପ କୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଧଳା ଜହର ଓ ଗଞ୍ଜେଇ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କଟକ ସହର ପାଲଟିଛି ଏହି ନିଶାକାରବାରର ପେଣ୍ଠସ୍ଥଳୀ। ବିହାର, କୋଲକାତା ଏବଂ ଛତିଶଗଡ଼ ବେପାରୀମାନେ କଟକ ସହରର ବେପାରି ସହିତ ଯୋଗସୂତ୍ର ରଖି ନିଶା କାରବାର କରୁଛନ୍ତି। ଯାହାଫଳରେ ଗଳି କନ୍ଦିରେ ବିକ୍ରି ହେଉଛି ବ୍ରାଉନସୁଗର ଭଳି ମାରାତ୍ମକ ନିଶା ସାମଗ୍ରୀ। ନିଶା ମାଫିଆମାନେ ଦିନକୁ ଦିନ ସେମାନଙ୍କର ନେଟୱର୍କ ବଢ଼ାଇ ଚାଲିଛନ୍ତି। ଆନ୍ତଃରାଜ୍ୟ ନିଶା ବେପାରୀମାନେ ଏଠାରେ ସକ୍ରିୟ ଅଛନ୍ତି। ଅବାଧ ନିଶା ସାମଗ୍ରୀ ତଥା ବ୍ରାଉନ୍‌ସୁଗର ଓ ନକଲି ମଦ ବ୍ୟବସାୟ ମଧ୍ୟ ଏବେ ଅବକାରୀ ବିଭାଗର ଚିନ୍ତା ବଢ଼ାଇବାରେ ଲାଗିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଅବକାରୀ ବିଭାଗ ୬୫ କୋଟି ଟଙ୍କାରୁ ଅଧିକ ମୂଲ୍ୟର ନିଶା ସାମଗ୍ରୀ ଜବତ କରିଛି। ସେହିପରି ୨୦୨୩-୨୪ବର୍ଷରେ ୭୦କୋଟିରୁ ଅଧିକ ଟଙ୍କାର ନିଶା ସାମଗ୍ରୀ ତଥା ବ୍ରାଉନସୁଗର ଓ ଗଞ୍ଜେଇ ଜବତ କରାଯାଇଛି। ତଥ୍ୟ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷର ଜୁଲାଇ ସୁଦ୍ଧା ଏନ୍‌ଡିପିଏସ୍ ଆକ୍ଟରେ ୧୭୪ ମାମଲା ପଞ୍ଜିକୃତ ହୋଇଥିବା ବେଳେ ୨୧୬ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୭୯୧୯ କିଲୋ ଗଞ୍ଜେଇ, ୨୩୮୮ ଗ୍ରାମ ବାଉନସୁଗାର, ୮୫ ଲିଟର କଫ୍ ସିରପ ଜବତ ହୋଇଥିଲା। ଜବତ ନିଶା ସାମଗ୍ରୀର ମୂଲ୍ୟ ୧୮ କୋଟି ହେବ ବୋଲି ଆକଳନ କରାଯାଇଥିଲା। ସେହିପରି ଚଳିତ ୨୦୨୨-୨୩ ଆର୍ଥିକ ବର୍ଷର ୪ ମାସ ମଧ୍ୟରେ ୫୮୩ ମାମଲା ରୁଜୁ ହୋଇଥିବା ବେଳେ ୬୬୬ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୧୨ ହଜାର ୭୧୦କିଲୋ ଗଞ୍ଜେଇ, ୬ ହଜାର ୨୧୪ଗ୍ରାମ ବ୍ରାଉନସୁଗାର ଓ ୩୨୦ ଲିଟର କଫ୍ ସିରପ୍ ଜବତ ହୋଇଛି। ଯାହାର ମୂଲ୍ୟ ୬୫କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏହି ତଥ୍ୟ ଆଧାରରେ କେବଳ କଟକ ସହରରେ ୫୦ରୁ ଅଧିକ ମାମଲା ପଞ୍ଜିକୃତ ହୋଇଥିବା ବେଳେ ପ୍ରାୟ ୩୦ରୁ ଅଧିକ ଅଭିଯୁକ୍ତଙ୍କୁ ଗିରଫ ହୋଇଛନ୍ତି।

## ଗଜପତିରେ 'ମୋନ୍ଥା' ପ୍ରଭାବ

# ୨୮୭ ଆଶ୍ରୟସ୍ଥଳକୁ ୧୧,୩୮୭ ଜଣ ସ୍ଥାନାନ୍ତର

ପାରଳାଖେମୁଣ୍ଡି,୨୮।୧୦ (ସମିସ)

ଗଜପତି ଜିଲ୍ଲା ପ୍ରଶାସନ ସାମୁଦ୍ରିକ ଝଡ 'ମୋନ୍ଥା'ର ମୁକାବିଲାକୁ ନେଇ କାର୍ଯ୍ୟ କରୁଛି। ଆଜି ସନ୍ଧ୍ୟାସୁଦ୍ଧା ୧୧ହଜାର ୩୮୭ ଜଣଙ୍କୁ ସୁରକ୍ଷିତ ଠିକଣାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଥିରେ ୧୮୫ ଜଣ ଗର୍ଭବତୀ ଅଛନ୍ତି। ଏହି ସମସ୍ତଙ୍କୁ ୨୮୭ଟି ଆଶ୍ରୟସ୍ଥଳୀରେ ରଖାଯାଇ ସମସ୍ତ ବ୍ୟବସ୍ଥା କରାଯାଇଛି। ଜିଲ୍ଲାରେ ସକାଳ ୮ ସୁଦ୍ଧା ୫୯୦.୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ୧୦୦ମିମି ବର୍ଷା ରେକର୍ଡ ହୋଇଛି। ଯାହାର ପ୍ରଭାବରେ କିଛି ସ୍ଥାନରେ ଗଛପଡିବା, ପାହାଡରୁ ବଡ଼ ବଡ଼ ପଥର ଖସିବା ଭଳି ଘଟଣା ଦେଖିବାକୁ ମିଳିଛି। ୧୪୦ଟି ଭୂସ୍ଖଳନ ସମ୍ଭାବ୍ୟସ୍ଥଳୀ ଚିହ୍ନଟ ହୋଇଥିଲେ ମଧ ବର୍ତ୍ତମାନ ଆର୍. ଉଦୟଗିରି ବ୍ଲକର ଦୁଇଟି ସାମାନ୍ୟ ଭୂସ୍ଖଳନ, ଗୋଟିଏ ବଡ ଧରଣର ଭୂସ୍ଖଳନ ହୋଇଥିବା ଜିଲ୍ଲା ପ୍ରଶାସନ ସୂଚନା ଦେଇଛି। ସେହିପରି କାଶୀନଗର ବ୍ଲକର ପାର୍ତ୍ତଡା ପଞ୍ଚାୟତର ଲିଙ୍ଗା ଗ୍ରାମ ନିକଟରେ ହୋଇଥିବା ଭୂସ୍ଖଳନ ଫଳରେ ରାସ୍ତା ଅବରୋଧ ହୋଇ ରହିଥିଲା। ଯାହାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀ ନିଜେ ଉପସ୍ଥିତ ରହି ସ୍ଥିତିକୁ ସାମାନ୍ୟ କରିଛନ୍ତି। ଭୂସ୍ଖଳନ ରାସ୍ତା ଓ ଜଙ୍ଗଲ ମଧ୍ୟରେ ହୋଇଛି କୌଣସି ଧନଜୀବନ ହାନୀ ହୋଇନଥିବା ଜିଲ୍ଲା ପ୍ରଶାସନ କହିଛି। ତଥାପି ଆର୍.ଉଦିୟଗିରି ବ୍ଲକରେ ହୋଇଥିବା ବଡ଼ଧରଣର ଭୁସ୍ଖଳନ ସ୍ଥଳୀରେ ବିସ୍ଫୋରଣ କରାଯାଇ ସ୍ଥିତି ସାମାନ୍ୟ କରାଯିବ ବୋଲି ଜିଲ୍ଲାପାଳ ମଧୁମିତା କହିଛନ୍ତି।

ଦିନତମାମ ଜିଲ୍ଲାରେ ତୁହାକୁ ତୁହା ବର୍ଷା ସାଙ୍ଗକୁ ପବନ ଯୋଗୁ ରାସ୍ତାଘାଟ ସବୁ ଶୂନଶାନ କରିଦେଇଛି। ସନ୍ଧ୍ୟା ସୁଦ୍ଧା ଛୋଟମୋଟ ଗଛପଡିବା, ରାସ୍ତା ଉପରେ ଭୁସ୍ଖଳନ ଘଟଣା ଛାଡିଦେଲେ କୌଣସି ବଡ଼ଧରଣର ଅଘଟଣ ଘଟିନଥିବା ଜଣାପଡିଛି। ସେପଟେ ହୋଇଥିବା ବୃଷ୍ଟିପାତରେ ଜିଲ୍ଲାର ସମସ୍ତ ନାଳ ନର୍ଦ୍ଦମା ଫୁଲି ରହିଥିବା ବେଳେ ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ବଂଶଧାରା ଓ ମହେନ୍ଦ୍ରତନୟା ଫୁଲିବା ସମ୍ଭାବନା ରହିଥିବାରୁ ଜିଲ୍ଲା ପ୍ରଶାସନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ସ୍ଥିତ ଗୋଟାବେରେଜ କର୍ତ୍ତୃପକ୍ଷଙ୍କ ସହ ଲଗାତାର ଯୋଗାଯୋଗରେ ଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ବାରମ୍ବାର ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଓ ପାଣିପାଗ ବିଭାଗ ଅନୁରୋଧ କରିବା ସତ୍ତ୍ୱେ ବହୁ ସଂଖ୍ୟାରେ ଲୋକେ ବାହାରକୁ ବାହାରୁଥିବାରୁ ପ୍ରଶାସନ ପାଇଁ ମୁଣ୍ଡବ୍ୟାଥା ସୃଷ୍ଟି ହୋଇଛି। ସେପଟେ ବାତ୍ୟା ସ୍ଥଳ ଭାଗ ଛୁଇଁବା ସମୟରେ ଗଜପତି ଜିଲ୍ଲାରେ ୬୦ ରୁ ୭୦ କିଲୋମିଟର ପବନ ବୋହିବା ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଥିବା ଜିଲ୍ଲା ପ୍ରଶାସନ କହିଛି। ଜିଲ୍ଲାପାଳ ମଧୁମିତା ସମସ୍ତ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା କଣ୍ଟ୍ରୋଲ୍ ରୁମ୍‌ର ପ୍ରତ୍ୟେକ ମିନିଟ୍ ର ସମୀକ୍ଷା କରିବା ସହ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ କରୁଛନ୍ତି। ରାୟଗଡ ବ୍ଲକ ପୋତାର ପଞ୍ଚାୟତର ଯୋଗାଣ ସହାୟକ ସୁରେନ୍ଦ୍ର ଗମାଙ୍ଗଙ୍କ ଆକସ୍ମିକ ମୃତ୍ୟୁକୁ ନେଇ କର୍ମଚାରୀଙ୍କ ମହଲରେ ଦୁଃଖ ପ୍ରକାଶ ପାଇଥିବା ବେଳେ ସେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ କାର୍ଯ୍ୟ କରୁ କରୁ ପ୍ରାଣ ହରାଇଥିବାରୁ ସରକାରଙ୍କୁ ଅବଗତ କରାଯାଇଛି। ଲିଭରସିରୋସିସ୍ ରୋଗରେ ତାଙ୍କର ମୃତ୍ୟୁ ହୋଇଥିବା ଜିଲ୍ଲାପାଳ ମଧୁମିତା କହିଛନ୍ତି।



- ସନ୍ଧ୍ୟା ସୁଦ୍ଧା ୧୦୦ ମିମି ବର୍ଷା
- ଦୁଇଟି ସାମାନ୍ୟ ଓ ଗୋଟିଏ ବଡ଼ ଧରଣର ଭୂସ୍ଖଳନ
- ବଂଶଧାରା ଓ ମହେନ୍ଦ୍ରତନୟା ଜଳସ୍ତର ନେଇ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମସ୍ଥିତ ଗୋଟା ବ୍ୟାରେଜ୍ କର୍ତ୍ତୃପକ୍ଷଙ୍କ ସହ ଲଗାତାର ଯୋଗାଯୋଗ

## ଫିରିଙ୍ଗିଆରେ ପ୍ରବଳ ବର୍ଷା ସହ ପବନ

ଫିରିଙ୍ଗିଆ,୨୮।୧୦(ସମିସ): ଫିରିଙ୍ଗିଆ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଧାନ ପାଚିଲା ଧାନ ଗଛ ବିଲରେ ଲୋଟି ପଡ଼ିଥିବାବେଳେ ବ୍ୟାପକ ପରିବା ଫସଲ ନଷ୍ଟ ହୋଇଛି। ଫିରିଙ୍ଗିଆ ବ୍ଲକ ଏକ ଜଙ୍ଗଲ ଓ ପାହାଡ଼ ଘେରା ଅଞ୍ଚଳ ହୋଇଥିବାରୁ ଗଛ ପଡ଼ି ଘର ଭାଙ୍ଗିଥିବାବେଳେ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ। ବାତ୍ୟାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସହ ବ୍ଲକ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଥିବା ବେଳେ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କ ସହ ପ୍ରତ୍ୟେକ ବିଭାଗକୁ ବାତ୍ୟା ମୁକାବିଲା ପାଇଁ ସଜାଗ ରହିବା ପାଇଁ ବ୍ଲକ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ ପ୍ରଶାସନ ମଧ ସତର୍କ ଥିବା ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

## ତୁମୁଡ଼ିବନ୍ଧରେ ଓଡ୍ରାଫ୍ ଟିମ୍ ଓ ସଜାଗ ପ୍ରଶାସନ



ତୁମୁଡିବନ୍ଧ,୨୮।୧୦(ସମିସ): ତୁମୁଡିବନ୍ଧ ତହସିଲଦାର ଦୋଳଗବିନ୍ଦ ସାହୁ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ହରପାଳଙ୍କ ନେତୃତ୍ୱରେ ବାତ୍ୟା ମୁକାବିଲା ପଦକ୍ଷେପ ଗ୍ରହଣ କରାଯାଇଛି। ଦିନ ତମାମ ବର୍ଷା ଲାଗିଥିବା ଯୋଗୁ ତୁମୁଡିବନ୍ଧ ବ୍ଲକର ୧୫ ବାତ୍ୟା ଆଶ୍ରୟସ୍ଥଳୀ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ମା' ଗୃହକୁ ୯ ଜଣ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଛି। ଲଗାଣ ବର୍ଷାରେ ଅଞ୍ଚଳର ଯେକୌଣସି ସ୍ଥାନରେ ଘର ଛାତ ଭୁଶୁଡିଲେ ଲୋକଙ୍କୁ ବଣ୍ଟନ ନିମନ୍ତେ ୫୩ ଜରି ପାଲ ରଖାଯାଇଛି। ନିଜେ ତହସିଲଦାର ଦାୟିତ୍ୱ ନେଇଥିବା ସୂଚନା ମିଳିଛି। ବାତ୍ୟା ମୁକାବିଲା ପାଇଁ ତହସିଲଦାର ନିଜ କାର୍ଯ୍ୟାଳୟର ୧୮ ଜଣ କର୍ମଚାରୀଙ୍କୁ ବିଭିନ୍ନ ଦାୟିତ୍ୱ ଦେଇ ମୁତୟନ କରିଛନ୍ତି। ତହସିଲଦାର ୧୧ ପଞ୍ଚାୟତକୁ ଦିନ ତମାମ ଗସ୍ତ କରି ଅଞ୍ଚଳରେ ଅବସ୍ଥା ବୁଝିବା ସହିତ ଜନସାଧାରଣଙ୍କୁ ସୁରକ୍ଷିତ ଓ ସତର୍କ ରହିବାକୁ ଅନୁରୋଧ କରିଛନ୍ତି।

## ଗଛ ପଡ଼ି ବିଦ୍ୟାଳୟ ପାଚେରି ଭାଙ୍ଗିଲା

- ଗଛପଡି ୨ ଗାଈ ଆହତ

ଗୁମ୍ମା,୨୮।୧୦(ସମିସ): ଗୁମ୍ମା ବ୍ଲକ ମୁନିସିଂ ପଞ୍ଚାୟତର ମୁନିସିଂ ହାଇସ୍କୁଲରେ ବିରାଟକାୟ ତେନ୍ତୁଳି ଗଛ ପଡ଼ିବାରୁ ବିଦ୍ୟାଳୟ ପାଚେରି ଭାଙ୍ଗିଯାଇଛି। ରୁମୁରୁମ୍ବା ଗାଁରେ ଏକ ଗାଈ ଗୁହାଳରେ ଗଛ ପଡ଼ିଯିବାରୁ ୨ ଗାଈ ଆହତ ହୋଇଛି। ଖବର ପାଇ ଉଦ୍ଧାରକାରୀ ଦଳ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା କରୁଛନ୍ତି। ଦମକଳ ବାହିନୀ ମଧ ଘଟଣାସ୍ଥଳରେ ପହଞ୍ଚିଛି।



ନୋଡାଲ୍ ଅଧିକାରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶଙ୍କର କେର୍କେଟା ଚିହ୍ନଟ ଭୂସ୍ଖଳନ ସ୍ଥାନ ତଥା ପାହାଡ଼ିଆ ଗ୍ରାମାଞ୍ଚଳ ପରିଦର୍ଶନ କରିଛନ୍ତି। ଗୁମ୍ମା ବ୍ଲକର ବି.କଲାକଟ, ରେଗିଡ଼ି, ଅଜୟଗଡ଼ ଓ ତୁମୁଲ ପଞ୍ଚାୟତର ପାହାଡ଼ିଆ ଅଞ୍ଚଳରେ ବାତ୍ୟା ପ୍ରଭାବରେ ଭୂସ୍ଖଳନ ବିଗତ କିଛିବର୍ଷ ମଧ୍ୟରେ ପ୍ରଭାବିତ ହୋଇଥିଲା। ତେଣୁ ପୂର୍ବରୁ ଉକ୍ତ ସ୍ଥାନଗୁଡିକ ଚିହ୍ନଟ କରି ଆଗୁଆ ସଜାଗ ରହିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସିଡିପିଓ, ଅଗ୍ନିଶମ ବିଭାଗ ଓ ପୁଲିସ ଅଧିକାରୀମାନଙ୍କୁ କୁହାଯାଇଛି। ପାହାଡ଼ିଆ ଅଞ୍ଚଳରେ ଥିବା ଲୋକଙ୍କୁ ଆଶ୍ରୟସ୍ଥଳୀରେ ରଖିବା ସହ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ମଧ ସ୍ଥାନାନ୍ତର କରାଯିବା ସହ ସୋମବାର ସୁଦ୍ଧା ୧୫ ଜଣ ଆସନ୍ନ ପ୍ରସବା ଓ ପ୍ରସୂତି ମହିଳା ଓ ୧୫୫୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସେହିପରି ତରଙ୍ଗଡ଼ା ଓ କୁଜାସିଂ ପଞ୍ଚାୟତର ଗଙ୍ଗାପୁର ଓ ତାମସିଂ ୩୯ଟି ସ୍ଥାନରେ ରନ୍ଧା ଖାଦ୍ୟ ଦିଆଯାଇଛି। ବ୍ଲକ କାର୍ଯ୍ୟାଳୟ ଠାରେ ତିନୋଟି ଜେସିପି ଓ ଦୁଇଟି ହାଇଡ୍ରୋଲ ମେସିନ ପ୍ରସ୍ତୁତ କରାଯାଇ ସ୍ଥିତି ଉପରେ ସମ୍ପୂର୍ଣ୍ଣ ଅନୁଧ୍ୟାନ କରାଯାଉଛି ବୋଲି କହିଛନ୍ତି ତହସିଲଦାର ଶରତ ଶବର ଓ ବିଡ଼ିଓ ଦୁଲାରାମ ମାରାଣ୍ଡି।

- ପାର୍ତ୍ତଡ଼ା ପଞ୍ଚାୟତରେ ଭୂସ୍ଖଳନ

## ୯୦୧ଜଣଙ୍କୁ ୪୪ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର

କାଶୀନଗର,୨୮।୧୦(ସମିସ): 'ମୋନ୍ଥା' ପ୍ରଭାବରେ କାଶୀନଗର ବ୍ଲକ ଓ ଏନ୍‌ଏସିରେ ସୋମବାର ସନ୍ଧ୍ୟାରୁ ଝିପିଝିପି ବର୍ଷା ଲାଗି ରହିଥିବା ବେଳେ ମଙ୍ଗଳବାର କାଶୀନଗର ବ୍ଲକ ପାର୍ତ୍ତଡ଼ା ପଞ୍ଚାୟତ ଗରଭା ଗ୍ରାମରୁ ଲିଙ୍ଗା ଗ୍ରାମକୁ ଥିବା ରାସ୍ତାରେ ଭୂସ୍ଖଳନ ହୋଇଛି। କାଶୀନଗର ନୋଡାଲ ଅଫିସର ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ଫଲଗୁନି ମାଝୀ, ବିଡିଓ ଡ଼ମ୍ବୁରଧର ମଲ୍ଲିକ, ତହସିଲଦାର ସୁଧୀର କୁମାର ନନ୍ଦ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମେସିନ ସାହାଯ୍ୟରେ ରାସ୍ତାରୁ ମାଟି ପଥର ସଫା କରାଇଥିଲେ। ଏଥିରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି ଉକ୍ତ ପଞ୍ଚାୟତରୁ ଗୁମ୍ମା ବ୍ଲକକୁ ସଂଯୋଗ ରାସ୍ତାରେ ମଧ ବର୍ଷା ଯୋଗୁ ଭୂସ୍ଖଳନ ହେବା ସମ୍ଭାବନା ରହିଛି। ଉକ୍ତ ରାସ୍ତାକୁ ପ୍ରଶାସନ ପକ୍ଷରୁ ଯାତାୟାତ ବନ୍ଦ କରି ଦିଆଯାଇଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ଲିଙ୍ଗା ଗ୍ରାମର ୧୦୦ରୁ ଅଧିକ ଲୋକଙ୍କୁ ନିକଟ ଆଶ୍ରୟସ୍ଥଳୀରେ ପ୍ରଶାସନ ପକ୍ଷରୁ ସୋମବାର ହିଁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ କାଶୀନଗର ବ୍ଲକ ଓ ଏନ୍‌ଏସି ର ବିଭିନ୍ନ ଅଞ୍ଚଳରେ ୪୪ ଆଶ୍ରୟସ୍ଥଳୀରେ ୯୦୧ଜଣଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ୧୩ଜଣ ଗର୍ଭବତୀଙ୍କୁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ରଖାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ସେବା ଜାରି ରହିଛି। କାଶୀନଗର ଅଞ୍ଚଳରେ ୧୫ଜଣିଆ ଓଡ୍ରାଫ୍ ଟିମ ସହ ୭ଜଣିଆ ଅଗ୍ନିଶମ ବିଭାଗ କର୍ମଚାରୀ ନିୟୋଜିତ ଥିବା ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ବଂଶଧାରା ନଦୀରେ ବର୍ତ୍ତମାନ ପାଣି ବିପଦ ସଂକେତ ନିମ୍ନରେ ପ୍ରବାହିତ ହେଉଥିବା ଜଣାପଡିଛି। ବର୍ଷା କିନ୍ତୁ ଅଞ୍ଚଳରେ ଝିପିଝିପି ଲାଗି ରହିଥିବା ବେଳେ ନଦୀର ଉପର ମୁହାଣରେ ଅଧିକ ବର୍ଷା ହେଲେ ନଦୀର ଜଳସ୍ତର ବୃଦ୍ଧି ପାଇବା ସମ୍ଭାବନା ରହିଛି। ବର୍ତ୍ତମାନ କାଶୀନଗର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି ଅତିରିକ୍ତ ଜିଲ୍ଲାପାଳ।



## ମୋହନାରେ ଭୂସ୍ଖଳନ; ଉଦ୍ଧାର ହେଲେ ୨୪ ଛତିଶଗଡ଼ ନାଗରିକ



ମୋହନା,୨୮।୧୦(ସମିସ)

ମୋହନା ଅଞ୍ଚଳରେ ବାତ୍ୟା ପ୍ରଭାବରେ ମଙ୍ଗଳବାର ସକାଳୁ ପ୍ରବଳ ବର୍ଷା ଲାଗିରହିଛି। ରାମଗିରି ଅନଗା ପଞ୍ଚାୟତରେ ଭୂସ୍ଖଳନ ଯୋଗୁ ରାସ୍ତା ଉପରକୁ ବଡ଼ ପଥର ଚାଲିଆସିଛି ଫଳରେ ବଡ଼ଗାଁ ସମେତ କିଛି ଗ୍ରାମକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବ୍ଲକର ପୂର୍ବଘାଟ ପର୍ବତ ମାଳା ପାଦ ଦେଶରେ ଥିବା କଟାମା, ଗରଡ଼ମା,ମଣ୍ଡିମରା, ଖାରୀଗୁଡା ଆଦି ପଞ୍ଚାୟତର ଗ୍ରାମ ଗୁଡିକରେ ମଧ ଭୂସ୍ଖଳନ ସମ୍ଭାବନା ସୃଷ୍ଟି ହୋଇଛି, ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ଲକର ୩୯ ପଞ୍ଚାୟତରେ ପ୍ରସ୍ତୁତ ୪୧ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳକୁ ବର୍ତ୍ତମାନ ୭୦୦ରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସେହିଭଳି ମୋହନା ଏବଂ ଚନ୍ଦ୍ରଗିରିରେ ଥିବା ମା ଗୃହକୁ ୭୬ ଜଣ ଆସନ୍ନା ପ୍ରସବାଙ୍କୁ ସ୍ଥାନାନ୍ତର କରାଯାଇଥିବା ନୋଡାଲ ଅଧିକାରୀ ତଥା ଗଜପତି ଉପ ଜିଲ୍ଲାପାଳ ଅନୁପ ପଣ୍ଡା ସୂଚନା ଦେଇଛନ୍ତି। ଲଗାଣ ବର୍ଷା ଯୋଗୁ ଆକିଲି ଗ୍ରାମର ବାସୁଦେବ ପରିଛାଙ୍କ ଘର ଭାଙ୍ଗିଛି। ବାତ୍ୟାରେ ପ୍ରଭାବିତ ୨୪ ଜଣ ଛତିଶଗଡ଼ ନାଗରିକଙ୍କୁ ଉଦ୍ଧାର କରିଛି ପ୍ରଶାସନ। ସେମାନେ ଫେରିବାଲା ଭାବେ ରହି ମୋହନା ଅଞ୍ଚଳର ବିଭିନ୍ନ ଗ୍ରାମରେ ବିକ୍ରିବଟା କରୁଥିଲେ।

ଛତିଶଗଡ଼ ନାଗରିକଙ୍କୁ ଅଡବା ନିକଟସ୍ଥ ବାଟାମା ଛକରୁ ଉଦ୍ଧାର କରାଯାଇ ଅଡ଼ବା ହାଇସ୍କୁଲସ୍ଥିତ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି। ସେମାନଙ୍କ ମଧ୍ୟରେ ୧୨ ଜଣ ପୁରୁଷ, ୫ ଜଣ ମହିଳା ଏବଂ ୭ ଜଣ ଶିଶୁ ରହିଛନ୍ତି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ହରଭଙ୍ଗୀ ଜଳଭଣ୍ଡାରର ୩ ନିର୍ଗମନ ପଥକୁ ଖୋଲାଯାଇଛି।



## ଦାରିଙ୍ଗବାଡିରେ ଏନଡ଼ିଆରଏଫ ଟିମ୍

ଦାରିଙ୍ଗବାଡ଼ି, ୨୮।୧୦ (ସମିସ): ଦାରିଙ୍ଗବାଡିରେ ଏନଡ଼ିଆରଏଫ ଟିମ୍ ଆସି ପହଞ୍ଚିଛନ୍ତି। ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ସଜାଗ ହୋଇ ରହିଥିବା ଦାରିଙ୍ଗବାଡି ବିଡ଼ିଓ ପ୍ରୀତିରଞ୍ଜନ ରଥ ସୂଚନା ଦେଇଛନ୍ତି। ଉକ୍ତ ଟିମ ଦାରିଙ୍ଗବାଡି ଆଇଟିଆଇ ତାଲିମ କେନ୍ଦ୍ରରେ ସଜାଗ ରହିଛନ୍ତି।



# ରାୟଗଡ଼ ବ୍ଲକ୍‌ରେ ଭୂସ୍ଖଳନ; ଗଛ ପଡ଼ି ବହୁ ଘର ଭାଙ୍ଗିଲା








ରାୟଗଡ଼,୨୮।୧୦(ସମିସ)

ବାତ୍ୟା "ମୋନ୍ଥା'ର ବେଶୀ ପ୍ରଭାବ ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ ଉପରେ ପଡିଛି। ପ୍ରବଳ ବର୍ଷା ଯୋଗୁ ଧାନ, କପା, ମାଣ୍ଡିଆ ଭଳି ଫସଲ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ରାୟଗଡ ବ୍ଲକର ଗଣ୍ଡାହାତୀ ପଞ୍ଚାୟତର କିଛି ସ୍ଥାନରେ ଭୂସ୍ଖଳନ ହୋଇଥିବା ଦେଖିବାକୁ ମିଳିଛି। ପ୍ରଶାସନ ଅବରୋଧ ହଟାଇ ଯାତାୟାତ ସ୍ୱାଭାବିକ କରିଛି। ସେହିପରି ଲଗାଣ ବର୍ଷାରେ ରାୟଗଡ ବ୍ଲକ ଲକ୍ଷ୍ମୀପୁର ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ଅଞ୍ଚଳ ତପଙ୍ଗ ଗ୍ରାମରେ ଏକ ବିଶାଳକାୟ ତେନ୍ତୁଳି ଗଛ ପଡି ୩ଟି ଘର ଭାଙ୍ଗି ଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିଥିଲେ। ଉକ୍ତ ପରିବାର ଲୋକେ ବାତ୍ୟା ଆଶ୍ରୟସ୍ଥଳୀକୁ ଚାଲି ଯାଇଥିବାରୁ କାହାର କୌଣସି କ୍ଷତି ହୋଇନାହିଁ। ଏଥିସହ ଡମ୍ବାଳ ପଞ୍ଚାୟତ ଅଧିନ ମୁରେଇସାହି ରାସ୍ତା ଧୋଇ ହୋଇଯାଇଥିବା ଫଳରେ ଉଭୟ ଡମ୍ବାଳ ଓ ଅମେଡା ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ସେହିଭଳି କୁମୁଳାସିଂ ଗ୍ରାମର ଖ୍ରୀଷ୍ଟିୟାନ ସାହିରେ ଜଣଙ୍କର ଘର ଭାଙ୍ଗି ଯାଇଛି। ପ୍ରଶାସନ ବ୍ଲକରେ ୨୦ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଚିହ୍ନଟ କରିଥିବା ବେଳେ ସେହିସବୁ ଅଞ୍ଚଳର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ରାୟଗଡ଼ ବ୍ଲକରେ ୩୦ ବାତ୍ୟା ଆଶ୍ରୟସ୍ଥଳୀ ରହିଥିବା ବେଳେ ପ୍ରତ୍ୟେକ ପଞ୍ଚାୟତରେ ମଧ ସମସ୍ତ ସରକାରୀ କୋଠାକୁ ପ୍ରସ୍ତୁତ କରି ରଖାଯାଇଛି।

ପୋତାର ପଞ୍ଚାୟତରୁ ଆସିଛି ଏକ ଦୁଃଖଦ ଖବର। ଏଠାରେ ବାତ୍ୟା ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ଯୋଗାଣ ସହାୟକ ସୁରେନ୍ଦ୍ର ଗମାଙ୍ଗଙ୍କ ଅକାଳ ମୃତ୍ୟୁ ହୋଇଛି। ଆଶ୍ରୟସ୍ଥଳୀରେ ଗତକାଲି ରାତିରେ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ନିଜେ ଖାଇସାରି ଶୋଇବା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସ.କରଡ଼ାସିଙ୍ଗି ପଞ୍ଚାୟତ ଲାଞ୍ଜିପଦରରେ ଗୋଟିଏ ଘର ଏବଂ ସାନତୁଣ୍ଡି ପଞ୍ଚାୟତ ଅଧିନ ରାଜପୁର ଅଙ୍ଗନବାଡି କେନ୍ଦ୍ର ନିକଟରେ ଥିବା ଏକ ବଡ଼ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିବା ସୂଚନା ମିଳିଛି। ଆଜି ରାତିରେ ବାତ୍ୟାର ପ୍ରଭାବ ଅଧିକ ରହିଥିବାରୁ ସମସ୍ତେ ସୁରକ୍ଷିତ ସ୍ଥାନରେ ରହିବାକୁ ଜିଲ୍ଲାପାଳ ନିବେଦନ କରିଛନ୍ତି। ବାତ୍ୟା କାର୍ଯ୍ୟରେ ନିୟୋଜିତ ଥିବା ଜଣେ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଜିଲ୍ଲାପାଳ ଦୁଃଖ ପ୍ରକାଶ କରିବା ସହ ସରକାରୀ ନିୟମ ଅନୁସାରେ ତାଙ୍କୁ କ୍ଷତିପୁରଣ ପ୍ରଦାନ କରାଯିବ ବୋଲି କହିଛନ୍ତି।

# ଖୋଲିଲା ଜଳଭଣ୍ଡାର ଗେଟ୍; ଫୁଲିଲା ନଦୀ



ବ୍ରହ୍ମପୁର,୨୮ ।୧୦(ସମିସ): ବାତ୍ୟା "ମୋନ୍ଥା' ଗଞ୍ଜାମ, ଗଜପତି ଜିଲ୍ଲାବାସୀଙ୍କ ପାଇଁ ଦୁଃଖ ଆଣିଦେଇଛି। ବାତ୍ୟା ପ୍ରଭାବରେ ଗଞ୍ଜାମ ସମେତ ଗଜପତି ଜିଲ୍ଲାରେ ମଧ୍ୟ ତୁହାକୁ ତୁହା ବର୍ଷା ଜାରି ରହିଛି। ଏଥିଯୋଗୁଁ ଗଞ୍ଜାମ ଜିଲ୍ଲାର ସବୁ ଜଳଭଣ୍ଡାର ପରିପୂର୍ଣ୍ଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବାଘଲଟି, ଘୋଡ଼ାହାଡ଼, ଭଞ୍ଜନଗର, ଡ଼ହ ଆଦି ଜଳଭଣ୍ଡାରର ଗେଟ୍ ଖୋଲାଯାଇଛି। ଫଳରେ ନିକଟସ୍ଥ ନଦୀ, କେନାଲ ସମେତ ପାର୍ଶ୍ୱବର୍ତ୍ତୀ ନାଳରେ ଉଚ୍ଚ ଜୁଆରରେ ପାଣି ଯାଉଛି। ଯାହା ବନ୍ୟା ପରିସ୍ଥିତି ଆଶଙ୍କାକୁ ଦ୍ୱିଗୁଣିତ କରିଛି। ବିଶେଷ କରି ମହେନ୍ଦ୍ରଗଡ଼ ରେଞ୍ଜରେ ଅତ୍ୟାଧିକ ବର୍ଷା ହେବାରୁ ବାଘଲଟି ଓ ଘୋଡ଼ାହାଡ଼ ଜଳଭଣ୍ଡାରକୁ ଅଧିକ ପାଣି ଆସୁଛି। ଫଳରେ ପ୍ରଶାସନ ବାଧ୍ୟ ହୋଇ ଏଠାକାର ଦୁଇରୁ ଉଦ୍ଧର୍ ଗେଟ୍ ଖୋଲିଛି। ଏଥିଯୋଗୁଁ ବାହୁଦା ନଦୀରେ ଉଚ୍ଚ ଜୁଆରରେ ପାଣି ଆସୁଛି। ନଦୀ ତଟବର୍ତ୍ତୀ ଗ୍ରାମ ଗୁଡ଼ିକରେ ପାଣି ପସୁଛି। ଲୋକେ ଭୟବୀତ ହୋଇ ରହିଛନ୍ତି। ଦୀର୍ଘ ବର୍ଷ ପରେ ବାହୁଦାରେ ବନ୍ୟାପାଣି ଆସିଥିବା ବେଳେ ମଇସାନପୁର-କଳବାଡ଼ ମଧ୍ୟରେ ରହିଥିବା ବ୍ରିଜ୍‌କୁ ବନ୍ୟାଜଳ ଛୁଇଁଛି। ଏଭଳି ପରିସ୍ଥିତି ଲାଗି ରହିଲେ ପାତ୍ରପୁର ଓ ଚିକିଟି ବ୍ଲକରେ ଅନେକ ଗାଁ ଜଳାର୍ଣ୍ଣବ ହେବ। ସେହିଭଳି ପ୍ରଥମଥର ପାଇଁ ବଗୀ ନଦୀ ମଧ୍ୟ ପାଣିରେ ପରିପୂର୍ଣ୍ଣ ହୋଇଯାଇଛି। ଏହି ନଦୀରେ ପ୍ରବଳ ମାତ୍ରାରେ ଜଳ ପ୍ରବାହିତ ହେଉଛି। ଅନୁରୂପ ଭାବେ ଗଞ୍ଜାମ ଜିଲ୍ଲାର ଲାଇଫଲାଇନ ଋଷିକୁଲ୍ୟାରେ ମଧ୍ୟ ବନ୍ୟା ପ୍ରଭାବରେ ପ୍ରବଳ ମାତ୍ରାରେ ପାଣି ପ୍ରବାହିତ ହେଉଛି। ତଟବର୍ତ୍ତୀ ଗ୍ରାମ ଗୁଡ଼ିକ ଏଥିଯୋଗୁଁ ଭୟବୀତ ହୋଇଛନ୍ତି। ଦୀର୍ଘ ବର୍ଷ ପରେ ଏଭଳି ବର୍ଷା ହୋଇଥିବାରୁ ଚାଷୀକୂଳ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ମଙ୍ଗଳବାର ଭଳି ବୁଧବାର ମଧ୍ୟ ବର୍ଷା ହେଲେ ପାତ୍ରପୁର ବ୍ଲକ ସମେତ ଚିକିଟି ବ୍ଲକର ବହୁ ଗାଁରେ ପାଣିଘେରରେ ରହିବା ସହ ଧନଜୀବନ ହାନି ଘଟିବ ବୋଲି ସ୍ଥାନୀୟ ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି।

# ଚିନ୍ତା ବଢ଼ାଇଲା 'ମୋନ୍ଥା' ଗଜପତିରେ ବର୍ଷା; ଗଞ୍ଜାମରେ ବନ୍ୟା



- ସୀମାନ୍ତର ଅଧା ଅଞ୍ଚଳ ଜଳାର୍ଣ୍ଣବ
- ବିଚ୍ଛିନ୍ନ ହେଉଛି ଗଜପତି-ଗଞ୍ଜାମ ଯୋଗାଯୋଗ
- ତିତ୍‌ଲି ଘଟଣାର ପୁନରାବୃତ୍ତି ହେବ କି?

ବ୍ରହ୍ମପୁର,୨୮ ।୧୦(ସମିସ): ବାତ୍ୟା "ମୋନ୍ଥା' ଏବେ ଗଞ୍ଜାମ ଜିଲ୍ଲାବାସୀଙ୍କ ଚିନ୍ତା ବଢାଇଛି। ପୋଡ଼ଶୀ ଆନ୍ଧ୍ରରେ ବାତ୍ୟା ପ୍ରଖୋର ରୂପ ନେଇଛି। ଏହାର ପ୍ରଭାବରେ ଗଜପତି ଜିଲ୍ଲା ବେଶ ପ୍ରଭାବିତ ହୋଇଛି। ସେହିଭଳି ଆନ୍ଧ୍ର ସୀମାକୁ ଲାଗି ରହିଥିବା ଗଞ୍ଜାମ ଜିଲ୍ଲାର ବହୁ ବ୍ଲକ ଇଲାକା ମଧ୍ୟ ଏବେ ଜଳାର୍ଣ୍ଣବ ହୋଇଛି।

ବାତ୍ୟା ପ୍ରଭାବରେ ସୋମବାରଠାରୁ ଗଞ୍ଜାମ ଜିଲ୍ଲାରେ ବର୍ଷା ଜାରି ରହିଥିବା ବେଳେ ଗଜପତି ଜିଲ୍ଲାର ବିଭିନ୍ନ ରେଞ୍ଜରେ ହୋଇଥିବା ବର୍ଷା ଗଞ୍ଜାମ ଆଡ଼କୁ ଆସୁଛି। ଫଳରେ ଗଞ୍ଜାମ ଜିଲ୍ଲା ସୀମାନ୍ତରେ ବନ୍ୟା ପରିସ୍ଥିତି ଉପୁଜିଛି। ଏପଟେ ଜିଲ୍ଲାର ପାତ୍ରପୁର ବ୍ଲକରେ ସର୍ବାଧିକ ବର୍ଷା ହୋଇଥିବା ବେଳେ ମହେନ୍ଦ୍ରଗିରି ରେଞ୍ଜରେ ହୋଇଥିବା ବର୍ଷାର ପାଣି ମହେନ୍ଦ୍ର ତନୟା ନଦୀରେ ଉଚ୍ଚ ସୁଅରେ ଯାଉଛି। ଗଜପତି ସୀମାନ୍ତକୁ ଲାଗି ରହିଥିବା ତୁମ୍ବା, ଆଙ୍କୁଲି ଓ ବୁରାତାଲ ପଞ୍ଚାୟତର ବିଭିନ୍ନ ଗ୍ରାମ ଏବେ ବିପଦମୁହାଁ ହୋଇଛି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲେ ହେଁ ସେମାନଙ୍କ ଘରଦ୍ୱାର ଭାଙ୍ଗିବା ଓ ବନ୍ୟାରେ ଭାସିଯିବା ଆଶଙ୍କା ବୃଦ୍ଧି ପାଇଛି। ଅପରପକ୍ଷେ ଗତ ଦୁଇଦିନ ହେବ ପାତ୍ରପୁର ଓ ଚିକିଟି ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ମାତ୍ରାରେ ବର୍ଷା ଦେଖାଦେଇଛି। ପାତ୍ରପୁର ବ୍ଲକର ପ୍ରାୟ ସବୁ ପଞ୍ଚାୟତ ଏବେ ଜଳାର୍ଣ୍ଣବ ହୋଇଛି। ଗାଁ ମୁଣ୍ଡରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଲେଖାଏଁ ପାଣି ଜମିଛି। ଜିଲ୍ଲାର ତୁମ୍ବା, ବୁରାତାଲ, ଆଙ୍କୁଲି, ସାମନ୍ତରାପୁର, ଜରଡ଼ା, ଆମ୍ବପୁର, ଗୁଣ୍ଡୁରା, ବରଙ୍ଗ, ଖମ୍ବାରିଙ୍ଗା, ଖାରିଆଗୁଡ଼ା, ପଦାଦିଗି, ମନ୍ଦରଡ଼ା, ତୁରୁବୁଡ଼ି ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାଣି ଜମିଥିବା ଦେଖିବାକୁ ମିଳିଛି। ଖଣ୍ଡଦେଉଳି ଗାଁରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି। ଆଙ୍କୁଲି ପଞ୍ଚାୟତକୁ ସମ୍ପୂର୍ଣ୍ଣ ଭାବେ ଯୋଗାଯୋଗ ବିଚ୍ଛିନ୍ନ ହେବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟି ଯାତାୟତ ବାଧାପ୍ରାପ୍ତ ହୋଇଛି। ଧାନବାଡ଼, ଖଳାସାହି, ରାଇଖାଲ, ଚରିଆବାଡ଼ ଆଦି ସ୍ଥାନରେ ପାହାଡ଼ରୁ ମାଟି ଧସିଆସିଛି। ରାସ୍ତା ମଧ୍ୟ ନଷ୍ଟ ହୋଇଥିବା ଦେଖାଦେଇଛି। ଆଉ କିଛି ସ୍ଥାନରେ ରାସ୍ତା ଉପରେ ବଡ଼ ବଡ଼ ଗଛ ପଡ଼ିଛି। ଏ ସବୁ ପ୍ରଶାସନ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ହେଁ ଯୋଗାଯୋଗ ବ୍ୟାଘାତ ହୋଇଛି। ସେହିଭଳି ଗଞ୍ଜାମ ଦେଇ ମହେନ୍ଦ୍ରଗିରିକୁ ଯିବା ରାସ୍ତାରେ ମଧ୍ୟ କିଛି ସ୍ଥାନରେ ମାଟି ଅତଡ଼ା ଖସିବା ଓ ରାସ୍ତା ଉପରେ ଆଣ୍ଠୁଏ ଲେଖାଁଏ ପାଣି ବୋହିବା ଖବର ସାମ୍ନାକୁ ଆସିଛି। ଏହି ସ୍ଥାନରେ ଗୁଡ଼ିକରେ ପ୍ରଶାସନ ତତ୍ପର ରହି ରାସ୍ତା ସଫେଇ ଉପରେ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି।


ସୂଚନାଯୋଗ୍ୟ ଯେ, ଗତ ତିତିଲି ବାତ୍ୟା ଆନ୍ଧ୍ରର ମଛଲିପଟନମଠାରେ ଲ୍ୟାଣ୍ଡ ଫଳ କରିଥିଲା। ଏହାର ପ୍ରଭାବ ପାତ୍ରପୁର ବ୍ଲକର ପାହାଡ଼ି ଓ ସୀମାନ୍ତ ପଞ୍ଚାୟତ ମାନଙ୍କରେ ଦେଖିବାକୁ ମିଳିଥିଲା। ପାହାଡ଼ ଉପରେ ବସବାସ କରୁଥିବା ବହୁ ଲୋକଙ୍କ ପ୍ରାଣହାନୀ ମଧ୍ୟ ଘଟିଥିଲା। ସମ୍ପ୍ରତି ବାତ୍ୟା "ମୋନ୍ଥା' ମଧ୍ୟ ଆନ୍ଧ୍ରରେ ଲ୍ୟାଣ୍ଡଫଳ କରିବାକୁ ଥିବା ଗଜପତି ଓ ସମେତ ପାତ୍ରପୁର ଓ ଚିକିଟି ବ୍ଲକରେ ସର୍ବାଧିକ ବର୍ଷା ହୋଇଛି। ଗଜପତି ଜିଲ୍ଲାର ବନ୍ୟାପଣି ମଧ୍ୟ ଏହି ଇଲାକାରେ ପ୍ରବେଶ କରୁଛି। ଫଳରେ ତିତିଲି ବାତ୍ୟାର ପୁନଃରାବୃତ୍ତି ଘଟିବାର ସନ୍ଦେହ ଦୃଢ ଭାବେ ଘନୀଭୂତ ହୋଇଛି। ତିତିଲି ବାତ୍ୟାର ପ୍ରଭାବରେ ବହୁ ଗ୍ରାମ ପାହାଡ଼ ମଧ୍ୟରେ ଲୀନ ହୋଇଥିବା ବେଳେ ଏବେ ଏହି ବାତ୍ୟା ମଧ୍ୟ ସେଭଳି ସନ୍ଦେଶକୁ ଅଧିକ ଜାଗ୍ରତ କରିଛି। ପ୍ରଶାସନ ପକ୍ଷରୁ ବହୁ ପଦକ୍ଷେପ ନିଆଯାଇଥିବା ବେଳେ ବର୍ଷାର ପ୍ରକୋପ ବଢୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଭୟବୀତ ହୋଇ ପଡ଼ିଛନ୍ତି।

# ଜିଲ୍ଲାରେ ୩୯୫ଜଣ ଗର୍ଭବତୀ ସ୍ଥାନାନ୍ତର

ବ୍ରହ୍ମପୁର,୨୮ ।୧୦(ସମିସ): ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ ୩୯୫ଜଣ ଗର୍ଭବତୀ ମହିଳାଙ୍କୁ ମଙ୍ଗଳବାର ସନ୍ଧ୍ୟା ୭ଟା ସୁଦ୍ଧା ସ୍ଥାନାନ୍ତରିତ କରାଯାଇଛି। ସେଥି ମଧ୍ୟରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୨ଜଣ ଗର୍ଭବତୀ ରହିଥିବା ବେଳେ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ୧୩୮, ଉପଖଣ୍ଡ ଚିକିତ୍ସାଳୟରେ ୧୦୦, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୭, ଏମକେସିଜି ମେଡ଼ିକାଲରେ ୬୫, ପାତ୍ରପୁର ବ୍ଲକରେ ଥିବା ମା' ଗୃହରେ ୧୦ଜଣ ଓ ଜିଲ୍ଲାର ବିଭିନ୍ନ ଘରୋଇ ହସ୍ପିଟାଲରେ ମୋଟ ୩୩ଜଣ ଗର୍ଭବତୀ ମହିଳା ଚିକିତ୍ସାଧୀନ ଅବସ୍ଥାରେ ରହୁଛନ୍ତି। ସେଥିମଧ୍ୟରୁ ୩୦୮ ଜଣ ପ୍ରସୂତି ପ୍ରସବ କରିଥିବା ବେଳେ ସେଥିରେ ୧୦୫ଜଣ ଶିଶୁ ପୁତ୍ର ଥିବା ବେଳେ ୯୭ଜଣ ଶିଶୁକନ୍ୟା ରହିଛନ୍ତି। ସେହିପରି ଉତ୍ତମ ଚିକିତ୍ସା ନିମନ୍ତେ ମୋଟ ୧୨ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଜିଲ୍ଲା ବିଭିନ୍ନ ବ୍ଲକରେ ମୋଟ ୭୫୮ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରିବା ନିମନ୍ତେ ଚିହ୍ନଟ କରାଯାଇଥିବା ଡିପିଏମ ବୁଲୁନାଥ ସାହୁ ସୂଚନା ଦେଇଛନ୍ତି।

# ଅଶାନ୍ତ ଗୋପାଳପୁର ବେଳାଭୂମି





ବ୍ରହ୍ମପୁର,୨୮ ।୧୦(ସମିସ): ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟାର ରୂପ ନେଇ ରାତ୍ର ସମୟରେ କାକିନାଡ଼ା ନିକଟବର୍ତ୍ତୀ ଅଞ୍ଚଳରେ ସ୍ଥଳଭାଗ ଛୁଇଁବା ସମ୍ଭାବନା ରହିଛି। ଖବର ଲେଖିଲା ବେଳକୁ ମଛଲିପାଟନମଠାରୁ ୨୦କିମି ଦକ୍ଷିଣ ଦକ୍ଷିଣ ପୂର୍ବରେ ରହିଥିବା ବେଳେ ଗୋପାଳପୁରଠାରୁ ୪୬୦ କିମି ଦୂରରେ ରହିଛି। ଏହାରି ପ୍ରଭାବରେ ଗୋପାଳପୁର ବନ୍ଦରକୁ ୩ନଂ ବିପଦ ସଂକେତ ଜାରି ହୋଇଛି। ବୁଧୁବାର ସକାଳ ସାଢେ ୮ଟା ପର୍ଯ୍ୟନ୍ତ ରେଡ ୱାର୍ଣ୍ଣିଙ୍ଗ ଜାରି କରାଯାଇଛି। ମତ୍ସ୍ୟଜୀବିଙ୍କୁ ସମୁଦ୍ର ଭିତରକୁ ନଯିବାକୁ ବାରଣ ହୋଇଛି। ଏହାର ପ୍ରଭାବରେ ମଙ୍ଗଳବାର ଦିନ ତମାମ ମେଘୁଆ ପାଗକୁ ତୁହାକୁ ତୁହା ବର୍ଷା ଜାରି ରହିଛି। ଗୋପାଳପୁରରେ ସକାଳ ସାଢେ ୮ଟାରୁ ଅପରାହ୍ନ ସାଢେ ୫ଟା ମଧ୍ୟରେ ୯.୮ ମିମି ବର୍ଷା ରେକର୍ଡ ହୋଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ସମୁଦ୍ର ଅଶାନ୍ତ ରହିବା ସହ ଉଚ୍ଚ ଜୁଆର ଥିବାରୁ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାଷନଙ୍କ ନିର୍ଦ୍ଦେଶକ୍ରମେ ଗୋପାଳପୁର ବେଳାଭୂମିକୁ ପର୍ଯ୍ୟଟକଙ୍କୁ ବାରଣ ରହିଥିବା ବେଳେ ପୁଲିସ ବେଳାଭୂମିରେ ମୁତୟନ ରହି କଡ଼ା ସୁରକ୍ଷା ଦେଉଥିବା ଦେଖିବାକୁ ମିଳିଛି। ତାହାସହ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳିରେ ମଧ୍ୟ ଲୋକଙ୍କ ନିମନ୍ତେ ସମସ୍ତ ସୁବ୍ୟବସ୍ଥା କରାଯାଇଛି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ମାଛ ମାରିବାକୁ ବାରଣ ହୋଇଥିବାରୁ ପ୍ରଶାସନର ଆଗାମୀ ସୂଚନାକୁ ଅପେକ୍ଷା କରିବା ସହ ଚିନ୍ତାରେ ସମୁଦ୍ରକୁ ଚାହିଁ ବସିଛନ୍ତି। ବେଳାଭୂମିକୁ ପର୍ଯ୍ୟଟକ ନ ଆସିବାରୁ ବେଳାଭୂମିରେ ଥିବା ସମସ୍ତ ଉଠା ଦୋକାନୀ ଓ ଫାଷ୍ଟଫୁଡ ବନ୍ଦ ରହିଥିବା ବେଳେ ବେଳାଭୂମି ପୁରା ଖାଁ ଖାଁ ରହିଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାରେ କନିସି ତସିଲଦାର କବିରାଜ ପ୍ରଧାନ ପହଞ୍ଚି ତଦାରଖ କରିଛନ୍ତି। ସେହିଭଳି ଜିଲ୍ଲାର ପାତ୍ରପୁର ବ୍ଲକରେ ସର୍ବାଧିକ ୧୧୧ମିମିରୁ ଅଧିକା ବର୍ଷା ହୋଇଥିବା ବେଳେ ଛତ୍ରପୁର, ଗଞ୍ଜାମ, ସାନଖେମୁଣ୍ଡି, ଦିଗପହଣ୍ଡି, ଶେରଗଡ଼, ଗୋପାଳପୁର ଆଦି ବ୍ଲକରେ ପାଖାପାଖି ୧୦୦ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

# ଖାଁ ଖାଁ ବ୍ରହ୍ମପୁର ରେଳ ଷ୍ଟେସନ ଓ ନୂଆ ବସଷ୍ଟାଣ୍ଡ

# ୧୦ଟି ଟ୍ରେନ୍ ସହ ବହୁ ବସ୍ ବାତିଲ

ବ୍ରହ୍ମପୁର,୨୮ ।୧୦(ସମିସ): ବାତ୍ୟା "ମୋନ୍ଥା' ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି। ଫଳରେ ଯାତାୟତ ପ୍ରଭାବିତ ହୋଇଛି। ବ୍ରହ୍ମପୁର ରେଳଷ୍ଟେସନ ଓ ନୂଆଁବସଷ୍ଟାଣ୍ଡ ଖାଁ ଖାଁ ଦେଖିବାକୁ ମିଳିଛି। ବସ ଓ ଟ୍ରେନ ବାତିଲ କାରଣରୁ ଯାତ୍ରୀମାନେ ହଇରାଣ ହୋଇଛନ୍ତି। ବାତ୍ୟାକୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ମୋଟ ୪୩ଟି ଟ୍ରେନ ବାତିଲ କରାଯାଇଛି। ସେଥିମଧ୍ୟରୁ ବ୍ରହ୍ମପୁର ରେଳଷ୍ଟେସନ ଦେଇ ଯାତାୟତ କରୁଥିବା ୧୦ଟି ଟ୍ରେନ ରହିଛି। ଉକ୍ତ ଟ୍ରେନ ମଧ୍ୟରେ କୋଣାର୍କ ଏକ୍ସପ୍ରେସ, କଟକ-ଗୁଣପୁର ମେମୋ ଓ ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର ଭଳି ବିଭିନ୍ନ ଟ୍ରେନ ରହିଛି। ସେହିପରି ୩ଟି ଟ୍ରେନ ଅନ୍ୟ ରୁଟ ନେଇ ଯାତାୟତ କରିବାକୁ ଥିବା ବେଳେ ୫ଟି ଟ୍ରେନର ସମୟ ପରିବର୍ତ୍ତନ କରାଯାଇଛି। ଯାତ୍ରୀଙ୍କୁ ସହଯୋଗ ସମେତ ଟ୍ରେନ ଯାତାୟତ ସମ୍ପର୍କୀୟ ସଠିକ୍ ତଥ୍ୟ ପ୍ରଦାନ ନିମନ୍ତେ ବ୍ରହ୍ମପୁର ଷ୍ଟେସନ ପକ୍ଷରୁ ହେଲ୍ପଲାଇନ ନମ୍ବରର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ବାତ୍ୟା ପ୍ରଭାବରେ ସରକାରୀ ସମେତ ବହୁ ଘରୋଇ ବସ ମଧ୍ୟକୁ ବାତିଲ ହୋଇଥିବା ଜଣାପଡିଛି। ଓଏସଆରଟିସି ବସ୍ ଆନ୍ଧ୍ରପ୍ରଦେଶ ଦେଇ ଯାତାୟତ କରୁଥିବା ଚାନ୍ଦାହାଣ୍ଡି, ଚିତ୍ରକୋଣ୍ଡା ଓ ନବରଙ୍ଗପୁର ଭଳି ୩ଟି ରୁଟରୁ ୬ଟି ବସ୍ ବାତିଲ ହୋଇଛି। ଆସନ୍ତାକାଲି ବାତ୍ୟା ସ୍ଥିତି ଯାଞ୍ଚ ପରେ ପରବର୍ତ୍ତି ନିଷ୍ପତି ନିଆଯିବ ବୋଲି ଜଣାପଡିଛି। ସେହିଭଳି ପାରଳାଖେମୁଣ୍ଡି ସମତେ ଆନ୍ଧ୍ରପ୍ରଦେଶ ଦେଇ ଯାତାୟତ କରିଥିବା ଘରୋଇ ବସ ମଧ୍ୟରୁ ଅନେକ ବସ୍ ଯାତାୟତ ବନ୍ଦ ରହିଛି।





# ମୋନ୍ଥା ମୁକାବିଲାରେ ବ୍ରହ୍ମପୁର ମହାନଗର ନିଗମ

# ୨୨ଟି ଆଶ୍ରୟସ୍ଥଳକୁ ୧୧ଶହ ସ୍ଥାନାନ୍ତର

- ଜଳବନ୍ଦୀ ଓ ରାସ୍ତା ଅବରୋଧ ସମସ୍ୟାର ତ୍ୱରିତ ସମାଧାନ



ବ୍ରହ୍ମପୁର,୨୮ ।୧୦(ସମିସ): ବାତ୍ୟା "ମୋନ୍ଥା' ପ୍ରଭାବରେ ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ତୁହାକୁ ତୁହା ବର୍ଷା ହେଉଛି। ପ୍ରତିକୂଳ ପାଗ ମଧ୍ୟରେ ଦିନ ତମାମ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ତତ୍ପରତାର ସହ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ଓ ରାସ୍ତା ଅବରୋଧ ସମସ୍ୟାର ତ୍ୱରିତ ସମାଧାନ କରାଯାଇଛି। ଇଞ୍ଜିନିୟରିଂ ଏବଂ ସଫେଇ କର୍ମଚାରୀଙ୍କ ଦ୍ୱାରା ହରିଡ଼ାଖଣ୍ଡି ତୃପ୍ତି ନଗର, ଶାନ୍ତି ନଗର, ହରିହର ନଗର, ରଘୁପତି ନଗର, ଆମ୍ବ ମାର୍କେଟ, ଗାନ୍ଧୀ ନଗର, ଡି ପଲ୍ ସ୍କୁଲ, ଗଜପତି ନଗର ଏବଂ ବଡ଼ ମେଡିକାଲ ପଡିଆ ସଂଲଗ୍ନ ନାଳର ଯୁଦ୍ଧକାଳୀନ ଭିତ୍ତିରେ ଜଳ ନିଷ୍କାସନ କରାଯାଇ ଯାତାୟତ ସ୍ୱାଭାବିକ କରାଯାଇଥିଲା। ନିଗମ ଦ୍ୱାରା ୨୨ଗୋଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟରୁ ୧୨ଟି ସ୍ଥାନରେ ସମୁଦାୟ ୧୧୦୦ଲୋକଙ୍କ ପାଇଁ ରାତ୍ରି ରହଣି ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଆଜି ନୂଆକରି ଲାଞ୍ଜିପଲ୍ଲୀ ଗୌଡ଼ବନ୍ଧ ଏବଂ ତେଲୁଗୁ ବସ୍ତିରୁ ପ୍ରାୟ ଦେଢ଼ ଶହ ଲୋକଙ୍କୁ ସ୍ଥାନାନ୍ତର କରି ଆମ୍ବେଦକର କଲ୍ୟାଣ ମଣ୍ଡପରେ ରଖାଯାଇଛି। ପ୍ରତି ଆଶ୍ରୟସ୍ଥଳୀରେ ତିନୋଟି ସିଫ୍ଟରେ ନଗର ନିଗମର କର୍ମଚାରୀ କାମ କରୁଛନ୍ତି। ଏଠାରେ ଆଲୋକ, ପାନୀୟ ଜଳ, ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ଫାଷ୍ଟଏଡ଼ କିଟ, ସାନିଟାରୀ ପ୍ୟାଡ଼, ମଶା ଧୂପ, ପାଇଖାନାର ବ୍ୟବସ୍ଥା କରାଯାଇଛି। ଆଶ୍ରୟସ୍ଥଳୀଗୁଡିକର ପରିମଳକୁ ପ୍ରାଥମିକତା ଦିଆଯାଇଛି। ନଗର ନିଗମରେ ଏକ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ କାମ କରୁଛି। ୱାଟକୋ ଏବଂ ଅଗ୍ନିଶମ ବିଭାଗ ସହ ବିଧିବଦ୍ଧ ସମନ୍ୱୟ ରଖି କାର୍ଯ୍ୟ ଜାରି ରହିଛି। ଜନ ସଚେତନତା ପାଇଁ ଦିନ ତମାମ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ସମସ୍ତ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀରେ ବୟସ୍କ, ଭିନ୍ନକ୍ଷମଙ୍କ ସୁବିଧା ପାଇଁ ହ୍ୱିଲ୍ ଚେୟାର ଦିଆଯାଇଛି। ପ୍ରତି ଜାଗାରେ ୫୪ଖଣ୍ଡ ସାନିଟାରୀ ପ୍ୟାଡ଼ ମହଜୁଦ ରହିଛି। ଆଶ୍ରୟ ସ୍ଥଳୀକୁ ଅଣାଯାଇଥିବା ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ରାପିଡ଼ ରେସପନ୍ସ ଟିମ ପ୍ରତି ଦୁଇ ଘଣ୍ଟାରେ ସ୍ୱାସ୍ଥ୍ୟ ସମୀକ୍ଷା କରି ଆସୁଛନ୍ତି। ସମୁଦାୟ ୨୨୦ ଜଣ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ଅଛନ୍ତି। ସୁରକ୍ଷିତ ପ୍ରସବ ପାଇଁ ସ୍ଥାନାନ୍ତର କରାଯାଇଥିବା ୧୧୦ଜଣ ଗର୍ଭବତୀଙ୍କ ମଧ୍ୟରୁ ୮୨ଜଣ ଇତି ମଧ୍ୟରେ ପ୍ରସବ କରିସାରିଛନ୍ତି। ନଗର ନିଗମର ଗୋଟିଏ ଆଡ଼ଭାନ୍ସଡ଼ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ନିୟୋଜିତ ଅଛନ୍ତି। ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୭ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଚବିଶ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଗଞ୍ଜାମ ଜିଲ୍ଲାପାଳ ଭି କିର୍ତ୍ତିଭାସନ ମହାନଗର ନିଗମ କାର୍ଯ୍ୟାଳୟ ଗସ୍ତ କରି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ସବୁ କର୍ମଚାରୀଙ୍କୁ ସତର୍କ ଏବଂ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିବା ମହାନଗର ନିଗମର ଡ଼େପୁଟି କମିଶନର କଲ୍ୟାଣି ସଂଘମିତ୍ରାଙ୍କଠାରୁ ସୂଚନା ମିଳିଛି।

# ନାବାଳିକା ଝିଅକୁ ବିକ୍ରି ଅଭିଯୋଗରେ ମା' ସମେତ ୪ ଗିରଫ

ବ୍ରହ୍ମପୁର,୨୮ ।୧୦(ସମିସ): ନାବାଳିକା ଝିଅକୁ ବିବାହ କରାଇବା ସହ ବିକ୍ରି କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ମା' ସମେତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୪ଜଣ ହେଲେ ଗୋଲ୍ଲାପଲ୍ଲୀ ସାହିର ନାବାଳିକାଙ୍କ ମାଆ ଡ଼ି ନାନୁ ରେଡ଼ୀ, ପିଉସୀନାନୀ କେ ଶାନ୍ତି, କେ ଚନ୍ଦ୍ରକଳା, ବିସିଏଚ ସ୍ୱାମୀ।

ସୂଚନା ପ୍ରକାରେ, ଗେଟ୍‌ବଜାର ଅଞ୍ଚଳର ସିଏଚ୍ ଚନ୍ଦ୍ରଶେଖର ରାଓ ଗତ ୨୫ ତାରିଖରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଝିଅ ପ୍ରାୟ ଚାରିଦିନ ହେଲା ନିଖୋଜ ଅଛି। ଝିଅକୁ ତା'ର ମା' ବିକ୍ରି କରିଦେଇଥିବା ସେ ସନ୍ଦେହ କରୁଥିବା ଜଣାଇଥିଲେ। ପୁଲିସ ନାବାଳିକାଙ୍କ ମା'କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ବିଜୟନଗରମ୍‌ରେ ନାବାଳିକା ଝିଅର ବିବାହ କରିଥିବା କହିଥିଲେ। ବୈଦ୍ୟନାଥପୁର ଥାନାରୁ ସ୍ୱତନ୍ତ୍ର ପୁଲିସ ଟିମ୍ ବିଜୟନଗରମ୍‌ରେ ପହଞ୍ଚି ଝିଅକୁ ତା'ର ଶ୍ୱଶୁର ଘରୁ ଉଦ୍ଧାର କରିଥିଲେ।

ତଦନ୍ତରୁ ଏପର୍ଯ୍ୟନ୍ତ ଜଣାପଡିଛି ଯେ, ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ପରେ, ଅଭିଯୁକ୍ତ ଡି. ନୁନୁ ରେଡ୍ଡି ଚୌଧୁରୀ ଚନ୍ଦ୍ର ଶେଖର ରାଓଙ୍କୁ ବିବାହ କରିଥିଲେ। ଡି. ନୁନୁ ରେଡ୍ଡିଙ୍କ ସ୍ୱର୍ଗତ ଡି. ରାମୁ ରେଡ୍ଡିଙ୍କ ସହିତ ତାଙ୍କର ପୂର୍ବ ବିବାହରୁ ତିନୋଟି ସନ୍ତାନ ଅଛନ୍ତି। ପୀଡିତା ଡି. ନୁନୁ ରେଡ୍ଡିଙ୍କ ମଧ୍ୟମ ଝିଅ। ତଦନ୍ତ ସମୟରେ ଜଣାପଡିଥିଲା ଯେ ଡି. ନୁନୁ ରେଡ୍ଡି ବ୍ରହ୍ମପୁରର ଖଲ୍ଲିକୋଟ କଲେଜରେ ଝାଡୁଦାର ଭାବରେ କାର୍ଯ୍ୟ କରନ୍ତି। କେ. ଚନ୍ଦ୍ରକଳା ଏବଂ କେ. ଶାନ୍ତି ମଧ୍ୟ ସମାନ ବର୍ଗର ସେହି ଅନୁଷ୍ଠାନରେ ନିଯୁକ୍ତି ପାଆନ୍ତି। କେ. ଚନ୍ଦ୍ରକଳା ଏବଂ କେ. ଶାନ୍ତି ଉଭୟ ସ୍ଥାନୀୟ ବାସିନ୍ଦା ହୋଇଥିବାରୁ, ସ୍ଥାନୀୟ ଅଞ୍ଚଳରେ ଯଥେଷ୍ଟ ପ୍ରଭାବ ପକାନ୍ତି ଏବଂ ବିବାହ ଆୟୋଜନ କରିବାରେ ଦଲାଲ ଭାବରେ କାର୍ଯ୍ୟ କରନ୍ତି ବୋଲି ଜଣାପଡିଥିଲା। ଡି. ନୁନୁ ରେଡ୍ଡିଙ୍କ ଦୁଇଟି ଝିଅ ଥିବାରୁ ଅଭିଯୁକ୍ତ କେ. ଚନ୍ଦ୍ରକଳା ଏବଂ କେ. ଶାନ୍ତି ପୂର୍ବରୁ ତାଙ୍କ ବଡ଼ଝିଅ ଡି. ରାଜେଶ୍ୱରୀ ରେଡ୍ଡିଙ୍କ ପାଇଁ ଏକ ବିବାହ ପ୍ରସ୍ତାବ ଦେଇଥିଲେ। ଯାହାକୁ ସେ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏହା ପରେ ଯେତେବେଳେ ଡି. ନୁନୁ ରେଡ୍ଡି ସେମାନଙ୍କୁ ମନା କରିବା ବିଷୟରେ ଜଣାଇଲେ, ଅଭିଯୁକ୍ତ କେ. ଚନ୍ଦ୍ରକଳା ଏବଂ କେ. ଶାନ୍ତି ଚତୁରତାର ସହିତ ତାଙ୍କୁ ତାଙ୍କ ସାନଝିଅକୁ ବୁଝାଇବାକୁ ପ୍ରବର୍ତ୍ତାଇଲେ। ସେମାନଙ୍କ ପ୍ରତିଶ୍ରୁତିରେ ପ୍ରଭାବିତ ହୋଇ, ଡି. ନୁନୁ ରେଡ୍ଡି ତାଙ୍କର ନାବାଳକ ଝିଅକୁ ପ୍ରସ୍ତାବ ଗ୍ରହଣ କରିବାକୁ ରାଜି କରାଇଲେ। ପୀଡିତା ଜଣେ ନାବାଳକ ଝିଅ ହୋଇଥିବାରୁ ସେ ତାଙ୍କ ମା'ଙ୍କ ନିଷ୍ପତ୍ତିର ପ୍ରତିବାଦ କରି ନଥିଲେ। ତେଣୁ ଗତ ୪ ତାରିଖରେ ଅଭିଯୁକ୍ତ ଡି. ନୁନୁ ରେଡ୍ଡି, କେ. ଶାନ୍ତି, କେ. ଚନ୍ଦ୍ରକଳା ଏବଂ ପୀଡିତାଙ୍କ ସହିତ ଉକ୍ତ ବିବାହ ପ୍ରସ୍ତାବ ପାଇଁ ବିଜୟନଗରମ ଯାଇଥିଲେ। ପରବର୍ତ୍ତୀ ସମୟରେ, ୧୧ତାରିଖରେ ବିବାହ ହୋଇଥିଲା।

# ସାମୂହିକ ଦୁର୍ନୀତି ନିବାରଣ ଶପଥ ପାଠ



ବ୍ରହ୍ମପୁର,୨୮ ।୧୦(ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ମଙ୍ଗଳବାର ଉଭୟ ଜିଲ୍ଲା କୋର୍ଟ ଏବଂ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ପୃଥକ ପୃଥକ ଭାବେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋର୍ଟ ପରିସରରେ ଜିଲ୍ଲା ଓ ଦୌରାଜଜ୍ ଡଃ ଭାଗ୍ୟଲକ୍ଷ୍ମୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମରେ ଏମ୍‌ଏସିଟି ଜଜ୍ ବିଶ୍ୱଜିତ ଦାଶ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ପ୍ରଥମ) ନରେଶ ମହନ୍ତ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଦ୍ୱିତୀୟ) ଆୟୁଶ୍ମାନ ମହାନ୍ତ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମୋକେଶ ନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସୌଦାମିନି ସିଂ, ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଜ୍ଞାନେନ୍ଦ୍ର କୁମାର ବାରିକ, ପୋକ୍‌ସୋ ସ୍ୱତନ୍ତ୍ର କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ, ଓପିଆଇଡି କୋର୍ଟ ବିଚାରପତି ସଙ୍ଗିତା ପାଣି, ଫ୍ୟାମିଲି କୋର୍ଟ ବିଚାରପତି ଜାନକୀ ବିଶ୍ୱାଳ, ସିଜେଏମ ସୁଜାତା ପ୍ରିୟମ୍ବଦା ସ୍ୱାଇଁ ଓ ଏସଡିଜେଏମ କୁମାର ସ୍ୱନ୍ଦନଙ୍କ ସମେତ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିଭଳି ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଏସ୍‌ପି କୈଳାଶ ଚନ୍ଦ୍ର ବୁରୁଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶପଥ ପାଠ ଅବସରରେ ଡିଏସ୍‌ପି ଡି.ଆଇ. ବି ପ୍ରତିଭା ମାଝି ଓ ଡିଏସ୍‌ପି ଅକ୍ଷୟ କୁମାର ପଣ୍ଡାଙ୍କ ସମେତ ଜିଲ୍ଲା ପୁଲିସ ମୁଖ୍ୟାଳୟର ବରିଷ୍ଠ ପୁଲିସ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଦୁର୍ନିତି ବିରୋଧୀ ସ୍ଲୋଗାନ ଦେବା ସହ ଦୁର୍ନୀତିକୁ ମୂଳୋତ୍ପାଟନ କରିବାକୁ ଶପଥ ନେଇଥିଲେ।

# ସାଇବର ଠକ ଜାଲରେ ପଡ଼ି ଲକ୍ଷାଧିକ ଟଙ୍କା ହରାଇଲେ

- ୧୦ ମାସରେ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗ

ବ୍ରହ୍ମପୁର,୨୮ ।୧୦(ସମିସ): ସାଇବର ଠକଙ୍କ ଜାଲରେ ପଡ଼ି ଏକାଧିକ ବ୍ୟକ୍ତି ଲକ୍ଷାଧିକ ଟଙ୍କାର ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ଏନେଇ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ ଯେ, ଉତ୍ତରାଖଣ୍ଡର ଜଣେ ବ୍ୟକ୍ତି ବ୍ରହ୍ମପୁର ଖୋଡ଼ାସିଙ୍ଗି ଅଞ୍ଚଳରେ ଘର ଭଡ଼ା ନେଇ ରହୁଛନ୍ତି। ସେ ଏକ ଅନ୍‌ଲାଇନ୍ ଟ୍ରେଡ଼ିଂ ଆପ୍‌ରେ ଯୋଡ଼ିହେବା ପରେ ଟ୍ରେଡ଼ିଂ ଆପ ମୋବାଇଲରେ ଇନଷ୍ଟଲ କରିଥିଲେ। ପ୍ରଥମେ ତାଙ୍କୁ ୩ ହଜାର ଅନ୍‌ଲାଇନ୍ ଟ୍ରେଡ଼ିଂ ବୋନସ ଆସିଥିଲା। ସେ ହଜାରେ ଟଙ୍କା ଉଠାଇଥିଲେ। ଏହାପରେ ବିଶ୍ୱାସ କରି ସେ ୭ଟି ପର୍ଯ୍ୟାୟରେ ୧୧ଲକ୍ଷ ଟଙ୍କା ମାସକ ମଧ୍ୟରେ ନିବେଶ କରିଥିଲେ। ୨ ଦିନ ପୂର୍ବରୁ ସେ ଉକ୍ତ ଟଙ୍କା ଉଠାଇବାକୁ ଚାହିଁଥିଲେ ମଧ୍ୟ ସଫଳ ହେଲେନାହିଁ। ଫଳରେ ପ୍ରୋସେସ ଜାଣିବା ପାଇଁ ଗ୍ରୁପରେ ମେସେଜ କରିଥିଲେ। କିନ୍ତୁ କିଛି ଉତ୍ତର ନମିଳିବାରୁ ଠକେଇର ଶିକାର ହୋଇଥିବା ଜାଣି ସାଇବର ଥାନାରେ ଅଭିଯୋଗ କରିଥିଲେ।

ସେହିପରି ବ୍ରଜନଗର ଦ୍ୱିତୀୟ ଲାଇନ୍‌ର ଜଣେ ଯୁବକଙ୍କ ମୋବାଇଲକୁ ଟ୍ରାଫିକ୍ ନିୟମ ଉଲଂଘନ ପାଇଁ ଚାଲାଣ ଭରିବାକୁ ମେସେଜ୍ ଆସିଥିଲା। ସେଥିରେ ଇ-ଚାଲାଣ ପାଇଁ ଏକ ଆପ୍ଲିକେସନ ମଧ୍ୟ ଆସିଥିଲା। ଯୁବକ ସେହି ଆପକୁ ମୋବାଇଲରେ ଇନଷ୍ଟଲ୍ କରିଥିଲେ। ଏହାପରେ ତାଙ୍କର ଆକାଉଣ୍ଟର ବିଭିନ୍ନ ତଥ୍ୟ ଦେବାକୁ କହିଥିଲା। ସେ ସମସ୍ତ ତଥ୍ୟ ଦେଇଥିଲେ। ଏହାର ଦୁଇ ମିନିଟ ମଧ୍ୟରେ ତାଙ୍କ କ୍ରେଡିଟ୍ କାର୍ଡକୁ ବିଭିନ୍ନ ମେସେଜ୍ ଆସିଥିଲା। ସେ ଯାଞ୍ଚ କରିବା ସମୟରେ ୪ଟି ପର୍ଯ୍ୟାୟରେ ତାଙ୍କ କ୍ରେଡିଟ୍ କାର୍ଡରୁ ୯୭ ହଜାର ୫୦୦ ଟଙ୍କା କଟିଥିଲା। ଫଳରେ ସେ ଅନ୍‌ଲାଇନ୍ ଠକେଇର ଶିକାର ହୋଇଥିବା ଜାଣି ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତାହାର ତଦନ୍ତ କରୁଛି। ବର୍ତ୍ତମାନ ସାଇବର୍ ଠକଙ୍କ କବ୍‌ଜାରେ ବ୍ରହ୍ମପୁର ପୁଲିସ ଜିଲ୍ଲା। ୧୦ ମାସରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ପ୍ରାୟ ୮କୋଟିରୁ ଅଧିକା ଟଙ୍କା ସାଇବର ଠକେଇ ହୋଇଥିବା ଜଣାପଡ଼ିଛି।

# ବିଦାୟ ନେଲେ ମା' କାଳୀ ଓ ଲକ୍ଷ୍ମୀନାରାୟଣ

**ଯାଜପୁର, ୨୮।୧୦(ସମିସ**

ଯାଜପୁରର ଗଣପର୍ବ କାଳୀପୂଜା ଅବସରରେ ଆଜି ଭସାଣ ଉତ୍ସବର ପ୍ରଥମ ଦିନରେ ୧୯ଟି ମେଢ଼ ବିସର୍ଜନ ହୋଇଥିବା ଜଣାପଡ଼ିଛି। ପ୍ରଥମ ଦିନରେ ଉଭୟ ମା' କାଳୀ ଓ ଲକ୍ଷ୍ମୀନାରାୟଣଙ୍କୁ ମେଲାଣି ଦିଆଯାଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ଆଜି ସକାଳୁ ବିଭିନ୍ନ ପୂଜା କମିଟିର ମେଢ଼ଗୁଡ଼ିକୁ ସୁନ୍ଦରଭାବେ ବାଦ୍ୟ, ଘଣ୍ଟ, ସିଂଘ ବାଜା ତାଳେ ତାଳେ ଦେବୀଗଡ଼ାକୁ ବିସର୍ଜନ ନିମନ୍ତେ ନିଆଯାଇଥିଲା। ଏହି ଭସାଣିରେ ବିଶେଷ ଆକର୍ଷଣ ସାଜିଥିଲା ଅଘୋରୀ ନୃତ୍ୟ ଓ ଗରିଲା କାର୍ଟୁନ। ଏହି ଭସାଣ ଉତ୍ସବ ଆସନ୍ତାକାଲି ଶେଷ ହେବ। ଶାନ୍ତିଶୃଙ୍ଖଳାରେ ଭସାଣ ଉତ୍ସବ ସାରିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଦେବୀଗଡ଼ା ନିକଟରେ ବୈତରଣୀ ନଦୀରେ ଏକ କୃତ୍ରିମ ପୋଖରୀ କରାଯାଇ ସେଠାରେ ସମସ୍ତ ମେଢ଼ ବିସର୍ଜନ କରାଯିବା ପାଇଁ ବନ୍ଦୋବସ୍ତ କରାଯାଇଛି। ଭସାଣ ଉତ୍ସବକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ବିଭିନ୍ନ ଦଳ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।





**ପ୍ରଥମ ଦିନ ଭସାଣ ଉତ୍ସବରେ ୧୯ଟି ମେଢ଼**





## ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ



**ଦଶରଥପୁର, ୨୮।୧୦(ସମିସ):** ଜିଲ୍ଲା ଭିଜିଲାନ୍ସ ବିଭାଗ ପକ୍ଷରୁ ଦଶରଥପୁର ବ୍ଲକ ରାମବାଗସ୍ଥିତ ରିଜିଓନାଲ ମହାବିଦ୍ୟାଳୟଠାରେ ଏକ ସଚେତନତା ଅଭିଯାନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶାନ୍ତନୁ କୁମାର ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଭିଜିଲାନ୍ସ ଡିଏସପି ସୁଶୀଲ ଏକ୍କା, ପୁଲିସ ବିଭାଗର ଏସ୍‌ଡିପିଓ ପ୍ରଶାନ୍ତ ମାଝୀ, ଡିଏସ୍‌ପି ଶଙ୍କର୍ଷଣ ଦଳେଇ, ବିଞ୍ଝାରପୁର ଥାନାଧିକାରୀ ବାମଦେବ ନନ୍ଦ, ବିରଜାପୁର ସରପଞ୍ଚ ନିରାକାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଦୁର୍ନୀତି ନିବାରଣ ଉପରେ ସଚେତନ କରାଇବା ସହ ଆବଶ୍ୟକସ୍ଥଳେ ଦୁର୍ନୀତି ସମ୍ପର୍କିତ ଜରୁରୀକାଳୀନ ସହାୟତା ନମ୍ବରକୁ ବ୍ୟବହାର କରି ଭିଜିଲାନ୍ସ ବିଭାଗର ସହଯୋଗ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀ ସାଇସ୍ମିତା ମହାନ୍ତି ଦୁର୍ନୀତି ନିବାରଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସମସ୍ତେ ଦୁର୍ନୀତି ନିବାରଣ ନିମନ୍ତେ ଶପଥ ନେଇଥିଲେ।

## ଚୈତନ୍ୟ ପଣ୍ଡା ସ୍ମୃତି ସଂସଦରେ ପୂଜ୍ୟପୂଜା ସମ୍ମାନ

**ମଙ୍ଗଳା, ୨୮।୧୦(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ଗ୍ରାମର ମା' ଜାଗୁଳାଇ ସାଂସ୍କୃତିକ ଯୁବ କ୍ରୀଡ଼ା କ୍ଲବ ଆନୁକୂଲ୍ୟରେ ଚୈତନ୍ୟ ପଣ୍ଡା ସ୍ମୃତି ସଂସଦ ତରଫରୁ ଏକ ପୂଜ୍ୟପୂଜା ସମ୍ମାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଆର୍ଯ୍ୟନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ଧ୍ରୁବଚରଣ ସେଠୀ, ସମ୍ମାନିତ ଅତିଥିଭାବେ ସରପଞ୍ଚ ପାର୍ବତୀ ମଲିକ, କମିଟିର ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା, ଶିକ୍ଷାବିତ୍ ବିପିନ ବଳ ଯୋଗଦେଇଥିଲେ। କ୍ରୀଡ଼ା କ୍ଷେତ୍ରରେ ପ୍ରଶିକ୍ଷକ ବିଜୟ କୁମାର ଦାସ, କଳା କ୍ଷେତ୍ରରେ ବର୍ଷିଆନ କଳାକାର ରଘୁନାଥ ବାରିକ, ଶିକ୍ଷା କ୍ଷେତ୍ରରେ ମୁରଲୀଧର ମେମୋରିଆଲ ଶ୍ରେଷ୍ଠ ଛାତ୍ରୀ ଦାମିନୀ ଦାସ, କୃଷି କ୍ଷେତ୍ରରେ ବାସୁଦେବ ବେହୁରିଆ, ସେବା କ୍ଷେତ୍ରରେ ରାଧାଶ୍ୟାମ ସାହୁଙ୍କୁ ପୁଷ୍ପ ଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ବହୁ ଜ୍ଞାନୀ ଗୁଣି ଲୋକ ଉପସ୍ଥିତ ଥିଲେ।



## ପୋଲ ତଳୁ ଗଳିତ ମୃତଦେହ ଉଦ୍ଧାର


**ଯାଜପୁର, ୨୮।୧୦(ସମିସ):** ଯାଜପୁର ଥାନା ବୈଦ୍ୟରାଜପୁର କେନାଲ ପୋଲ ତଳୁ ଏକ ଅଜଣା ଗଳିତ ମୃତଦେହ ଉଦ୍ଧାର ହୋଇଛି। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛି। ସୂଚନା ଅନୁଯାଇ ଆଜି ସକାଳେ ବୈଦ୍ୟରାଜପୁର କେନାଲ ପୋଲତଳୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ଲୋକେ ଯାଜପୁର ଥାନାକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚିବ ମୃତଦେହ କେନାଲ ଭିତରେ ପଡ଼ିଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀରକୁ ଉଦ୍ଧର କରି ପୁଲିସକୁ ହସ୍ତାନ୍ତର କରିବା ସହିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟଚିକିତ୍ସାଳୟକୁ ପଠାଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଥିବା ବେଳେ ମୃତଦେହଟି ୨ଦିନ ତଳର ବୋଲି ଅନୁମାନ କରାଯାଉଛି। ଏ ନେଇ ଯାଜପୁର ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଯାଜପୁର ଜିଲ୍ଲାସ୍ତରୀୟ ବାଳିକା ସମ୍ମିଳନୀ



**ମଙ୍ଗଳା, ୨୮।୧୦(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମୂହର ବାଳିକାମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ବାଳିକା ସମ୍ମିଳନୀ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନାଉପାଳ ଗ୍ରାମରେ ଥିବା ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ରବି ପ୍ରସାଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଜିଲ୍ଲାର ମୁଖ୍ୟ ଆବାହକ କୈଳାସ ଚନ୍ଦ୍ର କୁଅଁର ସଂଯୋଜନା କରିଥିବା ବେଳେ, ସମ୍ପାଦକ ଡ. ଚତୁର୍ଭୁଜ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ବରିଷ୍ଠ ଶିକ୍ଷୟତ୍ରୀ ପଦ୍ମିନୀ ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବାଳିକା ସମ୍ମିଳନୀ ର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ବ୍ରହ୍ମଚର୍ଯ୍ୟ ସମ୍ପର୍କରେ ଧରିତ୍ରୀ ରାଉତ, କୁମୁଦ ସ୍ୱାଇଁ, ସସ୍ମିତା ପୋଥାଳ, ପ୍ରତିଜ୍ଞା ସାହୁ, ହେମଲତା ସାହୁ ଓ ଶ୍ରୀଧର ସାହୁ ପ୍ରଭୃତି ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ କ୍ଷେମେଶ୍ୱର, ନାଉପାଳ, ତାହାରପୁର, ମାତୃ ସଦନ, ବାଛୋଳ, ମୁଣ୍ଡମାଳ, ଡାହାଣୀ ଗଡ଼ିଆ, ନଥିପୁର, ପାଣିକୋଇଲି, କଡମିଆଁ, ତରାପୁର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାନଙ୍କରୁ ମୋଟ୍ ୧୦୭ ଜଣ ବାଳିକା ଏବଂ ପ୍ରାୟ ୧୦୦ ଜଣ ଅପା ଭାଇ ଯୋଗ ଦେଇଥିଲେ। ଅଧ୍ୟକ୍ଷ ସୀତାରାମ ଦାସ, ସୁକାନ୍ତ କୁମାର ରାଉତ, ସୁବ୍ରତ କୁମାର ନାୟକ, ଦୁର୍ଗାଚରଣ ବାରିକ, ଆଶୋକ କୁମାର ମଲ୍ଲିକ, ରଶ୍ମିତା ଦାସ, ସନ୍ଧ୍ୟାରାଣୀ ସାହୁ, ରୋଜାଲିନ ସାହୁ, ସୁଭଦ୍ରା ସାହୁ, ପ୍ରକାଶ କୁମାର ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲା।

## ବୃନ୍ଦାଦେଇପୁରରେ ବେଇଆନ ବାଲିଘାଟ



**କବାଟବନ୍ଧ, ୨୮।୧୦(ସମିସ):** ଧର୍ମଶାଳା ବ୍ଲକର ବିଭିନ୍ନ ଲଘୁ ଖଣିଜ ସମ୍ପଦ ଉତ୍ସରୁ ବେଇଆନ ଲୁଟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜେନାପୁର ଥାନା ଅଞ୍ଚଳରେ ଏହା ବେଧଡ଼କ ହେଉଥିବା ଦେଖିବାକୁ ମିଳୁଛି। ପ୍ରଶାସନର ନିଷ୍କ୍ରିୟତା ପାଇଁ ଏହା ଚରମ ସୀମାରେ ପହଞ୍ଚି ସାରିଲାଣି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବୃନ୍ଦାଦେଇପୁର ବେଆଇନ ବାଲିଘାଟରେ ପ୍ରଶାସନର ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଥିବା ଦୈନିକ ରାତିରେ ଶହ ଶହ ଟ୍ରିପ୍ ବାଲି ଉତ୍ତୋଳନ ଏବଂ ପରିବହନ ଏହାର ସତ୍ୟତାକୁ ପ୍ରମାଣିତ କରୁଛି। ଜେନାପୁର ଥାନାର ମାତ୍ର ୨ କିଲୋମିଟର ଦୂରତା ଏବଂ ପୁଲିସର ମୁଖ୍ୟ ଯିବା ଆସିବା ଜାରକା- କବାଟବନ୍ଧ ନଦୀ ବନ୍ଧ ରାସ୍ତା ଉପରେ ଶହ ଶହ ଟ୍ରିପ ବାଲି ପରିବହନ କରାଯାଉଥିଲେ ମଧ୍ୟ ଏସବୁକୁ ଦେଖି ନ ଦେଖିଲା ଭଳି ଅଭିନୟ କରୁଥିବା ଅନୁଭବ ହେଉଛି। ଦୀର୍ଘ ଦିନ ଧରି ଏହି ବେଆଇନ ଘାଟରୁ ଶହ ଶହ ଟ୍ରିପ ବାଲି ଉତ୍ତୋଳନ ଏବଂ ପରିବହନ କରାଯାଉଥିଲେ ମଧ୍ୟ ପ୍ରଶାସନ ଆଖିରେ ଅନ୍ଧପୁଟୁଳି ବାନ୍ଧି ଦେଇଥିବା ଚର୍ଚ୍ଚା ହେଉଛି। ଦୈନିକ ବିଳମ୍ବିତ ରାତିରେ ଏହି ବାଲି ଘାଟ ଚାଲୁଥିବା ଅଭିଯୋଗ ହେଉଛି। ମାଫିଆମାନେ ବାରମ୍ବାର ତାହାକୁ ନିୟନ୍ତ୍ରଣ କରି ଘାଟ ଚଳାଇବାକୁ ସକ୍ଷମ ହେଉଛନ୍ତି। ବାଲିଚାଲାଣ କରୁଥିବା କୌଣସି ଟ୍ରାକ୍ଟରକୁ ରାତି ୧୧ଟାରୁ ଭୋର ୩ଟା ମଧ୍ୟରେ ପୁଲିସ କିମ୍ବା କୌଣସି ଅଧିକାରୀ ଧରିବେ ନାହିଁ କିମ୍ବା ଜବତ କରିବେ ନାହିଁ ବୋଲି ଏକ ଅଘୋଷିତ ଚୁକ୍ତିନାମା ହୋଇଥିବା ଜଣାପଡ଼ିଛି। ଏହି ସମୟ ମଧ୍ୟରେ କୌଣସି ଗାଡ଼ି ଧରା ପଡ଼ିଲେ ଘାଟ ଚଳାଉଥିବା ମାଫିଆ ସେ କଥା ବୁଝିବେ। ଏହି ସମୟ ପରେ ଗାଡ଼ି ଧରିଲେ ନିଜେ ଦାୟୀ ରହିବେ ବୋଲି ସିଧାସିଧା ଶୁଣାଇ ଦିଆଯାଇଛି। ତେଣୁ ରାତି ୧୧ଟା ପରେ ଉକ୍ତ ନଦୀ ବନ୍ଧ ରାସ୍ତା ଏବଂ ନଦୀ ଭିତରେ ଶହ ଶହ ଟ୍ରାକ୍ଟରଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି। ଉପଜିଲ୍ଲାପାଳ, ତହସିଲଦାର, ଖଣି ଅଧିକାରୀ, ଖଣି ଉପନିର୍ଦ୍ଦେଶକ, ପୁଲିସ ଆଦିଙ୍କୁ ନେଇ ଗଠନ ହୋଇଥିବା ଟାସ୍କଫୋର୍ସ ଏମାନଙ୍କ ପାଖରେ ମଧ୍ୟ ପହଞ୍ଚି ପାରୁନାହିଁ।

### ଯାଜପୁରର ୨ ନିଶା ବେପାରୀ ମଙ୍ଗୁଳିରୁ ଗିରଫ

# ୩୧ ଲକ୍ଷର ବ୍ରାଉନ୍‌ସୁଗର ଜବତ

**କଟକ,୨୮।୭(ସମିସ)**

କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ କଟକ ମଙ୍ଗୁଳି ଛକ ନିକଟରେ ଚଢ଼ଉ କରି ବିପୁଳ ପରିମାଣର ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ୨ଜଣ ନିଶାବେପାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ, ଯାଜପୁର ଜିଲ୍ଲା ବୈରୀ ଥାନା ଅନ୍ତର୍ଗତ ଚମ୍ପାପୁର ଅଞ୍ଚଳର ବାସୁଦେବ ଦାସ (୨୩) ଏବଂ ସରୋଜ କୁମାର ରାଉତ (୨୪)। ସେମାନଙ୍କ ନିକଟରୁ ୨ଟି ମୋବାଇଲ୍ ଫୋନ୍, ଆଧାରକାର୍ଡ ଓ ୩୧୨ ଗ୍ରାମ୍ ବ୍ରାଉନସୁଗର ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୩୧ଲକ୍ଷ ଟଙ୍କା ହେବ ଅବକାରୀ ବିଭାଗ ସୂଚନା ଦେଇଛି।

ମଙ୍ଗୁଳି ଛକ ନିକଟରେ ବ୍ରାଉନସୁଗାର ନେଇ ୨ଜଣ ଯୁବକ ଯାଜପୁର ଆଡ଼କୁ ଯାଉଥିବା ଅବକାରୀ ସ୍କ୍ୱାଡ୍‌କୁ ଖବର ମିଳିଥିଲା। ପୂର୍ବରୁ ଏକ ଅବକାରୀ ସ୍କ୍ୱାଡ୍ ମଙ୍ଗୁଳି ଛକ ନିକଟରେ ଛଦ୍ମବେଶରେ ବୁଲାବୁଲି କରୁଥିଲେ। ସରୋଜ ବ୍ୟାଗ୍‌ରେ ୧୮୦ଗ୍ରାମ୍ ବ୍ରାଉନସୁଗର ରହିଥିଲା। ତାକୁ ମଙ୍ଗୁଳି ଛକରେ ଗିରଫ କରାଯାଇଥିଲା। ହେଲେ ସେଠାରୁ କୌଶଳକ୍ରମେ ଅଭିଯୁକ୍ତ ବାସୁଦେବ ଖସି ଯାଇଥିଲା। ତାକୁ ପିଛା କରି ଅବକାରୀ ବିଭାଗ ସ୍କ୍ୱାଡ୍ ଟାଙ୍ଗୀ ଛକ ନିକଟରେ ପହଞ୍ଚିଥିଲା। ସେଠାରେ ତାକୁ ଅଟକାଇ ଯାଞ୍ଚ କରିବାରୁ ତା'ବ୍ୟାଗ୍‌ରୁ ୧୩୨ଗ୍ରାମ ବ୍ରାଉନସୁଗର ମିଳିଥିଲା। ତେବେ ୨ ଅଭିଯୁକ୍ତ ଗୋଟିଏ ଗାଁର ହୋଇଥିବା ବେଳେ ସେମାନେ ସାଙ୍ଗ ହୋଇ ଆସିଥିଲେ। କିନ୍ତୁ ଫେରିବା ବେଳକୁ ଅଲଗା ହୋଇ ଫେରୁଥିଲେ। ଏ ଖବର ସ୍କ୍ୱାଡ୍ ନିକଟରେ ପହଞ୍ଚିଥିଲା।


ସୂଚନାଯୋଗ୍ୟ ଗତକାଲି ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମର୍କତନଗର ଥାନା ଅନ୍ତର୍ଗତ ଇମାମପଡ଼ା ବସ୍ତି ରାସ୍ତାରୁ ୧୦୪ ଗ୍ରାମ ବ୍ରାଉନସୁଗର ଜବତ କରାଯାଇ ଜଣଙ୍କୁ ଗିରଫ କରାଯାଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ୧୦ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ବିଭାଗ ସୂଚନା ଦେଇଛି। ତେବେ ଗତ ୬ ମାସ ହେବ କଟକ ଓ ଏହାର ଆଖପାଖ ଅଞ୍ଚଳରେ ବ୍ରାଉନସୁଗର କାରବାର ବଢ଼ିଥିବା ବେଳେ ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଚୋରାଚାଲାଣ କରାଯାଉଛି। ଚଢ଼ଉ ଆହୁରି ବ୍ୟାପକ କରିବାକୁ ସାଧାରଣରେ ଦାବୀ ଉଠିଛି।



## ବଦଳିବ ୫ ରାସ୍ତାର ରୂପରେଖ

ବାରିକପୁର/ମଞ୍ଜୁରୀ ରୋଡ, ୨୮।୧୦ (ସମିସ): ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ହସ୍ତକ୍ଷେପରେ ବଦଳିବ ୫ଟି ରାସ୍ତାର ରୂପରେଖ। ମଞ୍ଜୁରୀ ରୋଡ ନିକଟସ୍ଥ ବଳୀପୁର ନମକଣା, ଦେଓପଦାଠାରୁ ମେଘା ତୁଳପଦୀ, ରାଢୋ ରାଉତ ସାହିଠାରୁ କଟିଂ ପୋଲ, ଯଶୋଟିକିରିଠାରୁ ଆଖୁଆପଦା ଓ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଗୁହାଳିଆ ସ୍କୁଲ ରାସ୍ତାଗୁଡିକ ବ୍ଲକ ତଥା ପଞ୍ଚ।।ୟତ ଅଧୀନରେ ଥିବା ବେଳେ ଗତ ୨୦୧୭/୧୮ ମସିହାରେ ଏହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ହାତକୁ ଦେବା ପାଇଁ ଜିଲ୍ଲା ପରିଷଦ କମିଟି ଜରିଆରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସେବେଠାରୁ ଏନେଇ କିଛି ଅଗ୍ରଗତି ହୋଇ ନଥିବା ବେଳେ ବିଧାୟକଙ୍କ ପୁନଃପ୍ରସ୍ତାବ ଯୋଗୁଁ ଚଳିତବର୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାଗୁଡ଼ିକର ନବୀକରଣ କାର୍ଯ୍ୟ ଆରମ୍ଭ କରିବ ବୋଲି ସୂଚନା ମିଳିଛି। ଏହାଛଡା ବିଶୋଳ ଝୁଟଣା, ଜାତୀୟ ରାଜପଥଠାରୁ ନେରଡା, ସରସଦା କୋରି ଗାଁଠାରୁ କୁମ୍ଭାରିଆ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତିକରଣ ମଧ୍ୟ ହେବ ବୋଲି ଜଣାପଡିଛି।

## ରାମଚନ୍ଦ୍ର ପାଲ୍‌ଙ୍କ ପରଲୋକ



ଭଦ୍ରକ, ୨୮ ।୧୦(ସମିସ): ଭଦ୍ରକ ବ୍ଲକ କେଦାରପୁର ପଞ୍ଚାୟତ ଜିତାନଗା ଗାଁ ନିବାସୀ ଧର୍ମପରାୟଣ ବ୍ୟକ୍ତି ରାମଚନ୍ଦ୍ର ପାଲ୍‌ଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ତାଙ୍କ ପରିବାର ପରିଜନ ତଥା ବନ୍ଧୁବାନ୍ଧବ ଓ ନିଜ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ପାଲ୍ ଆଖପାଖ ଅଞ୍ଚଳର ବିଭିନ୍ନ ଧର୍ମାନୁଷ୍ଠାନରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କର ମଧ୍ୟ ଏକ ଧାର୍ମିକ ଅନୁଷ୍ଠାନ ରହିଛି।

## ସ୍ଥାୟୀ ବିଇଓ ନାହାନ୍ତି; ଚାଲିଛି ମନୋମୁଖୀ କାର୍ଯ୍ୟ



ଦୋଲସାହି, ୨୮ ।୧୦(ସମିସ): ପ୍ରଶାସନିକ ଅଙ୍କୁଶ ନାହିଁ। ଫଳରେ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଛନ୍ତି କର୍ମଚାରୀ ଓ ଅଧିକାରୀ। ସୂଚନା ଅନୁସାରେ, ତିହିଡ଼ି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ନିୟୋଜିତ କର୍ମଚାରୀ ମନମୁଖୀ କାର୍ଯ୍ୟରେ ଯୋଗ ଦେଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ତିହିଡ଼ି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଶିକ୍ଷାଧିକାରିଣୀ ସୂର୍ଯ୍ୟଶିଖା ମହାନ୍ତି ୨ଟି ବ୍ଲକର ଦାୟିତ୍ୱରେ ଥିବା ବେଳେ କାର୍ଯ୍ୟାଳୟରେ ଗତ ସୋମବାର ଦିନ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଜଣେ ହେଲେ କର୍ମଚାରୀ ଯୋଗଦାନ କରିଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟାଳୟରେ ନିୟୋଜିତ କର୍ମଚାରୀ ମନମୁଖୀ କାର୍ଯ୍ୟରେ ଯୋଗ ଦେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ଜିଲ୍ଲାପାଳ ତଦନ୍ତ କରିବାକୁ ଦାବି ହୋଇଛି।

## ଭଣ୍ଡାରିପୋଖରୀ ପାରାୟଣ ଉଦ୍‌ଘାଟିତ



ବାରିକପୁର,୨୮ ।୧୦(ସମିସ): ଆଗାମୀ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭଣ୍ଡାରିପୋଖରୀ ଶ୍ରୀରାମ ଦୟା ପରିଷଦ ଆନୁକୂଲ୍ୟରେ ୪୧ତମ ରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ଘଟ ଉତ୍ତୋଳନ ପରେ ଶ୍ରୀକ୍ଷେତ୍ର ଧାମ ସାନଛତା ମଠ ସାଧୁ ତଥା ଧାରକମଣ୍ଡଳୀ ରାମମୋହନ ଦାସଜୀଙ୍କ କରକମଳରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ଦିବ୍ୟ ଅନୁଷ୍ଠାନରେ ପ୍ରତ୍ୟହ ହନୁମାନ ଚାଳିଶା, ଭଜନ କୀର୍ତ୍ତନ ସହ ସନ୍ଧ୍ୟାନରେ ପ୍ରବଚନ ଅନୁଷ୍ଠିତ ହେବ। ପଣ୍ଡିତ ସୁଦର୍ଶନ ତ୍ରିପାଠୀ, ଅଶୋକ କୁମାର ଦାସ, ହୃଦାନନ୍ଦ ସାହୁ, ମନୋହର ଦାସଜୀ ମହାରାଜ ବିଭିନ୍ନ ସନ୍ଧ୍ୟାରେ ଭାଗବତ କଥାମୃତ ବାଣୀ ପ୍ରଦାନ କରବେ। ପୂଜକ ସନ୍ତୋଷ କୁମାର ଦାସଙ୍କ ବୈଦିକ ମନ୍ତ୍ର ପାଠ ଆବାହନରେ ଘଟ ଉତ୍ତୋଳନ ହୋଇଥିବା ବେଳେ ଏଥିରେ କର୍ତ୍ତା ଭାବେ ମୁରଲୀଧର ଦାସ ଦାୟିତ୍ୱ ନିର୍ବାହ କରିଛନ୍ତି। ପରିଷଦର ସମସ୍ତ କର୍ମକର୍ତ୍ତା ଚଳିତ ବର୍ଷ ବୈଦିକ ଉତ୍ସବକୁ ପରିଚାଳନା କରିଛନ୍ତି।

# ସ୍କୁଲ ପରିଚାଳନାରେ ନିର୍ବାହୀ ଅଧ୍ୟକ୍ଷଙ୍କ ମନମାନି ଅଭିଯୋଗ

### ହଟା ନଗଲେ ଗେଟ୍‌ରେ ତାଲା ପକାଇବାକୁ ଚେତାବନୀ



ଦୋବଲ,୨୮।୧୦(ସମିସ)

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦାୟିତ୍ୱ ନିର୍ବାହୀ ଅଧ୍ୟକ୍ଷ ପବିତ୍ର ମୋହନ ମହାନ୍ତିଙ୍କ କାର୍ଯ୍ୟକଳାପକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଖୁବ୍ ଦୁର୍ନୀତି କରୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ବିଦ୍ୟାଳୟକୁ କମ୍ ପିଲା ଆସୁଥିଲେ ବି ଅଧିକ ପିଲା ଆସୁଥିବା ଦର୍ଶାଉଛନ୍ତି। ସେହି ହିସାବରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାଇଁ ସାମଗ୍ରୀ ଦେଉଥିବା ଦେଖାଉଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏବେ ପ୍ରାୟ ୫୦୦ ପିଲା ପଢୁଛନ୍ତି। ସେଥିରୁ ୩୦୦ରୁ ୩୫୦ ନିୟମିତ ଆସୁଥିବାବେଳେ ଅଧ୍ୟକ୍ଷ ୪୫୦ରୁ ଅଧିକ ଆସୁଥିବା ଦେଖାଇ ମଧ୍ୟାହ୍ନ ଭୋଜନ ଟଙ୍କା ହଡ଼ପ କରୁଛନ୍ତି। ଶ୍ରେଣୀ ଶିକ୍ଷକମାନେ ପିଲାଙ୍କ ଆଟେଣ୍ଡାନ୍ସ ପକାଉଛନ୍ତି। ହେଲେ ଆଟେଣ୍ଡାନ୍ସ ରେଜିଷ୍ଟରରେ ଅନୁପସ୍ଥିତି ପକାଉନାହାନ୍ତି। ସେମାନେ ଆଣି ଅଧ୍ୟକ୍ଷଙ୍କୁ ରେଜିଷ୍ଟର ଦେଉଛନ୍ତି। ଅଧ୍ୟକ୍ଷ ନିଜ ହିସାବରେ ଅନୁପସ୍ଥିତି ପକାଉଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ାରେ ପାରଙ୍ଗମ। ପୂର୍ବରୁ ଖୋ-ଖୋ, କବାଡ଼ି, କ୍ରିକେଟ, ଭଲି ବଲ୍, ରଗବୀ ଭଳି ଖେଳରେ ଜାତୀୟସ୍ତର ଯାଏ ଖେଳିବାକୁ ଯାଇଛନ୍ତି। ଅନେକ ବାର ଖୋ-ଖୋ ଓ ରଗବୀରେ ପଦକ ବିଜୟୀ ମଧ୍ୟ ହୋଇଛନ୍ତି। ଏପରିକି ପ୍ରତିବର୍ଷ ଜିଲ୍ଲା ଖୋ-ଖୋ ଟିମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତିନିଧିତ୍ୱ କରନ୍ତି। ହେଲେ ଗତ ତିନିବର୍ଷ ହେଲା ତାହା ଆଉ ହେଉନାହିଁ। କାରଣ, ପିଲା ପଦାକୁ ଖେଳିବାକୁ ଯିବା ପାଇଁ ଅଧ୍ୟକ୍ଷ ଟଙ୍କା ଦେଉନାହାନ୍ତି। ଏପରିକି କ୍ରୀଡ଼ା ଉପକରଣ, ଫିଲ୍ଡ ପ୍ରସ୍ତୁତ ପାଇଁ ବି ଟଙ୍କା ଦେଉନାହାନ୍ତି ବୋଲି ଖେଳ ଶିକ୍ଷକ ଦୋଳଗୋବିନ୍ଦ ବେହେରା କହିଛନ୍ତି।

ପ୍ରୋତ୍ସାହନ ମିଳୁ ନଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଜ୍ଞାନ ମେଳାରେ ମଧ୍ୟ ସାମିଲ ହେଉନାହାନ୍ତି। ଯଦି କେହି ବି ଯାଉଛନ୍ତି ନିଜ ଖର୍ଚ୍ଚରେ ଯାଉଥିବା କହିଛନ୍ତି ବିଜ୍ଞାନ ଶିକ୍ଷକ ରକ୍ଷାକର ତରାଇ। ଏ ସବୁ ବାବଦରେ ବିଦ୍ୟାଳୟକୁ ଯଥେଷ୍ଟ ଅନୁଦାନ ଆସୁଛି। କଣ୍ଟିଜେନ୍ସି ଫଣ୍ଡରେ ୧ ଲକ୍ଷ ଟଙ୍କା, ସ୍ପୋର୍ଟସ ପାଇଁ ୨୫୦୦୦, ଇକୋ କ୍ଲବ ପାଇଁ ୨୫୦୦୦, ଆମ ସଂସ୍କୃତି ଓ ଆମ ଖେଳଣା ପାଇଁ ୨୦୦୦୦, ସାଇନ୍ସ କ୍ଲବ ବାବଦରେ ୧୦୦୦୦, ବର୍ଷକୁ ବର୍ଷ ପିଲାଙ୍କଠାରୁ ୩୫୦ ଟଙ୍କା ଆଦାୟ ହେଉଛି। ଅନ୍ୟାନ୍ୟ ସୂତ୍ରରୁ ୫୦୦୦୦ ଟଙ୍କା ଆସୁଛି। ଉଚ୍ଚମାଧ୍ୟମକ ବିଦ୍ୟାଳୟର ଜମି, ହାଟ ଆଦି ନିଲାମରୁ ବର୍ଷକୁ ୨୦୦୦୦ ଟଙ୍କା ଆସୁଛି। ଏସବୁକୁ ଦେଖିଲେ ବିଦ୍ୟାଳୟକୁ ବର୍ଷକୁ ୩ ଲକ୍ଷରୁ ଅଧିକ ଟଙ୍କା ମିଳୁଛି। ତା'ସତ୍ତ୍ୱେ ପିଲାଙ୍କୁ ପ୍ରୋତ୍ସାହନ ଦିଆଯାଉ ନଥିବାରୁ ସେମାନେ ଖେଳିବାକୁ ଯାଇ ପାରୁନାହାନ୍ତି। ଅପରପକ୍ଷରେ ଏସବୁ ଟଙ୍କା କେଉଁ ବାଟେ ଖର୍ଚ୍ଚ ହେଉଛି, ସେନେଇ କାହାକୁ ହିସାବ ଦିଆଯାଉ ନଥିବା କହିଛନ୍ତି ଶିକ୍ଷୟିତ୍ରୀ ରେଣୁବାଳା ସାହୁ। ପୂର୍ବରୁ ପବିତ୍ର ମୋହନ ମହାନ୍ତି ହିନ୍ଦୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ପ୍ରାୟ ୪ ବର୍ଷ ତଳେ ତତ୍କାଳୀନ ପ୍ରଧାନଶିକ୍ଷକଙ୍କ ଅବସର ପରେ ସେ ଏଠାରେ ଦାୟିତ୍ୱ ନିର୍ବାହୀ ପ୍ରଧାନଶିକ୍ଷକ ହୋଇଥିଲେ। ଚଳିତ ବର୍ଷ ଜୁଲାଇରେ ବିଦ୍ୟାଳୟଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ବା ଯୁକ୍ତ ଦୁଇ କଲେଜର ମାନ୍ୟତା ପାଇଥିଲା। ଏହାପରେ ପବିତ୍ର ମହାନ୍ତିଙ୍କୁ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀ ଦାୟିତ୍ୱ ନିର୍ବାହୀ ଅଧ୍ୟକ୍ଷ ଭାବେ କ୍ଷମତା ଅର୍ପଣ କରିଛନ୍ତି। ଏଭଳି ଜଣେ ଦୁର୍ନୀତିଖୋର ବ୍ୟକ୍ତିଙ୍କୁ ଅପସାରଣ କରିବା ଲାଗି ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସଙ୍କ ନେତୃତ୍ୱରେ ଅଭିଭାବକ ଓ ବୁଦ୍ଧିଜୀବୀମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ। ଏହାପରେ ଧାମନଗର ବିଇଓ ପ୍ରଫୁଲ୍ଲ ସାହୁ ଆସି ତଦନ୍ତ କରିଥିଲେ। ହେଲେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସପ୍ତାହେ ମଧ୍ୟରେ ତାଙ୍କୁ ଦାୟିତ୍ୱର ହଟା ନଗଲେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତାଲା ପଡ଼ିବ ବୋଲି ବିଜୟ କୁମାର ଦାସ କହିଛନ୍ତି। ଅପରପକ୍ଷରେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଅଧ୍ୟକ୍ଷ ପବିତ୍ର ମହାନ୍ତି। ବିଦ୍ୟାଳୟରେ କୌଣସି ପ୍ରକାର ଦୁର୍ନୀତି ହୋଇ ନଥିବା ସେ କହିଛନ୍ତି।

## ଖରିଫ୍ ଧାନକୁ 'ମୋନ୍ଥା' ଭୟ

ବାରିକପୁର/ଅସୁରାଳି, ୨୮ ।୧୦(ସମିସ): ପ୍ରାକୃତିକ ଦୁର୍ବିପାକରେ ଓଡ଼ିଶାର ଚାଷୀମାନେ ସଦାସର୍ବଦା ପେସି ହେଉଛନ୍ତି। କେତେବେଳେ ଅଦିନିଆ ବର୍ଷା ତ ପୁଣି କେତେବେଳେ ବାତ୍ୟା ଯୋଗୁଁ ଚାଷ କ୍ଷତିଗ୍ରସ୍ତ ହେଉଛି। ସଂପ୍ରତି ମୋନ୍ଥାଜନିତ ଲଘୁଚାପ ଜନିତ ବର୍ଷା ଓ ପବନ ଖରିଫ୍ ଧାନ ଚାଷକୁ ବିପଦ ରୂପେ ଉଭା ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ୨୩ଟି ପଞ୍ଚ।।ୟତ ଅଞ୍ଚଳରେ ହୋଇଥିବା ଧାନ ଚାଷ ପ୍ରଭାବିତ ହେବ ବୋଲି ଜଣାପଡିଛି। ଗତ ସୋମବାରଠାରୁ ବ୍ଲକ ଅଞ୍ଚଳରେ ତୁହାକୁ ତୁହା





ବର୍ଷା ଓ ହାଲୁକା ପବନ ଆରମ୍ଭ ହୋଇଛି। ଏହାର ପ୍ରଭାବରେ ଥୋଡ ଧାନ ଓ ଆହର ସଂଗ୍ରହ କରୁଥିବା କ୍ଷେତ କିଛି ପରିମାଣରେ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ କହିଛନ୍ତି। ଏବେ ସୁଦ୍ଧା କେତେକ ଚାଷ ଜମିରେ ଧାନ ଗଛ ଶୋଇ ଯାଇଥିବା ଦେଖା ଯାଇଛି। ଏଥିପାଇଁ ଧାନ ଗଛ ଆହାର ସଂଗ୍ରହ କରିବା ପାଇଁ ସମସ୍ୟା ଦେଖା ଦେଇଛି। ଅନ୍ୟ କେତେକ ଜମିରେ ଧାନ ଫୁଲ ଉଡାଉଥିବା ବେଳେ ଅଦିନିଆ ବର୍ଷା ମଧ୍ୟ ଏହା ଉପରେ ଦାଉ ସାଧୁଛି। ବର୍ଷା ଓ ପବନ ଆହୁରି ବାକି ରହିଥିବା ବେଳେ ଖରିଫ୍ ଧାନ ଚାଷ ଏହାଦ୍ୱାରା ବିଶେଷ ପ୍ରଭାବିତ ହେବବୋଲି ବିଭିନ୍ନ ଅଞ୍ଚଳର କୃଷକମାନେ ପ୍ରକାଶ କରିଛନ୍ତି। ସେହିପରି ଦୁଇ ଦିନ ହେଉଥିବା ଅତିବୃଷ୍ଟି ଓ ମୋନ୍ଥା ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ଦିନ ମଜୁରିଆ, ଶ୍ରମିକ, ରାସ୍ତା ପାଖରେ ଦୋକାନ ଚାଲାଉଥିବା ପରିବା ବ୍ୟବସାୟୀମାନେ ବିଶେଷ୍ ଭାବେ ପ୍ରଭାବିତ ହୋଇଛନ୍ତି। ବର୍ଷା ଦ୍ୱାରା ତାଙ୍କର ଜୀବିକା ଅନେକ ଅଂଶରେ ବାଧାପ୍ରାପ୍ତ ହୋଇଛି। ମଜୁରିଆମାନେ କାମକୁ ଯିବା ଅସମ୍ଭବ ହେବାରୁ ଚୁଲି ଜଳିବା ମୁସ୍କିଲ ହୋଇଛି। ଅବିରତ ବର୍ଷା ଯୋଗୁଁ ରାସ୍ତା ଓ ଗଳି ଜଳରେ ଭରିଯାଇଥିବାରୁ ଶ୍ରମିକ ମାନେ ନିର୍ମାଣ କାମ, ଗାଡି ଚାଳନା ଓ ଅନ୍ୟାନ୍ୟ ଦିନ ମଜୁରି କାମରୁ ବଞ୍ଚିତ ହେଉଛନ୍ତି। ପରିବା ଦୋକାନୀମାନେ ଦୋକାନ ଖୋଲିପାରୁନାହାନ୍ତି, ବିକ୍ରି ହ୍ରାସ ପାଇଛି, ତାଙ୍କର ଦୈନିକ ଆୟ ଅନେକ ଅଂଶରେ କମିଯାଇଛି। ଗୋବିନ୍ଦପୁର, ଅସୁରାଳି, କାକୁଡି ଗଡିଆ, ଉଚ୍ଚପଦା, ଫତେପୁର, କଟ ସାହି, ବେତାଳି ଗାଁ ଓ ଅନ୍ୟାନ୍ୟ ଅଞ୍ଚଳରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ଗାଁର ରାସ୍ତା, ଖେତ ଜଳରେ ପୂର୍ଣ୍ଣ ହୋଇଯାଇଥିବା ଦେଖାଯାଉଛି। ଅମଳ ସମୟ ହୋଇଥିବାରୁ ଲଗାଣ ବର୍ଷା ଯୋଗୁଁ ଚାଷୀମାନେ ଚାଷ ନଷ୍ଟ ହେବା ଆଶଙ୍କାରେ ଅତି ଚିନ୍ତିତ ଅଛନ୍ତି। ଏହି ବର୍ଷର କାଳୀ ପୂଜା ମଧ୍ୟ ମୋନ୍ଥାର ପ୍ରଭାବରେ ଫିକା ପଡ଼ିଯାଇଛି। ବର୍ଷା ଓ ଅସୁବିଧା ଦ୍ୱାରା ଅନେକ ଅଞ୍ଚଳରେ ପୂଜା ପାଳନ ଅଧୁରା ରହିଯାଇଛି, ଲୋକମାନେ ମନ ଭାରି କରି ଘରେ ବସି ରହିଛନ୍ତି।

## ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣା ପଣ୍ଡାଙ୍କୁ ଅନ୍ତର୍ଜାତୀୟ କଳା ସମ୍ମାନ



ଅସୁରାଳି, ୨୮ ।୧୦(ସମିସ): ଅନ୍ତର୍ଜାତୀୟ କଳା ଦିବସ ଅବସରରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ କଟସାହି ବଉଳନାଳି ଶାସନର ସୁନାମଧନ୍ୟା ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣା ପଣ୍ଡାଙ୍କୁ ଏକ ଅଭୂତପୂର୍ବ ଗୌରବ ମିଳିଛି। ଶାନ୍ତି ଫାଉଣ୍ଡେସନ, ଗୋଣ୍ଡା (ଉତରପ୍ରଦେଶ) ତରଫରୁ ତାଙ୍କୁ "ଅନ୍ତର୍ଜାତୀୟ କଳା ସମ୍ମାନ ୨୦୨୫' ପ୍ରଦାନ କରାଯାଇଛି, ଯାହା ତାଙ୍କ ଦୀର୍ଘ ଶିଳ୍ପ ଯାତ୍ରା ଓ ନିରନ୍ତର ସୃଜନଶୀଳତା ପାଇଁ ଏକ ମାନ୍ୟତା। ଏହି ଅବସରରେ ସାଗର କଳା ଭବନ, ଅଯୋଧ୍ୟା ତରଫରୁ ମଧ୍ୟ ତାଙ୍କୁ ଶୁଭେଚ୍ଛା ସହ ସମ୍ମାନିତ କରାଯାଇଛି, ଯେଉଁଥିରେ ତାଙ୍କ ଶିଳ୍ପ ଦକ୍ଷତା ଓ ମାନବିକ ଅନୁଭୂତିର ଅନ୍ତର୍ନିହିତ ଅଭିବ୍ୟକ୍ତିକୁ ସ୍ୱୀକୃତି ମିଳିଛି। ଏହି ସମ୍ମାନ ଶୃଙ୍ଖଳାକୁ ଆଉ ଏକ ମାନ୍ୟତା ଦେଇ କଳାରତ୍ନମ ଫାଉଣ୍ଡେସନ ଅଫ ଆର୍ଟ ସୋସାଇଟି ଇଣ୍ଟରନେସନାଲ ତରଫରୁ ଆୟୋଜିତ ଗ୍ରୁପ ଆର୍ଟ ଶିବିର ଅବସରରେ ତାଙ୍କୁ "ଆର୍ଟିଷ୍ଟ ଅଫ ଦ ଇଅର' ସମ୍ମାନ ଦିଆଯାଇଛି। ତାଙ୍କର ଏହି କ୍ରମାଗତ ସଫଳତା ଏବଂ ଶିଳ୍ପ ନିଷ୍ଠା ପାଇଁ ଅନେକ ମହଲରୁ ଶୁଭେଚ୍ଛାର ବର୍ଷା ହେଉଛି। ଗ୍ରାମୀଣ ଭୂମିକୁ ଆଧାର କରି ତାଙ୍କ ଶିଳ୍ପରେ ଜୀବନ ଓ ସଂସ୍କୃତିର ଅନୁଭୂତି ଯେପରି ଅନ୍ତର୍ନିହିତ ଅଛି, ତାହା ଅନ୍ତର୍ଜାତୀୟ ମଞ୍ଚରେ ମଧ୍ୟ ଗୌରବ ଓ ଗମ୍ଭୀରତା ସହ ପ୍ରତିଷ୍ଠିତ ହେଉଛି। କ୍ରିତିକ୍ରିଷ୍ଣା ପଣ୍ଡାଙ୍କ ଶିଳ୍ପ ଯାତ୍ରା ଗ୍ରାମ ମାଟିରୁ ଆରମ୍ଭ ହୋଇ ଆନ୍ତର୍ଜାତୀୟ ମଞ୍ଚ ପର୍ଯ୍ୟନ୍ତ ପହଞ୍ଚିଛି; ଯାହାକି ଅନ୍ୟମାନଙ୍କ ପାଇଁ ଏକ ଅନୁପ୍ରେରଣା ଓ ଗର୍ବର ବାର୍ତ୍ତା ନେଇ ମଧ୍ୟ ପହଞ୍ଚିପାରିଛି।

## ଯାତ୍ରା କଳାକାରଙ୍କ ହାତରୁ ଖଣ୍ଡା ଖସି ନାବାଳକ ଆହତ



ଭଦ୍ରକ,୨୮ ।୧୦(ସମିସ): ମଞ୍ଚରୁ କଳାକାର ହାତରୁ ଖଣ୍ଡା ଆସି ଆଘାତ କଲା ନାବାଳକ ମୁଣ୍ଡରେ। ସମ୍ପୃକ୍ତ ନାବାଳକ ଜଣକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ତାଙ୍କ ମୁଣ୍ଡରେ ପଡ଼ିଛି ୮ଟି ଷ୍ଟିଚ୍। ଘଟଣାସ୍ଥଳରେ ଏନେଇ ଉତ୍ତେଜନା ପ୍ରକାଶ ପାଇଛି। ଯାତ୍ରା ପାର୍ଟି କ୍ଷମା ପ୍ରାର୍ଥନା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି। ସୂଚନା ଅନୁସାରେ, ଭଦ୍ରକ ଜିଲ୍ଲା ଚାନ୍ଦବାଲି କାଳୀ ପଡ଼ିଆରେ ତୁଳସୀ ଗଣନାଟ୍ୟ ଯାତ୍ରା ଚାଲିଥିବା ବେଳେ ମଞ୍ଚରେ ଏକ ପୌରାଣିକ ଦୃଶ୍ୟରେ ଅଭିନୟ କରୁଥିବା କଳାକାର ହାତରୁ ଲୁହାର ଖଣ୍ଡା ବାହାରି ଆସି ଯାତ୍ରା ଦେଖୁଥିବା ଜଣେ ୮ ବର୍ଷର ବାଳକ ମୁଣ୍ଡରେ ପଶି ଯାଇଥିଲା। ତୁରନ୍ତ ତାଙ୍କ ମାଆ ଓ ଅନ୍ୟମାନେ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତରଖାନାରେ ବାଳକକୁ ଭର୍ତ୍ତି କରିବା ପରେ ଏ ସମ୍ପର୍କରେ ପରିବାର ଲୋକ ଥାନାକୁ ଯାଇଥିଲେ। ଯାତ୍ରା ପାର୍ଟି ତରଫରୁ କ୍ଷମା ପ୍ରାର୍ଥନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଆହତ ନାବାଳକର ଘର ସ୍ଥାନୀୟ ବିନତରାର ଗାଁରେ। ତାଙ୍କ ମାଆ ଅଭିଯୋଗ ମୁତାବକ, ଯାତ୍ରାରେ ଅଭିନୟ କରୁଥିବା କଳାକାର କାହିଁକି ସତସତିକା ଲୁହାର ଖଣ୍ଡା ବ୍ୟବହାର କରୁଛନ୍ତି। ଆଜି ତାଙ୍କ ପୁଅ ଅଳ୍ପକେ ବଞ୍ଚିଗଲା। ଯଦି ଆଖି କି ଆଉ କେଉଁଠି ବାଜିଥାନ୍ତା, ପୁଅର ଅବସ୍ଥା କ'ଣ ହେଇଥାଆନ୍ତା ବୋଲି ମହିଳା ଜଣକ ପ୍ରଶ୍ନ କରିଛନ୍ତି। ତୁରନ୍ତ ପ୍ରଶାସନ ଏହା ଉପରେ ବିଚାର କରିବା ଆବଶ୍ୟକ ଅଛି।

## ଧୂଷୁରୀ ବଜାରରେ ରାସ୍ତାକଡ଼ରେ ବସୁଛି ହାଟ | ଜନଜୀବନ ଅସ୍ତବ୍ୟସ୍ତ, ପ୍ରଶାସନ ନିରବ

### କେବେ ହେବ ଜବରଦଖଲ ଉଚ୍ଛେଦ



ଅସୁରାଳି, ୨୮।୧୦(ସମିସ)

ଧାମନଗର ବ୍ଲକ୍ ଅନ୍ତର୍ଗତ ବ୍ୟସ୍ତବହୁଳ ତଥା ଜନଗହଳିପୂର୍ଣ୍ଣ ଧୂଷୁରୀ ବଜାର ପାଇଁ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଧୂଷୁରୀ ନିକଟବର୍ତ୍ତୀ ପ୍ରାୟ ୨୦ଟି ଗ୍ରାମ, ତିହିଡ଼ି ବ୍ଲକ୍ ଓ ଯାଜପୁର ଜିଲ୍ଲାର ସୀମାନ୍ତ ଗ୍ରାମଗୁଡ଼ିକ ପାଇଁ ଏହା ଜୀବନ ଧାରା ସଦୃଶ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ପନିପରିବା ଓ ଚାଷ ଉପକରଣ ପାଇଁ ଏହି ବଜାର ଉପରେ ନିର୍ଭର କରୁଥିବା ଲୋକମାନେ ବର୍ତ୍ତମାନ ଅନିୟନ୍ତ୍ରିତ ଭିଡ଼ ଓ ଟ୍ରାଫିକ ଜନିତ ଅସୁବିଧାରେ ହଇରାଣ ହେଉଛନ୍ତି। ମୁଖ୍ୟରାସ୍ତାରେ ବସୁଥିବା ହାଟ ଦୁର୍ଘଟଣା ଓ ଅସ୍ୱାସ୍ଥ୍ୟକର ପରିବେଶ ରୂପେ ରୂପାନ୍ତରିତ ହୋଇଛି। ବଜାର ମଝିରେ ବସୁଥିବା ସାପ୍ତାହିକ ହାଟ ଦ୍ୱାରା ରାସ୍ତା ସଂକୀର୍ଣ୍ଣ ହୋଇ ଦିନକୁ ଦିନ ଦୁର୍ଘଟଣା ଘଟୁଛି। ପରିବା ବ୍ୟବସାୟୀ ଓ ଉଠା ଦୋକାନୀମାନେ ରାସ୍ତା ଉପରେ ବସିବା ଯୋଗୁଁ ଯାତ୍ରୀ ଓ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଅସୁବିଧାରେ ପଡ଼ୁଛନ୍ତି। ଧୂଷୁରୀ ବସ୍‌ଷ୍ଟପଠାରୁ ହାଇସ୍କୁଲ ଛକ ପର୍ଯ୍ୟନ୍ତ ମାତ୍ର ୩୦୦ ମିଟର ରାସ୍ତା ଯାତ୍ରା ପାଇଁ ବସ୍ ଓ ଅନ୍ୟାନ୍ୟ ଯାନଗୁଡ଼ିକୁ ୨୦–୩୦ ମିନିଟ ସମୟ ଲାଗୁଛି। ଏହାଦ୍ୱାରା ଦୈନିକ ଯାତ୍ରୀ, ବିଦ୍ୟାର୍ଥୀ ଓ ବଜାର ଗ୍ରାହକମାନେ ଅତ୍ୟନ୍ତ ହନ୍ତସନ୍ତ ହେଉଛନ୍ତି। ପ୍ରାୟ ୧୫ ବର୍ଷ ପୂର୍ବରୁ ତତ୍କାଳୀନ ସରପଞ୍ଚ ହାଟକୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ପରେ ଅଜଣା ନିର୍ଦ୍ଦେଶରେ ରାସ୍ତାକଡ଼ରେ ହାଟ ଆରମ୍ଭ ହେଲା। ଏହି ଅନିୟନ୍ତ୍ରିତ ବ୍ୟବସ୍ଥା ନେଇ ଗ୍ରାମବାସୀ ମାନେ ପ୍ରଶ୍ନ ଉଠାଇଛନ୍ତି। ଏହି ଅବସରରେ ଗ୍ରାମ ବାସୀମାନେ ଦାବି କରିଛନ୍ତି ଯେ ସାପ୍ତାହିକ ପରିବା ହାଟକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ସ୍ଥାନାନ୍ତର କରାଯାଉ, ଜବରଦଖଲ ଦୋକାନ ହଟାଇ ରାସ୍ତାକୁ ସ୍ୱଚ୍ଛ ଓ ନିରାପଦ କରାଯାଉ, ପୁଲିସ ଓ ପ୍ରଶାସନ ଦ୍ୱାରା ନିୟମିତ ନିରୀକ୍ଷଣ ଓ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରାଯାଉ। ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ ନ କଲେ ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବାତ୍ୟା ପ୍ରଭାବରେ ଜନଶୂନ୍ୟ ବାସୁଦେବପୁର କାଳୀପୂଜା



ବାସୁଦେବପୁର,୨୮ ।୧୦(ସମିସ): ନିରବୀ ଯାଇଛି ରାସ୍ତାର କୋଳାହଳ। ଖାଁ ଖାଁ ଲାଗୁଛି ରାସ୍ତାଘାଟ। ବନ୍ଦ ହୋଇ ପଡିଛି ଅସ୍ଥାୟୀ ଦୋକାନ ବଜାର। ଟେଣ୍ଟ ଭିତରେ ଶୋଇ ତୁହାକୁ ତୁହା ବର୍ଷା ପରିମାଣ ନିରୀକ୍ଷଣ କରୁଛନ୍ତି ଦୋଳିର କର୍ମଚାରୀ। ବାସୁଦେବପୁରର ପ୍ରସିଦ୍ଧ କାଳୀପୂଜାକୁ ଅଜାଡି ଦେଲା ବାତ୍ୟାର ପ୍ରଭାବ। ବର୍ତ୍ତମାନ ଲଘୁଚାପଜନିତ ବର୍ଷା ଉତ୍ସବର ମାହୋଲକୁ ଧୂଳିସାତ କରି ଦେଇଛି। ସନ୍ଧ୍ୟା ହେଲେ ରଙ୍ଗିନ ଆଲୋକ ମାଳମାଳାରେ ପିଲାଛୁଆଙ୍କୁ ଧରି ଠାକୁର ଦେଖିବାର ଦୃଶ୍ୟ ଆଜି ଦେଖା ଯାଉନାହିଁ। ଦୁଇ ତିନିଦିନ ତଳେ ରାସ୍ତାର ଯିବା ବେଳକୁ କଡ଼ ଫେରାଇ ହୋଇ ନଥିଲା। ଆଜି ସେହି ରାସ୍ତା ଜନଶୂନ୍ୟ ହୋଇ ପଡିଛି। ସନ୍ଧ୍ୟା ହେଲେ ଖାଇବା ପ୍ରସ୍ତୁତ କରି ଦୋସା, ଚାଓମିନ, ଏଗରୋଲ, ଚାଟ, ଗୁପ୍ ଚୁପ୍, ଚିକେନ ପକଡା,ଚିଲି ଚିକେନ, ଚିକେନ ତନ୍ଦୁରୀ, ଆଇସକ୍ରିମ, ପଟାଟୁ ମୋଡା ଆଦି ଭଳିକି ଭଳି ଦୋକାନୀ ଅନାଇ ରହିଥାନ୍ତି। ଆଠ ଦଶ ଦିନ ବେପାର କରିବେ। ସେଥିନେଇ ଆଗୁଆ ଜାଗା ହଜାର ହଜାର ଟଙ୍କାର ବୁକିଂଙ୍ଗ୍ କରିଥାନ୍ତି। ଆଜି ସକାଳଠାରୁ ବର୍ଷା ଘଡଘଡି ଶବ୍ଦରେ ମୁଖରିତ ପରିବେଶ। ବାହାରକୁ ଯିବା ପରିବର୍ତ୍ତେ କେମିତି ବାତ୍ୟା ଲ୍ୟାଣ୍ଡ କରି କେତେବେଳେ ଦୁର୍ବଳ ହେବ। ହେଲେ ଆନନ୍ଦ ଅନୁଭବ କରୁଛନ୍ତି ଅପେରା କଳାକାର। ରାତ୍ରିର ଅନ୍ଧକାର ମଧ୍ୟରେ ଉଜ୍ଜ୍ୱଳ ଆଲୋକରେ ଦର୍ଶକମାନଙ୍କ ମନ ମୁଗ୍ଧ କରିବାକୁ ହସ କାନ୍ଦ ମଧ୍ୟରେ ବାନ୍ଧି ରଖନ୍ତି କଳାକାରମାନେ। ବାତ୍ୟାର ଆଗମନ କାହା ପାଇଁ ପୁଷ ମାସ ତ ଆଉ କାହା ପାଇଁ ସର୍ବନାଶ। ପୁଣି ପାଗ ଲେଉଟିଲେ ଉତ୍ସବର ମାହାଲ ଜମିଉଠିବ।

୨୮/୧୦/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୨୨,୦୫୨/- ସୁନା: ୦୧.୯୩୦ ଗ୍ରାମ୍ ରୁପା: ୨୩.୫୫୦ ଗ୍ରାମ୍





## 'ଯୁବ ସମାଜ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନି'

ପୁରୀ,୨୮।୧୦(ସମିସ): ପୁରୀ ସହରର ଅନ୍ୟତମ ବୌଦ୍ଧିକ ଅନୁଷ୍ଠାନ ପ୍ରଗତିଶୀଳ ପାଠଚକ୍ରର ଏକଶତ ବାର ଅଧିବେଶନ ସ୍ଥାନୀୟ ଓଡ଼ିଶା ସଙ୍ଗୀତ ପରିଷଦଠାରେ ଦେବୀ ପ୍ରସନ୍ନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚ୍ୟ ବିଷୟ 'ସମସ୍ତଙ୍କ ପାଇଁ ନିଯୁକ୍ତି, ସମସ୍ୟା ଓ ସମ୍ଭାବନା' ଶୀର୍ଷକ ବିଷୟବସ୍ତୁରେ ମୁଖ୍ୟ ଆଲୋଚକ ଭାବେ ସୁରେନ୍ଦ୍ର ତପସ୍ୱୀ ନିଜ ବକ୍ତବ୍ୟରେ କହିଲେ ଯେ ଦେଶ ଜନସଂଖ୍ୟାର ୪୦ ପ୍ରତିଶତ ଯୁବବର୍ଗ ହୋଇଥିବାବେଳେ ଏହା ରାଷ୍ଟ୍ର ଗଠନରେ ଗୁରୁଦାୟିତ୍ୱ ତୁଲାଇବା ପରିବର୍ତ୍ତେ ଏକ ବୋଝ ହୋଇଛି। ଏହାର କାରଣ ଯୁବସମାଜ ପାଇଁ ନୂଆ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ। ସରକାରୀ ବିପଥଗାମୀ ନୀତି ଓ ନିଷ୍ପତ୍ତି ଯୋଗୁଁ ଦେଶ ସମ୍ପଦର ୭୦ ପ୍ରତିଶତ ଏକ ଭାଗ ଲୋକଙ୍କ ପାଖରେ ଗଚ୍ଛିତ ହୋଇଥିବାବେଳେ ସାଧାରଣ ଲୋକ ଦିନକୁ ଦିନ ଅଧିକ ଦରିଦ୍ର ହେଉଛନ୍ତି। ଏଭଳି ଏକ ସଙ୍କଟମୟ ପରିସ୍ଥିତିରେ ସମ୍ପଦର ସାମାଜିକୀକରଣ ବିନା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅସମ୍ଭବ। ତ୍ୱରିତ ପଦକ୍ଷେପ ଭାବେ ସରକାର ଅତି ଧନୀ ଲୋକ ନିକଟରେ ଗଚ୍ଛିତ ସମ୍ପଦ ଉପରେ ସମ୍ପତ୍ତି କର ବସାଇ ପ୍ରତ୍ୟେକ ବେରୋଜଗାରୀଙ୍କ ପାଇଁ ଏକ ମାସିକ ମୌଳିକ ଆୟ ପ୍ରଚଳନ କରିବା ଆବଶ୍ୟକ। ଏତଦ୍‌ବ୍ୟତୀତ ଜମି, ଜଳ, ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦଗୁଡ଼ିକୁ କର୍ପୋରେଟ୍ ହାତକୁ ଟେକି ନ ଦେଇ ଭବିଷ୍ୟତ ପୀଢ଼ି ପାଇଁ ସୁରକ୍ଷା ନିମନ୍ତେ ଜନସହଭାଗିତା ଭିତ୍ତିରେ ଏକ "ପ୍ରାକୃତିକ ସମ୍ପଦ ଆୟୋଗ' ଗଠନ ପାଇଁ ପଦକ୍ଷେପ ନେବା ଦରକାର। ଜନଗଣଙ୍କ ଦୈନନ୍ଦିନ ଚାହିଦା ପୂରଣ ପାଇଁ ଉତ୍ପାଦଗୁଡ଼ିକୁ କର୍ପୋରେଟ୍ ହାତକୁ ଟେକି ଦିଆ ନ ଯିବା ଆବଶ୍ୟକ। ଏ ସମସ୍ତ ବିଷୟକୁ ଗୁରୁତ୍ୱ ଦିଆଗଲେ ନୂଆ ନୂଆ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ଏହି ଆଲୋଚନାଚକ୍ରରେ ସର୍ବଶ୍ରୀ ଶ୍ରୀକାନ୍ତ ମହାନ୍ତି, ଶୁଭଶ୍ରୀ ଦାସ, ଦେବଦତ୍ତ ବିଶ୍ୱରଞ୍ଜନ, ଅଧ୍ୟାପକ ନିରଞ୍ଜନ ମହାରଣା, ଶଙ୍କର ସାହୁ, ଜିତେନ୍ଦ୍ର ସାହୁ, ଈଶ୍ୱର ସାହୁ, ସୀତାକାନ୍ତ ମହାନ୍ତି, ଲୋକନାଥ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅମୂଲ୍ୟ ପ୍ରସାଦ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ପୁରୀରେ 'ମୋନ୍ଥା' ଭୟ

# ନାହାନ୍ତି ପର୍ଯ୍ୟଟକ; ବେଳାଭୂମି ଖାଁ ଖାଁ





ପୁରୀ,୨୮।୧୦(ସମିସ)

ଏକାଧିକ ବାତ୍ୟାର ବିଭୀଷିକା ଅଙ୍ଗେ ନିଭାଇଛନ୍ତି ପୁରୀବାସୀ। ୧୯୯୯ ମହାବାତ୍ୟା ହେଉ କି ୨୦୧୯ର ଫନୀ ପୁରୀ ଜିଲ୍ଲାରେ ପ୍ରଳୟ ରଚିଥିଲା। ଏତଦ୍‌ବ୍ୟତୀତ ଗତ ୨୬ ବର୍ଷ ମଧ୍ୟରେ ଆହୁରି ଏକାଧିକ ବାତ୍ୟା ପୁରୀ ଜିଲ୍ଲାକୁ ପ୍ରଭାବିତ କରିଛି। ତେଣୁ ବାତ୍ୟା ନାଁ ଶୁଣିଲେ ଜିଲ୍ଲାବାସୀ ଭୟଭୀତ ହେବା ସ୍ୱାଭାବିକ। ସମ୍ପ୍ରତି ବାତ୍ୟା 'ମୋନ୍ଥା' ପ୍ରଭାବରେ ଜିଲ୍ଲାରେ ବର୍ଷା ଆରମ୍ଭ ହୋଇଯିବାକୁ ଅଧିକ ଛନକା ପଶିଯାଇଛି। ତେଣୁ ମଙ୍ଗଳବାର ପୁରୀରେ ସେମିତି ଗହଳି ଦେଖିବାକୁ ମିଳି ନ ଥିଲା। ପର୍ଯ୍ୟଟକ ନ ଥିବାବେଳେ ବେଳାଭୂମି ଖାଁ ଖାଁ ଲାଗିଥିଲା। ଏମିତି ବି ଯେଉଁ କାଁ ଭାଁ ପର୍ଯ୍ୟଟକ ବେଳାଭୂମିକୁ ଯାଉଥିଲେ ସୁରକ୍ଷା ଦୃଷ୍ଟିକୋଣରୁ ସେମାନଙ୍କୁ ପୁଲିସ, ଲାଇଫ୍‌ଗାର୍ଡ ବାରଣ କରିଥିଲେ। ଅନ୍ୟପକ୍ଷରେ ବାତ୍ୟା ଭୟରେ ସ୍କୁଲ ବନ୍ଦ ରହିଥିବାବେଳେ ସହରରେ କିଛି ଦୋକାନ ବଜାର ବି ଖୋଲି ନ ଥିଲା।

ସୋମବାର ରାତି ଭଳି ମଙ୍ଗଳବାର ସନ୍ଧ୍ୟାରେ ଘଡ଼ଘଡ଼ି ସହ ଅସରାଏ ବର୍ଷା ହୋଇଥିଲା। ଜିଲ୍ଲା ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସୋମବାର ରାତିରେ ପୁରୀରେ ମୋଟ ୩୪୬.୧ ମିଲିମିଟର ବର୍ଷା ହୋଇଥିଲା। ପୁରୀ ସହରରେ ସର୍ବାଧିକ ୪୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କୃଷ୍ଣପ୍ରସାଦରେ ୪୩, ବ୍ରହ୍ମଗିରିରେ ୪୨, କଣାସରେ ୩୮, ଡେଲାଙ୍ଗରେ ୨୭, ଗୋପରେ ୨୭, ସତ୍ୟବାଦୀରେ ୨୬, କୋଣାର୍କ ଏନ୍‌ଏସିରେ ୨୬, ପିପିଲିରେ ୨୪.୧, ନିମାପଡ଼ାରେ ୧୮, କାକଟପୁର ୧୭, ଅସ୍ତରଙ୍ଗରେ ୧୩ ମିଲିମିଟର ବର୍ଷା ହୋଇଥିଲା। ବାତ୍ୟା ସତର୍କତା ଯୋଗୁଁ ମଙ୍ଗଳବାର ଶ୍ରୀମନ୍ଦିରରେ ବାହାର ଭକ୍ତଙ୍କ ସମାଗମ ବିଶେଷ ଦେଖିବାକୁ ମିଳି ନ ଥିଲା। ସ୍ଥାନୀୟ ବ୍ୟକ୍ତିବିଶେଷ ଏବଂ ହୋଟେଲରେ ପୂର୍ବରୁ ରହିଥିବା ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥିଲେ। ବେଳାଭୂମିରେ ମଧ୍ୟ ସମାନ ସ୍ଥିତି ଥିଲା। ପୁଲିସ୍ ଓ ଲାଇଫ୍‌ଗାର୍ଡଙ୍କ ପକ୍ଷରୁ ବେଳାଭୂମିକୁ ପ୍ରବେଶ କରାଇ ଦିଆଯାଇ ନ ଥିଲା। ବାତ୍ୟା ପର୍ଯ୍ୟଟନ ଶିଳ୍ପକୁ ପ୍ରଭାବିତ କରିଛି। ବାତିଲ୍ ହୋଇଛି ହୋଟେଲ୍ ବୁକିଂ। ଅନ୍ୟପକ୍ଷରେ 'ମୋନ୍ଥା' ଯୋଗୁଁ ସରକାରଙ୍କ ପକ୍ଷରୁ ସତର୍କତା ଜାରି ହୋଇଥିବାରୁ ବସ୍‌ରେ ଯାତାୟାତ ହ୍ରାସ ପାଇଛି।

**ଜିଲ୍ଲାରେ ୩୪୬.୧ ମିଲିମିଟର ବର୍ଷା**

---

**ଅଧା ରହିଗଲା ଜଗା ଦର୍ଶନ**

## ଶ୍ରୀମନ୍ଦିରରେ ଟଳିପଡ଼ିଲେ ଭକ୍ତ

ପୁରୀ,୨୮।୧୦(ସମିସ)



**ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ**

ଜଗା ଦର୍ଶନ କରିବା ପୂର୍ବରୁ ଚାଲିଗଲା ଜଣେ ଭକ୍ତଙ୍କ ଜୀବନ। ଜଗା ଦର୍ଶନ ପାଇଁ କାହିଁ କେତେ ଦୂର ଆସିଥା'ନ୍ତି ଭକ୍ତ। ପୁରୀ ଯିବେ ଜଗା ଦର୍ଶନ କରିବେ। ବେଳାଭୂମି ବୁଲିବେ, ଆଉ ଘରକୁ ଫେରିବେ। ହେଲେ ସବୁ ସ୍ୱପ୍ନ ପାଣି ଫୋଟକା ହୋଇ ଉଭେଇଗଲା। ମଙ୍ଗଳବାର ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଶ୍ରୀମନ୍ଦିରରେ। ନୂଆଦିଲ୍ଲୀର ୭୬ ବର୍ଷୀୟ ମୂଳଚାନ୍ଦ ଗୁପ୍ତା ନିଜ ପରିବାର ସହ ଆସିଥିଲେ ମହାପ୍ରଭୁଙ୍କ ଦର୍ଶନ କରିବାକୁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ସାତପାହାଚ ଦେଇ ଯାଉଥିବା ସମୟରେ ପଡ଼ିଯାଇଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ମୂଳଚାନ୍ଦ ଗୁପ୍ତା ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ଆସିଥିଲେ। ଶ୍ରୀ ଗୁପ୍ତା ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ସନ୍ଧ୍ୟାରେ ଶ୍ରୀମନ୍ଦିରକୁ ବ୍ୟାରିକେଡ୍ ଦେଇ ଲାଇନ୍‌ରେ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ଲାଇନ୍‌ରେ ଦର୍ଶନ କରିବା ପାଇଁ ଶ୍ରୀ ଚାନ୍ଦ ଅପେକ୍ଷା କରି ରହିଥିଲେ। ତେବେ ସାତ ପାହାଚ ନିକଟରେ ତାଙ୍କ ଦେହ ଅସୁସ୍ଥ ହେବା ସହ ଅଣନିଃଶ୍ୱାସୀ ଅନୁଭବ କରିଥିଲେ। ମୁଣ୍ଡ ବୁଲାଇ ସେଠାରେ ପଡ଼ିଯାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ଶବ ବ୍ୟବଚ୍ଛେଦ ଗୃହକୁ ପଠାଯାଇଥିବା ସୂଚନା ମିଳିଛି। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହେଉଛି। ଯାହାଫଳରେ ଶ୍ରୀମନ୍ଦିରରେ ଭକ୍ତ ଗହଳି ପରିଲକ୍ଷିତ ହେଉଛି। ଅପରପକ୍ଷରେ ପ୍ରଶାସନ ଭକ୍ତମାନଙ୍କୁ ଥାକ ଥାକ କରି ଛାଡୁଛନ୍ତି। ଯାହାଫଳରେ ଗହଳି ହେବା ସହ ଭକ୍ତମାନେ ଅନେକ ସମୟ ଧରି ଲାଇନ୍‌ରେ ଠିଆ ହୋଇ ରହୁଛନ୍ତି। ଗହଳି କାରଣରୁ ଲୋକ ଅଣନିଃଶାସୀ ହୋଇପଡୁଛନ୍ତି। ବିଶେଷ କରି ବୃଦ୍ଧବୃଦ୍ଧା, ଛୋଟ ପିଲାମାନେ ସମସ୍ୟା ଭୋଗୁଛନ୍ତି। ତେଣୁ ବୟସ୍କ ଲୋକଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି କରାଯାଉଛି। ସେହିପରି ଥାକ ଥାକ କରି ଭକ୍ତଙ୍କୁ ଛାଡ଼ିବା ଅପେକ୍ଷା ଭକ୍ତମାନଙ୍କୁ ବ୍ୟାରିକେଡ୍‌ରେ ଶୃଙ୍ଖଳିତ ଭାବରେ ଛଡ଼ାଗଲେ ଗହଳି କିଛି ପରିମାଣରେ କମ୍ ହୁଅନ୍ତା ବୋଲି ମତପ୍ରକାଶ ପାଇଛି।

---

**ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନର ରାଜ୍ୟ ସମ୍ମିଳନୀ**

## ସାମ୍ପ୍ରଦାୟିକବାଦ ବିରୋଧରେ ସଂଗ୍ରାମ ପାଇଁ ଆହ୍ୱାନ

ପୁରୀ,୨୮।୧୦(ସମିସ): ବିଜେପି ସରକାର ୪ଟି ଶ୍ରମ କୋଡ୍ ଆଣି ପ୍ରଚଳିତ ୪୪ଟି ଶ୍ରମ ଆଇନକୁ ବଦଳାଇଲେ ଶ୍ରମିକ ତା'ର ଅଧିକାର ହରାଇବ। କର୍ପୋରେଟ୍ ହାତରେ ଶ୍ରମିକଙ୍କ ଭାଗ୍ୟ ନିରୂପଣ ହେବ। ନିର୍ମାଣ ଶ୍ରମିକମାନଙ୍କ ପାଇଁ ଥିବା ଆଇନକୁ ଶ୍ରମ କୋଡ୍‌ରେ ଅନ୍ତର୍ଭୁକ୍ତ କରିବେ। ସେହିପରି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ କାମ କରୁନି। ଶ୍ରମ ଦପ୍ତର ଚୁପ୍। ଓଡ଼ିଶାରେ ୪୨ ଲକ୍ଷ ନିର୍ମାଣ ଶ୍ରମିକ ଶ୍ରମ ଦପ୍ତରରେ ପଞ୍ଜୀକରଣ କରିଥିବାବେଳେ ସାଇକଲ, ଯନ୍ତ୍ରପାତି, ଗୃହ ନିର୍ମାଣ ସହାୟତା ରାଶି ପାଉନାହାନ୍ତି। ଶିକ୍ଷା ବୃତ୍ତି ଓ ଝିଅ ବିବାହ ସହାୟତାରେ ପାତରଅନ୍ତର କରାଯାଉଛି। ଅଣ ଶ୍ରମିକମାନେ ଶ୍ରମିକ କାର୍ଡ ହାତେଇ ନେଉଛନ୍ତି। କୋଟି କୋଟି ଟଙ୍କା କଲ୍ୟାଣ ବୋର୍ଡରେ ଥିବାବେଳେ ଶ୍ରମ ଦପ୍ତର ସହାୟତା ଦେଉନାହିଁ। ଏହା ବିରୋଧରେ ଶ୍ରମଜୀବୀମାନେ ବ୍ଲକ୍‌ସ୍ତରରେ ଏକାଠି ହୋଇ ଶ୍ରମ ଦପ୍ତର ଘେରଉ କରିବାକୁ ଡକରା ଦେଇଛି ସିଆଇଟିୟୁ ଅନୁବନ୍ଧିତ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନ। ମଙ୍ଗଳବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ୭ମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀକୁ ସିଆଇଟିୟୁର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଉଦ୍‌ଘାଟନ କରିଥିଲେ। ଏଥିରେ ୟୁନିୟନର ବିଷ୍ଣୁ ମହାନ୍ତି, ଲୋଭାକାନ୍ତ ସ୍ୱାଇଁ, ଜଗନ୍ନାଥ ଦେଓ, ପ୍ରଭାତ ପଣ୍ଡା ଉପସ୍ଥିତ ଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ବିମାନ ମାଇତି ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆସନ୍ତା ୩ ବର୍ଷ ପାଇଁ ବିଷ୍ଣୁ ମହାନ୍ତି ସଭାପତି, ବିମାନ ମାଇତି ସାଧାରଣ ସମ୍ପାଦକ, ଲୋଭାକାନ୍ତ ସ୍ୱାଇଁ କାର୍ଯ୍ୟକାରୀ ସଭାପତି, ରମେଶ ଜେନା କୋଷାଧ୍ୟକ୍ଷ, ସୁରେଶ ରାଉତରାୟ ସଂଗଠନ ସମ୍ପାଦକ ଥାଇ ନୂତନ ରାଜ୍ୟ କମିଟି ନିର୍ବାଚିତ ହୋଇଛନ୍ତି। ନିର୍ମାଣ ଶ୍ରମିକ ୟୁନିୟନ ପୁରୀ ଜିଲ୍ଲା ସଭାପତି ଶରତ କୁମାର ରାୟଗୁରୁ, ସିଟୁ ଜିଲ୍ଲା ସଭାପତି ଶ୍ରୀକାନ୍ତ ପରିଜା, ସୁରେନ୍ଦ୍ର ଜେନା, ଭୀମସେନ ସ୍ୱାଇଁ, ଟୁନା ନାୟକ, ମନୋରଞ୍ଜନ ମହାରଣା, ବିଭୁତି ରାଉତରାୟ, ସୁନିଲ ମହାରଣା, ପୀତବାସ ବେହେରା ପ୍ରମୁଖ ସମ୍ମିଳନୀରେ ବାର୍ତ୍ତା ରଖିଥିଲେ। ଦରବୃଦ୍ଧି, ବେକାରୀ, ସାମ୍ପ୍ରଦାୟିକବାଦ ବିରୋଧରେ ସଂଗ୍ରାମ ପାଇଁ ଆହ୍ୱାନ ଦିଆଯାଇଥିଲା।



---

## ଅନ୍ନପୂର୍ଣ୍ଣା ପାଇଁ ଆଉ କେତେ ପ୍ରତିଶ୍ରୁତି ମିଳିବ?

ପୁରୀ,୨୮।୧୦(ସମିସ): ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପାଇଁ ଆଉ କେତେ ପ୍ରତିଶ୍ରୁତି ଦେବେ ସରକାର? ଓଡ଼ିଶା ମଞ୍ଚ ନାଟକର ଅନ୍ତୁଡ଼ିଶାଳ କୁହାଯାଉଥିବା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଆଜି ଶ୍ରୀହିନ ହୋଇପଡ଼ିଛି। ଜରାଜୀର୍ଣ୍ଣ ହୋଇପଡ଼ିଥିବା ଏହି ରଙ୍ଗମଞ୍ଚର ନବୀକରଣ ପାଇଁ ବିଭିନ୍ନ ସମୟରେ ସ୍ୱର ଉଠୁଛି। ସରକାର ମଧ୍ୟ ଏଥିପ୍ରତି ସକାରାତ୍ମକ ଆଭିମୁଖ୍ୟ ରଖୁଥିବା ବିଭିନ୍ନ ସମୟରେ ଶୁଣିବାକୁ ମିଳିଛି। କଳା ସଂସ୍କୃତିକୁ ଭଲ ପାଉଥିବା ମଣିଷ, ନାଟ୍ୟପ୍ରେମୀ ଅନେକ ସମୟରେ ଦାବି କରି ଆସୁଛନ୍ତି। ହେଲେ ଏପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ଭାଗ୍ୟ ବଦଳି ପାରିନାହିଁ। ଏବେ ପୁଣିଥରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନବନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଆଲୋଚନା ବେଳେ ପ୍ରତିଶ୍ରୁତି ଦେଇଥିବା ଜଣାଇଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର। ତାଙ୍କ ସୂଚନା ଅନୁଯାୟୀ, ପ୍ରାୟ ୪୦ବର୍ଷ ତଳୁ ଏହି ରଙ୍ଗମଞ୍ଚ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଓ ଜିଲ୍ଲା ପ୍ରଶାସନ ୨୫ବର୍ଷ ପୂର୍ବରୁ ବଡ଼ଦାଣ୍ଡରେ ଥିବା ଏହି କୋଠାକୁ ଅସୁରକ୍ଷିତ ଘୋଷଣା କରିଛନ୍ତି। ନୂଆ ସରକାର ଆସିବା ପରେ ଏହାର ନବନିର୍ମାଣ ପାଇଁ ସରକାରଙ୍କ ସହ ୬ ଥର ଆଲୋଚନା ସରିଛି। ଏଥିପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ତେବେ ଏହାର ଜମି ଅଧିଗ୍ରହଣ ଓ ନିର୍ମାଣ ପାଇଁ କାର୍ଯ୍ୟ ଏଯାଏ ଆରମ୍ଭ ହୋଇପାରିନାହିଁ। ପୁରୀ ଧର୍ମ ଓ ପର୍ଯ୍ୟଟନସ୍ଥଳୀ। ଅଥଚ ମନୋରଞ୍ଜନ ପାଇଁ ଏଠାରେ ସିନେମା ହଲ୍ କି ସୁଦୃଶ୍ୟ ରଙ୍ଗମଞ୍ଚ ନାହିଁ। ଅସୁରକ୍ଷିତ ଓ ତ୍ରୁଟିପୂର୍ଣ୍ଣ ମଞ୍ଚ ହେତୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଶ୍ରୀଜଗନ୍ନାଥାୟନ ଓ ନାଟକ ଦେଖିବାକୁ ଦର୍ଶକ ମୁହଁ ଫେରାଇ ନେଉଛନ୍ତି। ତେବେ ମନ୍ତ୍ରୀଙ୍କ ସହ ଆଲୋଚନା ସଫଳ ହୋଇଛି ଓ ସରକାର ଏ ଦିଗରେ ପଦକ୍ଷେପ ନେବେ ବୋଲି ଶ୍ରୀ ମିଶ୍ର ଦୃଢ଼ ଆଶାବାଦୀ ରହିଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ଶପଥପାଠ

ପୁରୀ,୨୮।୧୦(ସମିସ): ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ମଙ୍ଗଳବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍‌ଫେରେନ୍ସିଂ ମାଧ୍ୟମରେ ସମସ୍ତଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥପାଠ କରାଇଥିଲେ। ଦୁର୍ନୀତି ବିକାଶର ମୁଖ୍ୟ ବାଧକ। ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନେଇ କାର୍ଯ୍ୟ କରୁଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଛାଡ଼ିବନି ବା କ୍ଷମା ଦେବ ନାହିଁ। ତେଣୁ ସମ୍ମିଳିତ ଭାବେ ରାଜ୍ୟର ଉନ୍ନତି ପାଇଁ ଦୁର୍ନୀତିର ମୂଳୋତ୍ପାଟନ କରି ବିକାଶ ପ୍ରକ୍ରିୟାରେ ସାମିଲ୍ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଓସ୍ୱାନ କନ୍‌ଫେରେନ୍ସିଂ କକ୍ଷରେ ଅନୁଷ୍ଠିତ ଏହି ଶପଥପାଠରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଡେପୁଟି କଲେକ୍ଟର ଅନୁସ୍ରବ ଗନ୍ତାୟତ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଶପଥପାଠ କରିଥିଲେ।



## ଟ୍ରେନ୍ ଲାଇନ୍‌ରୁ ମୃତଦେହ ଉଦ୍ଧାର

ପୁରୀ,୨୮।୧୦(ସମିସ): ଜନକାଦେଇପୁର ରେଳ ଷ୍ଟେସନ ପାଖ ଟ୍ରେନ୍ ଲାଇନ୍‌ରୁ ଜିଆର୍‌ପି ପୁଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ହେଲେ ତାଙ୍କ ପରିଚୟ ଜଣାପଡ଼ି ନାହିଁ। ସୂଚନା ଅନୁଯାୟୀ, ସୋମବାର ରାତିରେ ଟ୍ରେନ୍ ଲାଇନ୍‌ରେ ମୃତଦେହ ପଡ଼ିଥିବା ପୁଲିସକୁ ଖବର ମିଳିଥିଲା। ଏ ନେଇ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ଜିଆର୍‌ପି ପୁଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୫) ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବଗୃହରେ ଆସନ୍ତା ୯୬ ଘଣ୍ଟା ପର୍ଯ୍ୟନ୍ତ ଚିହ୍ନଟ ପାଇଁ ରଖାଯିବ ବୋଲି ପୁଲିସ କହିଛି। ତେବେ ଘଟଣାସ୍ଥଳରୁ ଯାହା ଜଣାପଡୁଛି କୌଣସି ଚଳନ୍ତା ଟ୍ରେନ୍‌ରୁ ସେ ଖସିପଡ଼ିଛନ୍ତି। ତାଙ୍କ ବୟସ ପ୍ରାୟ ୩୦ ବର୍ଷ ହେବ। ସେ ନେଳି ରଙ୍ଗର ଫୁଲ୍ ଜିନ୍ ପ୍ୟାଣ୍ଟ ଓ ନାଲି ରଙ୍ଗର ଫୁଲ୍ ଶାର୍ଟ ପିନ୍ଧିଛନ୍ତି।

## ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଓଜନ ଧରପଗଡ଼

ପୁରୀ,୨୮।୧୦(ସମିସ): ବୈଧ ଓଜନ ମାପ ନିୟନ୍ତ୍ରକଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ପୁରୀର ବିଭିନ୍ନ ଏଲ୍‌ପିଜି ଡିଲରଙ୍କ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ସିଲିଣ୍ଡର ଓଜନ ପାଇଁ ବ୍ୟବହାର ହେଉଥିବା ଓଜନ ମେସିନ୍‌ର ଯାଞ୍ଚ କରାଯାଇଥିଲା। ଏହା ସହିତ ଭର୍ତ୍ତି ହୋଇଥିବା ଏଲ୍‌ପିଜି ସିଲିଣ୍ଡରର ଓଜନ ଠିକ୍ ଅଛି କି ନାହିଁ ତାହା ମଧ୍ୟ ଯାଞ୍ଚ ହେଉଛି। ଏଲ୍‌ପିଜି ସିଲିଣ୍ଡରର ଓଜନ ଠିକ୍ ରହିଥିଲାବେଳେ ଅନ୍ୟ ନିୟମ ଉଲ୍ଲଂଘନ ପାଇଁ ୧୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ବିଭିନ୍ନ ପରିବା ଏବଂ ତେଜରାତି ଦୋକାନ ଉପରେ ମଧ୍ୟ ଚଢ଼ଉ କରାଯାଇଥିଲା।



## ଭକ୍ତି ସଙ୍ଗୀତରେ ଭାବବିହ୍ୱଳିତ ହବିଷ୍ୟାଳି

ପୁରୀ,୨୮।୧୦(ସମିସ): ହବିଷ୍ୟାଳି ଯୋଜନାରେ ଆସିଥିବା ହବିଷ୍ୟାଳି ମା'ମାନେ ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ସେମାନଙ୍କର ସମସ୍ତ ପ୍ରକାର ସୁବିଧା କରାଯାଇଛି। ରାଇଦାମୋଦର ବ୍ରତ ପାଳନ, ଜଗନ୍ନାଥ ଦର୍ଶନ ସହିତ ଭଜନ, କୀର୍ତ୍ତନ ପୁରାଣ ଶ୍ରବଣ କରୁଛନ୍ତି। ସୋମବାର ସନ୍ଧ୍ୟାରେ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ଶ୍ରୀକ୍ଷେତ୍ରର ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ 'ଦୟାନିଧି ସଙ୍ଗୀତ ସୁଧା'ର କଣ୍ଠଶିଳ୍ପୀମାନେ ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଏହି ଭକ୍ତି ସଙ୍ଗୀତକୁ ଶ୍ରବଣ କରି ବେଶ୍ ଭାବବିହ୍ୱଳିତ ହୋଇପଡ଼ିଥିଲେ ହବିଷ୍ୟାଳି। ଏଥିରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ହେଲେ ଡ. ଈପ୍‌ସିତା ଦାଶ, ଶୁଭଶ୍ରୀ ପ୍ରଧାନ, ପ୍ରିତମ୍ ବରାଡ଼, କଲ୍ୟାଣମୟୀ ନାୟକ, ବନ୍ଦନା ଦାଶ, ଶ୍ରୀଜଲ୍ ମହାପାତ୍ର, ଆୟୁଷ ଅଂଶୁମାନ ନାୟକ, ଶ୍ୱେତା ସାଗରିକା ପାଇକ ଏବଂ ଦିବ୍ୟଜ୍ୟୋତି ଦାଶ। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ସୁଶିଲ କୁମାର ଦାଶ, ଶାରଦା ପ୍ରସନ୍ନ ମିଶ୍ର, ପ୍ରଶାନ୍ତ ରାଉତ, ବଳରାମ ମହାପାତ୍ର, ପ୍ରଭୁଦତ୍ତ ବିଶ୍ୱାଳ, ମନିଷ କୁମାର ଶତପଥୀ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେଇଥିବାରୁ ଅନୁଷ୍ଠାନ ତରଫରୁ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କୁ ଧନ୍ୟବାଦ ଦିଆଯାଇଛି।

---

**ଅମାନିଆ ପର୍ଯ୍ୟଟକ**

# ଲାଇଫ୍‌ଗାର୍ଡଙ୍କୁ ଚପଲରେ ପିଟିଲେ ମହିଳା

ପୁରୀ,୨୮।୧୦(ସମିସ)

କିଛିବର୍ଷ ହେବ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିଛି। ମୋଟାମୋଟି କହିବାକୁ ଗଲେ ପୁରୀ ପାଇଁ ପର୍ଯ୍ୟଟନ ଋତୁ ବୋଲି ସେମିତି କିଛି ନାହିଁ। ସବୁଦିନେ ଏବେ ପର୍ଯ୍ୟଟନ ଋତୁ। ତେଣୁ ପର୍ଯ୍ୟଟକଙ୍କୁ ଆବଶ୍ୟକ ସୁବିଧା ଏବଂ ସେମାନଙ୍କ ସୁରକ୍ଷାକୁ ପୁଲିସ ଏବଂ ପ୍ରଶାସନ ପ୍ରାଥମିକତା ଦେଉଛି। ପର୍ଯ୍ୟଟକମାନେ କିପରି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ହେଲେ ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କୁ ନେଇ ଅପ୍ରୀତିକର ପରିସ୍ଥିତି ସାମ୍ନାକୁ ଆସୁଛି। ପୁରୀ ପର୍ଯ୍ୟଟନର ପ୍ରମୁଖ ଆକର୍ଷଣ ହେଉଛି ବେଳାଭୂମି ଏବଂ ସମୁଦ୍ର ସ୍ନାନ। କିନ୍ତୁ ସମୁଦ୍ର ସ୍ନାନ ବେଳେ ଅନେକ ସମୟରେ ପର୍ଯ୍ୟଟକ ଅମାନିଆ ହେଉଛନ୍ତି। ବିଶେଷକରି ସମୁଦ୍ର ସ୍ନାନ ପାଇଁ ଯେଉଁ କଟକଣା ରହିଛି ଏ ଦିଗରେ ଅନେକ ପର୍ଯ୍ୟଟକ ସଚେତନ ହେଉନାହାନ୍ତି। ଫଳରେ ସମୁଦ୍ର ସ୍ନାନଜନିତ ଦୁର୍ଘଟଣା ବଢୁଛି। ସାମୁଦ୍ରିକ ଝଡ଼ ପାଇଁ ହେଉ ଅବା ପବନର ଦିଗ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ସମୟରେ ସମୁଦ୍ର ଅଶାନ୍ତ ରହେ। ଉଚ୍ଚ ଲହଡ଼ି ଆସି କୂଳରେ ମାଡ଼ ହୁଏ। ଏହି ସମୟରେ ସମୁଦ୍ରରେ ଗାଧୋଇବା ବିପଦପୂର୍ଣ୍ଣ ହୋଇଥାଏ। ତେଣୁ ପର୍ଯ୍ୟଟକଙ୍କୁ ସମୁଦ୍ରରେ ଗାଧୋଇବାକୁ ବାରଣ କରାଯାଏ। ମାତ୍ର ଅନେକ ସମୟରେ ଅମାନିଆ ପର୍ଯ୍ୟଟକ ଏହାକୁ ମାନି ନ ଥା'ନ୍ତି। ଲାଇଫ୍‌ଗାର୍ଡଙ୍କ ସହିତ ଯୁକ୍ତିତର୍କ ଏପରି କି ଆକ୍ରମଣ କରିବାର ନଜିର ରହିଛି। ମଙ୍ଗଳବାର ମଧ୍ୟ ଏଭଳି ଘଟଣାର ପୁନରାବୃତ୍ତି ଘଟିଛି। ସମୁଦ୍ର ଅଶାନ୍ତ ଥିବାରୁ ଗାଧୋଇବା ପାଇଁ ବାରଣ କରିବାରୁ ଲାଇଫ୍‌ଗାର୍ଡଙ୍କୁ ମାଡ଼ ମାରିଛନ୍ତି ପର୍ଯ୍ୟଟକ। ଜଣେ ମହିଳା ଗୋଡ଼ରୁ ଚପଲ କାଢ଼ି ବାଡ଼େଇଛନ୍ତି। ଏହାକୁ ନେଇ ଲାଇଫ୍‌ଗାର୍ଡମାନେ କ୍ଷୋଭ ପ୍ରକାଶ କରିଥିବାବେଳେ ପର୍ଯ୍ୟଟକଙ୍କ ଏତାଦୃଶ ବ୍ୟବହାରକୁ ସବୁ ମହଲରେ ନିନ୍ଦା କରାଯାଇଛି।

ପୁରୀ ଭାରତର ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ସହର। ଏଠାକୁ ପ୍ରତ୍ୟହ ଦେଶ ବିଦେଶର ପର୍ଯ୍ୟଟକ ଆସିଥା'ନ୍ତି। ସ୍ୱର୍ଣ୍ଣାଭ ବେଳାଭୂମି ସାଙ୍ଗକୁ ସମୁଦ୍ରର ନୀଳ ଜଳରାଶି ସମସ୍ତଙ୍କୁ ଆକୃଷ୍ଟ କରିଥାଏ।

**ଅଶାନ୍ତ ସମୁଦ୍ରରେ ଗାଧୋଇବାକୁ ମନା କରିବାରୁ ଉତ୍ତ୍ୟକ୍ତ ହୋଇପଡ଼ିଲେ**

ତେବେ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ଅଧିକାଂଶ ସମୁଦ୍ର ସ୍ନାନ କରିବାକୁ ପସନ୍ଦ କରିଥା'ନ୍ତି। କିନ୍ତୁ ସଚେତନତାର ଅଭାବ, ଲାଇଫ୍‌ଗାର୍ଡଙ୍କ କଥା ନ ଶୁଣିବା ଏବଂ ଜୋର୍‌ରେ ଲହଡ଼ି ଆସି କୂଳରେ ମାଡ଼ ହେଉଥିବାରୁ ଦିନକୁ ଦିନ ବିପଦପୂର୍ଣ୍ଣ ହେଉଛି ସମୁଦ୍ର ସ୍ନାନ। ବିଭିନ୍ନ ସମୟରେ ପର୍ଯ୍ୟଟକ ମୃତାହତ ବି ହେଉଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ତଥାପି କିଛି ପର୍ଯ୍ୟଟକ ଅମାନିଆ ହେଉଛନ୍ତି। ଏବେ ବାତ୍ୟା 'ମୋନ୍ଥା' ପାଇଁ ପର୍ଯ୍ୟଟକଙ୍କୁ ସମୁଦ୍ର ସ୍ନାନ ବାରଣ କରାଯାଇଛି। ସମୁଦ୍ର ଅଶାନ୍ତ ଥିବାରୁ ପୁଲିସ, ଅଗ୍ନିଶମ କର୍ମଚାରୀ ଏବଂ ଲାଇଫ୍‌ଗାର୍ଡ ବେଳାଭୂମି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଜିରୋ ଡ୍ରାଉନିଙ୍ଗ୍‌କୁ ଦୃଷ୍ଟିରେ ରଖି ୨୭, ୨୮, ୨୯ ତାରିଖ ତିନିଦିନ ଧରି ସମୁଦ୍ର ସ୍ନାନ ଉପରେ କଟକଣା ଲଗାଯାଇଛି। କିନ୍ତୁ ମଙ୍ଗଳବାର ପୂର୍ବାହ୍ନରେ ୪ ନମ୍ବର ସେକ୍ଟରରେ ଏକ ଅଭାବନୀୟ ଘଟଣା ଘଟିଥିଲା। ସମୁଦ୍ରରେ ଗୋଧାଇବାକୁ ମନା କରିବାରୁ ଲାଇଫ୍‌ଗାର୍ଡଙ୍କୁ ଚପଲରେ ପିଟିଥିଲେ ଜଣେ ମହିଳା ପର୍ଯ୍ୟଟକ। ଆକ୍ରମଣର ଶିକାର ହୋଇଥିବା ଲଇଫ୍‌ଗାର୍ଡ ଜନ୍ମେଶ୍ୱର ପ୍ରଧାନ କହିଛନ୍ତି, ୪ ନମ୍ବର ସେକ୍ଟରରେ ପର୍ଯ୍ୟଟକ ଦମ୍ପତି ପହଞ୍ଚି ଗାଧୋଇବାକୁ ଯାଉଥିଲେ। ଆମେ ବାରଣ କରିବାରୁ ସେ ଯୁକ୍ତିତର୍କ କରିଥିଲେ। ମହିଳା ଜଣକ କହିଥିଲେ, ମୋ ଇଚ୍ଛା ମୁଁ ସମୁଦ୍ର ଭିତରକୁ ଯିବୁ, ତୁମେ କିଏ? ମୁଁ ମନା କରିବାରୁ ସେ ମୋତେ ଧକ୍କା ମାରିଲେ। ମହିଳା ଜଣକ ଗୋଡ଼ରୁ ଚପଲ ଖୋଲି ବାଡ଼େଇଲେ ବୋଲି କହିଛନ୍ତି ଜନ୍ମେଶ୍ୱର।

ଏ ସମ୍ପର୍କରେ ପୁଲିସ ପକ୍ଷରୁ କୁହାଯାଇଛି ଯେ, ବାତ୍ୟା ପାଇଁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ପର୍ଯ୍ୟଟକଙ୍କ ସୁରକ୍ଷା ନିମିତ୍ତ କୌଣସି ବ୍ୟକ୍ତିଙ୍କୁ ସମୁଦ୍ର ମଧ୍ୟରେ ଗାଧୋଇବାକୁ ବାରଣ କରାଯାଉଥିଲା। ହେଲେ ସକାଳ ୯ଟା ସମୟରେ କିଛି ବଙ୍ଗୀୟ ପର୍ଯ୍ୟଟକ ଜବରଦସ୍ତ ସମୁଦ୍ର ମଧ୍ୟକୁ ପ୍ରବେଶ କରୁଥିଲେ। ଏହାକୁ ଉପସ୍ଥିତ ଲାଇଫ୍‌ଗାର୍ଡମାନେ ବାରଣ କରିଥିଲେ। କିନ୍ତୁ ସମ୍ପୃକ୍ତ ପର୍ଯ୍ୟଟକମାନେ ଲାଇଫ୍‌ଗାର୍ଡଙ୍କୁ ଦୁର୍ବ୍ୟବହାର ସହ ଆକ୍ରମଣ କରିଥିଲେ। ଏ ନେଇ ସମୁଦ୍ରକୂଳ ଅଗ୍ନିଶମ ଓ ବିପର୍ଯ୍ୟୟ ମୁକାବିଲା ପୋଷ୍ଟର ଭାରପ୍ରାପ୍ତ ଅଧିକାରୀ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରାଯାଇଛି।

## ପାଠ ପଢ଼ିଯିବା ବାହାନାରେ ୩ ନାବାଳିକା ଛାତ୍ରୀ ଫେରାର୍

# ଫୋନ୍ ଟ୍ରାକିଂ କରି ଭୁବନେଶ୍ୱରରୁ ୨ ଉଦ୍ଧାର

ଟାଙ୍ଗୀ,୨୮।୧୦(ସମିସ): ଚାନ୍ଦପୁର ଥାନା ଅଧୀନସ୍ଥ ଚାନ୍ଦପୁର ଅଞ୍ଚଳର ଏକ ହାଇସ୍କୁଲର ୩ ଜଣ ଦଶମ ଶ୍ରେଣୀର ଛାତ୍ରୀ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯିବା ବାହାନାରେ ବାଟରୁ ଫେରାର୍ ହୋଇଯାଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ସୋମବାର ବିଳମ୍ବିତ ରାତିରେ ଚାନ୍ଦପୁର ଥାନାକୁ ଉତ୍ୟକ୍ତ ଲୋକେ ଘେରାଉ କରିବା ପରେ ଚାନ୍ଦପୁର ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ ପୃଥକ୍ ପୃଥକ୍ ୩ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ମଙ୍ଗଳବାର ମୋବାଇଲ୍ ଟ୍ରାକିଂରେ ଦୁଇଜଣ ନାବାଳିକାଙ୍କୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଉଦ୍ଧାର କରିବା ସହ ଘଟଣାର ପର୍ଦ୍ଦାଫାସ୍ କରିଥିବାବେଳେ ଜଣେ ନାବାଳିକା ଓ ତା'ର ପ୍ରେମିକକୁ ପୁଲିସ ଠାବ କରିପାରି ନ ଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ସୋମବାର ଚାନ୍ଦପୁର ଅଞ୍ଚଳରେ ଥିବା ଏକ ଉଚ୍ଚ ବିଦ୍ୟାଳୟର ୩ଜଣ ଛାତ୍ରୀ ବିଦ୍ୟାଳୟକୁ ଆସିବା ବାଟରେ ଏହି ଥାନା ଅଧୀନସ୍ଥ କନ୍ଧନୟାଗଡ଼ର ବିଭୂତିଭୂଷଣ ସେଠୀଙ୍କ ସହ ଗୋଟିଏ ବାଇକ୍‌ରେ ୪ ଜଣ ପୁରୀ ପଳାଇଥିଲେ। ପୁରୀରେ ବୁଲାବୁଲି ପରେ ମୋବାଇଲ୍‌ରେ ଯୋଗାଯୋଗ କରି ଅନ୍ୟ ଜଣେ ଯୁବକଙ୍କ ସହ ଦୁଇଜଣ ନାବାଳିକା ପୁରୀରୁ ଚାନ୍ଦପୁର ଫେରିବା ବାଟରେ ଚାନ୍ଦପୁର ଥାନାରେ ଏ ଘଟଣା ପହଞ୍ଚି ସାରିଥିବା ଖବର ପାଇ ସମ୍ପୃକ୍ତ ଯୁବକ ଏହି ଦୁଇ ନାବାଳିକାଙ୍କୁ ଟାଙ୍ଗୀରେ ଛାଡ଼ି ପଳାଇଥିଲା। ଏହି ଦୁଇ ନାବାଳିକା ଘରକୁ ଯିବା ଭୟରେ କାଲୁପଡ଼ାଘାଟ ଷ୍ଟେସନରୁ ପୁଣି ରାତିରେ ଭୁବନେଶ୍ୱର ପଳାଇଥିଲେ। ତେବେ ନାବାଳିକାଙ୍କ ମୋବାଇଲ୍ ଟ୍ରାକିଂ କରି ମଙ୍ଗଳବାର ଚାନ୍ଦପୁର ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ ଉଭୟଙ୍କୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ତେବେ ଅନ୍ୟ ଜଣେ ନାବାଳିକା ଓ ତାଙ୍କ ପ୍ରେମିକ ବିଭୂତିକୁ ପୁଲିସ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ସେମାନଙ୍କ ମୋବାଇଲ୍ ବନ୍ଦ ଥିବାରୁ ଧରିବା ସମ୍ଭବ ହୋଇ ନ ଥିବା ଆଇଆଇସି ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି। ଥାନାରେ ପୃଥକ୍ ପୃଥକ୍ ୩ଟି ମାମଲା ରୁଜୁ ହୋଇଥିବା ମଧ୍ୟ ସୂଚନା ମିଳିଛି। ପଚରାଉଚରା ଜାରି ରହିଛି।

## ଲୁଟ୍ ବାଇକ୍ ଓ ମୋବାଇଲ୍ ଉଦ୍ଧାର; ଲୁଟେରା ଗିରଫ

ନିରାକାରପୁର,୨୮।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ନିକଟରୁ ଲୁଟ୍ ହୋଇଥିବା ଏକ ବାଇକ୍ ଓ ମୋବାଇଲ୍‌କୁ ପୁଲିସ ଭୁବନେଶ୍ୱରରୁ ଉଦ୍ଧାର କରିଥିବାବେଳେ ଜଣେ ଲୁଟେରାକୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି, ନିରାକାରପୁର ଥାନା କେସ୍ ନଂ ୨୬୪/୨୫ ଅନୁଯାୟୀ ଗତ ୧୦ ତାରିଖରେ ଜଙ୍କିଆ ଥାନା ଅନ୍ତର୍ଗତ ଗଉଡ଼ିଆପଡ଼ା ଗ୍ରାମର ଆଶିଷ ବଳିଆରସିଂହ ରାମେଶ୍ୱର ଛକ ନିକଟରେ ଛିଡ଼ା ହୋଇଥିବାବେଳେ ତାଙ୍କ ସହିତ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ତଳସାହିର ସୁଧାକର ବଳିଆରସିଂହଙ୍କ ଦେଖା ହୋଇଥିଲା। ପରେ ସେମାନେ ରାମେଶ୍ୱର ଛକରୁ ରାମେଶ୍ୱର ଗାଁ ଆଡ଼କୁ ଆସୁଥିବାବେଳେ ଆଶିଷ ପରିସ୍ରା କରିବାକୁ ଯିବାର ସୁଯୋଗ ଉଣ୍ଡି ସୁଧାକର ମୋବାଇଲ୍ ଓ ବାଇକ୍ ନେଇ ଚମ୍ପଟ୍ ମାରିଥିଲା। ଏ ନେଇ ଥାନାରେ ଅଭିଯୋଗ ହେବାରୁ ମଙ୍ଗଳବାର ପୁଲିସ ଭୁବନେଶ୍ୱରରୁ ସୁଧାକରକୁ ଗିରଫ କରିବା ସହିତ ବାଇକ୍ ଓ ମୋବାଇଲ୍ ଉଦ୍ଧାର କରାଯାଇଥିବା ଏସ୍‌ଆଇ ଦିପାଳିଶା ନାୟକ କହିଛନ୍ତି।

## ବ୍ରାଉନ୍‌ସୁଗର ଡିଲ୍‌ବେଳେ ମାଡ଼ିବସିଲା ପୁଲିସ

# ୩୧ ଲକ୍ଷର ବ୍ରାଉନ୍‌ସୁଗର ଜବତ, ୭ ଗିରଫ



ଖୋର୍ଦ୍ଧା,୨୮।୧୦(ସମିସ): ଏକ ବଡ଼ ଧରଣର ବ୍ରାଉନ୍‌ସୁଗର ବେପାର ପୂର୍ବରୁ ବୋଲଗଡ଼ ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ଉ କରି ସମସ୍ତଙ୍କୁ ଧରିବାରେ ସଫଳ ହୋଇଛି। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଦମ୍ପତିଙ୍କ ସମେତ ୭ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ବୋଲଗଡ଼ ଥାନା ମାଣିକଗୋଡ଼ା ଦଳେଇସାହିର ମିର୍ ଅତୁଲ୍ଲା ଓରଫ ବବୁଲ୍ (୨୬) ଓ ତାଙ୍କ ପତ୍ନୀ ମଇନା ବେଗମ୍ (୨୭), ମିର୍ ଅବଦୁଲ୍ଲା ଓରଫ ବୁନିଆ (୨୩), ମୀର୍ ମୁସ୍ତାଫ୍ ଅଲ୍ଲି ଓରଫ ରିଙ୍କୁ (୨୬) ଏବଂ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ମହେଶ୍ୱର ସ୍ୱାଇଁ ଓରଫ ଧରମା (୩୦), ଗଞ୍ଜାମ ଜିଲ୍ଲା ବଡ଼ବଜାର ଥାନା ଅଧୀନ ଦେଶୀ ବେହେରାସାହିର ପ୍ରଣୟ ରଥ (୩୬) ଓ ଆସ୍କାରୋଡ୍ ଗୁରୁମୂର୍ତ୍ତିପେଣ୍ଟର ସତ୍ୟଲୋଚନ ସାହୁ (୪୩)। ସେମାନଙ୍କ ଠାରୁ ପୁଲିସ୍ ୩୧୪.୯୭୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଛି। ଯାହାର ମୂଲ୍ୟ ୩୧ ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଏସ୍‌ପି ବିବେକାନନ୍ଦ ଶର୍ମା ମଙ୍ଗଳବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବ୍ରାଉନ୍‌ସୁଗର ସମେତ ଅଭିଯୁକ୍ତମାନଙ୍କଠାରୁ ନଗଦ ୪ଲକ୍ଷ ଟଙ୍କା, ଏକ ଦେଶୀ ନିର୍ମିତ ଏକକ ବ୍ୟାରେଲ ବନ୍ଧୁକ, ୨ଟି କାର୍, ୩ଟି ବାଇକ୍‌କୁ ଜବତ କରାଯାଇଛି। ଏନେଇ ବୋଲଗଡ଼ ପୁଲିସ ୨୫୬/୨୫ରେ ଏକ ମାମଲା ରୁଜୁ କରି ଗିରଫ ୭ ଜଣଙ୍କୁ କୋର୍ଟଚାଲାଣ କରିଛି।

ଏସ୍‌ପି ଶ୍ରୀ ଶର୍ମାଙ୍କ ସୂଚନା ଅନୁସାରେ, ମାଣିକାଗୋଡ଼ା ଦଳେଇସାହିର ବବୁଲ ଓ ତାଙ୍କ ପତ୍ନୀ ମଇନା ବ୍ରାଉନ୍‌ସୁଗର ବେପାର କରୁଥିବା ପୁଲିସ ଖବର ପାଇଥିଲା। ସେଠାରେ ସୋମବାର ଅପରାହ୍ଣରେ ଏକ ବଡ଼ ଡିଲ୍ ହେଉଥିବା ପୁଲିସ ଜାଣିବାକୁ ପାଇଥିଲା। ଗଞ୍ଜାମରୁ କିଛି ଯୁବକ ଆସି ମାଲ୍ ନେବାର ଖବର ଥିଲା। ସେମାନଙ୍କୁ ଧରିବା ପାଇଁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ସ୍ନିଗ୍ଧାମୟୀ ବରାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ପୁଲିସ ସ୍ୱତନ୍ତ୍ର ସ୍କ୍ୱାଡ୍ ସହ ମିଶି ଡିଲ୍ ଚାଲିଥିବାବେଳେ ଚଢ଼ଉ କରିଥିଲା। ପୁଲିସ ଗାଡ଼ି ଦେଖି ଦୁଇଜଣ ସେମାନଙ୍କର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିବାବେଳେ କାର୍‌ରେ ପଶି ପଳାଇବାକୁ ଉଦ୍ୟମ କରୁଥିବା ଅନ୍ୟ ଦୁଇଜଣଙ୍କୁ ପୁଲିସ କାବୁ କରିଥିଲା। ସେହିପରି ବବୁଲ୍ ଘର ଭିତରେ ବବୁଲ ଓ ମଇନା ସମେତ ୫ଜଣଙ୍କୁ ପୁଲିସ ଗିରଫ କରିଥିଲା। ସେମାନଙ୍କଠାରୁ ୩୧୪.୯୭୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଛି। ଏଥିସହିତ ରିଙ୍କୁଠାରୁ ନଗଦ ୧ ଲକ୍ଷ ୭୫ ହଜାର ଟଙ୍କା ଏବଂ ମଇନାଠାରୁ ନଗଦ ୨ ଲକ୍ଷ ୨୫ ହଜାର ଟଙ୍କା ଜବତ କରିବା ସହ ବୁନିଆଠାରୁ ଗୋଟିଏ ଦେଶୀ ଏକକ ବ୍ୟାରେଲ୍ ବନ୍ଧୁକ ଜବତ କରିଥିଲେ। ବବୁଲ ଓ ମଇନା ପାଖକୁ ଗଞ୍ଜାମରୁ ପ୍ରଣୟ ଓ ସତ୍ୟଲୋଚନ ମାଲ୍ ନେବାକୁ ଆସିଥିଲେ। ମାତ୍ର ମାଲ୍ କିଛି କମିବାରୁ ଖୋର୍ଦ୍ଧାରୁ ଧରମା ଉକ୍ତ ମାଲ୍ ଧରି ଏକ କାର୍‌ରେ ସେଠାକୁ ଯାଇଥିବା ପୁଲିସ ଆଗରେ ମାନିଥିବା ଏସ୍‌ପି କହିଛନ୍ତି। ଏଥିସହିତ ଗିରଫ ଅଭିଯୁକ୍ତମାନଙ୍କ ଆର୍ଥିକ କାରବାର ଓ ଜବତ ଗାଡ଼ିଗୁଡ଼ିକ ମାଲିକମାନଙ୍କ ସମ୍ପର୍କରେ ତଦନ୍ତ ଜାରି ରହିଥିବା କହିଛନ୍ତି ଏସ୍‌ପି। ଜିଲ୍ଲାରେ ବ୍ରାଉନ୍‌ସୁଗରର ମୂଳପୋଛ କରିବା ଲାଗି ପୁଲିସ ପଦକ୍ଷେପ ଜାରି ରଖିଛି।

ଅନ୍ୟପକ୍ଷରେ ବ୍ରାଉନ୍‌ସୁଗର ବେପାରରେ ବ୍ୟବହୃତ କାର୍ ଖୋର୍ଦ୍ଧା ପୌର ପରିଷଦର ଜଣେ କାଉନ୍ସିଲରଙ୍କ ନାଁରେ ରହିଥିବାବେଳେ ଏଥିରେ ତାଙ୍କର କି ପ୍ରକାର ଭୂମିକା ରହିଛି ତାକୁ ନେଇ ଉଠିଛି ପ୍ରଶ୍ନ।



ଉକ୍ତ କାଉନ୍ସିଲରଙ୍କ ଗାଡ଼ିକୁ ପୁଲିସ ଜବତ କରିଥିବାବେଳେ ତାଙ୍କ ନିକଟରେ କେବେ ପହଞ୍ଚିବ ତାକୁ ନେଇ ଚର୍ଚ୍ଚା ଜୋର୍ ହେଲାଣି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ଶର୍ମାଙ୍କ ସହ ଖୋର୍ଦ୍ଧା ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ବୋଲଗଡ଼ ଆଇଆଇସି ସ୍ନିଗ୍ଧାମୟୀ ବରାଳ, ଏଚ୍.ବି. ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ନଗଦ ୪ଲକ୍ଷ ଟଙ୍କା, ୨କାର୍, ୩ ବାଇକ୍, ବନ୍ଧୁକ ଜବତ

### ଖୋର୍ଦ୍ଧାରୁ ଗଞ୍ଜାମକୁ ଲମ୍ବିଛି ନେଟ୍‌ୱର୍କ

### ବ୍ରାଉନ୍‌ସୁଗର ବେପାରରେ ଲାଗୁଛି କାଉନ୍ସିଲରଙ୍କ କାର୍

## ୧୦୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ମହିଳା ଗିରଫ



ଖୋର୍ଦ୍ଧା,୨୮।୧୦(ସମିସ): ସ୍ଥାନୀୟ ଭାଲିଆବାଡ଼ି ହାତିଆଶୁଣି ସାହି ରାସ୍ତାରୁ ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ଜଣେ ମହିଳା ବ୍ରାଉନ୍‌ସୁଗର ବେପାରୀକୁ ଗିରଫ କରିଛି। ଗିରଫ ମହିଳା ହେଲେ ଉକ୍ତ ସାହିର ସରସ୍ୱତୀ ପଲେଇ (୩୬)। ତା'ଠାରୁ ମୋବାଇଲ୍ ସ୍କ୍ୱାଡ୍ ୧୦୫ ଗ୍ରାମ୍ ବ୍ରାଉନ୍‌ସୁଗର ସମେତ ଏକ ମୋବାଇଲ୍ ଓ ନଗଦ ୧୫୦୦ ଟଙ୍କାକୁ ଜବତ କରିଛି। ଏନେଇ ୨୯୧/୨୫ରେ ଏକ ମାମଲା ରୁଜୁ କରି ତାକୁ କୋର୍ଟଚାଲାଣ କରାଯାଇଛି।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା ଉତ୍ସବ



ଚିଲିକା,୨୮।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମରେ ଥିବା ବିଶ୍ୱନାଥ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୃଷ୍ଠପୋଷକତାରେ ବିଶ୍ୱନାଥ ସ୍ୱାଇଁଙ୍କ ୧୦ମ ବାର୍ଷିକ ସ୍ମୃତିଚାରଣ ସଭା ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ନାଟ୍ୟକାର ଭିକାରୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବୋଲଗଡ଼ ବ୍ଲକ୍ ପ୍ରାକ୍ତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରା ମୁଖ୍ୟ ଅତିଥି, ହରିପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ପଠାଣି ବଳବନ୍ତରାୟ ମୁଖ୍ୟବକ୍ତା, ଗଞ୍ଜାମ ଜିଲ୍ଲା ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ବେଗୁନିଆ "ମନୁଆ ସାହିତ୍ୟ ସଂସଦ'ର ସଭାପତି ରାମଚନ୍ଦ୍ର ସାହୁ, ବେଗୁନିଆ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ- ପଞ୍ଚସଖା ଶିକ୍ଷା ସେତୁର ଅଧ୍ୟକ୍ଷ ମାୟାଧର ମାର୍ଥା ଏବଂ ଉପାଧ୍ୟକ୍ଷ ଭବାନୀଶଙ୍କର ଜୟସିଂହ, ବେଗୁନିଆ ଗ୍ରାମ୍ୟ କମିଟିର ଉପସଭାପତି ଅନ୍ତର୍ଯ୍ୟାମୀ ସାହୁ, ଚିଲିକା ବ୍ଲକ୍‌ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବପ୍ରସାଦ ତ୍ରିପାଠୀ, ବୋଲଗଡ଼ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଅପର୍ତ୍ତି ଅଚ୍ଚ, ସହ ସମ୍ପାଦକ ସୁକାନ୍ତ କୁମାର ଜେନା, ମିଡିଆ ସଂଯୋଜକ ଭିକାରୀ ପୃଷ୍ଟି, ଉପଦେଷ୍ଟା ବିଜୟ ସାହୁ, ନାଚୁଣୀସ୍ଥିତ ଟୁଇଟ୍ ବାର୍ଡ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ସ୍ୱାଇଁ ନେତୃତ୍ୱରେ ୨୨ଜଣ ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ପ୍ରଦୋଷ ଦାସ, ମନୋଜ ମୋହନ ବରାଳ, ଅଖିଳ ପଲାଇ, ସୁଧୀର ବେହେରା, ପ୍ରଦ୍ୟୁମ୍ନ ସୁଆର, ସଂଗ୍ରାମ ରଣା, ଦିଲ୍ଲୀପ ସ୍ୱାଇଁ, ଦିଲ୍ଲୀପ କୁମାର ସ୍ୱାଇଁ ଓ ଦିଲ୍ଲୀପ ଶତପଥୀ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି, ସମାଜସେବୀ ଶରତ ସ୍ୱାଇଁ, ବାଙ୍କନିଧିଦେବ ନାଟ୍ୟ ସଂସଦର ପରିଚାଳକ ଚନ୍ଦ୍ରଶେଖର ପ୍ରଧାନ, ସଫଳ ଚାଷୀ ରବୀନ୍ଦ୍ର ପ୍ରଧାନ, ରାଜମିସ୍ତ୍ରି ବ୍ରଜ କିଶୋର ମହାରଣା, ଡଙ୍ଗା ନିର୍ମାତା ସଞ୍ଜୟ ମହାରଣା, ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। ଅର୍ଜୁନ ସ୍ୱାଇଁ, ଝୁଲିଆ ସ୍ୱାଇଁ, ସହଦେବ ଜେନା, ଜଗନ୍ନାଥ ଖୁଣ୍ଟିଆ, ସୁକାନ୍ତି ଦେବୀ, ବାସନ୍ତୀ ଖୁଣ୍ଟିଆ ଓ ଦେବେନ୍ଦ୍ର ସାମନ୍ତସିଂହାର ସହଯୋଗ କରିଥିଲେ। ବିଜୟ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅରୁନ୍ଧତୀ ଦେବୀଙ୍କୁ 'ସ୍ୱାମୀ ହରିହର ରାମ ସେବାରତ୍ନ' ସମ୍ମାନ



ବାଣପୁର,୨୮।୧୦(ସମିସ): ବିଶିଷ୍ଟ ସମାଜସେବୀ ତଥା ନେହେରୁ ସେବା ସଂଘର ପ୍ରତିଷ୍ଠାତା ସନ୍ଥ ହରିହର ରାମଙ୍କ ୨୩ତମ ଶ୍ରଦ୍ଧାଞ୍ଜଳି ଦିବସ ବାଣପୁର ଆଶ୍ରମସ୍ଥିତ କନକ ଭବନ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଖ୍ୟାତ ସମାଜସେବୀ ଡ. ଅରୁନ୍ଧତୀ ଦେବୀଙ୍କୁ 'ସ୍ୱାମୀ ହରିହର ରାମ ସେବାରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ଉପସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ନନ୍ଦିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଆଶୁତୋଷ ଦେବତା, ମୁଖ୍ୟବକ୍ତା ଭାବେ 'ସମାଜ'ର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ସମ୍ପାଦକ ଡ. ସତ୍ୟ ରାୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଦେବେନ୍ଦ୍ରନାଥ ମାନସିଂହ ଯୋଗଦେଇ ହରିହର ରାମ୍‌ଙ୍କ ତ୍ୟାଗ, ସେବା ଓ ଉତ୍ସର୍ଗୀକୃତ ଜୀବନ ପାଇଁ ସେ ସଦାସର୍ବଦା ଜନମାନସରେ ରହିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଚାନ୍ଦ କିଶୋର ତ୍ରିପାଠୀ, ବାଳମୁକୁନ୍ଦ ଦାଶ ଓ ଶିବ ମିଶ୍ର ପ୍ରମୁଖ ଯୋଗଦେଇ ସନ୍ଥ ହରିହର ରାମଙ୍କ ସେବା ଓ ତ୍ୟାଗର ପଟ୍ଟାନ୍ତର ନାହିଁ ବୋଲି କହିଥିଲେ। ସେବା ସଂଘର ସମ୍ପାଦିକା ସରୋଜିନୀ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଅଗ୍ରୱାଲା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଦିବଂଗତ ଚିନ୍ମୟୀ ଶତପଥିଙ୍କ ସ୍ମୃତିରେ ଅନୁଷ୍ଠାନର ବଧିର ବିଦ୍ୟାର୍ଥୀ ଦୀନବନ୍ଧୁ ସ୍ୱାଇଁଙ୍କୁ 'ଚିନ୍ମୟୀ ଶତପଥୀ ମେମୋରିଆଲ୍ ଆୱାର୍ଡ' ପ୍ରଦାନ କରାଯାଇଥିଲା। ଏଥିସହ ଚଳିତ ବର୍ଷ ମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ଥାନୀୟ ଅଞ୍ଚଳର ଛାତ୍ର ଚନ୍ଦନ ସ୍ୱାଇଁଙ୍କୁ 'ସନ୍ଥ ହରିହର ରାମ ମେମୋରିଆଲ' ଆୱାର୍ଡ ପ୍ରଦାନ କରାଯାଇଥିଲା। ବିରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭରତଙ୍କ ଚିତ୍ରକୂଟ ଗମନ

ନିରାକାରପୁର,୨୮।୧୦(ସମିସ): ଖୋର୍ଦ୍ଧା ଜିଲ୍ଲାର ପ୍ରାଚୀନ ଧର୍ମାନୁଷ୍ଠାନ ନିରାକାରପୁରସ୍ଥିତ ଶ୍ରୀରାମଦୟା ପରିଷଦର ୪୩ତମ ବାର୍ଷିକ ଅଧିବେଶନର ପଞ୍ଚମ ଦିବସରେ 'ଭରତଙ୍କ ଚିତ୍ରକୂଟ ଗମନ' ପ୍ରସଙ୍ଗ ଡ. ଗଣେଶ୍ୱର ସ୍ୱାଇଁ ପ୍ରଥମ ବକ୍ତା ଓ ଇଂ. ମୃତ୍ୟୁଞ୍ଜୟ ଚୌଧୁରୀ ଦ୍ୱିତୀୟ ବକ୍ତା ଭାବେ ରାମକଥା ଅତି ସୁନ୍ଦର ଭାବେ ପ୍ରବଚନ ଦେଇଥିଲେ। ପ୍ରତିକୂଳ ପାଗ ଯୋଗୁଁ ଭକ୍ତଗଣଙ୍କୁ ବସିବା ପାଇଁ ପରିଷଦ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ଏହି ରାମକଥା ଶ୍ରବଣ ସହ ପ୍ରଭୁକୃପା ଲାଭ କରିବା ପାଇଁ ଅଞ୍ଚଳବାସୀଙ୍କୁ ପରିଷଦର ଉପଦେଷ୍ଟା ଇଂ ଅପର୍ତ୍ତୀ ପ୍ରଧାନ ଅନୁରୋଧ କରିଛନ୍ତି। ବୁଧବାର 'ଶ୍ରୀରାମଙ୍କ ଭରତ ମିଳନରୁ ସୀତା ହରଣ' ପ୍ରବଚନ ପ୍ରସଙ୍ଗ ରହିଛି ବୋଲି ପରିଷଦର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଭାରୀଯାନ ଯାତାୟାତକୁ ବିରୋଧ ଯୋଗୁଁ ସଂଘବଦ୍ଧ ଆକ୍ରମଣ

ନିରାକାରପୁର,୨୮।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ କମାଗୁରୁ ଗ୍ରାମରେ ସୋମବାର ରାତି ସାଢ଼େ ୮ଟା ସମୟରେ ଗ୍ରାମର ଗଙ୍ଗାଧର ଚମ୍ପତିଙ୍କୁ ୭/୮ ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଅଭିଯୋଗରୁ ଜଣାପଡ଼ିଛି କି, କମାଗୁରୁ ଗ୍ରାମ ଦେଇ ଯାଉଥିବା ବିଭିନ୍ନ ଭାରୀଯାନକୁ ଗ୍ରାମର ଗଙ୍ଗାଧର ଚମ୍ପତି ଓ କିଛି ବ୍ୟକ୍ତି ବାରଣ କରିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଦୈନନ୍ଦିନ ଉକ୍ତ ରାସ୍ତା ଦେଇ ଖଣିଜ ପଦାର୍ଥ ବୋଝେଇ ଭାରୀଯାନ ଯାତାୟାତ କରୁଥିବାରୁ ରାସ୍ତା ଶୀଘ୍ର ନଷ୍ଟ ହେବା ସହିତ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ଘଟଣାକୁ କେନ୍ଦ୍ରକରି ଗତ ସୋମବାର ଗଙ୍ଗାଧର କମାଗୁରୁ ଛକରେ ଏକ ଦୋକାନ ନିକଟରେ ଛିଡ଼ା ହୋଇଥିବାବେଳେ ରାତି ପ୍ରାୟ ସାଢ଼େ ୮ଟା ସମୟରେ କିଛି ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ଆସି ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଗଙ୍ଗାଧରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହେବା ସହିତ ହାତ, ଗୋଡ଼ ଭାଙ୍ଗି ଯାଇଥିବା ତାଙ୍କ ବାପା ଦୁର୍ଯ୍ୟୋଧନ ଚମ୍ପତି ଜଙ୍କିଆ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଚାନ୍ଦପୁର ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇଛି। ଜଙ୍କିଆ ପୁଲିସ କେସ୍ ନଂ ୪୧୭/୨୫ରେ ଏକାଧିକ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ସୁଶାନ୍ତ କୁମାର ବେହେରାଠାରୁ ଜଣାପଡ଼ିଛି।

## ଜାରି ରହିଛି ତୁହାକୁ ତୁହା ବର୍ଷା

# ୫୫୦ ଲୋକଙ୍କୁ ସ୍ଥାନାନ୍ତର କଲା ପ୍ରଶାସନ

ଟାଙ୍ଗୀ,୨୮।୧୦(ସମିସ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଏକ ପ୍ରମୁଖ ସ୍ଥାନ। ପଞ୍ଚାୟତ ସମିତି କାର୍ଯ୍ୟାଳୟ ଥିବାବେଳେ ଏବେ ପୁଣି ବିଜ୍ଞପିତ ଅଞ୍ଚଳ ପରିଷଦ ଘୋଷଣା ସରିଛି। ହେଲେ ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ବାତ୍ୟା ଆଶ୍ରୟସ୍ଥଳଟିଏ ନାହିଁ। ତେଣୁ ଆସୁଥିବା ବାତ୍ୟା 'ମୋନ୍ଥା' ଦାଉରୁ ଆକସ୍ମିକ ସୁରକ୍ଷା ଯୋଗାଇଦେବା ପାଇଁ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପରିସରରେ ଥିବା ପୁରୁଣା ଆଜ୍‌ବେଷ୍ଟସ ଛାତ ଘରକୁ ବ୍ୟବହାର ପାଇଁ ସରକାରୀ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଟାଙ୍ଗୀ ଚିଲିକା କୂଳଠାରୁ ମାତ୍ର ୭ କିଲୋମିଟର ବ୍ୟବଧାନରେ ଅବସ୍ଥିତ।

## ଭୂତକୋଠି ପାଲଟିଛି ବାତ୍ୟା ଆଶ୍ରୟସ୍ଥଳୀ

୧୯୯୯ ମହାବାତ୍ୟା ପରେ ଛତୁ ଫୁଟିବା ଭଳି ପ୍ରତି ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଗଲା। ସେହି ସମୟରେ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପରିସରରେ ମଧ୍ୟ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ କେବଳ ଭୂତକୋଠି ନୁହେଁ ବ୍ରାଉନ୍‌ସୁଗର ସେବନ କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଯାଇଛି। ଏପରିକି ଟାଙ୍ଗୀ ଥାନାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗରୁ ଜଣାପଡ଼ିଛି। ଘଟଣାରୁ ପ୍ରକାଶ, ୧୯୯୯ ମହାବାତ୍ୟା ପରେ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପରିସରରେ ଏକ ବିରାଟ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଇଥିଲା। କିଛିଦିନ ପର୍ଯ୍ୟନ୍ତ ଏଠାରେ ଶ୍ରେଣୀଗୃହ ଅଭାବରୁ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପାଠ ପଢ଼ିବା ପାଇଁ ସୁଯୋଗ ଦିଆଯାଇଥିଲା। ହେଲେ ଦୁର୍ଭାଗ୍ୟର ବିଷୟ ରକ୍ଷଣାବେକ୍ଷଣ ଅଭାବରୁ ଏବେ କବାଟ ଝରକାଗୁଡ଼ିକ ଦୁର୍ବୃତ୍ତଙ୍କ ଦ୍ୱାରା ଲୁଟି ନିଆଯାଇଛି। ଚଟାଣ କଥା ଛାଡ଼ ଛାତ, କାନ୍ଥ ଭୁଶୁଡ଼ି ପଡ଼ିବା ଅବସ୍ଥାରେ ପହଞ୍ଚିଛି। ବିଦ୍ୟାଳୟ ତରଫରୁ ତତ୍କାଳୀନ ବିଡିଓଙ୍କୁ ଲିଖିତ ଭାବେ ଜଣାଇ ଦିଆଯିବା ପରେ କୁଆଡ଼େ ଏହି ବାତ୍ୟା ଆଶ୍ରୟସ୍ଥଳକୁ ବିପଜ୍ଜନକ ଘୋଷଣା କରାଯାଇଥିବା ଶୁଣିବାକୁ ମିଳୁଛି। ହେଲେ ଏହି ଭୂତକୋଠି ପାଲଟିଥିବା ବାତ୍ୟା ଆଶ୍ରୟସ୍ଥଳକୁ ଭାଙ୍ଗି ନୂତନ ନିର୍ମାଣ ପାଇଁ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।



ଖୋର୍ଦ୍ଧା,୨୮।୧୦(ସମିସ)

ବାତ୍ୟା 'ମୋନ୍ଥା' ପ୍ରଭାବରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସୋମବାର ବିଳମ୍ବିତ ରାତିରୁ ବର୍ଷା ଲାଗିରହିଛି। ମଙ୍ଗଳବାର ମଧ୍ୟାହ୍ନରେ ଯଦିଓ ଟିକେ କମିଥିଲା ତଥାପି ଅପରାହ୍ଣରୁ ବର୍ଷା ପୁଣି ଲାଗିରହିଛି। ଏହା ସାଙ୍ଗକୁ ଘଡ଼ିଏ ଅଧରେ ତୁହାକୁ ତୁହା ପବନ ବହିଚାଲିଛି। ଦିନତମାମ କୋହଲା ପାଗକୁ ଝିପିଝିପି ବର୍ଷା ଓ ମଝିରେ ମଝିରେ ବଜ୍ରପାତ ଲୋକଙ୍କୁ ଭୟଭୀତ କରାଉଛି। ଜିଲ୍ଲା ଜରୁରୀକାଳୀନ ବିଭାଗ ତଥ୍ୟ ଅନୁସାରେ, ବାତ୍ୟା ମୁକାବିଲା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରସ୍ତୁତି କରାଯାଇଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ସମୁଦ୍ରକୂଳ ଅଞ୍ଚଳରେ ରହି ସ୍ଥିତି ପରଖୁଛନ୍ତି।

ଖୋର୍ଦ୍ଧା ଜିଲ୍ଲାରେ ୫୧ଟି ବାତ୍ୟା ଆଶ୍ରୟସ୍ଥଳୀ ରହିଥିବାବେଳେ ୩୭୯ଟି ଅତିରିକ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ମିଶାଇ ୪୩୦ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ କରାଯାଇଛି। ପ୍ରଶାସନ ତରଫରୁ କେତେକ ଗ୍ରାମର ଲୋକଙ୍କ ସଚେତନତା ମାଧ୍ୟମରେ ଆଶ୍ରୟସ୍ଥଳୀ ଆସିବା ନେଇ କୁହାଯାଇଛି। ବିଶେଷତଃ ବାଲିପାଟଣା, ବାଣପୁର, ଚିଲିକା ବ୍ଲକ୍ ସମେତ ବାଲୁଗାଁ ଏନ୍‌ଏସି ଓ ଖୋର୍ଦ୍ଧା ପୌର ପରିଷଦ ଅଞ୍ଚଳରେ କଚ୍ଚା ଓ ଝାଟିମାଟି ଘରେ ରହିଥିବା ପ୍ରାୟ ୫୫୦ ଜଣଙ୍କୁ ଆଶ୍ରୟସ୍ଥଳୀକୁ ସୁରକ୍ଷିତଭାବେ ସ୍ଥାନାନ୍ତର କରାଯାଇଥିବା ଅପାଦ୍‌କାଳୀନ ଅଧିକାରୀ ଶ୍ରୀତପା ମିଶ୍ର ସୂଚନା ଦେଇଛନ୍ତି। ବାଲୁଗାଁ ଚିଲିକା ତଟ ଶାନ୍ତିନଗର ଓ ସନ୍ୟାସୀ ନଗର ବଙ୍ଗୀୟବସ୍ତିର ୪୪୫ଜଣଙ୍କୁ ପ୍ରଶାସନ ସୁରକ୍ଷିତ ସ୍ଥାନକୁ ନେଇଛି। ଉକ୍ତ ସ୍ଥାନରେ ମଙ୍ଗଳବାର ରାତିରେ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିବା କହିଛନ୍ତି। ସେଠାରେ ମେଡିକାଲ ଟିମ୍ ଓ ଭେଟେରିନାରୀ ଟିମ୍ ନିୟୋଜିତ ରହିଥିବା କହିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୧୭୭ଜଣ (ଆସନ୍ନ ପ୍ରସବା) ଗର୍ଭବତୀ ମହିଳାଙ୍କୁ ସ୍ଥାନୀୟ ଚିକିତ୍ସାଳୟ ଏବଂ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଗାଈଗୋରୁ ଏବଂ ଗୃହପାଳିତ ପଶୁଙ୍କ ପାଇଁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ପ୍ରାଣୀ ଚିକିତ୍ସାଳୟ ବିଭାଗରୁ କରାଯାଇଛି। ବିଭିନ୍ନ ଅଞ୍ଚଳରେ ୨୨ଟି ମେଡିକାଲ ଟିମ୍ ନିୟୋଜିତ ରହିଛନ୍ତି। ଜିଲ୍ଲାସ୍ତରରେ ଏକ କଣ୍ଟ୍ରୋଲ ରୁମ୍ ଖୋଲିଥିବା ବେଳେ ଯୋଗାଯୋଗ ନିମନ୍ତେ ୦୬୭୫୫-୨୨୦୦୦୨ ନମ୍ବର ଜାରି କରାଯାଇଛି ବୋଲି ପ୍ରଶାସନ ସୂତ୍ରରୁ ଜଣାଯାଇଛି।

### ୧୭୭ ଆସନ୍ନ ପ୍ରସବାଙ୍କୁ ମେଡିକାଲକୁ ସ୍ଥାନାନ୍ତର

## ବାଲୁଗାଁ ଅଞ୍ଚଳରେ ରାସ୍ତାଘାଟ ଶୂନ୍‌ଶାନ୍

ବାଲୁଗାଁ,୨୮।୧୦(ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ବାଲୁଗାଁ ବାଣପୁର ତଥା ଚିଲିକା ଅଞ୍ଚଳର ଜନସାଧାରଣ ଭୟଭୀତ ହୋଇ ପଡ଼ିଛନ୍ତି। 'ମୋନ୍ଥା' ପ୍ରଭାବରେ ସୋମବାର ସନ୍ଧ୍ୟା ସମୟରୁ ସମଗ୍ର ବାଲୁଗାଁ ବାଣପୁର ତଥା ଚିଲିକା ଅଞ୍ଚଳରେ ତୁହାକୁ ତୁହା ବର୍ଷା ଲାଗି ରହିଥିବାବେଳେ ମଙ୍ଗଳବାର ଦିନ ତମାମ ସାମାନ୍ୟ କୋହଲା ପାଗ ସହ ମଝିରେ ମଝିରେ ଝିପ ଝିପ୍ ବର୍ଷ ହୋଇ ସନ୍ଧ୍ୟାଠାରୁ ତୁହାକୁ ତୁହା ଲଗାଣ ବର୍ଷା ଲାଗି ରହିଥିବା ଯୋଗୁଁ ଚିଲିକା ଅଞ୍ଚଳବାସୀ ଘରୁ ବାହାରି ନ ପାରି ହଇରାଣ ହରକତ ହୋଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଏନ୍‌ଏସି, ଚିଲିକା ବ୍ଲକ୍, ଅଗ୍ନିଶମ ବିଭାଗ ଓ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସଜାଗ ରହି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିବାବେଳେ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଚିଲିକା ଭିତରକୁ କୌଣସି ଯାତ୍ରୀବାହୀ ଡଙ୍ଗା କିମ୍ବା ମାଛଧରା ଡଙ୍ଗା ଧରି ଯିବାକୁ ବାରଣ କରାଯାଇଥିବା ସହ ଯାତ୍ରୀବାହୀ ଓ ମତ୍ସ୍ୟଜୀବୀ ଡଙ୍ଗାଗୁଡ଼ିକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଚିଲିକା ଅଞ୍ଚଳରେ ବାତ୍ୟା 'ମୋନ୍ଥା'ର ସେତେଟା ପ୍ରଭାବ ଦେଖାଦେଇ ନ ଥିବାବେଳେ ବର୍ଷା ଲାଗି ରହିଥିବା ଯୋଗୁଁ ଚିଲିକା ସାମାନ୍ୟ ଅଶାନ୍ତ ରହିଛି। ଦିନ ତମାମ ବର୍ଷା ଲଗି ରହିଥିବା ଯୋଗୁଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ନିକଟରେ ଗର୍ଭଣା ସଂକ୍ରାନ୍ତି ଯାଇଥିବାରୁ ଚାଷ ଜମିରେ ବର୍ତ୍ତମାନ ଧାନ ଫସଲ କେଣ୍ଡା ଧରିଆସୁଥିବା ସମୟରେ ବାତ୍ୟା ପ୍ରଭାବରେ ବର୍ଷା ଲାଗି ରହିଥିବାରୁ ଧାନ ଫସଲ ନଷ୍ଟ ହୋଇଯିବା ଆଶଙ୍କାରେ ଚାଷୀକୂଳ ମୁଣ୍ଡରେ ଚଡ଼କ ପଡ଼ିଛି। ଚଳିତ ବର୍ଷ ଭଲ ଧାନ ଅମଳ କରିବା ପାଇଁ ଚାଷୀ ବହୁ ଆଶା ବାନ୍ଧିଥିବାବେଳେ ମୋନ୍ଥା ଯୋଗୁଁ ଚାଷୀଙ୍କ ସମସ୍ତ ଆଶା ଆଶାରେ ରହିଯିବାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି।



# ସ୍କୁଲ ଖେଳପଡ଼ିଆରେ ଲାଇବ୍ରେରୀ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ







**ବେତନଟୀ, ୨୮।୧୦(ସମିସ)**

ବେତନଟୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ବେତନଟୀ ମୌଜା ଖାତା ନମ୍ବର ୧୬୧, ପ୍ଲଟ ନମ୍ବର ୫୫୯, ଜାଗାଟି ୧ ଏକର ୯୭ ଡେସିମିଲର ସ୍କୁଲ ନାମରେ ରହିଛି ଏକ ଖେଳପଡ଼ିଆ। ଗତ ୧୬ ତାରିଖରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବିଡ଼ିଓ ସୁଶାନ୍ତ କୁମାର ସୂତାର, ବିଧାୟକ ସନାତନ ବିଜୁଳି, ବିଭିନ୍ନ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ୧୦ ଲକ୍ଷ ଟଙ୍କାର ଏକ ଲାଇବ୍ରେରୀ ଗୃହ କାର୍ଯ୍ୟ ଆରମ୍ଭ ପାଇଁ ଫଳକ ଉନ୍ମୋଚନ ସ୍ୱରୂପ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି ଶିଳାନ୍ୟାସ ପୂର୍ବରୁ ଜାଗା ଚିହ୍ନଟ ହୋଇ ନ ଥିଲା କି ସ୍ଥାନୀୟ ଆରଆଇଙ୍କଠାରୁ ଟ୍ରେସ ମ୍ୟାପ କରାଯାଇନାହିଁ। ଏଥିସହିତ ବିନା ଜିଓଟ୍ୟାଗ ଓ ଲେ ଆଉଟରେ ବେତନଟୀ ଦାୟିତ୍ୱରେ ଥିବା ଜେଇ କିପରି ସେହି ସ୍କୁଲ ଜମିକୁ ଗୃହ ନିର୍ମାଣ ପାଇଁ ଅନୁମତି ଦେଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ରବିବାର ଗୃହ କାର୍ଯ୍ୟ ଆରମ୍ଭ ହୋଇଥିବାର ଦେଖି ସେଠାକାର ପାଖ ବେତନଟୀ ଆଦିବାସୀ ସାହିର ଗ୍ରାମବାସୀ କାର୍ଯ୍ୟ ବନ୍ଦ ପାଇଁ ବେତନଟୀ ବିଡିଓଙ୍କୁ ସାକ୍ଷାତ କରିବା ସହିତ ପଡ଼ିଆରେ ଗୃହ ନିର୍ମାଣ ହେବା ଦ୍ୱାରା ଫୁଟବଲ ଓ କ୍ରିକେଟ ଖେଳ ପାଇଁ ଜାଗା ସଂକୁଚିତ ହୋଇଯିବ ବୋଲି ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଡିଓ ଏହି ବିଷୟକୁ ବୁଝି କାମ ବନ୍ଦ କରାଇବେ ବୋଲି କହିଥିଲେ। ଏହା ପରେ ସ୍କୁଲ କମିଟି ସଭାପତି ତପନ କୁମାର ପରିଡ଼ାଙ୍କ ନଜରକୁ ଆସିବା ପରେ ସେ ତୁରନ୍ତ ବିଡ଼ିଓଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ପଡ଼ିଆ ମଧ୍ୟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିବା ଦେଖି ବେତନଟୀ ଏମପିସି ହାଇସ୍କୁଲ ଆଲୁମିନି କମିଟିର ବିଭିନ୍ନ ସଦସ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କୁ କାର୍ଯ୍ୟ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଶେଷରେ କାର୍ଯ୍ୟ ବନ୍ଦ କରାଯାଇଛି। ଆଲୁମିନି ଏବଂ ଏସଏମସି କମିଟିର ବୈଠକ ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ଆଲୁମିନି କମିଟି ଉପସଭାପତି ଜୟନ୍ତ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି। ତେବେ ସ୍କୁଲ ଆଲୁମିନି କମିଟି, ସ୍କୁଲ ପରିଚାଳନା କମିଟି ଓ ସ୍କୁଲ କର୍ତ୍ତୃପକ୍ଷଙ୍କର ବିନା ଜାଣତରେ ସ୍କୁଲ ପଡ଼ିଆର ନିଜସ୍ୱ ଜମିରେ ୧୦ ଲକ୍ଷ ଟଙ୍କାର ଗୃହକୁ ନିର୍ମାଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ସ୍କୁଲ ନାମରେ ଥିବା ଜାଗାରେ ସ୍କୁଲ୍ ପିଲାଙ୍କ ପାଇଁ କାମରେ ଲାଗୁଥିବା ପ୍ରକଳ୍ପ ନ କରି, ସର୍ବସାଧାରଣ ପାଇଁ ଉଦ୍ଦିଷ୍ଟ ଥିବା ଲାଇବ୍ରେରୀ ଗୃହକୁ ସେହି ସ୍କୁଲ୍ ଜାଗାରେ କରାଯିବା କେତେ ଯୁକ୍ତିଯୁକ୍ତ ସେ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ତେଣୁ ଏହା କାହା ପ୍ରରୋଚନାରେ ହେଉଛି ତାହାର ଉଚ୍ଚସ୍ତରୀୟ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଦାବି ଉଠିଛି। ଯଦି ପଡ଼ିଆ ଭିତରେ ଗୃହ ନିର୍ମାଣ ହୁଏ ତାହା ସ୍କୁଲ୍ ପିଲାଙ୍କ ଶାରୀରିକ ବିକାଶରେ ତାଙ୍କ ଖେଳକୁଦରେ ଅସୁବିଧାର ସୃଷ୍ଟି ହେବା ସହିତ ସେଠାକାର ପିଲାମାନେ ଫୁଟବଲ, କ୍ରିକେଟ ଖେଳିବା ପାଇଁ ଜାଗା ସଂକୁଚିତ ହୋଇଯିବ ବୋଲି ଗ୍ରାମବାସୀ ମତ ରଖିଛନ୍ତି।

## ଶିକ୍ଷୟିତ୍ରୀଙ୍କ ଆତ୍ମଦାହ ଧମକ ଘଟଣା

# ପ୍ରଶାସନର ହସ୍ତକ୍ଷେପ ପରେ ସମାଧାନର ବାଟ ଫିଟିଲା

**ମହୁଲଡିହା, ୨୮।୧୦(ସମିସ):** ବହୁଚର୍ଚ୍ଚିତ ଆରଏନ ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀ ଆତ୍ମଦାହ ଚେତାବନୀ ଘଟଣାରେ ପ୍ରଶାସନ ହସ୍ତକ୍ଷେପ କରିବାରୁ ସମାଧାନର ବାଟ ଫିଟିଛି। ଫଳରେ ପୂର୍ବ ପ୍ରସ୍ତୁତି ଅଭାବନୀୟ ଘଟଣା ଏଡ଼ାଯାଇପାରିଛି। ଭଞ୍ଜସେନା ରାଜ୍ୟ ସଭାପତିଙ୍କ ହସ୍ତକ୍ଷେପ ପରେ ସମାଧାର ବାଟ ଫିଟିଛି। ଘଟଣାରୁ ପ୍ରକାଶ ଯେ, କ୍ରମାଗତ ଚକ୍ରାନ୍ତର ଶିକାର ହୋଇ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ନିରାଶ ହୋଇ ଶେଷରେ ଆତ୍ମଦାହ କରିବାକୁ ଚେତାବନୀ ଦେଇଥିଲେ। ପୂର୍ବ ଘୋଷଣା ଅନୁଯାୟୀ ୨୭ ତାରିଖରେ କିରସିନି ନେଇ ବାରିପଦାରେ ପହଞ୍ଚିଥିଲେ। ତେବେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଏଭଳି କାମ ଭଞ୍ଜସେନା ରାଜ୍ୟ ସଭାପତି କଳିଙ୍ଗ କେଶରୀ ଜେନାଙ୍କ ନଜରରେ ପଡ଼ିଥିଲା। ଏ ନେଇ ଗତ ୨୨ ତାରିଖ ଦୈନିକ 'ସକାଳ'ରେ ଏକ ଖବର ପ୍ରକାଶ ପାଇଥିଲା। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳ ଡ଼ଃ. ଦୟାସିନ୍ଧୁ ପରିଡ଼ାଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଡିଇଓ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ତାଙ୍କ କାର୍ଯ୍ୟାଳୟର କର୍ମଚାରୀ, ଏସଡ଼ିପିଓ ପ୍ରଭାତ



କୁମାର ମଲ୍ଲିକ, ଅନ୍ୟାନ୍ୟ ଉଚ୍ଚ ଅଧିକାରୀ, ସ୍କୁଲ କର୍ମଚାରୀ, ସ୍କୁଲ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶ୍ରୀମତୀ ସାହୁଙ୍କ ଦାବି ଏବଂ ତାଙ୍କ ପ୍ରତି ନିଆଯାଇଥିବା ପଦକ୍ଷେପ ଅଗଣତାନ୍ତ୍ରିକ ସାବ୍ୟସ୍ତ ହୋଇଥିଲା। ପ୍ରମିଳାଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ପଦବୀ ଫେରେଇବା ପାଇଁ ଉଚ୍ଚ ଅଦାଲତ ୮ ସପ୍ତାହ ସମୟ ଦେଇଥିବାରୁ ତା ପୂର୍ବରୁ ସମାଧାନ ହେବା ସହିତ ଅନ୍ୟାନ୍ୟ ନ୍ୟାୟୋଚିତ ଦାବି ପୂରଣ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଛି। ଡିଇଓ ମଧ୍ୟ ସମସ୍ତ ଦାବି ଶୀଘ୍ର ପୂରଣ କରିବେ ଏବଂ ଶାନ୍ତିପୂର୍ଣ୍ଣ ଭାବେ କାମ କରିବା ପାଇଁ ପରାମର୍ଶ ଦେଇଛନ୍ତି। ମରିବାକୁ କେହି ଚାହେଁ ନାହିଁ; ମାତ୍ର ମୁଁ ଅତିଷ୍ଠ ହୋଇ ମୋ ଆଗରେ ଆଉ କିଛି ପନ୍ଥା ଦେଖା ଯାଇନଥିଲା। ତେଣୁ ବାଧ ହୋଇ ଭୁଲ ବାଟ ବାଛିଥିଲି ବୋଲି ଶିକ୍ଷୟିତ୍ରୀ କହିଥିଲେ। ଗଣମାଧ୍ୟମର ସହଯୋଗ, ପ୍ରଶାସନର ହସ୍ତକ୍ଷେପ, ଭଞ୍ଜସେନା ମୁଖ୍ୟ କଳିଙ୍ଗ କେଶରୀ ଜେନାଙ୍କ ତତ୍ପରତା ପାଇଁ ମୋତେ ନ୍ୟାୟ ମିଳିଲା ବୋଲି ଶିକ୍ଷୟିତ୍ରୀ ପ୍ରମିଳା ସାହୁ ନିଜ ପ୍ରତିକ୍ରିୟାରେ କହିବା ସହିତ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜାତୀୟ ଆଲୋଚନାଚକ୍ର ପାଇଁ ପ୍ରସ୍ତୁତି ବୈଠକ

**ବାରିପଦା, ୨୮।୧୦(ସମିସ):** ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ଓ ସୀମାନ୍ତ ଯୁବ ମହୋତ୍ସବ ସମିତିର ମିଳିତ ସହଯୋଗରେ ଆସନ୍ତା ଜାନୁଆରୀ ୪ ତାରିଖ ରବିବାର ଏକ ଜାତୀୟ ଆଲୋଚନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମୁର୍ଗାବାଡ଼ି ସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡକ୍ଟର ସରୋଜ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବରିଷ୍ଠ କବି ଅମିତାଭ ମିଶ୍ର, ଏକାଡେମୀର ସମ୍ପାଦକ ଅଧ୍ୟାପକ ଅଶୋକ ପୁଷ୍ଟି, ସୀମାନ୍ତ ଯୁବ ମହୋତ୍ସବ ସମିତି ସମ୍ପାଦକ ଇଂ ଅଶ୍ୱିନୀ ମହାନ୍ତ, ଜାତୀୟ ଯୁବ ପ୍ରକଳ୍ପର ମୟୂରଭଞ୍ଜ ସଂଯୋଜକ ମଳୟ କୁମାର ନାୟକ, ଇଂ ମାନସ ରଞ୍ଜନ ପୁଷ୍ଟି ଅତିଥି ଭାବେ ଯୋଗ ଦେଇ ଜାତୀୟ ଆଲୋଚନା ଚକ୍ର ସୁସଂଗଠିତ ଭାବେ ଆୟୋଜନ ପାଇଁ ନିଜର ପ୍ରସ୍ତାବ ଓ ମତ ଉପସ୍ଥାପନ କରିଥିଲେ। ଆଲୋଚନାଚକ୍ରର ବିଷୟବସ୍ତୁ 'ଲୋକସାହିତ୍ୟରେ ଶ୍ରୀଜଗନ୍ନାଥ' ରହିବ ବୋଲି ନିଷ୍ପତ୍ତି ହୋଇଛି।

# ବିପୁଳ ପରିମାଣର ପୋଚ ଓ ଦେଶୀମଦ ଜବତ

**ବଡ଼ସାହି, ୨୮।୧୦(ସମିସ):** ବଡସାହି ଥାନା ଅଧୀନ ଅସ୍ତଝରଣ ଏବଂ କମଳାଶୋଳଠାରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଅବକାରୀ ବିଭାଗ ଚଢଉ କରି ବିପୁଳ ପରିମାଣର ପୋଚ ଏବଂ ଦେଶୀମଦ ଜବତ କରାଯାଇଛି। ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମଗୁଡ଼ିକୁ ଜବତ ପୂର୍ବକ ନଷ୍ଟ କରାଯାଇଛି। ସୂଚନା ମୁତାବକ ଅସ୍ତଝରଣ ଏବଂ କମଳାଶୋଳ ଇଲାକାରେ ଚୋରା ଦେଶୀମଦ କାରଖାନା ଚାଲିଥିବା ନେଇ ଅବକାରୀ ବିଭାଗ ଖବର ପାଇଥିଲା। ପରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୯ହଜାର ୨ଶହ କିଲୋଗ୍ରାମ ଓଜନର ମହୁଲପୋଚ ଏବଂ ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତ କରି ରଖାଯାଇଥିବା ୮ଶହ ୪୦ ଲିଟର ରନ୍ଧାମଦ ଜବତ ପୂର୍ବକ ନଷ୍ଟ କରାଯାଇଥିଲା। ସେହିଭଳି ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡ଼ିକୁ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ନଷ୍ଟ କରାଯାଇଥିଲା।

# ସଂସ୍କୃତ କଲେଜରେ ଦୁର୍ନୀତି ନିବାରଣ ସଚେତନତା



**ବାରିପଦା, ୨୮।୧୦(ସମିସ):** ବାରିପଦା ସରକାରୀ ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟ ଓ ସରକାରୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର୍ ପଦ୍ମା ଦେବୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଦୁର୍ନୀତି ମୁକ୍ତ ସମାଜ ଗଠନର ଆହ୍ୱାନ ଦେଇଥିଲେ। ଆଗାମୀ କାଲିର ଭବିଷ୍ୟତ ଛାତ୍ରଛାତ୍ରୀଙ୍କୁ ଦୁର୍ନୀତିଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଡକ୍ଟର ଫଗୁ ଟୁଡୁ, ରେଡକ୍ରସ୍ ସଂସ୍ଥାର କାର୍ଯ୍ୟକାରୀ ଅଧିକାରୀ ଡକ୍ଟର ଧର୍ମବୀର ମୋହନ ସିଂ, ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ସୁବଳ ସାହୁ, ଆଦିତ୍ୟ ଚୌଧୁରୀ ଦାସ, ଡ. ପ୍ରିୟଙ୍କା ମହାନ୍ତ, ଡ. ଦେବାଶିଷ ପାଣିଗ୍ରାହୀ, ଡ. ସତ୍ୟବ୍ରତ ମିଶ୍ର, ଡ. ଅଜୟ କୁମାର କର ପ୍ରମୁଖ ସାଧୁତାର ଶପଥ ପାଠ କରୁଥିଲେ।

# ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଘେରଉ




**ବାରିପଦା, ୨୮।୧୦(ସମିସ):** ଫ୍ୟାକ୍ଟ୍ରି ଆଇନକୁ କୁଠାରଘାତ କରି ଦୈନିକ ୮ ଘଣ୍ଟା ପରିବର୍ତ୍ତେ ୧୦ ଘଣ୍ଟା ଘୋଷଣା କରି କର୍ମଚାରୀ ସଂଖ୍ୟା ହ୍ରାସ, ନୂତନ ନିଯୁକ୍ତି ବନ୍ଦ କରିବା ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସ୍ୱାଧୀନ ଫେଡେରେସନଙ୍କ ଆହ୍ୱାନ କ୍ରମେ ମଙ୍ଗଳବାର ବାରିପଦା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଆନ୍ଦୋଳନରେ ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ ଏବଂ ଏଆଇୟୁଟିୟୁସି ଶ୍ରମିକ ସଂଗଠନ ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ବିକ୍ଷୋଭ ସମାବେଶ ବରିଷ୍ଠ ଏଆଇଟିୟୁସି ନେତା କାହ୍ନୁଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅମଳ ଦେ, ରବି ଗୋସ୍ୱାମୀ, ରଘୁନାଥ ପଣ୍ଡା, ଏଆଇଟିୟୁସିର ପରମେଶ୍ୱର ମହାନ୍ତ, ହୃଷିକେଶ ସାହୁ, ଏଆଇୟୁଟିୟୁସିର ପୀତାମ୍ବର ନାଏକ, ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର ଆଣ୍ଡ ବିଲଡିଂ କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନର ମହେଶ୍ୱର ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସିଂହଲତା ମାଝୀ, ପ୍ରଫୁଲ୍ଲ ମହାନ୍ତି, ମନୋରଞ୍ଜନ ପରିଡ଼ା, ରାପି ମାଝୀ, ଅଶୋକ ଭଞ୍ଜଦେଓ, ସୁବାସ ତ୍ରିପାଠୀ, ପ୍ରମୁଖଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ଉପଲକ୍ଷେ ସଙ୍ଗୀତ ପ୍ରତିଯୋଗିତା



**ବାରିପଦା, ୨୮।୧୦(ସମିସ):** ଭଞ୍ଜପୁରଠାରେ ମା' ଜଗଦ୍ଧାତ୍ରୀଙ୍କ ୭୩ ତମ ପୂଜା ଅବସରରେ ନଭେମ୍ବର ୩ ତାରିଖରୁ ୩୧ତମ ମେଳା ଅନୁଷ୍ଠିତ ହେବାକୁ ଯାଉଛି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ କମିଟି ତରଫରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ, କୁଇଜ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଜି ସ୍ଥାନୀୟ ଭଞ୍ଜପୁର ଦୁର୍ଗା ବିବାହ ମଣ୍ଡପରେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ ୬୮ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ଶାନ୍ତନୁ ସିଂହ, ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଗୀତିକାର ସୁନୀଲ ଜେନା ସହଯୋଗ କରିଥିଲେ। ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ବରିଷ୍ଠ ସଦସ୍ୟ ପ୍ରବୀର ପାଣିଗ୍ରାହୀ, ଜଗଦୀଶ ପାଣି, ଆଲୋକ ବାରିକ, ଆନିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁରୋଜ ବେହେରା ଓ ସୋନୁ ରଣା ସହଯୋଗ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ କମିଟି ତରଫରୁ ସାଂସ୍କୃତିକ ମଞ୍ଚରେ ନଭେମ୍ବର ୩ରୁ ୧୪ ମଧ୍ୟରେ ପୁରସ୍କୃତ କରାଯିବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

# ଗୋମାଂସ ବେପାରୀଙ୍କୁ ପୁଲିସ ଜିମାଦେଲେ ଗ୍ରାମବାସୀ



**ମୋରଡ଼ା, ୨୮।୧୦(ସମିସ):** ରାସଗୋବିନ୍ଦପୁର ବଜାର ହୋଇ ମଙ୍ଗଳବାର ଜଣେ ବୃଦ୍ଧ ଗୋମାଂସ ବିକ୍ରି କରିବା ପାଇଁ ନେଉଥିବା ସମୟରେ ଗ୍ରାମବାସୀଙ୍କ ହାତରେ ଧରା ପଡ଼ିଛି। ବୃଦ୍ଧ ଜଣକ ହେଲେ ମୋରଡା ଥାନା ଅନ୍ତର୍ଗତ କୁକୁଡାପଦା ଗ୍ରାମର ସୁଦାମ ସୋରେନ। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳର ମୁନିର ନାମ ବ୍ୟକ୍ତିଙ୍କଠାରୁ ବୃଦ୍ଧ ଜଣକ ୧୫ କିଲୋ ଗୋ ମାଂସ ନେଇ ମୋରଡା ଅଞ୍ଚଳକୁ ବିକ୍ରି ପାଇ ଆସୁଥିଲେ। ଏହି ସମୟରେ ଖବର ପାଇ ଗୋ ରକ୍ଷକମାନେ ରାସଗୋବିନ୍ଦପୁର ଛକରେ ବୃଦ୍ଧଙ୍କୁ ଅଟକାଇ ଥିଲେ। ପରେ ଗୋରକ୍ଷକମାନେ ବୃଦ୍ଧକୁ ଉତ୍ତମ ମଧ୍ୟମ ଦେବା ପରେ ସତକଥା ମାନିଯାଇଥିଲା। ପରେ ପୁଲିସ ଜିମା ଦେଇଥିଲେ ଗ୍ରାମବାସୀ। ପୁଲିସ ଏକ ମାମଲା ରୁଜୁକରି ବୃଦ୍ଧଙ୍କୁ ଗିରଫ କରିଛି।

# ସତର୍କତା ସଚେତନତା ସପ୍ତାହ ପାଳନ




**ବାରିପଦା, ୨୮।୧୦(ସମିସ):** ମୟୂରଭଞ୍ଜ ଡ଼ାକମଣ୍ଡଳ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ସହ ଜନ ଅଭିଯୋଗ ଶୁଣାଣି ପାଇଁ ଉଦଳା ପଞ୍ଚାୟତର ନୂଦଡ଼ିହା ଗ୍ରାମରେ ଏକ ଗ୍ରାମସଭା ଆୟୋଜନ କରାଯାଇଥିଲା। ମୟୂରଭଞ୍ଜ ଡ଼ାକ ମଣ୍ଡଳର ଉପ ଅଧୀକ୍ଷକ ପ୍ରଣବ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଉଦଳା ସରପଞ୍ଚଙ୍କ ପ୍ରତିନିଧି ଯୋଗ ଦେଇଥିଲେ। ଅତିଥିମାନେ ଆର୍ଥିକ ଠକେଇ ଓ ସର୍ତକତା ସଚେତନତାର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟାଳୟ ସହାୟକ ଚନ୍ଦ୍ରଶେଖର ମହାନ୍ତି, ସୁଶାନ୍ତ କୁମାର ବେହେରା, ଉଦଳା ଓଭରସିୟର ଜଗମୋହନ ବେହେରା ଓ ଡ଼ାକସେବକ ପରମେଶ୍ୱର ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଆନ୍ତଃରାଜ୍ୟ ଫୁଟବଲ ଖେଳ ପାଇଁ ପ୍ରସ୍ତୁତି ବୈଠକ



**ବଡସାହି, ୨୮।୧୦(ସମିସ):** ବଡସାହି ବ୍ଲକ ଅଧିନ ଭୀମଦା ପଞ୍ଚାୟତ ଚେଙ୍ଗୁଆମଙ୍ଗଳପୁର ଷ୍ଟାଡିୟମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏକ ଆନ୍ତଃରଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଗାନ୍ଧୀ ସ୍ୱେଚ୍ଛାକୃତ ସଂଗଠନ ଆନୁକୂଲ୍ୟରେ ଏହା ସଂଗଠନର ୩୦ତମ ଟୁର୍ଣ୍ଣାମେଣ୍ଟ ହୋଇଥିବା ବେଳେ ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୮ଟି ନାମୀଦାମୀ ଟିମ ଅଂଶ ଗ୍ରହଣ କରିବେ ବୋଲି ଜଣାଯାଇଛି। ଟିମ ଗୁଡିକ ହେଲେ ସୁନାଖଣିଆ, ବେଙ୍ଗଲ ଟାଇଗର, ହଦଗଡ଼, କେନ୍ଦୁଝର, ମିଶନ ଟାଇଗର, ବାଲେଶ୍ୱର, ମା ଆଦିଶକ୍ତି, ଓଡ଼ିଶା, ବ୍ଲାକ୍ କୋର୍ବା, ଜଗନ୍ନାଥ ଏଫ ସି, ବାରିପଦା, ହଣ୍ଟର ଏଫସି, ବାଙ୍ଗରିପୋଷି, ଏବଂ ଏଜେଣ୍ଡା ଏଫ୍‌ସି। କେବଳ ବ୍ଲକ କାହିଁକି ଜିଲ୍ଲାରେ ମଧ୍ୟ ଯେତେ ଗୁଡିକ ବଡବଡ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୁଏ। ଏଥିମଧ୍ୟରୁ ଏହି ଟୁର୍ଣ୍ଣାମେଣ୍ଟ ଅନ୍ୟତମ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେଥିପାଇଁ ସଂଗଠନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ସେଥିପାଇଁ ସଭାପତି ପ୍ରତାପ ଚନ୍ଦ୍ର ଗାୟାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରକାଶକର ମହାପାତ୍ର, ଯୁବନେତା ନିହାର ରଞ୍ଜନ ମହାପାତ୍ର, ଅନନ୍ତ ପଶା, ମନୋରଞ୍ଜନ ରାଉତ, ମନୋରଞ୍ଜନ ଲେଙ୍କା ସହିତ ସଂଗଠନର ସମସ୍ତ କର୍ମକର୍ତ୍ତା ଏଥିରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେବା ସହିତ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ସଂଗଠନର ପତାକା ଉତୋଳନ, ପ୍ରଦୀପ ପ୍ରଜ୍ଜଳନ, ଉଦଘାଟନୀ ମ୍ୟାଚର ଆରମ୍ଭ, ଫାଇନାଲ ମ୍ୟାଚ ଓ ପୁରଷ୍କାର ବିତରଣୀ ସଭା କିପରି ଠିକ୍‌ଠାକ୍ ଭାବେ ହେବ ସେ ସମ୍ପର୍କରେ ବିଶଦ ଭାବେ ଆଲୋଚନା ହୋଇଥିଲା। ସଂଗଠନ ପକ୍ଷରୁ ବାପି ସିଂ ସୁରିନ, ସରୋଜ କୁମାର ସିଂ, ପାଇକା ସିଂ, ଓକିଲ ସିଂ, ଧରିଆ ସିଂ, ମନୋହରୀ ସିଂ, ମଳୟ ସିଂ, ବଳରାମ ସିଂ, ଶିବ ସିଂ, ମହେଶ୍ୱର ସିଂ, ପ୍ରଶାନ୍ତ ସିଂ, ଗୋବିନ୍ଦ ସିଂ, ପଣ୍ଡା ସିଂ ଓ ଅନୀଲ ସାନ୍ତରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରୁଗୁଲିଡିହି ବାସନ୍ଦ ପରିବାରକୁ ମିଳୁନି ନ୍ୟାୟ କି ସୁରକ୍ଷା

# ଅଭିଯୋଗ ପରେ ବି ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ

**ବାରିପଦା, ୨୮ ।୧୦(ସମିସ)**

ଓଡ଼ିଶା ସେଙ୍ଗେଲ ପ୍ରଦେଶ ପାର୍ଗାନା ସହ ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଶୋଇ ଥାନା ଅନ୍ତର୍ଗତ ରୁଗୁଲିଡିହି ଗ୍ରାମର ସାମାଜିକ ବାସନ୍ଦ ପରିବାର ନାକି ଟୁଡୁ ଏବେ ତାଙ୍କର ସ୍ୱାମୀ ଏବଂ ଦୁଇ ନାବାଳକ ସହିତ ପରବାରଣ୍ଡାରେ ଜୀବନ ବିତାଉଛନ୍ତି। ଏହି ଘଟଣାରେ ବିଶୋଇ ଥାନା ଅଧିକାରୀଙ୍କ ପକ୍ଷରୁ ବାସନ୍ଦ ପରିବାରକୁ କୌଣସି ନ୍ୟାୟ କି ସୁରକ୍ଷା ଦିଆଯାଉନାହିଁ। ଅନ୍ୟପଟେ ପୂର୍ବତନ ସାଂସଦ ତଥା ଆଦିବାସୀ ନେତା ରାମଚନ୍ଦ୍ର ହାଁସଦା ଉକ୍ତ ଘଟଣାରେ ଖଳନାୟକ ଭୂମିକାରେ ଅଭିନୟ କରୁଛନ୍ତି। ରୁଗୁଲିଡିହି ଗ୍ରାମରେ ଗୁଣ୍ଡାରାଜ ଚଳାଉଥିବା ଲୋକଙ୍କୁ ଶ୍ରୀ ହାଁସଦା ଉସୁକାଇବା ସହିତ ଥାନାକୁ ଯାଇ ମାରପିଟ୍ କରୁଥିବା ଗୁଣ୍ଡାଙ୍କୁ



ସହଯୋଗ କରୁଛନ୍ତି ବୋଲି ସେଙ୍ଗେଲ ନେତାମାନେ ଅଭିଯୋଗ କରୁଛନ୍ତି। ଘଟଣାରୁ ପ୍ରକାଶ ଯେ, ଜମିବାଡ଼ି ବିବାଦକୁ ନେଇ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ନାକି ଟୁଡୁ ପରିବାରକୁ ଗ୍ରାମରେ ସାମାଜିକ ବାସନ୍ଦ କରାଯାଇ ବିଭିନ୍ନ ସମୟରେ ନିର୍ଯାତନା ଦିଆଯାଇଛି। ଏହି ଘଟଣାକୁ ନେଇ ସେ ବିଶୋଇ ଥାନା ଅଧିକାରୀଙ୍କୁ ବହୁବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ଏପରି ଅବସ୍ଥାରେ ଗତ ୨୧ରେ ଗ୍ରାମର କେତେକ ବ୍ୟକ୍ତି ଠେଙ୍ଗାବାଡ଼ି ଆଦି ମାରଣାସ୍ତ୍ର ଧରି ବାସନ୍ଦ ପରିବାର ଲୋକଙ୍କୁ ଘୋଷାରି ବାହାର କରି ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିଦେଇଥିଲେ। ଏପରିକି ତାଙ୍କୁ ଧର୍ଷଣ କରିବାକୁ ମଧ୍ୟ ଉଦ୍ୟମ କରିଥିଲେ; ହେଲେ ସେ ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ପଳାଇଥିଲେ। ଜଳଡିହା ଗ୍ରାମରେ ପହଞ୍ଚିବା ପରେ ମୁଚିରାମ ଟୁଡୁଙ୍କୁ ରାଇରଙ୍ଗପୁର ମେଡ଼ିକାଲ ନିଆଯାଇଥିଲା। ସେଠାରୁ ବାରିପଦା ଏବଂ ପରେ କଟକରୁ ସେ ସୁସ୍ଥ ହୋଇ ସେପ୍ଟେମ୍ବର ୨୯ ତାରିଖରେ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଏବେ ସୁଦ୍ଧା ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଜୋନାଲ ଉପ-ସେଙ୍ଗେଲ ସଭାପତି ବାହାଦୂର ମୁର୍ମୁ, ଜିଲ୍ଲା ଯୁବା ସଭାପତି ଉଦୟନାଥ ହେମ୍ବ୍ରମ, ଜିଲ୍ଲା ସାର୍ନା ଧର୍ମ ସଭାପତି ଚୈତନ୍ୟ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାକୁ ଅପହରଣ କରି ଦୁଷ୍କର୍ମ; ଯୁବକ ଗିରଫ

ଡୁରୁମୁଙ୍ଗା, ୨୮।୧୦(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନାଞ୍ଚଳର ଜଣେ ୧୬ ବର୍ଷୀୟ ନାବାଳିକାକୁ ଅପହରଣ କରି ଦୁଷ୍କର୍ମ କରିବା ଅଭିଯୋଗରେ ମଙ୍ଗଳବାର ଅଭିଯୁକ୍ତ ଯୁବକ ଘଟଗାଁ ଥାନା ନୂଆପଡା ଗ୍ରାମର ଅଶୋକ ବେହେରା(୨୨)କୁ ଡୁରୁମୁଙ୍ଗା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ୨୨ ତାରିଖ ରାତିରେ ଝିଅକୁ କେହି ଅପହରଣ କରି ନେଉଥିବା ନେଇ ପରିବାର ଲୋକେ ଥାନା ୨୩ ତାରିଖରେ ଅଭିଯୋଗ କରିଥିଲେ । ପରେ ଡୁରୁମୁଙ୍ଗା ପୁଲିସ ନୂଆପଡା ଗ୍ରାମରୁ ଉଭୟଙ୍କୁ ଉଦ୍ଧାର କରିବା ପରେ ନାବାଳିକାର ବୟାନ ଆଧାରରେ ଯୁବକକୁ ଗିରଫ କରିବା ସହ ନାବାଳିକାକୁ ସ୍ୱଧାର ଗୃହକୁ ପଠାଇଛି । ଏନେଇ ଡୁରୁମୁଙ୍ଗା ଥାନାରେ ୨୬୨ /୨୫ ଏକ ପୋକ୍ସୋ ମାମଲା ରୁଜୁ କରି ଥାନାଧିକାରୀ ଘଟଣାର ତଦନ୍ତ କରୁଛନ୍ତି ।

## ଗୟାଳମୁଣ୍ଡାରେ ମିଳୁନି ହରିଶ୍ଚନ୍ଦ୍ର ସହାୟତା

ଆନନ୍ଦପୁର, ୨୮।୧୦ (ସମିସ): ଆନନ୍ଦପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଗାୟଳମୁଣ୍ଡା ପଞ୍ଚାୟତରେ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି ମିଳୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଦୁଇବର୍ଷ ଧରି ଏହି ସମସ୍ୟା ଲାଗିରହିଥିଲେ ମଧ୍ୟ ସମାଧାନ ଦିଗରେ ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି । ଏହି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପ୍ରାୟ ଶହେରୁ ଅଧିକ ଦରଖାସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଦିଆଯାଇଥିଲେ ମଧ୍ୟ ଜଣେ ମଧ୍ୟ ଏହି ସହାୟତା ପାଇ ନଥିବା ଭାଲୁଘର ହରିବେଡା ଗାୟଳମୁଣ୍ଡାର ଆବେଦନକାରୀମାନେ ଅଭିଯୋଗ କରିଛନ୍ତି । ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି, ସରକାରୀ ଅନୁଦାନ ମିଳିଛି ହେଲେ ପଞ୍ଚାୟତ ତହବିଲକୁ ଏହା ହସ୍ତାନ୍ତର ହୋଇ ନଥିବାରୁ ସମସ୍ୟା ହୋଇଛି । ଯଥାଶୀଘ୍ର ଏହି ସହାୟତା ରାଶି ହିତାଧିକାରୀଙ୍କୁ ପ୍ରଦାନ କରିବାରେ ବ୍ଲକ ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## କଣ୍ଟିପାଳରେ ବ୍ଲକ୍‌ସ୍ତରୀୟ 'ସୁରଭି'



ଆନନ୍ଦପୁର, ୨୮।୧୦ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ କଣ୍ଟିପାଳ ଉଚ୍ଚବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏବିଓ ହେମେନ୍ଦ୍ର ମହାନ୍ତିଙ୍କ ସଂଯୋଜନା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଆନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦଳାଇ, ଆନନ୍ଦପୁର ତହସିଲଦାର ପଲ୍ଲଭି ପ୍ରିୟଦର୍ଶିନୀ, ଆନନ୍ଦପୁର ବିଡିଓ ମନୋଜ କୁମାର ମହାନ୍ତ, କଣ୍ଟିପାଳ ସରପଞ୍ଚ ପଦ୍ମିନୀ ନାଏକ, ସିଆରସିସି ବୃନ୍ଦାବନ ତ୍ରିପାଠୀ, ଏସଏମସି ଅଧକ୍ଷ ମହେନ୍ଦ୍ର ବେହେରା, କଣ୍ଟିପାଳ ଉଚ୍ଚବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟ ଦାମୋଦର ସାହୁ, ଗୋପାଳକୃଷ୍ଣ ସାହୁ, ଅତୁଳ କୁମାର ବଳ, ରଞ୍ଜନ କୁମାର ଘଡେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବରିଷ୍ଠ ଓ କନିଷ୍ଠ ବର୍ଗରେ ବିଭିନ୍ନ ବିଷୟରେ ପ୍ରତିଯୋଗିତା ହୋଇଥିଲା । କୃତୀ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି ।

## କାଳୀପୂଜା ମଞ୍ଚରେ କମିଟି ପକ୍ଷରୁ ଶ୍ରୀଗଣେଶ ଗ୍ରୁପକୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୨୮।୧୦ (ସମିସ): ଘସିପୁରା ବସଷ୍ଟାଣ୍ଡଠାରେ କାଳୀପୂଜା ଉପଲକ୍ଷେ କମିଟି ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଷଷ୍ଠ ଦିବସରେ ଉଲ୍ଲେଖନୀୟ ସମାଜସେବା ପାଇଁ ବିଭିନ୍ନ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଜାପିତା ଈଶ୍ୱରୀୟବିଶ୍ୱବିଦ୍ୟାଳୟ ଆନନ୍ଦପୁର ଶାଖା ପକ୍ଷରୁ ତିନିଦିନ ଧରି ଚୈତନ୍ୟଜ୍ୟୋତି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ଡ୍ୟାନ୍ସ କାର୍ଯକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଜିଠାରୁ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଘସିପୁରାର ନବଗଠିତ ସ୍ୱେଚ୍ଛା।ସେବୀ ଅନୁଷ୍ଠାନ ଶ୍ରୀଗଣେଶ ଗ୍ରୁପକୁ ବିଭିନ୍ନ ସମାଜସେବା କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଛି । ବୀଣାପାଣି କଳା ନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ ସାଂସ୍କୃତିକ ମଞ୍ଚରେ ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନା, ଅଭିନେତା ମାନସ ରଞ୍ଜନ ସାହୁଙ୍କ ସଂଯୋଜନାରେ ପ୍ରଥମେ ପରିବେଷିତ ହୋଇଥିବା ଓଡ଼ିଶୀ ନୃତ୍ୟାଭିନୟ "ଜଗନ୍ନାଥ ଅଷ୍ଟକମ' ଏବଂ ପରେ ପରେ "ଆମ ମାଟି ର ମହ'ରେ ହଜାର ହଜାର ଦର୍ଶକ ବିଭୋର ହୋଇଥିଲେ । ପୂଜା ଅନୁଷ୍ଠାନର ସଭାପତି ହରେକୃଷ୍ଣ ସାହୁ, ଉପସଭାପତି ବାବୁଲି ଜେନା, ସମ୍ପାଦକ ସୁରେଶ କୁମାର ସେଠୀ, ସହସମ୍ପାଦକ ବସନ୍ତ ପେରେଇ, ପ୍ରମୋଦ ଦାସ, ବିରଞ୍ଚି ନାରାୟଣ ଦାଶ, କ୍ଷିତିନାଥ ସାହୁ, ଖୁରୋଦ କର ମଞ୍ଚରେ ରହି ଶ୍ରୀ ଗଣେଶ ଗ୍ରୁପ କର୍ମକର୍ତ୍ତା ଓ କଳାକାରଙ୍କୁ ସମ୍ମାନିତ କରିଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ସାଧୁତାର ଶପଥପାଠ କଲେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ

କେନ୍ଦୁଝର, ୨୮।୧୦(ସମିସ)







ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ମଙ୍ଗଳବାର ମଧ୍ୟାହ୍ନ ୧୨ଟା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରୁ ଭିଡିଓ କନଫେରେନ୍ସ ମାଧ୍ୟମରେ ସାଧୁତାର ଶପଥ ପାଠ କରାଇଥିଲେ । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ କକ୍ଷରୁ ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଡିଏସପି, ଭିଜିଲାନ୍ସ ୟୁନିଟ କେନ୍ଦୁଝର ସୁଧାଂଶୁ ଶେଖର ପୂଜାରୀ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ସାଧୁତାର ଶପଥ ପାଠ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ସମସ୍ତ କର୍ମଚାରୀ ଏବଂ ଜିଲ୍ଲାର ସମସ୍ତ ବ୍ଲକର ଓସ୍ୱାନ କକ୍ଷ ଏବଂ ସମସ୍ତ ବିଭାଗୀୟ କାର୍ଯ୍ୟାଳୟରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଦୁର୍ନୀତିର ମୂଳୋତ୍ପାଟନ ପାଇଁ କାର୍ଯ୍ୟ କରିବାକୁ ଶପଥ ପାଠ କରିଥିଲେ । ସୂଚନା ଥାଉକି, ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ "ଦୁର୍ନୀତି ନିବାରଣ -ଆମ ସାମୂହିକ ଦାୟିତ୍ୱ' ପ୍ରସଙ୍ଗ ଆଧାରରେ ସମଗ୍ର ଦେଶରେ ପାଳନ କରାଯାଉଛି । ଏହି ଆଧାରରେ କେନ୍ଦୁଝର ଜିଲ୍ଲାରେ ଏହାର ବ୍ୟାପକ ସଚେତନତା ପାଇଁ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ନାଗରିକଙ୍କୁ ସାଧୁତାର ଶପଥ ପାଠ କରେଇବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଉଛି । କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ନଭେମ୍ବର ୧ ତାରିଖ ଦରବାର ହଲଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ ।

**ଚମ୍ପୁଆ:** ରାଜ୍ୟରେ ଅକ୍ଟୋବର ୨୭ରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ 'ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ' ପ୍ରସଙ୍ଗ ଆଧାରରେ ପାଳନ କରାଯାଉଛି ସଚେତନତା ସପ୍ତାହ । ଏହି ଉପଲକ୍ଷେ ଚମ୍ପୁଆ ବ୍ଲକରେ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦୁର୍ନୀତି ନିବାରଣ ସଚେତନତା ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ ସୁରେଶଚନ୍ଦ୍ର ନାଏକ, ଏବିଡିଓ ଟୁନୁ ହାଁସଦା, ସ୍ଥାନୀୟ ଏନ୍‌ଏସିର ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ବିତ୍ତ ଅଧିକାରୀ ସୁକାନ୍ତ କୁମାର ଦେହୁରୀ, ଏନ୍‌ଏସିର ବଡ଼ବାବୁ ବିଜୟ ମିଶ୍ର, କନିଷ୍ଠ ସହାୟକ ପ୍ରକାଶଚନ୍ଦ୍ର କୁଣ୍ଡୁ, ଏବଂ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ସତର୍କତା ଜାଗରଣ ସପ୍ତାହ





ଆନନ୍ଦପୁର,୨୮।୧୦(ସମିସ): ଆନନ୍ଦପୁର ବ୍ଲକ ଧକୋଠା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖା ଆନୁକୂଲ୍ୟରେ ସତର୍କତା ଜାଗରଣ ସପ୍ତାହ ୨୭ ତାରିଖରୁ ୨ ନଭେମ୍ବର ପର୍ଯ୍ୟନ୍ତ ପାଳନ କରାଯିବ । ଶାଖା ପରିଚାଳକ ସୁମାନ ମାଝୀ ଧକୋଠା ଶାଖାରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସମାଜର ସମସ୍ତ ସ୍ତରରେ ଦୁର୍ନୀତିକୁ ନିବାରଣ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତଅତିଥି ଭାବେ ସମାଜସେବୀ ଭରତଚନ୍ଦ୍ର ସାହୁ ସେଥିପ୍ରତି ଯତ୍ନବାନ ହେବାକୁ ନିବେଦନ କରିଥିଲେ । ଉପସ୍ଥିତ ନାଗରିକ ଓ ବ୍ୟାଙ୍କ ଉପଭୋକ୍ତାମାନେ ସତ୍ୟନିଷ୍ଠାର ସଂକଳ୍ପକୁ ଆଦରେଇ ଜୀବନରେ ସମସ୍ତ କ୍ଷେତ୍ରରେ ନୈତିକତା ଓ ଆଇନକୁ ଅନୁସରଣ କରିବା, ଲାଞ୍ଚ ନେବା ଓ ଦେବାକୁ ବିରୋଧ, ସମସ୍ତ କାର୍ଯ୍ୟକୁ ସଚ୍ଚୋଟ ଓ ସ୍ୱଚ୍ଛତାର ସହ କରିବା ପାଇଁ ସଂକଳ୍ପ କରିଥିଲେ । ଶାଖା କ୍ୟାସିଅର ଦିଲବାର ଟିଗା, ଏସଏଚଜି ସଭ୍ୟା ରିତାଞ୍ଜଳି ପାଲ, ମିନାକ୍ଷୀ ନାଏକ, ଗୁଲ ମହାନ୍ତି, ଗୁରବାରି ପାତ୍ର, ଶାନ୍ତିଲତା ମହାନ୍ତି, ଗୁରୁବାରୀ ମହାନ୍ତି, ସୁଶୀଳା ମହାନ୍ତି ଓ ସତ୍ୟଭାମା ମହାନ୍ତି ଯୋଗ ଦେଇଥିଲେ । ଶ୍ରୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ । ସାତ ଦିନ ବ୍ୟାପୀ କାର୍ଯ୍ୟ ଜାରି ରହିବ ।

● ଟାଟାଷ୍ଟିଲ୍‌ର ଯୁବ ଜ୍ୟୋତିର୍ବିଜ୍ଞାନ ଅନ୍ୱେଷଣ କାର୍ଯ୍ୟକ୍ରମ

## 'ୟାଟ୍‌ସ'ର ୧୯ତମ ସଂସ୍କରଣରେ ୬୩୮୮ ବିଦ୍ୟାର୍ଥୀ





କେନ୍ଦୁଝର, ୨୮।୧୦(ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନ ଭୁବନେଶ୍ୱର ପଠାଣୀ ସାମନ୍ତ ପ୍ଲାନେଟାରିୟମ ସହଯୋଗରେ ଆୟୋଜିତ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ୍)ର ୧୯ତମ ସଂସ୍କରଣର କେନ୍ଦୁଝର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଷଷ୍ଠରୁ ଦଶମ ଶ୍ରେଣୀର ପ୍ରାୟ ୬୩୮୮ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି । ନବମ ଓ ଦଶମ ଶ୍ରେଣୀ ବିଦ୍ୟାର୍ଥୀମାନଙ୍କ ପାଇଁ ବହୁବିଧ ପସନ୍ଦର ପ୍ରଶ୍ନ (ଏମ୍‌ସିକ୍ୟୁ) ପରୀକ୍ଷା ସହ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପିଲାମାନଙ୍କ ପାଇଁ କୁଇଜ, କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାରତ ସରକାରଙ୍କ ଗଗନାୟନ ମିଶନ ଅନୁସାରେ ୟାଟସ୍ ୨୦୨୫ ସଂସ୍କରଣ ବିଷୟବସ୍ତୁ ହେଉଛି: "ଆଜିର ନକ୍ଷତ୍ରଦର୍ଶୀ, କାଲିର ମହାକାଶଯାତ୍ରୀ' । ଗତ ୧୮ ବର୍ଷ ଭିତରେ ୟାଟସ ସାରା ଓଡ଼ିଶାରେ ଛାତ୍ରଛାତ୍ରୀଙ୍କୁ ମହାକାଶ ବିଜ୍ଞାନକୁ ଅନ୍ୱେଷଣ କରିବାକୁ ଅନୁପ୍ରାଣିତ କରିଆସିଛି । ଏହି କାର୍ଯ୍ୟକ୍ରମରେ ୪.୭୧ ଲକ୍ଷ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ୨୩୦ ବିଜେତା ଭାରତୀୟ ମହାକାଶ ଗବେଷଣ ସଂସ୍ଥା ପରିଦର୍ଶନ କରିଛନ୍ତି । ରାଜ୍ୟସ୍ତରୀୟ ଅନ୍ତିମ ପ୍ରତିଯୋଗିତା ଆସନ୍ତା ଡିସେମ୍ବରରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ।

## ହାତୀପଲ ଉପଦ୍ରବ; ପାଚିଲା ଧାନ ଫସଲ ନଷ୍ଟ

ଚମ୍ପୁଆ,୨୮।୧୦(ସମିସ): ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ ଥମିବାରେ ନାଁ ଧରୁନାହିଁ । ଦିନକୁ ଦିନ ପାଚିଲା ଧାନ କ୍ଷେତକୁ ହାତୀପଲ ଦଳିଚକଟି ନଷ୍ଟ କରୁଥିବାରୁ ଧାନଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ସଞ୍ଜ ନଇଁଲେ ହାତୀ ଉପଦ୍ରବ ବଢିଚାଲିଥିବାରୁ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମର ଗ୍ରାମବାସୀ ଏକପ୍ରକାର ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଗତରାତି ଚମ୍ପୁଆ ସେକ୍ସନର ସାତହଳିଆ ଗ୍ରାମର ମୋନଜ ଚାତାର ସମେତ ଅନେକ ଚାଷୀଙ୍କ ପାଚିଲା ଧାନକ୍ଷେତକୁ ୨୮ ଗୋଠିଆ ହାତୀପଲ ରାତି ଅଧରେ ନଷ୍ଟ କରିଥିବା ଜଣାଯାଇଛି । ବର୍ତ୍ତମାନ ଏହି ହାତୀପଲ ମୁକୁନ୍ଦପୁର ଜଙ୍ଗଲରେ ରହିଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ମଧ୍ୟରେ ରାତି ହେଲେ ହାତୀ ଚିନ୍ତା ଲାଗି ରହିଛି । ଏହି ହାତୀପଲ ଅମଳକ୍ଷମ ଧାନକୁ ଯେତିକି ଖାଉଛନ୍ତି ତାହାଠାରୁ ଅଧିକ ନଷ୍ଟ କରୁଥିବା ଦେଖାଯାଇଛି । ସମ୍ଭାବ୍ୟ ବାତ୍ୟା ପାଇଁ ଚାଷୀ ଧାନ କାଟିପାରୁ ନ ଥିବା ବେଳେ ହାତୀପଲ ଦ୍ୱାରା ହେଉଥିବା ଧାନଫସଲ ନଷ୍ଟ ଚାଷିର ଚିନ୍ତା ବଢାଇଦେଇଛି । ବର୍ତ୍ତମାନ ଚମ୍ପୁଆ ରେଞ୍ଜରେ ଉଖୁଣ୍ଡା ସେକ୍ସନରେ ୩୧ଟି, ଚମ୍ପୁଆ ସେକ୍ସନରେ ୨୮ ଟି, ବାମେବାରୀ ସେକ୍ସନରେ ୬ଟି ଓ ବାଲିବନ୍ଧ ସେକ୍ସନରେ ୭ଟି ହାତୀ ରହିଥିବା ବନବିଭାଗ ସୂଚନା ଦେଇଥିବା ବେଳେ ଫସଲ କ୍ଷତିଗ୍ରସ୍ତ ଚାଷୀମ ଦରଖାସ୍ତ କଲେ ତଦନ୍ତ କରାଯାଇ ସରକାରଙ୍କ ନିୟମ ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିୟା ସୂଚନା ଦେଇଛନ୍ତି ।



## ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ପ୍ରତିଷ୍ଠାତାଙ୍କ ଜୟନ୍ତୀ

କେନ୍ଦୁଝର,୨୮।୧୦(ସମିସ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅଧୀନ ରଘୁନାଥପୁର ପଞ୍ଚାୟତ ଚକ ଗ୍ରାମରେ ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜର ପ୍ରତିଷ୍ଠାତା ଆଦି ମୁନିଶ୍ୱର ଯୋଗେଶ୍ୱର ସଦ୍ ଗୁରୁଦେବ ଶିବମୁନିଙ୍କ ୧୪୨ତମ ଜୟନ୍ତୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମୁନି ଖଗେଶ୍ୱର ପାତ୍ରଙ୍କ ବାସଭବନ ପରିସରରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ମୁନି ସମାଜର ଅଧକ୍ଷ ଯୋଗାଚାର୍ଯ୍ୟ ମୀନକେତନ ମୁନି ଏବଂ ସମ୍ମାନିତ ଅତିଥି ଭାବେ ଯୋଗାଚାର୍ଯ୍ୟ ତ୍ରିଲୋଚନ ମୁନି, ଯୋଗୀ ବିଶ୍ୱାମିତ୍ର ମୁନି, ଯୋଗୀ ଘନଶ୍ୟାମ ମୁନି, ଯୋଗୀ ଫକୀର ମୁନି, ଯୋଗୀ ଅମିନ ମୁନି, ମୁନି ଉଗ୍ରସେନ ମହାନ୍ତ, ଯୋଗୀ ଶଶିଭୂଷଣ ମୁନି, ମୁନି ଭଗବାନ ମହାନ୍ତ ମଞ୍ଚାସୀନ ଥିଲେ । ମୁଖ୍ୟବକ୍ତା ଭାବେ ଯୋଗାଚାର୍ଯ୍ୟ ଉଗ୍ରସେନ ମୁନି ଏବଂ ସମ୍ମାନିତ ବକ୍ତା ଭାବେ ଯୋଗୀ ଅରୁଣ ମୁନି, ଯୋଗ ଶିକ୍ଷୟିତ୍ରୀ କୁମୁଦିନୀ ନାୟକ, ଯୋଗ ଶିକ୍ଷୟିତ୍ରୀ କ୍ଷୀରୋମଣି ମହାନ୍ତ, ଯୋଗୀ ଦୁର୍ଲଭ ମୁନି ଯୋଗଦେଇଥିଲେ । ଜିଲ୍ଲା ମୁନି ସମାଜର ବରିଷ୍ଠ ଯୋଗୀ କେଶବଚନ୍ଦ୍ର ମୁନିଙ୍କ କରକମଳ ସତ୍ୟ ପତାକା ଉତ୍ତୋଳନ ପୂର୍ବକ ସତସଙ୍ଗ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ବକ୍ତା ଭାବେ ଯୋଗ ଶିକ୍ଷୟିତ୍ରୀ କ୍ଷୀରୋମଣୀ କର୍ମ ଓ କର୍ମଫଳକୁ ନେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଯୋଗୀ ଅମିନ ମୁନି ନିଜର ବକ୍ତବ୍ୟରେ ମୁଁ କିଏ? ନିଜକୁ ନିଜେ ଚିହ୍ନିବା ପାଇଁ ନିବେଦନ କରିଥିଲେ । ମୁନି ଅଭିମନ୍ୟୁ ମହାନ୍ତ ଅତିଥି ମାନଙ୍କୁ ଜ୍ଞାନମଞ୍ଚକୁ ଆବାହନ କରିବା ସଙ୍ଗେ ସଙ୍ଗେ ମଞ୍ଚ ପରିଚାଳନା କରିଥିଲେ । ମୁନି ନିରଞ୍ଜନ ଓ ମୁନି ଶ୍ରୀକାନ୍ତ ଅବାହନି ସଙ୍ଗୀତ ଗାନ କରିଥିଲେ । ମଞ୍ଚାସୀନ ଅତିଥି ତଥା ଜିଜ୍ଞାସୁ ଜନତା ଜନାର୍ଦ୍ଦନଙ୍କୁ ମତ ବ୍ୟକ୍ତ ପରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରିଲା ଛଟ୍ ପୂଜା

# ଉତ୍ସବମୁଖର ରାଜନଗର ବୈତରଣୀ ନଦୀର କାବେରୀ ପୀଠ



ଡୁରୁମୁଙ୍ଗା, ୨୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ବୈତରଣୀ ନଦୀର ଶବ୍ୟା କାବେରୀ ପୀଠ ଛଟ୍ ପୂଜା ପାଇଁ ଉତ୍ସବ ମୁଖର ହୋଇପଡିଛି । ଟେମେଣା ଓ କଇଣ୍ଡା ଗ୍ରାମରେ ବସବାସ କରୁଥିବା ବିହାରୀ ସମ୍ପ୍ରଦାୟର ଲୋକେ ଏହି ପୂଜାକୁ ବେଶ୍ ଧୁମଧାମରେ ପାଳନ କରିଛନ୍ତି । ୪ ଦିନ ଧରି ଚାଲିଥିବା ବିହାରୀ ସମ୍ପ୍ରଦାୟର ଏହି ଛଟ୍ ପୂଜା ମଙ୍ଗଳବାର ଶେଷ ହୋଇଛି । ବଡି ଭୋରରୁ ସ୍ନାନକରି ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ପରିବାର ଲୋକଙ୍କ ଶୁଭ ମନାସିଛନ୍ତି ବ୍ରତଧାରୀ । ପ୍ରଥମ ଦିନର ଏହି ପୂଜାକୁ ଲୌକି ଭାତ, ଦ୍ୱିତୀୟ ଦିନରେ କ୍ଷୀର ଭୋଜିନି ତୃତୀୟ ଦିନ ସଂଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜା କରି ଅର୍ଘ୍ୟ ଦେବା ସହ ଆଜି ଅନ୍ତିମ ଦିନରେ ଉଦୟଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି ବ୍ରତଧାରୀ । ସୂର୍ଯ୍ୟଦୋୟ ପୂର୍ବରୁ ବିହାରୀ ସମ୍ପ୍ରଦାୟର ଲୋକେ ବୈତରଣୀ ରେ ସ୍ନାନ କରି ସୁସଜ୍ଜିତ ଡ଼ଲାରେ ଫଳ ରଖି ପୂଜାର୍ଚ୍ଚନା କରିବା ପରେ ସୂର୍ଯ୍ୟକୁ ଅର୍ଘ୍ୟ ପ୍ରଦାନ କରିବା ପରେ ମହିଳାମାନେ ସିନ୍ଦୂର ପିନ୍ଧିବା ସହ ଭୋଗ ବଣ୍ଟନ କରିଥିଲେ । ବିଶ୍ୱାସ ରହିଛି, ଉପବାସ କରି ସୂର୍ଯ୍ୟଦେବଙ୍କୁ ପୂଜା କଲେ ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ । ଏହି ପରମ୍ପରାକୁ ବଜାୟ ରଖି ବିହାରୀ ସମ୍ପ୍ରଦାୟର ଲୋକେ ପ୍ରତ୍ୟେକ ବର୍ଷ କାର୍ତ୍ତିକ ମାସର ଶୁକ୍ଳ ପକ୍ଷ ଷଷ୍ଠୀ ଦିବସରେ ସୂର୍ଯ୍ୟଙ୍କୁ ପୂଜା କରି ଅର୍ଘ୍ୟ ପ୍ରଦାନ କରିଥାନ୍ତି । କାଳକ୍ରମେ ଏଥିରେ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ସାମିଲ ହୋଇଆସୁଛନ୍ତି । ପୂଜକ ଭାବରେ ସୁଧାଂଶୁ ଶେଖର ଚକ୍ରବର୍ତ୍ତୀ ଥିବାବେଳେ ନରେନ୍ଦ୍ର ପ୍ରସାଦ ସାହୁ, ସୁରେନ୍ଦ୍ର ପ୍ରସାଦ ସାହୁ ବିରେନ୍ଦ୍ର ପ୍ରସାଦ ସାହୁ, ସତ୍ୟନ୍ଦ୍ର ସାହୁ, ଅନୀଲ ପ୍ରସାଦ ସାହୁ, ଜୟରାମ ସାହୁ, ଅଖିଳ ଭାରତୀ, ଲଭଲି ଗୁପ୍ତା, ପିଙ୍କି ଗୁପ୍ତାଙ୍କ ସପରିବାର ଲୋକେ ପୂଜାରେ ସାମିଲ ହୋଇଥିଲେ ।



## ଝାଡ଼େଶ୍ୱର ହାଇସ୍କୁଲରେ ବିଜ୍ଞାନମେଳା



ଆନନ୍ଦପୁର,୨୮।୧୦(ସମିସ): ଆନନ୍ଦପୁର ପୌରାଞ୍ଚଳ ଘସିପୁରା ଝାଡ଼େଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ମେଳାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମୋଟ୍ ୭୪ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ବିଚାରକମାନଙ୍କ ଦ୍ୱାରା ପ୍ରକଳ୍ପଗୁଡିକର ମୂଲ୍ୟାୟନ କରାଯାଇଥିଲା । ଜୁନିଅରରେ ପ୍ରଣୟ କୁମାର ପଣ୍ଡା ପ୍ରଥମ, ମାନସୀ ଖୁଣ୍ଟିଆ, ଅଭିଲିପ୍ସା ରାଉତ ତୃତୀୟ, ସିନିଅରରେ ଆଦିତ୍ୟ ପଲେଇ ପ୍ରଥମ, ଇପ୍ସିତା ବେହେରା ଦ୍ୱିତୀୟ, ଶୁଭଙ୍କର ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରଧାନଶିକ୍ଷକ ରଞ୍ଜନ ଘଡେଇଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ଶତ୍ରୁଘ୍ନ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ସୁର, ଚିନ୍ତାମଣି ସାହୁ ପ୍ରମୁଖ ସମ୍ମାନିତଅତିଥି ଭାବେ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପ୍ରତି ଆକର୍ଷିତ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଜ୍ଞାନଶିକ୍ଷକ ସୁଶାନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ମନୋରଂଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।